# ମୁଖବନ୍ଧ

ପୂର୍ବକାଳରେ ବେଦକୁ ବିଭିନ୍ନ ଦୃଷ୍ଟିକୋଣରୁ ସମ୍ମାନ ଦିଆଯାଉଥିଲା, ଯଥା : ଏହା ଜ୍ଞାନର ଏକ ପବିତ୍ର ଗ୍ରନ୍ଥ, ଅନ୍ତର୍ଜ୍ଞାନରୁ ଉତ୍ସାରିତ କବିତାର ଏକ ବୃହତ୍ ସଂଗ୍ରହ, ଋଷି, ଦ୍ରଷ୍ଟା ଓ ପ୍ରାଜ୍ଞମାନଙ୍କର ରଚନା : ଏହା ଯେ ସେମାନଙ୍କର ମନଃକଳ୍ପିତ ବିଷୟ ତାହା ନୁହେଁ, ବରଂ ସେମାନେ ସେମାନଙ୍କର ଜ୍ଞାନଦୀପ୍ତ ମାନସରେ ଏହି ବିଶ୍ୱାତ୍ମକ, ଶାଶ୍ୱତ ଓ ନୈର୍ବ୍ୟକ୍ତିକ ମହାନ୍ 'ସତ୍ୟ'କୁ ଲାଭ କରିଥିଲେ ଓ ମନ୍ତ୍ରଗୁଡ଼ିକରେ ସେଗୁଡ଼ିକୁ ରୂପାୟିତ କରିଥିଲେ; ସେହି ମନ୍ତ୍ରଗୁଡ଼ିକ ଶକ୍ତିର ଗୋଟିଏ ଗୋଟିଏ ବ୍ୟକ୍ତ ଆଧାର, ଏହାର ପଶ୍ଚାତରେ କୌଣସି ସାଧାରଣ ପ୍ରେରଣା ନାହିଁ, ବରଂ ରହିଛି ଭଗବତ୍ ପ୍ରେରଣା, ଭଗବତ୍ ଉତ୍ସ । ସେହି ଋଷିମାନଙ୍କୁ 'କବି' ବୋଲି ଆଖ୍ୟା ଦିଆଯାଇଥିଲା । ପରେ ଯେକୌଣସି କାବ୍ୟରଚୟିତାକୁ କବି ବୋଲି କୁହାଗଲା ସିନା, କିନ୍ତୁ ସେସମୟରେ ଏହି ଶବ୍ଦଟି ଜଣେ ସତ୍ୟଦ୍ରଷ୍ଟାର ଅର୍ଥକୁ ବହନ କରୁଥିଲା – ସ୍ୱୟଂ ବେଦ ବର୍ଣ୍ଣନା କରିଛି : ''କବୟଃ ସତ୍ୟଶ୍ରୁତଃ'' (ଋ. ବେ. ୫/୫୭), ''କବିଗଣ ସତ୍ୟଶ୍ରୋତା ଅଟନ୍ତି'', ଏବଂ ବେଦକୁ ମଧ୍ୟ 'ଶ୍ରୁତି' କୁହାଯାଏ, ଏହି ଶବ୍ଦର ଅର୍ଥ ହେଉଛି ''ଗୁହ୍ୟଶ୍ରବଣରୁ ନିଷ୍ପନ୍ନ ପବିତ୍ର ଗ୍ରନ୍ଥ'' । ଉପନିଷଦର ଋଷିମାନଙ୍କର ମଧ୍ୟ ବେଦ ବିଷୟରେ ସେହି ଏକା ଧାରଣା ଥିଲା ଏବଂ ସେମାନେ ଯେଉଁ ସତ୍ୟର ଘୋଷଣା କରିଛନ୍ତି ତାହା ବେଦାନୁମୋଦିତ ବୋଲି ବାରଂବାର ସେମାନଙ୍କ ଅଭିମତ ପ୍ରକାଶ କରିଛନ୍ତି । ପରେ ଏହି ଉଭୟ ଅନ୍ତଃଶ୍ରବଣ-ନିଷ୍ପନ୍ନ ପବିତ୍ର ଗ୍ରନ୍ଥ ''ଶ୍ରୁତି'' ବୋଲି ସସମ୍ମାନେ ସ୍ୱୀକୃତ ହୋଇ ପ୍ରାମାଣିକ ଗ୍ରନ୍ଥଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।

ବ୍ରାହ୍ମଣ ଗ୍ରନ୍ଥଗୁଡ଼ିକରେ ଏହି ପରମ୍ପରାକୁ ବଜାୟ ରଖାଯାଇଥିଲା । ଯଦିଓ ଯାଜ୍ଞିକମାନେ ସେତେବେଳେ ଏପରି ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥିଲେ ଯେ ବେଦର ସବୁକିଛି ପ୍ରାଚୀନ ଯୁଗର ଉପାଖ୍ୟାନ ଓ ଏଥିରେ ଧାର୍ମିକ ବିଧିବିଧାନସବୁ ରହିଛି, ଆହୁରି ମଧ୍ୟ ସେତେବେଳର ପଣ୍ଡିତମାନେ କର୍ମକାଣ୍ଡ ଓ ଜ୍ଞାନକାଣ୍ଡ ମଧ୍ୟରେ ଏକ ପାର୍ଥକ୍ୟ ନିରୂପଣ କରି କର୍ମକାଣ୍ଡକୁ ବୈଦିକ ସୂକ୍ତଗୁଡ଼ିକ ସହିତ ଓ ଜ୍ଞାନକାଣ୍ଡକୁ ଉପନିଷଦ ସହିତ ସଂଯୁକ୍ତ କରିଦେଲେ, ଏସବୁ ସତ୍ତ୍ୱେ ବ୍ରାହ୍ମଣଗ୍ରନ୍ଥଗୁଡ଼ିକରେ ସେହି ପରମ୍ପରାକୁ ଅବ୍ୟାହତ ରଖାଯାଇଥିଲା । ଧାର୍ମିକ ଉତ୍ସବାନୁଷ୍ଠାନ ଦ୍ୱାରା ଜ୍ଞାନର ଦିଗଟି ଡୁବିଯାଉଥିବା ବିଷୟକୁ ଉଲ୍ଲେଖ କରି କୌଣସି ଏକ ଉପନିଷଦରେ ଓ ଗୀତାରେ ଏଥିପାଇଁ ତୀବ୍ର ସମାଲୋଚନା ଦେଖିବାକୁ ମିଳେ । କିନ୍ତୁ ଉଭୟେ ବେଦକୁ ଦିବ୍ୟଜ୍ଞାନର ଗ୍ରନ୍ଥରୂପେ ଦେଖିଛନ୍ତି । ଏପରିକି,

'ଶ୍ରୁତି' ଅର୍ଥାତ୍ ବେଦ ଓ ଉପନିଷଦକୁ ଅଭ୍ରାନ୍ତ ଆଧ୍ୟାତ୍ମିକ ଜ୍ଞାନର ଚରମ ପ୍ରମାଣ ରୂପେ ବିବେଚନା କରା ହେଉଥିଲା ।

ତେବେ ଏସବୁ କ'ଣ ଉପାଖ୍ୟାନ ଓ କାଳ୍ପନିକ ? କିଂବା ଏହା କେବଳ ପରମ୍ପରା ମାତ୍ର ଯାହାର କୌଣସି ଭିତ୍ତି ଓ ଅର୍ଥ ନାହିଁ ? ଅଥବା ଏହା କ'ଣ ସତ୍ୟ ଯେ, ବେଦର କେତେକ ପରବର୍ତ୍ତୀ ମନ୍ତ୍ରରେ ଉଚ୍ଚତର ଭାବନାର କେବଳ ସ୍ୱଳ୍ପ ଉପାଦାନ ଥିବା ଲକ୍ଷ୍ୟ କରି ଏହି ମତବାଦର ସୂତ୍ରପାତ ହେଲା ? କିଂବା, ଉପନିଷଦର ଋଷିମାନେ ନିଜର କଳ୍ପନା ଦ୍ୱାରା କିଂବା ମନୋହର ବ୍ୟାଖ୍ୟା ଦ୍ୱାରା ସଂତୁଳିତ ଏପରି କିଛି ଅର୍ଥ ଋକ୍‌ଗୁଡ଼ିକରେ ପ୍ରକ୍ଷେପ କରିଛନ୍ତି ଯାହା ସେଥିରେ ପୂର୍ବରୁ ନ ଥିଲା ? ଏସବୁ ଆଶଙ୍କା ଠିକ୍ ବୋଲି ୟୁରୋପୀୟ ପାଣ୍ଡିତ୍ୟ କହିଚାଲିଛି । ଏବଂ ଆଧୁନିକ ଭାରତୀୟ ମନ ମଧ୍ୟ ତାହାରି ଅନୁସରଣ କରୁଛି । ଏହି ମତକୁ ଯଦି ସମର୍ଥନ କରାଯାଏ ତେବେ ବୁଝିବାକୁ ହେବ ଯେ ବେଦର ଋଷିମାନେ କେବଳ ଦ୍ରଷ୍ଟା ନ ଥିଲେ ପରନ୍ତୁ ସାଧାରଣ ଯଜ୍ଞକର୍ମରେ ସେମାନେ ଥିଲେ ଗାୟକ ଓ ପୁରୋହିତ । ସେମାନଙ୍କର ସ୍ତୋତ୍ରଗୁଡ଼ିକ ଏଇଥିପାଇଁ ରଚିତ ହୋଇଥିଲା ଯେ ସର୍ବସାଧାରଣ ଯଜ୍ଞଗୁଡ଼ିକରେ ସେଗୁଡ଼ିକୁ ଗାୟନ କରାଯିବ ଏବଂ ସେଥିରେ ପ୍ରଚଳିତ ଅନୁଷ୍ଠାନର ସର୍ବଦା ଉଲ୍ଲେଖ ରହିଛି ଏବଂ ତା'ସଙ୍ଗେ ରହିଛି ଧନ, ସଂପତ୍ତି, ଶତ୍ରୁଜୟ ଇତ୍ୟାଦି ବାହ୍ୟ ଅଭିଳାଷର ଉଲ୍ଲେଖ ଯାହାକୁ ଲକ୍ଷ୍ୟ ରଖି ସେସବୁ ଧର୍ମୋତ୍ସବର ଅନୁଷ୍ଠାନ କରା ହେଉଥିଲା । ବେଦର ବିଖ୍ୟାତ ଭାଷ୍ୟକାର 'ସାୟଣ' ଋକ୍‌ଗୁଡ଼ିକର କର୍ମକାଣ୍ଡୀୟ ଅର୍ଥ, ଆବଶ୍ୟକସ୍ଥଳେ ଆଖ୍ୟାନମୂଳକ ଓ ଐତିହାସିକ ବିବରଣୀଯୁକ୍ତ ଭାବାର୍ଥଗୁଡ଼ିକୁ ଆମ ଆଗରେ ଉପସ୍ଥାପନ କରିଛନ୍ତି । ବହୁ କ୍ୱଚିତ୍ ସେ ଉଚ୍ଚସ୍ତରୀୟ ରହସ୍ୟାର୍ଥକୁ ସ୍ଥାନ ଦେଇଛନ୍ତି କିଂବା ଏକ ବିକଳ୍ପ ଭାବେ ରଖିଛନ୍ତି, ଯେପରିକି ସେଠାରେ କର୍ମକାଣ୍ଡୀୟ ବା ଆଖ୍ୟାନକୀୟ କୌଣସି ବ୍ୟାଖ୍ୟା କରିବାରେ ସେ ବିଫଳ ହୋଇଛନ୍ତି । କିନ୍ତୁ ତଥାପି ବେଦର ଆଧ୍ୟାତ୍ମିକ ପ୍ରାଧାନ୍ୟକୁ ସେ ଅସ୍ୱୀକାର କରି ନାହାନ୍ତି କିଂବା ଋକ୍‌ଗୁଡ଼ିକରେ ଯେ ଉଚ୍ଚତର ସତ୍ୟ ଭରି ରହିଛି ତାହା ସେ ଅମାନ୍ୟ କରି ନାହାନ୍ତି । ଏହି ଅସ୍ୱୀକାର ଓ ଅମାନ୍ୟ କରିବାର କାର୍ଯ୍ୟଟି ଯେପରି ଆମ ସମୟକୁ ଅବଶିଷ୍ଟ ରହିଥିଲା ଏବଂ ପାଶ୍ଚାତ୍ୟ ବିଦ୍ୱାନ୍‌ମାନଙ୍କ ଦ୍ୱାରା ଆଜି ତାହା ଲୋକପ୍ରସିଦ୍ଧ ହୋଇଛି ।

ୟୁରୋପୀୟ ପଣ୍ଡିତମାନେ ବେଦର କର୍ମକାଣ୍ଡୀୟ ପରମ୍ପରାକୁ ଗ୍ରହଣ କରିନେଲେ, କିନ୍ତୁ ଅବଶିଷ୍ଟ କ୍ଷେତ୍ରରେ ସେମାନେ ସାୟଣଙ୍କ ବ୍ୟାଖ୍ୟାକୁ ପୂରାପୂରି ଛାଡ଼ିଦେଇ ସେମାନଙ୍କ ନିଜସ୍ୱଧାରାରେ ଶବ୍ଦଗୁଡ଼ିକର ବ୍ୟୁତ୍ପତ୍ତି କରିଛନ୍ତି ଅଥବା, ବେଦମନ୍ତ୍ରଗୁଡ଼ିକର ଅର୍ଥସବୁକୁ ସେମାନଙ୍କ ଅନୁମାନର ଆଧାରରେ ଗଢ଼ିଛନ୍ତି । ଏତଦ୍ୱାରା ସେମାନେ ବେଦର ଯେଉଁ ନୂତନ ରୂପ ଉପସ୍ଥାପନ କଲେ ତାହା ଅଧିକାଂଶତଃ ଯାଦୃଚ୍ଛିକ ଓ କାଳ୍ପନିକ । ସେମାନେ



ବେଦରୁ ଯାହାସବୁ ଚାହିଁଥିଲେ ତାହା ହେଲା – ଭାରତର ପ୍ରାଚୀନ ଇତିହାସ, ଏହାର ସମାଜବ୍ୟବସ୍ଥା, ବିଧି-ଅନୁଷ୍ଠାନ, ପ୍ରଥା ପ୍ରଭୃତି; ମୋଟ ଉପରେ ତତ୍‌କାଳୀନ ସଭ୍ୟତାର ଏକ ଚିତ୍ର । ଭାଷାର ଭିନ୍ନତାକୁ ଭିତ୍ତି କରି ସେମାନେ ଆବିଷ୍କାର କଲେ ଉତ୍ତର ଦିଗରୁ ଆର୍ଯ୍ୟମାନେ ଦ୍ରାବିଡ଼-ଅଧିଷ୍ଠିତ ଭାରତକୁ ଆକ୍ରମଣ କରିଥିବାର ତଥ୍ୟ, ଯାହା ଖୋଦ୍ ଭାରତୀୟମାନଙ୍କର ସ୍ମରଣରେ ନ ଥିଲା କିଂବା ସେମାନଙ୍କର କୌଣସି ପରମ୍ପରାରେ କେବେ ସ୍ଥାନ ପାଇ ନାହିଁ ତଥା ସେମାନଙ୍କର କୌଣସି ମହାକାବ୍ୟ ବା ପ୍ରାଚୀନ ସାହିତ୍ୟରେ କୁତ୍ରାପି ଏହାର ବର୍ଣ୍ଣନା ନାହିଁ । ଏହିଭଳି ବିଚାର ନେଇ ସେମାନେ କହନ୍ତି – ସୂର୍ଯ୍ୟସମ୍ପର୍କୀୟ ଉପକଥାରେ ପରିପୂର୍ଣ୍ଣ ବୈଦିକ ଧର୍ମ ଥିଲା କେବଳ ପ୍ରକୃତି-ଦେବତାମାନଙ୍କର ଉପାସନା ଏବଂ ବଳିପୂଜା ପ୍ରଭୃତି ଧାର୍ମିକ କ୍ରିୟା ଦ୍ୱାରା ଏହା ପବିତ୍ରିତ ଏବଂ ଏହି ବଳିପୂଜାଦିରେ ବ୍ୟବହୃତ ଏହାର ଗାନମାଳାର ଭାବଧାରା ଓ ବିଷୟବସ୍ତୁ ଅତ୍ୟନ୍ତ ଆଦିମ-ସ୍ତରୀୟ, ଏବଂ ଅତିରଞ୍ଜିତ, ପବିତ୍ରିତ ଓ ମହିମାନ୍ୱିତ କରାଯାଇଥିବା ଏଇସବୁ ବର୍ବର-ପ୍ରାର୍ଥନା ହେଉଛି ବେଦ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରାରମ୍ଭିକାବସ୍ଥାରେ ସ୍ଥୂଳଭୌତିକ ମହାଶକ୍ତିମାନଙ୍କର ପୂଜା କରାଯାଉଥିଲା, ଯଥା : ସୂର୍ଯ୍ୟ, ଚନ୍ଦ୍ର, ସ୍ୱର୍ଗ ଓ ଧରଣୀ, ବାୟୁ, ବୃଷ୍ଟି ଓ ଝଡ଼ବୃଷ୍ଟି ଆଦି; ପବିତ୍ର ନଦୀମାନ ଓ ପ୍ରକୃତିର କ୍ରିୟାସଂଚାଳକ ଅସଂଖ୍ୟ ଦେବତା । ଗ୍ରୀସ୍, ରୋମ୍, ଭାରତ ଓ ଅନ୍ୟ ପୁରାତନ ଜନଜାତିଙ୍କ ମଧ୍ୟରେ ପ୍ରାଚୀନ ପୂଜା-ପ୍ରଥାର ଏହା ସାଧାରଣ ରୂପ ଥିଲା । କିନ୍ତୁ ସେହି ଦେଶମାନଙ୍କରେ ସେହି ସେହି ଦେବତାମାନେ କ୍ରମେ ଏକ ଉଚ୍ଚସ୍ତରୀୟ ଅର୍ଥାତ୍ ମନସ୍ତାତ୍ତ୍ୱିକ କର୍ମପ୍ରବର୍ତ୍ତକ ରୂପେ ପରିଗଣିତ ହେଲେ । ସମ୍ଭବତଃ 'ପାଲ୍ଲାସ୍ ଆଥିନୀ' (Pallas Athene) ପ୍ରଥମେ ଥିଲେ ଉଷାଦେବୀ, ଆକାଶ-ଦେବତା 'ଜିଅସ୍'ଙ୍କର – ବେଦରେ ଯାହାଙ୍କୁ 'ଦ୍ୟୌଃ' ବୋଲି ଅଭିହିତ କରାଯାଏ – ତାଙ୍କର ମସ୍ତକ-ପ୍ରଦେଶରୁ ଯେ ଅଗ୍ନିଶିଖାରୂପେ ଉତ୍ସାରିତ ହୁଅନ୍ତି, କ୍ରମେ ଗ୍ରୀସ୍‌ର ତତ୍ତ୍ୱପ୍ରଧାନ ଯୁଗରେ ସେ ଜଣେ ଉଚ୍ଚତର କ୍ରିୟାତ୍ମିକା ଦେବୀରୂପେ ଗୃହୀତା ହେଲେ ଏବଂ ରୋମ୍‌ବାସିଗଣ ସେମାନଙ୍କ ଶିକ୍ଷା ଓ ଜ୍ଞାନର ଦେବୀ ମିନର୍ଭାଙ୍କ ସହିତ ତାଙ୍କୁ ସମାନ କରିଦେଲେ । ସେହିପରି ଭାରତରେ ମଧ୍ୟ ନଦୀରୂପିଣୀ ଦେବୀ ସରସ୍ୱତୀ ଜ୍ଞାନ, ଶିକ୍ଷା ଏବଂ ସମଗ୍ର କଳା ଓ ଶିଳ୍ପର ଦେବୀରୂପେ ପରିଣତା ହୋଇଛନ୍ତି । ଗ୍ରୀସ୍‌ର ସମସ୍ତ ଦେବଦେବୀ କାଳକ୍ରମେ ଏହି ପରିବର୍ତ୍ତନର ପ୍ରକ୍ରିୟା ମଧ୍ୟଦେଇ ଯାଇଛନ୍ତି – ସୂର୍ଯ୍ୟଦେବ 'ଆପୋଲୋ' ହୋଇଛନ୍ତି କାବ୍ୟ ଓ ଭବିଷ୍ୟବାଣୀର ଦେବତା, ଅଗ୍ନିଦେବ 'ହେଫେଷ୍ଟସ୍' ହୋଇଛନ୍ତି ଦିବ୍ୟ କାରିଗର, ବିଶ୍ୱକର୍ମା । ଭାରତରେ ଏହି ପ୍ରକ୍ରିୟା ଅର୍ଦ୍ଧବିକଶିତ ଅବସ୍ଥାରେ ରହିଯାଇଛି, ଅର୍ଥାତ୍ ବୈଦିକ ଦେବତାମାନେ ସେମାନଙ୍କର

ମନସ୍ତାତ୍ତ୍ୱିକ କ୍ରିୟାତ୍ମକତାକୁ ବୃଦ୍ଧି କରାଇଛନ୍ତି ସତ, ଅନ୍ୟପକ୍ଷରେ ସେମାନଙ୍କର ବାହ୍ୟ ଚରିତ୍ର ଅଧିକ ସୁନିର୍ଦ୍ଦିଷ୍ଟ ଭାବେ ବନ୍ଧା ହୋଇଯାଇଛି, ଯାହାଫଳରେ ଉଚ୍ଚତର ଆଭିମୁଖ୍ୟର ପ୍ରତିନିଧିତ୍ୱ ପାଇଁ ଭିନ୍ନ ଏକ ଦେବମଣ୍ଡଳୀ ପାଇଁ ସ୍ଥାନ ଛାଡ଼ି ଦେଇଛନ୍ତି । ପୁରାଣର ଦେବତାମାନେ ପ୍ରଥମେ ସେହି ବୈଦିକ ଦେବତାମାନଙ୍କ ସହ ସମ୍ବନ୍ଧିତ ହୋଇ ସୃଷ୍ଟ ହୋଇଥିଲେ ବି ବ୍ୟାପକତର ଜାଗତିକ କ୍ରିୟାବଳିର ସମ୍ପାଦନ କଲେ ବୋଲି ସେମାନେ ପ୍ରାଧାନ୍ୟ ଲାଭ କରିଛନ୍ତି – ଯଥା : ବିଷ୍ଣୁ, ରୁଦ୍ର, ବ୍ରହ୍ମା ଯେପରି ବେଦର ବୃହସ୍ପତି କିଂବା ବ୍ରହ୍ମଣସ୍ପତିଙ୍କଠାରୁ ବିକଶିତ ହୋଇଛନ୍ତି, ସେହିପରି ଶିବ, ଲକ୍ଷ୍ମୀ, ଦୁର୍ଗା ପ୍ରଭୃତି ଦେବଦେବୀଗଣ । ଭାରତରେ ଏହିପରି ଭାବେ ଦେବଦେବୀଙ୍କ କ୍ଷେତ୍ରରେ ଯେଉଁ ପରିବର୍ତ୍ତନର ଧାରା ଆରମ୍ଭ ହୋଇଥିଲା ତାହା ଅପୂର୍ଣ୍ଣ ରହିଯାଇଛି, ପୌରାଣିକ ଦେବଗଣଙ୍କ ତୁଳନାରେ ବୈଦିକ ଆଦ୍ୟ ଦେବଗଣଙ୍କର ଦିବ୍ୟତ୍ୱ ହ୍ରାସ ପାଇଛି । ଋଗ୍‌ବେଦର ତିଷ୍ଠି ରହିବା ହେତୁ ଏହା ସମ୍ଭବ ହେଲା, ସେଥିରେ ଦେବତାମାନଙ୍କର ମନସ୍ତାତ୍ତ୍ୱିକ ଓ ବାହ୍ୟ କ୍ରିୟାଧାରାଗୁଡ଼ିକ ଅଙ୍ଗାଙ୍ଗିଭାବେ ଜଡ଼ିତ ଏବଂ ଉଭୟ ଦିଗକୁ ସମାନଭାବେ ପ୍ରାଧାନ୍ୟ ଦିଆଯାଇଛି । କିନ୍ତୁ ଗ୍ରୀସ୍ ଓ ରୋମ୍‌ରେ ଦେବତାମାନଙ୍କର ପ୍ରାରମ୍ଭିକ ସ୍ଥିତିକୁ ଲିପିବଦ୍ଧ କରି ରଖିଥିବା ଏପରି କୌଣସି ପ୍ରାଚୀନ ସାହିତ୍ୟ-କୃତି ନ ଥିଲା ।

ପାଶ୍ଚାତ୍ୟର ସେହି ପ୍ରାଚୀନ ଜନଜାତିମାନଙ୍କ ମଧ୍ୟରେ ସାଂସ୍କୃତିକ ବିକାଶ ଥିଲା ଏହି ପରିବର୍ତ୍ତନର ସ୍ପଷ୍ଟ କାରଣ । ସେମାନେ ଯେତିକି ଯେତିକି ସଭ୍ୟ ହୋଇ ଆଗେଇ ଆସିଛନ୍ତି ସେମାନେ ସେତିକି ସେତିକି ଅଧିକ ମନୋପ୍ରଧାନ ଓ କମ୍ ଦେହଗତ ଜୀବନରେ ଲିପ୍ତ ହୋଇଛନ୍ତି ଏବଂ ସେଥିପାଇଁ ସେମାନେ ସେମାନଙ୍କ ଧର୍ମ ଓ ଦେବଦେବୀମାନଙ୍କର ସାକ୍ଷାତ୍, ସ୍ପଷ୍ଟ ଓ ସୂକ୍ଷ୍ମତର ଗୁଣଗୁଡ଼ିକର ଅନୁସନ୍ଧାନ କରିବାକୁ ଆବଶ୍ୟକ ମନେ କରିଛନ୍ତି । ଏହି ଅନୁସନ୍ଧାନର ଉଦ୍ଦେଶ୍ୟ ଥିଲା ଉଚ୍ଚସ୍ତରୀୟ ମାନସୀଭୂତ ଧାରଣା ଓ ଅଭିରୁଚିଗୁଡ଼ିକୁ ସାବ୍ୟସ୍ତ କରିବା ଓ ସେମାନଙ୍କ ମତକୁ ସମର୍ଥନ ଓ ସ୍ୱୀକୃତି ଦେବା ଭଳି ଦେବତାମାନଙ୍କର ପ୍ରକୃତ ଆଧ୍ୟାତ୍ମିକ ସ୍ୱରୂପ କିଂବା କିଛି ସ୍ୱର୍ଗୀୟ ବ୍ୟକ୍ତିତ୍ୱକୁ ଆବିଷ୍କାର କରିବା । କିନ୍ତୁ ଏହି ଅନ୍ତର୍ମୁଖୀ ହେବାର ପ୍ରବୃତ୍ତିକୁ ନିର୍ଣ୍ଣୟାତ୍ମକ ଓ ସୁଗଭୀର କରିବାର ଶ୍ରେୟଃ ରହସ୍ୟଜ୍ଞମାନଙ୍କୁହିଁ ଦିଆଯିବା ଉଚିତ, କାରଣ ସେହିସବୁ ପ୍ରାଚୀନ ସଭ୍ୟତା ଉପରେ ସେମାନଙ୍କର ଅପରିମିତ ପ୍ରଭାବ ଥିଲା; ଏହା ସତ୍ୟ ଯେ ସେତେବେଳେ ପ୍ରାୟ ସର୍ବତ୍ର ଏକ ରହସ୍ୟବାଦର ଯୁଗ ଥିଲା । ଯେଉଁମାନଙ୍କର ଗୁହ୍ୟଜ୍ଞାନ ବା ଆତ୍ମଜ୍ଞାନ ଥିଲା ସେମାନେ ସେହି ଯୁଗରେ ସେମାନଙ୍କର ବିଭିନ୍ନ ସାଧନପ୍ରଣାଳୀ, ତତ୍ତ୍ୱପୂର୍ଣ୍ଣ ନାନା ଉପାସନା-ପଦ୍ଧତି, ପ୍ରତୀକାବଳୀ, ଗୁହ୍ୟବିଦ୍ୟା ପ୍ରଭୃତିକୁ ଧର୍ମ ମଧ୍ୟରେ କିଂବା ସେହିସବୁ ପୁରାତନ ବହିର୍ମୁଖୀ ଧର୍ମଗୁଡ଼ିକର



ଉପାନ୍ତରେ ପ୍ରତିଷ୍ଠା କରିଥିଲେ । ବିଭିନ୍ନ ଦେଶରେ ଏହାର ପ୍ରକାର ଭିନ୍ନ ଭିନ୍ନ ଥିଲା । ଯଥା : ଗ୍ରୀସ୍‌ରେ ଅର୍ଫିକ୍ ଓ ଏଲୋଜିନିଅନ୍ ଗୁହ୍ୟବିଦ୍ୟାର ପ୍ରଚଳନ ଥିଲା, ଇଜିପ୍ଟ ଓ କାଲ୍‌ଦିଆରେ ଥିଲେ ପୁରୋହିତଗଣ ଏବଂ ସେମାନଙ୍କର ସୂକ୍ଷ୍ମଭୌତିକ ବିଜ୍ଞାନ ଓ ଯାଦୁବିଦ୍ୟା ପ୍ରାଧାନ୍ୟଲାଭ କରିଥିଲା, ପାରସ୍ୟରେ ଥିଲେ ମେଜାଇ, ଭାରତରେ ଥିଲେ ଋଷିଗଣ । ଏହି ଗୁହ୍ୟବିଦ୍‌ମାନେ ନିରନ୍ତର ନିମଗ୍ନ ରହୁଥିଲେ ଆତ୍ମଜ୍ଞାନ ଓ ଏକପ୍ରକାର ଗଭୀରତର ବିଶ୍ୱଜ୍ଞାନ ମଧ୍ୟରେ । ସେମାନେ ଏହି ଅନୁଭୂତି ଲାଭ କରିଥିଲେ ଯେ ବହିର୍ମୁଖ ତଥା ସ୍ଥୂଳ ଦେହଧାରୀ ମାନବର ଉପର ଆସ୍ତରଣ ତଳେ ମନୁଷ୍ୟ ମଧ୍ୟରେ ଏକ ଗଭୀରତର ଆତ୍ମସତ୍ତା ରହିଛି, ତାହାକୁ ଆବିଷ୍କାର କରିବା ଓ ଜାଣିବା ହେଉଛି ତା'ର ସର୍ବୋତ୍ତମ କର୍ତ୍ତବ୍ୟ । ''ନିଜକୁ ଜାଣ'' ଥିଲା ସେମାନଙ୍କର ମହାନ୍ ଶିକ୍ଷା, ଠିକ୍ ଯେପରି ଭାରତରେ ଆତ୍ମା ବିଷୟରେ ଜ୍ଞାନଲାଭ କରିବା ହୋଇଛି ସର୍ବୋଚ୍ଚ ଆଧ୍ୟାତ୍ମିକ ଆବଶ୍ୟକତା, ମାନବଜୀବନ ନିମନ୍ତେ ସର୍ବୋଚ୍ଚ ବିଷୟ । ସେମାନେ ଏକ ସତ୍ୟକୁ ମଧ୍ୟ ଦର୍ଶନ କରିଥିଲେ, ବିଶ୍ୱର ବାହ୍ୟ ଘଟଣାବଳୀର ପଶ୍ଚାତରେ ଏକ ପରମାର୍ଥ ସତ୍ୟକୁ ଦର୍ଶନ କରିଥିଲେ ଏବଂ ସେହି ସତ୍ୟକୁ ଆବିଷ୍କାର କରିବା, ତାହାର ଅନୁଗତ ହେବା ଓ ଉପଲବ୍ଧି କରିବା ଥିଲା ସେମାନଙ୍କର ମହାନ୍ ଅଭୀପ୍ସା । ବିଶ୍ୱପ୍ରକୃତିର ଯେଉଁସବୁ ସୂକ୍ଷ୍ମସୂତ୍ର ଏବଂ ଶକ୍ତିକୁ ସେମାନେ ଆବିଷ୍କାର କରିଥିଲେ ସେଗୁଡ଼ିକ ବାହ୍ୟଜଗତର ନୁହନ୍ତି, ପରନ୍ତୁ ଇହ ଜଗତ ଓ ଭୌତିକ ବିଷୟଗୁଡ଼ିକ ଉପରେ ଗୁହ୍ୟ ସ୍ତରରେ ସେଗୁଡ଼ିକ ନିଜର ପ୍ରଭୁତ୍ୱ ପ୍ରତିଷ୍ଠା କରିପାରନ୍ତି । ଏହି ଗୁହ୍ୟଜ୍ଞାନ ଓ ଶକ୍ତିର ବିଷୟକୁ ସୁବ୍ୟବସ୍ଥିତଭାବେ ସୂତ୍ରବଦ୍ଧ କରିବା ମଧ୍ୟ ସେମାନଙ୍କର ଏକ ଶକ୍ତିଶାଳୀ ନିତ୍ୟନୈମିତ୍ତିକ କର୍ମ ଥିଲା । କିନ୍ତୁ ଏସବୁ ନିରାପଦରେ କରିବା ପାଇଁ ଏକ ଦୁଷ୍କର ଓ ସଯତ୍ନ ଶିକ୍ଷା, ଶୃଙ୍ଖଳା ଏବଂ ପ୍ରକୃତିର ଶୁଦ୍ଧୀକରଣର ଆବଶ୍ୟକତା ଥିଲା; ସାଧାରଣ ଲୋକଙ୍କ ପାଇଁ ଏହା ଥିଲା ଦୁଃସାଧ୍ୟ । କଠୋର ପରୀକ୍ଷା ନ ଦେଇ ଓ ତାଲିମ ନ ପାଇ କେହି ଏହିସବୁ ବିଷୟରେ ପ୍ରବେଶ କଲେ ସେ ନିଜ ପାଇଁ ତଥା ଅନ୍ୟମାନଙ୍କ ପାଇଁ ବିପତ୍‌ପୂର୍ଣ୍ଣ ହୋଇପାରେ । ଏହି ଜ୍ଞାନ, ଏହିସବୁ ଶକ୍ତିର ଅପବ୍ୟବହାର ହୋଇପାରେ, କଦର୍ଥ କରାଯାଇପାରେ, ସତ୍ୟରୁ ମିଥ୍ୟାକୁ, ଶୁଭରୁ ଅଶୁଭକୁ ପରିବର୍ତ୍ତିତ ହୋଇଯାଇପାରେ । ସେଥିପାଇଁ କଠୋରଭାବେ ସଂଗୁପ୍ତ କରି ସବୁକିଛି ରଖାଯାଇଥିଲା । ପରଦାର ଅନ୍ତରାଳରେ ଏହି ଜ୍ଞାନ ଗୁରୁଙ୍କଠାରୁ ଶିଷ୍ୟନିକଟକୁ ଆସୁଥିଲା । ପ୍ରତୀକ ସମୂହର ଉପରେ ଏକ ପରଦା ସୃଷ୍ଟ ହୋଇଥିଲା, ଯାହାର ପଶ୍ଚାତରେ ଗୁହ୍ୟଜ୍ଞାନଗୁଡ଼ିକ ଯେପରି ସୁରକ୍ଷିତ ରହିପାରିବ । କେତେକ ସଂଳାପସୂତ୍ର ମଧ୍ୟ ରଚିତ ହୋଇଥିଲା ଯାହାକୁ କେବଳ ଦୀକ୍ଷିତ ଶିଷ୍ୟଗଣ ବୁଝିପାରୁଥିଲେ । କିନ୍ତୁ ସେଗୁଡ଼ିକର ପ୍ରକୃତ ଅର୍ଥ ଓ ରହସ୍ୟକୁ ଏପରି ସତର୍କଭାବେ ଆବୃତ କରି ରଖାଯାଇଥିଲା ଯେ ତାହାକୁ ଅନ୍ୟମାନେ ଜାଣୁ ନ ଥିଲେ ବା

ତାହାକୁ ବାହ୍ୟ ଅର୍ଥରେ ବୁଝି ସାବଧାନତା ସହ ଆବୃତ ତା'ର ସେହି ପ୍ରକୃତ ଅର୍ଥ ଓ ରହସ୍ୟକୁ ଧରିପାରୁ ନ ଥିଲେ । ସର୍ବତ୍ର ସବୁ ଗୁହ୍ୟବିଦ୍ୟାର ଏହା ଥିଲା ବାସ୍ତବ କଥା ।

ଭାରତର ସର୍ବପ୍ରାଚୀନ କାଳରୁ ଏହା ଏକ ପରମ୍ପରାରେ ପରିଣତ ହୋଇ ଆସିଛି ଯେ ବେଦର ଦ୍ରଷ୍ଟା କବି ଋଷିଗଣ ଏହି ପ୍ରକାରର ମଣିଷ ଥିଲେ, ସେମାନଙ୍କର ଥିଲା ମହାନ୍ ଆଧ୍ୟାତ୍ମିକ ଓ ଗୁହ୍ୟ ଜ୍ଞାନ, ସେମାନେ ସେସବୁକୁ ସାଧାରଣ ଲୋକଙ୍କ ମଧ୍ୟରେ ବାଣ୍ଟିଦେଇ ନ ଥିଲେ, ସେମାନେ ଏହି ଜ୍ଞାନକୁ ଓ ସେମାନଙ୍କର ଶକ୍ତିଗୁଡ଼ିକୁ ଏକ ପ୍ରକାର ଗୁପ୍ତ ଦୀକ୍ଷାଦାନ ପ୍ରଣାଳୀ ମାଧ୍ୟମରେ ତାଙ୍କର ବଂଶଧରଙ୍କୁ ଓ ପଟ୍ଟଶିଷ୍ୟମାନଙ୍କୁ ପ୍ରଦାନ କରିଯାଇଛନ୍ତି । ଏପରି ଭାବିବାଟା ହେଉଛି ସମ୍ପୂର୍ଣ୍ଣ ରୂପେ ନିରର୍ଥକ ଦାମ୍ଭିକତା ଯେ ଏହି ପରମ୍ପରାର କୌଣସି ଭିତ୍ତି ନାହିଁ ଅଥବା ଅକସ୍ମାତ୍ ବା ଧୀରେ ଧୀରେ ଶୂନ୍ୟରେ ଏହି ଅନ୍ଧବିଶ୍ୱାସଟି ଉତ୍ପନ୍ନ ହୋଇ ବଢ଼ିଚାଲିଥିଲା ବା ଏହାକୁ ପୁଷ୍ଟ କରିବାକୁ କିଛି ନ ଥିଲା । ଯେତେ ଅଳ୍ପ ହେଉ ପଛେ କିଂବା ପୌରାଣିକ ଆଖ୍ୟାନକ ଦ୍ୱାରା ଶତାବ୍ଦୀ ଶତାବ୍ଦୀ ଧରି କ୍ରମାଗତ ସଂଚୟ ଦ୍ୱାରା ଏହା ଯେତେ ସ୍ଫୀତ ହୋଇଥିଲେ ବି ଏହାର କିଛି ନା କିଛି ମୂଳଭିତ୍ତି ରହିଛି । କିନ୍ତୁ ଏହା ଯଦି ସତ୍ୟ ତେବେ ନିଶ୍ଚିତଭାବେ କୁହାଯାଇ ପାରିବ ଯେ ଦ୍ରଷ୍ଟା କବିମାନେ ସେମାନଙ୍କ ରଚନାବଳୀରେ ସେମାନଙ୍କର ଗୁପ୍ତ ଜ୍ଞାନକୁ, ସେମାନଙ୍କର ରହସ୍ୟବିଦ୍ୟାକୁ ପ୍ରକାଶ କରିଛନ୍ତି ଏବଂ ରହସ୍ୟବାଦୀ ଭାଷା ଦ୍ୱାରା ହେଉ ବା ପ୍ରତୀକଗୁଡ଼ିକର କୌଶଳପୂର୍ଣ୍ଣ ପ୍ରୟୋଗର ପଶ୍ଚାତରେ ହେଉ ସେହି ଉପାଦାନ ଅବଶ୍ୟ ରହିଛି ଏବଂ ଯଦି ତାହା ରହିଛି ତେବେ ତାହାକୁ କିଛି ପରିମାଣରେ ଆବିଷ୍କାର କରିବା ସମ୍ଭବ । ଏହା ମଧ୍ୟ ସତ୍ୟ ଯେ ରହସ୍ୟାତ୍ମିକା ଭାଷା, ଅପରିଚିତ ଶବ୍ଦାବଳି – ଯାସ୍କ (ନିରୁକ୍ତ-ଗ୍ରନ୍ଥକାର) ଚାରିଶହରୁ ଅଧିକ ଶବ୍ଦର ଅର୍ଥ ପାଇପାରି ନାହାନ୍ତି – ସ୍ଥାନେ ସ୍ଥାନେ ଦୁର୍ବୋଧ ଓ ଅପ୍ରଚଳିତ ପାରିଭାଷିକ ଅର୍ଥଗୁଡ଼ିକ ହେତୁ ବେଦମନ୍ତ୍ରଗୁଡ଼ିକର ଅର୍ଥ ଅସ୍ପଷ୍ଟ ହୋଇଛି; ସେଥିରେ ଥିବା ପ୍ରତୀକଗୁଡ଼ିକର ବ୍ୟବହାର ଲୋପପାଇଯାଇ ଥିବାରୁ ଏବଂ ତାହାର ନିଘଣ୍ଟୁ(ବ୍ୟାଖ୍ୟା)କୁ ଋଷିମାନେ ନିଜ ମଧ୍ୟରେ ଗୁପ୍ତ ରଖିଥିବାରୁ ପରବର୍ତ୍ତୀ ପିଢ଼ିଗୁଡ଼ିକର ବଂଶଧରମାନଙ୍କ ପାଇଁ ଏହା ଅବୋଧ ହୋଇଛି; ଏପରିକି ଉପନିଷଦଯୁଗରେ ମଧ୍ୟ ତଦାନୀନ୍ତନ ଆଧ୍ୟାତ୍ମିକ ଜ୍ଞାନଲିପ୍ସୁମାନେ ବୈଦିକ ଋଷିମାନଙ୍କର ରହସ୍ୟଜ୍ଞାନକୁ ଭେଦ କରିବା ପାଇଁ ଦୀକ୍ଷା ଓ ନିଦିଧ୍ୟାସନ ଆଶ୍ରୟ ନେଇଥିବା ବେଳେ ପରବର୍ତ୍ତୀ ଯୁଗର ପଣ୍ଡିତମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଆନୁମାନିକ ଜ୍ଞାନର ଆଶ୍ରୟ ନେଇଛନ୍ତି ଏବଂ ମାନସିକ ବ୍ୟାଖ୍ୟା ଉପରେ ଦୃଷ୍ଟିନିବଦ୍ଧ କରିଛନ୍ତି ଅଥବା ପ୍ରାୟ-ପ୍ରତୀକାତ୍ମକ ଓ ଅସ୍ପଷ୍ଟ 'ବ୍ରାହ୍ମଣ' ଗ୍ରନ୍ଥର ଆଖ୍ୟାନକଗୁଡ଼ିକର ଆଶ୍ରୟ ନେଇ ସେସବୁ ଗୂଢ଼ ଜ୍ଞାନରେ ପ୍ରବେଶ



କରିଛନ୍ତି । କିନ୍ତୁ ତଥାପି ବେଦର ପ୍ରକୃତ ଜ୍ଞାନ ଓ ଯଥାର୍ଥ ମୂଲ୍ୟକୁ ପ୍ରାପ୍ତ ହେବାକୁ ହେଲେ ଏହି ଆବିଷ୍କାରମୂଳକ ପରମ୍ପରା ହେବ ପ୍ରକୃଷ୍ଟ ମାର୍ଗ । ଯାସ୍କଙ୍କର ସଂକେତଗୁଡ଼ିକୁ ଆମମାନଙ୍କ ପକ୍ଷେ ଗମ୍ଭୀରତାର ସହ ନେବାକୁ ହେବ, ଋଷିଗଣଙ୍କ ବର୍ଣ୍ଣିତ ବିଷୟଗୁଡ଼ିକୁ ''ଋଷେଃ ପ୍ରଜ୍ଞାରଶ୍ମୟଃ'', ''କ୍ରାନ୍ତଦର୍ଶୀ କବେର୍ବାଚଃ'' ବୋଲି ଗ୍ରହଣ କରିବାକୁ ହେବ, ଏବଂ ଏହି ପ୍ରାଚୀନ ପ୍ରଜ୍ଞା ମଧ୍ୟକୁ ପ୍ରବେଶ କରିବା ପାଇଁ ଯାହାକିଛି ସୂତ୍ର ମିଳୁଛି ତାହାକୁ ଅନୁସରଣ କରିବାକୁ ହେବ । ନଚେତ୍ ବେଦ ଏକ ଅଭେଦ୍ୟ ଗ୍ରନ୍ଥ ରୂପେ ଚିରଦିନ ରହିଯିବ; ଆମ ପାଇଁ ଏହି ରୁଦ୍ଧ ଗୃହକୁ ବ୍ୟାକରଣପଟୁ ପଣ୍ଡିତବର୍ଗ, ବ୍ୟୁତ୍ପତ୍ତିବିତ୍ ଜ୍ଞାନିଗଣ, ପାଣ୍ଡିତ୍ୟପୂର୍ଣ୍ଣ ଅନୁମାନସକଳ ଉଦ୍‌ଘାଟନ କରିପାରିବେ ନାହିଁ ।

କାରଣ, ଏହା ସତ୍ୟ ଯେ ସେହି ପ୍ରାଚୀନ ବେଦର ଋକ୍‌ଗୁଡ଼ିକରେ କୌଣସି ଗୂଢ଼ାର୍ଥ ଓ ରହସ୍ୟାତ୍ମକ ଜ୍ଞାନ ରହିଥିବା ବିଷୟକ ପରମ୍ପରା ସ୍ୱୟଂ ବେଦ ପରି ପ୍ରାଚୀନ । ବୈଦିକ ଋଷିମାନଙ୍କର ବିଶ୍ୱାସ ଥିଲା ଯେ ସେମାନଙ୍କ ଦ୍ୱାରା ରଚିତ ଋକ୍‌ଗୁଡ଼ିକ ସେମାନଙ୍କ ଚେତନାର ଉଚ୍ଚତର ଗୂଢ଼ ସ୍ତରଗୁଡ଼ିକରୁ ଉତ୍ସାରିତ ଏବଂ ଏହି ଗୁହ୍ୟଜ୍ଞାନରେ ପରିପ୍ଳୁତ । ଯିଏ ଜଣେ ଅନ୍ତର୍ଦ୍ରଷ୍ଟା ବା ଗୁହ୍ୟବାଦୀ ହୋଇପାରୁଥିଲା ସେହି କେବଳ ବୈଦିକ ଶବ୍ଦଗୁଡ଼ିକୁ ତା'ର ପ୍ରକୃତ ଅର୍ଥର ସହ ବୁଝିପାରୁଥିଲା; ଏତଦ୍‌ବ୍ୟତୀତ ଅନ୍ୟମାନଙ୍କ କ୍ଷେତ୍ରରେ ମନ୍ତ୍ରସମୂହ ସେମାନଙ୍କ ଗୁପ୍ତଜ୍ଞାନକୁ ପ୍ରତ୍ୟାହୃତ କରି ରଖୁଥିଲେ । ଋଗ୍‌ବେଦର ଚତୁର୍ଥ ମଣ୍ଡଳରେ ବାମଦେବ-ରଚିତ ଗୋଟିଏ ସୂକ୍ତରେ[୧] ଋଷି ନିଜ ବିଷୟରେ ସ୍ୱୀକାରୋକ୍ତି କରିଛନ୍ତି ଯେ – ''ଅନ୍ତର୍ଜ୍ଞାନରେ ଦୀପ୍ତ ସେ ସ୍ୱୟଂ (ବିପ୍ରଃ) ନିଜ ଚିନ୍ତା ଓ ବଚନ ମାଧ୍ୟମରେ (ଉକ୍‌ଥୈଃ) ନୀତିଗର୍ଭକ ବଚନଗୁଡ଼ିକୁ – ''ରହସ୍ୟାର୍ଥଯୁକ୍ତ ବଚନରାଜିକୁ'' (ନିଣ୍ୟାଃ ବଚାଂସି) ବ୍ୟକ୍ତ କରୁଛନ୍ତି; ଦ୍ରଷ୍ଟୃ-ଜ୍ଞାନଗୁଡ଼ିକ ଋଷିଠାରେହିଁ ନିଜର ଗୂଢ଼ାର୍ଥଗୁଡ଼ିକୁ ବ୍ୟକ୍ତ କରିଥାନ୍ତି (କାବ୍ୟାନି କବୟେ ନିବଚନା) । ଋଷି ଦୀର୍ଘତମସ୍ କହନ୍ତି – ଋକ୍ ଅର୍ଥାତ୍ ବେଦମନ୍ତ୍ରଗୁଡ଼ିକ ''ଅକ୍ଷର ପରମ ବ୍ୟୋମରେ'' ବିଦ୍ୟମାନ ''ଯେଉଁଠି ସକଳ ଦେବଗଣ ଆସୀନ'', ପୁନଶ୍ଚ ତାଙ୍କର ଉକ୍ତି ହେଲା – ''ଯିଏ **ତାହା** ଜାଣେ ନାହିଁ ଋକ୍‌ମାନଙ୍କ ଦ୍ୱାରା ସେ କ'ଣ କରିବ ?''[୨] ସେହି ସୂକ୍ତରେ ସାମାନ୍ୟ ଆଗକୁ ସେ ସୂଚନା ଦେଇଛନ୍ତି ଯେ ବାଣୀ ଚାରିଟି ସ୍ତରରୁ ଉତ୍ପନ୍ନ ହୋଇଥାଏ, ତନ୍ମଧ୍ୟରୁ ତିନିଟି ରହସ୍ୟର ଗର୍ଭରେ ଗୁପ୍ତ ଥାଆନ୍ତି, ଚତୁର୍ଥଟି ମାନବୀୟ ସ୍ତର, ସେଥିରୁ ପ୍ରଚଳିତ ଶବ୍ଦଗୁଡ଼ିକର ଉତ୍ପତ୍ତି; କିନ୍ତୁ ଶବ୍ଦ

[୧] ଏତା ବିଶ୍ୱା ବିଦୁଷେ ତୁଭ୍ୟଂ ବେଧୋ ନୀଥାନ୍ୟଗ୍ନେ ନିଣ୍ୟା ବଚାଂସି ।
ନିବଚନା କବୟେ କାବ୍ୟାନ୍ୟଶଂସିଷଂ ମତିଭିର୍ବିପ୍ର ଉକ୍‌ଥୈଃ ॥ (ଋ. ୪ । ୩ । ୧୬)

[୨] ଋଚୋ ଅକ୍ଷରେ ପରମେ ବ୍ୟୋମନ୍ ଯସ୍ମିନ୍ ଦେବା ଅଧି ବିଶ୍ୱେ ନିଷେଦୁଃ ।
ଯସ୍ତନ୍ନ ବେଦ କିମୃଚା କରିଷ୍ୟତି ୟ ଇତ୍ ତଦ୍ ବିଦୁସ୍ତ ଇମେ ସମାସତେ ॥ (ଋ. ୧ । ୧୬୪ । ୩୯)

ଓ ଚିନ୍ତା ଉଚ୍ଚତର ସ୍ତରଗୁଡ଼ିକର ଅନ୍ତର୍ଗତ* । ଅନ୍ୟ କୌଣସି ଏକ ଋକ୍‌ରେ (ଋ. ୧୦।୭୧) ବର୍ଣ୍ଣିତ ଅଛି ଯେ ବୈଦିକ ଶବ୍ଦଗୁଡ଼ିକ ହେଉଛନ୍ତି ଶ୍ରେଷ୍ଠ ଏବଂ ଏମାନେ ବଚନର ସର୍ବୋଚ୍ଚ ମାନ ବହନ କରନ୍ତି, ଏମାନେ ଉତ୍ତମ ଓ ପ୍ରମାଦମୁକ୍ତ । ଏମାନେ ଗୁହାନିହିତ ହୋଇ ରହିଛନ୍ତି, ସେଠାରୁ ଉଚ୍ଚାରିତ ହୋଇ ବାକ୍ ରୂପେ ଅଭିବ୍ୟକ୍ତ ହୋଇଛନ୍ତି । ଦ୍ରଷ୍ଟା ଋଷିମାନଙ୍କ ମଧ୍ୟରେ ଏମାନେ ପ୍ରବିଷ୍ଟ ହୋଇଛନ୍ତି ଏବଂ ସେମାନଙ୍କର ବଚନ-ଶୈଳୀର ଅନୁସରଣ କଲେ ଯାଇ ସେମାନେ ବୋଧଗମ୍ୟ ହୁଅନ୍ତି । କିନ୍ତୁ ଏହାର ଗୂଢ଼ାର୍ଥରେ ସମସ୍ତେ ପ୍ରବେଶ କରିପାରନ୍ତି ନାହିଁ । ଯେଉଁମାନେ ଅନ୍ତର୍ନିହିତ ଅର୍ଥ ବିଷୟରେ ଅଜ୍ଞ ସେମାନେ ଏପରି ମନୁଷ୍ୟ ସହ ତୁଳନୀୟ ଯିଏ ଦେଖି ମଧ୍ୟ ଦେଖୁ ନ ଥାଏ, ଶୁଣି ମଧ୍ୟ ଶୁଣୁ ନ ଥାଏ । ଶବ୍ଦାବଳି ଅତ୍ୟନ୍ତ ବିରଳ ବ୍ୟକ୍ତିଙ୍କଠାରେ ନିଜର ଆବରଣକୁ ସ୍ୱତଃ ଉନ୍ମୁକ୍ତ କରିଥା'ନ୍ତି ଠିକ୍ ଯେପରି ସୁବସ୍ତ୍ରା ପତ୍ନୀ ନିଜ ପତି ଆଗରେ ନିଜର ତନୁକୁ ଅନାବୃତ କରିଥାଏ । ଶବ୍ଦାବଳୀ ହେଉଛନ୍ତି ବୈଦିକ ଧେନୁ ସ୍ୱରୂପା । ଯୋଗୀ-ଋଷିଙ୍କ ବ୍ୟତୀତ ଅନ୍ୟମାନେ ଏହାର ଦୁଗ୍ଧକୁ ସ୍ଥିରଭାବେ ପାନ କରିପାରନ୍ତି ନାହିଁ, ସେମାନେ ତା'ର ଅନୁଗମନ କରୁଥିବେ ଅଥଚ ଦୋହନ ନିମନ୍ତେ ସେ ସମ୍ମତି ଦିଏ ନାହିଁ । ସେମାନଙ୍କ ପାଇଁ ବେଦବାଣୀ ହେଉଛି ଅପୁଷ୍ପ ଅଫଳ ବୃକ୍ଷ ପରି । ଋଷିଙ୍କର ଏହି ଉକ୍ତିଗୁଡ଼ିକ ବେଦବାକ୍ୟର ରହସ୍ୟଧର୍ମିତାକୁ ସୁସ୍ପଷ୍ଟ ଓ ସୁନିଶ୍ଚିତଭାବେ ସୂଚିତ କରୁଛନ୍ତି । ଏଥିରୁ ଆମେ ନିଃସନ୍ଦେହରେ ଏହି ନିଷ୍କର୍ଷରେ ଉପନୀତ ହୋଇପାରୁ ଯେ ଋଗ୍‌ବେଦର ରଚନାକାଳରେ ବି ସେଥିରେ ସନ୍ନିବେଶିତ ଋକ୍‌ଗୁଡ଼ିକରେ ସର୍ବଜନ-ଅବୋଧ ଗୂଢ଼ତତ୍ତ୍ୱ ନିହିତ ବୋଲି ଗ୍ରହଣ କରାଯାଇଥିଲା, ଏବଂ କଥିତ ଅଛି – ପବିତ୍ର ବେଦସୂକ୍ତଗୁଡ଼ିକରେ ଗୁହ୍ୟ ଓ ଆଧ୍ୟାତ୍ମିକ ଜ୍ଞାନ ରହିଛି, କେବଳ ଏହି ବିଶ୍ୱାସ ଓ ଧାରଣା ରଖିପାରିଲେ ଯାଇ ଜଣେ ସତ୍ୟକୁ ଜାଣିପାରିବ ଏବଂ ଏକ ଉଚ୍ଚତର ଜୀବନସ୍ତରକୁ ଉନ୍ନୀତ ହୋଇପାରିବ । ଏହା କଦାପି ପରବର୍ତ୍ତିକାଳର ଏକ ବିଶ୍ୱାସ ନୁହେଁ, ସମ୍ଭବତଃ ସମସ୍ତ ଋଷି ଏହା ସ୍ୱୀକାର କରିଛନ୍ତି, ଏବଂ ବରେଣ୍ୟ ଋଷିଗଣଙ୍କ ମଧ୍ୟରୁ କେତେଜଣ ଯଥା : ଦୀର୍ଘତମା ଓ ବାମଦେବ ହେଉଛନ୍ତି ଏହାର ପ୍ରମାଣ ।

ତେବେ, ସେକାଳରେ ଏହି ପରମ୍ପରା ପ୍ରଚଳିତ ଥିଲା ଏବଂ ବୈଦିକ ଯୁଗ ପରେ ମଧ୍ୟ ତାହା ଅବ୍ୟାହତ ଥିଲା । ଯାସ୍କ କହିଛନ୍ତି, ବିଭିନ୍ନ ତାତ୍ତ୍ୱିକ ବିଚାରଧାରା ଅନୁସାରେ ବେଦର ଟୀକା କରାଯାଇଛି, ଯଥା – ଯଜ୍ଞୀୟ ଓ କର୍ମକାଣ୍ଡୀୟ ଟୀକା, ଐତିହାସିକ ବିବରଣୀ : ବରଂ ଏହାକୁ ପୌରାଣିକ କଥାଗୁଡ଼ିକର ତତ୍ତ୍ୱନିରୂପଣ ବୋଲି କୁହାଯାଇପାରେ, ବୈୟାକରଣ ଓ ଶବ୍ଦତତ୍ତ୍ୱବାଦୀ ତଥା ନ୍ୟାୟବାଦୀମାନଙ୍କର ଟୀକା,

* ଚତ୍ୱାରି ବାକ୍ ପରିମିତା ପଦାନି ତାନି ବିଦୁର୍ବ୍ରାହ୍ମଣା ଯେ ମନୀଷିଣଃ ।
ଗୁହା ତ୍ରିଣି ନିହିତା ନେଙ୍ଗୟନ୍ତି ତୁରୀୟଂ ବାଚୋ ମନୁଷା ବଦନ୍ତି ॥ (ଋ.୧ । ୧୬୪ । ୪୫)



ଆଧ୍ୟାତ୍ମିକ ତତ୍ତ୍ୱସମ୍ବଳିତ ଟୀକା ମଧ୍ୟ ରହିଛି । ଯାସ୍କ ନିଜେ ଘୋଷଣା କରିଛନ୍ତି ଯେ ବୈଦିକ ଜ୍ଞାନର ତ୍ରିବିଧ ସ୍ତର, ଯଥା : ଯଜ୍ଞୀୟ ବା କର୍ମକାଣ୍ଡୀୟ ଜ୍ଞାନ, ଦେବଦେବୀ ସମ୍ବନ୍ଧୀୟ ଜ୍ଞାନ, ଏବଂ ଶେଷରେ ଆଧ୍ୟାତ୍ମିକ ଜ୍ଞାନ ଥିବାରୁ ବେଦସୂକ୍ତଗୁଡ଼ିକରେ ତ୍ରିବିଧ ଅର୍ଥ ରହିଛି; ଏଥିମଧ୍ୟରୁ ଶେଷୋକ୍ତ ସ୍ତରଟି ଯଥାର୍ଥ ଜ୍ଞାନ । ଯେତେବେଳେ ଜଣେ ଏହା ପାଇଯାଏ, ଅନ୍ୟ ଦୁଇଟିକୁ ସେ ତ୍ୟାଗ କରିପାରେ କିଂବା ଖଣ୍ଡନ କରିପାରେ । ଆଧ୍ୟାତ୍ମିକ ଜ୍ଞାନରହିଁ ଗୁରୁତ୍ୱ ରହିଛି, ଅନ୍ୟଗୁଡ଼ିକ ବାହ୍ୟ ଓ ଗୌଣ । ସେ ପୁଣି କହିଛନ୍ତି : "ଋଷି ତାଙ୍କର ଅନ୍ତର୍ଦୃଷ୍ଟି ଦ୍ୱାରା ସତ୍ୟକୁ ଓ ବସ୍ତୁଗୁଡ଼ିକର ପ୍ରକୃତ ବିଧାନକୁ ଦେଖିଛନ୍ତି ।"[୧] ପରବର୍ତ୍ତୀ କାଳରେ ଜ୍ଞାନର ଦିଗ ଓ ବେଦର ତତ୍ତ୍ୱବୋଧ ପ୍ରକ୍ରିୟା ପୂରାପୂରି ଲୁପ୍ତ ହୋଇଯାଇଛି, ଯେଉଁ ଋଷିମାନେ ଏହି ଜ୍ଞାନ ଲାଭ କରୁଥିଲେ, ଦୀକ୍ଷାଦାନ ମାଧ୍ୟମରେ ସେମାନଙ୍କର ଶିଷ୍ୟମାନଙ୍କୁ ତାହା ସଂପ୍ରଦାନ କରି ଆଗାମୀ ଦିନ ପାଇଁ ବଞ୍ଚାଇ ରଖିଯାଉଥିଲେ । ଏହି ଅବକ୍ଷୟର ଶେଷଭାଗରେ ବେଦର ତତ୍ତ୍ୱାର୍ଥ ଲାଭ ପାଇଁ 'ନିରୁକ୍ତ' ଓ ଅନ୍ୟାନ୍ୟ ବେଦାଙ୍ଗ ପ୍ରଭୃତି ସ୍ଥୂଳ ତଥା ମାନସିକ ଜ୍ଞାନର ଅବଲମ୍ବନକୁ ବ୍ୟବହାର କରିବାକୁ ହେଲା । କିନ୍ତୁ, ଏସବୁ ସତ୍ତ୍ୱେ ସେ କହନ୍ତି, "ଧ୍ୟାନ ଓ ତପସ୍ୟା ଦ୍ୱାରାହିଁ ସିଧାସଳଖ ବେଦର ପ୍ରକୃତ ସୂକ୍ଷ୍ମତତ୍ତ୍ୱକୁ ଆବିଷ୍କାର କରାଯାଇ ପାରିବ ।"[୨] ଯେଉଁମାନେ ଏହିସବୁ ଅବଲମ୍ବନକୁ ବ୍ୟବହାର କରିପାରନ୍ତି ସେମାନଙ୍କ ନିମନ୍ତେ ଏହି ଜ୍ଞାନଲାଭ ପାଇଁ ବାହ୍ୟବସ୍ତୁଗୁଡ଼ିକର କୌଣସି ଆବଶ୍ୟକତା ନାହିଁ । ଏହି ମନ୍ତବ୍ୟଟି ଯଥେଷ୍ଟ ସ୍ୱଚ୍ଛ ଓ ସକାରାତ୍ମକ ।

ବେଦରେ ଗୁହ୍ୟ ଉପାଦାନଗୁଡ଼ିକ ଭାରତୀୟ ସଭ୍ୟତା, ଧର୍ମ, ଦର୍ଶନ, ସଂସ୍କୃତି ପ୍ରଭୃତିର ମୂଳ ଉତ୍ସ ଅଟନ୍ତି, ପରମ୍ପରାକ୍ରମେ ସ୍ୱୀକୃତ ଏବଂ ଐତିହାସିକ ଘଟଣାରାଜି ସହିତ ଏହା ଏତେ ପରିମାଣରେ ସଂଶ୍ଳିଷ୍ଟ ଯେ ତା' ତୁଳନାରେ ଏହି ଧାରଣାକୁ ଖଣ୍ଡନ କରୁଥିବା ୟୁରୋପୀୟ ମତ ସହିତ ଏହାର ସେତେ ମେଳ ନାହିଁ । ଊନବିଂଶ ଶତାବ୍ଦୀରେ ବସ୍ତୁପ୍ରଧାନ ତର୍କବାଦର ଯୁଗରେ ୟୁରୋପୀୟ ପାଣ୍ଡିତ୍ୟର ଲିଖନଗୁଡ଼ିକ ଏକ ଐତିହାସିକ ମତକୁ ସ୍ୱୀକାର କରନ୍ତି ଯେ ଏହି ଜାତି ଆଦିମ ବର୍ବରତା କିଂବା ଅର୍ଦ୍ଧବର୍ବରତା ମଧ୍ୟରୁ ଗଢ଼ିଉଠିଛି ଯାହାର ସାମାଜିକ ଜୀବନ ଓ ଧର୍ମ ଥିଲା ରୁକ୍ଷ ଓ ଅନ୍ଧବିଶ୍ୱାସର ସମାହାର । ଏବଂ ଏହା ସମ୍ଭବ ହୋଇଛି ବାହ୍ୟତଃ ପରିମାର୍ଜନଶୀଳ ସାଂସ୍କୃତିକ ବିଧିବିଧାନ ଦ୍ୱାରା, ପାରସ୍ପରିକ କୋମଳ ବ୍ୟବହାର ଓ ସ୍ୱାସ୍ଥ୍ୟକର ଅଭ୍ୟାସଗୁଡ଼ିକର ବିକାଶ ଦ୍ୱାରା । ଏବଂ ଏହାର ମାଧ୍ୟମ ହୋଇଛି ବୁଦ୍ଧି ଓ ତର୍କ, କଳା, ଦର୍ଶନ ତଥା ବିଜ୍ଞାନର ବିକାଶ ଏବଂ ଏକ

[୧] "ଋଷିଭିଃ ସତ୍ୟଂ, ବସ୍ତୂନାଂ ସତ୍ୟଧର୍ମୋ ବା ଅନ୍ତର୍ଦୃଷ୍ଟ୍ୟା ପ୍ରତ୍ୟକ୍ଷୀକୃତଃ ।"
[୨] "ବେଦସ୍ୟ ସତ୍ୟାର୍ଥୋ ଧ୍ୟାନଯୋଗେନ ତପସା ଚ ।"

ସ୍ପଷ୍ଟତର ଓ ସୁନ୍ଦରତର ତଥା କାର୍ଯ୍ୟତଃ ଅଧିକ ବ୍ୟବହାରଯୋଗ୍ୟ ବୁଦ୍ଧିଜ୍ଞାନର ଉନ୍ନତିସାଧନ । ଏହି କାରଣରୁ ଏହି ଐତିହାସିକ ଚିତ୍ରଣରେ ବେଦବିଷୟକ ପ୍ରାଚୀନ ଧାରଣା ଯୋଗ୍ୟସ୍ଥାନ ପାଇପାରି ନାହିଁ; ଅନ୍ୟପକ୍ଷେ ସେମାନେ ଧରିନେଲେ ଯେ ଏହା ହେଉଛି ଏକ ପରମ୍ପରାକ୍ରମେ ରହିଆସିଥିବା ଅନ୍ଧବିଶ୍ୱାସଜ କଳ୍ପନାସମୂହ ଓ ପ୍ରାରମ୍ଭିକ ଭ୍ରମମାତ୍ର । କିନ୍ତୁ ଏ ଜାତି କିପରି ବିକାଶଲାଭ କରିଛି ଆମେ ଏବେ ତା'ର ଏକ ସ୍ପଷ୍ଟତର ଓ ପ୍ରାମାଣିକ ଚିତ୍ର ଆଙ୍କିପାରିବା । ପ୍ରାଚୀନତର ସଭ୍ୟତାଗୁଡ଼ିକ ନିଜ ମଧ୍ୟରେ ଭାବୀ ବିକାଶଶୀଳ ବୀଜଗୁଡ଼ିକୁ ବହନ କରିଥିଲେ, କିନ୍ତୁ ସେମାନଙ୍କର ପ୍ରାଥମିକ ଜ୍ଞାନିଗଣ ବୈଜ୍ଞାନିକ ଓ ଦାର୍ଶନିକ ନ ଥିଲେ କିଂବା ଉଚ୍ଚମାନସିକ ବୁଦ୍ଧିବିଚାରର ମଣିଷ ନ ଥିଲେ; ବରଂ ସେମାନେ ଥିଲେ ଅନ୍ତର୍ଜ୍ଞାନୀ ଏବଂ ଏକ ପ୍ରକାର ରହସ୍ୟଧର୍ମୀ ମଣିଷ, ଗୁହ୍ୟବାଦୀ, ଧର୍ମତତ୍ତ୍ୱାନୁସନ୍ଧିତ୍ସୁ; ସେମାନେ ବସ୍ତୁସକଳର ପଶ୍ଚାତରେ ପ୍ରଚ୍ଛନ୍ନ ସତ୍ୟର ଅନୁସନ୍ଧାନ କରୁଥିଲେ – ବହିର୍ଜାଗତିକ ଜ୍ଞାନର ନୁହେଁ । ବୈଜ୍ଞାନିକ ଓ ଦାର୍ଶନିକମାନେ ଆସିଛନ୍ତି ପରେ; ସେମାନଙ୍କ ପୂର୍ବରୁ ଅନ୍ତର୍ଜ୍ଞାନୀମାନେ ଓ ବେଳେବେଳେ ଆଂଶିକ ଅନ୍ତର୍ଜ୍ଞାନୀ ପିଥାଗୋରାସ୍ ଓ ପ୍ଲାଟୋଙ୍କ ପରି ବ୍ୟକ୍ତିମାନେ ଆସିଛନ୍ତି ଯେଉଁମାନେକି ଅନ୍ତର୍ଦ୍ରଷ୍ଟାମାନଙ୍କ ନିକଟରୁ ସେମାନଙ୍କର ଅନେକ ବିଚାରକୁ ଆହରଣ କରିଛନ୍ତି । ଭାରତରେ ଅନ୍ତଃସତ୍ୟର ଅନୁସନ୍ଧାନରୁ ଦର୍ଶନତତ୍ତ୍ୱର ଅଭିବୃଦ୍ଧି ଘଟିଛି, ସେସବୁକୁ ସଯତ୍ନେ ରକ୍ଷା କରାଯାଇଛି ଏବଂ ସେମାନଙ୍କର ଆଧ୍ୟାତ୍ମିକ ଲକ୍ଷ୍ୟର ଉନ୍ନତିସାଧନ କରାଯାଇଛି ଏବଂ ସେମାନଙ୍କର କିଛି ପଦ୍ଧତିକୁ ପରବର୍ତ୍ତିକାଳରେ ଭାରତରେ ଗଡ଼ିଉଠିଥିବା ଆଧ୍ୟାତ୍ମିକ ଅନୁଶାସନ ମଧ୍ୟରେ ଓ ଯୋଗମାର୍ଗରେ ସ୍ଥାନ ଦିଆ ହୋଇଛି । ବୈଦିକ ପରମ୍ପରା, ବେଦସ୍ଥ ରହସ୍ୟମୟ ତାତ୍ତ୍ୱିକ ବିଷୟଗୁଡ଼ିକ ଏହି ଐତିହାସିକ ସତ୍ୟ ସହିତ ବେଶ୍ ମିଳିଯାଉଛି ଏବଂ ଭାରତୀୟ ସଂସ୍କୃତିର ଇତିହାସ ମଧ୍ୟରେ ଏହା ଯୋଗ୍ୟସ୍ଥାନ ଲାଭ କରିପାରୁଛି । ଭାରତୀୟ ସଭ୍ୟତାର ଭିତ୍ତିପ୍ରସ୍ତର ହେଉଛି ବୈଦିକ ପରମ୍ପରା – ତଥାକଥିତ ବର୍ବର ବଳି-ପୂଜା ପ୍ରଭୃତି ପ୍ରଥା ନୁହେଁ – ଏହା ପରମ୍ପରାଧର୍ମୀ ବିଶ୍ୱାସଠାରୁ ମଧ୍ୟ ଅଧିକ । ଇତିହାସର ଏହା ପ୍ରକୃତ ଘଟଣା ।

କିନ୍ତୁ, ଆଉ ଏକ ଅନୁମାନ ହୁଏତ କରାଯାଇପାରେ ଯେ, ସୂକ୍ତଗୁଡ଼ିକରେ ଉଚ୍ଚ ଆଧ୍ୟାତ୍ମିକ ଜ୍ଞାନର କୌଣସି ଉପାଦାନ କିଂବା ଉଚ୍ଚ ଭାବନାପୂର୍ଣ୍ଣ କେତେକ ଅନୁଚ୍ଛେଦ ଯଦିବି ରହିଥିଲା ତଥାପି ସେସବୁର ପରିମାଣ ଅଳ୍ପ ଏବଂ ଏହାର ସେପରି ବିଶେଷତ୍ୱ ନାହିଁ, କାରଣ ଅବଶିଷ୍ଟ ସୂକ୍ତତକ ହେଉଛନ୍ତି କର୍ମକାଣ୍ଡୀୟ ବିସ୍ତୃତ ବର୍ଣ୍ଣନା, ସ୍ତୁତିର ବିଧାନ ଓ ଦେବଗଣଙ୍କର ଗୁଣକୀର୍ତ୍ତନ । ଏହାର ଉଦ୍ଦେଶ୍ୟ ଥିଲା ଯଜମାନଠାରେ ଭୌତିକ ସମୃଦ୍ଧି-ସବୁକୁ ଅଜାଡ଼ି ଦେବାରେ ଦେବଗଣଙ୍କୁ ପ୍ରଣୋଦିତ କରିବା, ଯଥା : ଅସଂଖ୍ୟ ଗାଈ,



ଅଶ୍ୱ, ଯୋଦ୍ଧା, ପୁତ୍ର, ଅନ୍ନ, ଯାବତୀୟ ସମ୍ପଦ, ସୁରକ୍ଷା, ଯୁଦ୍ଧଜୟ ଇତ୍ୟାଦି ପାଇଁ କିଂବା ସ୍ୱର୍ଗରୁ ବୃଷ୍ଟି ଅବତରଣ କରାଇବାକୁ, ମେଘମାଳାର ଆଚ୍ଛାଦନରୁ ବା ଘୋର ରାତ୍ରିର କବଳରୁ ସୂର୍ଯ୍ୟଙ୍କୁ ମୁକ୍ତି ଦେବାକୁ, ସପ୍ତସିନ୍ଧୁର ସ୍ରୋତକୁ ଅବାଧ କରିବାକୁ, ଦସ୍ୟୁମାନଙ୍କ (ବା ଦ୍ରାବିଡ଼ମାନଙ୍କ) କବଳରୁ ଗୋଧନକୁ ଫେରିପାଇବା ଓ ଆହୁରି ଯେତେକ ବାହ୍ୟତଃ ପ୍ରାର୍ଥନୀୟ ବର ପ୍ରଭୃତି, ମନେ ହୁଏ ଏସବୁହିଁ ଥିଲା ଏହି ଆନୁଷ୍ଠାନିକ ପୂଜାର ଉଦ୍ଦେଶ୍ୟ । ତେବେ ଏହି ଅନୁମାନ ଅନୁସାରେ ବୁଝାଯିବ ଯେ ଋଷିମାନେ ଥିଲେ ଆଂଶିକଭାବେ ଆଧ୍ୟାତ୍ମିକ ବା ଗୁହ୍ୟଜ୍ଞାନସମ୍ପନ୍ନ ମାନବ, ଅନ୍ୟଥା ସେସମୟର ଲୋକପ୍ରିୟ ଧାରଣା ବିଶ୍ୱାସ ଇତ୍ୟାଦି ଦ୍ୱାରା ସେମାନେ ବଶୀଭୂତ ଥିଲେ । ତେଣୁ ସେମାନେ ବୋଧ ହୁଏ ଏହି ଦୁଇ ଉପାଦାନକୁ ସେମାନଙ୍କର ସୂକ୍ତଗୁଡ଼ିକରେ ଅଙ୍ଗାଙ୍ଗିଭାବେ ଜଡ଼ିତ କରି ରଖିଥିବେ : ବେଦମନ୍ତ୍ରଗୁଡ଼ିକର ଅନ୍ତତଃ କେତେକାଂଶରେ ଅସ୍ପଷ୍ଟତା ତଥା ଅପ୍ରାସଙ୍ଗିକତା ଏପରିକି ବେଳେବେଳେ ଏଣୁତେଣୁ ଗୋଳିଆମିଶା ହୋଇଥିବା ଆରୋପ, ପାରମ୍ପରିକ ଟୀକା ଯାହା ଆମ ଆଗରେ ଉପସ୍ଥାପନ କରିଛି, ଏହାହିଁ ବୋଧ ହୁଏ ତା'ର ଭିତ୍ତି । କିନ୍ତୁ, ଅନ୍ୟପକ୍ଷରେ, ଯଦି ଉଚ୍ଚଚିନ୍ତାର ଏକ ବିପୁଳ ଶରୀର ସ୍ପଷ୍ଟଭାବେ ଦୃଶ୍ୟମାନ ହେଉଥାଏ, ଯଦି ବହୁସଂଖ୍ୟକ ମନ୍ତ୍ରଗୁଚ୍ଛ ବା ସଂପୂର୍ଣ୍ଣ ସୂକ୍ତକୁ କେବଳ ଏକ ଗୁହ୍ୟାର୍ଥର ଧାରାରେ ଓ ନିହିତାର୍ଥକ ଭାବେ ସ୍ୱୀକାର କରାଯାଏ, ଏବଂ ସର୍ବଶେଷରେ, ଗୂଢ଼ବାଦୀମାନେ ଯେପରି ସର୍ବଦା ପ୍ରତୀକଗୁଡ଼ିକର ବ୍ୟବହାର କରିଥା'ନ୍ତି, ସେହି ପରିପ୍ରେକ୍ଷୀରେ ଯଦି ଜାଣିବାକୁ ମିଳିଛି ଯେ କର୍ମକାଣ୍ଡୀୟ ଓ ବାହ୍ୟ ବର୍ଣ୍ଣନାଗୁଡ଼ିକ ନିରନ୍ତର ପ୍ରତୀକାତ୍ମକ ରୂପ ନେଉଛନ୍ତି, ଏବଂ ଏ ବିଷୟରେ ଯଦି ଏଥିରେ ଅନେକ ସ୍ପଷ୍ଟ ସୂଚନା ରହିଛି, ଏପରିକି ଏହିଭଳି ଅର୍ଥକୁ ସାବ୍ୟସ୍ତ କରୁଥିବା ସୂକ୍ତଗୁଡ଼ିକରେ କେତେକ ସୁବୋଧ ଉକ୍ତି ମଧ୍ୟ ରହିଛି, ତେବେ ସବୁ କଥା ଭିନ୍ନ ପ୍ରକାର ହେବ । ଆମ ସମ୍ମୁଖରେ ଏପରି ଏକ ଗୁହ୍ୟଗ୍ରନ୍ଥ ରହିଛି ଯାହା ଭିତରେ ରହିଛି ଦ୍ୱିବିଧ ଅର୍ଥ : ପ୍ରଥମଟି ବାହ୍ୟ, ଅନ୍ୟଟି ଗୁହ୍ୟ, ପ୍ରତୀକଗୁଡ଼ିକୁ ବହନ କରୁଥିବା ଅର୍ଥହିଁ ସେଗୁଡ଼ିକୁ ଗୂଢ଼ତତ୍ତ୍ୱର ଅଙ୍ଗରୂପେ ପରିଣତ କରାଇଛି – ଗୁପ୍ତଶିକ୍ଷା ଓ ଗୁପ୍ତ ଜ୍ଞାନର ଏହା ହେଉଛି ଉପାଦାନ । କେତେଗୁଡ଼ିଏ ସୂକ୍ତକୁ ଛାଡ଼ିଦେଲେ ସଂପୂର୍ଣ୍ଣ ଋଗ୍‌ବେଦକୁ ତା'ର ଅନ୍ତର୍ଗତ ଅର୍ଥ ଦୃଷ୍ଟିରୁ ଦେଖିଲେ ଏହା ଏକ ରହସ୍ୟମୟ ଧର୍ମଗ୍ରନ୍ଥ । ସେହି ସମାନଭାବେ ଦେଖିଲେ ମନେ ହେବ – ବାହ୍ୟ ଅର୍ଥ ଯେ କେବଳ ଅନ୍ତରାର୍ଥର ଏକ କୃତ୍ରିମ ଆଚ୍ଛାଦନ ରୂପେ ବ୍ୟବହାର କରାଯାଇଛି ସେତିକି ନୁହେଁ, ଋଷିମାନେ ବୋଧ ହୁଏ ସେମାନଙ୍କର ଋକ୍‌ଗୁଡ଼ିକୁ ଶକ୍ତିବାକ୍ ରୂପେ ମାନ୍ୟତା ଦେଇଛନ୍ତି – କେବଳ ଅନ୍ତର୍ଜଗତରେ ନୁହେଁ ବାହ୍ୟ ଘଟଣାଗୁଡ଼ିକରେ ମଧ୍ୟ । କୌଣସି ଏକ ଖାଣ୍ଟି ଆଧ୍ୟାତ୍ମିକ ଗ୍ରନ୍ଥ କେବଳ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକ ସହ ନିଜକୁ ସଂପୃକ୍ତ କରି ରଖିପାରେ, କିନ୍ତୁ ପ୍ରାଚୀନ

ଗୁହ୍ୟବାଦିଗଣ, ଯାହାଙ୍କୁ ଆମେ ସୂକ୍ଷ୍ମଜଗତର ବିଦ୍ୱାନ୍ ବୋଲି କହୁଁ, ସେମାନେ ବିଶ୍ୱାସ କରୁଥିଲେ ଯେ ଆନ୍ତର ଉପାୟ ବା ଉପାଦାନଗୁଡ଼ିକ ଦ୍ୱାରା ବାହ୍ୟ ସାଫଲ୍ୟ ଅର୍ଜନ କରାଯିବା ସହ ଆନ୍ତର ଉପଲବ୍ଧିକୁ ମଧ୍ୟ ବାହ୍ୟସ୍ତରରେ ପରିସ୍ଫୁଟ କରିହେବ । ଆହୁରି ମଧ୍ୟ ସେମାନେ ବିଶ୍ୱାସ କରୁଥିଲେ ଯେ ଚିନ୍ତା ଓ ବଚନକୁ ଏପରି ଭାବେ ବିନିଯୋଗ କରାଯାଇପାରିବ ଯଦ୍ୱାରା ସମସ୍ତ ପ୍ରକାର ସିଦ୍ଧି, ଯଥା : ମାନୁଷୀ ସିଦ୍ଧି ଓ ଦୈବୀ ସିଦ୍ଧି, ମିଳିପାରିବ – ବେଦରେ ଥିବା ବାଣୀଗୁଡ଼ିକରେ ଏସବୁ କଥା ସର୍ବବିଦିତ ।

କିନ୍ତୁ ଏହି ଗୂଢ଼ାର୍ଥରୂପୀ ବସ୍ତୁଟି ବେଦରେ ଅଛି କେଉଁଠି ? ଏହାକୁ ଆବିଷ୍କାର କରିହେବ ଯଦି ଋଷିଗଣ ପ୍ରୟୋଗ କରିଥିବା ବୈଦିକ ଶବ୍ଦ ଓ ସୂତ୍ରଗୁଡ଼ିକରେ ଆମେ ନିଶ୍ଚିତ ଓ ଅଭ୍ରାନ୍ତ ଅର୍ଥ ପ୍ରଦାନ କରୁ, ବିଶେଷତଃ କେତେକ ମୁଖ୍ୟ ଶବ୍ଦରେ ଯେଉଁଗୁଡ଼ିକ କି କୌଣସି ନିର୍ମାଣର ସନ୍ଧିଶିଳା ଭଳି ସେମାନଙ୍କର ଗ୍ରନ୍ଥ-ସୌଧର ଭାର ବହନ କରୁଛନ୍ତି । 'ଋତମ୍' ହେଉଛି ସେହି ମହାନ୍ ଶବ୍ଦଗୁଡ଼ିକ ମଧ୍ୟରୁ ଗୋଟିଏ ଯାହାର ଗୂଢ଼ାର୍ଥ ହେଉଛି 'ସତ୍ୟ'; ଋଷିମାନଙ୍କର ମୁଖ୍ୟ ଅନ୍ୱେଷଣର ବିଷୟ ଥିଲା 'ସତ୍ୟ', ଆଧ୍ୟାତ୍ମିକ ବା ଅନ୍ତର୍ଗତ 'ସତ୍ୟ', ଆମମାନଙ୍କ ଅନ୍ତରରେ ବିଦ୍ୟମାନ ସତ୍ୟ, ବସ୍ତୁଗୁଡ଼ିକର ସତ୍ୟ, ପୃଥିବୀ ଓ ଦେବଗଣଙ୍କର ସତ୍ୟ, ଆମେମାନେ ବର୍ତ୍ତମାନ ଯାହା ଓ ବସ୍ତୁସକଳ ଯାହା ଅଟନ୍ତି ତା'ର ପଶ୍ଚାତରେ ବିଦ୍ୟମାନ ସତ୍ୟ । କର୍ମକାଣ୍ଡୀୟ ବ୍ୟାଖ୍ୟାରେ ବେଦତତ୍ତ୍ୱର ଏହି ପ୍ରଧାନ ଶବ୍ଦ (ଋତମ୍)କୁ ନିଜର ସୁବିଧାନୁଯାୟୀ ବା ଟୀକାକାରମାନଙ୍କର ମତାନୁକୂଳ ହେବା ଭଳି ନାନା ପ୍ରକାର ଆନୁଷଙ୍ଗିକ ଅର୍ଥସବୁ କରାଯାଇଛି, ଯଥା : ''ସତ୍ୟ'', ''ଯଜ୍ଞ'', ''ଜଳ'', ''ଗତ ହୋଇଥିବା କିଛି'', ଏପରିକି ''ଅନ୍ନ'' ତଥା ଏତାଦୃଶ ବହୁସଂଖ୍ୟକ ଅନ୍ୟାନ୍ୟ ଅର୍ଥସବୁ; ଆମେ ଯଦି ତାହା କରିବୁ ତେବେ ବେଦ-ବିବେଚନାରେ ଆମର କୌଣସି ନିଶ୍ଚିତତା ରହିବ ନାହିଁ । କିନ୍ତୁ ସେହି ସଂଗତ ପ୍ରଧାନ ଅର୍ଥଟି (ସତ୍ୟ) ଦେଇ ଯଦି ଦେଖୁ, ତେବେ ଆମ ପାଇଁ ଅପରିଚିତ ହେଲେ ବି ଏକ ସ୍ୱଷ୍ଟ ଅର୍ଥ ପ୍ରକଟିତ ହେବ । ଯଦି ଆମେ ସେହି ସମାନ ପ୍ରକାର ବ୍ୟବହାର ବେଦର ଅନ୍ୟସବୁ ସ୍ଥାୟୀପଦଗୁଡ଼ିକର କ୍ଷେତ୍ରରେ କରୁ, ଯଦି ଆମେ ସେମାନଙ୍କୁ ସେମାନଙ୍କର ସାଧାରଣ ସ୍ୱାଭାବିକ ଓ ଅଭ୍ରାନ୍ତ ଅର୍ଥ ଦେଉ ଏବଂ ସେମାନଙ୍କର ଭାବକୁ ନେଇ ଅର୍ଥକୁ ଇତସ୍ତତଃ ନ କରୁ କିଂବା ପୂରା କର୍ମକାଣ୍ଡୀୟ ଅର୍ଥ ଦିଗରେ ସେମାନଙ୍କୁ ନ ନେଉ, ଯଦି ସ୍ଥିର ଓ ଅଟଳ ଭାବେ ଏହି ଅର୍ଥକୁ ଦେଇଚାଲୁ, ଉଦାହରଣତଃ ''ଶ୍ରବସ୍'' ଓ ''କ୍ରତୁ'' ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଶବ୍ଦାବଳିକୁ ଆମେ ଯଦି ସେମାନଙ୍କର ତାତ୍ତ୍ୱିକ ଅର୍ଥ ପ୍ରକାଶ କରିବାକୁ ଛାଡ଼ିଦେଉ, ତା'ହେଲେ ଏହି ପରିଣାମ ହୋଇଉଠିବ ଅଧିକ ସ୍ୱଷ୍ଟ, ଉତ୍ତରୋତ୍ତର ଓ ବ୍ୟାପକ – ପ୍ରକୃତରେ ଦେଖିବାକୁ ଗଲେ ସେମାନେ ସେହି ଅର୍ଥ ପ୍ରକାଶ କରିବା ପାଇଁ ସମର୍ଥ ଏବଂ ବେଦର କେତେକ ଅଂଶରେ



ସେମାନେ ଏହି ଅର୍ଥକୁ ନିର୍ଦ୍ୱନ୍ଦ୍ୱରେ ବହନ କରିଛନ୍ତି, ଯଥା : ଅଗ୍ନିକୁ ବେଦ ବର୍ଣ୍ଣନା କରୁଛନ୍ତି ''କ୍ରତୁର୍ହୃଦି'' । ଏତଦ୍‌ବ୍ୟତୀତ, ବେଦରେ ଯେଉଁସବୁ ସାଂକେତିକାର୍ଥ ପ୍ରଚୁରଭାବେ ଦେଖିବାକୁ ମିଳେ, ବେଳେବେଳେ ବି ତାହା ଋଷିମାନେ ବ୍ୟବହାର କରିଥିବା ପ୍ରତୀକମାନଙ୍କର ଅନ୍ତର୍ଗତ ଅର୍ଥ ବିଷୟରେ ସେମାନଙ୍କର ଖୋଲା ଉକ୍ତି, ସେଗୁଡ଼ିକୁ ଏବଂ ସେମାନେ ବାରଂବାର ପୁନରାବୃତ୍ତି କରିଥିବା ବୃତ୍ରଜୟ ଓ ବୃତ୍ରବଂଶ ତଥା ତା'ର ସୈନ୍ୟମାନଙ୍କ ସହ ଯୁଦ୍ଧ, ସୂର୍ଯ୍ୟ, ଆପଃ, ଗୋଧନ ପ୍ରଭୃତିଙ୍କୁ ପଣି ବା ଦସ୍ୟୁମାନଙ୍କ କବଳରୁ ମୁକ୍ତ କରିବା ପ୍ରଭୃତି ପ୍ରତୀକାତ୍ମକ କଥା ଓ ରୂପଗୁଡ଼ିକୁ ଆମେ ଯଦି ସେହି ସମାନ ଗୂଢ଼ ଅର୍ଥ ଦେଇ ବିବେଚନା କରୁ ତେବେ ସମଗ୍ର ଋଗ୍‌ବେଦ ଶିକ୍ଷା ଓ ସାଧନାର, ରହସ୍ୟାର୍ଥର, ଗୂଢ଼ବିଦ୍ୟାର, ଅଧ୍ୟାତ୍ମବିଦ୍ୟାର ଏକ ଆଶୟ ରୂପେ ପ୍ରତିଭାତ ହେବ । ଯେକୌଣସି ପ୍ରାଚୀନ ଦେଶରେ ରହସ୍ୟବିଦ୍‌ମାନଙ୍କର ହୁଏତ ଏଇଭଳି କୃତି ଥାଇପାରେ, କିନ୍ତୁ ସ୍ଥୂଳତଃ କେବଳ ବେଦରେହିଁ ଆଜି ଏହା ଆମ ପାଇଁ ତିଷ୍ଠି ରହିଛି । ଋଷିମାନେ ତାହାକୁ ଉଦ୍ଦେଶ୍ୟମୂଳକଭାବେ ଆବରଣତଳେ ଗୁପ୍ତ କରି ରଖିଥିଲେ, କିନ୍ତୁ ପରଦାଟି ଏତେ ବହଳ ନୁହେଁ ଯେତେ ଆମେ ପ୍ରଥମେ ଭାବୁଥିଲୁ; କେବଳ ଆମର ନୟନକୁ ବ୍ୟବହାର କରିପାରିଲେ ସେହି ପରଦାର ଚିହ୍ନ ମଧ୍ୟ ରହିବ ନାହିଁ; 'ଶବ୍ଦ'ର ଯଥାର୍ଥ ରୂପ ଅର୍ଥାତ୍ 'ସତ୍ୟ' ଆମର ଦୃଷ୍ଟିଗୋଚର ହେବ ।

ବହୁ ପଙ୍‌କ୍ତି ଅଥବା କେତେକ ପୂରାସୂକ୍ତ, ଏପରିକି ସ୍ୱୟଂ ବେଦ ଏକ ରହସ୍ୟାର୍ଥର ମୁଖା ପରିଧାନ କରିଛନ୍ତି; ନିଃସନ୍ଦେହରେ ସେସବୁ ରହସ୍ୟାର୍ଥବ୍ୟଞ୍ଜକ ବାକ୍, ସେମାନଙ୍କର ଅନ୍ତର୍ଗତ ଅର୍ଥ ରହିଛି । ଯେତେବେଳେ ଋଷି ଅଗ୍ନିଙ୍କୁ ''ସତ୍ୟର ଜ୍ୟୋତିର୍ମୟ ରକ୍ଷକ, ସେ ନିଜ ବାସସ୍ଥଳୀରେ ନିଜେ ଝଲକି ଉଠୁଛନ୍ତି''[୧] ବୋଲି କହୁଛନ୍ତି, ଅଥବା ମିତ୍ର ଓ ବରୁଣ ବା ଅନ୍ୟ ଦେବଗଣଙ୍କୁ ''ସତ୍ୟର ସଂସର୍ଗରେ ସ୍ଥିତ ଓ ସତ୍ୟର ଅଭିବର୍ଦ୍ଧକ''[୨] କିଂବା ''ସତ୍ୟଜାତ''[୩] ବୋଲି କହୁଛନ୍ତି, ଏଥିରୁ ପ୍ରମାଣିତ ଯେ ଏସବୁ ହେଉଛନ୍ତି ରହସ୍ୟବାଦୀ କବିଙ୍କର ବଚନ ଯେ କି ବସ୍ତୁଗୁଡ଼ିକର ଅନ୍ତରାଳରେ ଥିବା ସେହି ଆନ୍ତର ସତ୍ୟକୁ ଚିନ୍ତା କରୁଛନ୍ତି, ଯାହାକୁ ଉପଲବ୍ଧି କରିବା ପାଇଁ ପ୍ରାଚୀନ ମୁନିଗଣଙ୍କର ସାଧନା ଉଦ୍ଦିଷ୍ଟ ଥିଲା । ପ୍ରକୃତି-ଶକ୍ତି ବିଷୟରେ କହିବା ବେଳେ ତାହା ଅଗ୍ନିର ବାହ୍ୟ ଉପାଦାନଗୁଡ଼ିକରେ ବିଦ୍ୟମାନ ଶକ୍ତି କଥା ସେ ଚିନ୍ତାକରୁ ନାହାନ୍ତି କିଂବା ଅଗ୍ନିବିଷୟ କହିବା ବେଳେ କୌଣସି ଉତ୍ସବ ଉପଲକ୍ଷେ ବଳି-ହୋମର ଅଗ୍ନିଙ୍କୁ ଚିନ୍ତା କରୁ ନାହାନ୍ତି । ଅଥବା ସରସ୍ୱତୀଙ୍କ ବିଷୟ

[୧] ଗୋପାମୃତସ୍ୟ ଦୀଦିବିଂ ବର୍ଧମାନଂ ସ୍ୱେ ଦମେ (ଋ.୧.୧.୮) ।

[୨] ଋତାବୃଧୌ ଋତସ୍ପୃଶା (ଋ.୧.୨.୮) ।

[୩] ଋତଜାତ (ଋ.୧.୧୪୪.୭) ।

କହିବା ବେଳେ ସେ କହୁଛନ୍ତି – ସେ (ସରସ୍ୱତୀ) ଅନ୍ତରରୁ ସତ୍ୟବଚନକୁ ପ୍ରଚୋଦିତ କରୁଛନ୍ତି ଓ ସମୀଚୀନ ଚିନ୍ତାରାଜିର ଉଦ୍ରେକ କରନ୍ତି ଅଥବା ସେ ହେଉଛନ୍ତି ଚିନ୍ତା-ବିଭବମୟୀ – ସରସ୍ୱତୀ ''ମହାସାଗର''ପ୍ରତି ଚେତନାକୁ ଜାଗ୍ରତ କରାନ୍ତି ବା ଆମକୁ ସଚେତ କରାନ୍ତି ଏବଂ ''ଆମର ସମସ୍ତ ଚିନ୍ତାକୁ ପ୍ରଦୀପ୍ତ କରାନ୍ତି''। ସେ ଯାହାଙ୍କୁ ଏହିଭଳି ସ୍ତୁତି କରୁଛନ୍ତି ସେ କଦାପି ଜଣେ ନଦୀର ଦେବୀ ନୁହନ୍ତି ପରନ୍ତୁ ଏକ ଶକ୍ତି; ଯଦି ତୁମେ ତାଙ୍କୁ ନଦୀ ବୋଲି କୁହ ତେବେ ସେ ହେଉଛନ୍ତି ଅନ୍ତଃ-ପ୍ରେରଣାର ନଦୀ, ଆମର ଚିନ୍ତାବଳୀ ଦିଗରେ ଯିଏ ସତ୍ୟବଚନକୁ ବାହି ଆଣୁଛନ୍ତି, ଅନ୍ତଃଜ୍ଞାନରୂପକ ସେହି ସତ୍ୟକୁ ସେ ଗଢ଼ି ତୋଳୁଛନ୍ତି । ଦେବତାମାନେ ନିରବଚ୍ଛିନ୍ନ ଭାବେ ସ୍ୱ-ଆଧ୍ୟାତ୍ମିକ କାର୍ଯ୍ୟର ପ୍ରତିନିଧିତ୍ୱ କରୁଛନ୍ତି; ଯଜ୍ଞ ହେଉଛି ଆନ୍ତର କ୍ରିୟାର ଏକ ବାହ୍ୟ ପ୍ରତୀକ, ଦେବତା ଓ ମାନବ ମଧ୍ୟରେ ଏକ ଅନ୍ତର୍ଗତ ଦାନ-ପ୍ରତିଦାନ,– ନିଜର ଯାହା କିଛି ଅଛି ମଣିଷ ତାହା ଦେଇଦିଏ, ପ୍ରତିଦାନରେ ଦେବଗଣ ଦିଅନ୍ତି ଶକ୍ତିମାନ୍ ବୀରମାନଙ୍କୁ, ଆଲୋକର ଗାଈପଲଙ୍କୁ; ଦିଅନ୍ତି 'ବଳ'ର ବୀରମାନଙ୍କୁ ଯେଉଁମାନେ କି ବୃତ୍ର, ଦସ୍ୟୁ, ପଣି ପ୍ରଭୃତି ଅନ୍ଧକାର-ଶକ୍ତିର ଦଳ ସହିତ ତା'ର ଯୁଦ୍ଧରେ ବିଜୟ ଆଣିଦେବେ । ଯେତେବେଳେ ଋଷି କହୁଛନ୍ତି, ''ଯୁଦ୍ଧାଶ୍ୱ ଦ୍ୱାରା ବା ମାନବୋତ୍ତର ଶକ୍ତିଯୁକ୍ତବାଣୀ ଦ୍ୱାରା ଆମକୁ ସଚେତନ କରାଅ ।'' (ଋ.୨.୨.୧୦) ସେତେବେଳେ ଆମର ଭାବି ଦେଖିବାର କଥା ତାଙ୍କ ଉକ୍ତିରେ କୌଣସି ରହସ୍ୟାତ୍ମକ ତାତ୍ପର୍ଯ୍ୟ ଅଛି କିଂବା କୌଣସି ସାମଞ୍ଜସ୍ୟପୂର୍ଣ୍ଣ ଅର୍ଥ ଆଦୌ ନାହିଁ । ଏହି ପୁସ୍ତକରେ ଅନୂଦିତ ବେଦର ଅନୁଚ୍ଛେଦଗୁଡ଼ିକରେ ରହସ୍ୟାର୍ଥକ ମନ୍ତ୍ର ତଥା ପୂରାସୂକ୍ତ ବହୁ ସଂଖ୍ୟାରେ ପାଇବା ଯେଉଁଗୁଡ଼ିକ କି ବେଦର ପ୍ରକୃତ ତତ୍ତ୍ୱକୁ ଢାଙ୍କି ରଖିଥିବା ବାହ୍ୟ ବଳି-ହୋମାଦି ଅର୍ଥରୂପକ ଆବରଣକୁ ଭେଦ କରୁଛନ୍ତି ଓ ତାକୁ ସମ୍ପୂର୍ଣ୍ଣ ନିରାବରଣ କରୁଛନ୍ତି, ତାହା ଯେତେ ରହସ୍ୟମୟ ହୋଇଥାଉ ପଛେ । ଋଷି କହୁଛନ୍ତି – ''ଚିନ୍ତାବଳି ଆମର ମାନବୀୟ ବିଷୟଗୁଡ଼ିକୁ ନେଇ ଅମରଗଣଙ୍କ ମଧ୍ୟରେ ଅର୍ଥାତ୍ ଦିବ୍ୟଜଗତରେ ପ୍ରତିପାଳନ ଓ ପରିପୋଷଣ କରିଛନ୍ତି; ଏହା (ଚିନ୍ତା) ହେଉଛି ଏକ ଦୁଗ୍ଧବତୀ ଧେନୁ ଯେ କି ନିଜର ଦୁଗ୍ଧରୂପେ ନାନା ପ୍ରକାର ସମ୍ପଦ ଦାନ କରିଥାଏ'' (ଋ.୨.୨.୯) – ଧେନୁ, ଅଶ୍ୱ ଓ ଅନ୍ୟାନ୍ୟ ଯେତେ ପ୍ରକାର ସମ୍ପଦ ପାଇଁ ଯଜମାନ ପ୍ରାର୍ଥନା କରିଥାଏ ଯଥାର୍ଥରେ ଏସବୁ କଦାପି ଭୌତିକ ସମ୍ପଦ ନୁହେଁ; କୌଣସି ଏକ ଗଭୀର ଚିନ୍ତା ଯାହା ମନ୍ତ୍ରରୂପେ ପ୍ରକାଶିତ ହୋଇଛି ତାହାହିଁ ଏସବୁ ସମ୍ପଦ ଦାନ କରିପାରେ, ଏବଂ ସେହି ଚିନ୍ତା ଆମର ମାନବୀୟ ବସ୍ତୁରୂପେ ଅମରଗଣଙ୍କ ମଧ୍ୟରେ ଓ ଦିବ୍ୟସ୍ୱର୍ଗରେ ପାଳିତ ପୋଷିତ ହେବାର ଏହା ହେଉଛି ଫଳ । ଭାଗବତ ତତ୍ତ୍ୱରେ ପରିବର୍ତ୍ତନର ପ୍ରକ୍ରିୟା, ଏବଂ ମହନୀୟ ଓ ଜ୍ଞାନଦୀପ୍ତ ସମ୍ପଦରାଜିକୁ, ସ୍ୱର୍ଗର ନିଧିଗୁଡ଼ିକୁ ଯଜ୍ଞରୂପକ ଆନ୍ତର କର୍ମବଳରେ



ଦେବତାମାନଙ୍କଠାରୁ ଜୟକରି ଆଣିବା କଥାଗୁଡ଼ିକ ଏହି ଗୂଢ଼ତାର ସୂଚନା ଦିଏ ଯାହାକି ଆବଶ୍ୟକ, ତଥାପି ଏହିସବୁ ଗୂଢ଼ ଶବ୍ଦଗୁଡ଼ିକୁ (ନିଣ୍ୟା ବଚାଂସି) ପାଠକରିବାର ଶୈଳୀ ଯାହାଙ୍କୁ ଜଣା ତାଙ୍କ ପାଇଁ ଏହା ସୁସ୍ପଷ୍ଟ ଅର୍ଥ ପ୍ରକାଶ କରିଥାଏ (କବୟେ ନିବଚନା) । ପୁଣି ଏକ ସୂକ୍ତରେ କୁହାଯାଇଛି – ଚିରନ୍ତନ ଭଗିନୀଦ୍ୱୟ ନିଶା ଓ ଉଷା ହେଉଛନ୍ତି ''ହର୍ଷୋତ୍‌ଫୁଲ୍ଲା ବୟନଦକ୍ଷା ଦୁଇ ନାରୀ ସଦୃଶ ଯେ କି ଆମର ସଂସିଦ୍ଧ କର୍ମରୂପକ ବିତତ ତନ୍ତୁକୁ ଯଜ୍ଞରୂପ ଦେବା ପାଇଁ ବୟନ କରୁଛନ୍ତି'' (ଋ.୨.୩.୬) । ପୁନଶ୍ଚ କହିବାକୁ ଗଲେ, ଶବ୍ଦଗୁଡ଼ିକର ରୂପ ଓ ଅର୍ଥ ରହସ୍ୟପୂର୍ଣ୍ଣ, କିନ୍ତୁ ଯଜ୍ଞର ମନସ୍ତାତ୍ତ୍ୱିକ ଧର୍ମ କ'ଣ, ଗାଭୀ ଶବ୍ଦର ଅସଲ ତାତ୍ପର୍ଯ୍ୟ କ'ଣ, ପ୍ରାର୍ଥିତ ସମ୍ପଦରାଜି, ମହାନିଧିର ପ୍ରାଚୁର୍ଯ୍ୟ ପ୍ରଭୃତି ଉକ୍ତିର ପ୍ରକୃତ ଅର୍ଥ କ'ଣ – ଏସବୁ ବିଷୟରେ ଅଧିକ କିଛି ସୁନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣ ବେଦରେ ଦୁର୍ଲଭ ।

ରହସ୍ୟବୃତ୍ତିକୁ ପାଳନ କରିବା ପାଇଁ ସୂକ୍ତଗୁଡ଼ିକର ଅର୍ଥକୁ ପ୍ରତୀକ ଓ ପ୍ରତୀକାତ୍ମକ ଶବ୍ଦଗୁଡ଼ିକ ମାଧ୍ୟମରେ ଆବୃତ କରି ରଖିବା ଆବଶ୍ୟକତାର ପ୍ରଭାବରେ ଋଷିମାନେ ଦ୍ୱିବିଧାର୍ଥ ପ୍ରୟୋଗ କରିବାର ଉପାୟକୁ ଅବଲମ୍ବନ କରିଥିଲେ । ସଂସ୍କୃତ ଭାଷାରେ ଏହି ଦ୍ୱୈତାର୍ଥବ୍ୟଞ୍ଜକ ପଦ୍ଧତିର ବ୍ୟବହାର ସୁକର, କାରଣ ଏଥିରେ ଗୋଟିଏ ଗୋଟିଏ ଶବ୍ଦ ନାନା କ୍ଷେତ୍ରରେ ନାନା ପ୍ରକାର ଅର୍ଥ ବହନ କରୁଥାଏ । କିନ୍ତୁ ଇଂରାଜୀ ଅନୁବାଦରେ ତାହାକୁ ପ୍ରକାଶ କରିବା ସହଜ ନୁହେଁ ଏବଂ ଅନେକ ସମୟରେ ଅସମ୍ଭବ ମଧ୍ୟ । ଉଦାହରଣ ସ୍ୱରୂପ 'ଗୋ' ଶବ୍ଦକୁ ନିଆଯାଉ, ଏହାର ଅର୍ଥ ଗାଈ, କିନ୍ତୁ ଏହା ଆଲୋକ ବା ଆଲୋକର ଏକ କିରଣ ରେଖାକୁ ମଧ୍ୟ ବୁଝାଏ; କେତେଜଣ ଋଷିଙ୍କ ନାମ ସହିତ ଏହି ଶବ୍ଦଟି ଯୋଡ଼ା ହୋଇଥିବାର ଦେଖିବାକୁ ମିଳେ । ଯଥା : 'ଗୋତମ' ଅର୍ଥାତ୍ ଉଜ୍ଜ୍ୱଳତମ; 'ଗବିଷ୍ଠିର' ଅର୍ଥାତ୍ ଜ୍ୟୋତି ମଧ୍ୟରେ ଯେ ସ୍ଥିର । ବେଦର ଗାଈମାନେ ଥିଲେ ସୂର୍ଯ୍ୟଙ୍କର ଗୋରୁପଲ, ଏହି ସମାନ କଥା ଗ୍ରୀକ୍ ପୁରାଣରେ ଓ ଗୁହ୍ୟ ତତ୍ତ୍ୱଗୁଡ଼ିକରେ ମଧ୍ୟ ପ୍ରଚଳିତ । କିନ୍ତୁ ଏହାର ପ୍ରକୃତ ଅର୍ଥ ହେଉଛି – ସତ୍ୟ, ଆଧ୍ୟାତ୍ମିକ ଆଲୋକ ଓ ପରମଜ୍ଞାନରୂପୀ ସୂର୍ଯ୍ୟଙ୍କର କିରଣରାଜି । କେତେକ ଅନୁଚ୍ଛେଦରୁ ପ୍ରକାଶିତ ହେଉଥିବା ଏହି ଅର୍ଥକୁ ସଂଗତ ଭାବର ଭିତ୍ତିରେ ସବୁକ୍ଷେତ୍ରରେ ସମନ୍ୱିତ ଅର୍ଥରେ ପ୍ରୟୋଗ କରାଯାଇ ପାରିବ । 'ଘୃତ' ହେଉଛି ଯଜ୍ଞାନୁଷ୍ଠାନର ଏକ ମୁଖ୍ୟ ଦ୍ରବ୍ୟ; କିନ୍ତୁ 'ଘୃତ'ର ଅର୍ଥ ମଧ୍ୟ 'ଆଲୋକ' ହୋଇପାରେ, କାରଣ ଘୃ ଧାତୁର ଅର୍ଥ ଦୀପ୍ତି (ଘୃ – କ୍ଷରଣଦୀପ୍ତ୍ୟୋଃ) ଏବଂ ବେଦର ବହୁ ସୂକ୍ତରେ ଏହି ଅର୍ଥ ସହ ଏହାର ବ୍ୟବହାର ରହିଛି । ସେହିପରି, ସ୍ୱର୍ଗରାଜ ଇନ୍ଦ୍ରଙ୍କର ଅଶ୍ୱମାନଙ୍କୁ 'ଘୃତସ୍ନୂ'[1] ଅର୍ଥାତ୍ ଯାହାଙ୍କ ଦେହରୁ ବିନ୍ଦୁ ବିନ୍ଦୁ ଆଲୋକ ଝରିପଡୁଛି ବୋଲି ବର୍ଣ୍ଣିତ

[1] ସାୟଣ ଯଦିଓ ଅନେକ ଅନୁଚ୍ଛେଦରେ ଘୃତକୁ 'ଆଲୋକ'ର ଅର୍ଥରେ ନେଇଛନ୍ତି କିନ୍ତୁ ଏଠାରେ

ହୋଇଛି – ନିଶ୍ଚିତରୂପେ ଏହାର ଅର୍ଥ ନୁହେଁ ଯେ ସେମାନେ ରଥ ଆକର୍ଷଣ କରି ଧାବନ କରୁଥିବାବେଳେ ବିନ୍ଦୁ ବିନ୍ଦୁ ଘୃତ ଝରିପଡୁଥିଲା, ଯଦିଓ ମନେ ହୁଏ ସେହି ସମାନ ସଂଜ୍ଞା (ଘୃ) ଶସ୍ୟ ଅର୍ଥରେ ପ୍ରଯୁକ୍ତ ହୋଇଥାଇ ପାରେ, କାରଣ, ଯେତେବେଳେ ଇନ୍ଦ୍ରଙ୍କର ଅଶ୍ୱଗଣ ଯଜ୍ଞସ୍ଥଳକୁ ଆଗମନ କରନ୍ତି ସେତେବେଳେ ସେମାନଙ୍କୁ ଆମନ୍ତ୍ରଣ କରାଯାଏ ତାହା ଭୋଜନ କରିବା ପାଇଁ । ଏହି ଉଦାହରଣ ଅନୁସାରେ ଯଜ୍ଞର ପ୍ରତୀକାତ୍ମକତା ଭିତରେ 'ଘୃତ' ଶବ୍ଦରେ 'ଆଲୋକ' ଯେ ଦ୍ୱିତୀୟାର୍ଥ ରୂପେ ନିହିତ ଏହା ସ୍ପଷ୍ଟ । 'ଚିନ୍ତା' କିଂବା ଚିନ୍ତାଭିବ୍ୟଞ୍ଜକ ପଦ ମଧ୍ୟ 'ଘୃତ'ର ଅର୍ଥ ସହ ତୁଳନା କରାଯାଇଛି, ଯଥା : ''ଧିୟମ୍ ଘୃତାଚୀମ୍'', ଅର୍ଥାତ୍ ଆଲୋକମୟୀ ଚିନ୍ତା ବା ଚିନ୍ତା-ଉଦ୍ରେକକାରୀ ଅବବୋଧ । ଗୋଟିଏ ଆଗ୍ରହଜନକ ସୂକ୍ତ ଏହି ପୁସ୍ତକରେ ଅନୂଦିତ ହୋଇଛି (ଋ : ୨.୩.୨), ସେଥିରେ ଅଗ୍ନିଙ୍କୁ ପୁରୋହିତ ଭାବେ ଆବାହନ କରାଯାଇଛି, ଯେଉଁ ଯଜ୍ଞରେ କି ଯଜମାନ ଘୃତବର୍ଷୀ ମାନସର ସହ ଆହୁତି ଆପ୍ଲାବିତ କରୁଛନ୍ତି ଏବଂ ଏହିପରି ଭାବେ ଆସ୍ଥାନ ଗୁଡ଼ିକ (''ସ୍ଥାନ ବା ସ୍ତରଗୁଡ଼ିକ'') ପ୍ରକଟିତ ହେଉଛି, ଅର୍ଥାତ୍ ତ୍ରି-ସ୍ୱର୍ଗ, ସ୍ୱର୍ଗର ତିନିସ୍ତର ଓ ପ୍ରତ୍ୟେକ ସ୍ତର ଦେବଗଣଙ୍କୁ ପ୍ରକଟ କରୁଛନ୍ତି ।[୨] କିନ୍ତୁ ଘୃତବର୍ଷୀ ମନ କ'ଣ, ଏବଂ ଜଣେ ପୁରୋହିତ ଘୃତବର୍ଷଣ ଦ୍ୱାରା ଦେବଗଣଙ୍କୁ ଓ ତ୍ରି-ସ୍ୱର୍ଗକୁ କିପରି ପ୍ରକଟ କରିପାରିବ ? କିନ୍ତୁ ଗୁହ୍ୟାର୍ଥକୁ ତଥା ଅନ୍ତର୍ଗତ ଭାବାର୍ଥକୁ ଯଦି ତୁମେ ସ୍ୱୀକାର କରିବ ତେବେ ଅର୍ଥ ସ୍ପଷ୍ଟ ହୋଇ ଉଠିବ । ଏଠାରେ ଋଷିଙ୍କର ଅର୍ଥ ହେଉଛି– ''ଆଲୋକବର୍ଷୀ ମନ'', ଆଲୋକ ପ୍ରାପ୍ତ ବା ଆଲୋକିତ ଏକ ମନର ଯେଉଁ ଶୁଦ୍ଧି, ତାହାରି ପ୍ରୟାସ; ଏଠାରେ ପୁରୋହିତ ମନୁଷ୍ୟ ନୁହନ୍ତି କିଂବା ଅଗ୍ନି ବାହ୍ୟ ଯଜ୍ଞର ଅଗ୍ନି ନୁହେଁ, କିନ୍ତୁ ସେ ହେଲେ ଅନ୍ତର୍ଗତ ଅଗ୍ନି, ଗୁହ୍ୟ ସତ୍ୟଦର୍ଶୀସଂକଳ୍ପ, କବିକ୍ରତୁ – ଏହି ପଦ୍ଧତିରେ ସେ ନିଶ୍ଚିତରୂପେ ଦେବଗଣଙ୍କୁ ଓ ଜଗତଗୁଡ଼ିକୁ ଓ ସତ୍ତାର ସକଳ ସ୍ତରକୁ ଅଭିବ୍ୟକ୍ତ କରିପାରନ୍ତି । ଋଷିଗଣ ଥିଲେ ସତ୍ୟଦ୍ରଷ୍ଟା ଓ ତପସ୍ୱୀ, ଏହା ଆମ ସ୍ମରଣରେ ରଖିବାକୁ ହେବ । ସୂକ୍ଷ୍ମଦୃଷ୍ଟି ଲାଭ କରିଥିବାରୁ ସେମାନେ ଧ୍ୟାନର ବିଷୟଗୁଡ଼ିକୁ ରୂପର ସହ ଦର୍ଶନ କରୁଥିଲେ, ବେଳେ ବେଳେ କୌଣସି ଅନୁଭୂତି ଲାଭ ପୂର୍ବରୁ ବା ଅନୁଭୂତି ସହିତ ପ୍ରତୀକାତ୍ମକ ରୂପଗୁଡ଼ିକୁ ଦର୍ଶନ କରି ସେଗୁଡ଼ିକର ଯେଉଁ ସୁନିର୍ଦ୍ଦିଷ୍ଟ ଚିତ୍ର ପ୍ରଦାନ କରୁଥିଲେ

ସେ 'ଜଳ' ଅର୍ଥ କରିଛନ୍ତି; ସେ ଭାବିଛନ୍ତି ବୋଧ ହୁଏ, ସ୍ୱର୍ଗର ଅଶ୍ୱମାନେ ଅତ୍ୟନ୍ତ କ୍ଳାନ୍ତ ହୋଇ-ପଡ଼ିବାରୁ ତାଙ୍କ ଦେହରୁ ଗମ୍ ଗମ୍ ସ୍ୱେଦଧାରା ଝରୁଛି ! କୌଣସି ପ୍ରକୃତିବାଦୀ ବ୍ୟାଖ୍ୟାକାର ଇନ୍ଦ୍ରଙ୍କୁ ଆକାଶର ଦେବତା ବୋଲି ଯୁକ୍ତି ଦର୍ଶାଇ କହିପାରନ୍ତି ଯେ ପ୍ରାଚୀନ କବିଙ୍କର ବିଶ୍ୱାସ ଥିଲା – ବୃଷ୍ଟି ହେଉଛି ଇନ୍ଦ୍ରଙ୍କ ଅଶ୍ୱର ଦେହରୁ ଝରିପଡୁଥିବା ସ୍ୱେଦବିନ୍ଦୁ ।

[୨] ଏହା ସାୟଣଙ୍କର ଅନୁବାଦ ଯାହାକି ଶବ୍ଦଗୁଡ଼ିକର ଆକ୍ଷରିକ ଅର୍ଥ ।



ସେଗୁଡ଼ିକ ହୁଏତ ଉଦ୍ଦିଷ୍ଟ ଥିଲା ଭାବୀ ପ୍ରତିଶ୍ରୁତି ନିମନ୍ତେ ବା ସେଗୁଡ଼ିକୁ କୌଣସି ସୂକ୍ଷ୍ମସ୍ୱରୂପ ଦେବା ନିମନ୍ତେ : ଏଣୁ ଶୋଧନକାରୀ ଆଲୋକ(ଘୃତ)ର ସ୍ରୋତ ଏବଂ ହୋତା-ପୁରୋହିତ ଉପଲବ୍ଧି ଆଣି ଦେଉଥିବା ଆତ୍ମଯଜ୍ଞରେ ଏହି ଘୃତକୁ ହବନ କରୁଛନ୍ତି, ଏହି ଆନ୍ତର ଅନୁଭୂତି ଓ ଏହା ସିଦ୍ଧ ହେବାର ପ୍ରତୀକାତ୍ମକ ରୂପ, ଉଭୟକୁ ଏକସଙ୍ଗେ ଦର୍ଶନ କରିବା ତାଙ୍କ ପକ୍ଷେ ନିତାନ୍ତ ସମ୍ଭବ । ପାଶ୍ଚାତ୍ୟ ମନକୁ ଏହା ଅଦ୍ଭୁତ ଲାଗିପାରେ, କିନ୍ତୁ ଭାରତୀୟ ପରମ୍ପରା ସହ ସୁସମ୍ପର୍କିତ କିଂବା ଧ୍ୟାନ ଓ ସୂକ୍ଷ୍ମ ଦର୍ଶନ ପାଇଁ ସମର୍ଥ ଭାରତୀୟ ମନ ନିକଟରେ ଏହା ପୂରାପୂରି ବୋଧଗମ୍ୟ । ସାଧାରଣତଃ ରହସ୍ୟବାଦୀମାନେ ପ୍ରତୀକବାଦୀ ଥିଲେ ଓ ରହିଛନ୍ତି, ସମସ୍ତ ସ୍ଥୂଳ ବସ୍ତୁକୁ ଓ ଘଟଣାକୁ ସେମାନେ ଆନ୍ତର ସତ୍ୟ ଓ ବାସ୍ତବତାର ପ୍ରତୀକ ରୂପେ ଦେଖି ପାରନ୍ତି, ଏପରିକି ସେମାନଙ୍କର ବାହ୍ୟ ସତ୍ତାଗୁଡ଼ିକୁ ଓ ସେମାନଙ୍କ ଜୀବନର ଓ ପରିବେଶର ସମସ୍ତ ବାହ୍ୟ ଘଟଣାକୁ ମଧ୍ୟ । ତାହାହିଁ ହୁଏତ ବସ୍ତୁ ଓ ତା'ର ପ୍ରତୀକ ସହିତ ଏକାତ୍ମ ହେବା କିଂବା ସମ୍ପର୍କିତ ହେବାରେ ସେମାନଙ୍କୁ ସାହାଯ୍ୟ କରିଥିବ ଏବଂ ତାହାହିଁ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଛି ।

ବେଦର ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଓ ପ୍ରତୀକ ସେମାନଙ୍କର ଅର୍ଥକୁ ସେହି ସମାନ ଧରଣର ବ୍ୟାଖ୍ୟା କରିବାକୁ ଆହ୍ୱାନ ଜଣାନ୍ତି । ଯଥା : ବୈଦିକ 'ଗୌଃ' ହୋଇଛି ଆଲୋକର ପ୍ରତୀକ, ସେହିପରି ବୈଦିକ 'ଅଶ୍ୱ' ଶକ୍ତି, ଆଧ୍ୟାତ୍ମିକ ବଳ, ତପଃଶକ୍ତି ଇତ୍ୟାଦିର ପ୍ରତୀକ । ଋଷି ଯେତେବେଳେ ଅଗ୍ନିଙ୍କୁ ''ଗୋ-ଅଗ୍ରାମ୍ ଅଶ୍ୱପେଶସଂ ରାତିମ୍'' (ଋ : ୨.୨.୩) ଅର୍ଥାତ୍ ''ଆଗରେ ଗାଈ ଥାଇ ଅଶ୍ୱ ଉପହାର'' ପାଇଁ ପ୍ରାର୍ଥନା କରୁଛନ୍ତି, ପ୍ରକୃତରେ ଆଗରେ ଗାଈମାନେ ଚାଲୁଥିବେ, ପଛରେ ଅଶ୍ୱମାନଙ୍କ ଦ୍ୱାରା ଗଠିତ ଏକ କଳେବର ଉପହାରକୁ ସେ ମାଗୁ ନାହାନ୍ତି, ସେ ପ୍ରାର୍ଥନା କରୁଛନ୍ତି ଏକ ମହାନ୍ ଆଧ୍ୟାତ୍ମିକ ଶକ୍ତି ଯାହାକି ଆଲୋକ ଦ୍ୱାରା ପରିଚାଳିତ କିଂବା, ଆମେ ଏହାକୁ ଏପରି ବି ଅନୁବାଦ କରିପାରୁ, ''ଶକ୍ତିର ସମ୍ମୁଖରେ ଗତି କରୁଥିବା ଆଲୋକରୂପିଣୀ ଧେନୁ ସହିତ''* । କିରଣପୁଞ୍ଜ (ଗୋରୁପଲ – ଆଲୋକମୟ ଗୋଧନ, ଗବ୍ୟମ୍) 'ପଣି'ମାନଙ୍କ କବଳରୁ ମୁକ୍ତ ହେବା କଥା ଯେପରି ଗୋଟିଏ ସୂକ୍ତ ବର୍ଣ୍ଣନା କରିଛି, ସେହିପରି ଅନ୍ୟଏକ ସୂକ୍ତ ଅଗ୍ନିଙ୍କୁ ପ୍ରାର୍ଥନା କରୁଛି ''ଅଶ୍ୱ୍ୟମ୍''– ପ୍ରାଚୁର୍ଯ୍ୟର ଏକ ବୃହତ୍ ପରିମାଣ ବା ଅଶ୍ୱର ଶକ୍ତି । ଆହୁରି ମଧ୍ୟ ଋଷି ନିଜର ଅନୁଚର ଭାବେ ବୀର ବା ଯୋଦ୍ଧାମାନଙ୍କୁ ପାଇବାକୁ ପ୍ରାର୍ଥନା କରୁଛନ୍ତି, କେତେବେଳେ ପୁଣି ସାରଗର୍ଭକ ଭାଷାରେ ଓ କୌଣସି ପ୍ରତୀକ ବିନା ପ୍ରାର୍ଥନା କରୁଛନ୍ତି ପୂର୍ଣ୍ଣ ବୀରତ୍ୱର ଶକ୍ତି, ''ସୁବୀର୍ଯ୍ୟମ୍''; ବେଳେ ବେଳେ ପ୍ରତୀକ

* ଆର୍ଯ୍ୟମାନେ ଅର୍ଥାତ୍ ବିଶିଷ୍ଟ ମାନବମାନେ ''ଜ୍ୟୋତିରଗ୍ରାଃ'' ଅର୍ଥାତ୍ ''ଜ୍ୟୋତି ଦ୍ୱାରା ପରିଚାଳିତ'' ବୋଲି ଯେଉଁ ବର୍ଣ୍ଣନା ରହିଛି ତା'ସହ ଏହା ତୁଳନୀୟ ।

ଓ ବସ୍ତୁ ଉଭୟଙ୍କୁ ଯୁକ୍ତ କରୁଛନ୍ତି । ଆହୁରି ମଧ୍ୟ ଋଷିମାନେ ସମ୍ପଦର ଏକ ଉପାଦାନ ରୂପେ ସନ୍ତାନ ବା ସନ୍ତାନଗଣଙ୍କୁ – 'ଅପତ୍ୟମ୍'– ପାଇବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି । କିନ୍ତୁ ଏଠାରେ ମଧ୍ୟ ଏକ ରହସ୍ୟବ୍ୟଞ୍ଜକ ଅର୍ଥ ଥିବାର ଲକ୍ଷ୍ୟ କରାଯାଏ, କାରଣ କେତେକ ନିର୍ଦ୍ଦିଷ୍ଟ ଅନୁଚ୍ଛେଦର ବର୍ଣ୍ଣନା ଅନୁସାରେ ଆମଠାରୁ ସନ୍ତାନ ଜାତ ହେବା ଅର୍ଥ କୌଣସି ଆନ୍ତର ଉତ୍ପତ୍ତିର ଧାରଣା ସ୍ପଷ୍ଟ ହୋଇଯାଏ, ଯଥା : ଅଗ୍ନି ସ୍ୱୟଂ ଆମର ପୁତ୍ର, ଆମର କର୍ମଗୁଡ଼ିକର ଶିଶୁ, ବୈଶ୍ୱାନର ରୂପେ ଏହି ଶିଶୁ ହେଉଛନ୍ତି ତାଙ୍କର ପିତୃଗଣଙ୍କର ପିତା, ଏବଂ ସୁ-ଅପତ୍ୟଯୁକ୍ତ ବସ୍ତୁଗୁଡ଼ିକ ଉପରେ ପାଦ ରଖି ଆମେ ସତ୍ୟର ଉଚ୍ଚତର ଜଗତ ଦିଗରେ ପଥ ନିର୍ମାଣ କରୁ, ଇତ୍ୟାଦି । ପୁଣି ବେଦରେ 'ଆପଃ' (ଜଳ) ଏକ ପ୍ରତୀକ ରୂପେ ବ୍ୟବହୃତ । ବେଦର ଉକ୍ତି : 'ସଲିଲମ୍ ଅପ୍ରକେତମ୍' ଅର୍ଥାତ୍ ନିଶ୍ଚେତନାର ସାଗର, ଯାହା ମଧ୍ୟରେ ପରମ ପୁରୁଷ ମଗ୍ନ ହୋଇଛନ୍ତି ଏବଂ ତାହାରି ମଧ୍ୟରୁ ସେ ନିଜର ମହିମାଜାଳ ସହିତ ଜନ୍ମ ନେଉଛନ୍ତି; ଏହା ମଧ୍ୟ 'ମହୋ ଅର୍ଣ୍ଣଃ' ମହଃ-ସାଗରର କଥା କହେ ଅର୍ଥାତ୍ ପରଜଗତର ଜଳରାଶି, ଯଥା : ଗୋଟିଏ ସୂକ୍ତ କହେ ''ପ୍ରଚେତୟନ୍ତୀ କେତୁନା'' ଅର୍ଥାତ୍ ସରସ୍ୱତୀ ତାଙ୍କର ସଂବୋଧିର ଆଲୋକରେଖା ଦ୍ୱାରା ଆମ ପାଇଁ ଚେତନା ନିର୍ମାଣ କରୁଛନ୍ତି କିଂବା ଆମକୁ ସଚେତନ କରାଉଛନ୍ତି । ସପ୍ତନଦୀ କହିଲେ ଉତ୍ତର ଭାରତର ସପ୍ତସିନ୍ଧୁ ବୋଲି ମନେ ହୁଏ, କିନ୍ତୁ ବେଦ କହେ ଏମାନେ ହେଉଛନ୍ତି ମହଃ-ସ୍ୱର୍ଗର ସପ୍ତସାଗର ଯେଉଁମାନେ ମହାସ୍ୱର୍ଗରୁ ନିମ୍ନକୁ ଝରିପଡୁଛନ୍ତି; ସେମାନେ ଜ୍ଞାନର ଜଳରାଶି, ଋତଜ୍ଞା – ସେମାନେ ଉନ୍ମୋଚିତ ହୋଇଗଲେ ଆମ ପାଇଁ ମହାସ୍ୱର୍ଗ ଦିଗରେ ପଥ ଆବିଷ୍କାର କରିଦିଅନ୍ତି । ଆହୁରି ମଧ୍ୟ, ଋଷି ପରାଶର 'ଜ୍ଞାନ' ଓ 'ବିଶ୍ୱପ୍ରାଣ' : 'ଅପାଂ ସଦନେ' ଅର୍ଥାତ୍ 'ସଲିଳର ସଦନରେ' ପ୍ରଭୃତି ଉକ୍ତି ଦେଇଛନ୍ତି । ବୃତ୍ରକୁ ହତ୍ୟା କରି ଇନ୍ଦ୍ର ଜଳବୃଷ୍ଟି କଲେ, କିନ୍ତୁ ଏହା ମଧ୍ୟ ଦ୍ୟୁଲୋକର ବୃଷ୍ଟି ଯାହାକି ସପ୍ତନଦୀକୁ ପ୍ରବହମାନା କରିଥାଏ । ବେଦର ବହୁ ଅଂଶରେ ଦେଖିବାକୁ ମିଳୁଥିବା ଏହି ଜଳମୁକ୍ତିର ଆଖ୍ୟାନକ ଏହିପରି ପ୍ରତୀକାତ୍ମକ ବ୍ୟଞ୍ଜନାକୁ ବହନ କରିଛି । ଏଥିସହ ଆବିଷ୍କାର ଓ ପୁନରୁଦ୍ଧାରର ଏକ ପ୍ରତୀକାତ୍ମକ ଆଖ୍ୟାନକ ଆସୁଛି, ପର୍ବତସ୍ଥ ଅନ୍ଧକାରମୟ ଗୁହା ମଧ୍ୟରୁ ଦେବଗଣ ବା ଅଙ୍ଗିରସ୍ ଋଷିଗଣଙ୍କ ଦ୍ୱାରା ସୂର୍ଯ୍ୟଙ୍କୁ ଆବିଷ୍କାର କରି ମୁକ୍ତି ଦେବା, ସୂର୍ଯ୍ୟଙ୍କର ଧେନୁଗଣଙ୍କୁ ବା ଗୋଧନକୁ ବା ସୌରଜଗତକୁ – ସ୍ୱର୍‌କୁ – ପୁନରୁଦ୍ଧାର କରିବା ଇତ୍ୟାଦି । ସୂର୍ଯ୍ୟରୂପୀ ପ୍ରତୀକଟି ସବୁବେଳେ ଉଚ୍ଚତର ଆଲୋକ ଓ ଦିବ୍ୟସତ୍ୟ ସହ ସମ୍ପର୍କିତ : ଏକ ନିମ୍ନତର ସତ୍ୟ ଦ୍ୱାରା ସମାବୃତ ସତ୍ୟ ମଧ୍ୟରେ ସୂର୍ଯ୍ୟଙ୍କର ଅଶ୍ୱମାନଙ୍କୁ ମୁକ୍ତ କରିଦିଆଯାଏ, ଆମର ଚିତ୍ତବୃତ୍ତିକୁ ସତ୍ୟାଭିମୁଖେ ପ୍ରଚୋଦିତ କରିବା ପାଇଁ ପ୍ରସିଦ୍ଧ ଗାୟତ୍ରୀ ମନ୍ତ୍ରରେ ସର୍ବୋତ୍ତମ



ଜ୍ୟୋତିଷ୍ମାନ୍ ସୂର୍ଯ୍ୟ(ସବିତା)ଙ୍କୁ ଆବାହନ କରାଯାଇଛି । ସେହିପରି, ବେଦରେ ଶତ୍ରୁମାନଙ୍କୁ 'ଦସ୍ୟୁ' ବୋଲି କୁହାଯାଇଛି, ସେମାନେ ଗାଈମାନଙ୍କୁ ଚୋରି କରନ୍ତି – ଅଥବା 'ବୃତ୍ରଗଣ'ଙ୍କୁ ସାଧାରଣ ଟୀକାକାରମାନେ ଆକ୍ଷରିକ ଭାବେ ମାନବୀୟ ଶତ୍ରୁ ଅର୍ଥରେ ଗ୍ରହଣ କରିଛନ୍ତି, କିନ୍ତୁ ବୃତ୍ର ହେଉଛି ଗୋଟିଏ ରାକ୍ଷସ, ସେ ଆଲୋକ ଓ ଜଳରାଶିକୁ ଆବୃତ କରିଦିଏ ଓ ବାନ୍ଧି ରଖେ ଏବଂ ବୃତ୍ରଗଣ ହେଉଛନ୍ତି ତା'ର କାର୍ଯ୍ୟସମ୍ପାଦନକାରୀ ସୈନ୍ୟଗଣ । ଦସ୍ୟୁଗଣ ବା ଧ୍ୱଂସକାରୀଗଣ ହେଉଛନ୍ତି ଅନ୍ଧକାରର ସେନା, ଆଲୋକ ବା ସତ୍ୟର ସନ୍ଧାନୀଙ୍କ ପାଇଁ ସେମାନେ ବିରୁଦ୍ଧାଚାରୀ । ଏହିସବୁ ବର୍ଣ୍ଣନା ଭିତରେ ସବୁବେଳେ ସୂଚନାମାନ ମିଳେ ଯେ ଆମକୁ ବାହ୍ୟ ତଥା ବହିର୍ମୁଖୀନତାରୁ ଏକ ଆନ୍ତର ତଥା ଅନ୍ତର୍ମୁଖୀନ ଜ୍ଞାନ ଦିଗରେ ନେଇଚାଲ ।

ସୂର୍ଯ୍ୟଙ୍କର ପ୍ରତୀକ ସମ୍ବନ୍ଧରେ ପଞ୍ଚମ ମଣ୍ଡଳସ୍ଥ ସୂକ୍ତଟିରେ ଗୋଟିଏ ବିଚାର୍ଯ୍ୟ ତଥା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମନ୍ତ୍ର ରହିଛି ଯାହା ଏଠାରେ ଉଲ୍ଲେଖଯୋଗ୍ୟ । କାରଣ, ଏହା ଯେ କେବଳ ବୈଦିକ କବିମାନଙ୍କର ଗଭୀର ରହସ୍ୟାତ୍ମକ ଗୁହ୍ୟବାଦିତାର ପରିଚୟ ଦିଏ ତାହା ନୁହେଁ ବରଂ ଉପନିଷଦର ରଚୟିତାମାନେ କିପରି ଋଗ୍‌ବେଦକୁ ହୃଦୟଙ୍ଗମ କରିଥିଲେ ତାହାକୁ ମଧ୍ୟ ସୂଚିତ କରେ ଏବଂ ସେମାନଙ୍କର ପୂର୍ବତନ ଅଗ୍ରଣୀମାନଙ୍କର ଅନ୍ତଃପ୍ରେରିତ ଜ୍ଞାନରେ ଉପନିଷଦର ଋଷିମାନଙ୍କ ବିଶ୍ୱାସକୁ ପ୍ରମାଣସିଦ୍ଧ କରେ । ଯଥା : ''ସତ୍ୟ ଦ୍ୱାରା ଆବୃତ ସତ୍ୟ ଏକ ରହିଛି ଯେଉଁଠି ସେମାନେ ସୂର୍ଯ୍ୟଙ୍କର ଅଶ୍ୱଗୁଡ଼ିକୁ ରଥମୁକ୍ତ କରିଦେଉଛନ୍ତି; ଦଶ ଶହ ଏକତ୍ର ଦଣ୍ଡାୟମାନ, ସେଠାରେ କିନ୍ତୁ ସେ ଏକ[୧] ଦେହଧାରୀ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠଙ୍କୁ (ମହତ୍ତମଙ୍କୁ, ଉଜ୍ଜ୍ୱଳତମଙ୍କୁ) ମୁଁ ଦେଖିଲି[୨] ।'' ତା'ପରେ ଲକ୍ଷ୍ୟ କରନ୍ତୁ, ଉପନିଷଦୀୟ ଋଷି ଏହି କେନ୍ଦ୍ରୀୟ ପ୍ରତୀକକୁ ବା ଗୁହ୍ୟ ଅନୁଭୂତିକୁ ତାଙ୍କ ନିଜ ପରବର୍ତ୍ତୀ ରଚନା-ଶୈଳୀରେ କିପରି ଅନୁସରଣ କରିଛନ୍ତି : ସୂର୍ଯ୍ୟଙ୍କୁ କେନ୍ଦ୍ର କରି ରହିଥିବା ପ୍ରତୀକଟି ସେମିତି ରହିଛି, କିନ୍ତୁ ତା'ର ଅର୍ଥକୁ ଗୁପ୍ତ ରଖାଯାଇ ନାହିଁ । ଉପନିଷଦର ଅନୁଚ୍ଛେଦଟି ଏହିପରି – ''ସତ୍ୟର ମୁଖ ସୁବର୍ଣ୍ଣର ଘୋଡ଼ଣୀରେ ଅବଗୁଣ୍ଠିତ ହୋଇ ରହିଛି । ହେ ପୂଷନ୍, ସତ୍ୟଧର୍ମକୁ ଦର୍ଶନ କରିବା ନିମନ୍ତେ[୩] ତୁମେ ତାକୁ ଅପସାରିତ କର । ହେ ପୂଷନ୍ (ପାଳକ), ଏକମାତ୍ର ଋଷି, ହେ

---

[୧] ଅଥବା, ସେହି (ପରମ ସତ୍ୟ) ହେଉଛି ଏକ;

[୨] ଏହାର ଅନ୍ୟ ଏକ ଅର୍ଥ ହୋଇପାରେ : ଦେବତାମାନଙ୍କ ଅବୟବ ଗୁଡ଼ିକ ମଧ୍ୟରେ ଶ୍ରେଷ୍ଠଙ୍କୁ (ମହତ୍ତମଙ୍କୁ, ଉଜ୍ଜ୍ୱଳତମନଙ୍କୁ) ମୁଁ ଦର୍ଶନ କରିଛି । –
''...ଦେବାନାଂ ଶ୍ରେଷ୍ଠଂ ବପୁଷାମପଶ୍ୟମ୍ ।।' (ଋ. ୫. ୬୨. ୧)

[୩] ଅଥବା, ସତ୍ୟର ଧର୍ମ ପାଇଁ, ଦୃଷ୍ଟି ଲାଭ ପାଇଁ ।

ଯମ, ହେ ସୂର୍ଯ୍ୟ, ହେ ପ୍ରଜାପତି-ସୁତ ! ତୁମର ରଶ୍ମିକୁ ବ୍ୟବସ୍ଥିତ କର ଏବଂ ଏକତ୍ର କର; ମୁଁ ତୁମର ସୁନ୍ଦରତମ (କଲ୍ୟାଣତମ) ରୂପକୁ ଦର୍ଶନ କରୁଛି; ଏହି ଯେ ପୁରୁଷ ସେ ହେଉଛି ମୁଁ ।''[୧] ଏହି ସୁବର୍ଣ୍ଣ-ଘୋଡ଼ଣୀ (ହିରଣ୍ମୟେନ ପାତ୍ରେଣ) ହେଉଛି ବେଦମନ୍ତ୍ରରେ କଥିତ ସେହି ଲଘୀୟାନ୍ ତଥା ଆବୃତକାରୀ ସତ୍ୟ, 'ଋତମ୍' (ଋତେନ ଋତମ୍); ''ଦେବତାମାନଙ୍କର ଶ୍ରେଷ୍ଠ ଶରୀରକୁ'' (ଦେବାନାଂ ଶ୍ରେଷ୍ଠଂ ବପୁଷାମ୍) ଉକ୍ତିଟି ସୂର୍ଯ୍ୟଙ୍କର ସୁନ୍ଦରତମ ରୂପ (ରୂପଂ ଯତ୍ତେ କଲ୍ୟାଣତମମ୍)ର ପର୍ଯ୍ୟାୟବାଚୀ; ଏହା ହେଉଛି ପର ଜ୍ୟୋତି ଯେକି ଅନ୍ୟ ଆଲୋକ ଅପେକ୍ଷା ଭିନ୍ନ ଓ ମହତ୍ତର; ଉପନିଷଦର ପ୍ରସିଦ୍ଧ ମହାବାକ୍ୟ : 'ମୁଁ ହେଉଛି ସେ' (ସୋଽହମସ୍ମି), ଋଗ୍‌ବେଦର 'ତଦେକମ୍' ବାକ୍ୟଟି ସହିତ ସମ୍ପର୍କିତ; ''ଦଶ ଶତ ଏକତ୍ର ଦଣ୍ଡାୟମାନ'' (ସାୟଣ କହନ୍ତି – ଏହା ହେଉଛି ସୂର୍ଯ୍ୟଙ୍କର କିରଣରାଜି – ବାସ୍ତବରେ ଏହାହିଁ ପ୍ରକୃତ ଅର୍ଥ) ବାକ୍ୟଟି ସୂର୍ଯ୍ୟଙ୍କର ପ୍ରାର୍ଥନାରେ ''ତୁମର ରଶ୍ମିକୁ ବ୍ୟବସ୍ଥାପିତ କର ଏବଂ ସଂହତ କର''ର ରୂପ ନେଇଛି, ଯାହାଫଳରେ ପରମ ସ୍ୱରୂପଟି ଦେଖାଦେବ । ବେଦରେ ଅନବରତ ଓ ଉପନିଷଦରେ ପୁନଃ ପୁନଃ ଯେପରି ସୂର୍ଯ୍ୟଙ୍କର ଅବତାରଣା କରାଯାଇଛି, ଉପରୋକ୍ତ ଉଭୟ ଅନୁଚ୍ଛେଦରେ ସୂର୍ଯ୍ୟ ହେଉଛନ୍ତି ପରମ ସତ୍ୟ ଓ ପରମ ଜ୍ଞାନର ଦେବତା ଏବଂ ତାଙ୍କର କିରଣରାଜି ହେଉଛନ୍ତି ସେହି ପରମ ସତ୍ୟ ଓ ଜ୍ଞାନରୁ ଉତ୍ସାରିତ ଜ୍ୟୋତି । ଏହି ଉଦାହରଣରୁ ତଥା, ଆହୁରି ମଧ୍ୟ ଅନେକ ଉଦାହରଣ ରହିଛି, ସେଥିରୁ ଏହା ସ୍ପଷ୍ଟ ଯେ ପ୍ରାଚୀନ ବେଦର ଅର୍ଥ-ଅବଧାରଣାରେ ମଧ୍ୟବର୍ତ୍ତୀ କାଳର କର୍ମକାଣ୍ଡୀୟ ଟୀକାକାରମାନଙ୍କର ବିପୁଳ ଶିକ୍ଷା ଅପେକ୍ଷା ଉପନିଷଦୀୟ ଋଷିମାନଙ୍କର ବୋଧଶକ୍ତି ଥିଲା ଅଧିକ ସତ୍ୟ, ଏପରିକି ଆଧୁନିକ ତଥା ଏକେବାରେ ଭିନ୍ନ ମତଧାରୀ ୟୁରୋପୀୟ ପଣ୍ଡିତମାନଙ୍କଠାରୁ ମଧ୍ୟ ଅଧିକତର ସତ୍ୟ ।

ଆମେ ଯଦି ଅନ୍ତର୍ନିହିତ ବା ରହସ୍ୟାବୃତ ଅର୍ଥକୁ ପାଇବାକୁ ଚାହୁଁ ତେବେ ସେଥିରେ କେତେକ ମନସ୍ତାତ୍ତ୍ୱିକ ସୂତ୍ର ରହିଛି ଯେଉଁଗୁଡ଼ିକୁ ସେମାନଙ୍କର ପ୍ରକୃତ ଅର୍ଥର ସହ ବୁଝିବାକୁ ହେବ । 'ଋତମ୍' ବ୍ୟତୀତ 'ଧୀ' ଶବ୍ଦଟିର ଅର୍ଥକୁ ମଧ୍ୟ ଗ୍ରହଣ କରିବାକୁ ହେବ, କାରଣ, ସୂକ୍ତଗୁଡ଼ିକରେ ଏହାର ବହୁଳ ବ୍ୟବହାର ରହିଛି । ପରେ ସୃଷ୍ଟି ହୋଇଥିବା 'ବୁଦ୍ଧି' ଶବ୍ଦ ସହିତ 'ଧୀ'ର ଧାତୁଗତ ସମ୍ପର୍କ ରହିଛି; ଚିନ୍ତା, ବୋଧଶକ୍ତି, ବୈଚାରିକ ଗାମ୍ଭୀର୍ଯ୍ୟ

[୧] ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ । ତତ୍ତେ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ॥
ପୂଷନ୍ନେକର୍ଷେ ଯମ ସୂର୍ଯ୍ୟ ପ୍ରାଜାପତ୍ୟ ବ୍ୟୂହ ରଶ୍ମୀନ୍ ସମୂହ ।
ତେଜୋ ଯତ୍ ତେ ରୂପଂ କଲ୍ୟାଣତମଂ ତତ୍ତେ ପଶ୍ୟାମି ଯୋଽସାବସୌ ପୁରୁଷଃ
ସୋଽହମସ୍ମି ॥ (ଈଶୋପନିଷଦ୍)



ପ୍ରଭୃତି ହେଉଛି ଏହାର ଅର୍ଥ – ବହୁବଚନରେ 'ଧିୟଃ'ର ଅର୍ଥ ଚିନ୍ତାରାଜି । ସାଧାରଣ ଟୀକାରେ ଏହାର ନାନା ପ୍ରକାର ଅର୍ଥ କରାଯାଇଛି; ଯଥା– 'ଜଳ', 'କର୍ମ', 'ଯଜ୍ଞ', 'ଅନ୍ନ' ଇତ୍ୟାଦି ସହ 'ଚିନ୍ତା' ମଧ୍ୟ । ଆମର ଗବେଷଣାରେ ଏହାର ସାଧାରଣ ଓ ପ୍ରକୃତ ଅର୍ଥ(ଚିନ୍ତା)କୁ ଗ୍ରହଣ କରିବା ଏବଂ ଦେଖିବା ଏହାର ଫଳ କ'ଣ ହେଉଛି । ''କେତୁ'' ଶବ୍ଦଟିର ଅତ୍ୟନ୍ତ ସାଧାରଣ ଅର୍ଥ ହେଉଛି ''କିରଣ'' । କିନ୍ତୁ ଏହା ମଧ୍ୟ ବୁଦ୍ଧି, ବିଚାର ବା ପାଣ୍ଡିତ୍ୟପୂର୍ଣ୍ଣ ଦୃଷ୍ଟିକୋଣ ପ୍ରଭୃତି ଅର୍ଥ ବହନ କରେ । ଏହି ଶବ୍ଦଟିର ପ୍ରୟୋଗ ହୋଇଥିବା ବୈଦିକ ସୂକ୍ତଗୁଡ଼ିକୁ ନେଇ ଆମେ ଯଦି ତୁଳନା କରୁ ତେବେ ଏହି ସିଦ୍ଧାନ୍ତରେ ଆସି ଉପନୀତ ହେବୁ ଯେ ଏହାର ଅର୍ଥ ହେଉଛି ବୋଧିଜ୍ଞାନ ଅଥବା ସଂବୋଧି ଜ୍ଞାନର ଏକ ଆଲୋକରେଖା । ଯଥା : କେତୁନା – 'ବୋଧିର କିରଣ ଦ୍ୱାରା' ସେହି ସରସ୍ୱତୀ ଆମକୁ ମହାସିନ୍ଧୁ ବିଷୟରେ ସଚେତନ କରାଉଛନ୍ତି । ସମ୍ଭବତଃ ତାହାହିଁ 'କିରଣରାଜି'ର ଠିକ୍ ଅର୍ଥ । ଊର୍ଦ୍ଧ୍ୱସ୍ଥ ପରମ ଉତ୍ସରୁ ଏମାନେ ଅଧଃ ଦିଗରେ ପ୍ରେରିତ ହୋଇଛନ୍ତି । ଏମାନେ ହେଉଛନ୍ତି ଜ୍ଞାନର ସମ୍ବୋଧକ ତଥା ସତ୍ୟ ଓ ଆଲୋକର ସୂର୍ଯ୍ୟଙ୍କର ଅଂଶୁଗଣ । 'କ୍ରତୁ' ଶବ୍ଦଟିର ସାଧାରଣ ଅର୍ଥ କର୍ମ ବା ଯଜ୍ଞ । କିନ୍ତୁ ଏହା ମଧ୍ୟ ବୁଦ୍ଧି ଓ ଶକ୍ତି ଅର୍ଥ ବୁଝାଇପାରେ ଅଥବା ସ୍ଥିରସଂକଳ୍ପ ବିଶେଷତଃ ବିଚାରସାମର୍ଥ୍ୟକୁ ବୁଝାଏ ଯାହା କର୍ମର ଫଳାଫଳ ନିର୍ଣ୍ଣୟ କରେ ଅର୍ଥାତ୍ 'ସଂକଳ୍ପ' । ବେଦର ରହସ୍ୟାର୍ଥକୁ ବ୍ୟୁତ୍ପତ୍ତି କରିବା ବେଳେ ଆମେ ଏହି ଶେଷ ଅର୍ଥଟିକୁ ନେଇ ଏହାର ବ୍ୟାଖ୍ୟା କରିପାରିବା : ଅଗ୍ନି ହେଉଛନ୍ତି 'କବିକ୍ରତୁ'– ଦ୍ରଷ୍ଟୃସଂକଳ୍ପ, ସେ ହେଉଛନ୍ତି 'କ୍ରତୁର୍ହୃଦି'– ହୃଦୟସ୍ଥ ସଂକଳ୍ପ । ଶେଷରେ ଆସୁଛି 'ଶ୍ରବସ୍' ଶବ୍ଦଟି, ଯାହାକି 'କୀର୍ତ୍ତି' ଅର୍ଥ ବହନ କରି ବେଦରେ ଅନବରତ ବ୍ୟବହୃତ ହୋଇଛି । ଟୀକାକାରମାନେ ମଧ୍ୟ 'ଅନ୍ନ' ଅର୍ଥରେ ଏହାକୁ ଗ୍ରହଣ କରିଛନ୍ତି । କିନ୍ତୁ ଏହି ଅର୍ଥଦ୍ୱୟ ସବୁ ସ୍ଥାନରେ ସଂଗତ ହୋଇପାରିବ ନାହିଁ ଏବଂ ଏତଦ୍ୱାରା ଅତି ସାଧାରଣତଃ ଏହା ସକଳ ଆଶୟ ଓ ଯଥାର୍ଥ ଶକ୍ତିରୁ ବଞ୍ଚିତ ହୁଏ । କିନ୍ତୁ 'ଶ୍ରବସ୍' ଶ୍ରୁ-ଧାତୁରୁ ନିଷ୍ପନ୍ନ ହୋଇଛି; ଶ୍ରୁ - ଶ୍ରବଣେ, ଏବଂ ଶ୍ରବଣେନ୍ଦ୍ରିୟ ବା ସ୍ତୋତ୍ର ବା ପ୍ରାର୍ଥନା ଅର୍ଥରେ ଏହାର ବ୍ୟବହାର ହୋଇଛି – ଏହି ଅର୍ଥକୁ ସାୟଣ ମଧ୍ୟ ଗ୍ରହଣ କରିଛନ୍ତି । ଏହି ବ୍ୟୁତ୍ପତ୍ତିରୁ ଆସୁଛି 'ଶ୍ରୁତ' (ଯାହା ଶୁଣାହୋଇଛି) କିଂବା ଏହି ଅନ୍ତଃଶ୍ରବଣରୁ ନିଷ୍ପନ୍ନ ହୋଇ ଯେଉଁ ଜ୍ଞାନ ଆମ ପାଖକୁ ଆସିଥାଏ – ଏହି ଅର୍ଥକୁ ମଧ୍ୟ ଆମେ ଅନୁମାନ କରିପାରୁ । ଋଷିଗଣ ନିଜକୁ 'ସତ୍ୟଶ୍ରୁତଃ' (ଋ. ୫. ୫୮. ୮) ବୋଲି ଅଭିହିତ କରନ୍ତି ଅର୍ଥାତ୍ ସେମାନେ ସତ୍ୟଶ୍ରୋତା ଏବଂ ଏହି ଶ୍ରବଣଜନ୍ୟ ଜ୍ଞାନ ହେଉଛି 'ଶ୍ରୁତି' । ଏହି ଆତ୍ମପ୍ରେରଣା ବା ଅନ୍ତଃପ୍ରେରିତ ଜ୍ଞାନ ରୂପକ ଅର୍ଥହିଁ 'ଶ୍ରୁତି'ର ବୈଦିକ ଗୂଢ଼ାର୍ଥ ଏବଂ ଏହି ଅର୍ଥରେ ଏହା ସଂପୂର୍ଣ୍ଣ ଭାବେ ଯଥାର୍ଥ; ଯଥା : ଋଷି ଯଦି ବହୁବଚନରେ ''ଶ୍ରବାଂସି'' କହୁଛନ୍ତି ତେବେ ତା'ର ଅର୍ଥ

ହେଉଛି ଯାହା ଊର୍ଦ୍ଧ୍ୱରୁ ଓ ଅଧଃରୁ ଆନୀତ । ସେହି ଦୃଷ୍ଟିରୁ 'ଅନ୍ନ' ବା 'ଯଶ' ଅର୍ଥ ଏଠାରେ ଅପ୍ରଯୋଜ୍ୟ । ତଥାଚ ଯଦି ସେ ଅନ୍ତଃପ୍ରେରଣା ଅର୍ଥରେ କହୁଥାନ୍ତି ତେବେ ଏହା ସଂପୂର୍ଣ୍ଣ ସଂଗତ ଓ ତାତ୍ପର୍ଯ୍ୟପୂର୍ଣ୍ଣ, କାରଣ, ଏହା ଊର୍ଦ୍ଧ୍ୱର ପରମ ସତ୍ୟ ଦିଗରେ ଉତ୍ତୋଳିତ ହୋଇଥାଏ କିଂବା ଆମ ନିକଟକୁ ସତ୍ୟକୁ ଅବତରଣ କରି ଆଣିଥାଏ । ଏହି ପଦ୍ଧତିକୁ ଆମେ ସବୁକ୍ଷେତ୍ରରେ ପ୍ରଯୋଗ କରିପାରିବା । ଏଠାରେ କିନ୍ତୁ ଏ ବିଷୟରେ ଏତିକି ବ୍ୟତୀତ ଆମେ ଅଧିକ ଅନୁଶୀଳନ କରିପାରୁ ନାହୁଁ । ଏହି ମୁଖବନ୍ଧର ସଂକ୍ଷିପ୍ତ ସୀମା ଭିତରେ ଏହି ସାମାନ୍ୟ ସୂଚନାଗୁଡ଼ିକ ଯଥେଷ୍ଟ ହେବ; ବେଦାର୍ଥର ଜିଜ୍ଞାସୁ ପାଠକମାନଙ୍କର ଗୁହ୍ୟାର୍ଥ ପ୍ରତିପତ୍ତିର ଧାରାରେ ପ୍ରବେଶ ପାଇଁ ପ୍ରାରମ୍ଭିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିବା ଉଦ୍ଦେଶ୍ୟରେ ଏଗୁଡ଼ିକର ଆଲୋଚନା କରାଗଲା ।

କିନ୍ତୁ, ତା'ହେଲେ, ଅର୍ଥବୋଧର ଏହି ପଦ୍ଧତି ଦ୍ୱାରା ବେଦର କେଉଁ ରହସ୍ୟାର୍ଥ ବା ଅନ୍ତର୍ଗୂଢ଼ାର୍ଥ ପ୍ରକାଶ ପାଏ ? ସକଳ କ୍ଷେତ୍ରରେ ରହସ୍ୟବାଦୀମାନଙ୍କର ଅନୁସନ୍ଧିତ୍ସାର ଶୈଳୀ ଯେପରି ହୋଇଥାଏ, ଏଠାରେ ମଧ୍ୟ ସେହିପରି, ଏହା ଆମେ ଆଶା କରିପାରିବା । ଭାରତୀୟ ସଂସ୍କୃତିର କ୍ରମ-ପରିଣାମ ଧାରାରୁ ଯେପରି ଆମେ ଆଶା କରିଥାଉ ସେହିପରି ଏହା ମଧ୍ୟ ଆଧ୍ୟାତ୍ମିକ ସତ୍ୟର ଏକ ଆଦି ରୂପ ଯାହାକି ଉପନିଷଦ ମଧ୍ୟରେ ପରାକାଷ୍ଠା ଲାଭ କରିଛି; ବେଦର ଗୂଢ଼ଜ୍ଞାନରୂପକ ବୀଜହିଁ ପରେ ବେଦାନ୍ତ ରୂପରେ ପଲ୍ଲବିତ ହୋଇଛି । ସତ୍ୟ, ଆଲୋକ, ଅମରତ୍ୱର ଅନୁସନ୍ଧାନ ନିମନ୍ତେ ସମଗ୍ର ଚିନ୍ତା ସଂକେନ୍ଦ୍ରିତ ହୋଇଛି । ବାହ୍ୟ ଜୀବନର ସତ୍ୟ ଅପେକ୍ଷା ଗଭୀରତର ଓ ଉଚ୍ଚତର 'ସତ୍ୟ' ଏକ ରହିଛି, ମାନବ ବୁଦ୍ଧିର ଆଲୋକ ଅପେକ୍ଷା ମହତ୍ତର ଓ ଉଚ୍ଚତର ଏକ ଆଲୋକ ରହିଛି ଯାହାକି ଐଶୋନ୍ମେଷ ଓ ଅନ୍ତଃପ୍ରେରଣା ଦ୍ୱାରା ଲାଭ ହୋଇଥାଏ; ଅମରତ୍ୱ ରହିଛି ଯାହା ଦିଗରେ ବ୍ୟକ୍ତି-ଆତ୍ମାକୁ ଉନ୍ନୀତ ହେବାକୁ ହେବ । ଏହି ସତ୍ୟ ଓ ଅମରତ୍ୱର ସ୍ପର୍ଶ ପାଇଁ, **'ସପନ୍ତ ଋତମ୍ ଅମୃତମ୍'** [୧], ପରମ ସତ୍ୟ ମଧ୍ୟରେ ଜନ୍ମଲାଭ ପାଇଁ, ଏହି ସତ୍ୟରେ ବିକଶି ଉଠିବା ପାଇଁ ଓ ସତ୍ୟରେ ବାସ କରିବା ପାଇଁ ଆମକୁ ଆମ ପଥ ଆବିଷ୍କାର କରିବାକୁ ହେବ । ତାହା କରିବାକୁ ହେଲେ ଆମକୁ ପରମପ୍ରଭୁଙ୍କ ସହ ଏକତ୍ୱ ଲାଭ କରିବାକୁ ହେବ ଓ ମୃତ୍ୟୁକୁ ଅତିକ୍ରମ କରି ଅମରତ୍ୱରେ ଉପନୀତ ହେବାକୁ ହେବ । ଏହାହିଁ ହେଉଛି ବୈଦିକ ଋଷିମାନଙ୍କର ପ୍ରଥମ ଓ ମୁଖ୍ୟ ଉପଦେଶ । ପ୍ଲାଟୋପନ୍ଥୀମାନେ ପ୍ରାଚୀନ ରହସ୍ୟବାଦୀଙ୍କ ତତ୍ତ୍ୱକୁ ନେଇ ସେମାନଙ୍କର ଦର୍ଶନତତ୍ତ୍ୱକୁ ବିକଶିତ କରାଇଛନ୍ତି ଓ ଏକ ସିଦ୍ଧାନ୍ତ ଦେଇଛନ୍ତି ଯେ ଆମେ ଦୁଇଟି ଜଗତ ସହିତ ସମ୍ବନ୍ଧିତ ହୋଇ ବଞ୍ଚୁଛୁ,– ଗୋଟିଏ ହେଲା ଉଚ୍ଚତର ସତ୍ୟର ଜଗତ ଯାହାକୁ ଆଧ୍ୟାତ୍ମିକ ଜଗତ ବୋଲି

[୧] ଋ. ୧. ୬୮. ୨ ।



କୁହାଯାଇପାରେ, ଅନ୍ୟଟି ହେଲା, ଆମର ଇହଜଗତ, ଅର୍ଥାତ୍ ଯେଉଁଠାରେ ଆତ୍ମା ଦେହ ଧାରଣ କରିଛି, ଯାହା ଉଚ୍ଚତର ଜଗତରୁ ଅପଭ୍ରଷ୍ଟ ହେବା ସଙ୍ଗେ ସଙ୍ଗେ ନିମ୍ନତର ସତ୍ୟ ଓ ନିମ୍ନତର ଚେତନାର ସ୍ତରକୁ ଖସିଆସିଛି । ବୈଦିକ ଋଷିମାନେ ଏହି ତତ୍ତ୍ୱକୁ ଅଧିକ ବାସ୍ତବ ଓ ବ୍ୟାବହାରିକ ରୂପ ଦେଇଛନ୍ତି, କାରଣ : ଏହି ଦୁଇ ଜଗତ ବିଷୟରେ ସେମାନଙ୍କ ଉପଲବ୍ଧି ଥିଲା । ବେଦମନ୍ତ୍ରମାନଙ୍କରେ ରହିଛି : ଏଠାରେ, ଇହ ଜଗତରେ ରହିଛି ଏକ ନିମ୍ନତର ସତ୍ୟ ଯାହା ନାନା ମିଥ୍ୟା ଓ ଭ୍ରାନ୍ତି ସହ ମିଶ୍ରିତ, **ଅନୃତସ୍ୟ ଭୂରେଃ**[୧], ଏବଂ ସତ୍ୟର ଏକ ଜଗତ ବା ସଦନ ରହିଛି, **ସଦନମ୍ ଋତସ୍ୟ**[୨], ସତ୍-ଋତ-ବୃହତ୍‌ର ଜଗତ, **ସତ୍ୟମ୍ ଋତମ୍ ବୃହତ୍** [୩], ଯେଉଁଠି ସବୁକିଛି **ସତ୍-ଚିତ୍, ଋତଚିତ୍**[୪] । ଏହି ତ୍ରିଦିବ (ସତ୍ୟ-ଋତ-ବୃହତ୍) ଓ ଏମାନଙ୍କର ଆଲୋକପୁଞ୍ଜ ପର୍ଯ୍ୟନ୍ତ ଯାତ୍ରା ପାଇଁ ମଝିରେ ରହିଛି ଆହୁରି ଅନେକ ଜଗତ, କିନ୍ତୁ ଏହାହିଁ ହେଉଛି ଉଚ୍ଚତମ ଆଲୋକର ଜଗତ – ସତ୍ୟ-ସୂର୍ଯ୍ୟଙ୍କର ଜଗତ, **ସ୍ୱର୍**, ଅଥବା ବୃହତ୍ ଦ୍ୟୌ, ସତ୍ୟର ସରଣୀ, **ଋତସ୍ୟ ପନ୍ଥାଃ** (ପଥ୍ୟାଃ)[୫], ଅଥବା ବେଳେବେଳେ ଏହାକୁ ଦେବମାର୍ଗ ବୋଲି କୁହାଯାଇଛି । ଏହା ହେଉଛି ଦ୍ୱିତୀୟ ରହସ୍ୟବାଦୀ ସିଦ୍ଧାନ୍ତ । ତୃତୀୟ ସିଦ୍ଧାନ୍ତଟି ହେଲା – ଆମର ଜୀବନ ହେଉଛି ଏକ ସଂଗ୍ରାମ, ଗୋଟିଏ ପକ୍ଷରେ ଆଲୋକ ଓ ସତ୍ୟର ଶକ୍ତିମାନେ ଅର୍ଥାତ୍ ଦେବଗଣ – ଯେଉଁମାନେ ହେଉଛନ୍ତି ଅମର; ଅନ୍ୟପକ୍ଷରେ ଅନ୍ଧକାରର ଶକ୍ତିଚୟ । ଏମାନଙ୍କୁ ବେଦରେ ବିଭିନ୍ନ ନାମରେ ଅଭିହିତ କରାଯାଇଛି, ଯଥା : ବୃତ୍ର ଓ ବୃତ୍ରଗଣ, ବଳ ଓ ପଣିଗଣ, ଦସ୍ୟୁଗଣ ତଥା ସେମାନଙ୍କ ରାଜାମାନେ । ଆମର ଆହ୍ୱାନ ହେବ ଦେବତାଙ୍କ ସାହାଯ୍ୟ ନିମନ୍ତେ, ଏହାର ଉଦ୍ଦେଶ୍ୟ ହେଉଛି ଅନ୍ଧକାର ଶକ୍ତିମାନଙ୍କର ଅବରୋଧକୁ ଧ୍ୱଂସ କରିବା । ସେମାନେ ଆଲୋକକୁ ଆମଠାରୁ ଅବଗୁଣ୍ଠିତ କରି ରଖନ୍ତି ବା ଅପହରଣ କରିନିଅନ୍ତି, ସତ୍ୟର ଧାରାପ୍ରବାହ, **ଋତସ୍ୟ ଧାରାଃ**[୬], ସ୍ୱର୍ଗର ଧାରା ସମ୍ମୁଖରେ ସେମାନେ ପ୍ରତିବନ୍ଧକ ସୃଷ୍ଟି କରନ୍ତି ଏବଂ ଆତ୍ମାର ଉତ୍ତରଣ-ପଥରେ ପ୍ରତ୍ୟେକ ଦିଗରୁ ବାଧା ଦିଅନ୍ତି । ଆନ୍ତର ଯଜ୍ଞ ଦ୍ୱାରା ଆମକୁ ଦେବଗଣଙ୍କୁ ଆବାହନ କରିବାକୁ ହେବ, ଏବଂ 'ବାଣୀ' (ବା ମନ୍ତ୍ର) ଦ୍ୱାରା ନିଜ ମଧ୍ୟକୁ ସେମାନଙ୍କୁ ଆମନ୍ତ୍ରଣ କରିବାକୁ ହେବ,– ମନ୍ତ୍ରର ଏହା ହେଉଛି ଏକ ନିର୍ଦ୍ଦିଷ୍ଟ ସାମର୍ଥ୍ୟ,– ଯଜ୍ଞର ହବିଃଗୁଡ଼ିକୁ ସେମାନଙ୍କ ଉଦ୍ଦେଶ୍ୟରେ ଆହୁତି ଦେବାକୁ ହେବ ଏବଂ ଏହି ଦାନ ଦ୍ୱାରା ସେମାନଙ୍କ ଦାନଗୁଡ଼ିକୁ ମଧ୍ୟ ହସ୍ତଗତ କରିବାକୁ ହେବ, କାରଣ, ଏହି ପ୍ରକ୍ରିୟା ଦ୍ୱାରା ଆମେ ଆମର ଲକ୍ଷ୍ୟ ଦିଗରେ ପଥ ନିର୍ମାଣ କରିପାରିବା । ବେଦରେ ବାହ୍ୟ ଯଜ୍ଞର

[୧] ଋ. ୭. ୬୦. ୫ । [୨] ଋ. ୧. ୧୬୪. ୪୭; ୪. ୨୧. ୩ । [୩] ଅଥର୍ବ ୧୨. ୧. ୧ । [୪] ଋ. ୪. ୩. ୪ । [୫] ଋ. ୩. ୧୨. ୭ । [୬] ଋ. ୫. ୧୨. ୨; ୭. ୪୩. ୪ ।

ଉପାଦାନଗୁଡ଼ିକୁ ଆନ୍ତର ଯଜ୍ଞ ବା ଆତ୍ମସମର୍ପଣର ବିଭିନ୍ନ ପ୍ରତୀକରୂପେ ବ୍ୟବହାର କରାଯାଇଛି; ଯଥା : ଆମେ ଯାହା ଏବଂ ଆମର ଯାହାକିଛି ଅଛି ସେସବୁକୁ ଆମେ ଯେଉଁପରି ଦେଉ ଠିକ୍ ସେହିପରି ଦିବ୍ୟ ସତ୍ୟ ଓ ଆଲୋକର ସମ୍ପଦଗୁଡ଼ିକ ଆମ ଭିତରକୁ ଅବତରଣ କରନ୍ତି ଓ ସତ୍ୟ ମଧ୍ୟରେ ଆମର ଆନ୍ତର-ଜନ୍ମ ନିମନ୍ତେ ସେଗୁଡ଼ିକ ଗୋଟିଏ ଗୋଟିଏ ଉପାଦାନ ହୋଇଯାଆନ୍ତି – ଋତଚିନ୍ତା, ଋତବୋଧ, ଋତକର୍ମ ଆମ ମଧ୍ୟରେ ବିକଶିତ ହୋଇଉଠିବା ଆବଶ୍ୟକ ଯାହା ହେଉଛି ଉଚ୍ଚତର ସତ୍ୟର ଚିନ୍ତା, ଆବେଗ ଓ କର୍ମ, **ଋତସ୍ୟ ପ୍ରେଷା, ଋତସ୍ୟ ଧିତିଃ** (୧), ଏବଂ ଏହାରି ମାଧ୍ୟମରେ ଆମକୁ ସ୍ୱୟଂ ସେହି ସତ୍ୟରେ ଗଢ଼ିଉଠିବାକୁ ହେବ । ଆମର ଯଜ୍ଞ ହେଉଛି ଏକ ଯାତ୍ରା, ଏକ ତୀର୍ଥଭ୍ରମଣ ଏବଂ ଏକ ସଂଗ୍ରାମ,– ଦେବଗଣଙ୍କ ଦିଗରେ ଆମର ଯାତ୍ରା, ଆମର ଅନ୍ତଃଜ୍ୟୋତି ଅଗ୍ନିଙ୍କ ସହିତ ସେହି ଯାତ୍ରା କରିବାକୁ ହୁଏ, ସେ ହେଉଛନ୍ତି ଆମର ପଥପ୍ରଦର୍ଶକ ଏବଂ ନାୟକ । ଗୂଢ଼ ଅଗ୍ନିଙ୍କ ଦ୍ୱାରା ଆମର ମାନବୀୟ ବସ୍ତୁଗୁଡ଼ିକ ଉତ୍ତୋଳିତ ହୋଇଯାଏ ଅମୃତ ସତ୍ତା ମଧ୍ୟକୁ, ମହଃସ୍ୱର୍ଗ ମଧ୍ୟକୁ, ଏବଂ ଆମ ମଧ୍ୟକୁ ଅବତରଣ କରି ଆସେ ଦିବ୍ୟ ବସ୍ତୁଗୁଡ଼ିକ । ଋଗ୍‌ବେଦର ସିଦ୍ଧାନ୍ତଗୁଡ଼ିକ ବେଦାନ୍ତ ଶିକ୍ଷାରେ ଯେପରି ବୀଜରୂପେ ସ୍ଥାନଲାଭ କରିଛି ସେହିପରି ଏହାର ଆନ୍ତର ସାଧନା ଓ ସଂଯମ ହୋଇଛି ଯୋଗର ପରବର୍ତ୍ତୀ ସାଧନା ଓ ଶୃଙ୍ଖଳାର ସାରକଥା । ପରିଶେଷରେ ବୈଦିକ ରହସ୍ୟବିତ୍‌ମାନଙ୍କର ଚୂଡ଼ାନ୍ତ ଶିକ୍ଷାରେ ପ୍ରକଟିତ ହୋଇଛି ଏକ ପରମ ସତ୍ୟର ରହସ୍ୟ, **'ଏକଂ ସତ୍'**(୨), **'ତଦେକମ୍'**(୩), ତାହାହିଁ ହୋଇଛି ଉପନିଷଦଗୁଡ଼ିକର ସାରକଥା । ପରମ ଆଲୋକ ଓ ସତ୍ୟର ଶକ୍ତିସ୍ୱରୂପ ଦେବଗଣ ହେଉଛନ୍ତି 'ତଦେକମ୍'ଙ୍କର ବିଭିନ୍ନ ଶକ୍ତି ଓ ନାମ, ପ୍ରତ୍ୟେକ ଦେବତା ହେଉଛନ୍ତି ସର୍ବଦେବମୟ, ଅନ୍ୟାର୍ଥରେ, ସେ ନିଜ ମଧ୍ୟରେ ଅନ୍ୟସବୁ ଦେବତାଙ୍କୁ ବହନ କରୁଥାନ୍ତି : ଗୋଟିଏ ସତ୍ୟ, **'ତତ୍ ସତ୍ୟମ୍'**(୪) ଓ ଗୋଟିଏ ଆନନ୍ଦ ଦିଗରେ ଆମକୁ ଉତ୍ତରୋତ୍ତର ଯାତ୍ରା କରିବାକୁ ହେବ । କିନ୍ତୁ ବେଦର ଏହି ତତ୍ତ୍ୱଟି ତଥାପି ଅଧିକାଂଶ କ୍ଷେତ୍ରରେ ଆବରଣର ପଶ୍ଚାତରେ ଥିବାର ଦେଖାଯାଏ । ଏ ବିଷୟରେ ଆହୁରି ବହୁତ କିଛି କୁହାଯାଇପାରେ, କିନ୍ତୁ ଏହାହିଁ ସିଦ୍ଧାନ୍ତଟିର ସାରବସ୍ତୁ ।

ବୈଦିକ ରହସ୍ୟାର୍ଥର ଯେଉଁ ବିବରଣୀ ମୁଁ ଏଠାରେ ଉପସ୍ଥାପନ କଲି ଆଜକୁ ତିରିଶ ବର୍ଷ ପୂର୍ବେ ଦର୍ଶନ-ପ୍ରଧାନ ମାସିକ ପତ୍ରିକା ''ଆର୍ଯ୍ୟ''ରେ ''The Secret of the Veda'' (ବେଦରହସ୍ୟ) ଶିରୋନାମାରେ ଧାରାବାହିକ ପ୍ରବନ୍ଧମାଳାରେ ତାହାର ବିଶଦ ବର୍ଣ୍ଣନା ଆରମ୍ଭ ହୋଇଥିଲା । ସେହି ଧାରାବାହିକଟି ଲେଖୁଥିବା ବେଳେ ବିଚାର-ତତ୍ତ୍ୱଗୁଡ଼ିକ କ୍ରମେ ଅଧିକରୁ ଅଧିକ ବୃଦ୍ଧି ପାଉଥିଲା, କିନ୍ତୁ ଏହାର ପରିମଣ୍ଡଳକୁ ସେ

[୧] ଋ. ୧. ୬୮. ୩ । [୨] ଋ. ୧. ୧୬୪. ୪୬ । [୩] ଋ. ୯. ୧୨୯. ୨ । [୪] ଋ. ୩. ୩୯. ୫ ।



ପୂରାପୂରି ରୂପ ଦେଇପାରି ନାହିଁ କିଂବା ତାହାର ରଚନାଧାରା ମଧ୍ୟ ସୁକଳ୍ପିତ ଓ ସୁବ୍ୟବସ୍ଥିତ ନ ଥିଲା । ପୁସ୍ତକାକାରରେ ତାହା ଏଯାଏ ପ୍ରକାଶ ପାଇ ନାହିଁ[୧] ଏବଂ ସେହି କାରଣରୁ ପାଠକମାନଙ୍କ ନିକଟରେ ତାହା ଲଭ୍ୟ ହୋଇପାରି ନାହିଁ । ଋଗ୍‌ବେଦର ବହୁସଂଖ୍ୟକ ସୂକ୍ତର ଯେଉଁସବୁ ଭାବାର୍ଥ ସେଥିରେ ଥିଲା ସେଗୁଡ଼ିକୁ ଅନୁବାଦ ଅପେକ୍ଷା ବରଂ ଟିପ୍‌ପଣୀ କହିବା ଉଚିତ, ଏବଂ ଏ ସବୁର ସହାୟକ ରୂପେ ''Doctrin of Mystics'' ନାମକ ଗୋଟିଏ ବିଶ୍ଳେଷଣାତ୍ମକ ଉପକ୍ରମଣିକା ସେଥିରେ ପ୍ରକାଶ ପାଇଥିଲା । ପରିଶେଷରେ ଏହା ମଧ୍ୟ ଯୋଜନା ଥିଲା ଯେ ଦଶଟି ଯାକ ମଣ୍ଡଳରେ (ଋଗ୍‌ବେଦରେ) ଥିବା ସମସ୍ତ ଅଗ୍ନିସୂକ୍ତର ମୂଳପାଠ ସଂସ୍କୃତର ପାଖାପାଖି ଅନୁବାଦ କରାଯିବା ପାଇଁ । ସେହିସବୁ ଅନୁବାଦରୁ ଦ୍ୱିତୀୟ ଓ ଷଷ୍ଠ ମଣ୍ଡଳରେ ଥିବା ଅଗ୍ନିସୂକ୍ତଗୁଡ଼ିକ ତଥା ପ୍ରଥମ ମଣ୍ଡଳର କିଛି ସୂକ୍ତ ମିଶାଇ ପ୍ରଥମଥର ପାଇଁ ଏବେ ଏକ ପୁସ୍ତକ ପ୍ରକାଶ ପାଇଲା । କିନ୍ତୁ ଯଦି ଆମେ ଗବେଷଣାତ୍ମକ ରୀତିରେ ସମ୍ଭାବ୍ୟ ଅର୍ଥ ଓ ସିଦ୍ଧାନ୍ତ ସହ ଏହାକୁ ଉପସ୍ଥାପନା କରିବାକୁ ଚାହିଁଥାନ୍ତୁ ତେବେ ପ୍ରତ୍ୟେକଟି ଶବ୍ଦର ସଂସ୍କୃତ ଓ ଇଂରାଜୀ ଅର୍ଥ ସହିତ ମୂଳରଚନାରେ ଥିବା ତାତ୍ପର୍ଯ୍ୟପୂର୍ଣ୍ଣ ଉକ୍ତିଗୁଡ଼ିକର ବ୍ୟୁତ୍ପତ୍ତିମୂଳକ ଟିପ୍‌ପଣୀ ଏବଂ ପଦଗୁଡ଼ିକ ସହ ପଦ୍ୟଟିର ଯୁକ୍ତିଯୁକ୍ତ ଟୀକା ଏବଂ ଆଧ୍ୟାତ୍ମିକ ଅର୍ଥାପତ୍ତି ନିମନ୍ତେ ନିତାନ୍ତ ଆବଶ୍ୟକ କେତେକ ତାତ୍ତ୍ୱିକ ଶବ୍ଦ, ଯଥା : ଋତ, ଶ୍ରବସ୍, କ୍ରତୁ, କେତୁ ପ୍ରଭୃତିର ଅର୍ଥକୁ ନିଶ୍ଚିତ କରିବା ପାଇଁ ଏକ ବର୍ଣ୍ଣନାମୂଳକ ପରିଶିଷ୍ଟ ଇତ୍ୟାଦିର ସଂକଳନ ସହିତ ସଂପୂର୍ଣ୍ଣ ଋଗ୍‌ବେଦର ଅଥବା ତା'ର ବହୁଳାଂଶର ଏକ ନବୀନ ପ୍ରକାଶନ ଆବଶ୍ୟକ ହୋଇଥାନ୍ତା । ଏହା ମଧ୍ୟ ଆମର ଯୋଜନାରେ ଥିଲା, କିନ୍ତୁ ଏହି ସମୟରେ କୌଣସି ଏକ ସ୍ଥାୟୀ ତଥା ଗୁରୁତ୍ୱପୂର୍ଣ୍ଣ କର୍ମର ଚାପ ଆସି ପ୍ରବେଶ କଲା, ଫଳରେ ଏହିପରି ଏକ ବିପୁଳ ଯୋଜନାରେ ଅଗ୍ରସର ହେବା ପାଇଁ ସମୟ ମିଳିଲା ନାହିଁ । ଏହିସବୁ ଅନୁବାଦର ପାଠକମାନଙ୍କ ଉପକାର ନିମନ୍ତେ ଏହି ମୁଖବନ୍ଧଟି ରଚିତ ହୋଇଛି ଏବଂ ଅପ୍ରକାଶିତ ''Doctrin of Mystics'' (ରହସ୍ୟବିତ୍-ମାନଙ୍କର ସିଦ୍ଧାନ୍ତ) ପ୍ରବନ୍ଧଟିର କେତୋଟି ଅନୁଚ୍ଛେଦ[୨] ମଧ୍ୟ ସଂଯୁକ୍ତ କରାଯାଇଛି, ଯାହା ବିନା ପାଠକମାନେ ଅଭାବବୋଧ କରିଥାନ୍ତେ । ମୂଳ ସଂସ୍କୃତ-ପ୍ରେମୀ ପାଠକମାନଙ୍କ ନିମନ୍ତେ ଅନୁବାଦ ସହିତ ମୂଳ ବେଦମନ୍ତ୍ରଗୁଡ଼ିକୁ ମଧ୍ୟ ଦିଆଯାଇଛି । ଏହିସବୁ ଅନୁବାଦ ଯେପରି ହୋଇଥାଉ ପଛେ, କୌଣସି ଅନୁମାନଲବ୍ଧ ଜ୍ଞାନକୁ ପ୍ରମାଣସିଦ୍ଧ

[୧] ୧୯୪୬ ରେ ଶ୍ରୀଅରବିନ୍ଦ ଏହି ପ୍ରବନ୍ଧଟି ଲେଖିବା ବେଳକୁ 'ବେଦରହସ୍ୟ' ଗ୍ରନ୍ଥଟି ପ୍ରକାଶ ପାଇ ନ ଥିଲା । – ସଂପାଦକ

[୨] ଏହି ଶ୍ରୀଅରବିନ୍ଦ ଜନ୍ମଶତବାର୍ଷିକୀ (୧୯୭୨) ସଂକଳନଟିରେ ସଂପୂର୍ଣ୍ଣ ପ୍ରବନ୍ଧଟି ଦିଆଯାଇଛି । – ସଂପାଦକ

କରିବା ପାଇଁ ଏହା ଏକ ଗବେଷଣାମୂଳକ କୃତି ହେବା ଏହାର ଉଦ୍ଦେଶ୍ୟ ନୁହେଁ; ବୈଦିକ ମନ୍ତ୍ରଗୁଡ଼ିକୁ ସ୍ଥାୟୀରୂପ ଦେଇ ଶିଷ୍ୟମାନଙ୍କ ସମ୍ମୁଖରେ ଓ ଅନ୍ୟ ଯେଉଁମାନେ ବେଦରେ ଯେ ସାମାନ୍ୟ ଉପାସନା ପଦ୍ଧତି ଅପେକ୍ଷା ଅଧିକ କିଛି ରହିଛି ତାହା ଜାଣିବାକୁ ଇଚ୍ଛୁକ ଓ ଏହି ପୁରାତନ ଶାସ୍ତ୍ରରେ କି ରହସ୍ୟ ଥାଇପାରେ ତାହା ଜାଣିବାକୁ ଆଗ୍ରହୀ ସେମାନଙ୍କ ଆଗରେ ସେଗୁଡ଼ିକୁ ଉପସ୍ଥାପନ କରିବା ଏହି ପ୍ରକାଶନର ଉଦ୍ଦେଶ୍ୟ ।

ଏହା ହେଉଛି ସାହିତ୍ୟିକ ଶୈଳୀରେ ଅନୁବାଦ, ସଂପୂର୍ଣ୍ଣ ଆକ୍ଷରିକ ନୁହେଁ । କିନ୍ତୁ ଶବ୍ଦଗୁଡ଼ିକର ଅର୍ଥ ଓ ଭାବ, ଚିନ୍ତାର ରୂପରେଖ ଇତ୍ୟାଦି ସହିତ ଏହାର ସମ୍ବନ୍ଧକୁ ନିଷ୍ଠାର ସହ ରକ୍ଷାକରା ଯାଇଛି : ବସ୍ତୁତଃ ପ୍ରକୃତ ବୈଦିକ ଭାଷାର ଅବିକଳ ଓ ଏକାନ୍ତ ଭାବେ ସଦୃଶ ଅନୁବାଦର ସହ ଅନୁବାଦ ପଦ୍ଧତିଟିର ଆରମ୍ଭ ହୋଇଥାଏ ଏବଂ ତାହାରି ଉପରେହିଁ ଅର୍ଥ ଆଧାରିତ ହୁଏ; କାରଣ ପ୍ରାଚୀନ ଋଷିମାନଙ୍କର ପ୍ରକୃତ ଉଦ୍ଦେଶ୍ୟକୁ ଧରିପାରିବାକୁ ଏହାହିଁ ଏକମାତ୍ର ଉପାୟ । କିନ୍ତୁ ଋଗ୍‌ବେଦୀୟ ପଦ୍ୟଗୁଡ଼ିକର ଅଳଂକରଣ ଓ ପ୍ରରୂପଗୁଡ଼ିକ ଅତି ଚମତ୍କାର, ଲୟରେ ରହିଛି ଶାଳୀନତା ଓ ସୌନ୍ଦର୍ଯ୍ୟ, ଭାଷାବିନ୍ୟାସ ମଧ୍ୟ ଯଥାଯଥ — ଏହିପରି ଏକ ମହାନ୍ କାବ୍ୟକୃତିର ଯେକୌଣସି ଅନୁବାଦ, ଯଦିଓ ଏହା ତଥାକଥିତ ଶୁଷ୍କ ପାଣ୍ଡିତ୍ୟପୂର୍ଣ୍ଣ ଅଧ୍ୟବସାୟ ନୁହେଁ ତଥାପି, ଏହା ଅନ୍ତତଃ ଆଣିଦେବ ସେମାନଙ୍କର କାବ୍ୟଶକ୍ତିର କ୍ଷୀଣ ପ୍ରତିଧ୍ୱନି,— ଏକ ଗଦ୍ୟାନୁବାଦରେ ତଥା ଏକେବାରେ ପୃଥକ୍ ଏକ ଭାଷା(ଇଂରାଜୀ) ମାଧ୍ୟମରେ ଏହାଠାରୁ ଆଉ ଅଧିକ କରିବା ସମ୍ଭବ ନୁହେଁ । ଇଂରାଜୀ ଓ ବୈଦିକ ସଂସ୍କୃତ ଭାଷାର ବାକ୍ୟଗଠନ ପଦ୍ଧତି ଓ ପଦବିନ୍ୟାସ ଶୈଳୀ ମଧ୍ୟରେ ରହିଛି ଏକେବାରେ ବିଷମ ତାରତମ୍ୟ । ତେଣୁ ଶୈଳୀରେ ଓ ଲେଖାର ସ୍ୱାଭାବିକତାରେ କିଛି ତାତ୍ପର୍ଯ୍ୟ ରକ୍ଷା କରିବା ପାଇଁ ଆମକୁ ବେଦର ସଂହତ ବାକ୍ୟକୁ ଇଂରାଜୀର ପ୍ରଶସ୍ତ ଓ ନାନା ମିଶ୍ରିତାର୍ଥବୋଧକ ପ୍ରରୂପରେ ବଦଳାଇବାକୁ ହୋଇଛି । ଅନୁବାଦକ ନିକଟରେ ଆଉ ଏକ ପ୍ରତିବନ୍ଧକ ହେଲା ବେଦରେ ଶ୍ଳେଷାର୍ଥବୋଧକ ଶବ୍ଦଗୁଡ଼ିକର ବ୍ୟବହାର ଅଧିକାଂଶ କ୍ଷେତ୍ରରେ ଦେଖିବାକୁ ମିଳେ, ଅର୍ଥାତ୍ ସେହି ଏକହିଁ ଶବ୍ଦ ହେଉଛି ପ୍ରତୀକ ଓ ମୂଳବସ୍ତୁ । ଯଥା : ଆଲୋକ ଓ ଗୋ, ମାନସିକ ନିର୍ମଳ ଆଲୋକ ଓ ଘୃତ, ଅଶ୍ୱ ଓ ଆଧ୍ୟାତ୍ମିକ ଶକ୍ତି ଇତ୍ୟାଦି । ସେଥିପାଇଁ ଆମକୁ କେତେକ ବାକ୍ୟାଂଶ ସୃଷ୍ଟି କରିବାକୁ ପଡ଼ିଥାଏ, ଯଥା "herds of light" କିଂବା "Shining herds" (ଗୋଗୋଷ୍ଠୀ); ଅଥବା ଅର୍ଥଗାମ୍ଭୀର୍ଯ୍ୟମୂଳକ ପଦ୍ଧତି ବ୍ୟବହାର କରିବାକୁ ପଡ଼ିଥାଏ, ଯଥା : horse ଶବ୍ଦରେ ଯଦି ପ୍ରଥମ ଅକ୍ଷର H ହୋଇଥାଏ ତେବେ ବୁଝିବାକୁ ହେବ ଏହି ଅଶ୍ୱର ରହିଛି ଏକ ପ୍ରତୀକାତ୍ମକ ଅର୍ଥ, ସାଧାରଣ ପଶୁ ଦେହଧାରୀ ଅଶ୍ୱ ନୁହେଁ । କିନ୍ତୁ ଅଧିକାଂଶ ସ୍ଥଳରେ ପ୍ରତୀକକୁ ରଖି ପାଠକମାନଙ୍କ ବୁଝିବା ଉପରେ ରହସ୍ୟାର୍ଥକୁ ଛାଡ଼ି



ଦିଆଯାଇଛି ।* ସେହି ସମାନ ବାକ୍ୟାଂଶକୁ ମୁଁ ସର୍ବତ୍ର ପୁନରାବୃତ୍ତି କରି ନାହିଁ, ବିଷୟଭାଗଟିର ଆବଶ୍ୟକତାଗୁଡ଼ିକୁ ଆଖିରେ ରଖି ମୋର ଅନୁବାଦ ସ୍ଥଳବିଶେଷରେ ଭିନ୍ନ ହୋଇଛି, କିନ୍ତୁ ଭିତରର ଭାବଟି ଅକ୍ଷତ ରହିଥାଏ । ମୂଳରଚନାର ସଂପୂର୍ଣ୍ଣ ଭାବ ଓ ଛଟାକୁ ପ୍ରକାଶ କରିବା ପାଇଁ ମୁଁ ବହୁସ୍ଥାନରେ ଉପଯୁକ୍ତ ଇଂରାଜୀ ଶବ୍ଦ ପାଇବାକୁ ସମର୍ଥ ହୋଇ ନାହିଁ; ଅବିକଳ ଓ ପୂର୍ଣ୍ଣ ଅର୍ଥ ଦେବା ପାଇଁ ସ୍ଥଳବିଶେଷରେ ମୁଁ ଗୋଟିଏ ଶବ୍ଦ ସ୍ଥାନରେ ସମପର୍ଯ୍ୟାୟର ଦୁଇଟି ଶବ୍ଦ କିଂବା ବାକ୍ୟାଂଶଟିଏ ବ୍ୟବହାର କରିଛି କିଂବା ଅନ୍ୟକିଛି ପ୍ରଣାଳୀର ଆଶ୍ରୟ ନେଇଛି । ଏତଦ୍‌ବ୍ୟତୀତ, ଏପରି ବହୁ ପ୍ରାଚୀନ ଶବ୍ଦ ବା ଭାଷାବିନ୍ୟାସ ବେଦରେ ବହୁସ୍ଥାନରେ ବ୍ୟବହୃତ ହୋଇଛି ଯାହାର ଅର୍ଥ ପ୍ରକୃତରେ ଜଣା ନାହିଁ, କେବଳ ଅନୁମାନ କରାଯାଇପାରେ କିଂବା ସେଗୁଡ଼ିକର ବିଭିନ୍ନ ପ୍ରକାର ଅର୍ଥ ମଧ୍ୟ କରାଯାଇପାରେ । ଅନେକ ଅନୁଚ୍ଛେଦରେ ସମ୍ଭାବ୍ୟ ଅନୁବାଦଗୁଡ଼ିକୁ ମଧ୍ୟ ମୋତେ ଦେବାକୁ ପଡ଼ିଛି; ଏହାର ଉଦ୍ଦେଶ୍ୟ ଥିଲା ଯେ, ସୂକ୍ତଗୁଡ଼ିକର ଆହୁରି ବହୁଳାଂଶ ଅନୂଦିତ ହୋଇଯିବା ପରେ ଯେତେବେଳେ ସେଗୁଡ଼ିକ ପ୍ରକାଶନ ନିମନ୍ତେ ପ୍ରସ୍ତୁତ ହୋଇଯିବ ସେତେବେଳେ ସେସବୁ ବିଷୟରେ ଶେଷ ନିଷ୍ପତ୍ତି ନିଆଯିବ । କିନ୍ତୁ ଏହି ସମୟ ଏଯାଏ ବି ଆସିଲା ନାହିଁ ।

* ବେଳେବେଳେ ଦେଖାଯାଏ ଋଷିମାନେ ଗୋଟିଏ ଶବ୍ଦରେ ଦୁଇଟି ପୃଥକ୍ ଅର୍ଥକୁ ଆଣି ଯୋଡ଼ିଛନ୍ତି । ଏହି ଦ୍ୱିବିଧାର୍ଥକୁ ଅନୁବାଦ ଭିତରକୁ ଆଣିବା ପାଇଁ ମୁଁ ସ୍ଥାନେ ସ୍ଥାନେ ଚେଷ୍ଟା କରିଛି ।
— ଶ୍ରୀଅରବିନ୍ଦ

# ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ

ଉପନିଷଦର ଉଚ୍ଚ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକ ବେଦ ଭିତରେ ରହିଛି, କିନ୍ତୁ ସେମାନଙ୍କର ବାକ୍ୟ-ବିନ୍ୟାସର ଶୈଳୀ ଏଥିରେ ନାହିଁ; ବେଦ ହେଉଛି ଅନ୍ତଃପ୍ରେରିତ ଜ୍ଞାନର ଭାଷା ଯେଉଁଥିରେ ବୌଦ୍ଧିକ ଓ ଦାର୍ଶନିକ ପରିଭାଷାର ସମ୍ଭାର ଯଥେଷ୍ଟ ନାହିଁ। ସମସ୍ତ ଅନୁଭୂତି ଯେଉଁମାନଙ୍କଠାରେ ବାସ୍ତବ, ସ୍ପଷ୍ଟ, ବୋଧଗମ୍ୟ ଏପରିକି ମୂର୍ତ୍ତ ସେଇ ଜ୍ଞାନୀ ଓ କବିମାନଙ୍କର ଏହା ଏକ ଭାଷା – ଭାବୁକ ବା ସୂତ୍ରକାରମାନଙ୍କର ଭାଷା ଏ ନୁହେଁ ଯେଉଁମାନଙ୍କଠାରେ ମନ ଓ ଆତ୍ମାର ସତ୍ୟଗୁଡ଼ିକ ଅମୂର୍ତ୍ତ ବା କାଳ୍ପନିକ । ତଥାପି (ବୈଦିକ ରହସ୍ୟବିତ୍‌ମାନଙ୍କର) ଏକ ସିଦ୍ଧାନ୍ତ, ଏକ ପଦ୍ଧତି ରହିଛି; କିନ୍ତୁ ଏହାର ଗଠନ ନମନୀୟ, ଏହାର ପରିଭାଷାସବୁ ପ୍ରମାଣସିଦ୍ଧ, ଏହାର ଚିନ୍ତାପ୍ରକାଶ ବାସ୍ତବ ଓ ପ୍ରାୟୋଗିକ, କିନ୍ତୁ ଏହାର ଭିତ୍ତି ହେଉଛି ପ୍ରାଚୀନ ତଥା ନିଶ୍ଚିତ ଅନୁଭୂତିକୁ ସାଧନ କରିଥିବା ଏକ ପଦ୍ଧତି; ପ୍ରସ୍ତୁତି-ପଥରେ ଥିବା କୌଣସି ଅପକ୍ୱ ଓ ଅନିଶ୍ଚିତ ପଦ୍ଧତି ନୁହେଁ । ଏହା ହେଉଛି ଆମର ପ୍ରାଚୀନ ମନସ୍ତାତ୍ତ୍ୱିକ ବିଜ୍ଞାନ ଓ ଅଧ୍ୟାତ୍ମ ଜୀବନର କଳା । ଏହାର ଦାର୍ଶନିକ (ସୃଷ୍ଟି) ପରିଣତି ଓ ରୂପାନ୍ତର ହେଉଛି ଉପନିଷଦଗୁଡ଼ିକ ଏବଂ ବେଦାନ୍ତ, ସାଂଖ୍ୟ ଓ ଯୋଗ ପ୍ରଭୃତି ହେଉଛନ୍ତି ମନୋବୁଦ୍ଧିଗତ ସୃଷ୍ଟି ଓ ତର୍କମୂଳକ ସିଦ୍ଧାନ୍ତ । କିନ୍ତୁ ସମସ୍ତ ଜୀବନ ପରି, ତଥାପି ସଜୀବ ଅବସ୍ଥାରେ ଥିବା ସମସ୍ତ ବିଜ୍ଞାନ ପରି ଏହା ତର୍କବୁଦ୍ଧିଗତ ପାଣ୍ଡିତ୍ୟର ଅଭେଦ୍ୟ କଠିନତାରୁ ମୁକ୍ତ; ନିୟମନିର୍ଦ୍ଧାରିତ ପ୍ରତୀକଗୁଡ଼ିକ ଓ ଧାର୍ମିକ ପ୍ରଣାଳୀସବୁ ଏଥିରେ ଥିବା ସତ୍ତ୍ୱେ ଏହା ତଥାପି ବ୍ୟାପକ, ମୁକ୍ତ, ଗ୍ରହଣଶୀଳ, ଗତିଶୀଳ, କୋମଳ ତଥା ସୂକ୍ଷ୍ମ । ଏଥିରେ ରହିଛି ପ୍ରାଣର ଗତିବୃତ୍ତି ଏବଂ ଆତ୍ମାର ସର୍ବବ୍ୟାପକ ସ୍ପନ୍ଦନ । ଏବଂ ପରବର୍ତ୍ତିକାଳୀନ ଦର୍ଶନତତ୍ତ୍ୱଗୁଡ଼ିକ ଗୋଟିଏ ଗୋଟିଏ ଜ୍ଞାନପୋଥି ଏବଂ ନିର୍ଦ୍ଦିଷ୍ଟ ଏକ ପରମ କଲ୍ୟାଣ ଦିଗରେ ସେମାନେ ମୁକ୍ତିର ମାର୍ଗ ଦେଖାଉଥିବା ବେଳେ ବେଦ ହେଉଛି କଲ୍ୟାଣତମ କର୍ମର ଏବଂ ଆମର ବାହ୍ୟ ବନ୍ଧନ ଓ ସଂକୀର୍ଣ୍ଣତାକୁ ପରିହାର କରି ପୂର୍ଣ୍ଣତା, ଆତ୍ମସିଦ୍ଧି ଓ ଅମରତ୍ୱ ପାଇଁ ଆଶାର ଏକ ଗ୍ରନ୍ଥ ।

ସକଳ ବସ୍ତୁର ପଶ୍ଚାତରେ ଏବଂ ଊର୍ଦ୍ଧ୍ୱରେ ଥିବା ଏକ ଅଜ୍ଞେୟ, କାଳାତୀତ ଓ ଅନାମଙ୍କୁ ଗୁହ୍ୟବିତ୍‌ମାନଙ୍କର ସିଦ୍ଧାନ୍ତ ସ୍ୱୀକାର କରେ, ମନର ଅଧ୍ୟୟନଶୀଳ ପ୍ରୟାସ ଦ୍ୱାରା ଏହା ବୋଧଗମ୍ୟ ହୁଏ ନାହିଁ । ନୈର୍ବ୍ୟକ୍ତିକ ସତ୍ତାରୂପେ ସେ ହେଉଛନ୍ତି 'ତତ୍', 'ଏକଂ ସତ୍'; ତାଙ୍କର ବ୍ୟକ୍ତିକ ରୂପଗୁଣକୁ ନେଇ ଆମେ ଯେପରି ତାଙ୍କର ଆରାଧନା କରୁ ସେହି ଅନୁଯାୟୀ ସେ ସକଳ ବସ୍ତୁର ଆବରଣ ତଳୁ ଭଗବାନ୍ ବା ଦେବ ରୂପେ



ଆବିର୍ଭୂତ ହୁଅନ୍ତି,– ତାଙ୍କର ବହୁନାମ ଅଥଚ ସେ ଅନାମ, ସେ ଅନନୁମେୟ ତଥା ବର୍ଣ୍ଣନାତୀତ ଯଦିଓ ସେ ନାମ ଓ ଜ୍ଞାନର ସକଳ ବର୍ଣ୍ଣନାକୁ, ରୂପ ଓ ଦେହର, ଶକ୍ତି ଓ କ୍ରିୟାର ସବୁ ପ୍ରକାର ମାତ୍ରାକୁ ନିଜ ମଧ୍ୟରେ ବହନ କରୁଥା'ନ୍ତି ।

ଦେବ ବା ଅଧିଦେବ ସେ ହେଉଛନ୍ତି ଉଭୟ ମୂଳ କାରଣ ଓ ଅନ୍ତିମ ପରିଣାମ । ସେ ହେଉଛନ୍ତି ଦିବ୍ୟସତ୍ତା, ଭୁବନଗୁଡ଼ିକର ସ୍ରଷ୍ଟା, ସକଳ ବସ୍ତୁର ପ୍ରଭୁ ଓ ଜନକ, ସିଏହିଁ ପୁଂ ଓ ସ୍ତ୍ରୀ ରୂପ ଧାରଣ କରିଛନ୍ତି । ସେହିଁ ସତ୍ତା ଓ ଚେତନା, ଜଗତସମୂହର ଓ ତଦଧିବାସୀମାନଙ୍କର ସେ ହେଉଛନ୍ତି ପିତା ଓ ମାତା, ସେ ମଧ୍ୟ ସେମାନଙ୍କର (ଅନ୍ୟ ଜଗତର ଅଧିବାସୀମାନଙ୍କର) ଓ ଆମର ଦିବ୍ୟ ସନ୍ତାନ : କାରଣ, ଜଗତଗୁଡ଼ିକରେ ଜନ୍ମନେଇଥିବା ସେ ହେଉଛନ୍ତି ଭାଗବତ ଶିଶୁ ଏବଂ ସୃଷ୍ଟ ଜୀବର ବିକାଶ ନିମନ୍ତେ ସେ ସ୍ୱୟଂ ଜନ୍ମଗ୍ରହଣ କରୁଛନ୍ତି । ସେ ହେଉଛନ୍ତି ରୁଦ୍ର ଓ ବିଷ୍ଣୁ, ପ୍ରଜାପତି ଓ ହିରଣ୍ୟଗର୍ଭ, ସୂର୍ଯ୍ୟ, ଅଗ୍ନି, ଇନ୍ଦ୍ର, ବାୟୁ, ସୋମ, ବୃହସ୍ପତି, ବରୁଣ ଓ ମିତ୍ର ଓ ଭଗ ଓ ଅର୍ଯ୍ୟମନ୍ – ଏହିପରି ସମସ୍ତ ଦେବ । ସେ ହେଉଛନ୍ତି ଜ୍ଞାନୀ, ବଳବାନ୍ ମୋକ୍ଷଦାତା ଆତ୍ମଜ, ଯେ'କି ଆମର କର୍ମଗୁଡ଼ିକରୁ ଓ ଯଜ୍ଞରୁ ଜାତ, ଆମର ଯୁଦ୍ଧଗୁଡ଼ିକରେ ସେ ଅଗ୍ରଣୀ ବୀରଯୋଦ୍ଧା ଓ ଆମର ଜ୍ଞାନର ସେ ଦ୍ରଷ୍ଟା, ଆମର ଦିବସଗୁଡ଼ିକ ସମ୍ମୁଖରେ ଲମ୍ଫ ଦେଇ ପରାର୍ଦ୍ଧ ମହାସାଗର ଦିଗରେ ଦ୍ରୁତ ଗତିକରୁଥିବା ସେ ହେଉଛନ୍ତି ଶ୍ୱେତାଶ୍ୱ ।

ମନୁଷ୍ୟର ଆତ୍ମା-ବିହଙ୍ଗ ହଂସ ପରି ଦୈହିକ ଓ ମାନସିକ ଚେତନାର ଉଜ୍ଜ୍ୱଳ ଆକାଶର ଊର୍ଦ୍ଧ୍ୱରେ ଉଡୁଥାଏ । ଆମକୁ ଅପେକ୍ଷା କରିଥିବା ଏହି ପରମପ୍ରଭୁଙ୍କୁ ପାଇବା ପାଇଁ ସେ ଜଣେ ଯାତ୍ରୀ ଓ ଯୋଦ୍ଧା ଭଳି ସତ୍ୟର ଊର୍ଦ୍ଧ୍ୱମୁଖୀ ପଥରେ ପୃଥିବୀରୂପକ ଶରୀରର ଓ ସ୍ୱର୍ଗରୂପକ ମନର ଊର୍ଦ୍ଧ୍ୱକୁ ଆରୋହଣ କରିଯାଏ, ପୁଣି ସର୍ବୋଚ୍ଚ ପରମଙ୍କ ଗୂଢ଼ ଜଗତରୁ, ଯେଉଁଠି ତ୍ରିବିଧ ଦିବ୍ୟତତ୍ତ୍ୱ ମଧ୍ୟରେ ଏବଂ ଆନନ୍ଦର ଉତ୍ସ ମଧ୍ୟରେ ପରମ ପ୍ରଭୁ ଆସୀନ, ସେଠାରୁ ସେ ଆମଦିଗକୁ ଆନତ ହୋଇ ଆସେ । ଦେବ, ସେ ସେହି ଜଗତରେ ଯେତେ ଆକର୍ଷକ ଓ ଆନନ୍ଦମୟ ହୋଇଥାନ୍ତୁ କିଂବା ଇହଲୋକରେ ମହତ୍ତର ଦେବସତ୍ତାମାନଙ୍କ ମଧ୍ୟରେ ଆମର ଯେତେ ସହାୟକ ହୋଇଥାନ୍ତୁ ପଛେ ପ୍ରକୃତରେ ସେ ହେଉଛନ୍ତି ସବୁବେଳେ ମନୁଷ୍ୟର ପରମ ବନ୍ଧୁ ଓ ଦିବ୍ୟ ପ୍ରେମିକ, ସେ ହେଉଛନ୍ତି ଗୋ-ସ୍ୱାମୀ ଯେ କି ଶାଶ୍ୱତର ଜ୍ୟୋତିର୍ଗାଭୀମାନଙ୍କଠାରୁ ଦୋହନ କରି ଆମକୁ ସ୍ୱାଦିଷ୍ଟ ଦୁଗ୍ଧ ଓ ଘୃତ ପ୍ରଦାନ କରୁଛନ୍ତି । ଦିବ୍ୟାନନ୍ଦର ଅମୃତମୟ ମଦିରାର ସେ ହେଉଛନ୍ତି ଉତ୍ସ ଓ ପ୍ରବାହକ ଏବଂ ସୃଷ୍ଟିର ସପ୍ତସିନ୍ଧୁ ମଧ୍ୟରୁ ନିଃସ୍ରୁତ ହୋଇ ଆସିଥିବା ଅଥବା ସୃଷ୍ଟି-ଶୈଳର ଜ୍ୟୋତିର୍ମୟ ବନସ୍ପତିର ନିର୍ଯ୍ୟାସ ରୂପେ କ୍ଷରିତ ହୋଇଥିବା ଏହି ମଦିରାକୁ ଆମେ ପାନକରୁ ଓ ଏହାର ଆନନ୍ଦରସରେ ଆମେ ସଂବର୍ଦ୍ଧିତ ହୋଇ ଅମର ହେଉ ।

ଏହି ପ୍ରାଚୀନ ଗୁହ୍ୟ ଉପାସନାର ସ୍ୱରୂପଗୁଡ଼ିକ ମଧ୍ୟରୁ ଏହା କେତୋଟି ମାତ୍ର ।

ପରମେଶ୍ୱର ଏହି ବିଶ୍ୱକୁ ଅନ୍ୟାନ୍ୟ ଜଗତଗୁଡ଼ିକର ମିଶ୍ରଣରେ ଏକ ଜଟିଳ ପଦ୍ଧତିରେ ସର୍ଜନା କରିଛନ୍ତି, ଆମ ଅନ୍ତଃସ୍ଥଳରେ ଏବଂ ବହିର୍ଭାଗରେ ଆମେ ସେଗୁଡ଼ିକୁ ଦେଖୁଛୁ, ଅନ୍ତର୍ଗତଭାବେ ଆମର ଏହା ଉପଲବ୍ଧ ହୁଏ ଏବଂ ବହିଃପ୍ରକାଶ ମଧ୍ୟରେ ଏହା ବାରିହୁଏ । ଅନେକ ପୃଥିବୀ ଓ ଅନେକ ସ୍ୱର୍ଗର ଏହା ଏକ ଉଦୀୟମାନ ସମଷ୍ଟି; ବିଭିନ୍ନ ଜଳଧାରାର ମିଶ୍ରଣରେ ଏହା ଏକ ପ୍ରବାହ; ସପ୍ତରଶ୍ମିର ଏହା ଏକ ଆଲୋକଧାରା, କିଂବା ଏହାର ସଂଖ୍ୟା ଆଠ ବା ନଅ ବା ଦଶ ହୋଇପାରେ; ବହୁ ଅଧିତ୍ୟକାରେ ଭରା ଏ ଏକ ପର୍ବତ । ଋଷିମାନେ ବହୁବାର କେତେଗୁଡ଼ିଏ ତ୍ରୟୀ ଭିତରେ ଏହାକୁ ରୂପ ଦେଇଛନ୍ତି, ଯଥା : ତ୍ରିତଳ, ତ୍ରିସ୍ୱର୍ଗ । ଆହୁରି ମଧ୍ୟ, ଅପରାର୍ଦ୍ଧରେ ରହିଛି ଲୋକତ୍ରୟ,— ସ୍ୱର୍ଗଲୋକ, ଭୂଲୋକ ଓ ଏହି ଉଭୟକୁ ସ୍ପର୍ଶ କରୁଥିବା ମଧ୍ୟଲୋକ; ମଧ୍ୟ ଜଗତରେ ରହିଛି ତିନିଟି ସ୍ତର, ସତ୍ୟସୂର୍ଯ୍ୟଙ୍କର ଦିବ୍ୟସ୍ପର୍ଶଗୁଡ଼ିକ; ପରାର୍ଦ୍ଧରେ ରହିଛି ଲୋକତ୍ରୟ, ପରମେଶ୍ୱରଙ୍କର ସର୍ବୋଚ୍ଚ ତଥା ଦିବ୍ୟାନନ୍ଦର ଅଧିଷ୍ଠାନ ।

କିନ୍ତୁ ଏହି ବିନ୍ୟାସରେ ଅନ୍ୟ ତତ୍ତ୍ୱ ଆସି ପ୍ରବେଶ କରିଛି ଏବଂ ଜଗତଗୁଡ଼ିକର କ୍ରମକୁ ଏହା ଅଧିକ ଜଟିଳ କରିଛି । ଏଗୁଡ଼ିକ ହେଉଛନ୍ତି ମନସ୍ତାତ୍ତ୍ୱିକ ବିଚାରଧାରା; କାରଣ ଯେହେତୁ ସମଗ୍ର ସୃଷ୍ଟି ହେଉଛି ପରମାତ୍ମାଙ୍କର ରଚନା ତେଣୁ ଜଗତଗୁଡ଼ିକର ପ୍ରତ୍ୟେକ ବାହ୍ୟ ପ୍ରଣାଳୀ ସେମାନଙ୍କ ପ୍ରତ୍ୟେକ ସ୍ତରରେ କୌଣସି ଶକ୍ତି ବା ଚେତନାର କୌଣସି ଆରୋହାବସ୍ଥା ସହିତ ସେମାନେ ଅବଶ୍ୟ ସମ୍ପର୍କିତ ହେବେହିଁ ହେବେ ଯାହାକି ସେମାନଙ୍କର ପ୍ରତୀକ ଏବଂ ଏହି କାରଣରୁ ବସ୍ତୁସକଳର ଅନ୍ତର୍ଗତ ସାମଞ୍ଜସ୍ୟପୂର୍ଣ୍ଣ ଶୃଙ୍ଖଳା ମଧ୍ୟରେ ଏମାନେ ଅବସ୍ଥାନ କରିବାକୁ ବାଧ୍ୟ । ବେଦକୁ ବୁଝିବାକୁ ହେଲେ ସମାନ୍ତରାଳ ଏହି ବୈଦିକ ମତବାଦକୁ ଅଧିଗତ କରିବାକୁ ହେବ ଏବଂ ଏହି ବିଶ୍ୱଗତ ସୋପାନଶ୍ରେଣୀ କେଉଁ ଦିଗରେ ଗତି କରିଛି ତାହାର ତାତ୍ପର୍ଯ୍ୟକୁ ପୃଥକ୍ ପୃଥକ୍ ବୁଝିବାକୁ ହେବ । ପରବର୍ତ୍ତୀ କାଳରେ ପୌରାଣିକ ପ୍ରତୀକଗୁଡ଼ିକର ପଶ୍ଚାତରେ ବିଦ୍ୟମାନ ସେହି ପ୍ରଣାଳୀଟିକୁ ଆମେ ପୁନରାବିଷ୍କାର କରୁଛୁ ଯାହାଫଳରେ କ୍ରମାନୁସାରେ ଚିହ୍ନିତ ପର୍ଯ୍ୟାୟଟିର ମୂଳ ତତ୍ତ୍ୱକୁ ଆମେ ଅତ୍ୟନ୍ତ ସହଜ ଓ ସ୍ପଷ୍ଟ ଭାବେ ପାଇପାରିବା । କାରଣ, ସୃଷ୍ଟିରଚନାର ମୌଳିକ ତତ୍ତ୍ୱ ସାତଟି ରହିଛି ଏବଂ ସେଗୁଡ଼ିକ ସହ ପୁରାଣବର୍ଣ୍ଣିତ ସପ୍ତଲୋକର ଯଥେଷ୍ଟ ସାମଞ୍ଜସ୍ୟ ରହିଛି, ଯଥା :



| **ମୂଳ ତତ୍ତ୍ୱ** | **ଜଗତ/ଲୋକ** |
|---|---|
| ୧. ବିଶୁଦ୍ଧ ସତ୍ତା — ସତ୍ | ସୃଷ୍ଟିର ଉଚ୍ଚତମ ସତ୍ୟର ଜଗତ (ସତ୍ୟଲୋକ) |
| ୨. ବିଶୁଦ୍ଧ ଚେତନା — ଚିତ୍ | ଅନନ୍ତ ସଂକଳ୍ପ ବା ଚିତ୍ ଶକ୍ତିର ଜଗତ (ତପୋଲୋକ) |
| ୩. ବିଶୁଦ୍ଧ ଆନନ୍ଦ — ଆନନ୍ଦ | ସୃଷ୍ଟିର ସୃଜନଶୀଳ ଆନନ୍ଦମୟ ଜଗତ (ଜନଲୋକ) |
| ୪. ଜ୍ଞାନ ବା ଋତ — ବିଜ୍ଞାନ | ବିରାଟର ଜଗତ (ମହର୍ଲୋକ) |
| ୫. ମନ | ଜ୍ୟୋତିର୍ଜଗତ୍ (ସ୍ୱର୍ଲୋକ) |
| ୬. ପ୍ରାଣ (ସ୍ନାୟୁମଣ୍ଡଳୀୟ ସତ୍ତା) | ବୈଚିତ୍ର୍ୟମୟ ସୃଷ୍ଟିର ଜଗତ (ଭୁବଃ) |
| ୭. ଜଡ଼ (ବସ୍ତୁ) | ଭୌତିକ ଜଗତ (ଭୂଃ) |

ପୁରାଣରେ ଥିବା ଏହି ଅତି ସହଜ ପ୍ରଣାଳୀଟି ବେଦରେ ବହୁଭାବେ ଜଟିଳ ରୂପ ନେଇଛି । ତିନି ଦିବ୍ୟତତ୍ତ୍ୱ (ସତ୍-ଚିତ୍-ଆନନ୍ଦ) ସର୍ବୋଚ୍ଚରେ ସ୍ଥିତ ତ୍ରିଲୋକ (ସତ୍ୟ-ତପଃ-ଜନ) ରୂପେ ଏକତ୍ର ଶ୍ରେଣୀବଦ୍ଧ,— କାରଣ, ଗୋଟିଏ ତ୍ରୟୀ ମଧ୍ୟରେ ସେମାନେ ସର୍ବଦା ବାସ କରନ୍ତି; ଆନନ୍ତ୍ୟ ହେଉଛି ସେମାନଙ୍କର ପରିସର, ଆନନ୍ଦ ହେଉଛି ସେମାନଙ୍କର ମୂଳଭିତ୍ତି । 'ସତ୍ୟ'ର ବୃହତ୍ ମଣ୍ଡଳଗୁଡ଼ିକ ଦ୍ୱାରା ଏମାନେ ବିଧୃତ, ଏବଂ ସେଠାରୁ ଇନ୍ଦ୍ରଙ୍କର ଅଧିଷ୍ଠାନସ୍ୱରୂପ ସ୍ୱର୍ଗର ଏହି ଜ୍ୟୋତିର୍ମୟ ଲୋକତ୍ରୟ ଆମର ମନୋଭୂମି ଦିଗରେ ଦିବ୍ୟ ଜ୍ୟୋତିକୁ ବିକିରଣ କରୁଛନ୍ତି । ନିମ୍ନରେ ଥିବା ତିନି ସୋପାନର ଯୋଜନା ମଧ୍ୟରେ ଆମେ ଜୀବନ ଧାରଣ କରୁ ।

ପୁରାଣଗୁଡ଼ିକ ପରି ଆମର ଏଥିରେ (ବେଦରେ) ମଧ୍ୟ ସେହି ସମାନ ପ୍ରକାରର ବିଶ୍ୱ-ସ୍ତରଗୁଡ଼ିକ ବିଷୟରେ ଉଲ୍ଲେଖ ଅଛି କିନ୍ତୁ ସେମାନଙ୍କର ଶ୍ରେଣୀବିଭାଜନ ଭିନ୍ନ ପ୍ରକାରେ,— ତତ୍ତ୍ୱତଃ ସପ୍ତଲୋକ, କିନ୍ତୁ ବସ୍ତୁତଃ ପାଞ୍ଚ । ଏ ସମସ୍ତ ତିନିଭାଗରେ ଶ୍ରେଣୀବଦ୍ଧ :

| | |
|---|---|
| ୧. ସର୍ବୋଚ୍ଚ ସତ୍-ଚିତ୍-ଆନନ୍ଦ | ଦିବ୍ୟଲୋକତ୍ରୟ |
| ୨. ସଂଯୋଜକ-ଜଗତ ଅତିମାନସ | ସତ୍ୟ, ଋତ, ବୃହତ୍ — ଏହା ନିଜର ତିନି ଜ୍ୟୋତିର୍ମୟ ଜଗତ୍ ସହିତ ଦିବ୍ୟସ୍ୱର୍ଗରେ ଅଭିବ୍ୟକ୍ତ |

୩. ନିମ୍ନର ଲୋକତ୍ରୟ

| | |
|---|---|
| (କ) ବିଶୁଦ୍ଧ ମନ | ସ୍ୱର୍ଗ (ଦ୍ୟୌଃ, ତ୍ରିସ୍ୱର୍ଗ) |
| (ଖ) ପ୍ରାଣଶକ୍ତି | ମଧ୍ୟଲୋକ (ଅନ୍ତରୀକ୍ଷ) |
| (ଗ) ବସ୍ତୁ | ପୃଥିବୀ (ତ୍ରିପୁର) |

ଆହୁରି ମଧ୍ୟ ଗୋଟିଏ ଜଗତରେ ଅନ୍ୟଜଗତର ଏକ ପ୍ରକାର ଆପେକ୍ଷିକ ଅଭିବ୍ୟକ୍ତି ଦୃଶ୍ୟମାନ ହେଉଥିବାରୁ ପ୍ରତ୍ୟେକ ମୂଳ ଉପାଦାନକୁ ନବ ନବ ରୂପ ଓ ନାମ ଦେଇହେବ ଏବଂ ପ୍ରତ୍ୟେକ ଜଗତକୁ ତା'ର ବିଭିନ୍ନ ସୋପାନକ୍ରମ ଓ ତା'ର ସୃଜନଶୀଳ ଚିତ୍-ଆଲୋକର ଆତ୍ମ-ଶୃଙ୍ଖଳା ଅନୁଯାୟୀ ବହୁ ବ୍ୟବସ୍ଥାରେ ବିଭକ୍ତ କରିହେବ । ତେଣୁ, ଏହାର ପ୍ରାରମ୍ଭିକ କାର୍ଯ୍ୟରୂପେ ସୂକ୍ଷ୍ମଦୃଶ୍ୟର ସମସ୍ତ ଜଟିଳ ସମଷ୍ଟିକୁ ଓ ଋଷିମାନଙ୍କର ଉର୍ବର କଳ୍ପନାକୁ ନେଇ ଲୋକସଂସ୍ଥାନକୁ ନିରୂପିତ କରିବା ଶତ-ନଗରୀ ପର୍ଯ୍ୟନ୍ତ, ଯାହା ଆଜି ବିଭେଦ ଓ ଅଶୁଭର ସ୍ୱାମୀ ରାକ୍ଷସ-ପତିର ଅଧିକାରରେ ରହିଛି । କିନ୍ତୁ ଦେବଗଣ ତାକୁ ପରାସ୍ତ କରିବେ ଓ ଆର୍ଯ୍ୟ-ଉପାସକଙ୍କୁ ମୁକ୍ତ ଅଧିକାର ପ୍ରଦାନ କରିବେ !

କିନ୍ତୁ ଏହି ଜଗତଗୁଡ଼ିକ କେଉଁଠି ଓ କେବେ ସୃଷ୍ଟି ହେଲେ ? ଏହି ପ୍ରସଙ୍ଗରେ ବୈଦିକ ଋଷିମାନଙ୍କର ଅତ୍ୟନ୍ତ ଗଭୀର ଉପଲବ୍ଧି ଆମକୁ ଲାଭ ହୋଇଛି । ଧରଣୀମାତାର କୋଳରେ ମଣିଷ ବାସ କରୁଛି ଓ ସେ କେବଳ ମର୍ତ୍ତ୍ୟଧାମ ବିଷୟରେ ସଚେତନ; କିନ୍ତୁ ଏହାର ବହୁ ଊର୍ଦ୍ଧ୍ୱରେ ଅତିଚେତନା ରହିଛି, ସେଠାରେ ଏକ ଜ୍ୟୋତିର୍ମୟ ଗୂଢ଼ତା ମଧ୍ୟରେ ଦିବ୍ୟ ଜଗତଗୁଡ଼ିକ ବିଦ୍ୟମାନ । ତା'ର ବାହ୍ୟ ସଚେତନ ଅବବୋଧଗୁଡ଼ିକର ନିମ୍ନରେ ରହିଛି ଅବଚେତନା ବା ନିଶ୍ଚେତନାର ସ୍ତର ଏବଂ ସେ ଦେଖୁଥିବା ଏହି ଜଗତଗୁଡ଼ିକ ସେହି ଗର୍ଭିଣୀ ରାତ୍ରିଠାରୁ ଜନ୍ମ ନେଇଛି । ତେବେ ଊର୍ଦ୍ଧ୍ୱର ଜ୍ୟୋତିର୍ମୟ ପରାର୍ଦ୍ଧ ଓ ନିମ୍ନର ଅନ୍ଧକାରମୟ ଅପରାର୍ଦ୍ଧ ମଧ୍ୟରେ ସେହି ଅନ୍ୟ କେଉଁ କେଉଁ ଜଗତ ରହିଛି ? ସେମାନେ ଏହିଠାରେ ଅଛନ୍ତି । ପ୍ରାଣଜଗତରୁ ମନୁଷ୍ୟ ତା'ର ପ୍ରାଣସତ୍ତାକୁ ଆଦାନ କରେ, ମନ-ଜଗତରୁ ମନର ଗୁଣଧର୍ମକୁ ଆଦାନ କରେ; ସେହିସବୁ ଜଗତ ସହ ତା'ର ସୂକ୍ଷ୍ମ ଯୋଗାଯୋଗ ସର୍ବଦା ରହିଛି; ଯଦି ଚାହେଁ ତେବେ ସଚେତନ ଭାବେ ସେ ସେହିସବୁ ଜଗତକୁ ପ୍ରବେଶ କରିପାରେ, ସେହିସବୁ ଜଗତର ଗୁଣଧର୍ମ ନେଇ ଜନ୍ମଲାଭ କରିପାରେ । ଏପରିକି ସତ୍ୟର ସୌରମଣ୍ଡଳ ମଧ୍ୟକୁ ସେ ନିଜକୁ ଉତ୍ତୋଳିତ କରିପାରେ, ଅତିଚେତନାର ତୋରଣ ମଧ୍ୟକୁ ପ୍ରବେଶ କରିପାରେ, ପରମପୁରୁଷଙ୍କ ଦେହଳୀ ଭେଦ କରିପାରେ । ତା'ର ଅଭିବୃଦ୍ଧିଶୀଳ ଆତ୍ମା ପାଇଁ ଭଗବାନଙ୍କ ଦ୍ୱାରଗୁଡ଼ିକ ସଦାମୁକ୍ତ ରହିଥିବ ।

ମାନବର ଏହି ଊର୍ଦ୍ଧ୍ୱାରୋହଣ ଅସମ୍ଭବ ନୁହେଁ, କାରଣ ପ୍ରତ୍ୟେକ ଦେହଧାରୀ



ଜୀବ ଯେଉଁସବୁକୁ ସେ ତା'ର ବାହ୍ୟ ଦୃଷ୍ଟିରେ ବାହ୍ୟ ବସ୍ତୁ ଭଳି ଦର୍ଶନ କରୁଥାଏ ସେସବୁକୁ ସେ ପ୍ରକୃତରେ ନିଜ ମଧ୍ୟରେ ବହନ କରୁଥାଏ । ଆମ ମଧ୍ୟରେ ଆତ୍ମାର ଗୁଣଧର୍ମଗୁଡ଼ିକ ଲୁଚି ରହିଛି । ସେମାନେ ସ୍ଥୂଳ ବିଶ୍ୱପ୍ରଣାଳୀର ସମସ୍ତ ଶ୍ରେଣୀ ଓ ସ୍ତରଗୁଡ଼ିକର ଅନୁରୂପ ଏବଂ ସେମାନେ ଆମର ସମ୍ଭାବ୍ୟ ଜୀବନ ନିମନ୍ତେ ବହୁସ୍ତର ରଚନା କରନ୍ତି । ଜଣେ ସହସ୍ରବାର ପୃଥିବୀ-ମାତାର ସନ୍ତାନ ହୋଇଥିଲେ ମଧ୍ୟ ଆମର ଏହି ଦେହଗତ ଜୀବନ ତଥା ଆମ ଭୌତିକ ଜଗତର ସଂକୀର୍ଣ୍ଣଭାବେ ସୀମିତ ଚେତନାଟି ମନୁଷ୍ୟର ପ୍ରାପ୍ୟ ଆତ୍ମୋପଲବ୍ଧିର ସ୍ତରଠାରୁ ବହୁତ ଦୂରରେ ରହିଛି । ଯଦିବି ପୃଥିବୀମାତୃକା ତାକୁ ଜନ୍ମ ଦେଇଛି ଏବଂ ତା'ର ବାହୁପାଶରେ ତାକୁ ଆଦରି ଧରିଛି ତଥାପି ସ୍ୱର୍ଗ ହେଉଛି ତା'ର ଜନ୍ମଦାତା-ଦମ୍ପତି ଭିତରୁ ଜଣେ, ଏବଂ ତା' ଜୀବନ ଉପରେ ଏହାର ଏକ ଅଧିକାର ରହିଛି । ସ୍ୱର୍ଗ ତା' ପାଇଁ ଏଇଥିଲାଗି ଉନ୍ମୁକ୍ତ ଯେ ସେ ନିଜ ମଧ୍ୟରେ ଗଭୀରତର ଗଭୀରତା ଓ ଉଚ୍ଚତର ଉଚ୍ଚତା ଦିଗରେ ଜାଗ୍ରତ ହେବା ବିଷୟରେ ସଚେତନ ହେବ ଏବଂ ଏହି ଜାଗୃତିହିଁ ହେଉଛି ତା' ପ୍ରଗତିର ଉଦ୍ଦେଶ୍ୟ । ଏହିପରି ଭାବେ ନିଜ ଭିତରର ଉଚ୍ଚତର ଓ ଚିର-ଉନ୍ନତ ସ୍ତରଗୁଡ଼ିକୁ ସେ ଯେତିକି ଯେତିକି ଆରୋହଣ କରୁଥାଏ, ତା' ଜୀବନ ଓ ଦୃଷ୍ଟି ସମ୍ମୁଖରେ ନୂତନ ଜଗତରାଜି ସେତିକି ସେତିକି ଉନ୍ମୋଚିତ ହୋଇଯାଉଥାନ୍ତି ଏବଂ ସେହିମାନେ ହୁଅନ୍ତି ତା'ର ଅନୁଭୂତିର କ୍ଷେତ୍ର ଓ ତା' ଆତ୍ମାର ବାସସ୍ଥଳୀ । ସେମାନଙ୍କର ଶକ୍ତି ସହିତ ତଥା ଦେବତାମାନଙ୍କ ଶକ୍ତି ସହିତ ସଂଯୁକ୍ତ ଓ ମିଳିତ ହୋଇ ସେ ବାସ କରେ ଏବଂ ସେହିମାନଙ୍କ ରୂପଗୁଣ ଅନୁସାରେ ନିଜକୁ ପୁନର୍ନିର୍ମାଣ କରେ । ଏହିପରି ପ୍ରତ୍ୟେକ ଆରୋହଣ ହେଉଛି ଆତ୍ମାର ଏକ ନବଜନ୍ମ, ଏବଂ ଜଗତଗୁଡ଼ିକୁ ''ଜନ୍ମ'' ବୋଲି ତଥା ଧାମ ବା ବାସସ୍ଥାନଗୁଡ଼ିକ ବୋଲି ବେଦ ଅଭିହିତ କରେ ।

କାରଣ, ଦେବଗଣ ବିଶ୍ୱସ୍ତରୀୟ ଜଗତଶ୍ରେଣୀ ରଚନା କରିଥିବା ଦୃଷ୍ଟିରୁ ସେମାନେ ମଣିଷ ଚେତନାରେ ମରଣଶୀଳ ଜୀବନଧାରାଠାରୁ ଆରମ୍ଭ କରି ଶିଖର ମୁକୁଟ ସ୍ୱରୂପ ଅମରତ୍ୱ ପର୍ଯ୍ୟନ୍ତ ସେହି ସମାନ କ୍ରମରେ ବ୍ୟବସ୍ଥିତ ଜଗତଶ୍ରେଣୀ ଓ ଊର୍ଦ୍ଧ୍ୱଗାମୀ ପରିମାପ ବା ସ୍ତରଗୁଡ଼ିକୁ ରଚନା କରିବାର ଶ୍ରମ କରିଚାଲିଛନ୍ତି । ସେମାନେ ତାକୁ ଉତ୍ତୋଳିତ କରନ୍ତି ତା'ର ସୀମିତ ଦେହସ୍ତରୀୟ ଜୀବନଠାରୁ, ଯେଉଁଠି ଆମର ନିମ୍ନତର ମାନବତ୍ୱ ସନ୍ତୁଷ୍ଟ ଚିତ୍ତରେ ରହିଥାଏ ଏବଂ ବିଭାଜନର ସ୍ୱାମୀ ଦୈତ୍ୟଗଣଙ୍କର ଅଧୀନସ୍ଥ ଥାଏ; ପ୍ରାଣ ଓ କାମର ଗତିଶୀଳ ଜଗତ ମଧ୍ୟରୁ ଉଠାଇ ଆଣି ସେମାନେ ତାକୁ ଏକ ପ୍ରେରଣାରେ ସମୃଦ୍ଧ ଓ ପ୍ରପୂରିତ ଜୀବନ ଦେଇଥାନ୍ତି ସତ, ହେଲେ ତା' ସହ ରହିଥାଏ ନାନା ପ୍ରକାର ଘନ ଘନ ବିପଦାପଦ ଓ ନୀଚ ଆବେଗସକଳ, ଏପରି କ୍ଷେତ୍ରରେ ଦେବତାମାନେ

ଦାନବଗଣଙ୍କ ସହ ଯୁଦ୍ଧ କରନ୍ତି ଏବଂ ସେହିସବୁ ବିପତ୍‌ପୂର୍ଣ୍ଣ ଅସ୍ଥିରତା ଓ ସଂକଟାବସ୍ଥାଗୁଡ଼ିକରୁ ଆପାତତଃ ଉଚ୍ଚତର ସ୍ତରକୁ ଅର୍ଥାତ୍ ଉଚ୍ଚ ମନୋଗତ ଜୀବନର ସ୍ଥିର ନିର୍ମଳତା ମଧ୍ୟକୁ ତାକୁ ଉତ୍ତୋଳିତ କରାଇ ନିଅନ୍ତି । କାରଣ, ଶୁଦ୍ଧ ଚିନ୍ତା ଓ ନିର୍ମଳ ସଂବେଦନ ହେଉଛି ମଣିଷର ସ୍ୱର୍ (ସ୍ୱଃ), ତା'ର ସ୍ୱର୍ଗ; କାମନାର ଖମ୍ବ ଉପରେ ଘୂରୁଥିବା ଚକ ପରି ନାନା ଭାବପ୍ରବଣତା ଅନୁରାଗ ପ୍ରଭୃତିରେ ଗଠିତ ପ୍ରାଣିକ ଜୀବନଟି ତା' ପାଇଁ ମଧ୍ୟଲୋକ (ଭୁବଃ) ରଚନା କରିଥାଏ; ଦେହ ତଥା ପାର୍ଥିବ ଜୀବନ ହେଉଛି ତା'ର ଭୂମି (ଭୂଃ) ।

କିନ୍ତୁ ଶୁଦ୍ଧ ଚିନ୍ତା ଓ ଶୁଦ୍ଧ ଅନ୍ତଃକରଣ ମାନବୀୟ ଊର୍ଦ୍ଧ୍ୱାରୋହଣର ଉଚ୍ଚତମ ଚୂଡ଼ା ନୁହେଁ । ମନର ଅତୀତ ସୌରଜ୍ୟୋତିର୍ମୟ-ମଣ୍ଡଳସ୍ଥ ଦେବଭୂମି ହେଉଛି ପରମ ସତ୍ୟ । ସେଠାକୁ ଉଠିଚାଲିଥିବା ମଣିଷଟି ପ୍ରୟାସ କରେ ଜଣେ ଭାବୁକ ରୂପେ ନୁହେଁ, ଜୟଶୀଳ ଋଷି ବା ଦ୍ରଷ୍ଟା ରୂପେ; ସେ ଆଉ ମନନଶୀଳ ମଣିଷ ହୋଇ ରହେ ନାହିଁ, ହୋଇଯାଏ ଭଗବତ୍ ସତ୍ତା । ତା'ର ଇଚ୍ଛା, ଜୀବନ, ଚିନ୍ତା, ଆବେଗ, ଅବବୋଧ, କର୍ମ ପ୍ରଭୃତି ଗୋଟିଏ ସର୍ବଶକ୍ତିଶାଳୀ ସତ୍ୟ-ଧର୍ମରେ ରୂପାନ୍ତରିତ ହୋଇଯାଆନ୍ତି ଏବଂ ସେ ଜଣେ ଆଉ ତାପଃକ୍ଲିଷ୍ଟ ବା ସତ୍ୟ ଓ ମିଥ୍ୟାରେ ମିଶ୍ରିତ ଅସହାୟ ଜଟିଳ ଗ୍ରନ୍ଥିଟିଏ ହୋଇ ରହେ ନାହିଁ । ସେ ଆମର ନାନା ସଂକୀର୍ଣ୍ଣତା ଓ ଦ୍ୱେଷପୂର୍ଣ୍ଣ ସୀମା ଭିତରେ ଝୁଣ୍ଟି ଚାଲେ ନାହିଁ ପରନ୍ତୁ ସମସ୍ତ ବାଧାବନ୍ଧନହୀନ ପରିମଣ୍ଡଳଗୁଡ଼ିକ ମଧ୍ୟରେ ବିଚରଣ କରେ; ଏହିସବୁ କୁଟିଳତା ଭିତରେ ସେ ଧନ୍ଦିହୁଏ ନାହିଁ ବା ବଣା ହୋଇଯାଏ ନାହିଁ, କ୍ଷିପ୍ର ଓ ଲକ୍ଷ୍ୟଭେଦୀ ଋଜୁ ପନ୍ଥାକୁ ସେ ଅନୁସରଣ କରୁଥାଏ; ଭଗ୍ନ ନଶ୍ୱର ବସ୍ତୁଗୁଡ଼ିକରୁ ସେ ଖାଦ୍ୟ ଗ୍ରହଣ କରେ ନାହିଁ, ଶାଶ୍ୱତବକ୍ଷରୁ ସେ ସ୍ତନ୍ୟପାନ କରୁଥାଏ । ଏହି କାରଣରୁ 'ଭୂଃ' ଓ 'ସ୍ୱଃ'ର ଏହିସବୁ ଚିଦାକାଶକୁ ସେ ବଳପୂର୍ବକ ପ୍ରବେଶ କରିବା ସହ ତାକୁ ସେଗୁଡ଼ିକୁ ମଧ୍ୟ ଅତିକ୍ରମ କରିଯିବାକୁ ହେବ; ସୌରଜଗତଗୁଡ଼ିକର ସୁଦୃଢ଼ ରାଜ୍ୟକୁ ଜୟ କରି, ତା' ନିଜର ଉଚ୍ଚତମ ଶିଖରକୁ ଉଠିଯାଇ ତାକୁ ଶିକ୍ଷା କରିବାକୁ ହେବ ଅମରତ୍ୱର ତ୍ରିତତ୍ତ୍ୱ ଭିତରେ କିପରି ବାସ କରିବାକୁ ହୁଏ ।

ବୈଦିକ ଚିନ୍ତା ଓ ସାଧନା ମଧ୍ୟକୁ ପ୍ରବେଶ କରିବାର ଚାବିକାଠି ହେଉଛି — ଯେଉଁ ଅମରତ୍ୱର ଗୁଣଧର୍ମ ଆମ ମଧ୍ୟରେ ରହିଛି ଓ ଯେଉଁସବୁ ଅମରତ୍ୱର ବିଧାନଗୁଡ଼ିକୁ ଆମେ ଅଭୀପ୍ସା କରିପାରିବୁ ଏହି ଦୁଇଟି ମଧ୍ୟରେ ପାର୍ଥକ୍ୟକୁ ଜାଣିବା । ଆମେ ଲାଭ କରିଥିବା ସମସ୍ତ ତତ୍ତ୍ୱଗ୍ରନ୍ଥ ମଧ୍ୟରୁ ବେଦ ହେଉଛି ମାନବର ଅମରତ୍ୱବାହକ ପ୍ରାଚୀନତମ ଆପ୍ତବାକ୍ୟ ଏବଂ ଏହିସବୁ ପ୍ରାଚୀନ ସୂକ୍ତାଂଶଗୁଡ଼ିକ ଅନ୍ତଃପ୍ରେରଣାପ୍ରାପ୍ତ ଆବିଷ୍କାରକମାନଙ୍କର ପ୍ରାରମ୍ଭିକ ସାଧନାମାର୍ଗକୁ ଅବଗୁଣ୍ଠିତ କରି ରଖିଛନ୍ତି ।



ସତ୍ତାର ସାର ବସ୍ତୁ (ସତ୍), ଚେତନାର ଆଲୋକ, କ୍ରିୟାତ୍ମିକା ଶକ୍ତି (ଚିତ୍) ଓ ଆବିଷ୍କାରୀ ଆନନ୍ଦ (ଆନନ୍ଦ) — ଏହି ତିନିଟି ହେଉଛନ୍ତି ସୃଷ୍ଟିର ଆଧାରଭୂତ ଉପାଦାନ; କିନ୍ତୁ ଆମ ଭିତରେ ସେମାନଙ୍କର ମେଳ ହୁଏତ ଗୋଟିଏ ଦିଗରେ ସୀମିତ, ବିଭକ୍ତ, ଆହତ, ଖଣ୍ଡିତ ଓ ଅସ୍ୱଚ୍ଛ ଅଥବା ଅନ୍ୟ ଦିଗରେ ଅସୀମ, ଉଦ୍ଦୀପ୍ତ, ବ୍ୟାପ୍ତ, ସମଗ୍ର ଓ ଅପ୍ରତିହତ । ସୀମିତ ଓ ବିଭକ୍ତ ଜୀବନ ହେଉଛି ଅଜ୍ଞାନତା; ଅନ୍ଧକାର ଓ ମୋହ, ଦୁଃଖ ଓ ଯନ୍ତ୍ରଣା; ବୃହତ୍ ମଧ୍ୟରେ, ସମଗ୍ର ମଧ୍ୟରେ, ଅସୀମ ମଧ୍ୟରେ ଆମେ ସତ୍ୟ, ଆଲୋକ, ଶକ୍ତି ଓ ଆନନ୍ଦର କାମ୍ୟ ସଂପଦଗୁଡ଼ିକୁ ଆଶା କରିବା ଉଚିତ । ସଂକୀର୍ଣ୍ଣତା ହେଉଛି ମରଣର ଧର୍ମ; ଅସୀମତା ମଧ୍ୟରେ ଏକ ସିଦ୍ଧ ଆତ୍ମ-ଅଧିକାର ରୂପେ ଓ ସ୍ଥିର ବିଶାଳତା ମଧ୍ୟରେ ଅଟଳ ଭାବେ ବାସ ଓ ବିଚରଣ କରିବାର ସାମର୍ଥ୍ୟ ରୂପେ ଆମ ନିକଟକୁ ଅମରତ୍ୱ ଆସେ । ସେହି କାରଣରୁ ଯେଉଁ ଅନୁପାତରେ ସେ ନିଜକୁ ପ୍ରସାରିତ କରିଦେଉଥାଏ ଏବଂ ଜୀବନର ସାରବସ୍ତୁରେ ସେ ନିଜକୁ ଯେଉଁଭାବେ ବିକଶିତ କରାଇ ଆଣୁଥାଏ, ସଂକଳ୍ପର ଚିର-ଉଦ୍‌ଗତ ଅଗ୍ନିଶିଖା ଯେତେ ଶୁଦ୍ଧତର ହୋଇ ଉଠୁଥାଏ ଏବଂ ଜ୍ଞାନର ପରିସୀମା ଯେତେ ବିସ୍ତୃତ ହୋଇଯାଉଥାଏ ସେହି ଅନୁପାତରେ ସେ ଚେତନାମଣ୍ଡଳଗୁଡ଼ିକୁ ଅତିକ୍ରମ କରିଯାଉଥାଏ । ଏହା ତା'ର ଶକ୍ତି-ବଳ-ବୀର୍ଯ୍ୟ ଆହରଣର ଆୟାମମାତ୍ରାକୁ ବୃଦ୍ଧି କରିବା ସହିତ ତାକୁ ଅଧିକ ଶକ୍ତିଶାଳୀ କରେ, ଆନନ୍ଦର ଘନତର ପ୍ରସନ୍ନତା ପ୍ରତିଷ୍ଠା କରେ ଓ ଅପରିମେୟ ଶାନ୍ତି ମଧ୍ୟରେ ତା'ର ଆତ୍ମାକୁ ମୁକ୍ତ କରିଦିଏ — ଏହି ଭାବେ ମଣିଷ ଅମରତ୍ୱ ପାଇଁ ଯୋଗ୍ୟ ହୁଏ ।

ନିଜେ ପ୍ରସାରିତ ହେବା ଅର୍ଥ ନବଜନ୍ମ ପ୍ରାପ୍ତ କରିବା । ଆସ୍ପୃହାଶୀଳ ଦେହପ୍ରଧାନ ଜୀବ ଆୟାସଶୀଳ ପ୍ରାଣପ୍ରଧାନ ମଣିଷରେ ପରିଣତ ହୁଏ; ସେ ପୁଣି ତା'ର ଯଥାସମୟରେ ନିଜକୁ ସୂକ୍ଷ୍ମମାନସିକ ଓ ସୂକ୍ଷ୍ମଚୈତ୍ତ୍ୟିକ ସତ୍ତାରେ ରୂପାନ୍ତରିତ କରିଥାଏ; ଏହି ସୂକ୍ଷ୍ମ ଭାବୁକ ତା'ମଧ୍ୟରେ କ୍ରମେ ବିକଶିତ ହୋଇ ପ୍ରଶସ୍ତମନା ବହୁଗୁଣସଂପନ୍ନ ଓ ବିଶ୍ୱମାନବରେ ଉପନୀତ ହୁଏ ଯାହାର ସମସ୍ତ ଦିଗ ପରମସତ୍ୟର ସର୍ବବ୍ୟାପକ ଅନ୍ତଃପ୍ରବାହଗୁଡ଼ିକ ପ୍ରତି ସଦାମୁକ୍ତ; ସାଫଲ୍ୟର ସହ ଅଭ୍ୟୁଦୀୟମାନ ବିଶ୍ୱାତ୍ମକ ଆତ୍ମା ଆଧାତ୍ମିକ ମାନବରୂପେ ଉଚ୍ଚତର ଶାନ୍ତି, ଆନନ୍ଦ ଓ ସଂଗତି ଲାଭ କରିବା ପାଇଁ ପ୍ରୟାସ କରିଚାଲିଥାଏ । ଏହି ପାଞ୍ଚଟି ହେଉଛି ଆର୍ଯ୍ୟ-ସମୁଦାୟର ଶ୍ରେଣୀବିଭାଗ, ଏଥିସଂଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଶ୍ରେଷ୍ଠ ଏବଂ ସମୁଦାୟ ମାନବପ୍ରକୃତିର ଏକ ବିଭାଗ ବା ଖଣ୍ଡକୁ ସେମାନେ ନିଜ ମଧ୍ୟରେ ବହନ କରୁଥା'ନ୍ତି । କିନ୍ତୁ ଏହାପରେ ମଧ୍ୟ ଶୀର୍ଷସ୍ଥାନୀୟ ଆର୍ଯ୍ୟଗୋଷ୍ଠୀ ଅଛି ଯେଉଁମାନେ ଏହିସବୁ ବିଭାଗକୁ ଜୟ ଓ ଅତିକ୍ରମ କରି ନିଜର ଊର୍ଦ୍ଧ୍ୱତର ସଂଗତି ମଧ୍ୟକୁ ପ୍ରବେଶ କରିପାରନ୍ତି ।

ସେହି ଅତିମାନସିକ ସତ୍ୟହିଁ ହେଉଛି ଏହି ମହାନ୍ ଆନ୍ତର ରୂପାନ୍ତରଣ-ପ୍ରକ୍ରିୟାର ସାଧନ ବା ଅସ୍ତ୍ର । ତାହା ପ୍ରତିଷ୍ଠା କରେ ମାନସିକ ଗୁଣଧର୍ମ ସ୍ଥାନରେ ଜ୍ୟୋତିର୍ମୟ ଦୃଷ୍ଟି ଓ ଦେବଚକ୍ଷୁକୁ, ମର ଜୀବନର ସ୍ଥାନରେ ଅମରଜୀବନର ପ୍ରଶ୍ୱାସ ଓ ସାମର୍ଥ୍ୟକୁ, ଅସ୍ୱଚ୍ଛ ଓ ମୃତ୍ୟୁକବଳିତ ସତ୍ତାସ୍ଥାନରେ ମୁକ୍ତ ଓ ଅମୃତ ଚିନ୍ମୟ ସତ୍ତାକୁ ! ତେଣୁ, ମଣିଷର କ୍ରମୋନ୍ନତି ପ୍ରଥମେ ହୋଇଥାଏ ଆତ୍ମପ୍ରସାରଣ, ଯାହା ଯାଇ ପହଞ୍ଚେ ଏକ ଶକ୍ତିମାନ୍ ପ୍ରାଣିକ ବ୍ୟକ୍ତିତ୍ୱରେ, ଯଦ୍ଦ୍ୱାରା ସେ ପ୍ରଥମରେ କର୍ମ ଓ ଅନୁଭୂତିର ତଥା ସ୍ୱଚ୍ଛ ମାନସିକ ଓ ଚୈତ୍ତ୍ୟିକ ଶୁଦ୍ଧତାର ସ୍ପନ୍ଦନକୁ ପ୍ରାଣବନ୍ତ କରି ଗଢ଼ିତୋଳିବାକୁ ସମର୍ଥ ହୋଇପାରେ; ଦ୍ୱିତୀୟରେ, ଏହି ମାନବୀୟ ଜ୍ଞାନ ଓ ଶକ୍ତିର ଅଭିବୃଦ୍ଧି ଓ ରୂପାନ୍ତରଣକୁ ଆଣି ଏକ ଅନନ୍ତ ସତ୍ୟ ଓ ଅମର ସଂକଳ୍ପରେ ଉପନୀତ କରାଏ ।

ଆମର ସାଧାରଣ ଜୀବନ ହେଉଛି ଏକ ତାମସୀ ରାତ୍ରି ବା ଅତି ବେଶୀରେ ତାରକା-ଦୀପିତ-ଯାମିନୀ । ସେହି ଉଚ୍ଚତର ସତ୍ୟ-ସୂର୍ଯ୍ୟଙ୍କର ଉଦୟ ଦ୍ୱାରା ଉଷାର ଆଗମନ ହୁଏ ଏବଂ ଉଷାକାଳ ସହିତ ଆସେ ସିଦ୍ଧିଦ ଯଜ୍ଞ । ଯଜ୍ଞ ଦ୍ୱାରା ସ୍ୱୟଂ ଉଷାକୁ ଓ ଅନ୍ତର୍ହିତ ସତ୍ୟସୂର୍ଯ୍ୟଙ୍କୁ ପୁନଃ ପୁନଃ ପ୍ରତ୍ୟାଗତା ରାତ୍ରି ମଧ୍ୟରୁ ନିରବଚ୍ଛିନ୍ନଭାବେ ଜୟ କରାଯାଇଛି ଏବଂ 'ପଣି'ମାନଙ୍କର ଅନ୍ଧକାରମୟ ଗୁମ୍ଫା ମଧ୍ୟରୁ ଆଲୋକମୟ ଗାଈମାନଙ୍କୁ ଉଦ୍ଧାର କରାଯାଇଛି; ଯଜ୍ଞ ଦ୍ୱାରା ସ୍ୱର୍ଗୀୟ ପର୍ଜନ୍ୟ (ମେଘମାଳା) ଆମମାନଙ୍କ ପାଇଁ ସ୍ୱର୍ଗର ପ୍ରାଚୁର୍ଯ୍ୟକୁ ବର୍ଷଣ କରିଛନ୍ତି ଏବଂ ଉଚ୍ଚତର ଜଗତର ସପ୍ତସ୍ରୋତା ଜଳରାଶି ତୀବ୍ର ଗତିରେ ଆମର ଭୂମଣ୍ଡଳ ଉପରେ ଅବତରଣ କରିଛି କାରଣ ଆବୃତକାରୀ ମହାସର୍ପର ବେଷ୍ଟନଗୁଡ଼ିକ, ବେଦରେ ଯାହାକୁ ସର୍ବାବରକ ଓ ସର୍ବ-ନିଷେଧକ 'ବୃତ୍ର' ବୋଲି କୁହାଯାଇଛି, ତାହା ଉପରେ ଦେବ-ମନ (ଇନ୍ଦ୍ର) ବଜ୍ରପାତ କରି ତାକୁ ଚୂରମାର କରିଦେଇଛନ୍ତି; ଯଜ୍ଞ ମଧ୍ୟରେ ସୋମରସ ବିନ୍ଦୁ ବିନ୍ଦୁ ହୋଇ କ୍ଷରିତ ହୋଇଛି ଏବଂ ଏହା ଆମକୁ ତା'ର ଅମରତ୍ୱଦାୟୀ ଆନନ୍ଦ-ପ୍ରବାହରେ ଉଚ୍ଚତମ ସ୍ୱର୍ଗ ମଧ୍ୟକୁ ଉଠାଇ ଆଣେ ।

ଆମମାନଙ୍କ ଯଜ୍ଞର ରହସ୍ୟ ହେଉଛି ଆମର ସକଳ ପ୍ରାପ୍ତି ଓ କର୍ମକୁ ଉଚ୍ଚତର ଜୀବନର ଶକ୍ତିମାନଙ୍କୁ ଅର୍ପଣ କରିଦେବା । ସମଗ୍ର ଜଗତ ହେଉଛି ମୂକ ଓ ଅସହାୟ ଯଜ୍ଞ, ଏହାରି ମଧ୍ୟରେ ଯଜ୍ଞବଳି ରୂପେ ଦେବଗଣଙ୍କ ଉଦ୍ଦେଶ୍ୟରେ ସ୍ୱୟଂସମର୍ପିତ ଆତ୍ମା ଆବଦ୍ଧ ହୋଇ ରହିଛି । ମୁକ୍ତିଦାୟିନୀ ଅନ୍ତଃ(ଗୂଢ଼)ବାଣୀ ଲାଭ କରିବାକୁ ହେବ, ମଣିଷର ହୃଦୟ ଓ ମନରେ ଜ୍ଞାନୋଦ୍ଦୀପକ ସୂକ୍ତଗୁଡ଼ିକୁ ରଚନା କରିବାକୁ ହେବ ଓ ତା'ର ଜୀବନ ସଚେତନ ତଥା ସ୍ୱୟଂ-ପ୍ରବୃତ୍ତ ଏକ ଆହୁତିରେ ପରିଣତ ହେବା ଉଚିତ ଯେଉଁଥିରେ (ଯେଉଁ ଜୀବନରେ) ଆତ୍ମା ଆଉ ଏକ ବଳିରୂପେ ନୁହେଁ, ଯଜ୍ଞର ସ୍ୱାମୀରୂପେ ଉପସ୍ଥିତ ଥିବେ । ଯଥାର୍ଥ ଯଜ୍ଞ (ସମର୍ପଣ) ଦ୍ୱାରା ଏବଂ ସର୍ବସ୍ରଷ୍ଟା ତଥା ସର୍ବପ୍ରକାଶକ ପରମା



ବାକ୍ ଦ୍ୱାରା ସେ ଏକ ମହନୀୟ ସ୍ତୋତ୍ର ରୂପେ ମଣିଷର ଅନ୍ତରର ଗଭୀରତମ ପ୍ରଦେଶରୁ ଉତ୍ଥିତ ହେବେ, ଯାହାକୁ ମାଧ୍ୟମ କରି ମଣିଷ ସବୁକିଛି ଲାଭ କରିପାରିବ । ସେ ତା' ନିଜ ପୂର୍ଣ୍ଣତାକୁ ହାସଲ କରିବ; 'ପ୍ରକୃତି' ଜଣେ ଇଚ୍ଛୁକା ଓ ଉତ୍କଣ୍ଠିତା ବଧୂରୂପେ ତା' ନିକଟରେ ନିଜକୁ ଧରାଦେବ; ସେ (ମଣିଷ) ହେବ ତା'ର ଲକ୍ଷ୍ୟପଥ-ପ୍ରଦର୍ଶକ ଓ ତା'ର ରାଜାରୂପେ ସେ ତାକୁ ଶାସନ କରିବ ।

ପ୍ରାର୍ଥନା ଓ ଦେବ-ଆକର୍ଷଣର ସୂକ୍ତ ଦ୍ୱାରା, ସ୍ତୁତି ଓ ଦେବାନୁକୂଳନ-ସୂକ୍ତ ଦ୍ୱାରା, ଦେବୋପଲବ୍ଧି ଓ ଆତ୍ମପରିପ୍ରକାଶକ ସୂକ୍ତ ଦ୍ୱାରା ମନୁଷ୍ୟ ନିଜ ମଧ୍ୟରେ ଦେବତାମାନଙ୍କୁ ସଂସ୍ଥାପନ କରିପାରେ, ତା' ସତ୍ତାର ଏହି ତୋରଣଶୋଭିତ ଭବନ ମଧ୍ୟରେ ସେମାନଙ୍କର ସଜୀବ ପ୍ରତିମା ନିର୍ମାଣ କରିପାରେ, ଭାଗବତ ଜନ୍ମଗୁଡ଼ିକ ଦିଗରେ ସେ ବିକଶିତ ହୋଇପାରେ, ତା'ର ଆତ୍ମା ପାଇଁ ସେ ନିଜ ଭିତରେ ବୃହତ୍ ଓ ଆଲୋକମୟ ରାଜ୍ୟକୁ ଗଠନ କରେ ଯେଉଁଥିରେ ସେ ବାସ କରିବ । ସତ୍ୟବାକ୍ ଦ୍ୱାରା ସର୍ବସମ୍ଭାବକ 'ସୂର୍ଯ୍ୟ' ସର୍ଜନା କରନ୍ତି; ସେହି ଛନ୍ଦରେ 'ବ୍ରହ୍ମଣସ୍ପତି' ଜଗତଗୁଡ଼ିକୁ ଆବାହନ କରନ୍ତି ଏବଂ 'ତ୍ୱଷ୍ଟା' ସେମାନଙ୍କୁ ରୂପ ଦିଅନ୍ତି, ନିଜ ସତ୍ୟସମ୍ବେଦନଶୀଳ ହୃଦୟ ମଧ୍ୟରେ ସର୍ବପ୍ରଭାବଶାଳୀ ସତ୍ୟବାଣୀ ବା ମନ୍ତ୍ର ପ୍ରାପ୍ତ ହୋଇ, ତା'ର ମନରେ ତାହାକୁ ରୂପାୟିତ କରି ଚିନ୍ତାଶୀଳ ତଥା **ମରଣ-ନିୟତ** ମଣିଷ ନିଜ ମଧ୍ୟରେ ସକଳ ରୂପ ରଚନା କରିପାରେ, ଯେଉଁସବୁ ଚେତନା-ସ୍ତର ଓ ଅବସ୍ଥା ପ୍ରତି ସେ ଆକାଙ୍‌କ୍ଷା ରଖିଥାଏ ସେଗୁଡ଼ିକୁ ମଧ୍ୟ ନିର୍ମାଣ କରିପାରେ ଏବଂ ଏସବୁକୁ ପ୍ରାପ୍ତ କରି ସେ ତା' ସତ୍ତାର ସକଳ ସମ୍ଭବ ସ୍ୱରୂପ ଆଲୋକ, ବଳ ଓ ଭୋଗକୁ ନିଜ ପାଇଁ ଜୟ କରିଆଣେ । ସେ ତା'ର ପୂର୍ଣ୍ଣାଙ୍ଗ ସତ୍ତାର ବିକାଶ କରିବାରେ ଲାଗିପଡ଼େ ଓ ବିପକ୍ଷ ସୈନ୍ୟବାହିନୀକୁ ଧ୍ୱଂସ କରିବା ପାଇଁ ଦେବଗଣଙ୍କୁ ସାହାଯ୍ୟ କରୁଥାଏ; ତା' ପ୍ରକୃତିକୁ ବିଭାଜିତ, ଛିନ୍ନଭିନ୍ନ ଓ ଯନ୍ତ୍ରଣାକ୍ଲିଷ୍ଟ କରିଥିବା ତା'ର ଆଧ୍ୟାତ୍ମିକ ଶତ୍ରୁମାନେ ପରିଶେଷରେ ନିହତ ହୁଅନ୍ତି ।

ଯଜ୍ଞର ଏହି ସ୍ୱରୂପକୁ ସ୍ଥାନେ ସ୍ଥାନେ ଯାତ୍ରା ବା ଜଳଯାତ୍ରା ବୋଲି ଅଭିହିତ କରାଯାଇଛି; କାରଣ ଏହାର ଗତି ଅଛି, ଏହାର ଊର୍ଦ୍ଧ୍ୱାରୋହଣ ମଧ୍ୟ ହୁଏ; ଏହାର ଲକ୍ଷ୍ୟ ହେଉଛି : ବିସ୍ତୃତି, ସତ୍ (ସତ୍ୟସ୍ଥିତି), ଆଲୋକ, ଆନନ୍ଦ; ଏବଂ କଲ୍ୟାଣକର ବସ୍ତୁଗୁଡ଼ିକୁ ଆବିଷ୍କାର କରି ରକ୍ଷା କରିବା ପାଇଁ ଯଜ୍ଞହବନ କରାଯାଏ ତଥା ଲକ୍ଷ୍ୟ ଦିଗରେ ଯାଇଥିବା ସଳଖ ଓ ଶୁଭ ପଥକୁ — ଦୁର୍ଗମ ହେଲେ ବି ଏହା ସତ୍ୟର ଆନନ୍ଦମୟ ପଥ — ଆବିଷ୍କାର କରି ସେଥିରେ ଗତିକରିବା ନିମନ୍ତେ । ଦିବ୍ୟ ସଂକଳ୍ପର ଜ୍ୱଳନ୍ତ ଶକ୍ତି ଦ୍ୱାରା ପ୍ରେରିତ ହୋଇ ପର୍ବତର ସାନୁରୁ ସାନୁକୁ ଆରୋହଣ କରିବା ପରି ଯଜ୍ଞର ଉତ୍ତରଣ କରିବାକୁ ହେବ, ପୋତରେ ସାଗର ପାରିହେବା ପରି ସତ୍ତାର ଜଳରାଶିକୁ ପାରି ହେବାକୁ ହେବ,

ଏହାର ନଦୀଗୁଡ଼ିକୁ ଲଙ୍ଘନ କରିବାକୁ ହେବ ଏବଂ ସେମାନଙ୍କର ଗଭୀର ଗର୍ତ୍ତ ଓ ତୀବ୍ର ସ୍ରୋତକୁ ଅତିକ୍ରମ କରିବାକୁ ହେବ; ଏହି ଯାତ୍ରାର ଲକ୍ଷ୍ୟ ହେଉଛି ଆଲୋକ ଓ ଆନନ୍ତ୍ୟରୂପକ ମହାସମୁଦ୍ରର ସୁଦୂର ବେଳାରେ ଯାଇ ଉପନୀତ ହେବା ।

ଏହା କଦାପି ସହଜ ଓ ଶାନ୍ତିପୂର୍ଣ୍ଣ ଯାତ୍ରା ନୁହେଁ; ଏହା ହେଉଛି ଦୀର୍ଘକାଳବ୍ୟାପୀ ଭୟଙ୍କର ଓ ନିର୍ଦ୍ଦୟ ଯୁଦ୍ଧ । ଯୁଦ୍ଧ କରି ଜୟଲାଭ ପାଇଁ ଆର୍ଯ୍ୟ-ଜନକୁ ନିରନ୍ତର ଶ୍ରମ କରିବାକୁ ହେବ; ତାକୁ ଜଣେ ଶ୍ରାନ୍ତିହୀନ ପରିଶ୍ରମୀ, ଯାତ୍ରୀ ଓ ବୀରଯୋଦ୍ଧା ହେବାକୁ ହେବ, ନଗରୀ ପରେ ନଗରୀକୁ ଭେଦ କରି ସେଗୁଡ଼ିକର ରୁଦ୍ଧ ଦ୍ୱାରକୁ ଖୋଲିଦେବା ପାଇଁ ସେ ସେମାନଙ୍କୁ ବାଧ କରିବ ଏବଂ ସେ ସେଗୁଡ଼ିକୁ ଅତର୍କିତ ଆକ୍ରମଣ କରିବା ସହ ଧ୍ୱସ୍ତବିଧ୍ୱସ୍ତ କରିଦେବ, ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଥିବ, ଅତି ନିର୍ମମ ଭାବରେ ଗୋଟିଏ ପରେ ଗୋଟିଏ ଶତ୍ରୁକୁ ପରାସ୍ତ ଓ ପଦଦଳିତ କରି ଚାଲିଥିବ । ତା'ର ସମଗ୍ର ପ୍ରଗତି ହେଉଛି ଶୁଭ-ଅଶୁଭ, ଦେବ-ଦାନବ, ଇନ୍ଦ୍ର ଓ ବୃତ୍ର, ଆର୍ଯ୍ୟଗଣ ଓ ଦସ୍ୟୁଗଣଙ୍କ ମଧ୍ୟରେ ସଂଗ୍ରାମ । ତା'ର ବିପକ୍ଷ ଆର୍ଯ୍ୟଜନଙ୍କୁ ମଧ୍ୟ ମୁକ୍ତ ରଣକ୍ଷେତ୍ରରେ ନିଜେ ସମ୍ମୁଖୀନ ହେବାର ଅଛି, ଯେହେତୁ ସମୟେ ସମୟେ ପୂର୍ବ ବନ୍ଧୁ ଓ ସହାୟକମାନେ ମଧ୍ୟ ଶତ୍ରୁ ହୋଇଯାଆନ୍ତି, ତେଣୁ, ଯେଉଁ ଆର୍ଯ୍ୟଦେଶଗୁଡ଼ିକୁ ସେ ସଂଗ୍ରାମରେ ଜୟ ତଥା ଅତିକ୍ରମ କରି ପାରନ୍ତା ସେଗୁଡ଼ିକର ରାଜାଗଣ ମିଳିତଭାବେ ଦସ୍ୟୁଗଣଙ୍କ ସହିତ ଯୋଗ ଦେଇଥା'ନ୍ତି ଏବଂ ତା'ର ଅବାଧ ତଥା ଉତ୍ତରୋତ୍ତର ଯାତ୍ରାକୁ ଅବରୋଧ କରିବା ନିମନ୍ତେ ଏକ ମହାଯୁଦ୍ଧରେ ସେମାନେ ତା' ବିରୋଧରେ ମେଳ ହୋଇଥାନ୍ତି ।

କିନ୍ତୁ ବେଦବର୍ଣ୍ଣିତ 'ଦସ୍ୟୁ'ର ଅର୍ଥ ହେଉଛି ପ୍ରକୃତ ଶତ୍ରୁ । ବିଘଟନକାରୀମାନେ, ଲୁଣ୍ଠକମାନେ, ଅରିଷ୍ଟକାରୀ ଶକ୍ତିମାନେ, ଦାନବଗଣ ପ୍ରଭୃତି ଦିତିମାତା (ବିଭାଜିକା ଶକ୍ତି)ଙ୍କର ସନ୍ତାନମାନେ (ଦୈତ୍ୟଗଣ) ଋଷିମାନଙ୍କ ଦ୍ୱାରା ବିଭିନ୍ନ ପ୍ରଚଳିତ ନାମରେ ବେଦରେ ନାମିତ ହୋଇଛନ୍ତି । ଯଥା : ରକ୍ଷସଃ; ଭକ୍ଷକାଃ, ଅତ୍ରିଣଃ (ଯେଉଁମାନେ ଗିଳିପକାନ୍ତି); ବୃକାଃ, ବିଦାରକମାନେ; ଅନିଷ୍ଟକର (ଦାସାଃ) ତଥା ବିଦ୍ୱେଷୀଗଣ; ଦ୍ୱୈଧାଜନକମାନେ; ଅବରୋଧକ ବା ନିନ୍ଦୁକମାନେ (ନିଦଃ) ଇତ୍ୟାଦି । କିନ୍ତୁ ସେମାନଙ୍କର କେତେକ ନିର୍ଦ୍ଦିଷ୍ଟ ନାମ ମଧ୍ୟ ସେଥିରେ ଆମେ ପାଉଁ । ଯଥା : ବୃତ୍ର, ଏ ହେଉଛି ଏକ ମହାସର୍ପ, ମହାଶତ୍ରୁ; କାରଣ ସେ ତା'ର କୃଷ୍ଣକୁଣ୍ଡଳୀ ବେଷ୍ଟନ ଦ୍ୱାରା ଭାଗବତ ଜୀବନ ଓ ଭାଗବତ କର୍ମର ସକଳ ସମ୍ଭାବନାକୁ ଅବଗୁଣ୍ଠନ କରି ରଖିଥାଏ । ବୃତ୍ରକୁ ଜ୍ୟୋତି ହତ୍ୟା କରିବା ପରେ ବି ତା'ଭିତରୁ ଭୟଙ୍କର ଶତ୍ରୁମାନେ ଉଠିଆସନ୍ତି । ଯଥା : 'ଶୁଷ୍ଣ', ଏହା ତା'ର ଅଶୁଦ୍ଧା ଓ ନିଷ୍ଫଳା ଶକ୍ତି ସାହାଯ୍ୟରେ ଆମକୁ ପୀଡ଼ା ଦିଏ । 'ନମୁଚି', ମଣିଷର ଦୁର୍ବଳତାର ସୁଯୋଗ ନେଇ ସେ ତା' ସହ ସଂଘର୍ଷ କରେ । ଏହିପରି ଅନ୍ୟ



ଶତ୍ରୁମାନେ ମଧ୍ୟ ସେମାନଙ୍କ ସ୍ୱାଭାବିକ ଶତ୍ରୁତା ସହ ମନୁଷ୍ୟକୁ ଆକ୍ରମଣ କରିଥା'ନ୍ତି । ତା'ଛଡ଼ା 'ବଳ' ଓ 'ପଣି'ମାନେ — ଇନ୍ଦ୍ରିୟ-ମଣ୍ଡଳୀୟ ଜୀବନ ସହିତ ଏମାନଙ୍କର ଅବୈଧ କାରବାର, ଉଚ୍ଚତର ଆଲୋକ ଓ ଜ୍ଞାନକୁ ଏମାନେ ଅପହରଣ କରିନିଅନ୍ତି ବା ଗର୍ଭସ୍ଥ କରିଦିଅନ୍ତି, ଯଦ୍ଦ୍ୱାରା ସେମାନେ ପରିବେଶକୁ ଅନ୍ଧକାର କରିଦେଇ ଜୀବନ-ଉପାଦାନଗୁଡ଼ିକର ଅପବ୍ୟବହାର କରିପାରିବେ,— ଏମାନେ ଭଣ୍ଡଦଳ, ମନୁଷ୍ୟମାନଙ୍କ ରତ୍ନନିଧି ପ୍ରତି ଏମାନେ ଈର୍ଷାଳୁ ଏବଂ ଏମାନେ ଦେବଗଣଙ୍କ ଉଦ୍ଦେଶ୍ୟରେ ଯଜ୍ଞାହୁତି ଦେବେ ନାହିଁ । ଏଇମାନେ ତଥା ଅନ୍ୟ ନାମଧାରୀ ଶକ୍ତିମାନେ — (ଏମାନଙ୍କ ବ୍ୟକ୍ତିତ୍ୱଗୁଡ଼ିକୁ ଯେତେ ବର୍ଣ୍ଣନା କଲେ ବି ଏମାନେ ତା'ଠାରୁ ବହୁତ ବେଶୀ) — ହେଉଛନ୍ତି ଆମ ଅଜ୍ଞାନ, ପାପ, ଦୁର୍ବଳତା ଏବଂ ନାନା ସଂକୀର୍ଣ୍ଣତା ପ୍ରଭୃତି । ଏମାନେ ଅବିରଳ ମଣିଷ ଉପରେ ଯୁଦ୍ଧ କରିଚାଲିଛନ୍ତି । ଏମାନେ ତା' ନିକଟରେ ବେଢ଼ି ରହିଛନ୍ତି ଅଥବା ଦୂରରୁ ତା'ଉପରେ ବାଣବର୍ଷଣ କରୁଛନ୍ତି ଅଥବା ତା'ର ନବଦ୍ୱାର ଦେହରେ ଦେବଗଣଙ୍କ ସ୍ଥାନ ଦଖଲ କରି ବସିଥା'ନ୍ତି ଏବଂ ସେମାନଙ୍କର ବିରୂପ ଓ ଖନା ମୁଖ ଦ୍ୱାରା ଓ ସେମାନଙ୍କ ଅଳ୍ପଶକ୍ତିର ଶ୍ୱାସ ଆହରଣ ପୂର୍ବକ ସେମାନେ ମଣିଷ-ଆତ୍ମାର ପରିପ୍ରକାଶକୁ ବ୍ୟାହତ କରନ୍ତି । ଶକ୍ତିମାନ୍ ତଥା ସହାୟକ ଦେବତାମାନଙ୍କର ସାହାଯ୍ୟରେ ସେମାନେ ସ୍ଥାନଚ୍ୟୁତ, ଅବରୁଦ୍ଧ ଓ ହତ ହେବା ଉଚିତ ତଥା ସେମାନଙ୍କର ଉତ୍ସ 'ନାସ୍ତି'ର କୃଷ୍ଣ ଗହ୍ୱର ମଧ୍ୟକୁ ସେମାନେ ବଳପୂର୍ବକ ନିକ୍ଷିପ୍ତ ହେବା ଉଚିତ ।

ବୈଦିକ ଦେବତାମାନେ ହେଉଛନ୍ତି ବିଶ୍ୱଦେବଙ୍କର ଭିନ୍ନ ଭିନ୍ନ ନାମ, ଶକ୍ତି, ଅଂଶୀଭୂତ ବ୍ୟକ୍ତିତ୍ୱ ଏବଂ ସେମାନେ ଦିବ୍ୟପୁରୁଷଙ୍କର କୌଣସି ଏକ ମୌଳିକ ଶକ୍ତିର ପ୍ରତିନିଧିତ୍ୱ କରନ୍ତି । ଏମାନେ ବିଶ୍ୱକୁ ବ୍ୟକ୍ତ କରନ୍ତି ଏବଂ ଏହାରି ମଧ୍ୟରେ ନିଜେ ଅଭିବ୍ୟକ୍ତ ହୁଅନ୍ତି । ଏମାନଙ୍କୁ ଦିବ୍ୟ ଆଲୋକର ଶିଶୁଗଣ, ଅନନ୍ତଙ୍କର ପୁତ୍ରଗଣ ବୋଲି କୁହାଯାଇଛି । ମାନବ-ଆତ୍ମାକୁ ସେମାନେ ସ୍ୱୀକାର କରନ୍ତି ସେମାନଙ୍କର ଭ୍ରାତା ଓ ସଖାଭାବେ । ସେମାନଙ୍କର ଅଭିଳାଷ ହେଲା ମନୁଷ୍ୟକୁ ସାହାଯ୍ୟ କରିବା ଓ ସେମାନେ ତା'ମଧ୍ୟରେ ବିକଶିତ ହେବେ । ସେମାନଙ୍କର ବିକାଶର ଅର୍ଥ ହେଲା — ସେମାନଙ୍କର ଆଲୋକ, ବଳ ଓ ସୌନ୍ଦର୍ଯ୍ୟରେ ମାନବଜଗତକୁ ଅଧିକାର କରିବା । ଦିବ୍ୟ ସାହଚର୍ଯ୍ୟ ଓ ବନ୍ଧୁତା ପାଇଁ ସେମାନେ ମନୁଷ୍ୟକୁ ଆହ୍ୱାନ ଜଣାନ୍ତି; ସେମାନେ ତାକୁ ଆକର୍ଷଣ କରନ୍ତି ଓ ଉତ୍ତୋଳିତ କରାନ୍ତି ସେମାନଙ୍କର ଜ୍ୟୋତିର୍ମୟ ଭ୍ରାତୃତ୍ୱ ସ୍ତରରେ ଉପନୀତ ହେବା ପାଇଁ, 'ନିଶା' (ଅନ୍ଧକାର) ତଥା 'ଦିତି' (ବିଭାଜିକା ଶକ୍ତି)ଙ୍କର ସନ୍ତାନମାନଙ୍କ ବିରୋଧରେ ସଂଗ୍ରାମ ପାଇଁ ମାନବର ସମ୍ବଳକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏମାନଙ୍କ ନିଜ ସମ୍ବଳକୁ ମଧ୍ୟ ମାନବକୁ ଦେଇଥା'ନ୍ତି । ପ୍ରତ୍ୟୁତ୍ତର ରୂପେ ମନୁଷ୍ୟ ତା'ର ଯଜ୍ଞସ୍ଥଳକୁ ଦେବଗଣଙ୍କୁ

ଆବାହନ କରେ, ତା'ର କ୍ଷିପ୍ରତା, ତା'ର ବଳ, ତା'ର ଶୁଦ୍ଧତା ଓ ତା'ର ମାଧୁର୍ଯ୍ୟ ପ୍ରଭୃତିକୁ ସେମାନଙ୍କ ଉଦ୍ଦେଶ୍ୟରେ ଆହୁତି ଦିଏ । ଏଗୁଡ଼ିକୁ ପ୍ରତୀକରୂପେ କୁହାଯାଇଛି – ଯଥା : କିରଣମୟୀ ଗାଈମାନଙ୍କର ଦୁଗ୍ଧ ଓ ଲହୁଣି, ଆନନ୍ଦବୃକ୍ଷ (ସୋମତରୁ)ର ନିର୍ମଳ ରସ, ଯଜ୍ଞାଶ୍ୱ, ପିଷ୍ଟକ ଓ ମଦିରା, ଭାଗବତ ମନର (ଇନ୍ଦ୍ରଙ୍କର) ତେଜୀୟାନ୍ ରଥାଶ୍ୱମାନଙ୍କ ପାଇଁ ଶସ୍ୟ ପ୍ରଭୃତି । ସେମାନଙ୍କୁ ସେ ନିଜ ସତ୍ତାରେ ଗ୍ରହଣ କରେ ଓ ସେମାନଙ୍କ ପ୍ରସାଦର ଦାନଗୁଡ଼ିକୁ ନିଜ ଜୀବନରେ ସ୍ଥାନ ଦିଏ, ସୂକ୍ତ ପାଠ ଓ ଆନନ୍ଦ-ମଦିରା ସାହାଯ୍ୟରେ ନିଜ ମଧ୍ୟରେ ସେମାନଙ୍କର ଅଭିବୃଦ୍ଧି ସାଧନ କରେ ଓ ପୂର୍ଣ୍ଣରୂପ ପ୍ରଦାନ କରେ,– ଏ ପ୍ରସଙ୍ଗରେ ବେଦ କହେ – ଲୁହାକୁ ତରଳାଇ କମାର ବସ୍ତୁଗୁଡ଼ିକୁ ଗଢ଼ିବା ପରି ମଣିଷମାନେ ସେମାନଙ୍କର ମହାନ୍ ଜ୍ୟୋତିର୍ମୟ ଦେବତାମାନଙ୍କୁ ରୂପ ଦେଇ ଗଠନ କରିଥା'ନ୍ତି ।

ରହସ୍ୟର ଚାବିଟି ପାଇଗଲେ ଏହିସବୁ ବୈଦିକ ରୂପକଳ୍ପଗୁଡ଼ିକୁ ବୁଝିବା ସହଜ ହୋଇଯିବ, କିନ୍ତୁ ଏଗୁଡ଼ିକୁ କେବଳ ରୂପକ ମାତ୍ର ବୋଲି ଭାବି ଭୁଲ୍ କରିବା ଉଚିତ ନୁହେଁ । ଦେବତାମାନେ କାଳ୍ପନିକ ଧାରଣାଗୁଡ଼ିକର ବା ବିଶ୍ୱପ୍ରକୃତିର ଅନ୍ତର୍ଗତ ଓ ବାହ୍ୟ କର୍ମଯୋଜନାର କବିବର୍ଣ୍ଣିତ କେତେକ ବ୍ୟକ୍ତିରୂପ ମାତ୍ର ନୁହନ୍ତି । ବୈଦିକ ଦ୍ରଷ୍ଟାମାନଙ୍କ ଦୃଷ୍ଟିରେ ସେମାନେ ସଜୀବ ବାସ୍ତବ ସତ୍ତା; ମାନବସତ୍ତାର ଯେତେ ସ୍ଖଳନ-ସଂକଟ ସେସବୁ ବିଶ୍ୱ-ସଂଘର୍ଷର ପରିଚାୟକ : ସୃଷ୍ଟିତତ୍ତ୍ୱରାଜି ଓ ପ୍ରବୃତ୍ତିମାନଙ୍କର ଏହା ସଂଘର୍ଷମାତ୍ର ନୁହେଁ ପରନ୍ତୁ ଏହା ବିଶ୍ୱମଣ୍ଡଳୀୟ ଶକ୍ତିମାନଙ୍କର ସଂଘର୍ଷ ଯେଉଁମାନେ କି ମନୁଷ୍ୟମାନଙ୍କର ସହାୟତା କରନ୍ତି ଓ ସେମାନଙ୍କ ଦେହ ଧାରଣ କରନ୍ତି । ଏହିସବୁ ହେଉଛି ଦେବଗଣଙ୍କର ଓ ଦାନବଗଣଙ୍କର ଶକ୍ତି । ବିଶ୍ୱରଙ୍ଗମଞ୍ଚ ଉପରେ ଓ ବ୍ୟକ୍ତି-ଆତ୍ମାରେ ସେହି ଏକାପ୍ରକାର ବାସ୍ତବ ନାଟକଟି ସେହି ସମାନ ପାତ୍ରମାନଙ୍କୁ ନେଇ ନିରନ୍ତର ଅଭିନୀତ ହେବାରେ ଲାଗିଛି ।

କେଉଁ ଦେବତାମାନଙ୍କୁ ଯଜ୍ଞାହୁତି ଦିଆଯିବ ? କାହାକୁ ଆବାହନ କରାହେବ ଯିଏ ଏହି ବର୍ଦ୍ଧନଶୀଳ ଦେବତ୍ୱକୁ ମାନବସତ୍ତା ମଧ୍ୟରେ ଅଭିବ୍ୟକ୍ତ ଓ ସୁରକ୍ଷିତ ରଖିପାରିବେ ?

**ଅଗ୍ନି** ପ୍ରଥମ, କାରଣ ତାଙ୍କ ବ୍ୟତୀତ ଆତ୍ମା-ବେଦୀ ଉପରେ ଯଜ୍ଞାନଳ ପ୍ରଜ୍ୱଳିତ ହୋଇପାରିବ ନାହିଁ । ଏହି ଅଗ୍ନିଦେବ ହେଉଛନ୍ତି ଦିବ୍ୟସଂକଳ୍ପର ସପ୍ତଜିହ୍ୱାତ୍ମିକା ଶକ୍ତି, ଜ୍ଞାନମୂଳକ ଭଗବତ୍ ଶକ୍ତି । ଏହି ସଚେତନ ତଥା ଶକ୍ତିଶାଳୀ ସଂକଳ୍ପ ଆମର ମୃତ୍ୟୁନିୟତ ଜୀବନରେ ଅମର ଅତିଥି, ଏ ଜଣେ ନୈଷ୍ଠିକ ପୁରୋହିତ ଓ ଦିବ୍ୟ କର୍ମୀ, ମର୍ତ୍ତ୍ୟ ଓ ସ୍ୱର୍ଗ ମଧ୍ୟରେ ଏ ହେଉଛନ୍ତି ମଧ୍ୟସ୍ଥ । ଉଚ୍ଚତର ମହାଶକ୍ତିମାନଙ୍କ ଉଦ୍ଦେଶ୍ୟରେ ଆମେ ଯାହା ଅର୍ପଣ କରୁ (ଆହୁତି ଦେଉ) ସେସବୁକୁ ଏ' ସେମାନଙ୍କ ନିକଟକୁ ବହନ କରିନିଅନ୍ତି



ଏବଂ ପ୍ରତିଦାନରେ ସେମାନଙ୍କଠାରୁ ଆମର ମାନବତ୍ୱ ମଧ୍ୟକୁ ବହନ କରିଆଣନ୍ତି ସେମାନଙ୍କର ଶକ୍ତି, ଆଲୋକ ଓ ଆନନ୍ଦ ।

**ଇନ୍ଦ୍ର** ହେଉଛନ୍ତି ଦ୍ୱିତୀୟ ଦିବ୍ୟଶକ୍ତିମାନ୍ ଦେବତା, ଶୁଦ୍ଧ ଜୀବନର ଶକ୍ତି, ଯେ କି 'ଭଗବତ୍ ମାନସ' ରୂପେ ସ୍ୱୟଂ ଅଭିବ୍ୟକ୍ତ । ଅଗ୍ନି ଯେପରି ଏ ଦିଗରେ ଜ୍ଞାନଶକ୍ତିର ଗୋଟିଏ ଧ୍ରୁବରୂପେ ପୃଥିବୀରୁ ଦ୍ୟୌ ଦିଗରେ ନିଜର ଶକ୍ତିସ୍ରୋତକୁ ପ୍ରେରଣ କରନ୍ତି, ଇନ୍ଦ୍ର ସେହିପରି ଅନ୍ୟ ଦିଗରେ ଶକ୍ତିସମ୍ପନ୍ନିତ ଜ୍ୟୋତିପ୍ରଧାନ ଧ୍ରୁବରୂପେ ଦ୍ୟୌରୁ ଧରଣୀବକ୍ଷକୁ ଅବତରଣ କରି ଆସନ୍ତି । ସେ ତାଙ୍କର କିରଣମୟ ଅଶ୍ୱମାନଙ୍କ ସହିତ ଜଣେ ବିଜୟୀ ବୀର ଭଳି ଆମରି ଜଗତ ମଧ୍ୟକୁ ଆସନ୍ତି ଏବଂ ତାଙ୍କର ବିଦ୍ୟୁନ୍ମୟ ବଜ୍ରାଘାତରେ ତମସ୍ ଓ ଦୈତ୍ୟ (ବିଭାଜନକାରୀ)କୁ ବିନାଶ କରନ୍ତି, ଜୀବନଦାୟୀ ସ୍ୱର୍ଗୀୟ ବାରିଧାରାଗୁଡ଼ିକୁ ବର୍ଷଣ କରନ୍ତି, ସଂବୋଧିରୂପିଣୀ ଶୁନୀର ପଦାଙ୍କ ଅନୁସରଣ କରି କରି ହୃତ ବା ଗୁହାୟିତ ଜ୍ଞାନାଲୋକଗୁଡ଼ିକୁ (ଗାଈମାନଙ୍କୁ) ସେ ଆବିଷ୍କାର କରନ୍ତି, ଆମର ମାନସ-ସ୍ୱର୍ଗର ସତ୍ୟସୂର୍ଯ୍ୟକୁ ବହୁ ଉଚ୍ଚକୁ ଉନ୍ନୀତ କରନ୍ତି ।

**ସୂର୍ଯ୍ୟ** ହେଉଛନ୍ତି ସେହି ପରମ ସତ୍ୟର ସ୍ୱାମୀ, ଅର୍ଥାତ୍, ସତ୍ତାର ସତ୍ୟ, ଜ୍ଞାନର ସତ୍ୟ, ପଦ୍ଧତି ଓ କର୍ମର ଚେଷ୍ଟା ଓ ବ୍ୟାପାର ତଥା ସତ୍ୟର ଦେବତା । ତେଣୁ ସେ ହେଉଛନ୍ତି ସକଳ ବସ୍ତୁର ସବିତା ଅଥବା ଅଧିକ ସ୍ପଷ୍ଟଭାବେ କହିଲେ ସକଳ ବସ୍ତୁର ପ୍ରକାଶକ,– କାରଣ ସୃଷ୍ଟି ହେଉଛି ଏକ ପ୍ରକଟନ, ପରମ ସତ୍ୟ ଓ ପରମ ସଂକଳ୍ପ ଦ୍ୱାରା ଏକ ଅଭିବ୍ୟକ୍ତି,– ଏବଂ ସେ ହେଉଛନ୍ତି ଆମ ଆତ୍ମାର ଜନକ, ପୋଷକ ଓ ଦୀପକ । ଯେଉଁ ଭାସ୍ୱର ଜ୍ଞାନଜ୍ୟୋତିକୁ ଆମେ ପାଇବାକୁ ଆଗ୍ରହ କରୁ ତାହା ହେଉଛି ଏହି 'ସୂର୍ଯ୍ୟ'ଙ୍କର ଗାଈଯୂଥ । ଦିବ୍ୟ 'ଉଷା'ର ସୁନିର୍ଦ୍ଦିଷ୍ଟ ପଥ ଧରି ସେ ଆମ ନିକଟକୁ ଆସନ୍ତି ଏବଂ ପରମାନନ୍ଦମୟ ସୃଷ୍ଟିର ଅଭିବ୍ୟକ୍ତି ପର୍ଯ୍ୟନ୍ତ ସେ ପ୍ରତିଦିନ ଗୋଟିଏ ପରେ ଗୋଟିଏ ରାତ୍ରିକବଳିତ ଜଗତକୁ ଆମ ମଧ୍ୟରେ ମୁକ୍ତ କରନ୍ତି ଓ ଅଭିବ୍ୟକ୍ତ କରିଚାଲନ୍ତି ।

**ସୋମ** ହେଉଛନ୍ତି ସେହି ଆନନ୍ଦର ପ୍ରତିନିଧିତ୍ୱ କରୁଥିବା ଦେବ । ପୃଥିବୀର ସକଳ ବିକାଶ ମଧ୍ୟରେ ସତ୍ତାକୁ ସଜୀବ କରି ରଖିଥିବା ଜଳଧାରାଗୁଡ଼ିକ ଭିତରେ ତାଙ୍କରି ସ୍ୱର୍ଗୀୟ ଉଲ୍ଲାସ ପୂରିରହିଛି; ଏପରିକି ଇହଜୀବନରେ ଆମର ଦୈହିକ ସତ୍ତାରେ ତାଙ୍କରି ଅମରତ୍ୱ-ସମ୍ପାଦକ ରସଗୁଡ଼ିକ ରହିଛନ୍ତି, ସେଗୁଡ଼ିକୁ ନିଷ୍କାସିତ କରି ସବୁ ଦେବତାଙ୍କୁ ଆହୁତି ଦେବାକୁ ହେବ; କାରଣ, ସେହି ଶକ୍ତି ବଳରେ ସେମାନେ ଆମ ମଧ୍ୟରେ ବୃଦ୍ଧିଲାଭ କରିବେ ଓ ବିଜେତା ହେବେ ।

ଉପରୋକ୍ତ ପ୍ରତ୍ୟେକ ଦେବତା ହେଉଛନ୍ତି ଆଦି ଦେବତା ଓ ସେମାନେ ଅନ୍ୟ ଦେବତାଙ୍କ ସହିତ ସମ୍ବନ୍ଧିତ ଏବଂ ସେମାନେ ଏହି ଆଦିଦେବତାମାନଙ୍କଠାରୁ ଉତ୍ପନ୍ନ

କାର୍ଯ୍ୟଗୁଡ଼ିକୁ ପୂର୍ଣ୍ଣ କରନ୍ତି । ଯଥା : ଆମ ମର୍ତ୍ତ୍ୟ-ପ୍ରକୃତିରେ ସତ୍ୟ-ସୂର୍ଯ୍ୟ ଯଦି ସ୍ଥିରଭାବେ ନିଜକୁ ପ୍ରତିଷ୍ଠିତ କରିବେ ତେବେ ସେଥିପାଇଁ କେତେଗୁଡ଼ିଏ ପ୍ରସ୍ତୁତି ଏକାନ୍ତ ଆବଶ୍ୟକ; ସକଳ ପାପ ଓ କୁଟିଳସ୍ୱଭାବ ମିଥ୍ୟାକୁ ଧ୍ୱଂସ କରିଦେଉଥିବା ଏକ ବିରାଟ ଶୁଦ୍ଧି ଓ ସୁସ୍ପଷ୍ଟ ବିସ୍ତୃତି ଆବଶ୍ୟକ — ଏ ହେଉଛନ୍ତି **ବରୁଣ**; ଆମର ସକଳ ଚିନ୍ତା, କର୍ମ ଓ ପ୍ରବେଗ ମଧ୍ୟରେ ସଂଗତି ପ୍ରତିଷ୍ଠା ଦିଗରେ ଆମକୁ ଚଳାଇ ନେଉଥିବା ଓ ତାହାରିହିଁ ପ୍ରତିଷ୍ଠା କରୁଥିବା ପ୍ରେମ ଓ ସମଗ୍ରବୋଧର ଏକ ଜ୍ୱଳନ୍ତ ସାମର୍ଥ୍ୟ ଆବଶ୍ୟକ — ଏ ହେଉଛନ୍ତି **ମିତ୍ର**; ସ୍ପଷ୍ଟ ବିବେଚନଶୀଳ ଅଭୀପ୍ସା ଓ ପ୍ରଚେଷ୍ଟାର ଏକ ଅମର ପରାକ୍ରମ ଆବଶ୍ୟକ — ଏ ହେଉଛନ୍ତି **ଅର୍ଯ୍ୟମନ୍**; ପାପ, ପ୍ରମାଦ ଓ ଦୁଃଖର ଦୁଃସ୍ୱପ୍ନକୁ ଦୂର କରି ସକଳ ବସ୍ତୁକୁ ତା' ନିଜ ସ୍ଥାନରେ ଭୋଗ କରିବାର ଏକ ସୁକର ସହଜ ଅବସ୍ଥା ଆବଶ୍ୟକ — ଏହାଙ୍କୁ **ଭଗ** କୁହାଯାଏ । ସତ୍ୟସୂର୍ଯ୍ୟଙ୍କର ଏ ହେଉଛନ୍ତି ଚତୁଃଶକ୍ତି ।

ସୋମଦେବଙ୍କର ସମୁଦାୟ ଆନନ୍ଦ ଆମ ପ୍ରକୃତିରେ ଉପଯୁକ୍ତ ରୂପେ ପ୍ରତିଷ୍ଠିତ ହେବା ନିମନ୍ତେ ମନ, ପ୍ରାଣ ଓ ଶରୀରରେ ଅନୁକୂଳ, ଜ୍ଞାନଦୀପ୍ତ ଓ ଅବିକଳ ଅବସ୍ଥାର ଆବଶ୍ୟକତା ରହିଛି । ଆମକୁ ଏହି ଅବସ୍ଥା ପ୍ରାପ୍ତ କରାନ୍ତି ଯମଜ **ଅଶ୍ୱିନୌ** (ଅଶ୍ୱିନୀ ଭ୍ରାତୃଦ୍ୱୟ); ଏ ଦୁହେଁ ଆଲୋକର କନ୍ୟା ସହ ବିବାହବନ୍ଧନରେ ଜଡ଼ିତ । ମଧୁପାୟୀ, ଯଥାର୍ଥ ପରିତୃପ୍ତି-ପ୍ରଦାୟକ, ବିକଳାଙ୍ଗତା ତଥା ବ୍ୟାଧିର ଚିକିତ୍ସକ ଏ ଦୁହେଁ ଆମର ଜ୍ଞାନଭାଗ ଓ କର୍ମଭାଗକୁ ଅଧିକାର କରନ୍ତି ଏବଂ ଆମର ମାନସିକ, ପ୍ରାଣିକ ଓ ଦୈହିକ ସତ୍ତାକୁ ଏକ ସହଜ ଓ ଜୟଶୀଳ ଉତ୍ତରଣ ନିମନ୍ତେ ପ୍ରସ୍ତୁତ କରନ୍ତି ।

ମନଃକଳ୍ପିତ ରୂପଗୁଡ଼ିକୁ ଗଠନ କରିବା କାର୍ଯ୍ୟରେ ଦିବ୍ୟମନରୂପୀ ଇନ୍ଦ୍ରଙ୍କର ସହାୟକଗଣ ତଥା ଶିଳ୍ପୀଗଣ ହେଉଛନ୍ତି **ଋଭୁ** — ଏମାନେ ହେଉଛନ୍ତି ମାନବୀୟ ଶକ୍ତିଚୟ ଯେଉଁମାନେ କି କର୍ମଯଜ୍ଞ ଦ୍ୱାରା ଏବଂ ସତ୍ୟସୂର୍ଯ୍ୟଙ୍କର ଉଚ୍ଚଲୋକକୁ ସେମାନଙ୍କ କୃତିତ୍ୱପୂର୍ଣ୍ଣ ଆରୋହଣ ଦ୍ୱାରା ଅମରତ୍ୱକୁ ପ୍ରାପ୍ତ ହୋଇଛନ୍ତି ଏବଂ ସେମାନଙ୍କ ସିଦ୍ଧିଗୁଡ଼ିକୁ ଅନ୍ୟମାନେ ଯେପରି ପାଇପାରିବେ ସେଥିପାଇଁ ସେମାନେ ମାନବଜାତିକୁ ପ୍ରସ୍ତୁତ କରାନ୍ତି । ଏମାନେ ମନ ଦ୍ୱାରା ଗଠନ କରନ୍ତି ଇନ୍ଦ୍ରଙ୍କ ଅଶ୍ୱମାନଙ୍କୁ, ଅଶ୍ୱିନଦ୍ୱୟଙ୍କର ରଥକୁ, ଦେବଗଣଙ୍କର ଆୟୁଧସବୁକୁ, ଅଭିଯାନ ଓ ସଂଗ୍ରାମ ପାଇଁ ସମସ୍ତ ସରଞ୍ଜାମକୁ । କିନ୍ତୁ ସତ୍ୟାଲୋକପ୍ରଦାତା ବୃତ୍ରଘାତୀ ଇନ୍ଦ୍ର ହେଉଛନ୍ତି **ମରୁଦ୍‌ଗଣ**ଙ୍କ ଶକ୍ତିରେ ବଳାନ୍ୱିତ, ଏମାନେ ହେଉଛନ୍ତି ସଂକଳ୍ପ ଓ ସ୍ନାୟବିକ ବା ପ୍ରାଣିକ ଶକ୍ତିରାଜି ଯେଉଁମାନେ ଚିନ୍ତାର ଆଲୋକ ଓ ଆତ୍ମ-ଅଭିବ୍ୟକ୍ତିର ଭାଷାକୁ ପ୍ରାପ୍ତ ହୋଇଛନ୍ତି । ପଶ୍ଚାତରେ ଥାଇ ସେମାନେ ସକଳ ଚିନ୍ତା ଓ ବାକ୍ୟର ପ୍ରେରଣା ଦିଅନ୍ତି ଏବଂ ପରମ ଚେତନାର ଜ୍ୟୋତି, ସତ୍ୟ ଓ ଆନନ୍ଦ ଲାଭ ପାଇଁ ଏମାନେ ଯୁଦ୍ଧ କରନ୍ତି ।



ଆହୁରି ମଧ୍ୟ ଦେବୀ ଶକ୍ତିମାନଙ୍କ ବିଷୟ ବେଦରେ ରହିଛି; କାରଣ 'ଦେବ' (ପରମ ପ୍ରଭୁ) ପୁରୁଷ ଏବଂ ସ୍ତ୍ରୀ ଉଭୟ, ଏବଂ ଦେବତାମାନେ ମଧ୍ୟ ହୁଏତ କର୍ମସଂପାଦକ ଆତ୍ମାଗଣ ନଚେତ୍ ସହିଷ୍ଣୁ କର୍ମକର୍ତ୍ତାଗଣ ତଥା ବିଧି-ବ୍ୟବସ୍ଥା-ସମ୍ପାଦିକା ଶକ୍ତିମାନେ । ଦେବଗଣଙ୍କର ଜନନୀ ଆଦି-ଅନ୍ତ-ରହିତା **ଅଦିତି** ହେଉଛନ୍ତି ଏମାନଙ୍କ ଭିତରେ ପ୍ରଥମା; ଏବଂ, ଏହାପରେ, ସତ୍ୟଚେତନାର ପଞ୍ଚଶକ୍ତି ମଧ୍ୟ ଅଛନ୍ତି, ଯଥା : **ମହୀ** ବା **ଭାରତୀ**, ଏ ହେଉଛନ୍ତି ମହାବାକ୍, ଯେ କି ଭଗବାନଙ୍କଠାରୁ ଉତ୍ସାରିତ ସକଳ ବସ୍ତୁକୁ ଆଣି ଦିଅନ୍ତି,— **ଇଳା**, ପରମ ସତ୍ୟର ବଳିଷ୍ଠ ପ୍ରାରମ୍ଭିକ ବାକ୍ ଯେ କି ଆମକୁ କର୍ମଷ୍ଠ, ସକ୍ରିୟ ଅନ୍ତର୍ଦୃଷ୍ଟି ପ୍ରଦାନ କରନ୍ତି; **ସରସ୍ୱତୀ** ହେଉଛନ୍ତି ସତ୍ୟର ପ୍ରବହମାନା ଧାରା ଏବଂ ସତ୍ୟପ୍ରେରଣାର ବାକ୍; **ସରମା** ହେଉଛନ୍ତି ସଂବୋଧି, ସ୍ୱର୍ଗର ଶୁନୀ, ଅବଚେତନାର ଗୁହା ମଧ୍ୟକୁ ଅନୁପ୍ରବେଶ କରି ସେଠାରେ ସଂଗୁପ୍ତ ଜ୍ଞାନାଲୋକକୁ ଯିଏ ଆବିଷ୍କାର କରନ୍ତି; **ଦକ୍ଷିଣା**, ଏହାଙ୍କ କାର୍ଯ୍ୟ ହେଉଛି ନିର୍ଭୁଲ୍ ବିବେଚନା, କର୍ମ ଓ ସମର୍ପଣ (ଆହୁତି)କୁ ଦେବଗଣଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରିବା ଏବଂ ଯଜ୍ଞରେ ପ୍ରତ୍ୟେକ ଦେବତାଙ୍କୁ ସେମାନଙ୍କ ଭାଗକୁ ବିତରଣ କରିବା । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଦେବଙ୍କର ଶକ୍ତି-ସ୍ୱରୂପା ଜଣେ ଜଣେ ଦେବୀ ରହିଛନ୍ତି ।

ସକଳ କର୍ମ ଓ ସଂଗ୍ରାମ ଓ ଉତ୍ତରଣ, ଏସବୁର ସହାୟକ ରୂପେ ଅଛନ୍ତି ଆମର ପିତୃରୂପୀ ସ୍ୱର୍ଗ ଏବଂ ମାତୃରୂପିଣୀ ଧରଣୀ, ଏ ଦୁହେଁ ମଧ୍ୟ ଦେବଗଣଙ୍କର ଜନକ-ଜନନୀ, ଏବଂ ମାନସିକ ଓ ଚୈତ୍ତ୍ୟିକ ଏବଂ ଦୈହିକ ଚେତନାକୁ ଯଥାକ୍ରମେ ଏକାନ୍ତଭାବେ ପୁଷ୍ଟିବର୍ଦ୍ଧନ କରନ୍ତି । ଏମାନଙ୍କର ବ୍ୟାପକ ଓ ମୁକ୍ତ କ୍ରିୟା ଉପରେ ଆମର ସାଫଲ୍ୟ ନିର୍ଭର କରେ । ପ୍ରାଣଦେବତା **ବାୟୁଦେବ** ଅନ୍ତରୀକ୍ଷରେ ଅର୍ଥାତ୍ ପ୍ରାଣଲୋକରେ ଏମାନଙ୍କ ମଧ୍ୟରେ ସଂଯୋଗ ରକ୍ଷା କରନ୍ତି । ଆହୁରି ଅନ୍ୟ ଦେବତାମାନେ ମଧ୍ୟ ଅଛନ୍ତି, ଯଥା : **ପର୍ଜନ୍ୟ**, ସ୍ୱର୍ଗର ବାରିକୁ ଏ ବର୍ଷଣ କରନ୍ତି; **ଦଧିକ୍ରାବ୍‌ଣ**, ଏ ହେଉଛନ୍ତି ଦିବ୍ୟ ଯୁଦ୍ଧାଶ୍ୱ, ଅଗ୍ନିଙ୍କର ଏକ ଶକ୍ତି; **ଅହିର୍ବୁଧ୍ନ**, ଆଧାର ବା ଭୂତଳଗୁଡ଼ିକର ରକ୍ଷକ ମହାସର୍ପ, ରହସ୍ୟମୟ ଡ୍ରାଗନ୍; **ତ୍ରିତ ଆପ୍ତ୍ୟ**, ଆମର ତ୍ରିବିଧ ସତ୍ତାକୁ ସତ୍ତାର ତୃତୀୟ ସ୍ତରରେ ଆଣି ପୂର୍ଣ୍ଣତା ପ୍ରଦାନ କରନ୍ତି । ଏତଦ୍‌ଭିନ୍ନ ଆହୁରି ବହୁ ଦେବତା ମଧ୍ୟ ଅଛନ୍ତି ।

ଆମର ପୂର୍ଣ୍ଣତା ଲାଭ ନିମନ୍ତେ ଏହି ସମସ୍ତ ଦେବତାଙ୍କର ବିକାଶ ଆବଶ୍ୟକ । ଏବଂ ଆମ ସତ୍ତାର ପ୍ରତ୍ୟେକ ସ୍ତରରେ ଏହି ପୂର୍ଣ୍ଣତା ପ୍ରାପ୍ତି ମଧ୍ୟ ଅନିବାର୍ଯ୍ୟ । ଯଥା : ପୃଥିବୀର ବିସ୍ତୃତି ମଧ୍ୟରେ ପୂର୍ଣ୍ଣତା, ଏଠାରେ ପୃଥିବୀ ହେଉଛି ଆମର ଅନ୍ନମୟ ସତ୍ତା ଏବଂ ଅନ୍ନମୟ ଚେତନା; ପ୍ରାଣିକ ବେଗ, କର୍ମ ଓ ଭୋଗରେ ତଥା ସ୍ନାୟବିକ ସ୍ପନ୍ଦନରେ ଥିବା ପୂର୍ଣ୍ଣଶକ୍ତିରେ ପୂର୍ଣ୍ଣତା, ଯାହାକୁ ବେଦରେ ଅଶ୍ୱ ସହ ତୁଳନା କରି କୁହାଯାଇଛି ଯେ

ଆମର ପ୍ରୟାସକୁ ଆଗକୁ ବହିନେବା ପାଇଁ ତାଙ୍କୁ ସମ୍ମୁଖକୁ ଆଣିବାକୁ ହେବ; ଭାବପ୍ରବଣ ହୃଦୟର ଯଥାର୍ଥ ହର୍ଷ ମଧ୍ୟରେ ଏବଂ ଆମର ବୌଦ୍ଧିକ ଏବଂ ମନସ୍ତାତ୍ତ୍ୱିକ ସତ୍ତା ସ୍ୱରୂପ ମନୋବୁଦ୍ଧିର ସମୁଜ୍ଜ୍ୱଳ ତେଜ ଓ ଶୁଦ୍ଧତାରେ ପୂର୍ଣ୍ଣତା ଲାଭ କରିବା ଆବଶ୍ୟକ; ଆମର ସମଗ୍ର ଜୀବନକୁ ରୂପାନ୍ତର କରିବାକୁ ଆଗମନ କରୁଥିବା ଅତିମାନସିକ 'ଆଲୋକ'— ବେଦରେ ଏହାର ପ୍ରତୀକରୂପେ ଉଷା, ସୂର୍ଯ୍ୟ ଓ କିରଣମୟୀ ଗୋମାତା ପ୍ରଭୃତିଙ୍କୁ ବ୍ୟବହାର କରାଯାଇଛି — ଏଥିରେ ବି ପୂର୍ଣ୍ଣତା ଲାଭ କରିବାକୁ ହେବ; କାରଣ ଏହିପରିଭାବେ ଆମକୁ 'ସତ୍ୟ'ର ଅଧିକାର ପ୍ରାପ୍ତ ହୋଇଥାଏ, 'ସତ୍ୟ' ଦ୍ୱାରା 'ଆନନ୍ଦ'ର ବିପୁଳ ତରଙ୍ଗ ଉଦ୍‌ଗତ ହୋଇଥାଏ, 'ଆନନ୍ଦ' ମଧ୍ୟରେ ରହିଛି ସର୍ବୋଚ୍ଚ ସତ୍ତାର ଅନନ୍ତ 'ଚେତନା'।

ତିନି ମହାଦେବ, ପୁରାଣପ୍ରସିଦ୍ଧ ଆଦି ତ୍ରିଦେବ, ପରମ ଦେବଙ୍କର ସର୍ବବୃହତ୍ ଶକ୍ତିତ୍ରୟ, ଏହି ବିକାଶ ଓ ଉର୍ଦ୍ଧ୍ୱମୁଖୀ ବିବର୍ତ୍ତନକୁ ସମ୍ଭବ କରନ୍ତି; ସେମାନେ ସେମାନଙ୍କର ବୃହତ୍ କର୍ମଧାରାରେ ଓ ମୂଳ ଶକ୍ତିଗୁଡ଼ିକର ଆଧାର ଉପରେ ବ୍ରହ୍ମାଣ୍ଡର ଏହି ସମସ୍ତ ଜଟିଳତାକୁ ଧାରଣ କରିଛନ୍ତି । **ବ୍ରହ୍ମଣସ୍ପତି** ହେଉଛନ୍ତି ପରମ ସୃଷ୍ଟିକର୍ତ୍ତା; ବାଣୀ ଦ୍ୱାରା, ନିଜର ରବ ଦ୍ୱାରା ସେ ସୃଷ୍ଟି କରନ୍ତି,— ଅର୍ଥାତ୍, ସେ ପ୍ରକାଶ କରନ୍ତି, ଅଚେତନାର ଅନ୍ଧକାର ମଧ୍ୟରୁ ସେ ପ୍ରକାଶକୁ ଆଣନ୍ତି ସକଳ ବସ୍ତୁର ଅସ୍ତିତ୍ୱକୁ, ସଚେତନ ଜ୍ଞାନକୁ, ଜୀବନର ଗତିସଂଚାରକୁ ଏବଂ ପରିଣାମତଃ ରୂପ ନିଏ ସ୍ଥୂଳ ଆକାର । **ରୁଦ୍ର** ହେଉଛନ୍ତି ପ୍ରଚଣ୍ଡ, ପରମ ଦୟାଳୁ, ମହାଶକ୍ତିମାନ୍ ଦେବତା, ଦୃଢ଼ ପ୍ରତିଷ୍ଠ ହେବା ପାଇଁ ସ୍ୱୟଂ ଜୀବନ ଯେଉଁ ସଂଗ୍ରାମ କରୁଛି ସେଥିରେ ସେ ବିଦ୍ୟମାନ; ସେ ହେଉଛନ୍ତି ଅସ୍ତ୍ରଶସ୍ତ୍ରସମନ୍ୱିତ କ୍ରୋଧୀ ଓ କଲ୍ୟାଣକାରୀ ଭଗବତ୍ ଶକ୍ତି, ସେ ସୃଷ୍ଟିକୁ ଉର୍ଦ୍ଧ୍ୱଦିଗରେ ଉତ୍ତୋଳିତ ହେବାକୁ ବାଧ୍ୟ କରନ୍ତି, ଯାହାସବୁ ଏଥିରେ ବିରୋଧୀ ସେଗୁଡ଼ିକର ବିନାଶ କରନ୍ତି, ଯାହାସବୁ ଏଥିରେ ପ୍ରମାଦ ଘଟାନ୍ତି ଓ ବାଧା ଦିଅନ୍ତି ସେମାନଙ୍କ ଉପରେ ସେ ପ୍ରହାର କରନ୍ତି; ଯେଉଁମାନେ କ୍ଷତବିକ୍ଷତ, ବେଦନା-ପୀଡ଼ିତ, ନିଜ ଉପରେ ହୋଇଥିବା ଅତ୍ୟାଚାର ହେତୁ ଯେଉଁମାନେ ଅଭିଯୋଗ କରନ୍ତି ଓ ଏହାଙ୍କ ଶରଣକୁ ଆସନ୍ତି, ଏ ସମସ୍ତଙ୍କର ଦୁଃଖକୁ ସେ ଦୂର କରି ପ୍ରତିକାର ବିଧାନ କରିଥାନ୍ତି । **ବିଷ୍ଣୁ** ହେଉଛନ୍ତି ବିଶାଳ, ପ୍ରବେଶନଶୀଳ-ଗତିଯୁକ୍ତ ଦେବ ଯେ କି ତ୍ରିପଦରେ ଏହି ସକଳ ଭୁବନକୁ ଧାରଣ କରିଛନ୍ତି; ଆମର ସୀମିତ ମର୍ତ୍ତ୍ୟ ଚେତନାରେ ଇନ୍ଦ୍ରଙ୍କର କର୍ମ ପାଇଁ ବିସ୍ତୃତ ସ୍ଥାନ ସେ ନିର୍ମାଣ କରନ୍ତି; ତାଙ୍କରି ଦ୍ୱାରା ଓ ତାଙ୍କରି ସହିତ ଆମେ ତାଙ୍କ ସର୍ବୋଚ୍ଚ ଆସ୍ଥାନକୁ ଉନ୍ନୀତ ହୋଇପାରୁ, ଏବଂ ସେଠାରେ ଆମେ ଦେଖିବାକୁ ପାଉ ଦିବ୍ୟ ସଖା, ଦିବ୍ୟପ୍ରେମିକ, ପରମ ସୁଖଦାତା ପ୍ରଭୁ ଆମକୁ ଅପେକ୍ଷା କରିଛନ୍ତି ।



ସଂସାରର ଘନାନ୍ଧକାରମୟ ଅଚେତନା-ସମୁଦ୍ରରୁ ରୂପ ଧାରଣ କରିଥିବା ଆମର ଏହି ପୃଥିବୀ ସ୍ୱର୍ଗାଭିମୁଖେ ଏହାର ଉନ୍ନତ ରଚନାଗୁଡ଼ିକୁ ଓ ଉତ୍ତରଣଶୀଳ ଶିଖରଗୁଡ଼ିକୁ ତୋଳିବାରେ ଲାଗିଛି; ମନଃସ୍ୱର୍ଗର ସ୍ୱକୀୟ ସଂରଚନାମାନ ରହିଛି, ମେଘମାଳା (ପର୍ଜନ୍ୟ) ବର୍ଷଣ କରନ୍ତି ସେମାନଙ୍କର ବିଦ୍ୟୁତ୍ ଓ ଜୀବନ-ବାରିଧାରାଗୁଡ଼ିକୁ; ଶୁଦ୍ଧତା ଓ ମଧୁରୂପକ ଝର ନିମ୍ନର ଅବଚେତନା-ସମୁଦ୍ରରୁ ଉତ୍‌ଥିତ ହୋଇ ଉପରିସ୍ଥ ଅତିଚେତନାର ସମୁଦ୍ରରେ ମିଳିତ ହେବାର ଅଭିଳାଷରେ ଆରୋହଣ କରିଚାଲିଛି; ଏବଂ ଉପରୁ ସେହି ସମୁଦ୍ରଟି ଆଲୋକ, ସତ୍ୟ ଓ ଆନନ୍ଦରୂପକ ସରିତ୍‌ମାନଙ୍କୁ ନିମ୍ନକୁ ଏପରିକି ଆମର ଶାରୀରସତ୍ତା ମଧ୍ୟକୁ ପ୍ରେରଣ କରେ । ଏହିପରି ଭାବେ ସ୍ଥୂଳପ୍ରକୃତିର ପ୍ରତୀକ ମଧ୍ୟରେ ବୈଦିକ କବିମାନେ ଆମର ଆଧ୍ୟାତ୍ମିକ ଉତ୍ତରଣର ସୂକ୍ତଗୁଡ଼ିକୁ ଗାୟନ କରିଛନ୍ତି ।

ଋଷିମାନଙ୍କ ଦ୍ୱାରା ଅର୍ଥାତ୍ ମାନବଜାତିର **ପୂର୍ବପୁରୁଷ**ଙ୍କ ଦ୍ୱାରା ସେହି ଉତ୍ତରଣ ସଂପନ୍ନ ହୋଇସାରିଛି, ଏବଂ ଏହିସବୁ ମହାନ୍ ପୂର୍ବଜମାନଙ୍କର ଆତ୍ମା ସେମାନଙ୍କର ସନ୍ତାନମାନଙ୍କୁ ଏବେ ମଧ୍ୟ ସେହି ଉତ୍ତରଣରେ ସହାୟତା ପ୍ରଦାନ କରୁଛି; କାରଣ, ନବୀନ ଉଷାମାନେ ଅତୀତ ଉଷାର ପୁନରାବୃତ୍ତି କରୁଛନ୍ତି ଏବଂ ଭବିଷ୍ୟତର ଉଷାଗୁଡ଼ିକ ସହିତ ସମ୍ମିଳିତ ହେବା ପାଇଁ ଆଲୋକ ମଧ୍ୟରେ ସେମାନେ ଆଗକୁ ଝୁଙ୍କି ରହିଥା'ନ୍ତି । **କଣ୍ୱ, କୁତ୍ସ, ଅତ୍ରି, କକ୍ଷିବାନ୍, ଗୋତମ, ଶୁନଃଶେପ** ପ୍ରଭୃତି ଋଷିଗଣ ନିର୍ଦ୍ଦିଷ୍ଟ କେତେକ ଆଧ୍ୟାତ୍ମିକ ବିଜୟର ଗୋଟିଏ ଗୋଟିଏ ଆଦର୍ଶରେ ପରିଣତ ହୋଇଛନ୍ତି ଏବଂ ମାନବ-ସଭ୍ୟତାର ଅଭିଜ୍ଞତା ମଧ୍ୟରେ ସେହି ବିଜୟର ଯେ ବାରଂବାର ପୁନରାବୃତ୍ତି ଘଟିବ ସେହି ପ୍ରଚୋଦନାକୁ ସେମାନେ ବହନ କରୁଛନ୍ତି । ସପ୍ତର୍ଷିଗଣ ଅର୍ଥାତ୍ ଅଙ୍ଗିରସମାନେ ଏବେ ମଧ୍ୟ ତଥା ଚିରକାଳ ଅପେକ୍ଷମାଣ, ମନ୍ତ୍ରପାଠ ପାଇଁ ସେମାନେ ଏବେ ମଧ୍ୟ ପ୍ରସ୍ତୁତ ଯାହାଫଳରେ ଆବରଣର ଗୁହାଟି ବିଦୀର୍ଣ୍ଣ ହୋଇଯିବ, ହୃତ ଗାଇମାନଙ୍କୁ ଆମେ ପୁଣି ଫେରିପାଇବୁ, ପ୍ରଚ୍ଛନ୍ନ **ସୂର୍ଯ୍ୟ** ପୁନରାବିଷ୍କୃତ ହେବେ । ଏହିପରି ଭାବେ ଆତ୍ମା ହେଉଛି ସହାୟକ ଓ ବାଧକମାନଙ୍କ ମଧ୍ୟରେ, ମିତ୍ର ଓ ଶତ୍ରୁମାନଙ୍କ ମଧ୍ୟରେ, ଏକ ଯୁଦ୍ଧକ୍ଷେତ୍ର । ପ୍ରାଣବାନ୍ ଓ ପ୍ରାଚୁର୍ଯ୍ୟରେ ଭରପୂର ଏ ସବୁକିଛି ସ୍ୱ ସ୍ୱ ରୂପ ନେଇ ବିଦ୍ୟମାନ, ସଚେତନ ଓ ସକ୍ରିୟ । ଯଜ୍ଞ ଦ୍ୱାରା ଓ ମନ୍ତ୍ର ଦ୍ୱାରା ଆମେ ଆମ ନିଜ ପାଇଁ ସୃଷ୍ଟିକରୁ ଜ୍ଞାନଦୀପ୍ତ ଦ୍ରଷ୍ଟାମାନଙ୍କୁ, ଆମ ପକ୍ଷରେ ଯୁଦ୍ଧ କରିବା ପାଇଁ ବୀରମାନଙ୍କୁ, କର୍ମସନ୍ତାନମାନଙ୍କୁ । ଋଷିଗଣ ଓ ଦେବଗଣ ଆମ ପାଇଁ ଆମର କିରଣରୂପିଣୀ ଗାଇମାନଙ୍କୁ ଖୋଜି ଦିଅନ୍ତି; ଋଭୁଗଣ ମନ ଦ୍ୱାରା ଦେବଗଣଙ୍କ ରଥଗୁଡ଼ିକୁ ଓ ସେମାନଙ୍କର ଅଶ୍ୱମାନଙ୍କୁ ଓ ସେମାନଙ୍କ ଚକ୍‌ମକ୍ ଆୟୁଧ ତଥା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ପ୍ରସ୍ତୁତ କରାନ୍ତି । ଆମର ଜୀବନ ହେଉଛି ଏକ ଅଶ୍ୱ, ସେ ରବ କରି ଓ ଲମ୍ଫ ଦେଇ ଆମକୁ ବହିନେଇ ଚାଲିଛି ଆଗକୁ ଆଗକୁ ଏବଂ

ଊର୍ଦ୍ଧ୍ୱ ଦିଗରେ; ଏହାର ଶକ୍ତିମାନେ ହେଲେ ଦ୍ରୁତଗାମୀ ଘୋଟକଗଣ ଓ ବୃହତ୍ ପକ୍ଷଯୁକ୍ତ ମାନସିକ ମୁକ୍ତଶକ୍ତି-ସ୍ୱରୂପ ବିହଙ୍ଗମଗଣ; ଏହି ମନୋମୟ ସତ୍ତା ବା ଏହି ଆତ୍ମା ହେଉଛି ଊର୍ଦ୍ଧ୍ୱଲକ୍ଷ୍ୟରେ ଉଡ୍ଡୀନ 'ହଂସ' ବା 'ଶ୍ୟେନ' ଯେ କି ଶତ ଲୌହପ୍ରାଚୀରକୁ ଭାଙ୍ଗି ବାହାରି ଆସେ ଓ ଈର୍ଷାଳୁ ରକ୍ଷୀମାନଙ୍କ କବଳରୁ 'ସୋମ'-ମଦିରା ରୂପକ ଆନନ୍ଦର ସମୃଦ୍ଧିକୁ ଉଦ୍ଧାର କରେ । ହୃଦୟର ଗୁପ୍ତ ଗହ୍ୱର ମଧ୍ୟରୁ ଉତ୍‌ଥିତ ଦେବତ୍ୱାଭିମୁଖୀ ଯେକୌଣସି ଆଲୋକିତ ଚିନ୍ତା ହେଉଛି ଜଣେ ଜଣେ ପୁରୋହିତ ବା ସ୍ରଷ୍ଟା ଏବଂ ଜ୍ଞାନମୟ ଉପଲବ୍ଧି ଓ ଶକ୍ତିଶାଳୀ ସିଦ୍ଧିର ଦିବ୍ୟସୂକ୍ତଗୁଡ଼ିକୁ ସେମାନେ ଗାନ କରନ୍ତି । ପରମ ସତ୍ୟର ଜାଜ୍ୱଳ ସୁବର୍ଣ୍ଣକୁ ଲାଭ କରିବା ଆମର ଇଚ୍ଛା; ସ୍ୱର୍ଗୀୟ ନିଧିଲାଭ ଆଶାରେ ଆମେ ଲୋଲୁପ ।

ମଣିଷର ଆତ୍ମା ହେଉଛି ବିଭିନ୍ନ ସତ୍ତାରେ ପୂର୍ଣ୍ଣ ଏକ ଜଗତ, ଏକ ରାଜ୍ୟ ଯେଉଁଠି ଚରମ ବିଜୟ ଲାଭ ନିମନ୍ତେ ସାହାଯ୍ୟ ଏବଂ ବାଧା ପ୍ରଦାନ ପାଇଁ ଉଭୟ ସେନା ମଧ୍ୟରେ ସଂଘର୍ଷ ଚାଲିଛି, ଏହା ଏକ ଗୃହ, ଯେଉଁଠି ଦେବଗଣ ଆମର ଅତିଥି ଏବଂ ଅସୁରଗଣ ନିରନ୍ତର ଉଦ୍ୟମ କରୁଛନ୍ତି ତାକୁ ଅଧିକାର କରିବା ପାଇଁ; ଏହାର ଶକ୍ତିଗୁଡ଼ିକର ପୂର୍ଣ୍ଣତା, ଏହାର ସତ୍ତାର ବିସ୍ତୃତି (ବର୍ହି) ଇତ୍ୟାଦି ଯଜ୍ଞର ଆସନଟିଏ ସୃଷ୍ଟି କରେ ଯାହାକି ଦିବ୍ୟ କର୍ମାନୁଷ୍ଠାନ ନିମନ୍ତେ ଆସ୍ତୀର୍ଣ୍ଣ, ସୁସଜ୍ଜିତ ଓ ପୂତ ।

ବେଦର କେତୋଟି ମୁଖ୍ୟ ପ୍ରତୀକର ରହସ୍ୟ ଏହିପରି ଏବଂ ଆମ ପୂର୍ବପୁରୁଷମାନଙ୍କ ଶିକ୍ଷାର ଏହା ହେଉଛି ଅତି ସଂକ୍ଷିପ୍ତ ଓ ଅଳ୍ପ କେତେକ ଦିଗ୍‌ଦର୍ଶକ ସୂଚନା । ଋଗ୍‌ବେଦକୁ ଏହିଭାବେ ବୁଝିଲେ ତାହା ଆଉ ଅସ୍ପଷ୍ଟ, ଅସଂଲଗ୍ନ ଏବଂ ବର୍ବର-ସୁଲଭ ଗୀତଗୁଚ୍ଛ ହୋଇ ରହିବ ନାହିଁ ବରଂ ମନୁଷ୍ୟଜାତିର ଉଚ୍ଚ-ଆସ୍ପୃହାର ଦିବ୍ୟସଂଗୀତ ରୂପେ ପ୍ରତୀତ ହେବ; ଏହାର ମନ୍ତ୍ରପାଠଗୁଡ଼ିକ ହେଉଛି ଆତ୍ମାର ଅମର-ଆରୋହଣ-ପଥର ଏକ ଲଳିତ ମହାକାବ୍ୟ ।

ଏଠାରେ ଅତି କମ୍‌ରେ ଏତିକି; ପ୍ରାଚୀନ ବିଜ୍ଞାନ, ଲୁପ୍ତ ବିଦ୍ୟା, ପୁରାତନ ମନୋଭୌତିକ ପରମ୍ପରାର ଉତ୍ସରୂପେ ବେଦରେ ଆଉ ଯାହାକିଛି ରହିଛି ସେଗୁଡ଼ିକୁ ଆବିଷ୍କାର କରିବାକୁ ଅପେକ୍ଷା ରହିଲା ।

## ଋଗ୍‌ବେଦ

## ପ୍ରଥମ ମଣ୍ଡଳ

# ମଧୁଚ୍ଛନ୍ଦାଃ ବୈଶ୍ୱାମିତ୍ର

ସୂକ୍ତ : ୧ ॥ ଋଷି : ମଧୁଃଚ୍ଛନ୍ଦା, ବୈଶ୍ୱାମିତ୍ର, ଛନ୍ଦ : ଗାୟତ୍ରୀ

**ଅଗ୍ନିମୀଳେ ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ୍ ।**
**ହୋତାରଂ ରତ୍ନଧାତମମ୍ ॥୧॥**

*ଅଗ୍ନିମ୍ ଈଳେ ପୁରଃ ହିତମ୍ ଯଜ୍ଞସ୍ୟ ଦେବମ୍ ଋତ୍ୱିଜମ୍ /*
*ହେତାରମ୍ ରତ୍ନଧାତମମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ପୁରୋହିତ [ପୁରୋହିତମ୍], ଯଜ୍ଞର ଦିବ୍ୟ ଋତ୍ୱିକ୍ [ଯଜ୍ଞସ୍ୟ ଦେବମ୍ ଋତ୍ୱିଜମ୍], ଦେବତାମାନଙ୍କର ଆବାହକ [ହୋତାରମ୍] ଅଗ୍ନିଦେବଙ୍କୁ ମୁଁ ଉପାସନା କରୁଛି [ଅଗ୍ନିମ୍ ଈଳେ] ଯେ କି ଆନନ୍ଦ-ଐଶ୍ୱର୍ଯ୍ୟର ସର୍ବଶ୍ରେଷ୍ଠ ପ୍ରତିଷ୍ଠାତା ଅଟନ୍ତି [ରତ୍ନ-ଧାତମମ୍] ।

*ଭାବାର୍ଥ : ବେଦର ଏହି ପ୍ରଥମ ମନ୍ତ୍ରଟି ଉପରେ ଅନେକ ଆଚାର୍ଯ୍ୟ ଅନେକ ପ୍ରକାର ବ୍ୟାଖ୍ୟା କରିଛନ୍ତି । ସ୍ୱୟଂ ଶ୍ରୀଅରବିନ୍ଦ ତାଙ୍କର ରଚନାବଳୀରେ ଅନେକ ସ୍ଥାନରେ ଏହି ମନ୍ତ୍ରର ତଥ୍ୟକୁ ଅବତାରଣା କରିଛନ୍ତି । କାରଣ ଅଗ୍ନିଙ୍କୁ କେନ୍ଦ୍ର କରି ଯଜ୍ଞ, ପୁରୋହିତ, ଋତ୍ୱିକ୍, ରତ୍ନ ପ୍ରଭୃତି ଯେଉଁ ଶବ୍ଦଗୁଡ଼ିକ ଏଠାରେ ବ୍ୟବହୃତ ହୋଇଛନ୍ତି । ଜୀବନ, ଯୋଗ, ଦେଶ, କାଳ ପ୍ରଭୃତିର ସାର ରହସ୍ୟଟି ଏହାରି ଭିତରେ ରହିଥିବାର ସଂକେତ ମିଳେ ।*

*ଅଗ୍ନି ହେଉଛନ୍ତି ଯେକୌଣସି ଯଜ୍ଞରେ ମୁଖ୍ୟ ଦେବତା, ଯଜ୍ଞଦେବ; ବେଦି ଉପରେ ସେ ପ୍ରଜ୍ୱଳିତ ହୋଇ ଆହୁତିର ବାହନ ଆରୋହଣ କରି ସେ ସ୍ୱର୍ଗଲୋକକୁ ଯାତ୍ରାକରନ୍ତି ଓ ସେଠାରୁ ଆମର ଅଭୀଷ୍ଟ ଦେବଗଣଙ୍କୁ ଆବାହନ କରି ଆଣନ୍ତି ଯଜ୍ଞ ସ୍ଥଳକୁ ଏବଂ ସେହି ଦେବତାମାନେ ଆମର ଇଷ୍ଟଫଳ ପ୍ରଦାନ କରନ୍ତି । ବାହ୍ୟ ଯଜ୍ଞର ପଶ୍ଚାତରେ ଥିବା ରହସ୍ୟକୁ ଏହି ରୂପକଳ୍ପ ମାଧ୍ୟମରେ ବୈଦିକ ଋଷିମାନେ ମାନବ ସମ୍ମୁଖରେ ଏପରି ଶକ୍ତିର ସହ ଉପସ୍ଥାପନ କରିଯାଇଛନ୍ତି ଯେ ତାହା ଏତେ ଯୁଗ ପରେ, ଏପରିକି ଆଧୁନିକ ଜଡ଼ବାଦୀ ବିଜ୍ଞାନର ଯୁଗରେ ମଧ୍ୟ ମାନବ ଚେତନାକୁ ଏକ ରହସ୍ୟମୟ ସ୍ପର୍ଶ ଆଣିଦେଉଛି ।*

*ଏହି ଯଜ୍ଞ-ରହସ୍ୟଟିକୁ ଶ୍ରୀମଦ୍‌ଭଗବଦ୍‌ଗୀତା ସୂତ୍ରାକାରରେ ମାନବମନ ସମକ୍ଷରେ ଉପସ୍ଥାପନ କରିବାକୁ ପ୍ରୟାସ କରିଛି – ପ୍ରତ୍ୟେକ ମନୁଷ୍ୟ, ଜୀବ, ଉଦ୍ଭିଦ, ବସ୍ତୁ –*

*ସମଗ୍ରପ୍ରକୃତି – ସୂକ୍ଷ୍ମରେ ତଥା ସ୍ଥୂଳରେ ନିରନ୍ତର ଏକ ଉଚ୍ଚତର ସତ୍ୟ ନିକଟରେ ନିଜନିଜକୁ ସ୍ୱାହା (ଉତ୍ସର୍ଗ) କରିଚାଲିଛନ୍ତି, ବିଶ୍ୱଯଜ୍ଞ, ଯାହା ଫଳରେ ଏହି ବିଶ୍ୱରେ ଦିବ୍ୟସତ୍ୟର ଅବତରଣ ଓ ଅଭିବ୍ୟକ୍ତି ସମ୍ଭବ ହେବ ।*

*ଏଠାରେ ପ୍ରସ୍ତୁତ ମନ୍ତ୍ରଟିରେ ଋଷି ବାହ୍ୟଯଜ୍ଞର ରୂପକ ମଧ୍ୟରେ ଅଗ୍ନିଙ୍କୁ ଆବାହନ କରିଛନ୍ତି : ପୁରୋହିତ, ଯଜ୍ଞର ସଂଚାଳକ ବା ନେତା; ଋତ୍ୱିଜ (ଋତୁ + ଯଜ୍), ନିର୍ଦ୍ଧାରିତ କାଳରେ ଯଜ୍ଞାଗ୍ନିରେ ହବ୍ୟଦାତା; ହୋତା, ବେଦମନ୍ତ୍ରର ଆବୃତ୍ତି ପୂର୍ବକ ତଦୁକ୍ତ ଦେବତାଙ୍କର ଆବାହକ – ଏହି ତ୍ରିବିଧସ୍ଥାନରେ ସେ ଅଗ୍ନିଙ୍କୁହିଁ ଦର୍ଶନ କରିଛନ୍ତି । ଏଣୁ ଏଥିରୁ ବେଶ୍ ପ୍ରମାଣିତ ଯେ ବେଦର ଏ ଅଗ୍ନି ହେଉଛନ୍ତି ରହସ୍ୟମୟ ।*

**ଅଗ୍ନିଃ ପୂର୍ବେଭିର୍ଋଷିଭିରୀଡ୍ୟୋ ନୂତନୈରୁତ ।**
**ସ ଦେବାଁ ଏହ ବକ୍ଷତି ।।୨।।**

*ଅଗ୍ନିଃ ପୂର୍ବେଭିଃ ଋଷିଭିଃ ଈଡ୍ୟଃ ନୂତନୈଃ ଉତ /*
*ସଃ ଦେବାନ୍ ଆ ଇହ ବକ୍ଷତି ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ସେହି ଅଗ୍ନି [ଅଗ୍ନିଃ] ପୁରାତନ ଋଷିମାନଙ୍କର ପୂଜ୍ୟ [ପୂର୍ବେଭିଃ ଋଷିଭିଃ ଈଡ୍ୟଃ] ଏବଂ ନୂତନ ଋଷିଗଣଙ୍କର ମଧ୍ଯ [ନୂତନୈଃ ଉତ] । ସେ ଦେବତାମାନଙ୍କୁ ଏଠାକୁ ବହନ କରି ଆଣନ୍ତି [ସଃ ଦେବାନ୍ ଇହ ଆ-ବକ୍ଷତି] ।

*ଭାବାର୍ଥ : ଅଗ୍ନ୍ୟୁପାସନା ପ୍ରାକ୍ତନ-ନୂତନ-ନିର୍ବିଶେଷରେ ସମସ୍ତଙ୍କ ପାଇଁ ଏକ ସାର୍ବକାଳିକ କାର୍ଯ୍ୟ ବୋଲି ଋଷି ଏହି ମନ୍ତ୍ରରେ କହିଛନ୍ତି । କାରଣ ଏହି ଅଗ୍ନିଦେବହିଁ ପୃଥିବୀରେ ଦେବତ୍ୱର ଆବିର୍ଭାବ ଘଟାଇବେ । ଏହି ଉକ୍ତିଟି ଶ୍ରୀମା ଶ୍ରୀଅରବିନ୍ଦଙ୍କର ପୃଥିବୀରେ ଦିବ୍ୟଜୀବନ ପ୍ରତିଷ୍ଠାର ଆଦର୍ଶକୁ ପରିପୁଷ୍ଟ କରୁଛି । ମନୁଷ୍ୟ ତା'ଭିତରେ ଥିବା ଆତ୍ମାର ଅଭୀପ୍ସାକୁ ଅନୁସରଣ କଲେ, ତା'ଠାରେ ତା'ର ମନ-ପ୍ରାଣ-ଶରୀର ସମର୍ପିତ ହେଲେ, ସେହି ଆତ୍ମା ଦିନେ ତାଙ୍କ ସ୍ୱରୂପରେ ସ୍ଥୂଳରେ ଅଭିବ୍ୟକ୍ତ ହେବେ ଏବଂ ମନୁଷ୍ୟ ଅମୃତତ୍ୱ ଲାଭ କରିପାରିବ ।*

**ଅଗ୍ନିନା ରୟିମଶ୍ନବତ୍ ପୋଷମେବ ଦିବେଦିବେ ।**
**ଯଶସଂ ବୀରବତ୍ତମମ୍ ।।୩।।**



*ଅଗ୍ନିନା ରୟିମ୍ ଅଶ୍ନବତ୍ ପୋଷମ୍ ଏବ ଦିବେ-ଦିବେ /*
*ଯଶସମ୍ ବୀରବତ୍-ତମମ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଅଗ୍ନିଙ୍କ ଦ୍ୱାରା [ଅଗ୍ନିନା], ଦିନକୁ ଦିନ ପରିପୁଷ୍ଟ ହୋଇଉଠୁଥିବା ବ୍ୟକ୍ତି [ଦିବେ-ଦିବେ ପୋଷମ୍ ଏବ], ଯଶୋପ୍ରଦ [ଯଶସମ୍] ଶ୍ରେଷ୍ଠ ବୀର-ଶକ୍ତି-ସମ୍ପନ୍ନ [ବୀରବତ୍-ତମମ୍] ଐଶ୍ୱର୍ଯ୍ୟକୁ [ରୟିମ୍] ଭୋଗକରେ [ଅଶ୍ନବତ୍] ।

*ଭାବାର୍ଥ : ଏହି ମନ୍ତ୍ରରେ ଅଗ୍ନିଙ୍କୁ ସଂକଳ୍ପାଗ୍ନି ବୋଲି ଗ୍ରହଣ କରାଯାଇପାରେ । ସାଧକ ମଧ୍ୟରେ ସଂକଳ୍ପାଗ୍ନି ନିତ୍ୟ ବୃଦ୍ଧିଲାଭ କରୁଥାଏ ଏବଂ ଶକ୍ତିଶାଳୀ ମଧ୍ୟ ହେଉଥାଏ । ସେହି ସଂକଳ୍ପର ସ୍ଥିରତା ଓ ବିକାଶ ଅନୁପାତରେ ସାଧକ ଶକ୍ତି, ଜ୍ୟୋତିଃ, ଆନନ୍ଦ ପ୍ରଭୃତି ଦିବ୍ୟ ଐଶ୍ୱର୍ଯ୍ୟସବୁକୁ ଲାଭକରେ ଏବଂ ସକଳ ବିରୋଧୀ ଶକ୍ତି ତା' ନିକଟରେ ନତମସ୍ତକ ହୁଅନ୍ତି ।*

**ଅଗ୍ନେ ଯଂ ଯଜ୍ଞମଧ୍ୱରଂ ବିଶ୍ୱତଃ ପରିଭୂରସି ।**
**ସ ଇଦ୍ଦେବେଷୁ ଗଚ୍ଛତି ।।୪।।**

*ଅଗ୍ନେ ଯମ୍ ଯଜ୍ଞମ୍ ଅଧ୍ୱରମ୍ ବିଶ୍ୱତଃ ପରିଭୂଃ ଅସି /*
*ସଃ ଇତ୍ ଦେବେଷୁ ଗଚ୍ଛତି ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ଯେଉଁ ଗତିଶୀଳ ଯଜ୍ଞର [ଯମ୍ ଅଧ୍ୱରଂ ଯଜ୍ଞମ୍] ପ୍ରତ୍ୟେକ ପାର୍ଶ୍ୱକୁ ତୁମେ ଆବେଷ୍ଟନ କରି ରହିଥାଅ [ବିଶ୍ୱତଃ ପରିଭୂଃ ଅସି], ସେହି ଯଜ୍ଞ [ସଃ] ନିଶ୍ଚିତରୂପେ [ଇତ୍] ଦେବତାମାନଙ୍କ ମଧ୍ୟରେ ସ୍ଥାନଲାଭ କରେ [ଦେବେଷୁ ଗଚ୍ଛତି] ।

*ଭାବାର୍ଥ : ଆମର ଅନ୍ତରରେ ନିତ୍ୟପ୍ରବୃତ୍ତ ଯଜ୍ଞ ନିତ୍ୟ ନୂତନ ଅନୁଭୂତି ଲାଭ କରି କରି ଗତି କରିଚାଲିଛି, ଅଧ୍ୱର । ସେହି ଯଜ୍ଞର ଚତୁର୍ଦ୍ଦିଗରୁ ଅଗ୍ନିଦେବ ତାଙ୍କର ଶକ୍ତିକୁ ବ୍ୟାପ୍ତ କରି ସାଧକକୁ ବିରୋଧୀ ଶକ୍ତିଙ୍କ କବଳରୁ ରକ୍ଷା କରି ଚାଲିଛନ୍ତି । ନିତ୍ୟ ପ୍ରବର୍ତ୍ତିତ ଏହି ଅନ୍ତର୍ଯଜ୍ଞବେଦୀରେ ଦେବତାଗଣଙ୍କର ଆବିର୍ଭାବ ନିଶ୍ଚୟ ଘଟିବ ।*

*ସ୍ୱାମୀ ଦୟାନନ୍ଦ ସରସ୍ୱତୀ ତଥା ସାୟଣ ପ୍ରଭୃତି ଟୀକାକାରମାନେ ''ଅଧ୍ୱର'' ଶବ୍ଦର ଅର୍ଥ ଅହିଂସା ବୋଲି କରିଛନ୍ତି । ଅର୍ଥାତ୍, ଯଜ୍ଞନାଶ କରିବା ପାଇଁ ଅସୁର, ରାକ୍ଷସମାନେ ଆସି ହିଂସାଚରଣ କରନ୍ତି, କିନ୍ତୁ ଯେଉଁ ଯଜ୍ଞରେ ଅଗ୍ନିଦେବ ରକ୍ଷାକର୍ତ୍ତାରୂପେ*

*ଚତୁର୍ଦ୍ଦିଗରେ ବିଦ୍ୟମାନ, ସେହି ଯଜ୍ଞ ନିଶ୍ଚୟ ସଫଳତା ଲାଭ କରିପାରିବ ।*

*(ଅ-ଧ୍ୱର) ଧ୍ୱର୍ ଧାତୁର ଅର୍ଥ ଆଘାତ ଦେବା । କିନ୍ତୁ ଶ୍ରୀଅରବିନ୍ଦଙ୍କ ମତ ହେଉଛି ଏହା 'ଅଧ୍' - ଗତ୍ୟର୍ଥକଧାତୁରୁ ନିଷ୍ପନ୍ନ, ଏଣୁ ଅଧ୍ୱର ଶବ୍ଦର ସାଧାରଣ ଅର୍ଥ - ମାର୍ଗ । ଏଠାରେ ଦେବତାଙ୍କ ଦିଗରେ ''ଗତିଶୀଳ ଯଜ୍ଞ'' ଅର୍ଥଟି ଉପଯୁକ୍ତ ।**

**ଅଗ୍ନିର୍ହୋତା କବିକ୍ରତୁଃ ସତ୍ୟଶ୍ଚିତ୍ରଶ୍ରବସ୍ତମଃ ।**
**ଦେବୋ ଦେବେଭିରା ଗମତ୍ ।।୫।।**

*ଅଗ୍ନିଃ ହୋତା କବିକ୍ରତୁଃ ସତ୍ୟଃ ଚିତ୍ରଶ୍ରବଃ-ତମଃ /*
*ଦେବଃ ଦେବେଭିଃ ଆ ଗମତ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଦେବଗଣଙ୍କର ଆବାହକ [ହୋତା], ଦ୍ରଷ୍ଟୃ-ସଂକଳ୍ପ [କବିକ୍ରତୁଃ], ସତ୍ୟ [ସତ୍ୟଃ] ବୈଚିତ୍ର୍ୟମୟ ଅନ୍ତର୍ବଚନର ସର୍ବଶ୍ରେଷ୍ଠ ଶ୍ରୋତା [ଚିତ୍ରଶ୍ରବସ୍ତମଃ] ଅଗ୍ନିଦେବ [ଅଗ୍ନିଃ] ଦେବଗଣଙ୍କ ସହ [ଦେବେଭିଃ] ଏଠାକୁ ଆଗମନ କରନ୍ତୁ [ଆଗମତ୍] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ଅଗ୍ନିଙ୍କର ସର୍ବବ୍ୟାପକତ୍ୱକୁ ବ୍ୟକ୍ତ କରିଛନ୍ତି । ଯେଉଁ ଅଗ୍ନି ପୃଥିବୀପୃଷ୍ଠରେ ଦେବଗଣଙ୍କୁ ଆବାହନ କରନ୍ତି ସେ ପୁଣି ଦେବଗଣଙ୍କ ମଧ୍ୟରେ ଦେବଲୋକରେ ବିରାଜମାନ । ଋଷି ସକଳ ଦେବଗଣଙ୍କ ସହ ଅଗ୍ନିଦେବଙ୍କର ଅଭିବ୍ୟକ୍ତି ଏହି ପୃଥିବୀପୃଷ୍ଠରେ ତଥା ନିଜ ସତ୍ତା ମଧ୍ୟରେ ହେଉ ବୋଲି ପ୍ରାର୍ଥନା କରୁଛନ୍ତି । ସେହି ଅଗ୍ନିଦେବ ଅନ୍ତରାତ୍ମାରୂପରେ ସର୍ବତ୍ର ବିଦ୍ୟମାନ ଥିବାରୁ ସକଳ ହୃଦୟର ଭାଷାକୁ ଶୁଣିପାରୁଛନ୍ତି ।*

**ଯଦଙ୍ଗ ଦାଶୁଷେ ତ୍ୱମଗ୍ନେ ଭଦ୍ରଂ କରିଷ୍ୟସି ।**
**ତବେତ୍ତତ୍ ସତ୍ୟମଙ୍ଗିରଃ ।।୬।।**

*ଯତ୍ ଅଙ୍ଗ ଦାଶୁଷେ ତ୍ୱମ୍ ଅଗ୍ନେ ଭଦ୍ରମ୍ କରିଷ୍ୟସି /*
*ତବ ଇତ୍ ତତ୍ ସତ୍ୟମ୍ ଅଙ୍ଗିରଃ ।।*

* Humns to the Mystic Fire ଗ୍ରନ୍ଥର P. 462-63 ପୃଷ୍ଠା ଦ୍ରଷ୍ଟବ୍ୟ । "The Synthesis of Yoga" ଗ୍ରନ୍ଥର "The Ascent of Sacrifice" ପ୍ରବନ୍ଧରେ ଏହି ତତ୍ତ୍ୱର ବିଶଦ ବ୍ୟାଖ୍ୟା ଦେଖିବାକୁ ମିଳେ । – ଅନୁବାଦକ



ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଙ୍ଗ ଅଗ୍ନେ], ହେ ଅଙ୍ଗିରସ୍ [ଅଙ୍ଗିରଃ] ! ତୁମକୁ ଦାନ କରୁଥିବା ବ୍ୟକ୍ତି ନିମନ୍ତେ [ଦାଶୁଷେ] ଯେଉଁ ଶୁଭ ବସ୍ତୁ ତୁମେ ସୃଷ୍ଟି କରିବ [ଯତ୍ ଭଦ୍ରଂ ତ୍ୱଂ କରିଷ୍ୟସି] ତାହା ହେଉଛି ସେହି *ସତ୍ୟ* [ସତ୍ୟମ୍] ଏବଂ ତାହାହିଁ ତୁମରି [ତତ୍ ତବ ଇତ୍] ।

*ଭାବାର୍ଥ : ଏଠାରେ ଅଗ୍ନିଦେବଙ୍କୁ ଆମେ ମନୁଷ୍ୟର ଅନ୍ତର୍ଗତ ଚୈତ୍ୟାଗ୍ନି ବୋଲି ବୁଝିପାରୁଁ । ବ୍ୟକ୍ତିର ଆତ୍ମସମର୍ପଣ ଦ୍ୱାରା ଚୈତ୍ୟାଗ୍ନି ସତ୍ତାଗୁଡ଼ିକ ମଧ୍ୟରେ ବିକଶିତ ହୋଇଉଠନ୍ତି ଏବଂ ସାଧକର ଲକ୍ଷ୍ୟକୁ ଉପଲବ୍ଧ କରାନ୍ତି ଯାହାକି ଜୀବନର ଅତ୍ୟନ୍ତ କଲ୍ୟାଣକାରୀ ସାଫଲ୍ୟ ।*

**ଉପ ତ୍ୱାଗ୍ନେ ଦିବେଦିବେ ଦୋଷାବସ୍ତର୍ଧିୟା ବୟମ୍ ।**
**ନମୋ ଭରନ୍ତ ଏମସି ।।୭।।**

*ଉପ ତ୍ୱା ଅଗ୍ନେ ଦିବେ-ଦିବେ ଦୋଷାବସ୍ତଃ ଧିୟା ବୟମ୍ /*
*ନମଃ ଭରନ୍ତଃ ଆ-ଇମସି ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ଆମେ [ବୟମ୍] ଦିନ-ପ୍ରତିଦିନ [ଦିବେଦିବେ], ରାତ୍ରିର ଅନ୍ଧକାରରେ ଓ ଆଲୋକରେ [ଦୋଷାବସ୍ତଃ] ଆମର ଚିନ୍ତାରେ [ଧିୟା] ତୁମକୁ ପ୍ରଣାମାଞ୍ଜଳି ସହ [ନମଃ ଭରନ୍ତଃ], ଆମେ ତୁମର ନିକଟବର୍ତ୍ତୀ ହେଉଛୁ [ତ୍ୱା ଉପ ଏମସି] ।

*ଭାବାର୍ଥ : ଏହି ମନ୍ତ୍ରରେ ଆମର ବାହ୍ୟଜୀବନ ଓ ଯୋଗଜୀବନର ରହସ୍ୟଟି ଦୃଷ୍ଟିଗୋଚର ହୁଏ । ଦିବସ-ରାତ୍ରି, ଆଲୋକ-ଅନ୍ଧକାର ପରି ଆମ ଜୀବନରେ ଆମକୁ କେତେ ଉତ୍ଥାନପତନ, ସୁଖ-ଦୁଃଖ, ଭଲ-ମନ୍ଦ, ଉତ୍କର୍ଷ-ଅପକର୍ଷକୁ ଭୋଗ କରିବାକୁ ହୁଏ । କେତେ ଅନୁକୂଳ-ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ହୁଏ । ଏହିସବୁ କାରଣରୁ ଜୀବନ କେତେ ଆଶା ଓ ନିରାଶାରେ ପରିପୂର୍ଣ୍ଣ । କିନ୍ତୁ ଏଠାରେ ସତ୍ୟଦ୍ରଷ୍ଟା ଋଷିଙ୍କର ଅନୁଭବ ହେଉଛି, ଆମେ ସମସ୍ତେ ଏହି ସକଳ ସଂକଟପୂର୍ଣ୍ଣ ମାର୍ଗରେ ମଧ୍ୟ ସେହି ଅଗ୍ନିଦେବ (ସତ୍ୟ)ଙ୍କ ନିକଟରେ ପ୍ରଣତ ଏବଂ ତାଙ୍କରି ନିକଟବର୍ତ୍ତୀ ହେଉଛୁ ।*

**ରାଜନ୍ତମଧ୍ୱରାଣାଂ ଗୋପାମୃତସ୍ୟ ଦୀଦିବିମ୍ ।**
**ବର୍ଧମାନଂ ସ୍ୱେ ଦମେ ।।୮।।**

*ରାଜନ୍ତମ୍ ଅଧ୍ୱରାଣାମ୍ ଗୋପାମ୍ ଋତସ୍ୟ ଦୀଦିବିମ୍ /*
*ବର୍ଧମାନମ୍ ସ୍ୱେ ଦମେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମର ଗତିଶୀଳ-ଯଜ୍ଞରେ ଯେ ପ୍ରଦୀପ୍ତ ସ୍ୱରୂପରେ ଶୋଭମାନ [ଅଧ୍ୱରାଣାଂ ରାଜନ୍ତମ୍], ପରମ ସତ୍ୟର ଯେ ଭାସ୍ୱର ରକ୍ଷକ [ଋତସ୍ୟ ଗୋପାମ୍], ନିଜ ଗୃହରେ ଯେ ନିଜେ ବୃଦ୍ଧିଲାଭ କରୁଛନ୍ତି [ସ୍ୱେ ଦମେ ବର୍ଧମାନମ୍], (ଆମେମାନେ ତାଙ୍କରି ନିକଟବର୍ତ୍ତୀ ହେଉଛୁ ଆମର ପ୍ରଣାମାଞ୍ଜଳି ସହ) ।

*ଭାବାର୍ଥ : ପରମ ସତ୍ୟ ଉପରେ ଆଧାରିତ କାର୍ଯ୍ୟ ନିତ୍ୟ ଅଗ୍ରଗତି କରିଚାଲେ । ସେଥିରେ ଯେଉଁ ଶକ୍ତି ଓ ତେଜଃ ଦେଖିବାକୁ ମିଳେ ତାହା ଅଗ୍ନିଙ୍କର ପ୍ରକାଶ । ଅଗ୍ନିହିଁ ଏହାର ଯାତ୍ରାପଥରେ ପ୍ରକୃତ ସତ୍ୟକୁ ରକ୍ଷା କରୁଥା'ନ୍ତି । ଅନ୍ତଃ-ଗହ୍ୱର ହେଉଛି ଅଗ୍ନିଙ୍କର ବାସସ୍ଥାନ – ସେଠାରେ ସେ ସ୍ୱୟଂ ନିତ୍ୟ ବୃଦ୍ଧିଲାଭ କରୁଥାନ୍ତି ।*

**ସ ନଃ ପିତେବ ସୂନବେଽଗ୍ନେ ସୂପାୟନୋ ଭବ ।**
**ସଚସ୍ୱା ନଃ ସ୍ୱସ୍ତୟେ ॥୯॥**

*ସଃ ନଃ ପିତା ଇବ ସୂନବେ ଅଗ୍ନେ ସୁ-ଉପାୟନଃ ଭବ /*
*ସଚସ୍ୱ ନଃ ସ୍ୱସ୍ତୟେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତେଣୁ [ସଃ], ପୁତ୍ରଠାରେ [ସୂନବେ] ଜଣେ ସ୍ନେହଶୀଳ ପିତା ପରି [ପିତା ଇବ] ଆମ ପାଇଁ ତୁମେ ସୁଲଭ ହୁଅ [ନଃ ସୂପାୟନଃ ଭବ], କଲ୍ୟାଣକର ଅବସ୍ଥାନ ନିମନ୍ତେ [ସ୍ୱସ୍ତୟେ] ଆମକୁ ଆଲିଙ୍ଗନ କରି ରୁହ [ସଚସ୍ୱ] ।

*ଭାବାର୍ଥ : ଋଗ୍‌ବେଦର ପ୍ରଥମ ସୂକ୍ତଟିର ଏହି ଶେଷ ମନ୍ତ୍ରଟିରେ ଋଷିଙ୍କର ଅଗ୍ନିଦେବଙ୍କ ପ୍ରତି ଗଭୀର ଆନ୍ତରିକତା ଏବଂ ଏକାତ୍ମତାର ଭାବ ପ୍ରତିଫଳିତ ହୋଇଛି । ଅଗ୍ନିଙ୍କୁ ବିଶ୍ୱର କଲ୍ୟାଣ ପାଇଁ ସେ ଆବାହନ କରୁଛନ୍ତି, ପୁଣି ଏହିପରି ଏକ ଦୁଷ୍କର ସାଧନା-ମାର୍ଗରେ ସେ ସୁଲଭ ହୁଅନ୍ତୁ ଯେପରି ପୁତ୍ର ତା'ର ପିତାଙ୍କୁ ସହଜରେ ଲାଭ କରିଥାଏ ।*

# ମେଧାତିଥି କାଣ୍ୱ

ସୂକ୍ତ : ୧୨ ॥ ଋଷି : ମେଧାତିଥି କାଣ୍ୱ, ଛନ୍ଦ : ଗାୟତ୍ରୀ

**ଅଗ୍ନିଂ ଦୂତଂ ବୃଣୀମହେ ହୋତାରଂ ବିଶ୍ୱବେଦସମ୍ ।**
**ଅସ୍ୟ ଯଜ୍ଞସ୍ୟ ସୁକ୍ରତୁମ୍ ॥୧॥**

ଶ୍ରୀଅରବିନ୍ଦକୃତ ଅର୍ଥ : ଦେବଗଣଙ୍କ ଆବାହକ [ହୋତାରମ୍], ସର୍ବଜ୍ଞାନୀ [ବିଶ୍ୱବେଦସମ୍], ଦୂତ [ଦୂତମ୍] ଏବଂ ଯଜ୍ଞର ସଫଳ ସଂକଳ୍ପବାନ୍ [ସୁକ୍ରତୁମ୍] ଅଗ୍ନିଙ୍କୁ [ଅଗ୍ନିମ୍] ଆମ୍ଭେମାନେ ବରଣ କରୁଛୁ [ବୃଣୀମହେ] ।

*ଭାବାର୍ଥ : ଏଠାରେ ଋଷି ମେଧାତିଥିକାଣ୍ୱ ଦୌତ୍ୟର ସମସ୍ତ ଦିବ୍ୟଗୁଣରେ ବିଭୂଷିତ ଅଗ୍ନିଦେବଙ୍କୁ ଦୂତରୂପରେ ବରଣ କରିଛନ୍ତି । ସାଧାରଣତଃ ଦୂତଗଣ ଉଭୟ ପକ୍ଷର ବାର୍ତ୍ତାବାହକରୂପେ କାର୍ଯ୍ୟ କରନ୍ତି । ଆନ୍ତର ଯଜ୍ଞରେ ଭାଗବତ ସଂକଳ୍ପାଗ୍ନି ଯେଉଁ ଦୌତ୍ୟ କାର୍ଯ୍ୟ କରନ୍ତି ତାହା ହେଲା ଆମର ଆନ୍ତର ଅଭୀପ୍ସା ବା ପ୍ରାର୍ଥନାକୁ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ ଉତ୍ତରଣ କରାଇ ପରମ ଚିନ୍ମୟଙ୍କଠାରେ ପହଞ୍ଚାଇବା ଏବଂ ତାଙ୍କଠାରୁ ଶାନ୍ତି, ପ୍ରେମ ଓ କରୁଣାର ଅବତରଣ କରାଇ ଆଣି ଆମ ମଧ୍ୟରେ ସଂଚାରିତ କରିବା । ଏହି ମହତ୍ତ୍ୱପୂର୍ଣ୍ଣ ବିନିମୟ ପାଇଁ ଆମେ ଏହି ବିଶ୍ୱଜ୍ଞାନମୟ ଅଗ୍ନିଙ୍କୁ ବରଣ କରୁଛୁ ।*

**ଅଗ୍ନିମଗ୍ନିଂ ହବୀମଭିଃ ସଦା ହବନ୍ତ ବିଶ୍ପତିମ୍ ।**
**ହବ୍ୟବାହଂ ପୁରୁପ୍ରିୟମ୍ ॥୨॥**

*ଅଗ୍ନିମ୍ ଅଗ୍ନିମ୍ ହବୀମଭିଃ ସଦା ହବନ୍ତଃ ବିଶ୍‌ପତିମ୍ /*
*ହବ୍ୟବାହମ୍ ପୁରୁ-ପ୍ରିୟମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସୃଷ୍ଟିଗତ ସକଳ ପ୍ରାଣୀଙ୍କର ପ୍ରଭୁ [ବିଶ୍‌ପତିମ୍], ଆମ୍ଭମାନଙ୍କ ସମର୍ପଣର ବାହକ [ହବ୍ୟବାହମ୍], ବହୁ ମହାଜନଙ୍କର ପ୍ରିୟ [ପୁରୁପ୍ରିୟମ୍], ଏହିପରି ପ୍ରତ୍ୟେକ ଅଗ୍ନିଙ୍କୁ ଆମେ ବରଣ କରୁଛୁ [ଅଗ୍ନିମ୍ ଅଗ୍ନିମ୍], ଯାହାଙ୍କୁ ଯାଜ୍ଞିକଗଣ ଦେବାହ୍ୱାନକାରୀ ମନ୍ତ୍ର ଦ୍ୱାରା [ହବୀମଭିଃ] ସର୍ବଦା ପ୍ରାର୍ଥନା କରନ୍ତି [ସଦା ହବନ୍ତଃ], ଏହାଙ୍କ ମଧ୍ୟରେ ବହୁ ପ୍ରିୟବସ୍ତୁ ବିଦ୍ୟମାନ [ପୁରୁପ୍ରିୟମ୍*] ।

* ଶ୍ରୀଅରବିନ୍ଦଙ୍କ ଅର୍ଥ ଅନୁସାରେ ଏହି ପଦଟିର ପୁନରୁକ୍ତି ହେଲା । – ଅନୁବାଦକ

*ଭାବାର୍ଥ : ଏହି ସୃଷ୍ଟିର ସକଳ ବୃକ୍ଷଲତା, ପ୍ରାଣୀ-ଜୀବ-ଜନ୍ତୁ-ମନୁଷ୍ୟ ସମସ୍ତଙ୍କ ଭିତରେ ଯେଉଁ ଅଗ୍ନିଶିଖାଗୁଡ଼ିକ ଜ୍ୱଳମାନ ସେସବୁ ସର୍ବଦା ଦେବଗଣଙ୍କୁ ପ୍ରାର୍ଥନା ଓ ଆବାହନ କରୁଛନ୍ତି, ଅର୍ଥାତ୍ ଦେବତ୍ୱର ଆକାଙ୍‌କ୍ଷା କରୁଛନ୍ତି । ଏହାକୁ ମନୁଷ୍ୟ କ୍ଷେତ୍ରରେ ବୁଝିଲେ – ପ୍ରତ୍ୟେକ ମନୁଷ୍ୟ ସୁଖରେ ରହିବାକୁ ଚାହେଁ, ଶକ୍ତିଶାଳୀ, ସୁନ୍ଦର, ସ୍ୱାସ୍ଥ୍ୟବାନ୍, ସ୍ୱାଧୀନ ଓ ସମ୍ମାନର ସହ ବଞ୍ଚିରହିବାକୁ ଚାହେଁ – ଏହିଗୁଡ଼ିକହିଁ ଦେବତ୍ୱର ଗୁଣ ଏବଂ ଅଗ୍ନିଦେବ ଏସବୁ ମାନବକୁ ଦେଇପାରିବେ । ଅଗ୍ନିଦେବ ସର୍ବଜନପ୍ରିୟ ଏବଂ ସମସ୍ତଙ୍କର ସମର୍ପିତ ବସ୍ତୁଚୟକୁ ସ୍ୱୀକାର କରି ତା'ର ଉତ୍ତରବିଧାନ କରୁଥିବାରୁ ଆମ୍ଭେମାନେ ତାଙ୍କୁ ଏହି ଜୀବନଯଜ୍ଞରେ ବରଣ କରୁଛୁ ।*

**ଅଗ୍ନେ ଦେବାଁ ଇହା ବହ ଜଜ୍ଞାନୋ ବୃକ୍ତବର୍ହିଷେ ।**
**ଅସି ହୋତା ନ ଈଡ୍ୟଃ ॥୩॥**

*ଅଗ୍ନେ ଦେବାନ୍ ଇହ ଆ ବହ ଜଜ୍ଞାନଃ ବୃକ୍ତ-ବର୍ହିଷେ /*
*ଅସି ହୋତା ନଃ ଈଡ୍ୟଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନିଦେବ [ଅଗ୍ନେ] ! ତୁମେ ଏଠାରେ ଜନ୍ମଲାଭ କରି [ଇହ ଜଜ୍ଞାନଃ] ପବିତ୍ର ଆସନକୁ ପ୍ରସାରିତ କରିଥିବା ଯଜମାନ ପାଇଁ [ବୃକ୍ତବର୍ହିଷେ] ଦେବଗଣଙ୍କୁ ବହନ କରିଆଣ [ଦେବାନ୍ ଆ-ବହ], ତୁମେହିଁ ଆମର ପୂଜ୍ୟ ଦେବାହ୍ୱାନକାରୀ ପୁରୋହିତ [ନଃ ଈଡ୍ୟଃ ହୋତା ଅସି] ।

*ଭାବାର୍ଥ : ସାଧାରଣତଃ କର୍ମକାଣ୍ଡ ଦୃଷ୍ଟିରୁ ପବିତ୍ର ଆସନାସୀନ କହିଲେ କୁଶ ପ୍ରଭୃତି ତୃଣାସନରେ ଉପବେଶନ କରିବାକୁ ବୁଝାଏ । କିନ୍ତୁ ଏହାକୁ ଯଦି ଶୁଦ୍ଧୀକରଣର ଏକ ରହସ୍ୟାର୍ଥରେ ଗ୍ରହଣ କରାଯାଏ ତେବେ ଆମ ଆଧାରର ଶୁଦ୍ଧି – ମନ, ପ୍ରାଣ ଓ ଶରୀରର ଶୁଦ୍ଧି । ପ୍ରଥମେ ତ ଚିତ୍ତଶୁଦ୍ଧି, ଯାହା ସକଳ ମିଥ୍ୟା, ମୋହ, ଅନିଷ୍ଟକାରୀ ତଥା ଦୁର୍ବଳ ଚିନ୍ତାରୁ ମୁକ୍ତ ରହି ସତ୍ୟ, ଶକ୍ତି ଓ ଉନ୍ନତ ଚିନ୍ତାହିଁ କରିବ । ପ୍ରାଣ କାମନା-ବାସନା-ପ୍ରବଣ ନ ହୋଇ ତ୍ୟାଗ ତଥା ସତ୍ୟ ପ୍ରତି ଆନୁଗତ୍ୟର ଶିକ୍ଷାହିଁ କରିବ । ଶରୀର ସତ୍ୟର ସେବକ ଭାବରେ ଅନଳସ, ସୁଶୃଙ୍ଖଳ, ନିରାମୟ ଓ ଯୋଗ୍ୟ ହୋଇ ଉଠିବ । ଏହାହିଁ ଆବାହନ କରିବାର ଯୋଗ୍ୟତା । ଏହି ଶୁଦ୍ଧୀକରଣ ଫଳରେ ସାଧକ ମଧ୍ୟରେ ଆବୃତ ରହିଥିବା ଭାଗବତ ଆସ୍ପୃହାରୂପୀ ଅଗ୍ନି ଅନାବୃତ ହୋଇ ସମ୍ମୁଖରେ ଆବିର୍ଭୂତ ହୁଅନ୍ତି ।*



**ତାଁ ଉଶତୋ ବି ବୋଧୟ ୟଦଗ୍ନେ ୟାସି ଦୂତ୍ୟମ୍ ।**
**ଦେବୈରା ସତ୍ସି ବର୍ହିଷି ॥୪॥**

*ତାନ୍ ଉଶତଃ ବି ବୋଧୟ ୟତ୍ ଅଗ୍ନେ ୟାସି ଦୂତ୍ୟମ୍ /*
*ଦେବୈଃ ଆ ସତ୍ସି ବର୍ହିଷି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ଆମର ଦୌତ୍ୟକାର୍ଯ୍ୟ ପାଇଁ [ଦୂତ୍ୟମ୍] ଯିବାବେଳେ [ୟାସି] ଆମର ଆହୁତିକୁ  ଅଭିଳାଷ କରୁଥିବା [ଉଶତଃ] ସେମାନଙ୍କୁ (ଦେବଗଣଙ୍କୁ) [ତାନ୍] ଜାଗ୍ରତ କରାଅ [ବୋଧୟ], କୁଶ-ଆସନ ଉପରେ [ବର୍ହିଷି] ତୁମେ ଦେବଗଣଙ୍କ ସହ [ଦେବୈଃ] ଉପବେଶନ କର [ଆ-ସତ୍ସି] ।

*ଭାବାର୍ଥ : ଏହି ମନ୍ତ୍ରଟିର ଭାବ ପୂର୍ବ ମନ୍ତ୍ରଟି ସହିତ ସଂପର୍କିତ । କିନ୍ତୁ ଏଥିରେ ଯେଉଁ ଦେବଗଣଙ୍କୁ ପ୍ରବୋଧିତ କରିବା କଥା କୁହାଯାଇଛି ତାହା ଆମ ଭିତରେ ସୁପ୍ତ ଦେବତ୍ୱକୁ ଜାଗ୍ରତ କରିବା ଦିଗରେ ସୂଚିତ କରୁଛି । ସାଧନାର ଜୀବନରେ ସଂକଳ୍ପାଗ୍ନି ଧୀରେ ଧୀରେ ଅନ୍ତରର ଗଭୀରରୁ ଗଭୀରକୁ ପ୍ରବେଶ କରେ ଏବଂ ଆମର ପ୍ରାର୍ଥନା ଓ ସମର୍ପଣକୁ ସେହି ଅନ୍ତର୍ଗତ ଦିବ୍ୟସତ୍ତାଙ୍କ ନିକଟରେ ପହଞ୍ଚାଇବା ଫଳରେ ଆମେ ଆମ ପ୍ରାର୍ଥନାର ଉତ୍ତର ପାଇଥାଉଁ ଓ ସମର୍ପଣରେ ଆନନ୍ଦ ମିଳିଥାଏ । ସମର୍ପଣର ଧାରାରେ ଗତି କରୁଥିବା ବ୍ୟକ୍ତିର ଶରୀର-ପ୍ରାଣ-ମନର ସୁପ୍ତ ଚେତନାସବୁ ଧୀରେଧୀରେ ଜାଗ୍ରତ ହୋଇଉଠେ । ଏପରିକି ଯଦି ସମଗ୍ର ଚେତନର ଜାଗୃତି ଘଟେ ତଥାପି ସେହି ସଂକଳ୍ପାଗ୍ନି କାର୍ଯ୍ୟ କରୁଥାନ୍ତି ସାଧକ ଭଗବାନଙ୍କର ସାଧର୍ମ୍ୟ ଲାଭ କରିବା ପର୍ଯ୍ୟନ୍ତ । ଏଣୁ ଏହି ମନ୍ତ୍ରରେ କୁହାଯାଇଛି – ହେ ଅଗ୍ନିଦେବ ! ତୁମେ ସେହି ଦେବଗଣଙ୍କ ସହ ଆସି ଏହି ପବିତ୍ର ଆସନରେ ଆସୀନ ହୁଅ ।*

**ଘୃତାହବନ ଦୀଦିବଃ ପ୍ରତି ଷ୍ମ ରିଷତୋ ଦହ ।**
**ଅଗ୍ନେ ତ୍ୱଂ ରକ୍ଷସ୍ୱିନଃ ॥୫॥**

*ଘୃତ-ଆହବନ ଦୀଦିବଃ ପ୍ରତି ସ୍ମ ରିଷତଃ ଦହ /*
*ଅଗ୍ନେ ତ୍ୱମ୍ ରକ୍ଷସ୍ୱିନଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ବିଶୁଦ୍ଧି ରୂପକ ଆହୁତି ଦ୍ୱାରା ଏଠାକୁ ଆମନ୍ତ୍ରିତ [ଘୃତ-

ଆହବନ] ହେ ଅଗ୍ନିଦେବ [ଅଗ୍ନେ] ! ତୁମେ ଜ୍ୟୋତିର୍ମୟ [ଦୀଦିବଃ], ହିଂସାକାରୀ ରାକ୍ଷସମାନଙ୍କୁ [ରିଷତଃ ରକ୍ଷସ୍ୱିନଃ] ତୁମେ ପ୍ରତିରୋଧକର [ପ୍ରତି] ଓ ଭସ୍ମସାତ୍ କର [ଦହ] ।

*ଭାବାର୍ଥ : ଘୃତର ପ୍ରତୀକାର୍ଥ ହେଉଛି ଆଲୋକ । ଏହି ନବୀନ ଅର୍ଥକୁ ନେଇ ଦେଖିଲେ ଏହି ମନ୍ତ୍ରଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଅନ୍ତର୍ଯଜ୍ଞର ବିରୋଧୀ (ଅହଂକାର, ସ୍ୱାର୍ଥ, ହିଂସା ପ୍ରଭୃତି)ମାନଙ୍କୁ ଦହନ କରିବାକୁ ହେଲେ ଭାଗବତ ସଂକଳ୍ପାଗ୍ନିଙ୍କୁ ଆବାହନ କରିବାକୁ ହୁଏ । ସେହି ଅଗ୍ନି ଶୁଦ୍ଧତାରୂପକ ଆହୁତି ଦ୍ୱାରା ଦେଦୀପ୍ୟମାନ ହୋଇଉଠନ୍ତି । ଅର୍ଥାତ୍ ଭାଗବତ ସଂକଳ୍ପ ସର୍ବଦା ସାଧକର ମନ-ପ୍ରାଣ-ଶରୀରର ଶୁଦ୍ଧତାର ଭିତ୍ତିରେହିଁ କାର୍ଯ୍ୟ କରେ ।*

**ଅଗ୍ନିନାଗ୍ନିଃ ସମିଧ୍ୟତେ କବିର୍ଗୃହପତିର୍ଯୁବା ।**
**ହବ୍ୟବାଡ୍ ଜୁହ୍ୱାସ୍ୟଃ ॥୬॥**

*ଅଗ୍ନିନା ଅଗ୍ନିଃ ସମ୍-ଇଧ୍ୟତେ କବିଃ ଗୃହପତିଃ ଯୁବା /*
*ହବ୍ୟବାଟ୍ ଜୁହୁ-ଆସ୍ୟଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଅଗ୍ନି ଦ୍ୱାରା [ଅଗ୍ନିନା] ଅଗ୍ନି [ଅଗ୍ନିଃ] ପୂର୍ଣ୍ଣରୂପେ ପ୍ରଜ୍ୱଳିତ ହୁଅନ୍ତି [ସମ୍-ଇଧ୍ୟତେ] । ସେହି ଅଗ୍ନିଦେବ ହେଉଛନ୍ତି ଜଣେ ଦିବ୍ୟଦ୍ରଷ୍ଟା [କବିଃ], ଗୃହପତି [ଗୃହପତିଃ], ଯୁବକ [ଯୁବା], ହବ୍ୟ ବସ୍ତୁଗୁଡ଼ିକର ବାହକ [ହବ୍ୟ-ବାଟ୍], ଯାହାଙ୍କ ମୁଖ ଯଜ୍ଞର ଆହୁତିକୁ ଗ୍ରହଣ କରେ [ଜୁହ୍ୱାସ୍ୟଃ] ।

*ଭାବାର୍ଥ : ଏହି ମନ୍ତ୍ରର 'ଅଗ୍ନିନାଗ୍ନିସମିଧ୍ୟତେ' ପଦଟିର ବିଭିନ୍ନ ଆଚାର୍ଯ୍ୟ ବିଭିନ୍ନ ଅର୍ଥ କରିଛନ୍ତି । ସାୟଣାଚାର୍ଯ୍ୟ ଅଗ୍ନିହୋତ୍ର ନିୟମାନୁସାରେ ଯଜ୍ଞାଗ୍ନିକୁ ପ୍ରଜ୍ୱଳିତ କରିବା ପାଇଁ ଝକମକି ଆଦି ପ୍ରସ୍ତରରୁ କିଂବା କାଷ୍ଠ ପ୍ରଭୃତିରୁ ଘର୍ଷଣଜନିତ ଅଗ୍ନିର କଥା କହିଛନ୍ତି । ଅର୍ଥାତ୍, ନିର୍ମଥିତାଗ୍ନି ଦ୍ୱାରା ଆହବନୀୟାଗ୍ନି ପ୍ରଜ୍ୱଳିତ ହୋଇଉଠନ୍ତି । ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ପୃଥିବୀପୃଷ୍ଠର ପ୍ରତ୍ୟେକ ବସ୍ତୁରେ ଏବଂ ସୂର୍ଯ୍ୟଙ୍କ ମଧ୍ୟରେ ବୈଦ୍ୟୁତିକ କଣାରୂପେ ବିଦ୍ୟମାନ ଅଗ୍ନି ଅଗ୍ନିଦେବଙ୍କ ସଂସ୍ପର୍ଶରେ ଆସି ଜଳିଉଠିବା କଥା ବୈଜ୍ଞାନିକ ତତ୍ତ୍ୱାର୍ଥରେ ବ୍ୟକ୍ତ କରିଛନ୍ତି । କିନ୍ତୁ ଏହାର ଆଧ୍ୟାତ୍ମିକ ଅର୍ଥ ହେଲା : ସାଧକର ସଂକଳ୍ପାଗ୍ନି ଦ୍ୱାରା ଅନ୍ତରସ୍ଥ ଚୈତ୍ୟାଗ୍ନି ପ୍ରୋଜ୍ଜ୍ୱଳ ହୋଇଉଠନ୍ତି । ଏହାକୁ ମଧ୍ୟ ସାମାଜିକ ଅର୍ଥରେ – କୌଣସି ଜଣେ ଆସ୍ପୃହାବାନ୍ ବ୍ୟକ୍ତିଙ୍କର କୌଣସି ସତ୍-ଆସ୍ପୃହାରୂପକ ଅଗ୍ନି ଯେପରି ସମଗ୍ର ଜଗତକୁ ଜାଗ୍ରତ ଓ ଆଲୋକିତ କରେ – ସେପରି ଅର୍ଥ ମଧ୍ୟ କରାଯାଇପାରେ ।*



**କବିମଗ୍ନିମୁପ ସ୍ତୁହି ସତ୍ୟଧର୍ମାଣମଧ୍ୱରେ ।**
**ଦେବମମୀବଚାତନମ୍ ॥୭॥**

*କବିମ୍ ଅଗ୍ନିମ୍ ଉପ ସ୍ତୁହି ସତ୍ୟ-ଧର୍ମାଣମ୍ ଅଧ୍ୱରେ /*
*ଦେବମ୍ ଅମୀବ-ଚାତନମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସତ୍ୟଦ୍ରଷ୍ଟା [କବିମ୍], ସତ୍ୟ ହେଉଛି ଯାହାର ଅସ୍ତିତ୍ୱର ଧର୍ମ [ସତ୍ୟଧର୍ମାଣମ୍], ଦୀପ୍ତସ୍ୱରୂପ [ଦେବମ୍], ସକଳ ଅନିଷ୍ଟକାରୀଙ୍କ-ବିନାଶକ [ଅମୀବ-ଚାତନମ୍] ଦିବ୍ୟାଗ୍ନିଙ୍କର [ଅଗ୍ନିମ୍] [ଏହି ଗତିଶୀଳ ଯଜ୍ଞରେ – ଅଧ୍ୱରେ]* ନିକଟବର୍ତ୍ତୀ ହୁଅ [ଉପ] ଓ ସ୍ତବଗାନ କର [ସ୍ତୁହି] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ସକଳ ମନୁଷ୍ୟଜାତିକୁ ଉଦ୍‌ବୋଧନ ଦେଇ କହୁଛନ୍ତି : ଚେତନାର ଊର୍ଦ୍ଧ୍ୱାରୋହଣ ପାଇଁ (ଅଧ୍ୱରେ) ତୁମେ ସମସ୍ତେ ଅଗ୍ନିଦେବଙ୍କ ସାନ୍ନିଧ୍ୟ ଲାଭ କର ଏବଂ ତାଙ୍କର ସ୍ତୁତିଗାନ କର । ସେହି ଅଗ୍ନିଦେବଙ୍କର ଗୁଣବର୍ଣ୍ଣନା କରିବାକୁ ଯାଇ ସେ କହୁଛନ୍ତି : ଅଗ୍ନିଦେବ ହେଉଛନ୍ତି ସତ୍ୟଦ୍ରଷ୍ଟା, ତାଙ୍କର କାର୍ଯ୍ୟଧାରା ସତ୍ୟର ଭିତ୍ତି ଉପରେ ପ୍ରତିଷ୍ଠିତ, ତାଙ୍କର ସ୍ୱରୂପ ନିର୍ମଳ ଜ୍ୟୋତିରେ ପରିପୂର୍ଣ୍ଣ, ସେ ତୁମମାନଙ୍କର ଯାତ୍ରାପଥରେ ରୋଗ, ବିପଦ, ଦୁଃଖ, ଭୟ ତଥା ନାନା ବିରୋଧୀ ଶକ୍ତିଙ୍କ କବଳରୁ ରକ୍ଷା କରିବେ ।*

**ଯସ୍ତ୍ୱାମଗ୍ନେ ହବିଷ୍ପତିର୍ଦୂତଂ ଦେବ ସପର୍ଯ୍ୟତି ।**
**ତସ୍ୟ ସ୍ମ ପ୍ରାବିତା ଭବ ॥୮॥**

*ଯଃ ତ୍ୱାମ୍ ଅଗ୍ନେ ହବିଃ-ପତିଃ ଦୂତମ୍ ଦେବ ସପର୍ଯ୍ୟତି /*
*ତସ୍ୟ ସ୍ମ ପ୍ର-ଅବିତା ଭବ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ହେ ଦିବ୍ୟ ବାର୍ତ୍ତାବହ [ଦୂତଂ ଦେବ], ତୁମେ ସକଳ ଆହୁତିର ଦେବତା [ହବିଷ୍ପତିଃ], ତୁମର [ତ୍ୱାମ୍] ଯିଏ [ଯଃ] ପରିଚର୍ଯ୍ୟା କରେ [ସପର୍ଯ୍ୟତି], ତୁମେ ତା'ର [ତସ୍ୟ] ରକ୍ଷାକାରୀ ହୋଇଥାଅ [ପ୍ରାବିତା ଭବ] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ଅଗ୍ନ୍ୟୁପାସକ (ଆତ୍ମାନୁସନ୍ଧିତ୍ସୁ) ସାଧକବର୍ଗଙ୍କର*

* ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦରେ ଏହି 'ଅଧ୍ୱରେ' ପଦଟିର ଅର୍ଥ ନାହିଁ । – ଅନୁବାଦକ

*ହିତ ପାଇଁ ତଥା ସେମାନଙ୍କର ସୁରକ୍ଷା ପାଇଁ ଅଗ୍ନିଦେବଙ୍କୁ ସ୍ତୁତି କରୁଛନ୍ତି । 'ହବିଷ୍ମତି' ଶବ୍ଦଟିର ଅର୍ଥ ସାଧାରଣତଃ ଯଜ୍ଞକର୍ତ୍ତା ଯଜମାନ, ଅର୍ଥାତ୍ ହବନୀୟ ବସ୍ତୁରାଜିରେ ସମୃଦ୍ଧ ଅଗ୍ନିସାଧକ । କିନ୍ତୁ ଏହାର ତାତ୍ପର୍ଯ୍ୟ ହେଲା – ଅପୂର୍ଣ୍ଣତା ହେତୁ ଜୀବନରେ ଯାହାସବୁ ବିକୃତି ରହିଛି ଏବଂ ଅହଂକାର, କାମନା-ବାସନା ଇତ୍ୟାଦିକୁ ନେଇ ଆମର ବ୍ୟକ୍ତିତ୍ୱଟି ଯେପରି କ୍ଷୁଦ୍ର ଓ ଦୁର୍ବଳ ହୋଇ ରହିଛି, ତାହାକୁ ଯଦି ଏହି ଦିବ୍ୟ ସଂକଳ୍ପାଗ୍ନି ମଧ୍ୟରେ ଉତ୍ସର୍ଗ କରିଦିଆଯାଏ ତେବେ ସେ (ଅଗ୍ନି) ଆହୁତିଦାତାଙ୍କର ହିତସାଧକ ତଥା ରକ୍ଷାକାରୀ ହୋଇଥାନ୍ତି ।*

**ୟୋ ଅଗ୍ନିଂ ଦେବବୀତୟେ ହବିଷ୍ମାଁ ଆବିବାସତି ।**
**ତସ୍ମୈ ପାବକ ମୃଳୟ ॥୯॥**

*ୟଃ ଅଗ୍ନିମ୍ ଦେବ-ବୀତୟେ ହବିଷ୍ମାନ୍ ଆ-ବିବାସତି /*
*ତସ୍ମୈ ପାଦକ ମୃଳୟ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆହୁତି-ସମ୍ଭାରରେ ପୂର୍ଣ୍ଣ [ହବିଷ୍ମାନ୍] ଯେଉଁ ଯଜମାନ [ୟଃ] ଦେବଗଣଙ୍କର ଜନ୍ମ ନିମନ୍ତେ [ଦେବବୀତୟେ] ତୁମର ଉପାସନା କରେ [ଆବିବାସତି], ହେ ପାବନକାରୀ ଦେବତା [ପାବକ] ! ତାଙ୍କୁ [ତସ୍ମୈ] ତୁମେ ତୁମର କୃପାଦାନ କର [ମୃଳୟ] ।

*ଭାବାର୍ଥ : ଏହି ମନ୍ତ୍ରରେ 'ଦେବବୀତୟେ' ପଦଟି ଆମ ସାଧନାର ଲକ୍ଷ୍ୟଟିକୁ ସଙ୍କେତ କରୁଛି । ନିରନ୍ତର ସମର୍ପଣର ପ୍ରକ୍ରିୟା (ଯଜ୍ଞ) ଫଳରେ ସାଧକ ମଧ୍ୟରେ ନିମ୍ନପ୍ରକୃତି ଉଚ୍ଚପ୍ରକୃତିରେ ଉନ୍ନୀତ ହୁଏ ଏବଂ ଜୀବନର ସକଳ ସୀମିତତା, ଦୁର୍ବଳତା, କୁଣ୍ଠିତତା ଏବଂ ବିଚ୍ଛିନ୍ନତା ଦୂର ହୋଇ ଅସୀମ, ଶକ୍ତିଯୁକ୍ତ, ସମ୍ମତ ତଥା ବିଶ୍ୱଗତ ଏକତ୍ୱକୁ ପ୍ରାପ୍ତ କରେ । ତା'ପରେ ତା'ମଧ୍ୟରେ ଅବଗୁଣ୍ଠିତ ହୋଇ ରହିଥିବା ଦିବ୍ୟପ୍ରେମ ଓ ଅମରତ୍ୱର ଅଭୀପ୍ସା ଅନାବୃତ ହୋଇ ପ୍ରକାଶିତ ହୁଏ ଏବଂ ଭଗବତ୍ ସଂକଳ୍ପରେ ଜୀବନକୁ ଉତ୍ସର୍ଗ କରିଦେବାର ଆଗ୍ରହ ଦେଖାଦିଏ । ଏହାକୁ ଆମେ ଜଣକ ମଧ୍ୟରେ ଦେବତ୍ୱର ଆବିର୍ଭାବ ବୋଲି ଅବଶ୍ୟ କହିବା । ଠିକ୍ ସେହିପରି ଏହି ବିରାଟ ବିଶ୍ୱପ୍ରକୃତି ମଧ୍ୟ ଯୁଗ ଯୁଗ ଧରି ଯେଉଁ ତପସ୍ୟା (ଯଜ୍ଞ) କରିଚାଲିଛି ତା'ର ଅନ୍ତରତମ ଉଦ୍ଦେଶ୍ୟ ହେଲା ଏହି ମର୍ତ୍ତ୍ୟପୁରୀରେ ଅମରତ୍ୱ (ଦେବତ୍ୱ)ର ପ୍ରତିଷ୍ଠା । ଏଣୁ ଏହି ମହାନ୍ କାର୍ଯ୍ୟ ପାଇଁ ଋଷି ଏଠାରେ ପ୍ରାର୍ଥନା କରି କହୁଛନ୍ତି, ହେ ପାବକ ! ସେମାନଙ୍କର ଏହି ଯାତ୍ରାପଥକୁ ତୁମେ ସୁଗମ କରିଦିଅ ।*



**ସ ନଃ ପାବକ ଦୀଦିବୋଽଗ୍ନେ ଦେବାଁ ଇହା ବହ ।**
**ଉପ ୟଜ୍ଞଂ ହବିଶ୍ଚ ନଃ ॥୧୦॥**

*ସଃ ନଃ ପାବକ ଦୀଦିବଃ ଅଗ୍ନେ ଦେବାନ୍ ଇହ ଆ ବହ /*
*ଉପ ଯଜ୍ଞମ୍ ହବିଃ ଚ ନଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ପାବନକାରୀ ଜ୍ୟୋତିର୍ମୟ ହେ ଅଗ୍ନି [ପାବକ ଦୀଦିବଃ ଅଗ୍ନେ] ! ଏଠାରେ [ଇହ] ଆମର ହବ୍ୟବସ୍ତୁ ଓ ଯଜ୍ଞର ସନ୍ନିଧାନରେ [ନଃ ହବିଃ ୟଜ୍ଞଂ ଚ ଉପ] ଦେବତାମାନଙ୍କୁ ବହନ କରି ରୁହ [ଆବହ] ।

*ଭାବାର୍ଥ : ଯଜ୍ଞକୁ ଉତ୍ସର୍ଗ ଅର୍ଥରେ ନେଲେ ଏହି ସମଗ୍ର ପୃଥିବୀ ହେଉଛି ଏକ ଯଜ୍ଞଭୂମି ଯେଉଁଥିରେ ପ୍ରତ୍ୟେକ ବସ୍ତୁ ବା ଜୀବନ କୌଣସି ନା କୌଣସି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ – କିଏ ନିଜର ସ୍ୱାର୍ଥସିଦ୍ଧି ପାଇଁ, କିଏ ପରାର୍ଥ ବା ପରମାର୍ଥ ସିଦ୍ଧି ପାଇଁ । ବାସ୍ତବରେ ଯେକୌଣସି ଅର୍ଥସିଦ୍ଧି ପାଇଁ ଜୀବନ ହେଉଛି ମୁଖ୍ୟ ହବିର୍ଭାଗ । ଏଣୁ ଋଷିଙ୍କର ଏହି ପ୍ରାର୍ଥନାର ଅର୍ଥ ଏହି ପୃଥିବୀପୃଷ୍ଠସ୍ଥ ଜୀବନରେ ଦିବ୍ୟ ଜୀବନର ପ୍ରତିଷ୍ଠା କରିବା – ହବିର୍ଭାଗ ସମକ୍ଷରେ ଦେବଗଣଙ୍କୁ ମୂର୍ତ୍ତିମନ୍ତ କରିବା ।*

**ସ ନଃ ସ୍ତବାନ ଆ ଭର ଗାୟତ୍ରେଣ ନବୀୟସା ।**
**ରୟିଂ ବୀରବତୀମିଷମ୍ ॥୧୧॥**

*ସଃ ନଃ ସ୍ତବାନଃ ଆ ଭର ଗାୟତ୍ରେଣ ନବୀୟସା /*
*ରୟିମ୍ ବୀରବତୀମ୍ ଇଷମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ନବୀନ ଗାୟତ୍ରୀଛନ୍ଦୋବଦ୍ଧ ସ୍ତୋତ୍ରରେ [ନବୀୟସା ଗାୟତ୍ରେଣ] ଆମେ ତୁମର ବନ୍ଦନା କରୁଛୁ [ସ୍ତବାନଃ]; ହେ ଅଗ୍ନି [ସଃ], ତୁମେ ଆମ ନିମନ୍ତେ [ନଃ] ସମୃଦ୍ଧି [ରୟିମ୍] ଓ ବୀରତ୍ୱପୂର୍ଣ୍ଣ ଶକ୍ତି [ବୀରବତୀମ୍ ଇଷମ୍] ବହନ କରିଆଣ [ଆ ଭର] ।

*ଭାବାର୍ଥ : ଯେଉଁମାନେ ନିଷ୍କାମ-ସାଧନାକୁ ଶ୍ରେଷ୍ଠ ସାଧନା ବୋଲି ଗ୍ରହଣ କରି ଜୀବନର ରିକ୍ତତା, ଦାରିଦ୍ର୍ୟ ଅଥବା ସଂସାରତ୍ୟାଗ ଇତ୍ୟାଦିକୁ ଆଧ୍ୟାତ୍ମିକ ଆଦର୍ଶ ବୋଲି ବୁଝିଥା'ନ୍ତି, ସେମାନଙ୍କ ଭ୍ରମ ବୁଝିବା ପାଇଁ ଏ ମନ୍ତ୍ରଟି ଅତ୍ୟନ୍ତ ଉପାଦେୟ, କାରଣ*

*ବୀରତ୍ୱପୂର୍ଣ୍ଣ ଶକ୍ତି ଓ ସମ୍ପଦ ଲାଭ ପାଇଁ ଋଷି-କଣ୍ୱ ଅଗ୍ନିଦେବଙ୍କଠାରେ ସ୍ତବଗାନ କରିଉଠିଛି ।*

*ଏଥିରେ 'ନବୀୟସା' ପଦଟି ମଧ୍ୟ ଏକ ଅର୍ଥବ୍ୟଞ୍ଜକ ଶବ୍ଦ, ଅର୍ଥାତ୍ ଦେଖାଯାଏ ଯେତେ ଭଗବତ୍‌ପ୍ରେମୀ ଭକ୍ତ ଅଥବା ଯୋଗୀ ଜଗତରେ ଆବିର୍ଭୂତ ହୋଇଛନ୍ତି, ସମସ୍ତେ ନୂଆ ନୂଆ ଭାବ ଓ ଛନ୍ଦରେ ସେମାନଙ୍କ ଆନ୍ତରିକ ଭାବ ଓ ଉଦ୍ଦେଶ୍ୟକୁ ବ୍ୟକ୍ତ କରିଛନ୍ତି । ଯଦିଓ ଏଥିପୂର୍ବରୁ ସେହି ବିଷୟରେ ଅନେକ କାବ୍ୟ, କବିତା, ସ୍ତବ, ସ୍ତୁତି ଇତ୍ୟାଦି ଥାଏ ତଥାପି ସେହି ନବୀନ ସୃଷ୍ଟିଟି ଅନୁଗାମୀ ଭକ୍ତ ଓ ସାଧକଙ୍କଠାରେ ପ୍ରେରଣାଦାୟକ ହୁଏ । କିନ୍ତୁ ଅନ୍ୟପକ୍ଷରେ ପୁରାତନପନ୍ଥୀମାନଙ୍କଠାରେ ଏହି ନୂତନାଗ୍ରହଟି ନାନା ବିରୋଧର ସମ୍ମୁଖୀନ ହୋଇଥାଏ । କିନ୍ତୁ ବୈଦିକ ଯୁଗରେ ଏପରି ବିରୋଧ କିଂବା ସଂକୀର୍ଣ୍ଣ ଭାବନା ନ ଥିବା କଥା ଆମେ ଏହି ମନ୍ତ୍ରରୁ ଦେଖିବାକୁ ପାଉଁ ।*

**ଅଗ୍ନେ ଶୁକ୍ରେଣ ଶୋଚିଷା ବିଶ୍ୱାଭିର୍ଦେବହୂତିଭିଃ ।**
**ଇମଂ ସ୍ତୋମଂ ଜୁଷସ୍ୱ ନଃ ॥୧୨॥**

ଅଗ୍ନେ ଶୁକ୍ରେଣ ଶୋଚିଷା ବିଶ୍ୱାଭିଃ ଦେବ-ହୂତିଭିଃ /
ଇମମ୍ ସ୍ତୋମମ୍ ଜୁଷସ୍ୱ ନଃ ॥

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନିଦେବ ! ତୁମର ଦୀପ୍ତିମତୀ ଶୁଭ୍ରତା ସହ [ଶୁକ୍ରେଣ ଶୋଚିଷା], ଏବଂ ଦେବାହ୍ୱାନକାରୀ ତୁମର ସକଳ ମନ୍ତ୍ର ସହ [ବିଶ୍ୱାଭିଃ ଦେବହୂତିଭିଃ] ତୁମେ ଆମ ନିକଟକୁ ଆସ ଏବଂ ଆମର [ନଃ] ଏହି ସ୍ତବକୁ [ଇମଂ ସ୍ତୋମମ୍] ଗ୍ରହଣ କର [ଜୁଷସ୍ୱ] ।

*ଭାବାର୍ଥ : ଏହି ମନ୍ତ୍ରଟିର ଭାବ ପୂର୍ବ ମନ୍ତ୍ରର ଭାବ ସହିତ ସମ୍ବନ୍ଧିତ । ଅର୍ଥାତ୍, ଯେପରି ଏଠାରେ ଗାୟତ୍ରୀଛନ୍ଦୋବଦ୍ଧ ସ୍ତବ ଋଷିକଣ୍ୱରୁ ଅଭିବ୍ୟକ୍ତ ହେଉଛି ସେହିପରି ଆହୁରି ଅନେକ ନୂତନ ସ୍ତବର ଅଭିବ୍ୟକ୍ତି ମଧ୍ୟ ସମ୍ଭବ ଯଦି ସାଧକ ଅଗ୍ନିଦେବଙ୍କର କରୁଣା ଲାଭ କରେ । ଏଣୁ ସୂକ୍ତଟିର ଏହି ଶେଷ ମନ୍ତ୍ରରେ ଋଷି ମେଧାତିଥି କାଣ୍ୱ ଅଗ୍ନିଦେବଙ୍କୁ ସେହି ସକଳ ମନ୍ତ୍ରର ଅଭିବ୍ୟକ୍ତି ପାଇଁ ପ୍ରାର୍ଥନା କରୁଛନ୍ତି ।*



ସୂକ୍ତ : ୧୩ ॥ ଋଷି : ମେଧାତିଥି କାଣ୍ୱ, ଛନ୍ଦ : ଗାୟତ୍ରୀ

**ସୁସମିଦ୍ଧୋ ନ ଆ ବହ ଦେବାଁ ଅଗ୍ନେ ହବିଷ୍ମତେ ।**
**ହୋତଃ ପାବକ ଯକ୍ଷି ଚ ॥୧॥**

*ସୁ-ସମିଦ୍ଧଃ ନଃ ଆ ବହ ଦେବାନ୍ ଅଗ୍ନେ ହବିଷ୍ମତେ /*
*ହୋତଃ ପାବକ ଯକ୍ଷି ଚ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ପୂର୍ଣ୍ଣ ତେଜରେ ଜ୍ୱଳମାନ ହେ ଅଗ୍ନି [ସୁସମିଦ୍ଧଃ ଅଗ୍ନେ] ! ହବ୍ୟ-ସମ୍ଭାରବାନ୍ ଯଜମାନ (ଆମ) ପାଇଁ [ନଃ ହବିଷ୍ମତେ] ଦେବଗଣଙ୍କୁ ଆବାହନ କରି ଆଣ [ଦେବାନ୍ ଆ-ବହ], ହେ ପାବକ [ପାବକ] ! ହେ ହୋତା [ହୋତଃ] ! ଦେବଗଣଙ୍କ ଉଦ୍ଦେଶ୍ୟରେ ଯଜ୍ଞ ସମ୍ପାଦନ କର [ଯକ୍ଷି ଚ] ।

*ଭାବାର୍ଥ : ନିରନ୍ତର ଅନ୍ତର୍ଯଜ୍ଞ ଫଳରେ ସାଧକ ମଧ୍ୟରେ ଚୈତ୍ୟ ଅଗ୍ନି କ୍ରମେ ପ୍ରଜ୍ୱଳିତ ହୋଇ ଦିନେ ପୂର୍ଣ୍ଣ ରୂପରେ ବିକଶିତ ହୋଇଉଠନ୍ତି । କିନ୍ତୁ ଆମ୍ଭମାନଙ୍କର ସ୍ୱଭାବ ସମର୍ପଣଶୀଳ ହେବା ଆବଶ୍ୟକ, କାରଣ ତାହାରି ମାଧ୍ୟମରେ ସେହି ଅନ୍ତରାଗ୍ନି ଆମର ସମଗ୍ର ସତ୍ତାକୁ ବିଶୁଦ୍ଧ କରିଦେବା ସଙ୍ଗେ ସଙ୍ଗେ ତାକୁ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରିଦେବେ ।*

**ମଧୁମନ୍ତଂ ତନୂନପାତ୍ ଯଜ୍ଞଂ ଦେବେଷୁ ନଃ କବେ ।**
**ଅଦ୍ୟା କୃଣୁହି ବୀତୟେ ॥୨॥**

*ମଧୁମନ୍ତମ୍ ତନୂନପାତ୍ ଯଜ୍ଞମ୍ ଦେବେଷୁ ନଃ କବେ /*
*ଅଦ୍ୟ କୃଣୁହି ବୀତୟେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ତନୁଜ [ତନୂନପାତ୍] ! ହେ ଦ୍ରଷ୍ଟା [କବେ] ! ଆମ୍ଭମାନଙ୍କର ଯଜ୍ଞକୁ [ନଃ ଯଜ୍ଞମ୍] ଏବେ [ଅଦ୍ୟ] ଦେବଗଣଙ୍କ ଉପଭୋଗ ନିମନ୍ତେ [ଦେବେଷୁ ବୀତୟେ] ମଧୁମୟ କର [ମଧୁମନ୍ତମ୍ କୃଣୁହି] (ଅଥବା, ଦେବଗଣଙ୍କ ମଧ୍ୟରେ ମଧୁପୂର୍ଣ୍ଣ କରିଦିଅ) ।

*ଭାବାର୍ଥ : ଏହି ମନ୍ତ୍ରରେ ତନୂନପାତ୍ ଶବ୍ଦଟିର ଅର୍ଥ ସାୟଣ ଓ କପାଳୀ ଶାସ୍ତ୍ରୀ ପ୍ରଭୃତି ଭାଷ୍ୟକାରଗଣ ଅଗ୍ନିଙ୍କର ଗୋଟିଏ ନାମ ବୋଲି ଗ୍ରହଣ କରିଛନ୍ତି । କିନ୍ତୁ ସ୍ୱାମୀ ଦୟାନନ୍ଦ*

*ତନୁ + ଊନ + ଅପାତ୍ ଅର୍ଥାତ୍ ଶରୀରର ଅଙ୍ଗଗୁଡ଼ିକର ପତନରୁ ଯେ ରକ୍ଷା କରନ୍ତି – ଏପରି ଅର୍ଥ କରିଛନ୍ତି । ନିରୁକ୍ତ ମତରେ ଅପାଦ୍ ର ଅର୍ଥ ଜନ୍ମ ହେବା । ଶ୍ରୀଅରବିନ୍ଦ ମଧ୍ୟ ଏହି ଅର୍ଥକୁ ଗ୍ରହଣ କରିଥିବାରୁ ଏହି ଦେହଜ ଅଗ୍ନିକୁ ଆମେ ତପସ୍ୟାର ଅଗ୍ନି ବୋଲି ବୁଝିବା – ଯାହାକି ସାଧକକୁ ପ୍ରତ୍ୟକ୍ଷ ଫଳ ପ୍ରଦାନ କରିଥାଏ ।*

**ନରାଶଂସମିହ ପ୍ରିୟମସ୍ମିନ୍ ଯଜ୍ଞ ଉପ ହ୍ୱୟେ ।**
**ମଧୁଜିହ୍ୱଂ ହବିଷ୍କୃତମ୍ ।।୩।।**

*ନରାଶଂସମ୍ ଇହ ପ୍ରିୟମ୍ ଅସ୍ମିନ୍ ଯଜ୍ଞେ ଉପ ହ୍ୱୟେ /*
*ମଧୁ-ଜିହ୍ୱମ୍ ହବିଃ-କୃତମ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଏଠାକୁ [ଇହ], ଏହି ଯଜ୍ଞକୁ [ଯଜ୍ଞେ], ସେହି ପ୍ରିୟତମ ଦେବତାଙ୍କୁ [ପ୍ରିୟମ୍] ମୁଁ ଆମନ୍ତ୍ରଣ କରୁଛି [ଉପହ୍ୱୟେ], (ଯେ କି ଦେବଗଣଙ୍କୁ ଅଭିବ୍ୟକ୍ତ କରାନ୍ତି – ନରାଶଂସମ୍), ଯେ ହବ୍ୟ ବସ୍ତୁର ନିର୍ମାଣ କରନ୍ତି [ହବିଷ୍କୃତମ୍], ଯାହାଙ୍କର ରହିଛି ମଧୁଜିହ୍ୱା [ମଧୁଜିହ୍ୱମ୍] ।

*ଭାବାର୍ଥ : ଏହି ମନ୍ତ୍ରରେ 'ନରାଶଂସମ୍' ଓ 'ମଧୁଜିହ୍ୱମ୍' ଏହି ଦୁଇଟି ଶବ୍ଦରେ ରହସ୍ୟାର୍ଥ ନିହିତ ରହିଛି । କେତେକ ଭାଷ୍ୟକାର 'ନରାଶଂସମ୍' ଅଗ୍ନିଙ୍କର ଗୋଟିଏ ନାମ ବୋଲି ଗ୍ରହଣ କରିଛନ୍ତି ଓ 'ମଧୁଜିହ୍ୱମ୍'କୁ – ମଧୁ ଅର୍ଥାତ୍ ଜ୍ଞାନ, ଜିହ୍ୱା ଅର୍ଥାତ୍ ବଚନ – ଏହି ଅର୍ଥରେ ଜ୍ଞାନମୟ ବାକ୍‌ଶକ୍ତିସଂପନ୍ନ ଅର୍ଥ କରିଛନ୍ତି । କିନ୍ତୁ ଏହାର ଆଧ୍ୟାତ୍ମିକ ପ୍ରତୀକାର୍ଥ ହୋଇପାରେ – ସାଧକ ମଧ୍ୟରେ ଚୈତ୍ୟଚେତନା ପ୍ରକଟିତ ହେଲେ ତା' ମଧ୍ୟରେ ଦେବସୁଲଭ ଗୁଣସବୁକୁ ଲାଭ କରିବାର ଆସ୍ପୃହା ଦେଖାଦିଏ; 'ନର' ଅର୍ଥ ଦେବଗଣ । ମଧୁଜିହ୍ୱମ୍ – ଯାହାର ଜିହ୍ୱାରେ ମଧୁ ବିଦ୍ୟମାନ । ମଧୁ ବା ମାଧୁର୍ଯ୍ୟ ହେଉଛି ସୃଷ୍ଟିର ଆଦିତତ୍ତ୍ୱ, ଭାଗବତ ପ୍ରେମର ମାଧୁର୍ଯ୍ୟରସ, ଅଗ୍ନିର ପ୍ରତ୍ୟେକ ଶିଖାକୁ ଜିହ୍ୱା କୁହାଯାଏ । ଏଣୁ ଏହି ଦୃଷ୍ଟିକୋଣରୁ ଜାଗ୍ରତ ଚୈତ୍ୟସତ୍ତାକୁ ଧାରଣ କରିଥିବା ସାଧକ ମୁଖରୁ ଯେଉଁ ଭାଷା ପ୍ରକାଶିତ ହୁଏ ତାହା ପ୍ରେମମୟ ତଥା ମାଧୁର୍ଯ୍ୟମୟ ହୋଇଥାଏ ।*

**ଅଗ୍ନେ ସୁଖତମେ ରଥେ ଦେବାଁ ଇଳିତ ଆ ବହ ।**
**ଅସି ହୋତା ମନୁର୍ହିତଃ ।।୪।।**



*ଅଗ୍ନେ ସୁଖ-ତମେ ରଥେ ଦେବାନ୍ ଇଳିତଃ ଆ ବହ /*
*ଅସି ହୋତା ମନୁଃ-ହିତଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ଆମର ପୂଜିତ [ଇଳିତଃ], ତୁମର ସୁଖତମ ରଥରେ [ସୁଖତମେ ରଥେ] ଦେବଗଣଙ୍କୁ [ଦେବାନ୍] ଏଠାକୁ ବହନ କରି ଆଣ [ଆ-ବହ]; (କାରଣ) ତୁମେ ହେଉଛ ମନୁଷ୍ୟ ଦ୍ୱାରା ସ୍ଥିରୀକୃତ [ମନୁର୍ହିତଃ] ଦେବାହ୍ୱାନକାରୀ ଯାଜକ [ହୋତା] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ଆମର ଅନ୍ତର୍ଯଜ୍ଞସ୍ଥଳକୁ ଦେବଗଣ ସହଜରେ ଅବତରଣ କରିଆସନ୍ତୁ ବୋଲି ଅଭୀପ୍ସା ତଥା ପ୍ରାର୍ଥନା କରୁଛନ୍ତି ।*

**ସ୍ତୃଣୀତ ବର୍ହିରାନୁଷଗ୍ ଘୃତପୃଷ୍ଠଂ ମନୀଷିଣଃ ।**
**ଯତ୍ରାମୃତସ୍ୟ ଚକ୍ଷଣମ୍ ।।୫।।**

*ସ୍ତୃଣୀତ ବର୍ହିଃ ଆନୁଷଗ୍ ଘୃତ-ପୃଷ୍ଠମ୍ ମନୀଷିଣଃ /*
*ଯତ୍ର ଅମୃତସ୍ୟ ଚକ୍ଷଣମ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ମନସ୍ୱିଗଣ [ମନୀଷିଣଃ] ! ଶୁଦ୍ଧ ହବ୍ୟରେ (ଘୃତରେ) ପ୍ରଲିପ୍ତ ହୋଇଥିବା [ଘୃତପୃଷ୍ଠମ୍] ତୁମର ପବିତ୍ର ଆସନକୁ [ବର୍ହି] ସେହିଠାରେ ନିରବଚ୍ଛିନ୍ନଭାବେ ଓ ବ୍ୟବସ୍ଥିତରୂପେ [ଆନୁଷଗ୍] ବିସ୍ତାର କର [ସ୍ତୃଣୀତ] ଯେଉଁଠାରେ ରହିଛି ଅମୃତର ଦୃଷ୍ଟି [ଅମୃତସ୍ୟ ଚକ୍ଷଣମ୍] ।

*ଭାବାର୍ଥ : ବିଶୁଦ୍ଧ ଜ୍ଞାନର ପ୍ରତୀକ ରୂପେ ଏଠାରେ ଘୃତକୁ ବ୍ୟବହାର କରାଯାଇଛି । ଜ୍ଞାନିଗଣ ନିଜର ଜ୍ଞାନକୁ ଅମୃତର ଦୃଷ୍ଟିକୋଣ ନେଇ ବିନିଯୋଗ କରନ୍ତୁ ବୋଲି ଋଷିଙ୍କର ଆହ୍ୱାନ ।*

ସୂକ୍ତ : ୧୪ ।। ଋଷି : ମେଧାତିଥି କାଣ୍ୱ, ଛନ୍ଦ : ଗାୟତ୍ରୀ

**ଐଭିରଗ୍ନେ ଦୁବୋ ଗିରୋ ବିଶ୍ୱେଭିଃ ସୋମପୀତୟେ ।**
**ଦେବେଭିର୍ଯାହି ଯକ୍ଷି ଚ ।।୧।।**

*ଆ ଏଭିଃ ଅଗ୍ନେ ଦୁବଃ ଗିରଃ ବିଶ୍ୱେଭିଃ ସୋମ-ପୀତୟେ /*
*ଦେବେଭିଃ ୟାହି ୟକ୍ଷି ଚ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ତୁମେ ମନ୍ତ୍ରବଚନର [ଗିରଃ] କ୍ରିୟାତ୍ମିକା ଶକ୍ତି ଅଟ [ଦୁବଃ], (ମୁଁ ପ୍ରାର୍ଥନା କରୁଛି) (ସୋମପାନ ନିମନ୍ତେ — ସୋମପୀତୟେ*) ତୁମେ ସେହି ସମସ୍ତ ଦେବତାମାନଙ୍କ ସହ [ଏଭିଃ ଦେବେଭିଃ] ଏଠାରେ ଉପସ୍ଥିତ ହୁଅ [ଆ-ୟାହି] ଏବଂ ତୁମର କାର୍ଯ୍ୟ କର [ୟକ୍ଷି ଚ] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ଅଗ୍ନି (ଭଗବତ୍ ସଂକଳ୍ପ ଓ ଶକ୍ତି)ଙ୍କୁ ସାଧକର ଅନ୍ତର୍ଯଜ୍ଞ-ସ୍ଥଳରେ ସମସ୍ତ ଦେବଗଣଙ୍କ ସହ ଉପସ୍ଥିତ ହେବା ପାଇଁ ପ୍ରାର୍ଥନା କରୁଛନ୍ତି । ଦେବଗଣ ହେଉଛନ୍ତି ବିଶ୍ୱାତ୍ମିକା ଶକ୍ତିରାଜିର ପ୍ରତୀକ । ସୋମ — ଆନନ୍ଦରସ ।*

**ଆ ତ୍ୱା କଣ୍ୱା ଅହୂଷତ ଗୃଣନ୍ତି ବିପ୍ର ତେ ଧିୟଃ ।**
**ଦେବେଭିରଗ୍ନ ଆ ଗହି ॥୨॥**

*ଆ ତ୍ୱା କଣ୍ୱାଃ ଅହୂଷତ ଗୃଣନ୍ତି ବିପ୍ର ତେ ଧିୟଃ /*
*ଦେବେଭିଃ ଅଗ୍ନେ ଆ ଗହି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! କଣ୍ୱଗଣ [କଣ୍ୱାଃ] ତୁମକୁ ଆବାହନ କରିଛନ୍ତି [ତ୍ୱା ଅହୂଷତ], ହେ ଜ୍ଞାନଦକ୍ଷ [ବିପ୍ର], ତୁମ ହେତୁ [ତେ] ସେମାନଙ୍କର ବୁଝିବାର ଧାରାଗୁଡ଼ିକ ସ୍ପଷ୍ଟ ହୋଇଛି [ଧିୟଃ ଗୃଣନ୍ତି]; ହେ ଅଗ୍ନି [ଅଗ୍ନେ], ଦେବଗଣଙ୍କ ସହିତ ଉପସ୍ଥିତ ହୁଅ [ଦେବେଭିଃ ଆ-ଗହି] ।

*ଭାବାର୍ଥ : ଏଠାରେ କଣ୍ୱ ଅର୍ଥ ଋତ୍ୱିଜ, ଯେ' କି ସମୟ ଉପଯୋଗୀ ସତ୍ୟର ଉପାସକ । ଯଥାର୍ଥ ଆନ୍ତରିକତା ଥିଲେ ସାଧକର ଧୀଶକ୍ତି କିପରି ସ୍ପଷ୍ଟ ଓ ପ୍ରଦୀପ୍ତ ହୁଏ ତା'ର ରହସ୍ୟ ଏଠାରେ ବ୍ୟକ୍ତ ହୋଇଛି ।*

**ଇନ୍ଦ୍ରବାୟୂ ବୃହସ୍ପତିଂ ମିତ୍ରାଗ୍ନିଂ ପୂଷଣଂ ଭଗମ୍ ।**
**ଆଦିତ୍ୟାନ୍ ମାରୁତଂ ଗଣମ୍ ॥୩॥**

* ଶ୍ରୀଅରବିନ୍ଦଙ୍କ ମୂଳ ଇଂରାଜୀରେ ଏହି 'ସୋମପୀତୟେ' ପଦଟିର ଅର୍ଥ ନାହିଁ । — ଅନୁବାଦକ



ଶ୍ରୀଅରବିନ୍ଦକୃତ ଅର୍ଥ : ଇନ୍ଦ୍ର ଓ ବାୟୁଙ୍କୁ [ଇନ୍ଦ୍ରବାୟୂ], ବୃହସ୍ପତିଙ୍କୁ [ବୃହସ୍ପତିମ୍], ମିତ୍ର ଓ ଅଗ୍ନିଙ୍କୁ [ମିତ୍ରାଗ୍ନିମ୍], ପୂଷାଙ୍କୁ [ପୂଷଣମ୍], ଭଗଦେବତାଙ୍କୁ [ଭଗମ୍] ଆଦିତ୍ୟମାନଙ୍କୁ [ଆଦିତ୍ୟାନ୍] ଓ ମରୁଦ୍‌ଗଣଙ୍କୁ [ମାରୁତଂ ଗଣମ୍] ଆମେ ଆବାହନ କରୁଛୁ ।

*ଭାବାର୍ଥ : ଦେବତାଙ୍କ କଥା କହିଲେ ଲୋକେ ସାଧାରଣତଃ ଅଦୃଶ୍ୟରେ ରହିଥିବା ଅଥଚ ଆକୃତିବିଶିଷ୍ଟ ସତ୍ତା ବୋଲି ଧାରଣା କରନ୍ତି । ଏହି ଧାରଣା ଆମର ପୁରାଣମାନଙ୍କରେ ବର୍ଣ୍ଣିତ ଘଟଣାବଳୀରୁ ଆସିଛି । କିନ୍ତୁ ସେସବୁ ବାସ୍ତବରେ ପ୍ରତୀକାତ୍ମକ । ବେଦର ରହସ୍ୟାର୍ଥ ବୁଝିବାକୁ ହେଲେ ଦେବଗଣଙ୍କର ତତ୍ତ୍ୱ ମଧ୍ୟ ବୁଝିବାକୁ ହେବ । ଏଣୁ ଏହି ମନ୍ତ୍ରରେ ଉପସ୍ଥାପିତ ଦେବତାମାନଙ୍କର ତତ୍ତ୍ୱାର୍ଥ ଶ୍ରୀଅରବିନ୍ଦଙ୍କ ମତାନୁସାରେ :*

*ଇନ୍ଦ୍ର : ବିଶ୍ୱଗତ ମାନସ-ଶକ୍ତିର ଦେବତା,*
*ବାୟୁ : ବିଶ୍ୱଗତ ପ୍ରାଣଶକ୍ତିର ଦେବତା,*
*ବୃହସ୍ପତି : ଆତ୍ମଶକ୍ତିର ଦେବତା,*
*ମିତ୍ର : ପ୍ରେମ ଓ ସଂଗତିର ଦେବତା,*
*ଅଗ୍ନି : ଦିବ୍ୟ ସଂକଳ୍ପ ଓ ଶକ୍ତି,*
*ପୂଷନ୍ : ବୃଦ୍ଧି ବା ବିକାଶର ଦେବତା,*
*ଭଗ : ଭୋଗର ଦେବତା,*
*ଆଦିତ୍ୟଗଣ : ଅଦିତିଙ୍କର ପୁତ୍ରଗଣ, ଅର୍ଥାତ୍ ଏମାନେ ଅନନ୍ତଙ୍କର ସନ୍ତାନ,*
*ମରୁଦ୍ : ଯେଉଁମାନେ ଦେବଗଣଙ୍କ ମଧ୍ୟରେ ପ୍ରେରଣାତ୍ମିକା ଶକ୍ତି ରୂପରେ କ୍ରିୟାଶୀଳ ।*

**ପ୍ର ବୋ ଭ୍ରିୟନ୍ତ ଇନ୍ଦବୋ ମତ୍ସରା ମାଦୟିଷ୍ଣବଃ ।**
**ଦ୍ରପ୍ସା ମଧ୍ୱଶ୍ଚମୂଷଦଃ ॥୪॥**

*ପ୍ର ବଃ ଭ୍ରିୟନ୍ତେ ଇନ୍ଦବଃ ମତ୍ସରାଃ ମାଦୟିଷ୍ଣବଃ /*
*ଦ୍ରପ୍ସାଃ ମଧ୍ୱଃ ଚମୂ-ସଦଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : (ହେ ଦେବଗଣ !) ତୁମରିମାନଙ୍କ ପାଇଁ [ବଃ] ଅମୃତର ଝରଣାମାନ [ଇନ୍ଦବଃ] ଭରି ଉଠିଛନ୍ତି [ପ୍ର-ଭ୍ରିୟନ୍ତେ], ଆନନ୍ଦମୟ [ମାଦୟିଷ୍ଣବଃ] ଓ ତରଙ୍ଗମୟ ହୋଇଉଠିଛନ୍ତି [ମତ୍ସରାଃ], ସେମାନଙ୍କ ମଧ୍ୟକୁ ମଧୁବିନ୍ଦୁଗୁଡ଼ିକ ଝରିପଡୁଛନ୍ତି [ମଧ୍ୱଃ ଦ୍ରପ୍ସାଃ] ଏବଂ ସେଥିରେ ସେଗୁଡ଼ିକ ସ୍ଥାନଗ୍ରହଣ କରୁଛନ୍ତି [ଚମୂଷଦଃ] ।

*ଭାବାର୍ଥ : ସୋମରସ କହିଲେ ସାଧାରଣତଃ ସୋମଲତାର ରସ ବୋଲି ବୁଝାଯାଏ ଯାହାକୁ କି ଯଜ୍ଞ କାର୍ଯ୍ୟରେ ଦେବଗଣଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ ନିବେଦନ କରାଯାଇଥାଏ । କିନ୍ତୁ ସୋମରସର ରହସ୍ୟାର୍ଥ ହେଲା ଭାଗବତ ଆନନ୍ଦମୟ ରସ । ଏହି ଦୃଷ୍ଟିରୁ ଏଠାରେ ଋଷିଙ୍କର ଉଦ୍ଦେଶ୍ୟ ହୋଇପାରେ : ବିଶ୍ୱରେ ଦେବଗଣ ସେମାନଙ୍କ ବିହିତ କାର୍ଯ୍ୟ କରିଚାଲିଥିବାରୁ ବିଶ୍ୱ ଆନନ୍ଦମୟ ହୋଇଉଠୁଛି । ଊର୍ଦ୍ଧ୍ୱରୁ ଭାଗବତ ଆନନ୍ଦରୂପକ ମଧୁବିନ୍ଦୁଗୁଡ଼ିକ ମଧ ଝରି ପୃଥିବୀସ୍ଥ ବୃକ୍ଷ, ଲତା, ପଶୁ, ପକ୍ଷୀ, ମାନବ, ନଦୀ, ସମୁଦ୍ର ପ୍ରଭୃତିକୁ ରସମୟ କରିଛନ୍ତି । ଏଠାରେ 'ଚମୂଷଦ' କହିଲେ ଉପରୋକ୍ତ ଆଧାରଗୁଡ଼ିକୁ ବୁଝାଯାଉଛି ।*

**ଈଳତେ ତ୍ୱାମବସ୍ୟବଃ କଣ୍ୱାସୋ ବୃକ୍ତବର୍ହିଷଃ ।**
**ହବିଷ୍ମନ୍ତୋ ଅରଂକୃତଃ ।।୫।।**

*ଈଳତେ ତ୍ୱାମ୍ ଅବସ୍ୟବଃ କଣ୍ୱାସଃ ବୃକ୍ତବର୍ହିଷଃ /*
*ହବିଷ୍ମନ୍ତଃ ଅରଂକୃତଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ସକଳ ବିଘ୍ନରୁ ସୁରକ୍ଷିତ [ଅବସ୍ୟବଃ] କଣ୍ୱଗଣ [କଣ୍ୱାସଃ] ତୁମର ଉପାସନା କରୁଛନ୍ତି [ଈଳତେ], ସେମାନେ ଯେତେବେଳେ ଅଗ୍ନିଙ୍କର ଅଭିବ୍ୟକ୍ତି ଘଟାଇଛନ୍ତି [ବୃକ୍ତବର୍ହିଷଃ], ସେବେଠାରୁ ସେମାନେ ଅବିରତ ଆହୁତି ଦେଇ ଚାଲିଛନ୍ତି [ହବିଷ୍ମନ୍ତଃ] ଓ ସେମାନଙ୍କର ଶୃଙ୍ଖଳାକୁ ନ୍ୟସ୍ତ କରିଛନ୍ତି [ଅରଂକୃତଃ] ।

*ଭାବାର୍ଥ : ଋତ୍ୱିଜ ଅଗ୍ନିହୋତା ବ୍ୟକ୍ତିର ଜୀବନ ସୁରକ୍ଷିତ । ଥରେ ସାଧକ ଏହି ସତ୍ୟ-ଅଗ୍ନିଙ୍କର ସ୍ପର୍ଶ ପାଇଲେ ଆଉ ବିଳମ୍ବ ନ କରି ନିଜର ସବୁକିଛିକୁ ତାଙ୍କଠାରେ ସମର୍ପିଦେବାକୁ ହୋଇଥାଏ ।*

**ଘୃତପୃଷ୍ଠା ମନୋୟୁଜୋ ୟେ ତ୍ୱା ବହନ୍ତି ବହ୍ନୟଃ ।**
**ଆ ଦେବାନ୍ତ୍ସୋମପୀତୟେ ।।୬।।**

*ଘୃତପୃଷ୍ଠାଃ ମନଃ-ୟୁଜଃ ୟେ ତ୍ୱା ବହନ୍ତି ବହ୍ନୟଃ /*
*ଆ ଦେବାନ୍ ସୋମ-ପୀତୟେ ।।*



ଶ୍ରୀଅରବିନ୍ଦକୃତ ଅର୍ଥ : ଉଜ୍ଜ୍ୱଳ ପୃଷ୍ଠଦେଶଯୁକ୍ତ [ଘୃତପୃଷ୍ଠାଃ], ସଂକଳ୍ପ କରିବା ମାତ୍ରେ ଯେଉଁମାନେ ଆସି ତୁମ ରଥର ଯୁଆଳିରେ ଆପେ ଯୋଚି ହୋଇ ଯାଆନ୍ତି [ୟେ ମନୋୟୁଜଃ] ଏହିପରି ବାହକମାନେ [ବହ୍ନୟଃ] ତୁମକୁ ବହନ କରନ୍ତି [ତ୍ୱା ବହନ୍ତି] ଏବଂ ଦେବଗଣଙ୍କୁ ମଧ ଆମ ନିକଟକୁ ବହନ କରି ଆଣନ୍ତି ସୋମରସ ପାନ କରିବା ପାଇଁ [ଦେବାନ୍ ସୋମପୀତୟେ ଆ-ବହନ୍ତି], (ପର ମନ୍ତ୍ର ପାଇଁ)

**ତାନ୍ ୟଜତ୍ରାଁ ଋତାବୃଧୋଽଗ୍ନେ ପତ୍ନୀବତସ୍କୃଧି ।**
**ମଧ୍ୱଃ ସୁଜିହ୍ୱ ପାୟୟ ।।୭।।**

*ତାନ୍ ୟଜତ୍ରାନ୍ ଋତା-ବୃଧଃ ଅଗ୍ନେ ପତ୍ନୀବତଃ କୃଧି /*
*ମଧ୍ୱଃ ସୁଜିହ୍ୱ ପାୟୟ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ଯଜ୍ଞ ନିମନ୍ତେ ସେମାନଙ୍କୁ ସକ୍ରିୟ କର [ୟଜତ୍ରାନ୍ କୃଧି], ସତ୍ୟର ଧାରାରେ ସେମାନଙ୍କର ବିକାଶ ହେଉ [ଋତାବୃଧଃ], ସେମାନେ ସ୍ତ୍ରୀ-ଶକ୍ତିଯୁକ୍ତ ହୋଇଉଠନ୍ତୁ [ପତ୍ନୀବତଃ କୃଧି]; ହେ ସୁଜିହ୍ୱ [ସୁଜିହ୍ୱ], ସେମାନଙ୍କୁ ମଧୁର ରସଗୁଡ଼ିକର ପାନ କରାଅ [ମଧ୍ୱଃ ପାୟୟ] ।

*ଭାବାର୍ଥ : ଏହା ଏକ ଯୁଗ୍ମମନ୍ତ୍ର । ଅଗ୍ନିଙ୍କୁ ହବ୍ୟବାହନ ବୋଲି କୁହାଯାଏ, ଅର୍ଥାତ୍ ଯଜ୍ଞରେ ସମର୍ପିତ ବସ୍ତୁଗୁଡ଼ିକ ହେଉଛନ୍ତି ଅଗ୍ନିଙ୍କ ବାହନ । ଯୋଗସାଧନରେ ନିଜର ଧନ, ଜୀବନ, ଦେହ, ମନ ସବୁକିଛି ହେଉଛନ୍ତି ହବ୍ୟବସ୍ତୁ । ସେ ସମସ୍ତ ଅଗ୍ନିଙ୍କର ଓ ଅନ୍ୟ ସକଳ ଦେବତାଙ୍କର ବାହନ ହୋଇଉଠନ୍ତୁ । ସେମାନେ ଭଗବତ୍ କର୍ମର ଯନ୍ତ୍ର ହୁଅନ୍ତୁ, ସତ୍ୟଚେତନାରେ ସେମାନେ ବଢ଼ିଉଠନ୍ତୁ, ସେମାନଙ୍କ ମଧରେ କୋମଳ ଓ ସରସ ଗୁଣଗୁଡ଼ିକ ଫୁଟିଉଠୁ (ପତ୍ନୀବତଃ), ସେମାନେ ଆନନ୍ଦରସ ପାନ କରନ୍ତୁ ।*

**ୟେ ୟଜତ୍ରା ୟ ଈଡ୍ୟାସ୍ ତେ ତେ ପିବନ୍ତୁ ଜିହ୍ୱୟା ।**
**ମଧୋରଗ୍ନେ ବଷଟ୍‌କୃତି ।।୮।।**

*ୟେ ୟଜତ୍ରାଃ ୟେ ଈଡ୍ୟାଃ ତେ ତେ ପିବନ୍ତୁ ଜିହ୍ୱୟା /*
*ମଧୋଃ ଅଗ୍ନେ ବଷଟ୍‌କୃତି ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେଉଁମାନେ ଯଜ୍ଞରେ ସକ୍ରିୟ [ଯେ ଯଜତ୍ରାଃ], ଯେଉଁମାନେ ପୂଜନୀୟ [ଯେ ଇଡ୍ୟାଃ], ହେ ଅଗ୍ନି [ଅଗ୍ନେ], ସେହି ଉଭୟଙ୍କୁ [ତେ ତେ] ତୁମର ଜିହ୍ୱା ସାହାଯ୍ୟରେ [ଜିହ୍ୱୟା] ସର୍ବୋତ୍ତମ ମାଧୁର୍ଯ୍ୟରେ ଭରା ମଧୁକୁ ପାନ କରାଅ [ମଧୋଃ ବଷଟ୍‌କୃତି]।

*ଭାବାର୍ଥ : ଏହି ଉକ୍ତିଟି ଉଭୟ ଆତ୍ମୋତ୍ସର୍ଗଶୀଳ (ଯଜ୍ଞକାମୀ) ସାଧକ ଓ ଅବତରଣମୁଖୀ ଦେବଗଣଙ୍କ ମଧ୍ୟରେ ଏକ ମାଧୁର୍ଯ୍ୟମୟ ସଂଯୋଗ ପାଇଁ ଅଗ୍ନି ହେଉଛନ୍ତି ଏକ ମାଧ୍ୟମ ବୋଲି ଅର୍ଥ ବ୍ୟକ୍ତ କରୁଛି । ସାଧକ ମଧ୍ୟରେ ପ୍ରଜ୍ୱଳିତ ଆସ୍ପୃହାଗ୍ନିର ଶିଖାରେ ଏହି ଉଭୟଙ୍କର ମିଳନ ଭାଗବତ ଆନନ୍ଦକୁ ଅଭିବ୍ୟକ୍ତ କରୁଛି ।*

**ଆକୀଂ ସୂର୍ଯ୍ୟସ୍ୟ ରୋଚନାଦ୍ ବିଶ୍ୱାନ୍ଦେବାଁ ଉଷର୍ବୁଧଃ ।**
**ବିପ୍ରୋ ହୋତେହ ବକ୍ଷତି ॥୯॥**

*ଆକୀମ୍ ସୂର୍ଯ୍ୟସ୍ୟ ରୋଚନାତ୍ ବିଶ୍ୱାନ୍ ଦେବାନ୍ ଉଷଃ-ବୁଧଃ /*
*ବିପ୍ରଃ ହୋତା ଇହ ବକ୍ଷତି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଦ୍ରଷ୍ଟା [ବିପ୍ରଃ], ଯଜ୍ଞରେ ଆହୁତିଦାତା ବିପ୍ର [ହୋତା] ଅଗ୍ନି, ଉଷାକାଳରେ ଜାଗ୍ରତ ହେଉଥିବା [ଉଷର୍ବୁଧଃ] ସକଳ ଦେବଗଣଙ୍କୁ [ବିଶ୍ୱାନ୍ ଦେବାନ୍] ସୂର୍ଯ୍ୟଙ୍କର [ସୂର୍ଯ୍ୟସ୍ୟ] ପ୍ରଭାମୟ ଲୋକ ମଧ୍ୟରୁ [ରୋଚନାତ୍ ଆକୀମ୍] ଏଠାକୁ [ଇହ] ବହନ କରିଆଣନ୍ତି [ବକ୍ଷତି]।

*ଭାବାର୍ଥ : ସୂର୍ଯ୍ୟମଣ୍ଡଳ ମଧ୍ୟରେ ଦେବଗଣ ବାସ କରନ୍ତି ଏବଂ ସେମାନେ ଉଷାକାଳରେ ଜାଗ୍ରତ ହୁଅନ୍ତି । ଏହି ଜାଗୃତି-କାଳରେ ଅଗ୍ନି ସେମାନଙ୍କୁ ଯଜ୍ଞଭୂମିକୁ ଆବାହାନ କରି ଆଣିବେ । ଉଷାକାଳ ସୃଷ୍ଟିର ଆରମ୍ଭକୁ ଏବଂ ରାତ୍ରିକାଳ ସୃଷ୍ଟିର ପୂର୍ବାବସ୍ଥା ଅର୍ଥାତ୍ ଏକ ମହାନ୍ 'ପ୍ରସ୍ତୁତି'କୁ ସୂଚିତ କରେ । ରାତ୍ରି କାଳରେ ଯେତେବେଳେ ସର୍ବଦେବତା ସୁପ୍ତ ସେତେବେଳେ କେବଳ ଅଗ୍ନିହିଁ ନିଜର ଆଲୋକରେ ଜାଗ୍ରତ ଥା'ନ୍ତି । ପୁଣି ନିଶାର ଅବସାନରେ ବି ସେ ସେହିପରି ଜାଗ୍ରତ ରହି ବିଶ୍ୱକୁ ଦେବାବିର୍ଭାବରେ ସହାୟତା କରନ୍ତି । ଏଣୁ ଅଗ୍ନି ହେଉଛନ୍ତି ଚିରଜାଗ୍ରତ ଦେବତା, ଅମରତ୍ୱର ଦେବତା ।*

**ବିଶ୍ୱେଭିଃ ସୋମ୍ୟଂ ମଧ୍ୱଽଗ୍ନ ଇନ୍ଦ୍ରେଣ ବାୟୁନା ।**
**ପିବା ମିତ୍ରସ୍ୟ ଧାମଭିଃ ॥୧୦॥**



*ବିଶ୍ୱେଭିଃ ସୋମ୍ୟମ୍ ମଧୁ ଅଗ୍ନେ ଇନ୍ଦ୍ରେଣ ବାୟୁନା /*
*ପିବ ମିତ୍ରସ୍ୟ ଧାମଭିଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଇନ୍ଦ୍ର, ବାୟୁ ଓ ମିତ୍ର ଦେବତାଙ୍କର ଜ୍ୟୋତିର୍ଗଣ ପ୍ରଭୃତିଙ୍କ ସହ [ଇନ୍ଦ୍ରେଣ, ବାୟୁନା, ମିତ୍ରସ୍ୟ ଧାମଭିଃ ବିଶ୍ୱେଭିଃ] ତୁମେ ସୋମରସଜାତ ମଧୁର ରସକୁ [ସୋମ୍ୟମ୍] ପାନ କର [ପିବ]।

*ଭାବାର୍ଥ : ଇନ୍ଦ୍ର : ଆଲୋକିତ ମାନସଶକ୍ତି, ବାୟୁ : ପ୍ରାଚୁର୍ଯ୍ୟଭରା ପ୍ରାଣଶକ୍ତି, ମିତ୍ର : ପ୍ରେମ ଓ ସଂଗତି-ସୂଚକ ଚୈତ୍ୟଗୁଣ । ଏହି ସମସ୍ତ ବସ୍ତୁ ଯେତେବେଳେ ଆସି ବ୍ୟକ୍ତି-ଜୀବନ ତଥା ସଂସାର-ଜୀବନ ମଧ୍ୟରେ ଆଧାରିତ ହୁଅନ୍ତି ସେତେବେଳେ ବିଶ୍ୱଜୀବନ ଆନନ୍ଦମୟ ହୋଇଉଠେ ।*

**ତ୍ୱଂ ହୋତା ମନୁର୍ହିତୋଽଗ୍ନେ ଯଜ୍ଞେଷୁ ସୀଦସି ।**
**ସେମଂ ନୋ ଅଧ୍ୱରଂ ଯଜ ॥୧୧॥**

*ତ୍ୱମ୍ ହୋତା ମନୁଃ-ହିତଃ ଅଗ୍ନେ ଯଜ୍ଞେଷୁ ସୀଦସି /*
*ସଃ ଇମମ୍ ନଃ ଅଧ୍ୱରମ୍ ଯଜ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆହୁତିଦାତା ବିପ୍ର [ହୋତା], ମନସ୍ୱୀ ଓ ବନ୍ଧୁ [ମନୁର୍ହିତଃ] ହେ ଅଗ୍ନି [ଅଗ୍ନେ], ଯଜ୍ଞଗୁଡ଼ିକରେ ତୁମେ ଆସୀନ [ଯଜ୍ଞେଷୁ ସୀଦସି], ତେଣୁ [ସ] ତୁମେ [ତ୍ୱମ୍] ଆମର [ନଃ] ଏହି ଯଜ୍ଞକ୍ରିୟାକୁ ସମ୍ପାଦନ କର [ଅଧ୍ୱରଂ ଯଜ]।

*ଭାବାର୍ଥ : ଏଠାରେ ଋଷି ସତ୍ୟ-ସଂକଳ୍ପ ରୂପକ ଅଗ୍ନିଙ୍କୁ ଏହି ଅନ୍ତର୍ଜୀବନରେ ନିରନ୍ତର ଚାଲିଥିବା ଯଜ୍ଞସ୍ଥଳରେ ଆସି ଅବସ୍ଥାନ କରିବାକୁ, ଏବଂ ଏହି ଅଗ୍ନିସାଧନରେ ସିଦ୍ଧି ଆଣିଦେବାକୁ ନିବେଦନ କରୁଛନ୍ତି ।*

**ଯୁକ୍ଷ୍ୱା ହ୍ୟରୁଷୀ ରଥେ ହରିତୋ ଦେବ ରୋହିତଃ ।**
**ତାଭିର୍ଦେବାଁ ଇହା ବହ ॥୧୨॥**

*ଯୁକ୍ଷ୍ୱ ହି ଅରୁଷୀଃ ରଥେ ହରିତଃ ଦେବ ରୋହିତଃ /*
*ତାଭିଃ ଦେବାନ୍ ଇହ ଆ ବହ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦେବତା [ଦେବ], ତୁମର ରଥରେ [ରଥେ] ଗୋଲାପୀ [ଅରୁଷୀଃ], ସବୁଜ [ହରିତଃ] ଓ ଲୋହିତ ବର୍ଣ୍ଣର ବାହନମାନଙ୍କୁ [ରୋହିତଃ] ଯୋଚି [ୟୁକ୍ଷ୍ୱା], ସେମାନଙ୍କ ସାହାଯ୍ୟରେ [ତାଭିଃ] ଦେବଗଣଙ୍କୁ ଏଠାକୁ ବହନ କରିଆଣ [ଦେବାନ୍ ଇହ ଆ-ବହ] ।

*ଭାବାର୍ଥ : ଏହି ମନ୍ତ୍ରରେ କଥିତ ରଙ୍ଗଗୁଡ଼ିକ ଅଗ୍ନିଙ୍କ ରଥର ଅଶ୍ୱଗୁଡ଼ିକର ରଙ୍ଗକୁ ସୂଚିତ କରୁଛି । ଉପରୋକ୍ତ ରଙ୍ଗଗୁଡ଼ିକ ବାସ୍ତବରେ ସତ୍ୟ ଓ ଜ୍ୟୋତିଃର ରଙ୍ଗ । ଅଶ୍ୱ, ଶକ୍ତିର ପ୍ରତୀକ । ଏଣୁ ଏହି ମନ୍ତ୍ରର ଭାବାର୍ଥକୁ ଅଗ୍ନିଦେବ ଆମ ମଧରେ ସତ୍ୟ, ଜ୍ୟୋତି ଓ ଶକ୍ତିର ବିକାଶ କରାଇ ଦେବତ୍ୱ ପ୍ରଦାନ କରାନ୍ତୁ ବୋଲି ବୁଝିପାରିବା ।*

## କଣ୍ୱ ଘୌର

<u>ସୂକ୍ତ : ୩୬ ॥ ଋଷି : କଣ୍ୱ ଘୌର</u>

(ଭୁରିଗ୍ ଅନୁଷ୍ଟୁପ୍ ଛନ୍ଦଃ)
**ପ୍ର ବୋ ୟହ୍ୱଂ ପୁରୂଣାଂ ବିଶାଂ ଦେବୟତୀନାମ୍ ।**
**ଅଗ୍ନିଂ ସୂକ୍ତେଭିର୍ବଚୋଭିରୀମହେ ୟଂ ସୀମିଦନ୍ୟ ଈଳତେ ॥୧॥**

*ପ୍ର ବଃ ୟହ୍ୱମ୍ ପୁରୂଣାମ୍ ବିଶାମ୍ ଦେବ-ୟତୀନାମ୍ /*
*ଅଗ୍ନିଂ ସୂକ୍ତେଭିଃ ବଚୋଭିଃ ଈମହେ ୟମ୍ ସୀମ୍ ଇତି ଅନ୍ୟେ ଈଳତେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଦେବତ୍ୱ ପ୍ରାପ୍ତି ଦିଗରେ ଅଧ୍ୟବସାୟରତ [ଦେବୟତୀନାମ୍] ବହୁ ମାନବଙ୍କର ପ୍ରଭୁ [ପୁରୂଣାଂ ବିଶାଂ ୟହ୍ୱମ୍], ଅଗ୍ନିଙ୍କୁ [ଅଗ୍ନିମ୍] ଆମ୍ଭେମାନେ ତୁମମାନଙ୍କ ପାଇଁ [ବଃ] ପୂର୍ଣ୍ଣ ଅର୍ଥର ସହ ପ୍ରକାଶିତ ବାକ୍ୟଗୁଡ଼ିକ ଦ୍ୱାରା [ସୂକ୍ତେଭିଃ] କାମନା କରୁଛୁ [ପ୍ର-ଈମହେ], ଯାହାଙ୍କୁ [ୟମ୍] ଅନ୍ୟମାନେ ମଧ୍ୟ [ଅନ୍ୟେ] ସର୍ବତ୍ର [ସୀମ୍] କାମନା କରନ୍ତି [ଈଳତେ] ।

*ଭାବାର୍ଥ : ଦେବତାର ସାମର୍ଥ୍ୟ ଓ ଗୁଣକୁ ଲାଭ କରିବା ନିମିତ୍ତ ଏହି ମାନବଜୀବନ ଉଦ୍ଦିଷ୍ଟ, ମାନବର ପ୍ରତ୍ୟେକ ପ୍ରଚେଷ୍ଟା ପଛରେ ଏହି ଏକମାତ୍ର ଉଦ୍ଦେଶ୍ୟ । ଏହା ସଫଳ କରିପାରିବେ ଏହି ଅନ୍ତରାତ୍ମା ଅଗ୍ନିଦେବ । ବିଶ୍ୱଜୀବନର ଏହି କଲ୍ୟାଣ ସାଧନ ପାଇଁ ଋଷିମାନଙ୍କର ତପସ୍ୟା ।*



(ନିଚୃତ୍ ସତଃ ପଙ୍କ୍ତିଃ ଛନ୍ଦଃ)
**ଜନାସୋ ଅଗ୍ନିଂ ଦଧିରେ ସହୋବୃଧଂ ହବିଷ୍ମନ୍ତୋ ବିଧେମ ତେ ।**
**ସ ତ୍ୱଂ ନୋ ଅଦ୍ୟ ସୁମନା ଇହାବିତା ଭବା ବାଜେଷୁ ସନ୍ତ୍ୟ ॥୨॥**

*ଜନାସଃ ଅଗ୍ନିମ୍ ଦଧିରେ ସହଃ-ବୃଧମ୍ ହବିଷ୍ମନ୍ତଃ ବିଧେମ ତେ /*
*ସଃ ତ୍ୱମ୍ ନଃ ଅଦ୍ୟ ସୁ-ମନା ଇହ ଅବିତା ଭବ ବାଜେଷୁ ସନ୍ତ୍ୟ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ମାନବଗଣ [ଜନାସଃ] ସେମାନଙ୍କର ବଳବର୍ଦ୍ଧକ ରୂପେ [ସହୋବୃଧମ୍] ଅଗ୍ନିଙ୍କୁ ନିଜ ମଧ୍ୟରେ ଧାରଣ କରିଛନ୍ତି [ଅଗ୍ନିଂ ଦଧିରେ] । ହେ ଅଗ୍ନି, ହବ୍ୟବସ୍ତୁର ସହ ଆମ୍ଭେମାନେ [ହବିଷ୍ମନ୍ତଃ] ତୁମରି ଉଦ୍ଦେଶ୍ୟରେ ଯଜ୍ଞବିଧି ଆୟୋଜନ କରୁଛୁ [ତେ ବିଧେମ], ତେଣୁ ତୁମେ [ସଃ ତ୍ୱମ୍] ଆଜି ଆମମାନଙ୍କ ପ୍ରତି [ଅଦ୍ୟ ନଃ] ଶୁଭଚିନ୍ତକ ହୁଅ [ସୁମନାଃ ଭବ] ଏବଂ ଏଠାରେ [ଇହ] ଆମର ସକଳ ବସ୍ତୁରେ [ବାଜେଷୁ] ରକ୍ଷକ ଭାବରେ ଅଧିଷ୍ଠାନ କର [ଅବିତା ଭବ], ହେ ଆମର ସତ୍ତାରୁ ଜାତ ସତ୍ୟ ! [ସନ୍ତ୍ୟ] ତୁମକୁ  ଆମର ଏହି ପ୍ରାର୍ଥନା ।

*ଭାବାର୍ଥ : ହୃଦୟ-ଯଜ୍ଞସ୍ଥଳରେ ସମସ୍ତେ ଅଗ୍ନିଙ୍କୁ ଧାରଣ କରିଛନ୍ତି । କିନ୍ତୁ ସେ ପ୍ରସନ୍ନ ଓ ପ୍ରଦୀପ୍ତ ହୋଇଉଠନ୍ତି ସମର୍ପଣ ଦ୍ୱାରା, କେବଳ ଯୋଗିଗଣ ତାହାହିଁ କରନ୍ତି । ସକଳ ସତ୍ତା, ସକଳ ବାହ୍ୟ ସଂପଦ, ସବୁକିଛିକୁ ଏହି ପରମ ସତ୍ୟ-ଅଗ୍ନିଙ୍କଠାରେ ସମର୍ପଣର ଯଜ୍ଞ ଋଷିଗଣ କରୁଥିବାର ରହସ୍ୟ ଏହି ମନ୍ତ୍ରରେ ରହିଛି ।*

(ନିଚୃତ୍ ପଥ୍ୟା ବୃହତୀ ଛନ୍ଦଃ)
**ପ୍ର ତ୍ୱା ଦୂତଂ ବୃଣୀମହେ ହୋତାରଂ ବିଶ୍ୱବେଦସମ୍ ।**
**ମହସ୍ତେ ସତୋ ବି ଚରନ୍ତ୍ୟର୍ଚୟୋ ଦିବି ସ୍ପୃଶନ୍ତି ଭାନବଃ ॥୩॥**

*ପ୍ର ତ୍ୱା ଦୂତଂ ବୃଣୀମହେ ହୋତାରଂ ବିଶ୍ୱ-ବେଦସମ୍ /*
*ମହଃ ତେ ସତଃ ବି ଚରନ୍ତି ଅର୍ଚୟଃ ଦିବି ସ୍ପୃଶନ୍ତି ଭାବନଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ବିଶ୍ୱଜ୍ଞାନମୟ [ବିଶ୍ୱବେଦସମ୍], ଯଜ୍ଞର ପୁରୋହିତ [ହୋତାରମ୍] ତୁମକୁ ଆମେ ଦୂତରୂପେ ବରଣ କରୁଛୁ [ତ୍ୱା ଦୂତଂ ବୃଣୀମହେ] ଯେତେବେଳେ ତୁମେ ତୁମର ସତ୍ତାକୁ ବିସ୍ତାରିତ କରି ପ୍ରଜ୍ୱଳିତ ହୋଇଉଠ [ତେ ସତଃ

ମହଃ] ସେତେବେଳେ ତୁମର ପ୍ରଭା ବିଚ୍ଛୁରିତ ହୋଇଉଠେ [ଅର୍ଚୟଃ ଚରନ୍ତି], ତୁମର ରଶ୍ମିରେଖାଗୁଡ଼ିକ [ଭାନବଃ] ସ୍ୱର୍ଗକୁ ସ୍ପର୍ଶ କରନ୍ତି [ଦିବି ସ୍ପୃଶନ୍ତି] ।

*ଭାବାର୍ଥ : ଆମ ସତ୍ତାର ଦିବ୍ୟଭୂମିଗୁଡ଼ିକ ସହ ଯୋଗାଯୋଗ ପାଇଁ ଆମର ଅଭୀପ୍ସାର ଅଗ୍ନି ହେଉଛନ୍ତି ଦୂତ । ସେ ଯେତେବେଳେ ଆମ ଭିତରେ ତୀବ୍ର ଓ ଶକ୍ତିଶାଳୀ ହୋଇଉଠନ୍ତି, ତାଙ୍କର ଶିଖା ଅମର ଲୋକକୁ ସ୍ପର୍ଶ କରେ ।*

(ନିଚୃତ୍ ପଙ୍କ୍ତିଃ ଛନ୍ଦଃ)
**ଦେବାସସ୍ତ୍ୱା ବରୁଣୋ ମିତ୍ରୋ ଅର୍ଯ୍ୟମା ସଂ ଦୂତଂ ପ୍ରତ୍ନମିନ୍ଧତେ ।**
**ବିଶ୍ୱଂ ସୋ ଅଗ୍ନେ ଜୟତି ତ୍ୱୟା ଧନଂ ୟସ୍ତେ ଦଦାଶ ମର୍ତ୍ତ୍ୟଃ ॥୪॥**

*ଦେବାସଃ ତ୍ୱା ବରୁଣଃ ମିତ୍ରଃ ଅର୍ଯ୍ୟମା ସମ୍ ଦୂତମ୍ ପ୍ରତ୍ନମ୍ ଇନ୍ଧତେ /*
*ବିଶ୍ୱମ୍ ସଃ ଅଗ୍ନେ ଜୟତି ତ୍ୱୟା ଧନମ୍ ୟଃ ତେ ଦଦାଶ ମର୍ତ୍ତ୍ୟଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ବରୁଣ, ମିତ୍ର, ଅର୍ଯ୍ୟମା ପ୍ରଭୃତି ଦେବଗଣ [ବରୁଣଃ ମିତ୍ରଃ ଅର୍ଯ୍ୟମା ଦେବାସଃ] ପ୍ରାଚୀନ ଦୂତ ତୁମକୁ [ପ୍ରତ୍ନଂ ଦୂତମ୍ ତ୍ୱା] ପୂର୍ଣ୍ଣରୂପେ ପ୍ରଜ୍ୱଳିତ କରାନ୍ତି [ସମ୍-ଇନ୍ଧତେ]; ହେ ଅଗ୍ନି [ଅଗ୍ନେ], ସେହି ମର୍ତ୍ତ୍ୟମାନବ ସକଳ ସମ୍ପଦକୁ ତୁମ ଦ୍ୱାରା ଜୟ କରେ [ସଃ ମର୍ତ୍ତ୍ୟଃ ବିଶ୍ୱଂ ଧନଂ ତ୍ୱୟା ଜୟତି] ଯିଏ ତୁମକୁ ଦେଇ ଦେଇଛି [ୟଃ ତେ ଦଦାଶ] ।

*ଭାବାର୍ଥ : ଏଠାରେ ବର୍ଣ୍ଣିତ ତିନି ଦେବତାଙ୍କର ପରିଚୟ ହେଉଛି : ବରୁଣ – ବ୍ୟାପକ ଓ ବିଶାଳତାର ଦେବତା, ମିତ୍ର – ଦିବ୍ୟପ୍ରେମ ଓ ସଂଗତିର ଦେବତା, ଅର୍ଯ୍ୟମା – ଦିବ୍ୟ ଆସ୍ପୃହାଶକ୍ତିର ଦେବତା । ଏହିସବୁ ଦେବତା ଅଗ୍ନିଙ୍କୁ ପ୍ରୋଜ୍ଜ୍ୱଳ କରାନ୍ତି, ଅର୍ଥାତ୍, ଆମ ମଧ୍ୟରେ ଦିବ୍ୟସଂକଳ୍ପର ବିକାଶ କରିବାକୁ ଆମେ ଯଦି ଚାହୁଁ ତେବେ ଏହିସବୁ ଯୋଗ୍ୟତାର ଆବଶ୍ୟକତା ରହିଛି । ଏହିପରି  ଯୋଗ୍ୟତାସଂପନ୍ନ ସାଧକ ନିଜକୁ ଯଦି ପୂର୍ଣ୍ଣ ସମର୍ପଣ କରିଦିଏ ତେବେ ସେ ବିଶ୍ୱକୁ ଜୟ କରିଯାଏ ।*

(ନିଚୃଦ୍ ବୃହତୀ ଛନ୍ଦଃ)
**ମନ୍ଦ୍ରୋ ହୋତା ଗୃହପତିରଗ୍ନେ ଦୂତୋ ବିଶାମସି ।**
**ତ୍ୱେ ବିଶ୍ୱା ସଂଗତାନି ବ୍ରତା ଧ୍ରୁବା ୟାନି ଦେବା ଅକୃଣ୍ୱତ ॥୫॥**



*ମନ୍ଦ୍ରଃ ହୋତା ଗୃହପତିଃ ଅଗ୍ନେ ଦୂତଃ ବିଶାମ୍ ଅସି /*
*ତ୍ୱେ ବିଶ୍ୱା ସମ୍-ଗତାନି ବ୍ରତା ଧ୍ରୁବା ୟାନି ଦେବାଃ ଅକୃଣ୍ୱତ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ହେଉଛ ଯଜ୍ଞର ଆନନ୍ଦମୟ ପୁରୋହିତ [ମନ୍ଦ୍ରଃ ହୋତା ଅସି], ଗୃହର ପତି [ଗୃହପତିଃ] ଏବଂ ସର୍ବପ୍ରାଣୀଙ୍କର ଦୂତ [ବିଶାଂ ଦୂତଃ]; ଦେବଗଣ [ଦେବାଃ] ଯେଉଁସବୁ ଦୃଢ଼ କର୍ମସୂତ୍ର ରଚନା କରିଛନ୍ତି [ୟାନି ଧ୍ରୁବା ବ୍ରତା ଅକୃଣ୍ୱତ] ସେଗୁଡ଼ିକ ତୁମ ମଧ୍ୟରେ ସମ୍ମିଳିତ ହୋଇଛନ୍ତି [ବିଶ୍ୱା ତ୍ୱେ ସଂଗତାନି] ।

*ଭାବାର୍ଥ : ଏଠାରେ ଅଗ୍ନିଙ୍କୁ ପ୍ରାଣୀମାନଙ୍କର ଆନନ୍ଦବର୍ଦ୍ଧକ, ଗୃହପତି, ଦୂତ ଓ ପୁରୋହିତ ରୂପରେ ବର୍ଣ୍ଣନା କରାଯାଇଛି । ଏସବୁ ବ୍ୟତୀତ ଅଗ୍ନିଙ୍କର ଏକ ଲକ୍ଷଣୀୟ ଗୁଣ ହେଲା ସକଳ ବିଶ୍ୱଗତ ଶକ୍ତି ଓ ଶୃଙ୍ଖଳା ତାଙ୍କଠାରେ ଆସି ସଂଗତ ହୁଅନ୍ତି, କୌଣସି କିଛି ତାଙ୍କଠାରେ ବିରୋଧୀ ହୋଇ ରହେ ନାହିଁ । ଏହି ତତ୍ତ୍ୱଟି ଋଷିଙ୍କର ଏକ ବିଶେଷ ଉପଲବ୍ଧି ।*

(ଭୁରିଗ୍-ବୃହତୀ ଛନ୍ଦଃ)
**ତ୍ୱେ ଇଦଗ୍ନେ ସୁଭଗେ ୟବିଷ୍ଠ୍ୟ ବିଶ୍ୱମା ହୂୟତେ ହବିଃ ।**
**ସ ତ୍ୱଂ ନୋ ଅଦ୍ୟ ସୁମନା ଉତାପରଂ ୟକ୍ଷି ଦେବାନ୍ତ୍ସୁବୀର୍ଯ୍ୟା ॥୬॥**

*ତ୍ୱେ ଇତ୍ ଅଗ୍ନେ ସୁ-ଭଗେ ୟବିଷ୍ଠ୍ୟ ବିଶ୍ୱମ୍ ଆ ହୂୟତେ ହବିଃ /*
*ସଃ ତ୍ୱମ୍ ନଃ ଅଦ୍ୟ ସୁ-ମନାଃ  ଉତ ଅପରମ୍ ୟକ୍ଷି ଦେବାନ୍ ସୁ-ବୀର୍ଯ୍ୟା ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ନିତ୍ୟଯୁବନ୍, ପ୍ରବଳ ଶକ୍ତିମନ୍ ଅଗ୍ନି [ୟବିଷ୍ଠ୍ୟ ଅଗ୍ନେ], ତୁମ ମଧ୍ୟରେ [ତ୍ୱେ] ଏହି ସଂଗତିର କାରଣ ହେଉଛି [ଇଦମ୍] ଆନନ୍ଦମୟ ତୁମରି ମଧ୍ୟରେ [ସୁଭଗେ] ନିଖିଳ ଆହୁତି ନିକ୍ଷେପ କରାଯାଏ [ବିଶ୍ୱଂ ହବିଃ ଆହୂୟତେ], ତେଣୁ [ସଃ] ତୁମେ [ତ୍ୱମ୍] ଆଜି ଓ ଏହାପରେ ମଧ୍ୟ [ଅଦ୍ୟ ଉତ ଅପରମ୍] ସୁମନସ ହୁଅ [ସୁମନାଃ], ଆମ ପାଇଁ  [ନଃ] ଓ ଦେବଗଣଙ୍କ ପାଇଁ [ଦେବାନ୍] ସୁହୃତ୍ଶକ୍ତି ପ୍ରଦାନ କର [ସୁବୀର୍ଯ୍ୟା ୟକ୍ଷି] ।

*ଭାବାର୍ଥ : ଏହି ମନ୍ତ୍ରରେ ପୂର୍ବ ମନ୍ତ୍ରର ସମ୍ବନ୍ଧ ରହିଛି । ଅଗ୍ନିଙ୍କଠାରେ ସମସ୍ତ କିଛି ସଂଗତି ଲାଭ କରିବାର କାରଣ : ସେ ହେଉଛନ୍ତି ନିତ୍ୟଯୁବା, ଉତ୍ତମ ବୀର୍ଯ୍ୟବାନ୍ ଓ ଆନନ୍ଦମୟ । ଜଣକଠାରେ ଏହି ଗୁଣଗୁଡ଼ିକ ଥିଲେ ଅବଶ୍ୟ ସେ ସମସ୍ତଙ୍କ ସହ ସଂଗତି ରକ୍ଷା କରିପାରେ । ସ୍ଥୂଳ ଯଜ୍ଞ ଦୃଷ୍ଟିରୁ ମଧ୍ୟ, ଯଜମାନ ଯେ କୌଣସି ଦେବତାଙ୍କ ଉଦ୍ଦେଶ୍ୟରେ ଆହୁତି ଦେଉ ପଛେ ତାହା ଅଗ୍ନିରେହିଁ ପ୍ରକ୍ଷେପଣ କରାଯାଏ । ତେଣୁ ସ୍ଥୂଳତଃ ଓ ସୂକ୍ଷ୍ମତଃ ଅଗ୍ନି ହେଉଛନ୍ତି ସମଗ୍ର ସଂସାରର ପ୍ରିୟ ଓ ଆଦରଣୀୟ ଦେବତା ।*

(ବୃହତୀ ଛନ୍ଦଃ)
**ତଂ ଘେମିତ୍ଥା ନମସ୍ୱିନ ଉପ ସ୍ୱରାଜମାସତେ ।**
**ହୋତ୍ରାଭିରଗ୍ନିଂ ମନୁଷଃ ସମିନ୍ଧତେ ତିତିର୍ବାଂସୋ ଅତି ସ୍ରିଧଃ ॥୭॥**

*ତମ୍ ଘ ଈମ୍ ଇତ୍ଥା ନମସ୍ୱିନଃ ଉପ ସ୍ୱରାଜମ୍ ଆସତେ /*
*ହୋତ୍ରାଭିଃ ଅଗ୍ନିମ୍ ମନୁଷଃ ସମିନ୍ଧତେ ତିତିର୍ବାଂସଃ ଅତି ସ୍ରିଧଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଏହିପରି [ଘେମ୍] ତାଙ୍କୁ [ତମ୍], ସମର୍ପିତ ମନୁଷ୍ୟମାନେ [ନମସ୍ୱିନଃ] ସ୍ୱରାଜ ରୂପେ [ସ୍ୱରାଜମ୍] ଉପାସନା କରନ୍ତି [ଉପ-ଆସତେ]; ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗି ଅତିକ୍ରମ କରିଯାଇଥିବା ମନୁଷ୍ୟମାନେ [ଅତି-ସ୍ରିଧଃ ତତିର୍ବାଂସଃ ମନୁଷଃ] ମହତ୍ତ୍ୱପୂର୍ଣ୍ଣ ଆହୁତି ସମ୍ଭାରରେ [ହୋତ୍ରାଭିଃ] ଅଗ୍ନିଙ୍କୁ ସମ୍ୟକ୍ ଉଦ୍ଦୀପିତ କରିଥାନ୍ତି [ସମିନ୍ଧତେ] ।

*ଭାବାର୍ଥ : ଆତ୍ମାର ଅଗ୍ନି ସ୍ୱୟଂ-ଶାସିତ, ସ୍ୱାଧୀନ ମାର୍ଗରେ ସେ କାର୍ଯ୍ୟ କରିଯାଆନ୍ତି, ତେଣୁ ସେ ସ୍ୱରାଜ । ସେହିମାନେ ଅନ୍ତର୍ଯଜ୍ଞରେ ଅଗ୍ନିଙ୍କୁ ଠିକ୍‌ଭାବେ ଜଳାଇ ରଖିପାରନ୍ତି ଯେଉଁମାନେ ବୀର, ଆଧ୍ୟାତ୍ମିକ ପଥର ପ୍ରତିବନ୍ଧକକୁ ଯେଉଁମାନେ ଅତିକ୍ରମ କରିଯାଇ ପାରିଛନ୍ତି ।*

(ସ୍ୱରାଡ୍ ବୃହତୀ ଛନ୍ଦଃ)
**ଘ୍ନନ୍ତୋ ବୃତ୍ରମତରନ୍ ରୋଦସୀ ଅପ ଉରୁ କ୍ଷୟାୟ ଚକ୍ରିରେ ।**
**ଭୁବତ୍ କଣ୍ୱେ ବୃଷା ଦ୍ୟୁମ୍ନ୍ୟାହୁତଃ କ୍ରନ୍ଦଦଶ୍ୱୋ ଗବିଷ୍ଟିଷୁ ॥୮॥**

*ଘ୍ନନ୍ତଃ ବୃତ୍ରମ୍ ଅତରନ୍ ରୋଦସୀ ଅପ ଉରୁ କ୍ଷୟାୟ ଚକ୍ରିରେ /*
*ଭୁବତ୍ କଣ୍ୱେ ବୃଷା ଦ୍ୟୁମ୍ନି ଆ-ହୁତଃ କ୍ରନ୍ଦତ୍ ଅଶ୍ୱଃ ଗୋ-ଇଷ୍ଟିଷୁ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେମାନେ ଆବୃତ କାରୀ ବୃତ୍ରକୁ ବଧ କରିଛନ୍ତି [ବୃତ୍ରଂ ଘ୍ନନ୍ତଃ], ଆକାଶ ଓ ପୃଥିବୀର ସୀମାକୁ ପାର ହୋଇଯାଇଛନ୍ତି [ରୋଦସୀ ଅତରନ୍], ବିସ୍ତୃତ ସାମ୍ରାଜ୍ୟକୁ [ଉରୁ ଅପ] ସେମାନେ ନିଜର ବାସଗୃହ କରିଛନ୍ତି [କ୍ଷୟାୟ ଚକ୍ରିରେ] । କଣ୍ୱଙ୍କ ମଧ୍ୟରେ [କଣ୍ୱେ] ଶକ୍ତିମାନ୍ ସେହି ଏକ [ବୃଷା] ହୋଇଉଠନ୍ତୁ [ଭୁବତ୍] ଆହୁତିରେ ପରିପୁଷ୍ଟ [ଆହୁତଃ] ଏକ ଜ୍ଞାନଜ୍ୟୋତିର୍ମୟ ବଳ [ଦ୍ୟୁମ୍ନି], ଗୋ-ଗୋଷ୍ଠରେ [ଗବିଷ୍ଟିଷୁ] ପ୍ରାଣ-ଅଶ୍ୱ [ଅଶ୍ୱଃ] ହ୍ରେସାରବରେ ଉଲ୍ଲସିତ ହୋଇ ଉଠୁଛି [କ୍ରନ୍ଦତ୍] ।



*ଭାବାର୍ଥ : ଏହି ମନ୍ତ୍ରରେ 'ସେମାନେ' ଶବ୍ଦଟି ପୂର୍ବ ମନ୍ତ୍ରରେ ବର୍ଣ୍ଣିତ ସମର୍ପିତ ମନୁଷ୍ୟଙ୍କୁ ସୂଚିତ କରୁଛି । ଆକାଶ ହେଉଛି ମନ, ପୃଥିବୀ ହେଉଛି ପାର୍ଥିବ ଜୀବନ, ଗୃହ ହେଉଛି ବ୍ୟକ୍ତି ସତ୍ତା, ମେଧାବୀ ଅଗ୍ନିସାଧକ ହେଲେ 'କଣ୍ୱ' । 'ବୃଷା' ଶବ୍ଦ ଏଠାରେ ଅଗ୍ନିଙ୍କୁ ସୂଚିତ କରେ । ଗୋଗୋଷ୍ଠ ହେଉଛି କର୍ମ-ଜଗତ ।*

(ନିଚୃଦୁପରିଷ୍ଟାନ୍-ବୃହତୀ ଛନ୍ଦଃ)
**ସଂ ସୀଦସ୍ୱ ମହାଁ ଅସି ଶୋଚସ୍ୱ ଦେବବୀତମଃ ।**
**ବି ଧୂମମଗ୍ନେ ଅରୁଷଂ ମିୟେଧ ସୃଜ ପ୍ରଶସ୍ତ ଦର୍ଶତମ୍ ॥୯॥**

*ସଂ ସୀଦସ୍ୱ ମହାନ୍ ଅସି ଶୋଚସ୍ୱ ଦେବ-ବୀତମଃ /*
*ବି ଧୂମମ୍ ଅଗ୍ନେ ଅରୁଷମ୍ ମିୟେଧ ସୃଜ ପ୍ର-ଶସ୍ତ ଦର୍ଶତମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ]; ତୁମର ଅଭିପ୍ରେତ ଆସନ ଗ୍ରହଣ କର [ସଂ-ସୀଦସ୍ୱ], ତୁମେ ମହାନ୍ ଅଟ [ମହାନ୍ ଅସି], ଦେବତାଙ୍କୁ ପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ କରୁଥିବା ତୁମର ଶୁଦ୍ଧ ଆଲୋକକୁ ବିକିରଣ କର [ଦେବବୀତମଃ ଶୋଚସ୍ୱ] । ହେ ଯଜ୍ଞୀୟ [ମିୟେଧ], ବ୍ୟାପକରୂପେ ଅଭିବ୍ୟକ୍ତ [ପ୍ରଶସ୍ତ], ଅନ୍ତର୍ଦୃଷ୍ଟିପୂର୍ଣ୍ଣ କ୍ରିୟାଶୀଳ ଆବେଗର ଧୂମକୁଣ୍ଡଳୀକୁ [ଦର୍ଶତମ୍ ଅରୁଷଂ ଧୂମମ୍] ଉଦ୍‌ଗିରଣ କର[ବି-ସୃଜ] ।

*ଭାବାର୍ଥ : ଏଥିରୁ ଏହି ତତ୍ତ୍ୱର ସୂଚନା ମିଳୁଛି ଯେ, ଯେତେବେଳେ ସତ୍ୟ ସଂକଳ୍ପ ତଥା ସତ୍ୟ ଚେତନାର ବହ୍ନି ତାଙ୍କର ମହିମମୟ ସ୍ୱରୂପରେ ଅଭିବ୍ୟକ୍ତ ହୁଅନ୍ତି, ତାଙ୍କର ସେହି ତେଜୋରାଜି ମଧ୍ୟରେ ଦେବଗଣ ଦୃଶ୍ୟ ହୁଅନ୍ତି; ଅର୍ଥାତ୍ ସାଧକ ମଧ୍ୟରେ ଦିବ୍ୟ ସୌନ୍ଦର୍ଯ୍ୟ, ଶକ୍ତି ଓ ସ୍ୱଭାବ ଫୁଟିଉଠେ । ପ୍ରଜ୍ୱଳ ଅଗ୍ନି ମଧ୍ୟରେ ଲୋହିତ ଧୂମରାଜି ବିଚରଣ କରିବା ପରି ସାଧକର ଅନ୍ତର୍ଦୃଷ୍ଟିରେ ସୂକ୍ଷ୍ମଜଗତରର ଅନୁପମ ଦୃଶ୍ୟାବଳି ପ୍ରତିଭାତ ହୁଏ ।*

(ନିବୃତ୍-ବିଷ୍ଟାର-ପଙ୍‌କ୍ତିଃ ଛନ୍ଦଃ)
**ୟଂ ତ୍ୱା ଦେବାସୋ ମନବେ ଦଧୁରିହ ୟଜିଷ୍ଠଂ ହବ୍ୟବାହନ ।**
**ୟଂ କଣ୍ୱୋ ମେଧ୍ୟାତିଥିର୍ଧନସ୍ପୃତଂ ୟଂ ବୃଷା ୟମୁପସ୍ତୁତଃ ॥୧୦॥**

*ୟମ୍ ତ୍ୱା ଦେବାସଃ ମନବେ ଦଧୁଃ ଇହ ୟଜିଷ୍ଠମ୍ ହବ୍ୟବାହନ /*
*ୟମ୍ କଣ୍ୱଃ ମେଧ୍ୟାତିଥିଃ ଧନସ୍ପୃତମ୍ ୟମ୍ ବୃଷା ୟମ୍ ଉପ-ସ୍ତୁତଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ହବ୍ୟବାହନ [ହବ୍ୟବାହନ], ପ୍ରକୃତରେ ତୁମେ ହେଉଛ ସେଇ ଯାହାଙ୍କୁ [ତ୍ୱା ୟମ୍] ଦେବଗଣ [ଦେବାସଃ] ଯଜ୍ଞରେ ସର୍ବଶକ୍ତିମାନ୍ ରୂପେ [ୟଜିଷ୍ଠମ୍] ମନୁଷ୍ୟ ପାଇଁ [ମନବେ] ଏଠାରେ ପ୍ରତିଷ୍ଠା କରିଛନ୍ତି [ଇହ ଦଧୁଃ], ନିଜର ଅଭୀଷ୍ଟ ସଂପଦର ପ୍ରାପକ ରୂପେ [ଧନସ୍ପୃତମ୍] କଣ୍ୱ ମେଧାତିଥି [କଣ୍ୱଃ ମେଧାତିଥିଃ] ଯାହାଙ୍କୁ ପ୍ରତିଷ୍ଠା କରିଛନ୍ତି [ୟମ୍ ଦଧୁଃ], ଯାହାଙ୍କୁ [ୟମ୍] ଶକ୍ତିମାନ୍ ଇନ୍ଦ୍ର [ବୃଷା] ଏବଂ ସ୍ତବଗାନ ଦ୍ୱାରା ତାଙ୍କୁ ପ୍ରତିଷ୍ଠା କରିଥିବା ବ୍ୟକ୍ତିଗଣ [ଉପସ୍ତୁତଃ] ଧାରଣ କରିଛନ୍ତି;

(ନିଚୃତ୍ ପଥ୍ୟା ବୃହତୀ ଛନ୍ଦଃ)
**ୟମଗ୍ନିଂ ମେଧାତିଥିଃ କଣ୍ୱ ଈଧ ଋତାଦଧି ।**
**ତସ୍ୟ ପ୍ରେଷୋ ଦୀଦିୟୁସ୍ତମିମା ଋଚସ୍ତମଗ୍ନିଂ ବର୍ଧୟାମସି ।।୧୧।।**

*ୟମ୍ ଅଗ୍ନିମ୍ ମେଧାତିଥିଃ କଣ୍ୱଃ ଈଧେ ଋତାତ୍ ଅଧି /*
*ତସ୍ୟ ପ୍ର ଇଷଃ ଦୀଦିୟୁଃ ତମ୍ ଇମାଃ ଋଚଃ ତମ୍ ଅଗ୍ନିମ୍ ବର୍ଧୟାମସି ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ବସ୍ତୁତଃ ଯେଉଁ ଅଗ୍ନିଙ୍କୁ [ୟମ୍ ଅଗ୍ନିମ୍] ମେଧାତିଥି କଣ୍ୱ [ମେଧାତିଥିଃ କଣ୍ୱଃ] ସତ୍ୟର ଆଧାର ଉପରେ [ଋତାତ୍ ଅଧି] ଉଦ୍ଦୀପ୍ତ କରିଛନ୍ତି [ଈଧେ] ତାଙ୍କରି ପ୍ରଚୋଦନାହିଁ [ତସ୍ୟ ଇଷଃ] ପ୍ରଦୀପିତ ହୋଇଉଠୁ [ଦୀଦିୟୁଃ], ଆମର ଏହି ସିଦ୍ଧିଦାୟକ ମନ୍ତ୍ରବଚନଗୁଡ଼ିକ [ଇମାଃ ଋଚଃ] ତାହାଙ୍କ ଉଦ୍ଦେଶ୍ୟରେ [ତମ୍], ଏବଂଭୂତ ଅଗ୍ନିଙ୍କୁ [ତମ୍ ଅଗ୍ନିମ୍] ଆମ୍ଭେମାନେ ବୃଦ୍ଧିସାଧନ କରୁଛୁ [ବର୍ଧୟାମସି] ।

*ଭାବାର୍ଥ : ଏହି ମନ୍ତ୍ରଯୁଗ୍ମ (୧୦, ୧୧)ରେ ଅଗ୍ନିଙ୍କର ଗଭୀର ତତ୍ତ୍ୱ ପ୍ରକାଶ ପାଇଛି । ଜ୍ଞାନ, ଶକ୍ତି ଓ ସଂକଳ୍ପର ସ୍ୱରୂପ ଏହି ଯେଉଁ ମହାନ୍ ଅଗ୍ନି ଦେବତାଙ୍କୁ ମାନବଗଣ ମର୍ତ୍ତ୍ୟଜୀବବନରେ ଆତ୍ମାରୂପରେ ଲାଭ କରିଛନ୍ତି, ତାହା ହେଉଛି ମାନବ ପ୍ରତି ଦେବତାଙ୍କର ଅବଦାନ, ଯାହାଙ୍କ ମାଧ୍ୟମରେ ମନୁଷ୍ୟ ଦେବତ୍ୱ ଲାଭ କରିପାରିବ । ଅଗ୍ନି ସମସ୍ତଙ୍କ ମଧ୍ୟରେ ବାସ କରୁଛନ୍ତି । କିନ୍ତୁ ଜ୍ଞାନୀ ବ୍ୟକ୍ତିଗଣ (ମେଧାତିଥି କଣ୍ୱ) ଏହାଙ୍କର ଯଥାବିଧି ଉପାସନା କରନ୍ତି । ଦ୍ୱିତୀୟ ମନ୍ତ୍ରରେ ରହିଛି ମାନବର ଦିବ୍ୟ ଆସ୍ପୃହା ।*

(ଭୁରିକ୍-ଅନୁଷ୍ଟୁପ୍ ଛନ୍ଦଃ)
**ରାୟସ୍ପୂର୍ଧି ସ୍ୱଧାବୋଽସ୍ତି ହି ତେଽଗ୍ନେ ଦେବେଷ୍ୱାପ୍ୟମ୍ ।**
**ତ୍ୱଂ ବାଜସ୍ୟ ଶ୍ରୁତ୍ୟସ୍ୟ ରାଜସି ସ ନୋ ମୃଳ ମହାଁ ଅସି ।।୧୨।।**



*ରାୟଃ ପୂର୍ଧି ସ୍ୱଧାବଃ ଅସ୍ତି ହି ତେ ଅଗ୍ନେ ଦେବେଷୁ ଆପ୍ୟମ୍ /*
*ତ୍ୱମ୍ ବାଜସ୍ୟ ଶ୍ରୁତ୍ୟସ୍ୟ ରାଜସି ସଃ ନଃ ମୃଳ ମହାନ୍ ଅସି ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଆତ୍ମସ୍ଥ ହୋଇ ରହିବାରେ ସାମର୍ଥ୍ୟବାନ୍ ହେ ଅଗ୍ନି [ସ୍ୱଧାବଃ ଅଗ୍ନେ] ! ଆମର ସମୃଦ୍ଧିକୁ [ରାୟଃ] ପରିପୂର୍ଣ୍ଣ କର [ପୂର୍ଧି]; କାରଣ [ହି] ତୁମ ସହ ରହିଛି [ତେ ଅସ୍ତି] ଦେବଗଣଙ୍କଠାରେ ନିହିତ [ଦେବେଷୁ] ଅଭୀଷ୍ଟ-ପ୍ରଦାନକାରିଣୀ କ୍ଷମତା [ଆପ୍ୟମ୍]; ଆତ୍ମାନୁପ୍ରେରିତ ଜ୍ଞାନର [ଶ୍ରୁତ୍ୟସ୍ୟ] ସଂପଦ ଉପରେ [ବାଜସ୍ୟ] ତୁମେ ରାଜତ୍ୱ କର [ରାଜସି] । ତେଣୁ [ସଃ] ଆମକୁ ଅନୁଗ୍ରହ କର [ନଃ ମୃଳ], ତୁମେ ମହାନ୍ ଅଟ [ମହାନ୍ ଅସି] ।

*ଭାବାର୍ଥ : ନିଜ ମଧ୍ୟରେ ଏବଂ ଜଗତରେ ଅନ୍ତରାତ୍ମା ରୂପରେ ବିଦ୍ୟମାନ ଅଗ୍ନିଙ୍କଠାରେ ଦିବ୍ୟ ଏବଂ ପାର୍ଥିବ ସକଳ ଐଶ୍ୱର୍ଯ୍ୟଲାଭର ସମ୍ଭାବନା ରହିଥିବା କଥା ଋଷି ଏଠାରେ ଉପଲବ୍ଧି କରିଛନ୍ତି । ଆହୁରି ମଧ୍ୟ ବିଶ୍ୱଶକ୍ତି ରୂପରେ କାର୍ଯ୍ୟ କରୁଥିବା ଦେବଗଣଙ୍କ କ୍ଷମତା ମଧ୍ୟ ଏହି ଅଗ୍ନିଙ୍କ ମଧ୍ୟରେ ରହିଥିବାର ସେ ଦେଖିପାରିଛନ୍ତି । ଏଣୁ ଅଗ୍ନି ହେଉଛନ୍ତି ମହାନ୍ ଓ ପ୍ରଭୁ ।*

(ଉପରିଷ୍ଟାଦ୍‌ବୃହତୀ ଛନ୍ଦଃ)
**ଊର୍ଧ୍ୱ ଊ ଷୁ ଣ ଊତୟେ ତିଷ୍ଠା ଦେବୋ ନ ସବିତା ।**
**ଊର୍ଧ୍ୱୋ ବାଜସ୍ୟ ସନିତା ୟଦଞ୍ଜିଭିର୍ବାଘଭିର୍ବିହ୍ୱୟାମହେ ।।୧୩।।**

*ଊର୍ଧ୍ୱଃ ଊ ସୁ ନଃ ଊତୟେ ତିଷ୍ଠ ଦେବଃ ନ ସବିତା /*
*ଊର୍ଧ୍ୱଃ ବାଜସ୍ୟ ସନିତା ୟତ୍ ଅଞ୍ଜିଭିଃ ବାଘଭିଃ ବି-ହ୍ୱୟାମହେ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମ୍ଭମାନଙ୍କର ଅଭିବୃଦ୍ଧି ନିମନ୍ତେ [ନଃ ଊତୟେ] ସବିତୃ-ଦେବଙ୍କ ପରି [ସବିତା ନ] ସମୁନ୍ନତ ହୋଇ ରୁହ [ସୁ-ଊର୍ଧ୍ୱଃ ତିଷ୍ଠ]; ଯେତେବେଳେ [ୟତ୍] ଆମେ (ଦିବ୍ୟ-ଅଭିବ୍ୟଞ୍ଜକ ସ୍ତୋତୃଗଣଙ୍କ ସହ — ଅଞ୍ଜିଭିଃ ବାଘଭିଃ*) ତୁମକୁ ଆବାହନ କରୁ [ବିହ୍ୱୟାମହେ], ସେତେବେଳେ ତୁମେ ସେହି ଉଚ୍ଚ ଶିଖରରୁ [ଊର୍ଧ୍ୱଃ] ଆମ ଭଣ୍ଡାରଗୃହର ରକ୍ଷାକାରୀ ହୁଅ [ବାଜସ୍ୟ ସନିତା]...

*ଭାବାର୍ଥ : ଦିବ୍ୟ ସଂକଳ୍ପଶକ୍ତି ରୂପରେ ଅଗ୍ନି ଯେପରି ଅନ୍ତର୍ଗତ ହୋଇ ରହଛନ୍ତି,*

* ଶ୍ରୀଅରବିନ୍ଦଙ୍କ ମୂଳ ଇଂରାଜୀରେ ଏହି 'ବାଘଭିଃ' ପଦଟିର ଅର୍ଥ ନାହିଁ । — ଅନୁବାଦକ

*ଅଗ୍ନି ସେହିପରି ଆମର ବାହ୍ୟ ଜୀବନରେ ଉନ୍ନତ ହୋଇ ଅଭିବ୍ୟକ୍ତ ହୁଅନ୍ତୁ, ସୂର୍ଯ୍ୟଙ୍କ ଭଳି ଭାସ୍ୱର ହୋଇ ବିରାଜିତ ହୁଅନ୍ତୁ, ଅନ୍ତର୍ଗତ ଗୁଣରାଜିର ଏବଂ ସ୍ଥୂଳ ସଂପଦଗୁଡ଼ିକର ଅଭିବ୍ୟକ୍ତିରେ ସହାୟକ ହୋଇ ରୁହନ୍ତୁ ।*

(ନିଚୃତ୍-ବିଷ୍ଟାର-ପଙ୍କ୍ତିଃ ଛନ୍ଦଃ)
**ଊର୍ଧ୍ୱୋ ନଃ ପାହ୍ୟଂହସୋ ନି କେତୁନା ବିଶ୍ୱଂ ସମତ୍ରିଣଂ ଦହ ।**
**କୃଧୀ ନ ଊର୍ଧ୍ୱାଞ୍ଚରଥାୟ ଜୀବସେ ବିଦା ଦେବେଷୁ ନୋ ଦୁବଃ ॥୧୪॥**

*ଊର୍ଧ୍ୱଃ ନଃ ପାହି ଅଂହସଃ ନି କେତୁନା ବିଶ୍ୱମ୍ ସମ୍ ଅତ୍ରିଣମ୍ ଦହ /*
*କୃଧି ନଃ ଊର୍ଧ୍ୱାନ୍ ଚରଥାୟ ଜୀବସେ ବିଦାଃ ଦେବେଷୁ ନଃ ଦୁବଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଊର୍ଧ୍ୱକୁ ପ୍ରଜ୍ୱଳିତ ହୋଇ [ଊର୍ଧ୍ୱଃ] ତୁମେ ତୁମର ବୋଧିମାନସ ଦ୍ୱାରା [କେତୁନା] ଅନିଷ୍ଟକାରୀ ସତ୍ତାମାନଙ୍କଠାରୁ [ଅଂହସଃ] ଆମକୁ ରକ୍ଷା କର [ନଃ ପାହି], ଆମ ସତ୍ତାର ଭକ୍ଷକସକଳଙ୍କୁ [ଅତ୍ରିଣମ୍] ଭସ୍ମ କରିଦିଅ [ସମ୍-ଦହ]; କର୍ମ ଓ ଜୀବନ ନିମନ୍ତେ [ଚରଥାୟ ଜୀବସେ] ଆମ୍ଭମାନଙ୍କୁ ଉନ୍ନତ କର [ନଃ ଊର୍ଧ୍ୱାନ୍ କୃଧି]; ଆମ୍ଭମାନଙ୍କର କାର୍ଯ୍ୟକଳାପକୁ [ନଃ ଦୁବଃ] ଦେବଗଣଙ୍କ ମଧ୍ୟରେ [ଦେବେଷୁ] ବିତରଣ କର [ବିଦାଃ] ।

*ଭାବାର୍ଥ : ଅନ୍ତରରୁ ଅଭୀପ୍ସାର ଅଗ୍ନି ପ୍ରଜ୍ୱଳିତ ହୋଇ ଉଠିଲେ ଏବଂ ଊର୍ଦ୍ଧ୍ୱତର ଶକ୍ତି ନିଜ ମଧ୍ୟକୁ ଅବତରଣ କରେ ଓ ମନୁଷ୍ୟର ମନ ଉତ୍ତୋଳିତ ହୋଇ ସଂବୋଧି ସ୍ତରକୁ ପ୍ରାପ୍ତ ହୁଏ, ଯାହାଫଳରେ ସେ ବିଶ୍ୱରେ କର୍ମର ଉଦ୍ଦେଶ୍ୟ ଓ ଜୀବନସୃଷ୍ଟିର ରହସ୍ୟ ବୁଝିପାରେ । ସମସ୍ତ ଅଜ୍ଞାନ ଦୂର ହୁଏ, ଅଜ୍ଞାନଜନିତ ତ୍ରୁଟିରୁ ଜୀବନର ଯାହାସବୁ ବିପର୍ଯ୍ୟୟର ଦିଗ ଥାଏ, ତାହା ନଷ୍ଟ ହୋଇଯାଏ, ସାଧକ ଉନ୍ନତ ହୁଏ । ସେହି ଅଗ୍ନିଙ୍କର ପୂର୍ଣ୍ଣପ୍ରଜ୍ୱଳନ ପାଇଁ ଋଷିଙ୍କର ପ୍ରାର୍ଥନା ଜାଗ୍ରତ ହୋଇଛି ।*

(ବିରାଟ୍-ପଥ୍ୟା-ବୃହତୀ ଛନ୍ଦଃ)
**ପାହି ନୋ ଅଗ୍ନେ ରକ୍ଷସଃ ପାହି ଧୂର୍ତେରରାବ୍‌ଣଃ ।**
**ପାହି ରୀଷତ ଉତ ବା ଜିଘାଂସତୋ ବୃହଭାନୋ ଯବିଷ୍ଠ୍ୟ ॥୧୫॥**



*ପାହି ନଃ ଅଗ୍ନେ ରକ୍ଷସଃ ପାହି ଧୂର୍ତେଃ ଅରାବ୍‌ଣଃ /*
*ପାହି ରିଷତଃ ଉତ ବା ଜିଘାଂସତଃ ବୃହଭାନୋ ଯବିଷ୍ଠ୍ୟ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ରାକ୍ଷସମାନଙ୍କ ଦାଉରୁ [ରକ୍ଷସଃ] ଆମ୍ଭମାନଙ୍କୁ ରକ୍ଷାକର [ନଃ ପାହି], ନିରାନନ୍ଦର କ୍ଷତି ବା ଅନିଷ୍ଟରୁ [ଅରାବ୍‌ଣଃ ଧୂର୍ତେଃ] ଆମକୁ ରକ୍ଷାକର [ପାହି], ଯେଉଁମାନେ ଆମକୁ ଆକ୍ରମଣ କରନ୍ତି [ରିଷତଃ] ଏବଂ [ଉତ] ହତ୍ୟା କରିପାରନ୍ତି [ଜିଘାଂସତଃ] ସେଇମାନଙ୍କ କବଳରୁ ଆମକୁ ରକ୍ଷା କର [ପାହି], ହେ ମହାଜ୍ୟୋତି [ବୃହଭାନୋ], ହେ ଶକ୍ତିମାନ୍ ଯୁବା [ଯବିଷ୍ଠ୍ୟ] ।

*ଭାବାର୍ଥ : ସାଧକ ନିଜେ ଯେତେ ସଚେତନ ହେଲେ ବି ପୃଥିବୀରେ ତଥାପି କେତେକ ରାକ୍ଷସଶକ୍ତି ଅଛନ୍ତି ଯେଉଁମାନେ ବଳପୂର୍ବକ ସତ୍ତା ମଧ୍ୟକୁ ପ୍ରବେଶ କରି ସବୁକିଛି ନଷ୍ଟଭ୍ରଷ୍ଟ କରିବାରେ ଖୁସି ହୁଅନ୍ତି । ଏମାନଙ୍କର ପ୍ରବେଶଦ୍ୱାର ହେଉଛି ଆମର ନିରାନନ୍ଦ ଭାବ,– ଅର୍ଥାତ୍ କୌଣସି ଘଟଣା ବା ପ୍ରତିକୂଳ ପରିସ୍ଥିତିରେ ବା ଆଶା ପୂରଣ ନ ହେଲେ ଦୁଃଖିତ ହୋଇ ପଡ଼ିବା । କିନ୍ତୁ ଯେଉଁମାନେ ଅଗ୍ନିଙ୍କର ଉପାସନା କରନ୍ତି ସେମାନଙ୍କ କ୍ଷେତ୍ରରେ ସର୍ବଦା, ସକଳ ପରିସ୍ଥିତିରେ ଆନନ୍ଦ ଓ ଯୁବସୁଲଭ ଶକ୍ତିର ପରିପ୍ରକାଶ ଘଟିଥାଏ ।*

(ନିଚୃଦ୍ ବୃହତୀ ଛନ୍ଦଃ)
**ଘନେବ ବିଷ୍ୱଗ୍‌ବି ଜହ୍ୟରାବ୍‌ଣସ୍ତପୁର୍ଜମ୍ଭ ଯୋ ଅସ୍ମଧ୍ରୁକ୍ ।**
**ଯୋ ମର୍ତ୍ୟଃ ଶିଶୀତେ ଅତ୍ୟକ୍ତୁଭିର୍ମା ନଃ ସ ରିପୁରୀଶତ ॥୧୬॥**

*ଘନା-ଇବ ବିଷ୍ୱକ୍ ବି ଜହି ଅରାବ୍‌ଣଃ ତପୁଃ-ଜମ୍ଭ ଯଃ ଅସ୍ମଧ୍ରୁକ୍ /*
*ଯଃ ମର୍ତ୍ୟଃ ଶିଶୀତେ ଅତି ଅକ୍ତୁଭିଃ ମା ନଃ ସଃ ରିପୁଃ ଈଶତ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେମାନଙ୍କ ଶକ୍ତିର ଭକ୍ଷକ (ଅଥବା, ସକଳ ଦୁଃଖନାଶନ) [ତପୁଃ-ଜମ୍ଭ] ହେ ଅଗ୍ନି, ଏକ ତୀବ୍ର ପ୍ରହାର ଭଳି [ଘନା ଇବ] ତୁମେ ନିରାନନ୍ଦର ସକଳ ଶକ୍ତିକୁ [ଅରାବ୍‌ଣଃ] ସଂପୂର୍ଣ୍ଣ ଭାବରେ ବିଧ୍ୱସ୍ତ କର [ବିଷ୍ୱକ୍ ବି-ଜହି] (କିଂବା, ମେଘ ପରି ଚତୁର୍ଦିଗରେ ବିକ୍ଷିପ୍ତ କର), ଏବଂ ଯେ ଆମର ଅନିଷ୍ଟ କରୁଛି [ଯଃ ଅସ୍ମଧ୍ରୁକ୍] ତା'ର ବିନାଶ ଘଟାଅ; ମରଣଶୀଳ ଯେ କେହି ପ୍ରାଣୀ [ଯଃ ମର୍ତ୍ୟଃ] ତା'ର ତୀକ୍ଷ୍ଣ କର୍ମ ଦ୍ୱାରା [ଅକ୍ତୁଭିଃ] ଆମମାନଙ୍କୁ ଅତିକ୍ରମ କରିଯାଏ [ଅତି-ଶିଶୀତେ], ଆମ୍ଭମାନଙ୍କର ଶତ୍ରୁରୂପେ [ନଃ ରିପୁଃ] ସେ ଯେପରି ଆମ ଉପରେ ପ୍ରଭୁତ୍ୱ ଜାହିର ନ କରେ [ମା ଈଶତ] ।

*ଭାବାର୍ଥ : ନିଜ ଭିତରେ କୌଣସି ମଙ୍ଗଳକର ଉଚ୍ଚ ଆସ୍ପୃହା ରଖିଲେ ଜୀବନରେ ଆନନ୍ଦ ଓ ଉତ୍ସାହ ଅକ୍ଷୁଣ୍ଣ ରହେ । ସେହି ଦିବ୍ୟ ଆସ୍ପୃହା ରୂପେ ଅଗ୍ନି ଆମ ମଧ୍ୟରେ ରହି ସକଳ ଦୁଃଖକୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରିଦିଅନ୍ତୁ । ତା'ଛଡ଼ା ଜୀବନର ଆଉ ଗୋଟିଏ ଦୁଃଖ ହେଲା, ନିଜଠାରୁ ଅଧିକ ବଳବାନ୍ ବ୍ୟକ୍ତିର ଅଧୀନ ହେବାକୁ ବାଧ୍ୟ ହେବା । କିନ୍ତୁ ଏହି ସତ୍ୟମୟ ଓ ଶକ୍ତିମୟ ଅଗ୍ନିଙ୍କର ପ୍ରଭାବ ଆମ ମଧ୍ୟରେ ପ୍ରକାଶ ପାଇଲେ ସାଧକ ଉପରେ ଆଉ କାହାରି ପ୍ରଭୁତ୍ୱ ରହେ ନାହିଁ । ଜଣେ ଯେତେ କ୍ଷୁଦ୍ର ହେଲେ ବି ମୁକ୍ତି ଅନୁଭବ କରେ ।*

(ବିରାଡ୍ରୂପରିଷ୍ଟାଦ୍ ବୃହତୀ ଛନ୍ଦଃ)
**ଅଗ୍ନିର୍ବବ୍ନେ ସୁବୀର୍ୟମଗ୍ନିଃ କଣ୍ୱାୟ ସୌଭଗମ୍ ।**
**ଅଗ୍ନିଃ ପ୍ରାବନ୍ ମିତ୍ରୋତ ମେଧାତିଥିମଗ୍ନିଃ ସାତା ଉପସ୍ତୁତମ୍ ॥୧୭॥**

*ଅଗ୍ନିଃ ବବ୍ନେ ସୁବୀର୍ୟମ୍ ଅଗ୍ନିଃ କଣ୍ୱାୟ ସୌଭଗମ୍ /*
*ଅଗ୍ନିଃ ପ୍ର-ଆବତ୍ ମିତ୍ରା ଉତ ମେଧାତିଥିମ୍ ଅଗ୍ନିଃ ସାତୌ ଉପ-ସ୍ତୁତମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : କଣ୍ୱଙ୍କ ପାଇଁ [କଣ୍ୱାୟ] ଅଗ୍ନିଦେବ [ଅଗ୍ନିଃ] ସିଦ୍ଧଶକ୍ତିକୁ [ସୁବୀର୍ୟମ୍] ଜୟ କରିଛନ୍ତି [ବବ୍ନେ], ପୂର୍ଣ୍ଣ ଭୋଗକୁ ଜୟ କରିଛନ୍ତି [ସୌଭଗମ୍ (ବବ୍ନେ)], ଅଗ୍ନି ତାଙ୍କର ସକଳ ପ୍ରିୟବସ୍ତୁର [ଅଗ୍ନିଃ ମିତ୍ରା] ସୁରକ୍ଷା କରିଛନ୍ତି [ପ୍ରାବତ୍], ଏବଂ [ଉତ] ସ୍ତୁତିଗାନରେ ତାଙ୍କୁ ଦୃଢ଼ପ୍ରତିଷ୍ଠା କରିଥିବା [ଉପସ୍ତୁତମ୍] ମେଧାତିଥିଙ୍କୁ [ମେଧାତିଥିମ୍] ଅଗ୍ନି ନିଜର ନିରାପଦ ସତ୍ତା ମଧ୍ୟରେ ସର୍ବଦା ସ୍ଥାନ ଦିଅନ୍ତି [ଅଗ୍ନିଃ ସାତୌ (ପ୍ରାବତ୍)] ।

*ଭାବାର୍ଥ : ମେଧାବୀ ସାଧକଗଣ କେବଳ ଯେ ଜୀବନର ଯାବତୀୟ ଦୁର୍ବଳତାକୁ ଅତିକ୍ରମ କରିଥାନ୍ତି ତାହା ନୁହେଁ ବରଂ ସମସ୍ତ ପାର୍ଥିବ ଶକ୍ତିଗୁଡ଼ିକ ଉପରେ ମଧ୍ୟ ବିଜୟ ହାସଲ କରିଥାନ୍ତି । ତେଣୁ ସେମାନଙ୍କୁ 'ସ୍ୱାମୀ', 'ମହାରାଜ' ପ୍ରଭୃତି ଉପାଧିରେ ଆହ୍ୱାନ କରାଯାଏ । ଏହି ଅବସ୍ଥାରେ ସାଧକ ଅକ୍ଷୁଣ୍ଣ ଆନନ୍ଦ ଅନୁଭବ କରେ । ଋଷିଙ୍କ ଭାଷାରେ, ଏହିସବୁ ସୌଭାଗ୍ୟ ସେମାନେ ଅଗ୍ନିଙ୍କର ପ୍ରସାଦରୁହିଁ ଲାଭ କରିଥାନ୍ତି ।*

(ବିଷ୍ଟାର-ପଙ୍କ୍ତିଃ ଛନ୍ଦଃ)
**ଅଗ୍ନିନା ତୁର୍ବଶଂ ଯଦୁଂ ପରାବତ ଉଗ୍ରାଦେବଂ ହବାମହେ ।**
**ଅଗ୍ନିର୍ନୟନ୍ନବବାସ୍ତ୍ୱଂ ବୃହଦ୍ରଥଂ ତୁର୍ବୀତିଂ ଦସ୍ୟବେ ସହଃ ॥୧୮॥**



*ଅଗ୍ନିନା ତୁର୍ବଶମ୍ ଯଦୁମ୍ ପରାବତଃ ଉଗ୍ରଦେବମ୍ ହବାମହେ /*
*ଅଗ୍ନିଃ ନୟତ୍ ନବ-ବାସ୍ତ୍ୱମ୍ ବୃହତ୍-ରଥମ୍ ତୁର୍ବୀତିମ୍ ଦସ୍ୟବେ ସହଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଅଗ୍ନିଙ୍କ ଦ୍ୱାରା [ଅଗ୍ନିନା] ଆମେ ତୁର୍ବଶ, ଯଦୁ ଓ ଉଗ୍ରଦେବଙ୍କୁ* [ତୁର୍ବଶଂ ଯଦୁମ୍ ଉଗ୍ରଦେବମ୍] ଉର୍ଦ୍ଧ୍ୱଲୋକରୁ [ପରାବତଃ] ଆବାହନ କରୁଛୁ [ହବାମହେ]; ଅଗ୍ନି [ଅଗ୍ନିଃ] ବୃହଦ୍ରଥ ଓ ତୁର୍ବୀତିଙ୍କୁ [ବୃହଦ୍ରଥଂ ତୁର୍ବୀତିମ୍] (ଅଥବା, ବୃହତ୍ ଆନନ୍ଦର ସ୍ୱରୂପ ତୁର୍ବୀତିଙ୍କୁ) ନୂତନ ଆବାସସ୍ଥଳକୁ ନେଇଯାଇଛନ୍ତି [ନବବାସ୍ତ୍ୱଂ ନୟତ୍] ଯାହା ହେଉଛି ଶତ୍ରୁମାନଙ୍କର ବିରୋଧୀ ଏକ ଶକ୍ତି [ଦସ୍ୟବେ ସହଃ] ।

*ଭାବାର୍ଥ : ଏହି ମନ୍ତ୍ରରେ ଯଜମାନ ଅଗ୍ନିଙ୍କ ଦ୍ୱାରା ଉର୍ଦ୍ଧ୍ୱଲୋକରୁ ଯେଉଁ ତିନିଜଣଙ୍କୁ ଆବାହନ କରୁଛନ୍ତି ସେମାନେ ହେଉଛନ୍ତି ଗୋଟିଏ ଗୋଟିଏ ସିଦ୍ଧିଦାୟିକା ଶକ୍ତି ଅଥବା ସେହି ସେହି ଶକ୍ତିସମ୍ପନ୍ନ ସିଦ୍ଧାତ୍ମା । ତୁର୍ବଶ : ଜୟବେଗଶାଳିନୀ ଶକ୍ତି; ଯଦୁ : ରକ୍ଷାକାରିଣୀ ଅଥବା ଉଦ୍‌ଘୋଷିଣୀ ଶକ୍ତି; ଉଗ୍ରାଦେବ : ସର୍ବବିଘ୍ନବିନାଶିନୀ ଶକ୍ତି । ଏହି ତିନି ଶକ୍ତି ସାଧକକୁ ପୂର୍ଣ୍ଣତା ଆଣିଦିଅନ୍ତି । ପୁଣି ମନ୍ତ୍ରର ୪ର୍ଥ ଚରଣରେ ଯେଉଁ ତୁର୍ବୀତିଙ୍କ କଥା ଉଲ୍ଲେଖ କରାଯାଇଛି, ସେ ହେଉଛନ୍ତି ଅନ୍ତଃଶତ୍ରୁଙ୍କର ପରାଭବକାରିଣୀ ଶକ୍ତି, ଯିଏ ବିଶାଳ ଆନନ୍ଦର ସ୍ୱରୂପ । ସେହିଁ (ଆନନ୍ଦହିଁ) ସାଧକକୁ ଏକ ନୂତନ ବସ୍ତୁଜଗତ ମଧ୍ୟକୁ ଅର୍ଥାତ୍ ଜାଗତିକ ବିବର୍ତ୍ତନର ଉପରିସ୍ତରକୁ ଉତ୍ତୀର୍ଣ୍ଣ କରାଇ ନେବେ ।*

(ପଥ୍ୟା ବୃହତୀ ଛନ୍ଦଃ)
**ନି ତ୍ୱାମଗ୍ନେ ମନୁର୍ଦଧେ ଜ୍ୟୋତିର୍ଜନାୟ ଶଶ୍ୱତେ ।**
**ଦୀଦେଥ କଣ୍ୱ ଋତଜାତ ଉକ୍ଷିତୋ ଯଂ ନମସ୍ୟନ୍ତି କୃଷ୍ଟୟଃ ॥୧୯॥**

*ନି ତ୍ୱାମ୍ ଅଗ୍ନେ ମନୁଃ ଦଧେ ଜ୍ୟୋତିଃ ଜନାୟ ଶଶ୍ୱତେ /*
*ଦୀଦେଥ କଣ୍ୱେ ଋତ-ଜାତଃ ଉକ୍ଷିତଃ ଯମ୍ ନମସ୍ୟନ୍ତି କୃଷ୍ଟୟଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ମନୁଷ୍ୟ [ମନୁଃ] ତା'ର ଶାଶ୍ୱତ ଜନ୍ମ ପାଇଁ [ଶଶ୍ୱତେ ଜନାୟ] ଜ୍ୟୋତିଃ ରୂପେ [ଜ୍ୟୋତିଃ] ତୁମକୁ ନିଜ ମଧ୍ୟରେ ଧାରଣ କରିଛି [ତ୍ୱାଂ ଦଧେ]; ସାଧକ କର୍ମିଗଣ [କୃଷ୍ଟୟଃ] ଯାହାଙ୍କ ଆଗରେ ପ୍ରଣତ ହୁଅନ୍ତି [ଯଂ ନମସ୍ୟନ୍ତି] ସତ୍ୟସମ୍ଭୂତ [ଋତଜାତଃ] ଏବଂ ସତ୍ତା ମଧ୍ୟରେ ବିକଶିତ [ଉକ୍ଷିତଃ] ସେଇ ତୁମେ କଣ୍ୱଙ୍କ ମଧ୍ୟରେ ପ୍ରଦୀପ୍ତ ହୋଇଉଠ [କଣ୍ୱେ ଦୀଦେଥ] ।

* ଶ୍ରୀଅରବିନ୍ଦଙ୍କ ମୂଳ ଇଂରାଜୀରେ ଏହି 'ଉଗ୍ରଦେବମ୍'ପଦଟିର ଅର୍ଥ ନାହିଁ । — ଅନୁବାଦକ

*ଭାବାର୍ଥ : ନିଜ ମଧ୍ୟରେ ଦିବ୍ୟ ଆସ୍ପୃହାରୂପେ ଜ୍ୱଳମାନ ଅଗ୍ନିଙ୍କୁ ଉପଲବ୍ଧି କଲେ ମନୁଷ୍ୟ ଶାଶ୍ୱତଜନ୍ମ ଲାଭ କରିପାରିବ । ଶାଶ୍ୱତ ଜନ୍ମର ଅର୍ଥ : ଜନ୍ମମୃତ୍ୟୁକୁ ଅତିକ୍ରମ କରି ଆତ୍ମାର ଅମରତ୍ୱକୁ ଉପଲବ୍ଧି କରିବା । ଏଠାରେ କବି ପ୍ରାର୍ଥନା କରୁଛନ୍ତି – ମେଧାବୀ ଅଗ୍ନିସାଧକଙ୍କଠାରେ ସେହି ଅଗ୍ନି ପ୍ରଜ୍ୱଳିତ ହୋଇଉଠନ୍ତୁ ।*

(ସତଃ ପଙ୍‌କ୍ତିଃ ଛନ୍ଦଃ)
**ଦ୍ୱେଷାସୋ ଅଗ୍ନେରମବନ୍ତୋ ଅର୍ଚୟୋ ଭୀମାସୋ ନ ପ୍ରତୀତୟେ ।**
**ରକ୍ଷସ୍ୱିନଃ ସଦମିଦ୍ ଯାତୁମାବତୋ ବିଶ୍ୱଂ ସମତ୍ରିଣଂ ଦହ ॥୨୦॥**

*ଦ୍ୱେଷାସଃ ଅଗ୍ନେଃ ଅମବନ୍ତଃ ଅର୍ଚୟଃ ଭୀମାସଃ ନ ପ୍ରତୀତୟେ /*
*ରକ୍ଷସ୍ୱିନଃ ସଦମ୍ ଇଦ୍ ଯାତୁମାବତଃ ବିଶ୍ୱମ୍ ସମ୍ ଅତ୍ରିଣମ୍ ଦହ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି, ତୁମର ଜ୍ୱାଳା ଅତୀବ ପ୍ରଚଣ୍ଡ [ଅଗ୍ନେଃ ଅର୍ଚୟଃ ଦ୍ୱେଷାସଃ] ବଳବାନ୍ ଓ ଭୟଙ୍କର [ଅମବନ୍ତଃ ଭୀମାସଃ], ତାହାର ଗତିକୁ ବୁଝିବା ମଧ୍ୟ ସମ୍ଭବ ନୁହେଁ [ନ ପ୍ରତୀତୟେ]; ଯେଉଁ ଶକ୍ତିଗୁଡ଼ିକ ଅଗ୍ରଗତିରେ ବିଳମ୍ବ ଘଟାନ୍ତି [ରକ୍ଷସ୍ୱିନଃ] ଏବଂ ଆମକୁ ଯନ୍ତ୍ରଣା ଦିଅନ୍ତି [ଯାତୁମାବତଃ] ଓ ସବୁକିଛିକୁ ଗର୍ଭସାତ୍ କରିଦିଅନ୍ତି [ବିଶ୍ୱମ୍ ଅତ୍ରିଣମ୍] ସେମାନଙ୍କୁ ସଂପୂର୍ଣ୍ଣ ରୂପେ ଭସ୍ମୀଭୂତ କର [ସମ୍-ଦହ] ।

*ଭାବାର୍ଥ : ଆଧ୍ୟାତ୍ମିକ ସଂକଳ୍ପର ଅଗ୍ନି ଏତେ ପ୍ରଚଣ୍ଡ ଯେ, ସେ ଯଦି ତାଙ୍କର ପୂର୍ଣ୍ଣ ସ୍ୱରୂପରେ ପ୍ରଜ୍ୱଳିତ ହୋଇ ଉଠନ୍ତି ତେବେ ଅନ୍ତର୍ଜୀବନରେ ହେଉ ଅଥବା କର୍ମଜୀବନରେ ହେଉ, ସକଳ ବାଧା, ଦୁଃଖ ଓ ଅପଚୟ ଦୂର ହୋଇଯାଏ, ସିଦ୍ଧିର ମାର୍ଗ ସ୍ୱଚ୍ଛନ୍ଦ ହୋଇଉଠେ । ଏଣୁ ଋଷି ସେହି ଅଗ୍ନିଙ୍କର ସ୍ତୁତିପୂର୍ବକ ସୂକ୍ତଟିକୁ ଶେଷ କରିଛନ୍ତି ।*

## ନୋଧାଃ ଗୌତମ

### ବିଶ୍ୱାତ୍ମକ ଦିବ୍ୟଶକ୍ତି ଓ ସଂକଳ୍ପର ଅଗ୍ନିସୂକ୍ତ

ସୂକ୍ତ : ୫୯ ॥ ଋଷି : ନୋଧାଃ ଗୌତମ, ଛନ୍ଦ : ତ୍ରିଷ୍ଟୁପ୍

**ବୟା ଇଦଗ୍ନେ ଅଗ୍ନୟସ୍ତେ ଅନ୍ୟେ ତ୍ୱେ ବିଶ୍ୱେ ଅମୃତା ମାଦୟନ୍ତେ ।**
**ବୈଶ୍ୱାନର ନାଭିରସି କ୍ଷିତୀନାଂ ସ୍ଥୂଣେବ ଜନାଁ ଉପମିଦ୍ ଯୟନ୍ଥ ॥୧॥**



*ବୟାଃ ଇତ୍ ଅଗ୍ନେ ଅଗ୍ନୟଃ ତେ ଅନ୍ୟେ ତ୍ୱେ ବିଶ୍ୱେ ଅମୃତାଃ ମାଦୟନ୍ତେ /*
*ବୈଶ୍ୱାନର ନାଭିଃ ଅସି କ୍ଷିତୀନାମ୍ ସ୍ଥୂଣା ଇବ ଜନାନ୍ ଉପ-ମିତ୍ ଯୟନ୍ଥ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଅନ୍ୟ ସମସ୍ତ ଅଗ୍ନିଗଣ [ତେ ଅନ୍ୟେ ଅଗ୍ନୟଃ] ତୁମରି ମୂଳ ଶିଖାର ଶାଖା ଅଟନ୍ତି [ବୟାଃ ଇତ୍] । ସବୁ ଅମରଗଣ ତୁମରି ମଧ୍ୟରେ ଉଲ୍ଲାସମୟ ଆନନ୍ଦକୁ ଉପଭୋଗ କରନ୍ତି [ବିଶ୍ୱେ ଅମୃତାଃ ତ୍ୱେ ମାଦୟନ୍ତେ] । ହେ ବିଶ୍ୱାତ୍ମକ ଦେବତା ଅଗ୍ନି [ବୈଶ୍ୱାନର], ତୁମେ ହେଉଛ ଜଗତଗୁଡ଼ିକର ଏବଂ ତା'ର ଅଧିବାସିଗଣଙ୍କର ନାଭିକେନ୍ଦ୍ର [କ୍ଷିତୀନାଂ ନାଭିଃ ଅସି] । ଏକ ସ୍ତମ୍ଭ ସଦୃଶ [ସ୍ଥୂଣା ଇବ] ତୁମେ ଜନ୍ମିତ ମାନବଗଣଙ୍କୁ [ଜନାନ୍] ନିୟନ୍ତ୍ରଣ କରୁଛ [ଯୟନ୍ଥ] ଓ ସାହାଯ୍ୟ କରୁଛ [ଉପମିଦ୍] ।

*ଭାବାର୍ଥ : ଗୋତମଙ୍କ ପୁତ୍ର ଋଷି ନୋଧାଃ ଯେଉଁ ଗୂଢ଼ ଅଗ୍ନିଙ୍କର ଦର୍ଶନ ଲାଭ କରିଛନ୍ତି, ଶ୍ରୀଅରବିନ୍ଦ ତାହାଙ୍କ ନାମକରଣ କରିଛନ୍ତି ''ବିଶ୍ୱଗତ ଦିବ୍ୟ ସଂକଳ୍ପ ଓ ଶକ୍ତି'' । ଏହାର ତାତ୍ପର୍ଯ୍ୟ ଏହି ମନ୍ତ୍ରରେ ଫୁଟି ଉଠିଛି । ଅନ୍ୟ ସମସ୍ତ ଦେବତା ସ୍ୱର୍ଗରାଜ୍ୟର ଅନ୍ତର୍ଭୁକ୍ତ ଥିବାବେଳେ ଏହି ଅଗ୍ନି ବିଶ୍ୱର ନାଭିକେନ୍ଦ୍ର, ଯେଉଁଠାରେ ବିଶ୍ୱର ପ୍ରାଣଶକ୍ତି ନିହିତ । ସ୍ତମ୍ଭ ଭଳି ସେ ବିଶ୍ୱକୁ ନିୟନ୍ତ୍ରଣ କରୁଛନ୍ତି । ବିଶ୍ୱରେ ଯେଉଁସବୁ ଗଠନମୂଳକ କାର୍ଯ୍ୟ ସଂପାଦନ ହୁଏ ତା'ର ପଶ୍ଚାତରେ କୌଣସି ଏକ ସତ୍ୟ, ସଂକଳ୍ପ ଓ ଶକ୍ତିଶାଳୀ ଉଦ୍ୟମ ଥାଏ । ତତ୍ତ୍ୱଦୃଷ୍ଟିରୁ ସେହିସବୁ ମୂଳ ଉପାଦାନ ହେଉଛନ୍ତି ଅଗ୍ନି, ଏବଂ ସେହି ଏକହିଁ ଅଗ୍ନି ନାନା ଶାଖାରେ ବିଭକ୍ତ ହୋଇ ବିଶ୍ୱରେ ଅସଂଖ୍ୟ କାର୍ଯ୍ୟ ସଂପାଦନ କରୁଛନ୍ତି ।*

**ମୂର୍ଧା ଦିବୋ ନାଭିରଗ୍ନିଃ ପୃଥିବ୍ୟା ଅଥାଭବଦରତୀ ରୋଦସ୍ୟୋଃ ।**
**ତଂ ତ୍ୱା ଦେବାସୋଽଜନୟନ୍ତ ଦେବଂ ବୈଶ୍ୱାନର ଜ୍ୟୋତିରିଦାର୍ଯ୍ୟାୟ ॥୨॥**

*ମୂର୍ଧା ଦିବଃ ନାଭିଃ ଅଗ୍ନିଃ ପୃଥିବ୍ୟାଃ ଅଥ ଅଭବତ୍ ଅରତିଃ ରୋଦସ୍ୟୋଃ /*
*ତମ୍ ତ୍ୱା ଦେବାସଃ ଅଜନୟନ୍ତ ଦେବମ୍ ବୈଶ୍ୱାନର ଜ୍ୟୋତିଃ ଇତ୍ ଆର୍ଯ୍ୟାୟ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଅଗ୍ନି ହେଉଛନ୍ତି [ଅଗ୍ନିଃ] ସ୍ୱର୍ଗର ମସ୍ତକ [ଦିବଃ ମୂର୍ଧା] ଓ ପୃଥିବୀର ନାଭି [ପୃଥିବ୍ୟାଃ ନାଭିଃ], ତା'ଛଡ଼ା [ଅଥ], ସ୍ୱର୍ଗ ଓ ମର୍ତ୍ତ୍ୟ ଉଭୟ ଲୋକରେ [ରୋଦସ୍ୟୋଃ] ଶକ୍ତି ରୂପେ କର୍ମରେ ପ୍ରବୃତ୍ତ ହୋଇଛନ୍ତି [ଅରତିଃ ଅଭବତ୍] । ହେ ବୈଶ୍ୱାନର [ବୈଶ୍ୱାନର], ଆର୍ଯ୍ୟ ଜନର ଏକ ଆଲୋକ ହେବାକୁ [ଆର୍ଯ୍ୟାୟ ଜ୍ୟୋତିଃ

ଇତ୍] ଦେବଗଣ [ଦେବାସଃ] ଦେବତା ତୁମକୁ [ଦେବମ୍] ଜନ୍ମଦେଇଛନ୍ତି [ଅଜନୟନ୍ତ] ।

*ଭାବାର୍ଥ : ସ୍ୱର୍ଗ ହେଉଛି ଅଧିମାନସର ରାଜ୍ୟ, ସେଠାରେ ଅଗ୍ନି କେନ୍ଦ୍ରୀୟ ଶକ୍ତି ହୋଇଥିବାରୁ ତାଙ୍କୁ ସ୍ୱର୍ଗର ମସ୍ତକ ବୋଲି ଅଭିହିତ କରାଯାଇଛି । ପୃଥିବୀ ହେଉଛି ଜୀବନର ରାଜ୍ୟ, ଏଠାରେ ଅଗ୍ନି କେନ୍ଦ୍ରୀୟ ଶକ୍ତି ହୋଇଥିବାରୁ ସେ ହେଉଛନ୍ତି ପୃଥିବୀର ନାଭି, କାରଣ ନାଭିକେନ୍ଦ୍ର ହେଉଛି ପ୍ରାଣର କ୍ରିୟାଭୂମି । ଯେଉଁମାନେ ଏହି ତମୋଗ୍ରସ୍ତ ଜୀବନରେ ସତ୍ୟ ଓ ଜ୍ଞାନର ସନ୍ଧାନ କରନ୍ତି ତାଙ୍କୁ ଆର୍ଯ୍ୟ ବୋଲି ଅଭିହିତ କରାଯାଏ । କିନ୍ତୁ ଏହି ଅନ୍ୱେଷଣର ଯାତ୍ରା ଅତି ଦୀର୍ଘ ଓ ବିପତ୍‌ସଂକୁଳ । ଆଲୋକ ବା ଜ୍ୟୋତି ରୂପରେ ଆମର ପଥପ୍ରଦର୍ଶକ ହେବା ପାଇଁ ଅଗ୍ନିଙ୍କର ଜନ୍ମ ବୋଲି ଋଷି ବ୍ୟକ୍ତ କରିଛନ୍ତି । ଏ ସଂପର୍କରେ ବଶିଷ୍ଠଙ୍କର ସେହି ମନ୍ତ୍ରାଂଶଟି ସ୍ମରଣୀୟ – ଆର୍ଯାଃ ଜ୍ୟୋତିରଗ୍ରାଃ ।*

**ଆ ସୂର୍ୟେ ନ ରଶ୍ମୟୋ ଧ୍ରୁବାସୋ ବୈଶ୍ୱାନରେ ଦଧିରେଽଗ୍ନା ବସୂନି ।**
**ୟା ପର୍ବତେଷ୍ୱୋଷଧୀଷ୍ୱପ୍‌ସୁ ୟା ମାନୁଷେଷ୍ୱସି ତସ୍ୟ ରାଜା ॥୩॥**

*ଆ ସୂର୍ୟେ ନ ରଶ୍ମୟଃ ଧ୍ରୁବାସଃ ବୈଶ୍ୱାନରେ  ଦଧିରେ ଅଗ୍ନା ବସୂନି /*
*ୟା ପର୍ବତେଷୁ ଓଷଧୀଷୁ ଅପ୍‌ସୁ ୟା ମାନୁଷେଷୁ ଅସି ତସ୍ୟ ରାଜା ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସୂର୍ଯ୍ୟଙ୍କ ମଧ୍ୟରେ ରଶ୍ମିଜାଳ ଯେପରି ସଂନଦ୍ଧ ହୋଇ ଅବସ୍ଥାନ କରୁଥାନ୍ତି, ସେହିପରି [ସୂର୍ୟେ ଧ୍ରୁବାସଃ ରଶ୍ମୟଃ ନ] ସମସ୍ତ ଧନରାଶି ବୈଶ୍ୱାନର ଅଗ୍ନିଙ୍କ ମଧ୍ୟରେ ଆହିତ ବା ନିହିତ ହୋଇଛନ୍ତି [ବସୂନି ବୈଶ୍ୱାନରେ ଅଗ୍ନା ଆ-ଦଧିରେ] ବନଭୂମିର ଅଭିବୃଦ୍ଧି ମଧ୍ୟରେ [ଓଷଧୀଷୁ], ପର୍ବତରେ [ପର୍ବତେଷୁ] ଓ ଜଳରେ [ଅପ୍‌ସୁ] ଯେଉଁ ସମ୍ପଦରାଜି ବିଦ୍ୟମାନ [ୟା], ଏବଂ ମନୁଷ୍ୟ ମଧ୍ୟରେ ବି ଯେଉଁ ବିଭବମାନ ରହିଛି [ୟା ମାନୁଷେଷୁ], ତୁମେ ହେଉଛ ସେ ସମସ୍ତର ରାଜା [ତସ୍ୟ ରାଜା ଅସି] ।

*ଭାବାର୍ଥ : ଏହି ବସ୍ତୁମୟ ଜଗତ ନାନା ସ୍ଥୂଳ ସଂପଦରାଜିରେ ଭରପୂର ହୋଇ ରହିଛି । ମନୁଷ୍ୟଗଣ ସେସବୁର ଭୋଗ ବା ଉପଭୋଗ କରୁଛନ୍ତି । କିନ୍ତୁ ଅନ୍ତର୍ଗତ ଭାବରେ ଦେଖିଲେ ସେସବୁର ଯଥାର୍ଥ ମାଲିକ ହେଉଛନ୍ତି ଅଗ୍ନି – ସାମର୍ଥ୍ୟବାନ୍ ମନୁଷ୍ୟକୁ ଯନ୍ତ୍ର କରି ସେ ସକଳ ସଂପଦର ବ୍ୟବହାର କରୁଛନ୍ତି । କେବଳ ସେତିକି ନୁହେଁ, ଯାବତୀୟ ପ୍ରାକୃତିକ ଶୋଭା ସମୃଦ୍ଧି ଓ ସେସବୁ ମଧ୍ୟରେ ନିହିତ ଗୁଣବାନ୍ ଶକ୍ତି ଏପରିକି ମନୁଷ୍ୟର ଅନ୍ତର୍ଗତ ପ୍ରତିଭାରାଜି ସେହି ଅଗ୍ନିଙ୍କର ଆୟତ୍ତରେ ପରିଚାଳିତ ।*



**ବୃହତୀ ଇବ ସୂନବେ ରୋଦସୀ ଗିରୋ ହୋତା ମନୁଷ୍ୟୋ ନ ଦକ୍ଷଃ ।**
**ସ୍ୱର୍ବତେ ସତ୍ୟଶୁଷ୍ମାୟ ପୂର୍ବୀର୍ବୈଶ୍ୱାନରାୟ ନୃତମାୟ ୟହ୍ୱୀଃ ॥୪॥**

*ବୃହତୀ ଇବ ସୂନବେ ରୋଦସୀ ଗିରଃ ହୋତା ମନୁଷ୍ୟଃ ନ ଦକ୍ଷଃ /*
*ସ୍ୱଃ-ବତେ ସତ୍ୟ-ଶୁଷ୍ମାୟ ପୂର୍ବୀଃ ବୈଶ୍ୱାନରାୟ ନୃତମାୟ ୟହ୍ୱୀଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ବୃହତ୍ତର ଭୁବନମଣ୍ଡଳଗୁଡ଼ିକ ଦିବ୍ୟସୁତଙ୍କ ଦିଗରେ ଯେପରି ବିସ୍ତାରିତ ହୋଇ ଯାଉଥାନ୍ତି [ବୃହତୀ ସୁନବେ ଇବ] ସ୍ୱର୍ଗ ଓ ଭୂମଣ୍ଡଳ [ରୋଦସୀ] ସେହିପରି ବୃଦ୍ଧିଲାଭ କରୁଛନ୍ତି । ସେ (ଅଗ୍ନି) ଆମ ଯଜ୍ଞର ହୋତା ଅଟନ୍ତି [ହୋତା], ଏବଂ ତୀକ୍ଷ୍ଣ ବୁଦ୍ଧିଯୁକ୍ତ ଜଣେ ମନୁଷ୍ୟ ପରି  [ମନୁଷ୍ୟଃ ନ] ଅତ୍ୟନ୍ତ ଦକ୍ଷ ଭାବରେ [ଦକ୍ଷଃ] ସେ ଆମର ସୂକ୍ତି-ବଚନକୁ ଗାୟନ କରନ୍ତି [ଗିରଃ] ଦେବଶ୍ରେଷ୍ଠ ଏହି ବୈଶ୍ୱାନରଙ୍କୁ (ଆମର ପ୍ରଣାମ) [ନୃତମାୟ ବୈଶ୍ୱାନରାୟ], ଏହାଙ୍କ ଶକ୍ତି ହେଉଛି ସତ୍ୟ [ସତ୍ୟଶୁଷ୍ମାୟ], ଏହି କାରଣରୁ ସେ ସୂର୍ଯ୍ୟମଣ୍ଡଳର ଆଲୋକକୁ [ସ୍ୱର୍ବତେ] ଏବଂ ଏହାର ମହତୀ ନଦୀଗୁଡ଼ିକୁ [ୟହ୍ୱୀଃ] ନିଜ ସହ ବହନ କରି ଆଣନ୍ତି ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ଅଗ୍ନିଙ୍କୁ ଦିବ୍ୟ ସନ୍ତାନ, ଦକ୍ଷ ମାନବ ପ୍ରଭୃତି ଉପମା ମାଧ୍ୟମରେ ତାଙ୍କର ଶକ୍ତି ଓ କାର୍ଯ୍ୟକୁ ବୁଝାଇଛନ୍ତି । ସୂର୍ଯ୍ୟ ହେଉଛନ୍ତି ପରମ ସତ୍ୟର ପ୍ରତୀକ ଏବଂ ନଦୀ ହେଉଛି ଚେତନା, ଆନନ୍ଦ, ଶକ୍ତି ପ୍ରବାହର ପ୍ରତୀକ ଯାହା ପରଜଗତରୁ ନିରନ୍ତର ଇହଲୋକ ଦିଗରେ କ୍ଷରିତ ହେଉଛି । ଏହି ଦିବ୍ୟ ବାରିଧାରା ସହିତ ଆମର ସଂଯୋଗ ଘଟାନ୍ତି ଅଗ୍ନି ।*

**ଦିବଶ୍ଚିତ୍ ତେ ବୃହତୋ ଜାତବେଦୋ ବୈଶ୍ୱାନର ପ୍ର ରିରିଚେ ମହିତ୍ୱମ୍ ।**
**ରାଜା କୃଷ୍ଟୀନାମସି ମାନୁଷୀଣାଂ ୟୁଧା ଦେବେଭ୍ୟୋ ବରିବଶ୍ଚକର୍ଥ ॥୫॥**

*ଦିବଃ ଚିତ୍ ତେ ବୃହତଃ ଜାତ-ବେଦଃ ବୈଶ୍ୱାନର ପ୍ର ରିରିଚେ ମହିତ୍ୱମ୍ /*
*ରାଜା କୃଷ୍ଟୀନାମ୍ ଅସି ମାନୁଷୀଣାମ୍ ୟୁଧା ଦେବେଭ୍ୟଃ ବରିବଃ ଚକର୍ଥ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ବୈଶ୍ୱାନର [ବୈଶ୍ୱାନର], ହେ ଜନ୍ମଲାଭ କରିଥିବା ସକଳ ବସ୍ତୁର ଜ୍ଞାତା [ଜାତବେଦ], ତୁମର ପ୍ରଶସ୍ତ ମହିମା [ତେ ମହିତ୍ୱମ୍] ବିଶାଳ ସ୍ୱର୍ଗରାଜ୍ୟରେ ମଧ [ବୃହତଃ ଦିବଃ ଚିତ୍] ଉଚ୍ଛୁଳି ପଡୁଛି [ପ୍ର-ରିରିଚେ] । କର୍ମତତ୍ପର

ମନୁଷ୍ୟଜନଙ୍କର [କୃଷ୍ଟୀନାଂ ମାନୁଷୀଣାମ୍] ତୁମେ ରାଜା ଅଟ [ରାଜା ଅସି], ଏବଂ ସଂଗ୍ରାମ ଦ୍ୱାରା [ୟୁଧା] ତୁମେ ଦେବଗଣଙ୍କ ନିମିତ୍ତ [ଦେବେଭ୍ୟଃ] ସର୍ବୋତ୍ତମ କଲ୍ୟାଣ ବିଧାନ କର [ବରିବଃ ଚକର୍ଥ] ।

*ଭାବାର୍ଥ : ସତ୍ୟ ଓ ଅଜ୍ଞାନ ମଧ୍ୟରେ ଆବହମାନ କାଳରୁ ଚାଲି ଆସିଥିବା ସଂଗ୍ରାମକୁ ପୁରାଣରେ ଦେବାସୁର ଯୁଦ୍ଧ ସହ ତୁଳନା କରାଯାଇପାରେ । ଏଠାରେ ଋଷି ବ୍ୟକ୍ତ କରିଛନ୍ତି ଯେ ସେହିସବୁ ଯୁଦ୍ଧ ଦ୍ୱାରା ଦେବଗଣଙ୍କର କଲ୍ୟାଣ ହୁଏ । ଏହାର ତାତ୍ପର୍ଯ୍ୟ ହେଲା – ପ୍ରଥମେ ଅସୁର ଦେବଗଣଙ୍କୁ ପରାଭୂତ କଲେ ବି ପରମ ସତ୍ୟର (ଭଗବାନଙ୍କର) ସାହାଯ୍ୟ ଦ୍ୱାରା ପ୍ରତ୍ୟେକ ଯୁଦ୍ଧ ଦେବଗଣଙ୍କ ବିଜୟରେହିଁ ପରିସମାପ୍ତି ଘଟିଥାଏ, ଅର୍ଥାତ୍ ଅନ୍ଧକାରକୁ ଭେଦ କରି ଭଗବତ୍ ଶକ୍ତି ଆହୁରି ଅଧିକ ତେଜରେ ପ୍ରକାଶିତ ହୁଅନ୍ତି, ପୃଥିବୀରେ ଏକ ନୂତନ ଚେତନାର ଆବିର୍ଭାବ ଘଟେ । ଏହାହିଁ ଯୁଦ୍ଧ ଦ୍ୱାରା ସର୍ବୋତ୍ତମ କଲ୍ୟାଣ ଏବଂ ଏହି ଯୁଦ୍ଧରେ ବିଜୟ ଆଣନ୍ତି ଅଗ୍ନି ।*

**ପ୍ର ନୂ ମହିତ୍ୱଂ ବୃଷଭସ୍ୟ ବୋଚଂ ୟଂ ପୂରବୋ ବୃତ୍ରହଣଂ ସଚନ୍ତେ ।**
**ବୈଶ୍ୱାନରୋ ଦସ୍ୟୁମଗ୍ନିର୍ଜଘନ୍ୱାଁ ଅଧୂନୋତ୍କାଷ୍ଠା ଅବ ଶମ୍ବରଂ ଭେତ୍ ॥୬॥***

*ପ୍ର ନୁ ମହିତ୍ୱମ୍ ବୃଷଭସ୍ୟ ବୋଚମ୍ ୟମ୍ ପୂରବଃ ବୃତ୍ରହଣମ୍ ସଚନ୍ତେ /*
*ବୈଶ୍ୱାନରଃ ଦସ୍ୟୁମ୍ ଅଗ୍ନିଃ ଜଘନ୍ୱାନ୍ ଅଧୂନୋତ୍ କାଷ୍ଠାଃ ଅବ ଶମ୍ବରମ୍ ଭେତ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେହି ବୃଷଭଙ୍କର [ବୃଷଭସ୍ୟ] ମହିମା-ବଚନକୁ [ମହିତ୍ୱମ୍] ମୁଁ କହିସାରିଛି [ପ୍ରବୋଚଂ ନୁ] : ପୁରୁଗଣ [ପୂରବଃ] ଯାହାଙ୍କଠାରେ [ୟମ୍] ଗଭୀର ଭାବେ ଅନୁରକ୍ତ ହୋଇଛନ୍ତି [ସଚନ୍ତେ] ଏବଂ ଆବରକ ବୃତ୍ରକୁ ଆମମାନଙ୍କ ନିମିତ୍ତ ଯିଏ ହତ୍ୟା କରିଛନ୍ତି [ବୃତ୍ରହଣମ୍], ଏହି ବିଶ୍ୱଦେବ [ବୈଶ୍ୱାନରଃ] ସକଳ ଦସ୍ୟୁଙ୍କୁ ହତ୍ୟା କରିଛନ୍ତି [ଦସ୍ୟୁଂ ଜଘନ୍ୱାନ୍] ଏବଂ ସେ ଆମ ମାର୍ଗରେ ବାରି ବିଞ୍ଚି ଦେଇଛନ୍ତି [କାଷ୍ଠା ଅଧୂନୋତ୍] ଓ ଶମ୍ବରକୁ ଭାଙ୍ଗିଚୂରି ଦେଇଛନ୍ତି [ଶମ୍ବରମ୍ ଅବ ଭେତ୍] ।

* ଶ୍ରୀଅରବିନ୍ଦ ଶତବାର୍ଷିକୀ ଗ୍ରନ୍ଥାବଳୀ, Vol. 11 ରେ ଥିବା ଏହି ସୂକ୍ତର ଏହି ୬ଷ୍ଠ ମନ୍ତ୍ରଟି ଗ୍ରନ୍ଥ ପ୍ରକାଶ ବେଳେ ଭୁଲ୍‌କ୍ରମେ ଛାଡ଼ି ହୋଇ ଯାଇଥିଲା । ଆଶ୍ରମସ୍ଥ Sri Aurobindo Archives and Research ରେ ଅନୁସନ୍ଧାନ କରି ଆମେ ତାହା ପାଇଲୁ ଓ ଏଠାରେ ପ୍ରକାଶ କରୁଛୁ ।
— ଅନୁବାଦକ



*ଭାବାର୍ଥ : ଏହି ମନ୍ତ୍ରରେ ଅଗ୍ନିଙ୍କୁହିଁ 'ବୃଷଭ' ବୋଲି ଅଭିହିତ କରାଯାଇଛି । ବର୍ଷଣାର୍ଥକ 'ବୃଷ୍' ଧାତୁରୁ ବୃଷଭ ଶବ୍ଦ ନିଷ୍ପନ୍ନ ହୋଇଛି, ଅର୍ଥାତ୍ ଯିଏ ଆମର ଅଭୀଷ୍ଟକୁ ବର୍ଷଣ କରନ୍ତି । ସେହିପରି, ମାନବଗଣ ହେଲେ 'ପୁରୁ' । 'ବୃତ୍ର' ଅର୍ଥାତ୍ ଯାହା ଆମର ଅଗ୍ରଗାମୀ ଚେତନାକୁ ଆବୃତ କରି ଦିଏ । 'ଦସ୍ୟୁ' ଅର୍ଥାତ୍ ଯେ ଆମର ଅନୁଭୂତି ଓ ଜ୍ଞାନସଂପଦଗୁଡ଼ିକୁ ଅପହରଣ କରିନିଏ । 'ଶମ୍ବର' ଅର୍ଥାତ୍ ଯାତ୍ରା ପଥରେ ଯାହା ପ୍ରତିବନ୍ଧକ ସୃଷ୍ଟିକରେ ।*

**ବୈଶ୍ୱାନରୋ ମହିମ୍ନା ବିଶ୍ୱକୃଷ୍ଟିର୍ଭରଦ୍ୱାଜେଷୁ ୟଜତୋ ବିଭାବା ।**
**ଶାତବନେୟେ ଶତିନୀଭିରଗ୍ନିଃ ପୁରୁଣୀଥେ ଜରତେ ସୂନୃତାବାନ୍ ॥୭॥**

ବୈଶ୍ୱାନରଃ ମହିମ୍ନା ବିଶ୍ୱ-କୃଷ୍ଟିଃ ଭରତ୍-ବାଜେଷୁ ଜୟତଃ ବିଭାବା /
ଶାତବନେୟେ ଶତିନୀଭିଃ ଅଗ୍ନିଃ ପୁରୁଣୀଥେ ଜରତେ ସୂନୃତାବାନ୍ ॥

ଶ୍ରୀଅରବିନ୍ଦକୃତ ଅର୍ଥ : ଏହି ହେଉଛନ୍ତି ବିଶ୍ୱାତ୍ମକ ଦେବତା [ବୈଶ୍ୱାନରଃ], ଯିଏ ନିଜର ମହନୀୟତା ହେତୁ [ମହିମ୍ନା] ଜନସାଧାରଣଙ୍କ ମଧ୍ୟରେ [ଭରଦ୍ୱାଜେଷୁ] ଶ୍ରମ କରିଚାଲିଛନ୍ତି [ବିଶ୍ୱକୃଷ୍ଟିଃ], ଯଜ୍ଞର [ୟଜତଃ] ସେ ହେଉଛନ୍ତି ପ୍ରଭାମୟ ପ୍ରଭୁ [ବିଭାବା], ଶତସଂଖ୍ୟକ ଧନଭଣ୍ଡାର-ସମନ୍ୱିତ [ପୁରୁଣୀଥେ ଶତିନୀଭିଃ] ଏ ହେଉଛନ୍ତି ସେହି ଶିଖାବାନ୍ ଅଗ୍ନି [ଶାତବନେୟେ ଅଗ୍ନିଃ] । ଏ ହେଉଛନ୍ତି ସେଇ ଯାହାଙ୍କର ବାକ୍ [ଜରତେ] ସତ୍ୟ [ସୂନୃତାବାନ୍] ।

*ଭାବାର୍ଥ : ବିଶ୍ୱର ଆମେ ସମସ୍ତେ ଯେ ସେହି ଏକ ଶକ୍ତିମୟ ଅଗ୍ନିଙ୍କର ଯନ୍ତ୍ର ଓ ଆମ ମଧ୍ୟରେ ସେହିଁ କାର୍ଯ୍ୟ କରୁଛନ୍ତି – ଏହିପରି ଏକ ସାମଗ୍ରିକ ଦୃଷ୍ଟିରେ ଋଷି ଏଠାରେ ଅଗ୍ନିଙ୍କର ସ୍ତବ କରିଛନ୍ତି । ଶତ ସଂଖ୍ୟାଟି ଏଠାରେ ସମଗ୍ର ଅର୍ଥରେ ବ୍ୟବହୃତ ହୋଇଥିବାର ବୋଧ ହୁଏ ।*

## ପରାଶର ଶାକ୍ତ୍ୟ

ସୂକ୍ତ : ୬୫ ॥ ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ଦ୍ୱିପଦା ବିରାଟ୍

**ପଶ୍ୱା ନ ତାୟୁଂ ଗୁହା ଚତନ୍ତଂ ନମୋ ୟୁଜାନଂ ନମୋ ବହନ୍ତମ୍ ।**
**ସଜୋଷା ଧୀରାଃ ପଦୈରନୁ ଗ୍ମନ୍ନୁପ ତ୍ୱା ସୀଦନ୍ୱିଶ୍ୱେ ୟଜତ୍ରାଃ ॥୧॥**

*ପଶ୍ୱା ନ ତାୟୁମ୍ ଗୁହା ଚତନ୍ତମ୍ ନମଃ ଯୁଜାନମ୍ ନମଃ ବହନ୍ତମ୍ /*
*ସ-ଜୋଷାଃ ଧୀରାଃ ପଦୈଃ ଅନୁ ଗ୍ମନ୍ ଉପ ତ୍ୱା ସୀଦନ୍ ବିଶ୍ୱେ ଯଜତ୍ରାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜଣେ ଚୋର ପରି [ତାୟୁଂ ନ] ସେ (ଅଗ୍ନି) ନିଜକୁ ଅନ୍ତର୍ଦୃଷ୍ଟିରୂପକ ଧେନୁଗଣଙ୍କ ସହ [ପଶ୍ୱା] ଗୁପ୍ତ ଗୁହା ମଧ୍ୟରେ ଗୁପ୍ତ କରି ରଖିଛନ୍ତି [ଗୁହା ଚତନ୍ତମ୍], ସେ ଆମର ଆରାଧନାକୁ [ନମଃ] ଗ୍ରହଣ କରନ୍ତି [ଯୁଜାନମ୍], ଏବଂ ସେଠାକୁ (ଗୁପ୍ତଗୁହା ମଧ୍ୟକୁ) ବହନ କରିନିଅନ୍ତି* [ବହନ୍ତମ୍] । ଭାବୁକଗଣ [ଧୀରାଃ] ତାଙ୍କଠାରେ ସମାନ ଆନନ୍ଦ ଅନୁଭବ କରନ୍ତି [ସଜୋଷାଃ], ସେମାନେ ତାଙ୍କର ପଦାଙ୍କ ଅନୁସରଣ କରନ୍ତି [ପଦୈଃ ଅନୁ-ଗ୍ମନ୍]; ଗୁହାଧିଷ୍ଠିତ ହେ ଅଗ୍ନି, ଯଜ୍ଞପତି ସକଳ ଦେବତା [ବିଶ୍ୱେ ଯଜତ୍ରାଃ] ତୁମ ନିକଟକୁ ଆସନ୍ତି [ତ୍ୱା ଉପ-ସୀଦନ୍] ।

*ଭାବାର୍ଥ : ସାଧକର ହୃଦୟ-ଗୁହାରେ ଚୈତ୍ୟ-ଅଗ୍ନି ଲୁଚି ରହିଛନ୍ତି । ସୂକ୍ଷ୍ମଦୃଷ୍ଟି, ବିଶୁଦ୍ଧ ଜ୍ଞାନ ପ୍ରଭୃତି ଦିବ୍ୟ ବିଭବଗୁଡ଼ିକୁ ସେ ନିଜ ସଙ୍ଗେ ବହନ କରିଛନ୍ତି । ସେହି ଅଗ୍ନିଙ୍କୁ ଲାଭ କଲେ ସାଧକ ମଧ୍ୟରେ ସେହିସବୁ ବିଭବରାଜି ପ୍ରକଟିତ ହେବେ, ଏଣୁ ତାକୁ ସେହି ଗୁହା ମଧ୍ୟକୁ ଯିବାକୁ ହେବ । ମାର୍ଗ ହେଉଛି ସମର୍ପଣ । କାରଣ ସମର୍ପଣକୁ ଅଗ୍ନି ଅବଶ୍ୟ ସ୍ୱୀକାର କରିବେ ଏବଂ ତାହାକୁ ତାଙ୍କ ବାସସ୍ଥଳୀ ସେହି ଗୁହା ମଧ୍ୟକୁ ନେଇଯିବେ । ସାଧକ ତାଙ୍କୁ ଅନୁସରଣ କଲେ ତାଙ୍କୁ ଆବିଷ୍କାର କରିପାରିବ । ଏଠାରେ ଏକ ଚମତ୍କାର ଉପମା ମାଧ୍ୟମରେ ଚୈତ୍ୟିକ ସାଧନାର ମାର୍ଗ ଉଲ୍ଲେଖ କରାଯାଇଛି ।*

**ଋତସ୍ୟ ଦେବା ଅନୁ ବ୍ରତା ଗୁର୍ଭୁବତ୍ପରିଷ୍ଟିର୍ଦ୍ୟୌର୍ନ ଭୂମ ।**
**ବର୍ଧନ୍ତୀମାପଃ ପନ୍ୱା ସୁଶିଶ୍ୱିମୃତସ୍ୟ ଯୋନା ଗର୍ଭେ ସୁଜାତମ୍ ॥୨॥**

*ଋତସ୍ୟ ଦେବାଃ ଅନୁ ବ୍ରତା ଗୁଃ ଭୁବତ୍ ପରିଷ୍ଟିଃ ଦ୍ୟୌଃ ନ ଭୂମ /*
*ବର୍ଧନ୍ତି ଈମ୍ ଆପଃ ପନ୍ୱା ସୁ-ଶିଶ୍ୱିମ୍ ଋତସ୍ୟ ଯୋନା ଗର୍ଭେ ସୁ-ଜାତମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସତ୍ୟର [ଋତସ୍ୟ] କାର୍ଯ୍ୟପ୍ରଣାଳୀସ୍ୱରୂପ [ବ୍ରତା] ଦେବଗଣ ତାଙ୍କରି ଅନୁଗମନ କରନ୍ତି [ଅନୁ-ଗୁଃ] । ସେହିଁ ଆକାଶ ଓ ପୃଥିବୀ ଭଳି ପରିବ୍ୟାପ୍ତ ହୋଇ ବିଦ୍ୟମାନ [ଦ୍ୟୌଃ ଭୂମ ନ (ଭଳି) ପରିଷ୍ଟିଃ ଭୁବତ୍] ଦିବ୍ୟ ଚେତନାର

* ଅଥବା, ଏହି ଅର୍ଥ କଲେ ଅଧିକ ଭଲ ହେବ : ଆମର ସମର୍ପଣକୁ ସେ ଗ୍ରହଣ କରନ୍ତି, ସେ ତାଙ୍କ ନିଜ ସହ ଆମ ସମର୍ପଣକୁ ବହନ କରି ନିଅନ୍ତି ।



ଧାରାଗୁଡ଼ିକ [ଆପଃ] ସେମାନଙ୍କ ନିରଳସ କର୍ମ ଦ୍ୱାରା[୧] [ପନ୍ୱା] ତାଙ୍କର (ଅଗ୍ନିଙ୍କର) ଆୟତନର ବିସ୍ତାର ଘଟାଇ [ସୁ-ଶିଶ୍ୱିମ୍] ତାଙ୍କର ବୃଦ୍ଧିସାଧନ କରନ୍ତି [ଈଂ ବର୍ଧନ୍ତି], ଏ ହେଉଛନ୍ତି ସେହି ଅଗ୍ନି ଯେ କି ସେମାନଙ୍କ (ଦିବ୍ୟଚେତନାର ଧାରାଗୁଡ଼ିକର) ଗର୍ଭରୁ ଶୁଭଜନ୍ମ ଲାଭ କରିଛନ୍ତି [ଗର୍ଭେ ସୁଜାତମ୍] ଯାହାକି ପରମ ସତ୍ୟର ବାସସ୍ଥଳୀ [ଋତସ୍ୟ ଯୋନା] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ଅଗ୍ନିଙ୍କର ବିଶ୍ୱରୂପ ଦର୍ଶନ କରିଛନ୍ତି – ସତ୍ୟମୟ ପରମେଶ୍ୱରଙ୍କ ଇଚ୍ଛାରୁ ଏହି ବିଶ୍ୱଭୁବନ ସୃଷ୍ଟି ହୋଇଛି । ଅଗ୍ନି ହେଉଛନ୍ତି ତାଙ୍କର ଇଚ୍ଛା ଓ ଏହି ଅଖିଳ ବିଶ୍ୱର ସ୍ରଷ୍ଟା । ଏହି ନ୍ୟାୟରେ ଅଗ୍ନି ବିଶ୍ୱମୟ ହୋଇ ସର୍ବତ୍ର ବିଦ୍ୟମାନ । ଦେବଗଣ ଏହି ସୃଷ୍ଟିରେ କାର୍ଯ୍ୟ କରିବା ବେଳେ ତାଙ୍କରି ମାର୍ଗକୁ ଅନୁସରଣ କରନ୍ତି, କାରଣ ତାହାହିଁ ସତ୍ୟର ପନ୍ଥା । ଋଷିଗଣ ମନ୍ତ୍ରବଚନରେ ଯେଉଁ ସତ୍ୟଜ୍ୟୋତିଃର ଅବତରଣ କରାନ୍ତି ତା'ଦ୍ୱାରା ସେ ପରିବର୍ଦ୍ଧିତ ହୁଅନ୍ତି ।*

**ପୁଷ୍ଟିର୍ନ ରଣ୍ୱା କ୍ଷିତିର୍ନ ପୃଥ୍ୱୀ ଗିରିର୍ନ ଭୁଜ୍ମ କ୍ଷୋଦୋ ନ ଶଂଭୁ ।**
**ଅତ୍ୟୋ ନାଜ୍ମନ୍ତ୍ସର୍ଗପ୍ରତକ୍ତଃ ସିନ୍ଧୁର୍ନ କ୍ଷୋଦଃ କ ଈଂ ବରାତେ ॥୩॥**

*ପୁଷ୍ଟିଃ ନ ରଣ୍ୱା କ୍ଷିତିଃ ନ ପୃଥ୍ୱୀ ଗିରିଃ ନ ଭୁଜ୍ମ କ୍ଷୋଦଃ ନ ଶଂଭୁ /*
*ଅତ୍ୟଃ ନ ଅଜ୍ମନ୍ ସର୍ଗ-ପ୍ରତକ୍ତଃ ସିନ୍ଧୁଃ ନ କ୍ଷୋଦଃ କଃ ଈମ୍ ବରାତେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ (ଅଗ୍ନି) ଯେପରି ଏକ ଆନନ୍ଦମୟ ଶ୍ରୀ [ରଣ୍ୱା ପୁଷ୍ଟିଃ ନ], ସେ ଆମର ବାସଭୂମି ବିଶାଳ ଧରଣୀ ପରି [କ୍ଷିତିଃ ପୃଥ୍ୱୀ ନ] । ପର୍ବତ ଭଳି ସେ ଉପଭୋଗ୍ୟ [ଗିରିଃ ନ ଭୁଜ୍ମ] ଏବଂ କ୍ଷିପ୍ରଗାମୀ ଜଳପ୍ରବାହ ପରି ସେ ହର୍ଷୋତ୍ପାଦକ [କ୍ଷୋଦଃ ନ ଶଂଭୁ] । ସେ ଯୁଦ୍ଧଭୂମିକୁ [ଅଜ୍ମନ୍] କ୍ଷିପ୍ରବେଗରେ ପ୍ରବେଶ କରୁଥିବା [ସର୍ଗପ୍ରତକ୍ତଃ] ଯୁଦ୍ଧାଶ୍ୱ ପରି [ଅତ୍ୟଃ ନ] ଏବଂ ସେ ଏକ ସ୍ରୋତସ୍ୱିନୀ ନଦୀ ପରି[୨] [ସିନ୍ଧୁଃ ନ], ଏହାଙ୍କର ପ୍ରତିରୋଧ କରିପାରିବ କିଏ [କଃ ଈଂ ବରାତେ] ?

*ଭାବାର୍ଥ : କବି ଏଠାରେ ଅଗ୍ନିଙ୍କର ଆନନ୍ଦମୟ ବିଶାଳସ୍ୱରୂପ ଏବଂ ଅବିରୋଧ ପ୍ରଚଣ୍ଡ ଶକ୍ତି ବିଷୟରେ ବର୍ଣ୍ଣନା କରିଛନ୍ତି ।*

**ଜାମିଃ ସିନ୍ଧୂନାଂ ଭ୍ରାତେବ ସ୍ୱସ୍ରାମିଭ୍ୟାନ୍ନ ରାଜା ବନାନ୍ୟତ୍ତି ।**
**ଯଦ୍ୱାତଜୂତୋ ବନା ବ୍ୟସ୍ଥାଦଗ୍ନିର୍ହ ଦାତି ରୋମା ପୃଥିବ୍ୟାଃ ॥୪॥**

[୧] ଅଥବା, ସ୍ତୋତ୍ରଗାନ ଦ୍ୱାରା । [୨] ଅଥବା, ଊର୍ମିଳ ସାଗର ପରି ।

*ଜାମିଃ ସିନ୍ଧୂନାମ୍ ଭ୍ରାତା ଇବ ସ୍ୱସ୍ରାମ୍ ଇଭ୍ୟାନ୍ ନ ରାଜା ବନାନି ଅତ୍ତି /*
*ଯତ୍ ବାତ-ଜୂତଃ ବନା ବି ଅସ୍ଥାତ୍ ଅଗ୍ନିଃ ହ ଦାତି ରୋମା ପୃଥିବ୍ୟାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜଣେ ଭାଇ ତା' ଭଉଣୀକୁ ସ୍ନେହ କରିବା ପରି [ଭ୍ରାତା ସ୍ୱସ୍ରାମ୍ ଇବ] ସେ ଚେତନାର ସିନ୍ଧୁମାନଙ୍କର ଘନିଷ୍ଠ ବନ୍ଧୁ [ସିନ୍ଧୂନାଂ ଜାମିଃ] । ଜଣେ ରାଜା ତାଙ୍କ ଶତ୍ରୁମାନଙ୍କୁ ନାଶ କରିବା ପରି [ରାଜା ଇଭ୍ୟାନ୍ ନ] ସେ ଭୂମଣ୍ଡଳର ବନରାଜିକୁ ଭକ୍ଷଣ କରିଯା'ନ୍ତି [ବନାନି ଅତ୍ତି] । ସେ ଯେତେବେଳେ [ଯତ୍] ବାୟୁର ପ୍ରବାହ ଦ୍ୱାରା ପ୍ରେରିତ ହୁଅନ୍ତି [ବାତ-ଜୂତଃ] ସେତେବେଳେ ଅରଣ୍ୟର ଚତୁର୍ଦ୍ଦିଗକୁ ବ୍ୟାପିଯାଆନ୍ତି [ବନା ବ୍ୟସ୍ଥାତ୍]; ବାସ୍ତବରେ [ହ] ଅଗ୍ନି ପୃଥିବୀ-ଦେହର [ପୃଥିବ୍ୟାଃ] ରୋମରାଜିକୁ [ରୋମା] କାଟିପକାନ୍ତି [ଦାତି] ।

*ଭାବାର୍ଥ : ଏହି ମନ୍ତ୍ରର ସ୍ଥୂଳ ଅର୍ଥକୁ ବୁଝିଲେ ଆମକୁ ଜଣାଯିବ ଯେ ଗ୍ରୀଷ୍ମକାଳରେ ବନ ମଧ୍ୟରେ ଦେଖାଯାଉଥିବା ଦାବାଗ୍ନିର ବର୍ଣ୍ଣନା କରାଯାଇଛି । କିନ୍ତୁ 'ନଦୀମାନଙ୍କର ପରମ ବନ୍ଧୁ' ଅଗ୍ନି, କହିବା ବେଳେ ରହସ୍ୟବ୍ୟଞ୍ଜକ ମନେ ହେଉଛି । ମୋଟ ଉପରେ ଏଠାରେ ସିନ୍ଧୁ, ବନ ଓ ରୋମ ଶବ୍ଦଗୁଡ଼ିକ ସାଙ୍କେତିକ ଅର୍ଥରେ ବ୍ୟବହାର କରାଯାଇଛି । ସିନ୍ଧୁ – ସପ୍ତସିନ୍ଧୁ – ଚେତନାର ଊର୍ଦ୍ଧ୍ୱଦିଗରେ ସାତଟି ଧାରା; ବନ – ସୃଷ୍ଟିର ଆରମ୍ଭରେ ଅବ୍ୟବସ୍ଥିତ (ଅସଜଡ଼ା) ପ୍ରକୃତି; ରୋମ – ସେହି ସୃଷ୍ଟି ମଧ୍ୟରେ ଯାହାସବୁ ନିରର୍ଥକ ବସ୍ତୁ । ଅର୍ଥାତ୍ : ଅଭୀପ୍ସାରଅଗ୍ନି ଚେତନାର ବନ୍ଧୁ ଭଳି ସ୍ତର ପରେ ସ୍ତର ଆରୋହଣ କରିଯାଆନ୍ତି ଏବଂ ଏହି ସୃଷ୍ଟିକୁ କ୍ରମବିବର୍ତ୍ତନ ଧାରାରେ ଶୃଙ୍ଖଳିତ, ବ୍ୟବସ୍ଥିତ କରି କରି ଚାଲନ୍ତି ।*

**ଶ୍ୱସିତ୍ୟପ୍ସୁ ହଂସୋ ନ ସୀଦନ୍ କ୍ରତ୍ୱା ଚେତିଷ୍ଠୋ ବିଶାମୁଷର୍ଭୁତ୍ ।**
**ସୋମୋ ନ ବେଧା ଋତପ୍ରଜାତଃ ପଶୁର୍ନ ଶିଶ୍ୱା ବିଭୁର୍ଦୂରେଭାଃ ॥୫॥**

*ଶ୍ୱସିତି ଅପ୍ସୁ ହଂସଃ ନ ସୀଦନ୍ କ୍ରତ୍ୱା ଚେତିଷ୍ଠଃ ବିଶାମ୍ ଉଷଃ-ଭୁତ୍ /*
*ସୋମଃ ନ ବେଧାଃ ଋତ-ପ୍ରଜାତଃ ପଶୁଃ ନ ଶିଶ୍ୱା ବିଭୁଃ ଦୂରେ-ଭାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଉପବିଷ୍ଟ ଏକ ହଂସ ପରି [ସୀଦନ୍ ହଂସଃ ନ] ସେ ଜଳରେ ଶ୍ୱାସଗ୍ରହଣ କରନ୍ତି [ଅପ୍ସୁ ଶ୍ୱସିତି] । ଉଷାକାଳରେ ପ୍ରବୁଦ୍ଧ [ଉଷଃ-ଭୁତ୍] ତାଙ୍କର (ଅଗ୍ନିଙ୍କର) ରହିଛି ତାଙ୍କର କର୍ମସଂକଳ୍ପ ଦ୍ୱାରା [କ୍ରତ୍ୱା], ଲୋକମାନଙ୍କୁ ଜ୍ଞାନଦାନ କରିବା ପାଇଁ ସାମର୍ଥ୍ୟ [ବିଶାଂ ଚେତିଷ୍ଠଃ] । ସେ ସୋମ ଦେବତାଙ୍କ ପରି ଅଟନ୍ତି [ସୋମଃ ନ], ପରମ ସତ୍ୟରୁ ତାଙ୍କର ଜନ୍ମ [ଋତ-ପ୍ରଜାତଃ] ଏବଂ ଜଗତର ସ୍ରଷ୍ଟା [ବେଧାଃ] । ସେ ହେଉଛନ୍ତି ନବଜାତ ବତ୍ସା ସହିତ ଧେନୁ ପରି [ଶିଶ୍ୱା ପଶୁଃ ନ] । ସେ ସୁଦୂରପ୍ରସାରୀ [ବିଭୁଃ], ଯାହାଙ୍କର ଆଲୋକ ବହୁଦୂରରୁ ଦୃଶ୍ୟମାନ ହୁଏ [ଦୂରେ-ଭାଃ] ।

*ଭାବାର୍ଥ : ସାଧାରଣତଃ ଜଳରେ ଅଗ୍ନି ଲିଭିଯାଏ । ଏଠାରେ କିନ୍ତୁ କୁହାଯାଇଛି : ହଂସ ଭଳି ସେ ଜଳରେ ବସି ଶ୍ୱାସ-ପ୍ରଶ୍ୱାସ ନେଉଛନ୍ତି । ଅର୍ଥାତ୍, ଚିତ୍‌ସ୍ୱରୂପ ଜଳରେ ଦିବ୍ୟ ସଂକଳ୍ପରୂପୀ ଅଗ୍ନି ବିରାଜମାନ । ପୃଥିବୀରେ ନୂତନ ଚେତନାର ଅଭ୍ୟୁଦୟକୁ ଉଷା କୁହାଯାଏ । ଅଗ୍ନି ଏହି ସମୟରେ ଅଧିକ ସକ୍ରିୟ ହୋଇଉଠନ୍ତି ଏବଂ ପ୍ରଜାଗଣଙ୍କୁ ମାର୍ଗଦର୍ଶନ କରାନ୍ତି ।*

<u>ସୂକ୍ତ : *୬୬* ॥ ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ଦ୍ୱିପଦା ବିରାଟ୍</u>

**ରୟିର୍ନ ଚିତ୍ରା ସୂରୋ ନ ସଂଦୃଗାୟୁର୍ନ ପ୍ରାଣୋ ନିତ୍ୟୋ ନ ସୂନୁଃ ।**
**ତକ୍ୱା ନ ଭୂର୍ଣିର୍ବନା ସିଷକ୍ତି ପୟୋ ନ ଧେନୁଃ ଶୁଚିର୍ବିଭାବା ॥୧॥**

*ରୟିଃ ନ ଚିତ୍ରା ସୂରଃ ନ ସମ୍-ଦୃକ୍ ଆୟୁଃ ନ ପ୍ରାଣଃ ନିତ୍ୟଃ ନ ସୂନୁଃ /*
*ତକ୍ୱା ନ ଭୂର୍ଣିଃ ବନା ସିସକ୍ତି ପୟଃ ନ ଧେନୁଃ ଶୁଚିଃ ବିଭାବା ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ ଅଗ୍ନି ଚିତ୍ରବିଚିତ୍ର ଧନସଂପଦ ପରି [ଚିତ୍ରା ରୟିଃ ନ] ଓ ସର୍ବଦର୍ଶୀ ସୂର୍ଯ୍ୟଙ୍କ ପରି [ସଂଦୃକ୍ ସୂରଃ ନ] । ସେ ଆମର ଇହ-ଜୀବନର ପ୍ରାଣ ତଥା ଶ୍ୱାସ-ପ୍ରଶ୍ୱାସ ପରି [ଆୟୁଃ ପ୍ରାଣଃ ନ], ସେ ଆମର ଶାଶ୍ୱତ ଶିଶୁ ପରି [ନିତ୍ୟଃ ସୂନୁଃ ନ] । ସେ ଆମକୁ ବାହିନେଇ ଚାଲିଥିବା ଏକ ଯୁଦ୍ଧାଶ୍ୱ ପରି [ଭୂର୍ଣ୍ଣିଃ ତକ୍ୱା ନ] । ସେ ପୟସ୍ୱିନୀ ଧେନୁ ପରି [ପୟଃ ଧେନୁଃ ନ], ସେ ବନରାଜି ସହିତ ସଂସକ୍ତ [ବନା ସିସକ୍ତି] । ତାଙ୍କର ରୂପ ସ୍ନିଗ୍ଧ-ଶୁଭ୍ର [ଶୁଚିଃ] ଏବଂ ପ୍ରସାରିତ ତାଙ୍କର ଜ୍ୟୋତିଃ [ବିଭାବା] ।

*ଭାବାର୍ଥ : ଶକ୍ତିଋଷିଙ୍କ ପୁତ୍ର (ଶାକ୍ତ୍ୟ) ପରାଶର ଋଷିଙ୍କ ଦ୍ୱାରା ଦୃଷ୍ଟ ଅଗ୍ନିମନ୍ତ୍ରର ଏହା ଦ୍ୱିତୀୟ ସୂକ୍ତ । ଋଷି ତାଙ୍କର ପ୍ରଥମ ସୂକ୍ତ ପରି ଏହି ସୂକ୍ତରେ ମଧ୍ୟ ବିଭିନ୍ନ ଉପମା ଓ ରୂପକ ମାଧ୍ୟମରେ ସର୍ବବ୍ୟାପୀ ତଥା ରହସ୍ୟାବୃତ ଅଗ୍ନିଙ୍କର ବର୍ଣ୍ଣନା କରିଛନ୍ତି । ଉପରୋକ୍ତ ମନ୍ତ୍ରଟି ସୂଚିତ କରୁଛି ଯେ, ଆମର ସ୍ଥୂଳ ଜୀବନର ବିକାଶରେ ଅଗ୍ନି ହେଉଛନ୍ତି ଆମର ଅର୍ଥସଂପଦ, ସୂର୍ଯ୍ୟରୂପେ ସେ ଆମର ସତ୍ୟଜ୍ଞାନମୟ ବୁଦ୍ଧି, ଜୀବନୀ ଶକ୍ତି ରୂପେ ଆୟୁଷ, ସନାତନ ଶିଶୁ ଅର୍ଥାତ୍ ଆମର ଚୈତ୍ୟସତ୍ତା, ବୀରତ୍ୱ ଶକ୍ତି ରୂପରେ ଅଶ୍ୱ, ଅଭୀଷ୍ଟ ପୂରଣରେ*

*ଧେନୁ, ଇତ୍ୟାଦି, ଯଦ୍ୱାରା ଆମର ଇହଜୀବନ ପରିପୂର୍ଣ୍ଣ ଓ ମୂଲ୍ୟବାନ୍ ହୋଇଉଠେ ।*
ପଦଟୀକା : ଭୂର୍ଣ୍ଣି : ବହନକାରୀ; ତକ୍ୱା : ଯୁଦ୍ଧାଶ୍ୱ

**ଦାଧାର କ୍ଷେମମୋକୋ ନ ରଣ୍ୱୋ ଯବୋ ନ ପକ୍ୱୋ ଜେତା ଜନାନାମ୍ ।**
**ଋଷିର୍ନ ସ୍ତୁଭ୍ୱା ବିକ୍ଷୁ ପ୍ରଶସ୍ତୋ ବାଜୀ ନ ପ୍ରୀତୋ ବୟୋ ଦଧାତି ॥୨॥**

*ଦାଧାର କ୍ଷେମମ୍ ଓକଃ ନ ରଣ୍ୱଃ ଯବଃ ନ ପକ୍ୱଃ ଜେତା ଜନାନାମ୍ /*
*ଋଷିଃ ନ ସ୍ତୁଭ୍ୱା ବିକ୍ଷୁ ପ୍ର-ଶସ୍ତଃ ବାଜୀ ନ ପ୍ରୀତଃ ବୟଃ ଦଧାତି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଏକ ସୁଖମୟ ବାସଗୃହ ପରି ସେ ଆମର ସକଳ ଶ୍ରେୟଃକୁ ଧାରଣ କରି ରହିଛନ୍ତି [ରଣ୍ୱଃ ଓକଃ ନ କ୍ଷେମଂ ଦାଧାର], ସେ ପକ୍ୱ ଯବଧାନ ପରି [ପକ୍ୱଃ ଯବଃ ନ] । ସେ ହେଉଛନ୍ତି ମାନବଗଣଙ୍କ ବିଜେତା ସଦୃଶ [ଜନାନାଂ ନେତା] ଓ ଜଣେ ସ୍ତବଗାୟକ ଋଷି ପରି [ସ୍ତୁଭ୍ୱା ଋଷିଃ ନ]; ପ୍ରଜାବର୍ଗ ତାଙ୍କୁ ପ୍ରଶଂସା କରନ୍ତି [ବିକ୍ଷୁ ପ୍ରଶସ୍ତଃ]; ବେଗଶାଳୀ ଅଶ୍ୱ ପରି ସେ ଆମର ହର୍ଷୋତ୍ପାଦକ ଅଟନ୍ତି [ପ୍ରୀତଃ ବାଜୀ ନ]; ସେ ଆମର ବିକାଶମାର୍ଗକୁ ଉନ୍ନତ କରନ୍ତି [ବୟଃ ଦଧାତି] ।

*ଭାବାର୍ଥ : ମନୁଷ୍ୟ ଦିବ୍ୟ ସଂକଳ୍ପକୁ ଧାରଣ କରି ଉନ୍ନତ କର୍ମରେ ପ୍ରବୃତ୍ତ ହେଲେ ତା'ର ଜୀବନ ସମୃଦ୍ଧ ହୋଇଉଠେ; ଉନ୍ନତ ହୁଏ, ଉପଭୋଗ୍ୟ ହୁଏ, ସଂସାରରେ ପ୍ରଶଂସନୀୟ ହୁଏ । ଏଣୁ ଅଗ୍ନି (ଦିବ୍ୟସଂକଳ୍ପ) ହେଉଛନ୍ତି ସମସ୍ତ ଶ୍ରେୟସ୍‌ର ବାସଭୂମି । କାମନାବଶରେ ପରିଶ୍ରମୀ ବ୍ୟକ୍ତି ଅଳ୍ପ ବହୁତେ ଏସବୁ ମଧ ଲାଭ କରିପାରେ, କିନ୍ତୁ ସେ ତୃପ୍ତ ହୋଇପାରେ ନାହିଁ ।*
ପଦଟୀକା : ଓକଃ : ଗୃହ; ବିକ୍ଷୁ : ପ୍ରଜାବର୍ଗରେ

**ଦୁରୋକଶୋଚିଃ କ୍ରତୁର୍ନ ନିତ୍ୟୋ ଜାୟେବ ଯୋନାବରଂ ବିଶ୍ୱସ୍ମୈ ।**
**ଚିତ୍ରୋ ଯଦଭ୍ରାଟ୍‌ଛ୍ୱେତୋ ନ ବିକ୍ଷୁ ରଥୋ ନ ରୁକ୍ମୀ ତ୍ୱେଷଃ ସମତ୍ସୁ ॥୩॥**

*ଦୁରୋକ-ଶୋଚିଃ କ୍ରତୁଃ ନ ନିତ୍ୟଃ ଜାୟା-ଇବ ଯୋନୌ ଅରମ୍ ବିଶ୍ୱସ୍ମୈ /*
*ଚିତ୍ରଃ ଯତ୍ ଅଭ୍ରାଟ୍ ଶ୍ୱେତଃ ନ ବିକ୍ଷୁ ରଥଃ ନ ରୁକ୍ମୀ ତ୍ୱେଷଃ ସମତ୍ସୁ ॥*



ଶ୍ରୀଅରବିନ୍ଦକୃତ ଅର୍ଥ : ଦୁରାବାସ୍ୟ ଗୃହର ସେ ହେଉଛନ୍ତି ଆଲୋକ* [ଦୁରୋକଶୋଚିଃ]; ସେ ଆମ ମଧ୍ୟରେ ଚିରଜାଗ୍ରତ ଏକ ସଂକଳ୍ପ ପରି [ନିତ୍ୟଃ କ୍ରତୁଃ ନ]; ସେ ପରିବାରରେ ଗୃହପତ୍ନୀ ପରି [ଯୋନୌ ଜାୟା ଇବ] ଓ ପ୍ରତ୍ୟେକଙ୍କଂଠାରେ ପର୍ଯ୍ୟାପ୍ତ [ବିଶ୍ୱସ୍ମୈ ଅରମ୍] । ଯେତେବେଳେ ସେ ବିଚିତ୍ର ଭାବେ ଜଳିଉଠନ୍ତି ସେତେବେଳେ ଜନସମୂହ ମଧ୍ୟରେ ଜଣେ ଶୁଭ୍ର ପୁରୁଷ ଭଳି ଦେଖାଯାଆନ୍ତି [ଯତ୍ ଚିତ୍ରଃ ଅଭ୍ରାଟ୍ ବିକ୍ଷୁ ଶ୍ୱେତଃ ନ]; ସେ ଏକ ସୁବର୍ଣ୍ଣ ରଥ ପରି [ରୁକ୍ମୀ ରଥଃ ନ]; ଆମର ସକଳ ଯୁଦ୍ଧରେ ସେ ହେଉଛନ୍ତି ଗୌରବ [ସମତ୍ସୁ ତ୍ୱେଷଃ] ।

*ଭାବାର୍ଥ : ଦିବ୍ୟ ସଂକଳ୍ପ ଓ ଶକ୍ତି ରୂପକ ଅଗ୍ନିଙ୍କର ଜ୍ୱାଳା ଅସହ୍ୟ । ଯେଉଁମାନଙ୍କର ଜୀବନ ନାନାପ୍ରକାର ଆବିଳତାରେ ପରିପୂର୍ଣ୍ଣ ସେଠାରେ ଏହି ଅଗ୍ନି ପ୍ରଜ୍ୱଳିତ ହେବା କଠିନ । କିନ୍ତୁ ଥରେ ଯଦି ଏହି ଜ୍ୟୋତିର୍ମୟ ପୁରୁଷ ସେଠାରେ ଜଳି ଉଠନ୍ତି ତେବେ ଜୀବନଟି ଅବଶ୍ୟ ଗୌରବାନ୍ୱିତ ହୁଏ । 'ନିତ୍ୟଃ କ୍ରତୁଃ' ଅର୍ଥାତ୍ ସ୍ଥିର ଅଚଞ୍ଚଳ ଭାଗବତ୍ ସଂକଳ୍ପ — କାମନା-ବାସନା ପରି ଚଞ୍ଚଳ ଓ ଅସ୍ଥିର ନୁହେଁ ।*

**ସେନେବ ସୃଷ୍ଟାମଂ ଦଧାତ୍ୟସ୍ତୁର୍ନ ଦିଦ୍ୟୁତ୍ତ୍ୱେଷପ୍ରତୀକା ।**
**ଯମୋ ହ ଜାତୋ ଯମୋ ଜନିତ୍ୱଂ ଜାରଃ କନୀନାଂ ପତିର୍ଜନୀନାମ୍ ॥୪॥**

*ସେନା ଇବ ସୃଷ୍ଟା ଅମମ୍ ଦଧାତି ଅସ୍ତୁଃ ନ ଦିଦ୍ୟୁତ୍ ତ୍ୱେଷ-ପ୍ରତୀକା /*
*ଯମଃ ହ ଜାତଃ ଯମଃ ଜନିତ୍ୱମ୍ ଜାରଃ କନୀନାମ୍ ପତିଃ ଜନୀନାମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ ହେଉଛନ୍ତି ସଂଗ୍ରାମକୁ ଧାଇଁ ଚାଲିଥିବା ସେନା ଭଳି [ସୃଷ୍ଟା ସେନା ଇବ], ଏବଂ ଆମ ମଧ୍ୟରେ ସେ ବଳସଂଚାର କରାନ୍ତି [ନଃ ଅମଂ ଦଧାତି] : ସେ ହେଉଛନ୍ତି ପ୍ରହାରକ ଧନୁର୍ଦ୍ଧାରୀ ହାତର ଜ୍ୱଳଦଗ୍ର ଦୀପ୍ତ ଶର ପରି [ତ୍ୱେଷପ୍ରତୀକା ଦିଦ୍ୟୁତ୍ ଅସ୍ତୁଃ (ଇବ)] । ଏକ ଯୁଗଳ ରୂପରେ ସେ ଜାତ ହୋଇଛନ୍ତି [ଯମଃ ହ ଜାତଃ], ଭାବୀ କାଳରେ ଯାହା ବି ରୂପ ନେବାକୁ ଅଛି ତାହା ମଧ ସେହି ଅଗ୍ନିଙ୍କର ଯୁଗଳ ରୂପ [ଯମଃ ଜନିତ୍ୱମ୍] : ସେ ହେଉଛନ୍ତି କନ୍ୟାମାନଙ୍କର ପ୍ରେମିକ [କନୀନାଂ ଜାରଃ], ଓ ଜନନୀଗଣଙ୍କର ପତି [ଜନୀନାଂ ପତିଃ] ।

*ଭାବାର୍ଥ : ଏହି ମନ୍ତ୍ରରେ ଜ୍ୱଳଦଗ୍ର ଲକ୍ଷ୍ୟଭେଦୀ ଶରକୁ ଦିବ୍ୟ ଅଭୀପ୍ସା ଅର୍ଥରେ ନିଆଯାଇପାରେ [Aspiration is like an arrow – The Mother, Vol. 7,*

* କିଂବା : ସେ ଏପରି ଏକ ଆଲୋକ ଯାହାଙ୍କୁ ଜଳାଇବା କଷ୍ଟକର

*p. 239] ଯିଏକି କ୍ଷଣମାତ୍ରକେ ଉଚ୍ଚତର ସତ୍ୟକୁ ସ୍ପର୍ଶ କରିପାରେ । ଅଗ୍ନିଙ୍କର ଯୁଗଳ ରୂପ କହିଲେ ଏହି ବ୍ୟକ୍ତ ସୃଷ୍ଟିର ବିକାଶ-ତତ୍ତ୍ୱରେ ଯେଉଁ ଦ୍ୱୈତତା ରହିଛି, ଯଥା : ପୁରୁଷ-ପ୍ରକୃତି, ଈଶ୍ୱର-ଶକ୍ତି, ପୁରୁଷ-ସ୍ତ୍ରୀ, ଜନ୍ମ-ମୃତ୍ୟୁ ଇତ୍ୟାଦି । ନାନା ଅବ୍ୟକ୍ତ ସମ୍ଭାବନାରେ ପୂରି ରହିଥିବା କାଳର ଭବିଷ୍ୟତକୁ କନ୍ୟା ଓ ବ୍ୟକ୍ତ ବର୍ତ୍ତମାନ କାଳକୁ ଜନନୀର ପ୍ରତୀକ ରୂପେ ନିଆଯାଇପାରେ । କାରଣ, ଭାଗବତ ସଂକଳ୍ପର କ୍ରିୟାତ୍ମିକା ଶକ୍ତି ଅଗ୍ନି ଏହି ଉଭୟ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ପ୍ରେମିକ ଓ ପତି ରୂପରେ ଅଭିବ୍ୟକ୍ତିରେ ସାହାଯ୍ୟ କରୁଛନ୍ତି ।*

**ତଂ ବଶ୍ଚରାଥା ବୟଂ ବସତ୍ୟାସ୍ତଂ ନ ଗାବୋ ନକ୍ଷନ୍ତ ଇଦ୍ଧମ୍ ।**
**ସିନ୍ଧୁର୍ନ କ୍ଷୋଦଃ ପ୍ର ନୀଚୀରୈନୋନ୍ନବନ୍ତ ଗାବଃ ସ୍ୱର୍ଦୃଶୀକେ ।।୫।।**

*ତମ୍ ବଃ ଚରାଥା ବୟମ୍ ବସତ୍ୟା ଅସ୍ତମ୍ ନ ଗାବଃ ନକ୍ଷନ୍ତେ ଇଦ୍ଧମ୍ /*
*ସିନ୍ଧୁଃ ନ କ୍ଷୋଦଃ ପ୍ର-ନୀଚୀଃ ଐନୋତ୍ ନବନ୍ତ ଗାବଃ ସ୍ୱଃ ଦୃଶୀକେ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଗୋରୁମାନେ ସେମାନଙ୍କ ଗୋଶାଳାକୁ ଆସିବା ପରି [ଗାବଃ ଅସ୍ତଂ ନକ୍ଷନ୍ତେ ନ] ହେ ଅଗ୍ନି ! ତୁମେ ଯେତେବେଳେ ପ୍ରଜ୍ୱଳିତ ହୋଇଉଠ [ଇଦ୍ଧମ୍] ସେତେବେଳେ ତୁମର ଗତିଶୀଳତା ଏବଂ ସ୍ଥିତିଶୀଳତା ଉଭୟ ଅବସ୍ଥାରେ [ବଃ ଚରାଥା, (ବଃ) ବସତ୍ୟା] ଆମେ ତୁମର ନିକଟବର୍ତ୍ତୀ ହେଉ [ତଂ ବୟମ୍] । ସେହି ଅଗ୍ନି ନିଜ ଶଯ୍ୟାରେ କ୍ଷିପ୍ରବାହିନୀ ନଦୀ ଭଳି [କ୍ଷୁଦଃ ସିନ୍ଧୁଃ ନ], ଯିଏ କି ଊର୍ଦ୍ଧ୍ୱରୁ ପ୍ରପତିତ ଜଳରାଶିକୁ, ଦିବ୍ୟ ଚେତନାର ଧାରାକୁ, ସମ୍ମୁଖ ଗଡ଼ାଣି ଦିଗରେ ପ୍ରବାହିତ କରାନ୍ତି [ନୀଚୀଃ ଐନୋତ୍] : ସୂର୍ଯ୍ୟାଲୋକ ଅଭିବ୍ୟକ୍ତ ହେଲେ,* [ସ୍ୱଃ ଦୃଶୀକେ], ରଶ୍ମିରୂପକ ଧେନୁଗଣ [ଗାବଃ] ସେହି ଅଗ୍ନିଙ୍କଠାରୁ ଗତି କରନ୍ତି [ନବନ୍ତ] ।

*ଭାବାର୍ଥ : ଆମେ ସମସ୍ତେ ପ୍ରତି ମୁହୂର୍ତ୍ତରେ ସେହି ଦିବ୍ୟ ଅଗ୍ନିଙ୍କର ନିକଟବର୍ତ୍ତୀ ହେଉଛୁ ଏବଂ ଅଗ୍ନି ଏହି ବିଶ୍ୱରେ ସ୍ଥିତିଶୀଳ ଓ ଗତିଶୀଳ ଉଭୟ ଅବସ୍ଥାରେ ରହି କାର୍ଯ୍ୟ କରୁଛନ୍ତି । ଯେତେବେଳେ ବିଶ୍ୱାତୀତ ଜଗତରୁ ସତ୍ୟସୂର୍ଯ୍ୟଙ୍କର ଉଦୟ ହୁଏ ସେତେବେଳେ ତାଙ୍କର କିରଣ ଯାଇ ବିଶ୍ୱଗତ ସତ୍ୟରୂପକ ଅଗ୍ନିଙ୍କୁ ପ୍ରଥମେ ସ୍ପର୍ଶ କରେ ।*

* କିଂବା : ସୂର୍ଯ୍ୟ ଦୃଶ୍ୟମାନ ହେଲେ ।



ସୂକ୍ତଃ : ୬୭ ।। ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ଦ୍ୱିପଦା ବିରାଟ୍

**ବନେଷୁ ଜାୟୁର୍ମର୍ତେଷୁ ମିତ୍ରୋ ବୃଣୀତେ ଶ୍ରୁଷ୍ଟିଂ ରାଜେବାଜୁର୍ଯମ୍ ।**
**କ୍ଷେମୋ ନ ସାଧୁଃ କ୍ରତୁର୍ନ ଭଦ୍ରୋ ଭୁବତ୍ ସ୍ୱାଧୀର୍ହୋତା ହବ୍ୟବାଟ୍ ।।୧।।**

*ବନେଷୁ ଜାୟୁଃ ମର୍ତେଷୁ ମିତ୍ରଃ ବୃଣୀତେ ଶ୍ରୁଷ୍ଟିମ୍ ରାଜା ଇବ ଅଜୁର୍ଯମ୍ /*
*କ୍ଷେମଃ ନ ସାଧୁ କ୍ରତୁଃ ନ ଭଦ୍ରଃ ଭୁବତ୍ ସୁ-ଆଧୀଃ ହୋତା ହବ୍ୟବାଟ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ବନସ୍ତରେ ସେ (ଅଗ୍ନି) ହେଉଛନ୍ତି ଜେତା [ବନେଷୁ ଜାୟୁଃ]; ମର ତଥା ଅନିତ୍ୟମାନଙ୍କର ସେ ହେଉଛନ୍ତି ମିତ୍ର [ମର୍ତେଷୁ ମିତ୍ରଃ] : ଜଣେ ରାଜା ଯେପରି ତାଙ୍କର ଜରାମୁକ୍ତ ସଚିବଙ୍କୁ ବରଣ କରନ୍ତି, ସେହିପରି ସେ ଅନ୍ତଃପ୍ରେରଣାକୁ ଯଥାର୍ଥ ସ୍ୱୀକୃତି ଦିଅନ୍ତି [ରାଜା ଅଜୁର୍ଯମ୍ ଇବ ଶ୍ରୁଷ୍ଟିଂ ବୃଣୀତେ] । ସେ ହେଉଛନ୍ତି ଆମର ସୁସିଦ୍ଧ କଲ୍ୟାଣ* [ସାଧୁ କ୍ଷେମଃ ନ]; ସେ ଏକ ସୁଖମୟ ସଂକଳ୍ପ ପରି [ଭଦ୍ରଃ କ୍ରତୁଃ ନ] ଯାହାଙ୍କର ରହିଛି ଯଥାର୍ଥ ଧୀ [ସ୍ୱାଧୀଃ] ଏବଂ ସେ ଆମର ଦେବାହ୍ୱାନକାରୀ ପୁରୋହିତ ଅଟନ୍ତି ଓ ଆହୁତିର ବାହକ ମଧ୍ୟ ଅଟନ୍ତି [ହୋତା ହବ୍ୟବାଟ୍ ଭୁବତ୍] ।

*ଭାବାର୍ଥ : ଏହି ମନ୍ତ୍ରରେ ଥିବା 'ବନ' ଶବ୍ଦଟିକୁ ଆମ ଚେତନାର ପ୍ରବୃତ୍ତିଗତ ବିକାର ଅର୍ଥରେ ଗ୍ରହଣ କଲେ ବୁଝିପାରିବା ଯେ ଦିବ୍ୟ ଅଭୀପ୍ସାର ଅଗ୍ନିହିଁ ତାହା ଜୟ କରନ୍ତି । ଅର୍ଥାତ୍ ଆମର ସକଳ ବିକୃତିକୁ ସେହିଁ ଦୂର କରିପାରନ୍ତି । ଜୀବ ମରଣଶୀଳ ହୋଇଥିବାରୁ ତା'ର ଚିରମିତ୍ର କେହି ନୁହନ୍ତି । କିନ୍ତୁ ଏହି ଅଗ୍ନି ହେଉଛନ୍ତି ମାନବର ଚିରମିତ୍ର, କାରଣ ତାଙ୍କର ମୃତ୍ୟୁ ନାହିଁ (ବରଂ ଆମେ ଜନ୍ମ ଜନ୍ମ ଧରି ତାଙ୍କରି ମଧ୍ୟରେ ସାମାନ୍ୟ ଜଳିଉଠି ପୁଣି ଲିଭିଯାଉଛୁ) । ଏହିପରି ଅନ୍ୟ ରୂପକଗୁଡ଼ିକ ଆମେ ଗୁହ୍ୟ ଅର୍ଥରେ ବୁଝିପାରିଲେ ଆମ ଜୀବନରେ ଅଗ୍ନିଙ୍କର ଯଥାର୍ଥ ଭୂମିକାକୁ ହୃଦୟଙ୍ଗମ କରିପାରିବା ।*

**ହସ୍ତେ ଦଧାନୋ ନୃମ୍ଣା ବିଶ୍ୱାନ୍ୟମେ ଦେବାନ୍ଧାଦ୍ ଗୁହା ନିଷୀଦନ୍ ।**
**ବିଦନ୍ତୀମତ୍ର ନରୋ ଧୀୟଂଧା ହୃଦା ୟତ୍ତଷ୍ଟାନ୍ମନ୍ତ୍ରାଁ ଅଶଂସନ୍ ।।୨।।**

*ହସ୍ତେ ଦଧାନଃ ନୃମ୍ଣା ବିଶ୍ୱାନି ଅମେ ଦେବାନ୍ ଧାତ୍ ଗୁହା ନି-ସୀଦନ୍ /*
*ବିଦନ୍ତି ଈମ୍ ଅତ୍ର ନରଃ ଧିୟମ୍-ଧାଃ ହୃଦା ୟତ୍ ତଷ୍ଟାନ୍ ମନ୍ତ୍ରାନ୍ ଅଶଂସନ୍ ।।*

* କିଂବା : ସିଦ୍ଧିଦାତା ଶୁଭ ।

ଶ୍ରୀଅରବିନ୍ଦକୃତ ଅର୍ଥ : ସେ (ଅଗ୍ନି) ତାଙ୍କ ସ୍ୱହସ୍ତରେ ସମସ୍ତ ବଳକୁ ଧାରଣ କରି [ବିଶ୍ୱାନି ନୃମ୍‌ଣା ହସ୍ତେ ଦଧାନଃ], ଗୁପ୍ତ ଗୁହା ମଧ୍ୟରେ ବସିରହି [ଗୁହା ନିଷୀଦନ୍], ସେ ତାଙ୍କ ବଳର ଆଧାର ଉପରେ ଦେବଗଣଙ୍କୁ ତୋଳି ଧରିଛନ୍ତି[୧] [ଅମେ ଦେବାନ୍ ଧାତ୍] । ଇହଲୋକରେ ସେହି ଦିବ୍ୟ ଭାବର ବାହକ ମଣିଷମାନେ ତାଙ୍କୁ ସେତେବେଳେ ଜାଣନ୍ତି [ଅତ୍ର ଧିୟଂଧାଃ ନରଃ ଈମ୍ ବିଦନ୍ତି] ଯେତେବେଳେ ସେମାନେ ହୃଦୟ ଦ୍ୱାରା ରଚିତ ମନ୍ତ୍ରଗୁଡ଼ିକୁ ଆବୃତ୍ତି କରନ୍ତି [ୟତ୍ ହୃଦା ତଷ୍ଟାନ୍ ମନ୍ତ୍ରାନ୍ ଅଶଂସନ୍] ।

*ଭାବାର୍ଥ : ବୈଦିକ ମନ୍ତ୍ରଗୁଡ଼ିକ ଯେ ଋଷିଗଣଙ୍କର ହୃଦୟର ଭାଷା, ମନର ଭାଷା ନୁହେଁ, ଏବଂ ଜ୍ଞାନପ୍ରାପ୍ତ ବ୍ୟକ୍ତିଗଣ ଯେ ଏହି ଭାଷାର ରହସ୍ୟକୁ ବୁଝନ୍ତି ସେହି ତଥ୍ୟ ଏହି ମନ୍ତ୍ରଟିରୁ ମିଳୁଛି । ଯେଉଁ ଗୁପ୍ତ ଗୁହା ଅଗ୍ନିଙ୍କର ବାସସ୍ଥଳୀ ତାହା ଆମର ଚେତନାର ଗଭୀରତମ ହୃଦୟ-ଗୁହା ।*

ପଦଟୀକା : ନୃମ୍‌ଣା : ବଳ; ଅମେ : ଶକ୍ତି ଆଧାରରେ, ତଷ୍ଟାନ୍ : ରଚିତ (୨ୟା, ବହୁବଚନ) ।

**ଅଜୋ ନ କ୍ଷାଂ ଦାଧାର ପୃଥିବୀଂ ତସ୍ତମ୍ଭ ଦ୍ୟାଂ ମନ୍ତ୍ରେଭିଃ ସତ୍ୟୈଃ ।**
**ପ୍ରିୟା ପଦାନି ପଶ୍ୱୋ ନି ପାହି ବିଶ୍ୱାୟୁରଗ୍ନେ ଗୁହା ଗୁହଂ ଗାଃ ।।୩।।**

*ଅଜଃ ନ କ୍ଷାମ୍ ଦାଧାର ପୃଥିବୀମ୍ ତସ୍ତମ୍ଭ ଦ୍ୟାମ୍ ମନ୍ତ୍ରେଭିଃ ସତ୍ୟୈଃ /*
*ପ୍ରିୟା ପଦାନି ପଶ୍ୱଃ ନି ପାହି ବିଶ୍ୱ-ଆୟୁଃ ଅଗ୍ନେ ଗୁହା ଗୁହମ୍ ଗାଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଅଜ(ଅଜାତ)ଙ୍କ ପରି ସେ ବିଶାଳ ପୃଥିବୀକୁ ଧାରଣ କରିଛନ୍ତି [ଅଜଃ ନ କ୍ଷାଂ ପୃଥିବୀଂ ଦାଧାର], ତାଙ୍କର ସତ୍ୟମୟ ମନ୍ତ୍ରଗୁଡ଼ିକ ସହ ସେ ସ୍ୱର୍ଗକୁ ଉତ୍ତମ୍ଭନ କରି ରହିଛନ୍ତି [ସତ୍ୟୈଃ ମନ୍ତ୍ରେଭିଃ ଦ୍ୟାମ୍ ତସ୍ତମ୍ଭ] । ହେ ଅଗ୍ନି [ଅଗ୍ନେ] ଅନ୍ତର୍ଦୃଷ୍ଟି ରୂପକ ଗାଈମାନଙ୍କର ପ୍ରିୟ ପଦଚିହ୍ନଗୁଡ଼ିକୁ ରକ୍ଷା କର [ପଶ୍ୱଃ ପ୍ରିୟା ପଦାନି ନି-ପାହି], ତୁମେ ହେଉଛ ବିଶ୍ୱର ପ୍ରାଣ [ବିଶ୍ୱାୟୁଃ], ତୁମେ ସକଳ ରହସ୍ୟର ରହସ୍ୟରେ[୨] ଅନୁପ୍ରବେଶ କର [ଗୁହା ଗୁହଂ ଗାଃ] ।

*ଭାବାର୍ଥ : ପୂର୍ବ ମନ୍ତ୍ରଗୁଡ଼ିକରେ ଋଷି ପୃଥିବୀରେ କର୍ମରତ ଅଗ୍ନିଙ୍କୁ ଦର୍ଶନ କରିଥିବା ବେଳେ ଏହି ମନ୍ତ୍ରରେ ଧରାତୀତ ଅଗ୍ନିଙ୍କୁ ଦର୍ଶନ କରିଛନ୍ତି, ଯିଏକି ଅଜନ୍ମା ଓ ଧରାକୁ ଧାରଣ କରିଛନ୍ତି । ପୁଣି, ଏହି କଳୁଷଭରା ସଂସାର ଓ ସତ୍ୟମୟ ଦିବ୍ୟସ୍ୱର୍ଗ ମଧ୍ୟରେ ଭାଗବତ ସଂକଳ୍ପର ଅଗ୍ନି ଏକ ସ୍ତମ୍ଭରୂପରେ ଛିଡ଼ା ହୋଇଥିବାର ଯେଉଁ ସୂକ୍ଷ୍ମଦର୍ଶନ ଏଠାରେ ବ୍ୟକ୍ତ*

[୧] ଅଥବା : ପ୍ରତିଷ୍ଠା କରିଛନ୍ତି । [୨] କିଂବା : ରହସ୍ୟର ଗୁହା ମଧ୍ୟକୁ ।



*ହୋଇଛି ତାହା ଅତ୍ୟନ୍ତ ରହସ୍ୟବ୍ୟଞ୍ଜକ । ଯେଉଁମାନେ ଯୋଗସାଧକ ସେମାନେ ଅବଶ୍ୟ ବୁଝିପାରିବେ ଯେ ମିଥ୍ୟାରେ ଆଚ୍ଛନ୍ନ ପୃଥିବୀରେ ସ୍ୱର୍ଗୀୟ ବସ୍ତୁ ଯଦି କିଛି ଥାଏ ତାହା ହେଉଛି ସତ୍ୟ । ଏଣୁ ସତ୍ୟର ଆଧାର ଉପରେ ଅଗ୍ନି ସ୍ୱର୍ଗକୁ ଉନ୍ନତ ହୋଇ ଛିଡ଼ା ହୋଇଛନ୍ତି ।*

ପଦଟୀକା : କ୍ଷାମ୍ : ବିଶାମ୍

**ୟ ଈଂ ଚିକେତ ଗୁହା ଭବନ୍ତମା ୟଃ ସସାଦ ଧାରାମୃତସ୍ୟ ।**
**ବି ୟେ ଚୃତନ୍ତ୍ୟୃତା ସପନ୍ତଃ ଆଦିଦ୍ୱସୂନି ପ୍ର ବବାଚାସ୍ମୈ ।।୪।।**

*ୟଃ ଈମ୍ ଚିକେତ ଗୁହା ଭବନ୍ତମ୍ ଆ ୟଃ ସସାଦ ଧାରାମ୍ ଋତସ୍ୟ /*
*ବି ୟେ ଚୃତନ୍ତି ଋତା ସପନ୍ତଃ ଆତ୍ ଇତ୍ ବସୂନି ପ୍ର ବବାଚ ଅସ୍ମୈ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଯିଏ (ଅନ୍ତର୍ଯାଜ୍ଞିକ) ଗୁପ୍ତ ଗୁହା ମଧ୍ୟରେ ତାଙ୍କୁ (ଅଗ୍ନିଙ୍କୁ) ଜାଣିଛନ୍ତି [ୟଃ ଇମ୍ ଗୁହା ଭବନ୍ତମ୍ ଚିକେତ] ଯିଏ ସତ୍ୟର ଧାରା ମଧ୍ୟକୁ ଆସିଛନ୍ତି [ୟଃ ଋତସ୍ୟ ଧାରାମ୍ ଆ-ସସାଦ], ଯେଉଁମାନେ ସତ୍ୟର ସଂସ୍ପର୍ଶରେ ଆସନ୍ତି [ୟେ ଋତା ସପନ୍ତଃ] ଏବଂ ତାକୁ ପ୍ରଜ୍ୱଳିତ କରାନ୍ତି [ବି-ଚୃତନ୍ତି],— ସେପରି ବ୍ୟକ୍ତିଙ୍କୁ ସେ ଦିବ୍ୟ ସଂପଦରାଜିର ପ୍ରତିଶ୍ରୁତି ଦିଅନ୍ତି [ଆତ୍ ଇତ୍ ଅସ୍ମୈ ବସୂନି ପ୍ରବବାଚ] ।

*ଭାବାର୍ଥ : ଅଗ୍ନି ହେଉଛନ୍ତି ଦିବ୍ୟ-ଐଶ୍ୱର୍ଯ୍ୟ-ପ୍ରଦାତା । ସେହି ସଂପଦକୁ ସେ ଯେଉଁମାନଙ୍କୁ ବିତରଣ କରନ୍ତି ତାହାର ଯୋଗ୍ୟତା କ'ଣ ହେବା ଆବଶ୍ୟକ, ଏଠାରେ ତାହା ବ୍ୟକ୍ତ ହୋଇଛି ।*

**ବି ୟୋ ବୀରୁତ୍ସୁ ରୋଧନ୍ମହିତ୍ୱୋତ ପ୍ରଜା ଉତ ପ୍ରସୂଷ୍ୱନ୍ତଃ ।**
**ଚିତ୍ତିରପାଂ ଦମେ ବିଶ୍ୱାୟୁଃ ସଦ୍ମେବ ଧୀରାଃ ସଂମାୟ ଚକ୍ରୁଃ ।।୫।।**

*ବି ୟଃ ବୀରୁତ୍ସୁ ରୋଧତ୍ ମହିତ୍ୱା ଉତ ପ୍ରଜାଃ ଉତ ପ୍ରସୂଷୁ ଅନ୍ତଃ /*
*ଚିତ୍ତିଃ ଅପାମ୍ ଦମେ ବିଶ୍ୱ-ଆୟୁଃ ସଦ୍ମ-ଇବ ଧୀରାଃ ସମ୍-ମାୟ ଚକ୍ରୁଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ସେହି (ଅଗ୍ନି) ଯିଏକି ପୃଥିବୀରେ ବୃଦ୍ଧିଲାଭ କରୁଥିବା ସବୁରି ଭିତରେ [ୟଃ ବୀରୁତ୍‌ସୁ] ଏବଂ ଯାହା ଜନ୍ମଲାଭ କରିସାରିଛି ଓ ଯାହା ତଥାପି ମାତୃଗର୍ଭରେ ରହିଛି ଏ ଉଭୟ ଭିତରେ [ଉତ ପ୍ରଜାଃ ପ୍ରସୂଷୁ ଅନ୍ତଃ] ନିଜର ମହିମାକୁ

ବିସ୍ତାର କରି ରଖିଛନ୍ତି [ମହିତ୍ୱା ବିରୋଧାତ୍], ସେ ଦିବ୍ୟଚେତନା ରୂପକ ଜଳରାଶିର ଗୃହରେ ଦିବ୍ୟ ଜ୍ଞାନ [ଅପାମ୍ ଦମେ ଚିତ୍ତି] ଏବଂ ବିଶ୍ୱଜୀବନ ଅଟନ୍ତି [ବିଶ୍ୱାୟୁଃ]; ଭାବୁକ-ମାନେ ତାଙ୍କୁ କଳନା କରି ପାରିଛନ୍ତି [ଧୀରାଃ ସଂଭାୟ] ଏବଂ ଗୋଟିଏ ଭବନ ପରି ତାଙ୍କୁ ନିର୍ମାଣ କରିଛନ୍ତି [ସଦ୍ମ ଇବ ଚକ୍ରୁଃ] ।

*ଭାବାର୍ଥ : କୌଣସି ଭବନ ନିର୍ମାଣର ପଶ୍ଚାତରେ ନିର୍ମାତାଙ୍କର କାର୍ଯ୍ୟପ୍ରଣାଳୀ, କୌଶଳ, ଶ୍ରମ ଓ ନିଷ୍ଠା ଇତ୍ୟାଦି ଯେପରି ଥାଏ, ଏବଂ ସମଗ୍ର ଭବନଟି ନିର୍ମାତାଙ୍କର ସେହି ସମସ୍ତ ଅଧ୍ୟବସାୟର ଚିହ୍ନକୁ ବହନ କରି ରହିଥାଏ, ଠିକ୍ ସେହିପରି ଏହି ଜଗତରେ ଗୂଢ଼ ଭାଗବତ ଅଗ୍ନିର ମହିମା ପ୍ରକଟ ହୋଇଛି । ଯାହା ପୁଣି ଆଗକୁ ପ୍ରକଟ ହେବାକୁ ରହିଛି ତାହାକୁ ମଧ୍ୟ ସେ (ଅଗ୍ନି) ସମ୍ଭବ କରାଇବାକୁ ପ୍ରୟାସ କରୁଛନ୍ତି । ପ୍ରବୁଦ୍ଧ ବ୍ୟକ୍ତିଗଣ ଏହି ରହସ୍ୟକୁ ବୁଝିଥାନ୍ତି ଏବଂ ଏହି ଜଗତ୍-ସର୍ଜନାର ପରିପୂର୍ଣ୍ଣତା ଦିଗରେ ତାଙ୍କୁ (ଅଗ୍ନିଙ୍କୁ) ସେହିମାନେ ସହଯୋଗ କରି ପାରନ୍ତି ।*

ପଦଟୀକା : ପ୍ରସୂଷୁ : ପ୍ରସବକାରିଣୀଙ୍କ ମଧ୍ୟରେ

ସୂକ୍ତ : ୬୮ ।। ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ଦ୍ୱିପଦା ବିରାଟ୍

**ଶ୍ରୀଣନ୍ନୁପ ସ୍ଥାଦ୍ଦିବଂ ଭୁରଣ୍ୟୁଃ ସ୍ଥାତୁଶ୍ଚ ରଥମକ୍ତୂନ୍ବ୍ୟୂର୍ଣୋତ୍ ।**
**ପରି ଯଦେଷାମେକୋ ବିଶ୍ୱେଷାଂ ଭୁବଦ୍ଦେବୋ ଦେବାନାଂ ମହିତ୍ୱା ।।୧।।**

*ଶ୍ରୀଣନ୍ ଉପ ସ୍ଥାତ୍ ଦିବମ୍ ଭୁରଣ୍ୟୁଃ ସ୍ଥାତୁଃ ଚରଥମ୍ ଅକ୍ତୂନ୍ ବି-ଊର୍ଣୋତ୍ /*
*ପରି ଯତ୍ ଏଷାମ୍ ଏକଃ ବିଶ୍ୱେଷାମ୍ ଭୁବତ୍ ଦେବଃ ଦେବାନାମ୍ ମହିତ୍ୱା ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ବାହକ [ଭୁରଣ୍ୟୁଃ], ଜ୍ୱଳମାନ [ଶ୍ରୀଣନ୍], ସେହି ଅଗ୍ନି ସ୍ୱର୍ଗରେ [ଦିବମ୍] ଉପସ୍ଥିତ ହୁଅନ୍ତି [ଉପସ୍ଥାତ୍] । ସେ ରାତ୍ରିଗୁଡ଼ିକୁ [ଅକ୍ତୂନ୍] ନିରାବରଣ କରନ୍ତି [ବ୍ୟୂର୍ଣୋତ୍]; କାରଣ [ଯତ୍] ଏ ହେଉଛନ୍ତି ଏକମାତ୍ର ଦେବତା [ଏକଃ ଦେବଃ] ଯିଏକି ସ୍ୱୟଂ ଏହି ସମସ୍ତ ଦେବତାଙ୍କର [ଏଷାଂ ବିଶ୍ୱେଷାଂ ଦେବାନାମ୍] ମହିମାକୁ [ମହିତ୍ୱା] ପରିବ୍ୟାପ୍ତ କରି ରହିଛନ୍ତି [ପରି ଭୁବତ୍] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ଗୂଢ଼ ଭାଗବତ ଅଗ୍ନିଙ୍କର ମହାନ୍ ବ୍ୟକ୍ତିତ୍ୱ ଓ କାର୍ଯ୍ୟଗୁଡ଼ିକର ଅବତାରଣା କରିଛନ୍ତି । ସମର୍ପଣ ବଳରେ ଆମର ଅଭୀପ୍ସାଗ୍ନି ଊର୍ଦ୍ଧ୍ୱମୁଖୀ ହୋଇ ଅମର-ଜଗତ ସ୍ୱର୍ଗରେ ଯାଇ ପହଞ୍ଚିଥାଏ, ସେହି ଅଗ୍ନି ପୁଣି ମର୍ତ୍ତ୍ୟଜଗତବାସୀଙ୍କର ଅଜ୍ଞାନରାତ୍ରିକୁ ଅପସାରିତ କରନ୍ତି । ଏହି ଜଗତରେ ଯଦି ଦେବଗଣ ଆବିର୍ଭୂତ ହୁଅନ୍ତୁ ବୋଲି ଆମେ ଚାହୁଁ ତେବେ ଆମକୁ ଏହି ଅଗ୍ନିଙ୍କର ଉପାସନା କରିବାକୁ ହେବ । କାରଣ ସକଳ ଦେବତାଙ୍କ ମହିମାକୁ ଧାରଣ କରି ଏହି ଅଗ୍ନି ମର୍ତ୍ତ୍ୟଲୋକରେ ବିରାଜମାନ ।*



ପଦଟୀକା : ଭୁରଣ୍ୟୁଃ : ଧାରଣ ଓ ପୋଷଣ ଅର୍ଥରେ ଭୃ ଧାତୁରୁ କନ୍ୟୁଚ୍ ପ୍ରତ୍ୟୟ ଯୁକ୍ତ ।

**ଆଦିତ୍ତେ ବିଶ୍ୱେ କ୍ରତୁଂ ଜୁଷନ୍ତ ଶୁଷ୍କାଦ୍ୟଦ୍ଦେବ ଜୀବୋ ଜନିଷ୍ଠାଃ ।**
**ଭଜନ୍ତ ବିଶ୍ୱେ ଦେବତ୍ୱଂ ନାମ ଋତଂ ସପନ୍ତୋ ଅମୃତମେବୈଃ ।।୨।।**

*ଆତ୍ ଇତ୍ ତେ ବିଶ୍ୱେ କ୍ରତୁମ୍ ଜୁଷନ୍ତ ଶୁଷ୍କାତ୍ ଯତ୍ ଦେବ ଜୀବଃ ଜନିଷ୍ଠାଃ /*
*ଭଜନ୍ତ ବିଶ୍ୱେ ଦେବତ୍ୱମ୍ ନାମ ଋତମ୍ ସପନ୍ତଃ ଅମୃତମ୍ ଏବୈଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦେବ ! [ଦେବ] ଯେତେବେଳେ ତୁମେ [ଯତ୍] ଏକ ଶୁଷ୍କ ବସ୍ତୁରୁ [ଶୁଷ୍କାତ୍] ଜୀବନ୍ତ ସତ୍ତାର ସ୍ୱରୂପରେ [ଜୀବଃ] ଜନ୍ମଲାଭ କର [ଜନିଷ୍ଠାଃ], ସେତେବେଳେ [ଆତ୍] ପ୍ରକୃତରେ [ଇତ୍] ସମସ୍ତେ [ବିଶ୍ୱେ] ତୁମର କର୍ମଗତ ସଂକଳ୍ପରେ [ତେ କ୍ରତୁମ୍] ନିଯୁକ୍ତ ହୁଅନ୍ତି ବା ସେଥିରେ ଆନନ୍ଦରେ ଅଂଶଗ୍ରହଣ କରନ୍ତି [ଜୁଷନ୍ତ] । ସମସ୍ତେ [ବିଶ୍ୱେ] ପରମ ନାମକୁ ଆନନ୍ଦରେ ଭଜନ କରନ୍ତି [ଦେବତ୍ୱଂ ନାମ ଭଜନ୍ତଃ]; ଏବଂ ତୁମ କାର୍ଯ୍ୟର ଗତିଧାରା ମାଧ୍ୟମରେ [ଏବୈଃ] ସେମାନେ ସତ୍ୟକୁ [ଋତମ୍] ଓ ଅମୃତକୁ [ଅମୃତମ୍] ସ୍ପର୍ଶ କରନ୍ତି [ସପନ୍ତଃ] ।

*ଭାବାର୍ଥ : ଶୁଷ୍କ କାଷ୍ଠ ପାଇଲେ ଅଗ୍ନି ସହଜରେ ଜଳି ଉଠେ – ଏହା ଏକ ପ୍ରତୀକାତ୍ମକ କଥା : ବ୍ରହ୍ମନିଷ୍ଠ ଅକଳ୍ମଷ, ଅକଷାୟ ତପସ୍ୱୀର ଜୀବନକୁ ଆମେ ଶୁଷ୍କକାଷ୍ଠ ଅର୍ଥରେ ନେଇପାରିବା, ଯେଉଁଥିରେ ବାହ୍ୟତଃ ସାଧାରଣ ଆମୋଦପ୍ରମୋଦ ନ ଥାଏ । ବାସ୍ତବରେ ଏହି ଗୂଢ଼ ଜ୍ୟୋତିର୍ମୟ ଅଗ୍ନି ଏହିପରି ଏକ ମାର୍ଜିତ ଜୀବନରେହିଁ ପ୍ରଜ୍ୱଳିତ ହୋଇ ଉଠନ୍ତି । ଏବଂ ତାଙ୍କରି ମାଧ୍ୟମରେ ସଂସାରବାସୀଙ୍କ ଭିତରେ ଭଗବାନଙ୍କ ପ୍ରତି ବିଶ୍ୱାସ ଜନ୍ମେ, ଫଳରେ ଜଗତରେ କଲ୍ୟାଣକର କାର୍ଯ୍ୟ ସାଧିତ ହୁଏ ।*

**ଋତସ୍ୟ ପ୍ରେଷା ଋତସ୍ୟ ଧୀତିର୍ବିଶ୍ୱାୟୁର୍ବିଶ୍ୱେ ଅପାଂସି ଚକ୍ରୁଃ ।**
**ଯସ୍ତୁଭ୍ୟଂ ଦାଶାଦ୍ୟୋ ବା ତେ ଶିକ୍ଷାତ୍ତସ୍ମୈ ଚିକିତ୍ୱାନ୍ରୟିଂ ଦୟସ୍ୱ ।।୩।।**

*ଋତସ୍ୟ ପ୍ରେଷାଃ ଋତସ୍ୟ ଧୀତିଃ ବିଶ୍ୱାୟୁଃ ବିଶ୍ୱେ ଅପାଂସି ଚକ୍ରୁଃ /*
*ଯଃ ତୁଭ୍ୟମ୍ ଦାଶାତ୍ ଯଃ ତ୍ୱା ତେ ଶିକ୍ଷାତ୍ ତସ୍ମୈ ଚିକିତ୍ୱାନ୍ ରୟିମ୍ ଦୟସ୍ୱ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଅଗ୍ନି ହେଉଛନ୍ତି ସତ୍ୟ ପ୍ରତି ପ୍ରେରଣାଦାତା [ଋତସ୍ୟ ପ୍ରେଷାଃ], ସତ୍ୟର ଚିନ୍ତନ [ଋତସ୍ୟ ଧୀତିଃ], ବିଶ୍ୱଜୀବନ [ବିଶ୍ୱାୟୁଃ], ଯାହାଙ୍କ ବଳରେ ସମସ୍ତେ [ବିଶ୍ୱେ] ସକଳ କାର୍ଯ୍ୟ କରନ୍ତି [ଅପାଂସି ଚକ୍ରୁଃ] । ଯିଏ ତୁମକୁ ଦାନ କରେ [ୟେ ତୁଭ୍ୟଂ ଦାଶାତ୍], ଯିଏ ତୁମଠାରୁ କିଛି ଲାଭ କରେ ବା ଶିକ୍ଷା କରେ [ୟଃ ବା ତେ ଶିକ୍ଷାତ୍], ତାଙ୍କୁ ତୁମେ ଦିବ୍ୟ ଐଶ୍ୱର୍ଯ୍ୟ ଦାନ କରିଥାଅ [ତସ୍ମୈ ରୟିଂ ଦୟସ୍ୱ], କାରଣ, ତୁମେ ସେମାନଙ୍କର ଆତ୍ମଦାନକୁ ଜାଣ [(ତ୍ୱମ୍) ଚିକିତ୍ୱାନ୍] ।

*ଭାବାର୍ଥ : ଏହି ଜଗତ ମଧ୍ୟରେ ଗୂଢ଼ ସତ୍ୟମୟ ଅଗ୍ନିଙ୍କର ପ୍ରେରଣାରେ ବିଶ୍ୱରେ ସକଳ କାର୍ଯ୍ୟ ଚାଲିଛି । ମାନବ ମଧ୍ୟରେ ସତ୍ୟ ପ୍ରତି ସକଳ ପ୍ରେରଣା ତାଙ୍କରିଠାରୁହିଁ ଆସୁଛି । ମନୁଷ୍ୟ ଯଦି ନିଜର ସମସ୍ତ ଶକ୍ତି ସେଇ ଅଗ୍ନିଙ୍କ ମଧ୍ୟରେ ଉତ୍ସର୍ଗ କରିଦିଏ ତେବେ ଯଥାର୍ଥବିଦ୍ ଅଗ୍ନିଦେବ ଆମକୁ ଏପରି ଦିବ୍ୟଶକ୍ତି, ସାମର୍ଥ୍ୟ, ଜ୍ଞାନ ଇତ୍ୟାଦି ଦାନ କରନ୍ତି ଯାହାବଳରେ ଜୀବନ ଦିବ୍ୟ ହୋଇଉଠେ ।*

**ହୋତା ନିଷତ୍ତୋ ମନୋରପତ୍ୟେ ସ ଚିନ୍ନ୍ୱାସାଂ ପତୀ ରୟୀଣାମ୍ ।**
**ଇଚ୍ଛନ୍ତ ରେତୋ ମିଥସ୍ତନୂଷୁ ସଂ ଜାନତ ସ୍ୱୈର୍ଦକ୍ଷୈରମୂରାଃ ॥୪॥**

*ହୋତା ନି-ସତ୍ତଃ ମନୋଃ ଅପତ୍ୟେ ସଃ ଚିତ୍ ନୁ ଆସାମ୍ ପତିଃ ରୟୀଣାମ୍ /*
*ଇଚ୍ଛନ୍ତ ରେତଃ ମିଥଃ ତନୂଷୁ ସମ୍-ଜାନତ ସ୍ୱୈଃ ଦକ୍ଷୈଃ ଅମୂରାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେଇ  ଅଗ୍ନି ମାନବସନ୍ତାନଙ୍କ ମଧ୍ୟରେ ଆସୀନ ହୋଇ [ମନୋଃ ଅପତ୍ୟେ ନିଷତ୍ତଃ] ଯଜ୍ଞର ଦେବାହ୍ୱାନକାରୀ ଯାଜକ ଅଟନ୍ତି [ହୋତା] : ସେ ମଧ୍ୟ ଯଥାର୍ଥରେ [ସଃ ଚିତ୍ ନୁ] ଏହି ସକଳ ସଂପଦର ପତି [ଆସାଂ ରୟୀଣାଂ ପତିଃ] । ସେମାନେ (ମେଧାବିଗଣ) ପରସ୍ପରର ଦେହରେ ବୀଜର କାମନା କରନ୍ତି [ଅମୂରାଃ ମିଥଃ ତନୂଷୁ ରେତଃ ଇଚ୍ଛନ୍ତଃ]; ସେମାନେ ନିଜର ବିବେଚନାଦକ୍ଷ ଜ୍ଞାନ ବଳରେ [ସ୍ୱୈଃ ଦକ୍ଷୈଃ] ପୂର୍ଣ୍ଣଭାବରେ ତୁମକୁ ଜାଣନ୍ତି [ସଂଜାନତ] ।

*ଭାବାର୍ଥ : ମନୁଷ୍ୟର ଅନ୍ତର-ଗୁହାରେ ଗୂଢ଼ ଅଗ୍ନିଙ୍କର ସ୍ଥାନ ବୋଲି ଏଠାରେ ସ୍ପଷ୍ଟ କୁହାଯାଇଛି । ମୁଖ୍ୟତଃ ଅଗ୍ନିହୋତା ସାଧକଗଣଙ୍କର ପ୍ରକୃତ ମନୋଭାବ କ'ଣ, ତାହା ଏଠାରେ ଫୁଟିଉଠିଛି । ଅଗ୍ନି ଯେ ପ୍ରତ୍ୟେକଙ୍କ ମଧ୍ୟରେ ଜୀବନର ମୂଳ ମଞ୍ଜି ରୂପରେ ବିରାଜମାନ, ତାହା ବୁଝି ଆମେ ପରସ୍ପର ମଧ୍ୟରେ ତାଙ୍କୁହିଁ କାମନା କରିବା, ଯାହା ଫଳରେ ସେ ତାଙ୍କର ପୂର୍ଣ୍ଣ ଜ୍ୱାଳାରେ ସଂସାରରେ ତେଜିଉଠିବେ ।*



**ପିତୁର୍ନ ପୁତ୍ରାଃ କ୍ରତୁଂ ଜୁଷନ୍ତ ଶ୍ରୋଷନ୍ୟେ ଅସ୍ୟ ଶାସଂ ତୁରାସଃ ।**
**ବି ରାୟ ଔର୍ଣୋଦ୍ଦୁରଃ ପୁରୁକ୍ଷୁଃ ପିପେଶ ନାକଂ ସ୍ତୃଭିର୍ଦମୁନାଃ ॥୫॥**

*ପିତୁଃ ନ ପୁତ୍ରାଃ କ୍ରତୁମ୍ ଜୁଷନ୍ତ ଶ୍ରୋଷନ୍ ୟେ ଅସ୍ୟ ଶାସମ୍ ତୁରାସଃ /*
*ବି ରାୟଃ ଔର୍ଣୋତ୍ ଦୁରଃ ପୁରୁକ୍ଷୁଃ ପିପେଶ ନାକମ୍ ସ୍ତୃଭିଃ ଦମୂନାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେଉଁମାନେ ତାଙ୍କର ଉପଦେଶକୁ ଶ୍ରବଣ କରନ୍ତି [ୟେ ଅସ୍ୟ ଶାସଂ ଶ୍ରୋଷନ୍], ଯେଉଁମାନେ ଯାତ୍ରା ପାଇଁ ସତ୍ୱର [ତୁରାସଃ] ପୁତ୍ରମାନେ ପିତାଙ୍କ ଇଚ୍ଛାକୁ ପୂରଣ କରିବା ପରି [ପୁତ୍ରଃ ପିତୁଃ କ୍ରତୁଂ ନ] ତାଙ୍କର (ଅଗ୍ନିଙ୍କର) ଉଦ୍ଦେଶ୍ୟ ସାଧନରେ (ସେମାନେ) ଆନନ୍ଦରେ ବ୍ରତୀ ହୋଇଥାନ୍ତି [ଜୁଷନ୍ତ] । ସେ ବିବିଧ ସଂପଦର ଗୃହଭୂତ ଅଟନ୍ତି [ପୁରୁକ୍ଷୁଃ ରାୟଃ] ଏବଂ ଧନଭଣ୍ଡାରର ଦ୍ୱାରଗୁଡ଼ିକୁ ବିସ୍ତୃତ କରିଦିଅନ୍ତି [ଦୁରଃ ବ୍ୟୌର୍ଣୋତ୍] । ସେ (ଅଗ୍ନି) ଆମର ଅନ୍ତଃଗୃହବାସୀ ଅଟନ୍ତି [ଦମୁନାଃ] ଯିଏ ନକ୍ଷତ୍ରରାଜିରେ ସ୍ୱର୍ଲୋକକୁ ରଚନା କରିଛନ୍ତି [ସ୍ତୃଭିଃ ନାକଂ ପିପେଶ] ।

*ଭାବାର୍ଥ : ବିଶ୍ୱମୟ ଏହି ଅଗ୍ନି ଯେ କେବଳ ପୃଥିବୀର ବିଧାତା, ତାହା ନୁହେଁ ସେ ମଧ୍ୟ ଏହାର ଊର୍ଦ୍ଧ୍ୱରେ ଗ୍ରହ, ନକ୍ଷତ୍ର ଓ ତାରକାପୁଞ୍ଜର ଉଜ୍ଜ୍ୱଳ ଆକାଶକୁ ରଚନା କରିଛନ୍ତି । ଆମେ ଆନନ୍ଦରେ ସ୍ୱୟଂପ୍ରେରଣାରେ ଏହି ବିଶ୍ୱମୟ ଅଗ୍ନିଙ୍କର ଇଚ୍ଛାପୂରଣ କରିବାକୁ ଆମର ଚେତନାଗତ ଆରୋହଣର ଯାତ୍ରା ଆରମ୍ଭ କରିବା ବିଧେୟ ।*

ପଦଟୀକା : ନାକମ୍ : ସ୍ୱର୍ଗମ୍

ସୂକ୍ତ : *୬୯* ॥ ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ଦ୍ୱିପଦା ବିରାଟ୍

**ଶୁକ୍ରଃ ଶୁଶୁକ୍ୱାଁ ଉଷୋ ନ ଜାରଃ ପପ୍ରା ସମୀଚୀ ଦିବୋ ନ ଜ୍ୟୋତିଃ ।**
**ପରି ପ୍ରଜାତଃ କ୍ରତ୍ୱା ବଭୂଥ ଭୁବୋ ଦେବାନାଂ ପିତା ପୁତ୍ରଃ ସନ୍ ॥୧॥**

*ଶୁକ୍ରଃ ଶୁଶୁକ୍ୱାନ୍ ଉଷଃ ନ ଜାରଃ ପପ୍ରା ସମ୍-ଇଚୀ ଦିବଃ ନ ଜ୍ୟୋତିଃ /*
*ପରି ପ୍ର-ଜାତଃ କ୍ରତ୍ୱା ବଭୂଥ ଭୁବଃ ଦେବାନାମ୍ ପିତା ପୁତ୍ରଃ ସନ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି, ତୁମେ ଏପରି ଶୁଭ୍ର-ରୂପରେ ଦେଦୀପ୍ୟମାନ [ଶୁକ୍ରଃ ଶୁଶୁକ୍ୱାନ୍] ସତେ ଯେପରି ତୁମେ ଉଷାର ପ୍ରେମିକ ସୂର୍ଯ୍ୟ [ଉଷଃ ଜାରଃ ନ],

ଦ୍ୟୁଲୋକର ଜ୍ୟୋତି ଭଳି [ଦିବଃ ଜ୍ୟୋତିଃ ନ] ତୁମେ ଦୁଇଟି ସମାନ ଜଗତକୁ[୧] ପରିପୂର୍ଣ୍ଣ କରିଅଛ [ପପ୍ରା ସମୀଚୀ], ତୁମେ ଆମର ସଂକଳ୍ପରୁ ଜାତ ହୋଇଛ [କ୍ରତ୍ୱା ପ୍ରଜାତଃ] ଏବଂ ଆମର ଚତୁଃପାର୍ଶ୍ୱରେ ବିରାଜମାନ ରହିଛ [ପରି ବଭୂବ], ତୁମେ ହୋଇଛ ଦେବଗଣଙ୍କର ପିତା [ଦେବାନାଂ ପିତା ଭୁବଃ], ତୁମେହିଁ ଦିବ୍ୟପୁତ୍ର [ପୁତ୍ରଃ ସନ୍] ।

*ଭାବାର୍ଥ : ଉଷାର ପ୍ରେମିକ ହେଉଛନ୍ତି ସୂର୍ଯ୍ୟ । ସୂର୍ଯ୍ୟ ଯେପରି ଭୌତିକ ଜଗତରେ ଜ୍ୟୋତିଷ୍ମାନ୍ ସେହିପରି ଋଷି ଏଠାରେ ବିଶ୍ୱକୁ ନିତ୍ୟ ଜାଗ୍ରତ କରାଉଥିବା ଭାସ୍ୱର ଗୂଢ଼ ଅଗ୍ନିଙ୍କୁ ଦର୍ଶନ କରିଛନ୍ତି । ପୁଣି, ସିଏ ଦେବତାମାନଙ୍କର ପିତା ଅର୍ଥାତ୍, ସାଧକ ମଧ୍ୟରେ ସତ୍ୟ-ଚେତନାର ବିକାଶ ଘଟିଲେ ଅକ୍ଷୟ ଶକ୍ତି, ଅନିନ୍ଦ୍ୟ ସୌନ୍ଦର୍ଯ୍ୟ, ଅଜେୟ ପରାକ୍ରମ ଓ ଅମର ଆନନ୍ଦ ସହ ଅମରତ୍ୱ ପ୍ରାପ୍ତ ହୋଇଥାଏ । ଏହାକୁ ଆମେ ମନୁଷ୍ୟ ମଧ୍ୟରେ ଦେବତ୍ୱର ଅଭିବ୍ୟକ୍ତି ବୋଲି କହିପାରିବା । ସାଧକ ମଧ୍ୟରେ ଅଗ୍ନି ଏହା ସମ୍ଭବ କରାଉଥିବାରୁ ସେ ଦେବଗଣଙ୍କର ପିତା । ପୁଣି ସେ ଆମ ମଧ୍ୟରୁ ଅଭିବ୍ୟକ୍ତ ଲାଭକରୁଥିବାରୁ ସେ ଆମମାନଙ୍କର ପୁତ୍ର ମଧ୍ୟ ଅଟନ୍ତି ।*

**ବେଧା ଅଦୃପ୍ତୋ ଅଗ୍ନିର୍ବିଜାନନ୍ନୂଧର୍ନ ଗୋନାଂ ସ୍ୱାଦ୍ମା ପିତୂନାମ୍ ।**
**ଜନେ ନ ଶେବ ଆହୂର୍ୟଃ ସନ୍ମଧ୍ୟେ ନିଷତ୍ତୋ ରଣ୍ୱୋ ଦୁରୋଣେ ॥୨॥**

*ବେଧାଃ ଅଦୃପ୍ତଃ ଅଗ୍ନିଃ ବି-ଜାନନ୍ ଊଧଃ ନ ଗୋନାମ୍ ସ୍ୱାଦ୍ମ ପିତୂନାମ୍ /*
*ଜନେ ନ ଶେବଃ ଆହୂର୍ୟଃ ସନ୍ ମଧ୍ୟେ ନି-ସତ୍ତଃ ରଣ୍ୱଃ ଦୁରୋଣେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଅଗ୍ନି କୌଣସି ଗର୍ବିତ ନ ହୋଇ [ଅଗ୍ନିଃ ଅଦୃପ୍ତଃ] ଏକାଧାରରେ ଜ୍ଞାନବାନ୍ ଓ ସ୍ରଷ୍ଟା [ବିଜାନନ୍ ବେଧାଃ][୨]; ସେ ଦିବ୍ୟାଲୋକରୂପକ ଗାଈମାନଙ୍କର ଚିର ଭଳି [ଗୋନାମ୍ ଊଧଃ ନ], ସୋମରସମାନଙ୍କର [ପିତୂନାମ୍] ମାଧୁର୍ଯ୍ୟଦାତା [ସ୍ୱାଦ୍ମ][୩] । ମାନବ ମଧ୍ୟରେ ସେ ଆନନ୍ଦ ସଦୃଶ [ଜନେ ଶେବଃ ନ], ଆମ ଅନ୍ତର ମଧ୍ୟକୁ ସେ ଆହ୍ୱାନଯୋଗ୍ୟ ଅଟନ୍ତି [ଆହୂର୍ୟଃ ସନ୍]; ସେ ହର୍ଷୋତ୍‌ଫୁଲ୍ଲ ହୋଇ [ରଣ୍ୱଃ] ଗୃହ ମଧ୍ୟରେ [ଦୁରୋଣେ ମଧ୍ୟେ] ଉପବେଶନ କରିଛନ୍ତି [ନିଷତ୍ତଃ] ।

*ଭାବାର୍ଥ : ଭୌତିକ ଓ ଅତିଭୌତିକ ସକଳ ବସ୍ତୁର ସାରତମ ସତ୍ତାରୂପରେ, ସ୍ରଷ୍ଟା ଓ ବ୍ୟବସ୍ଥାପକ ରୂପରେ ଅଗ୍ନି ସର୍ବଗତ ହୋଇ ରହିଥିବା କଥା ଏଠାରେ ଉଲ୍ଲେଖ*

[୧] ବା, ସ୍ୱର୍ଗ-ମର୍ତ୍ତ୍ୟ ଉଭୟକୁ । [୨] କିଂବା, ବସ୍ତୁସକଳର ବ୍ୟବସ୍ଥାପକ ।
[୩] ଅଥବା, ଯିଏ ସବୁପ୍ରକାର ଅନ୍ନର ସ୍ୱାଦୁ ଆସ୍ୱାଦନ କରନ୍ତି ।



*କରାଯାଇଛି । ଏତେସବୁ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ମଧ୍ୟ ସେ ଗର୍ବଶୂନ୍ୟ ଓ ଜ୍ଞାନବାନ୍ ଅଟନ୍ତି ଏବଂ ଏହାହିଁ ତାଙ୍କର ଐଶ୍ୱର୍ଯ୍ୟବତ୍ତାର କାରଣ ।*

**ପୁତ୍ରୋ ନ ଜାତୋ ରଣ୍ୱୋ ଦୁରୋଣେ ବାଜୀ ନ ପ୍ରୀତୋ ବିଶୋ ବି ତାରୀତ୍ ।**
**ବିଶୋ ଯଦହ୍ୱେ ନୃଭିଃ ସନୀଳା ଅଗ୍ନିର୍ଦେବତ୍ୱା ବିଶ୍ୱାନ୍ୟଶ୍ୟାଃ ॥୩॥**

*ପୁତ୍ରଃ ନ ଜାତଃ ରଣ୍ୱଃ ଦୁରୋଣେ ବାଜୀ ନ ପ୍ରୀତଃ ବିଶଃ ବି ତାରୀତ୍ /*
*ବିଶଃ ଯତ୍ ଅହ୍ୱେ ନୃଭିଃ ସନୀଳାଃ ଅଗ୍ନିଃ ଦେବତ୍ୱା ବିଶ୍ୱାନି ଅଶ୍ୟାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମ ନିବାସ ମଧ୍ୟରେ [ଦୁରୋଣେ] ଆନନ୍ଦଦାୟକ ପୁତ୍ର ପରି [ପୁତ୍ରଃ ନ] ସେ ଆମଠାରେ ଜନ୍ମ ନେଇଛନ୍ତି [ଜାତଃ]; ସନ୍ତୁଷ୍ଟ ବେଗଶାଳୀ ଅଶ୍ୱ ପରି [ପ୍ରୀତଃ ବାଜୀ ନ] ସେ ପ୍ରଜାମାନଙ୍କୁ [ବିଶଃ] ସଂଗ୍ରାମ ମଧ୍ୟରେ ସୁରକ୍ଷିତ ଭାବରେ ଅତିକ୍ରମ କରାଇନିଅନ୍ତି [ବିତାରୀତ୍]; ଯେତେବେଳେ [ଯତ୍] ଦେବଗଣଙ୍କ* ସହ ଏକତ୍ର ବାସ କରୁଥିବା [ନୃଭିଃ ସନୀଳାଃ] ସତ୍ତାମାନଙ୍କୁ [ବିଶଃ] ମୁଁ ଆହ୍ୱାନ କରେ [ଅହ୍ୱେ], ସେତେବେଳେ ଅଗ୍ନି [ଅଗ୍ନିଃ] ସକଳ ଦେବତ୍ୱକୁ [ବିଶ୍ୱାନି ଦେବତ୍ୱା] ପ୍ରାପ୍ତ ହୁଅନ୍ତି [ଅଶ୍ୟାଃ] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷିଙ୍କର ଏକ ସୂକ୍ଷ୍ମଦର୍ଶନର ବିଷୟବସ୍ତୁ ପ୍ରକାଶ ପାଇଥିବାର ମନେ ହୁଏ : ସେ ଯେତେବେଳେ ନିଜ ସାଧନାରେ ବିଶ୍ୱ ସହ ଏକାତ୍ମ ହୋଇ ବିଶ୍ୱବ୍ୟାପକ ସତ୍ତାମାନଙ୍କୁ (ସେମାନେ ଦେବତା ବା ମାନବ ହୋଇପାରନ୍ତି) ଆହ୍ୱାନ କରନ୍ତି, ସେତେବେଳେ ସେ ଦେଖନ୍ତି ସେହିସବୁ ସତ୍ତା ହେଉଛନ୍ତି ସେହି ବିଶ୍ୱମୟ ବିରାଟ ଅଗ୍ନିଙ୍କର ଗୋଟିଏ ଗୋଟିଏ ଅଂଶ-ବିଗ୍ରହ – ନାମତଃ କେବଳ ପାର୍ଥକ୍ୟ ରହିଛି ।*

**ନକିଷ୍ଟ ଏତା ବ୍ରତା ମିନନ୍ତି ନୃଭ୍ୟୋ ଯଦେଭ୍ୟଃ ଶ୍ରୁଷ୍ଟିଂ ଚକର୍ଥ ।**
**ତତ୍ତୁ ତେ ଦଂସୋ ଯଦହନ୍ତ୍ସମାନୈର୍ନୃଭିର୍ଯଦ୍ୟୁକ୍ତୋ ବିବେ ରପାଂସି ॥୪॥**

*ନକିଃ ତେ ଏତା ବ୍ରତା ମିନନ୍ତି ନୃଭ୍ୟଃ ଯତ୍ ଏଭ୍ୟଃ ଶ୍ରୁଷ୍ଟିମ୍ ଚକର୍ଥ /*
*ତତ୍ ତୁ ତେ ଦଂସଃ ଯତ୍ ଅହନ୍ ସମାନୈଃ ନୃଭିଃ ଯତ୍ ଯୁକ୍ତଃ ବିବେଃ ରପାଂସି ॥*

* ଅଥବା, ମାନବଙ୍କ ।

ଶ୍ରୀଅରବିନ୍ଦକୃତ ଅର୍ଥ : ଯେତେବେଳେ [ଯତ୍] ତୁମେ ଏହି ଦେବଗଣଙ୍କ ନିମିତ୍ତ[୧] [ଏଭ୍ୟଃ ନୃଭ୍ୟଃ] ଅନ୍ତଃଶ୍ରବଣଜାତ ଜ୍ଞାନକୁ [ଶ୍ରୁଷ୍ଟିମ୍] ରଚନା କର [ଚକର୍ଥ] ସେତେବେଳେ ତୁମର ସେହି କାର୍ଯ୍ୟଧାରାକୁ [ତେ ଏତା ବ୍ରତା] କେହି ମଧ୍ୟ ବିରୋଧ କରିପାରିବ ନାହିଁ [ନକିଃ ମିନନ୍ତି] । ହେ ଅଗ୍ନି, ତାହାହିଁ ତୁମର କର୍ମ [ତତ୍ ତୁ ତେ ଦଂସଃ] ଯାହା [ଯତ୍] ଦେବଗଣଙ୍କ ସହ ଯୁକ୍ତ ହୋଇ [ନୃଭିଃ ସମାନୈଃ ଯୁକ୍ତଃ] ବିରୋଧିଶକ୍ତିଙ୍କୁ [ରପାଂସି] ଆଘାତ କରୁଛ[୨] [ଅହନ୍] ଆହୁରି ମଧ୍ୟ ସେମାନଙ୍କୁ ବିକ୍ଷିପ୍ତ କରିଦେଉଛ [ବିବେଃ] ।

*ଭାବାର୍ଥ : ଯେଉଁ କର୍ମ କରିବାକୁ ଆମକୁ ଆନ୍ତର ନିର୍ଦ୍ଦେଶ ମିଳିଥାଏ ତାହା ନିଶ୍ଚୟ ସିଦ୍ଧ ହୁଏ । ସେହି କାର୍ଯ୍ୟର ପ୍ରଗତିରେ ସାମୟିକ ଭାବେ କିଛି ବାଧା ଆସିପାରେ, କିନ୍ତୁ ତାହା ନିଶ୍ଚିତ ଭାବରେ ଦୂର ହୁଏ ଏବଂ ବିନଷ୍ଟ ହୁଏ । କାରଣ କାର୍ଯ୍ୟଟିରେ ଥାଏ ଅଗ୍ନିଙ୍କର ଅନୁମୋଦନ, ଏବଂ ଅଗ୍ନିଦେବ କର୍ମୀଙ୍କର ଅନ୍ତର୍ଗତ ହୋଇ ସ୍ୱୟଂ କର୍ମ କରୁଥାନ୍ତି – ଆହୁରି ମଧ୍ୟ ସେହି ଅଗ୍ନିହିଁ ଏହି ପ୍ରତିକୂଳ ଶକ୍ତିର ବିରୋଧରେ ସଂଗ୍ରାମ କରନ୍ତି ।*

**ଉଷୋ ନ ଜାରୋ ବିଭାବୋସ୍ରଃ ସଂଜ୍ଞାତରୂପଶ୍ଚିକେତଦସ୍ମୈ ।**
**ତ୍ମନା ବହନ୍ତୋ ଦୁରୋ ବ୍ୟୃଣ୍ୱନ୍ନବନ୍ତ ବିଶ୍ୱେ ସ୍ୱର୍ଦୃଶୀକେ ॥୫॥**

*ଉଷଃ ନ ଜାରଃ ବିଭାବା ଉସ୍ରଃ ସଂଜ୍ଞାତ-ରୂପଃ ଚିକେତତ୍ ଅସ୍ମୈ /*
*ତ୍ମନା ବହନ୍ତଃ ଦୁରଃ ବି ଋଣ୍ୱନ୍ ନବନ୍ତ ବିଶ୍ୱେ ସ୍ୱଃ ଦୃଶୀକେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ (ଅଗ୍ନି) ଏପରି ପ୍ରଭାଶାଳୀ [ବିଭାବା] ଓ ତେଜୋମୟ [ଉସ୍ରଃ] ଯେ, ସେ ଯେପରି ଉଷାଦେବୀଙ୍କର ପ୍ରେମିକ [ଉଷଃ ଜାରଃ ନ] । ଏହି ମନୁଷ୍ୟ ପାଇଁ [ଅସ୍ମୈ] ତାଙ୍କର (ଅଗ୍ନିଙ୍କର) ସ୍ୱରୂପ ଜ୍ଞାତ ହେଉ [ସଂଜ୍ଞାତ-ରୂପଃ] ଏବଂ ସେ (ମନୁଷ୍ୟ) ଜ୍ଞାନର ଦିଗରେ ଜାଗ୍ରତ ହୋଇଉଠୁ [ଚିକେତତ୍], ସମସ୍ତେ [ବିଶ୍ୱେ] ତାଙ୍କୁ ନିଜନିଜ ଅନ୍ତରରେ ଧାରଣ କରନ୍ତୁ [ତ୍ମନା ବହନ୍ତଃ], ଦ୍ୱାରଗୁଡ଼ିକୁ [ଦୁରଃ] ବିସ୍ତୀର୍ଣ୍ଣ ଭାବରେ ଖୋଲି ଦିଅନ୍ତୁ [ବ୍ୟୃଣ୍ୱନ୍], ସତ୍ୟସୂର୍ଯ୍ୟମଣ୍ଡଳର ଦର୍ଶନ ଦିଗରେ [ସ୍ୱଃ ଦୃଶୀକେ] ଗତି କରନ୍ତୁ[୩] [ନବନ୍ତ] ।

*ଭାବାର୍ଥ : ସୂକ୍ତର ଏହି ଅନ୍ତିମ ମନ୍ତ୍ରରେ ସମଗ୍ର ମନୁଷ୍ୟଜାତିର ବିକାଶ ପାଇଁ ଋଷି ଅନେକ ଶୁଭାଭିଳାଷ ପୋଷଣ କରିଛନ୍ତି । ଏହାର ଅର୍ଥ ଏତେ ସ୍ପଷ୍ଟ ଓ ହୃଦୟସ୍ପର୍ଶୀ ଯେ, ମନୁଷ୍ୟର ଚେତନାର ଊର୍ଦ୍ଧ୍ୱାରୋହଣ ପାଇଁ ଏକ ଶୁଦ୍ଧ ଶକ୍ତିଶାଳୀ ଅଭୀପ୍ସା ଜାଗ୍ରତ କରୁଛି ।*

[୧] ଅଥବା, ଏହି ଦିବ୍ୟ ମାନବଗଣଙ୍କ ନିମିତ୍ତ । [୨] ଅଥବା, ତୁମେ ବିନାଶ କରୁଛ ।
[୩] ଅଥବା, ସତ୍ୟସୂର୍ଯ୍ୟଙ୍କ ଦର୍ଶନ ପାଇଁ ଆସନ୍ତୁ ।



ସୂକ୍ତ : ୭୦ ॥ ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ଦ୍ୱିପଦା ବିରାଟ୍

**ବନେମ ପୂର୍ବୀରର୍ଯୋ ମନୀଷା ଅଗ୍ନିଃ ସୁଶୋକୋ ବିଶ୍ୱାନ୍ୟଶ୍ୟାଃ ।**
**ଆ ଦୈବ୍ୟାନି ବ୍ରତା ଚିକିତ୍ୱାନା ମାନୁଷସ୍ୟ ଜନସ୍ୟ ଜନ୍ମ ॥୧॥**

*ବନେମ ପୂର୍ବୀଃ ଅର୍ଯଃ ମନୀଷା ଅଗ୍ନିଃ ସୁଶୋକଃ ବିଶ୍ୱାନି ଅଶ୍ୟାଃ /*
*ଆ ଦୈବ୍ୟାନି ବ୍ରତା ଚିକିତ୍ୱାନ୍ ଆ ମାନୁଷସ୍ୟ ଜନସ୍ୟ ଜନ୍ମ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମେ ଅନେକ ଦିବ୍ୟ ସମ୍ପଦକୁ [ପୂର୍ବୀଃ] ଜୟକରୁ [ବନେମ]; ନିଜ ଆଲୋକ ସହ ଉନ୍ନତ ହୋଇ ପ୍ରଜ୍ୱଳିତ [ସୁଶୋକଃ] ଚିନ୍ତାଶୀଳ ମନ ଦ୍ୱାରା ସ୍ୱାମୀ [ମନୀଷା ଅର୍ଯଃ] ଗୂଢ଼ ଅଗ୍ନି [ଅଗ୍ନିଃ] ସେହି ସକଳ ବସ୍ତୁର (ସଂପଦର) [ବିଶ୍ୱାନି] ଅଧିକାରୀ ହୁଅନ୍ତୁ [ଅଶ୍ୟାଃ], ଏ ସେହି ଅଗ୍ନି, ଯେ' କି ଦିବ୍ୟ କ୍ରିୟାର ବିଧାନ ଜାଣନ୍ତି [ଦୈବ୍ୟାନି ବ୍ରତା ଆ-ଚିକିତ୍ୱାନ୍] ଏବଂ ମାନବ ବ୍ୟକ୍ତିର [ମାନୁଷସ୍ୟ ଜନସ୍ୟ] ଜନ୍ମକୁ ଜାଣନ୍ତି [ଜନ୍ମ (ଆ-ଚିକିତ୍ୱାନ୍)]

*ଭାବାର୍ଥ : ଏହି ମନ୍ତ୍ରରେ କର୍ମଯୋଗର ରହସ୍ୟ ବ୍ୟକ୍ତ ହୋଇଛି । ଜଣେ ସତ୍ୟସଂକଳ୍ପବାନ୍ ସମର୍ଥ କର୍ମୀ ନିଜର ନିଷ୍ଠାପର ଅଧ୍ୟବସାୟ ଦ୍ୱାରା ଅନେକ ମହତ୍ତ୍ୱପ୍ରଦାୟକ ଯଶଃ, ସଂପଦ, ରାଜ୍ୟାଦି ଜୟ କରିପାରେ । କିନ୍ତୁ ଯଦି ସେ ଜ୍ଞାନବାନ୍ ନିରହଂକାର କର୍ମୀ ହୋଇଥାଏ ତେବେ ସ୍ୱଭାବତଃ ସେ ବିନମ୍ର ହୁଏ ଓ ତା'ର ଚେତନା ଉଚ୍ଚତର ସତ୍ୟଶକ୍ତି ଦିଗରେ ଉନ୍ମୁକ୍ତ ଥାଏ । ଏହି କ୍ଷେତ୍ରରେ ତା'ର ସକଳ ବିଜିତ ସଂପଦର ପ୍ରକୃତ ଅଧିକାରୀ ହୋଇ ଉଠନ୍ତି ସଚ୍ଚିଦାନନ୍ଦମୟ ପରମ ପ୍ରଭୁଙ୍କର ପ୍ରତିଭୂ ଅଗ୍ନିଦେବ ।*

**ଗର୍ଭୋ ଯୋ ଅପାଂ ଗର୍ଭୋ ବନାନାଂ ଗର୍ଭଶ୍ଚ ସ୍ଥାତାଁ ଗର୍ଭଶ୍ଚରଥାମ୍ ।**
**ଅଦ୍ରୌ ଚିଦସ୍ମା ଅନ୍ତର୍ଦୁରୋଣେ ବିଶାଂ ନ ବିଶ୍ୱୋ ଅମୃତଃ ସ୍ୱାଧୀଃ ॥୨॥**

*ଗର୍ଭଃ ଯଃ ଅପାମ୍ ଗର୍ଭଃ ବନାନାମ୍ ଗର୍ଭଃ ଚ ସ୍ଥାତାମ୍ ଗର୍ଭଃ ଚରଥାମ୍ /*
*ଅଦ୍ରୌ ଚିତ୍ ଅସ୍ମୈ ଅନ୍ତଃ ଦୁରୋଣେ ବିଶାମ୍ ନ ବିଶ୍ୱଃ ଅମୃତଃ ସୁ-ଆଧୀଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେହି ଅଗ୍ନି [ଯଃ] ଜଳଗୁଡ଼ିକର ଶିଶୁ [ଅପାଂ ଗର୍ଭଃ], ବନଗୁଡ଼ିକର ଶିଶୁ [ବନାନାଂ ଗର୍ଭଃ], ସ୍ଥାବର ବସ୍ତୁମାନଙ୍କର ଶିଶୁ [ସ୍ଥାତାଂ ଗର୍ଭଃ]

ଗମନଶୀଳ ବସ୍ତୁମାନଙ୍କର ଶିଶୁ [ଚରଥାମ୍ ଗର୍ଭଃ] । ଏପରିକି ପଥରରେ ମଧ୍ୟ [ଅଦ୍ରୌ ଚିତ୍] ସେ ମନୁଷ୍ୟ ପାଇଁ ବିଦ୍ୟମାନ [ଅସ୍ମୈ], ଗୃହର ମଧ୍ୟଭାଗରେ ସେ ବିଦ୍ୟମାନ [ଦୁରୋଣେ ଅନ୍ତଃ],– ସୃଷ୍ଟିଗତ ସକଳଙ୍କ ମଧ୍ୟରେ [ବିଶାମ୍] ସେ ବିଶ୍ୱାତ୍ମକ ଭାବରେ ଏକ ହୋଇ ବିରାଜିତ [ବିଶ୍ୱଃ ନ], ସେ ଅମର [ଅମୃତ], ତଥା ପରିପୂର୍ଣ୍ଣ ଚିନ୍ତକ ଅଟନ୍ତି [ସ୍ୱାଧୀଃ] ।

*ଭାବାର୍ଥ : ଆପଃ – ଚିନ୍ମୟ ସତ୍ୟର ପ୍ରତୀକ; ବନ – ଆନନ୍ଦର ପ୍ରତୀକ; ଗର୍ଭ (ଶିଶୁ) – ବିକାଶଶୀଳ ସତ୍ୟଚେତନାର ପ୍ରତୀକ । ଏହି ପ୍ରତୀକାତ୍ମକ ଅର୍ଥକୁ ନେଇ ଦେଖିଲେ ଏହି ମନ୍ତ୍ରର ଉକ୍ତି ହେଉଛି : ସୂକ୍ଷ୍ମ ଓ ସ୍ଥୂଳ ସକଳ ବସ୍ତୁର ଅନ୍ତର୍ଗତ ଦିବ୍ୟ ଅଭୀପ୍ସାରୂପରେ ଓ ବିକାଶଶୀଳ ବାହ୍ୟସତ୍ତା ରୂପରେ ଅଗ୍ନି ବିରାଜମାନ ।*

**ସ ହି କ୍ଷପାବାଁ ଅଗ୍ନୀ ରୟୀଣାଂ ଦାଶଦ୍ୟୋ ଅସ୍ମା ଅରଂ ସୂକ୍ତୈଃ ।**
**ଏତା ଚିକିତ୍ୱୋ ଭୂମା ନି ପାହି ଦେବାନାଂ ଜନ୍ମ ମର୍ତାଁଶ୍ଚ ବିଦ୍ୱାନ୍ ।।୩।।**

*ସଃ ହି କ୍ଷପାବାନ୍ ଅଗ୍ନିଃ ରୟୀଣାମ୍ ଦାଶତ୍ ୟଃ ଅସ୍ମୈ ଅରମ୍ ସୂକ୍ତୈଃ /*
*ଏତା ଚିକିତ୍ୱଃ ଭୂମ ନି ପାହି ଦେବାନାଂ ଜନ୍ମ ମର୍ତାନ୍ ଚ ବିଦ୍ୱାନ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ସେହି ଅଗ୍ନି [ସଃ ହି ଅଗ୍ନିଃ] ରାତ୍ରିଗୁଡ଼ିକର ସ୍ୱାମୀ ଅଟନ୍ତି [କ୍ଷପାବାନ୍], ଯେଉଁ ମନୁଷ୍ୟ [ୟଃ] ଏହି ଅଗ୍ନିଙ୍କ ନିମିତ୍ତ [ଅସ୍ମୈ] ସୂକ୍ତବଚନ ଦ୍ୱାରା [ସୂକ୍ତୈଃ] ଯଜ୍ଞର ଆୟୋଜନ କରନ୍ତି [ଅରଂ] ସେ ତାଙ୍କୁ ଦିବ୍ୟସଂପଦ ପ୍ରଦାନ କରନ୍ତି [ରୟୀଣାଂ ଦାଶତ୍] । ହେ ଅଗ୍ନି, ତୁମେ ସଚେତନ ଅଟ [ଚିକିତ୍ୱଃ], ଏହି ଭୁବନଗୁଡ଼ିକର [ଏତା ଭୂମ] ଓ ଦେବଗଣଙ୍କ ଜନ୍ମରହସ୍ୟର [ଦେବାନାଂ ଜନ୍ମ] ଏବଂ ମର୍ତ୍ତ୍ୟ ମାନବଗଣଙ୍କର [ମର୍ତାନ୍ ଚ] ଜ୍ଞାତା ଭାବରେ [ବିଦ୍ୱାନ୍] ସେମାନଙ୍କର ସୁରକ୍ଷା କର [ନିପାହି] ।

*ଭାବାର୍ଥ : ପୂର୍ବରୁ ଆଲୋଚିତ ହୋଇଛି ଯେ ଅଗ୍ନି ଏକମାତ୍ର ଦେବତା ଯେ କି ରାତ୍ରିକାଳରେ ନିଜ ଆଲୋକ ସହ ଜାଗ୍ରତ ଥାନ୍ତି, ଅନ୍ୟ ସମସ୍ତ ଦେବତା ରାତ୍ରିରେ ପ୍ରସୁପ୍ତ ରହନ୍ତି ଏବଂ ଉଷାକାଳରେ ଜାଗ୍ରତ ହୁଅନ୍ତି, ଏଣୁ ଦେବଗଣଙ୍କର ଅନ୍ୟନାମ 'ଉଷର୍ବୁଧ' । ଅଜ୍ଞାନ, ନିଶ୍ଚେତନା ଇତ୍ୟାଦିକୁ ରାତ୍ରିର ପ୍ରତୀକ ରୂପେ ନେଲେ, ସେଥିରୁ ଉଦ୍‌ବୁଦ୍ଧ ହୋଇଥିବା ଏହି ସୃଷ୍ଟି ଯେହେତୁ କ୍ରମେ ବିକଶିତ ହେଉଛି ତେଣୁ ସେଠାରେ ଅଗ୍ନି ବିଦ୍ୟମାନ ଏବଂ ଏହି ଊର୍ଦ୍ଧାରୋହଣ କ୍ରିୟାକୁ ଅଗ୍ନିହିଁ ସମ୍ଭବ କରାଉଛନ୍ତି । ଏହି ପରିପ୍ରେକ୍ଷୀରେ ଦେବମାନବାଦି ସକଳ ସୃଷ୍ଟିର ଜନ୍ମରହସ୍ୟ ଅଗ୍ନିକୁହିଁ ଜଣା (ଅଗ୍ନିଙ୍କର ଅନ୍ୟ ନାମ 'ଜାତବେଦ') ।*



**ବର୍ଧାନ୍ୟଂ ପୂର୍ବୀଃ କ୍ଷପୋ ବିରୂପାଃ ସ୍ଥାତୁଶ୍ଚ ରଥମୃତପ୍ରବୀତମ୍ ।**
**ଅରାଧି ହୋତା ସ୍ୱର୍ନିଷତ୍ତଃ କୃଣ୍ୱନ୍ୱିଶ୍ୱାନ୍ୟପାଂସି ସତ୍ୟା ।।୪।।**

*ବର୍ଧାନ୍ ୟମ୍ ପୂର୍ବୀଃ କ୍ଷପଃ ବିରୂପାଃ ସ୍ଥାତୁଃ ଚ ରଥମ୍ ଋତ-ପ୍ରବୀତମ୍ /*
*ଅରାଧୀ ହୋତା ସ୍ୱଃ ନି-ସତ୍ତଃ କୃଣ୍ୱନ୍ ବିଶ୍ୱାନି ଅପାଂସି ସତ୍ୟା ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଅନେକ [ପୂର୍ବୀଃ] ବହୁରୂପିଣୀ ରାତ୍ରି [ବିରୂପାଃ କ୍ଷପଃ] ତାଙ୍କର ବୃଦ୍ଧିସାଧନ କରିଛନ୍ତି [ୟଂ ବର୍ଧାନ୍]; ଏ ହେଉଛନ୍ତି ସେହି ଗୂଢ଼ ଅଗ୍ନି, ଯିଏକି ସତ୍ୟ ମଧ୍ୟରୁ ପ୍ରତିଭାତ [ଋତପ୍ରବୀତମ୍], ତଥା ଯିଏ ହେଉଛନ୍ତି ଏକାଧାରରେ ସ୍ଥିତିଶୀଳ ଓ ଗତିଶୀଳ [ସ୍ଥାତୁଃ ଚରଥମ୍] : ଦେବାହ୍ୱାନକାରୀ ଦିବ୍ୟହୋତା [ହୋତା], ସେ ଆମମାନଙ୍କ ପାଇଁ ସିଦ୍ଧ [ଅରାଧି], ସେ ସୌର ଜଗତରେ ଆସୀନ* [ସ୍ୱର୍ନିଷତ୍ତଃ], ଆମର ସମସ୍ତ କର୍ମକୁ [ବିଶ୍ୱାନି ଅପାଂସି] ସତ୍ୟମୟ କରୁଛନ୍ତି [ସତ୍ୟା କୃଣ୍ୱନ୍] ।

*ଭାବାର୍ଥ : ଆଜି ଜଗତରେ ଯେଉଁସବୁ ସତ୍ୟର ଉଦ୍‌ଘାଟନ ହୋଇ ପାରିଛି ତାହା ରାତ୍ରିଗୁଡ଼ିକ ଯୋଗୁଁହିଁ ସମ୍ଭବ ହୋଇଛି ବୋଲି ଋଷିଙ୍କର ଉପଲବ୍ଧି । ବାସ୍ତବରେ ମାନବ-ଇତିହାସର ଯାବତୀୟ ସଂଘର୍ଷ ବା ଉତ୍‌ଥାନ-ପତନ, ସବୁକିଛି ତତ୍ତ୍ୱତଃ ଆଲୋକ-ଅନ୍ଧକାରର ସଂଘର୍ଷ । ଏଥିରେ ଆଲୋକରହିଁ ବିଜୟ ହୁଏ, ଅନ୍ଧକାର କ୍ଷୀଣ ହୁଏ । ଅର୍ଥାତ୍ ଅଗ୍ନି ଅନ୍ଧକାରକୁ ଗ୍ରାସ କରି ପୂର୍ବଠୁ ଅଧିକ ପ୍ରକାଶମୟ ହୋଇଉଠନ୍ତି । ଆମେ ଏହି ନ୍ୟାୟରେ ପ୍ରତ୍ୟେକ ମାନବର ଜୀବନଚକ୍ରକୁ ମଧ୍ୟ ବୁଝିପାରିବା ।*

**ଗୋଷୁ ପ୍ରଶସ୍ତିଂ ବନେଷୁ ଧିଷେ ଭରନ୍ତ ବିଶ୍ୱେ ବଲିଂ ସ୍ୱର୍ଣଃ ।**
**ବି ତ୍ୱା ନରଃ ପୁରୁତ୍ରା ସପର୍ଯ୍ୟନ୍ପିତୁର୍ନ ଜିବ୍ରେର୍ବି ବେଦୋ ଭରନ୍ତ ।।୫।।**

*ଗୋଷୁ ପ୍ର-ଶସ୍ତିମ୍ ବନେଷୁ ଧିଷେ ଭରନ୍ତ ବିଶ୍ୱେ ବଲିମ୍ ସ୍ୱଃ ନଃ /*
*ବି ତ୍ୱା ନରଃ ପୁରୁତ୍ରା ସପର୍ଯ୍ୟନ୍ ପିତୁଃ ନ ଜିବ୍ରେଃ ବି ବେଦଃ ଭରନ୍ତ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ସତ୍ୟରଶ୍ମିରୂପୀ ଗୋଜାତି ମଧ୍ୟରେ [ଗୋଷୁ] ଏବଂ ଅରଣ୍ୟ ମଧ୍ୟରେ [ବନେଷୁ] ତୁମେ ତୁମର ପ୍ରଶସ୍ତି ବଚନକୁ [ପ୍ରଶସ୍ତିମ୍] ପ୍ରତିଷ୍ଠା କରିଛ [ଧିଷେ]; ଉପହାର ଭାବରେ [ବଲିଂ ନ] ସତେ ଯେପରି ସମସ୍ତେ [ବିଶ୍ୱେ] ସୌର ଜଗତକୁ [ସ୍ୱଃ]

* ଅଥବା, ସୂର୍ଯ୍ୟଙ୍କ ମଧ୍ୟରେ ଆସୀନ ।

ଅବତରଣ କରାଇ ଆଣୁଛନ୍ତି [ଭରନ୍ତ] । ମନୁଷ୍ୟଗଣ [ନରଃ] ବିଭିନ୍ନ ଅଞ୍ଚଳରେ [ପରୁତ୍ରା] ତୁମରି ସେବା କରୁଥାନ୍ତି [ବି-ସପର୍ଯ୍ୟନ୍] ଏବଂ ତୁମଠାରୁ ଜ୍ଞାନ ଆହରଣ କରନ୍ତି [ବେଦଃ ଭରନ୍ତ], ଠିକ୍ ଯେପରି ଦୀର୍ଘଜୀବୀ ପିତାଙ୍କଠାରୁ [ଜିବ୍ରେଃ ପିତୁଃ ନ] ପୁତ୍ର ଜ୍ଞାନ ଆହରଣ କରିଥାଏ ।

*ଭାବାର୍ଥ : ଏକ ସୌନ୍ଦର୍ଯ୍ୟାତ୍ମକ ଦୃଷ୍ଟିରେ କବି ଏଠାରେ ଅଗ୍ନିଙ୍କୁ ସ୍ତୁତି କରିଛନ୍ତି । ପଶୁ, ପକ୍ଷୀ, ବୃକ୍ଷ, ଲତା ପ୍ରଭୃତିରେ ଯେଉଁ ନିର୍ମଳ ସୌନ୍ଦର୍ଯ୍ୟ ଫୁଟିଉଠିଛି ତାହାହିଁ ଅଗ୍ନିଙ୍କର ମହିମା । ଆଜି ସମଗ୍ର ମନୁଷ୍ୟଜାତି ପୃଥିବୀର କୋଣେ କୋଣେ ଯେପରି ଶ୍ରମରତ ତାହା ମୂଳତଃ ଏହି ବିଶ୍ୱମୟ ଅଗ୍ନିଙ୍କର ସେବା । ଅଗ୍ନି ପୃଥିବୀପୃଷ୍ଠରେ ଶାଶ୍ୱତ ଆୟୁ ନେଇ ବିଦ୍ୟମାନ । ତା' ନିକଟରେ ଅନ୍ୟ ସମସ୍ତେ ଅସ୍ଥାୟୀ । ଏଣୁ ସମସ୍ତଙ୍କର ଜୀବନକାଳର କର୍ମାନୁଭୂତି ଅଗ୍ନିଙ୍କଠାରେ ସଂଚିତ ରହେ । ଏଣୁ ଏହି ଅଗ୍ନିଙ୍କର ଉପାସନା କଲେ ମନୁଷ୍ୟଙ୍କୁ ସମସ୍ତ ଅଭିଜ୍ଞତା ଓ କର୍ମର ଅଭ୍ରାନ୍ତ ମାର୍ଗଦର୍ଶନ ମିଳିଥାଏ ।*

**ସାଧୁର୍ନ ଗୃଧ୍ନୁରସ୍ତେବ ଶୂରୋ ୟାତେବ ଭୀମସ୍ତ୍ୱେଷଃ ସମତ୍ସୁ ॥୬॥**

*ସାଧୁଃ ନ ଗୃଧ୍ନୁଃ ଅସ୍ତା ଇବ ଶୂରଃ ୟାତା ଇବ ଭୀମଃ ତ୍ୱେଷଃ ସମତ୍ସୁ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : କର୍ମରେ ସେ ଏକ କୁଶଳ କର୍ମୀ ପରି [ସାଧୁଃ ନ] ଓ ଗ୍ରହଣ କରିବା ପାଇଁ ଅତ୍ୟନ୍ତ ବ୍ୟଗ୍ର [ଗୃଧ୍ନୁଃ] ଏକ ଶରକ୍ଷେପଣକାରୀ ପରି [ଅସ୍ତା ଇବ] ସେ ବୀର [ଶୂରଃ], ଏକ ପ୍ରତିସ୍ପର୍ଦ୍ଧୀ ଯୋଦ୍ଧା ପରି [ୟାତା ଇବ] ଭୟଙ୍କର [ଭୀମଃ], ଆମମାନଙ୍କ ସଂଗ୍ରାମରେ [ସମତ୍ସୁ] ଜାଜ୍ୱଳ ପ୍ରଭା [ତ୍ୱେଷଃ] ।

*ଭାବାର୍ଥ : ସର୍ବଗତ ଏବଂ ସର୍ବମୟ ଏହି ଯେଉଁ ଗୂଢ଼ ଅଗ୍ନି ସମଗ୍ର ଜଗତର ଅଜ୍ଞାନକୁ ରୂପାନ୍ତର କରିବା ପାଇଁ ପ୍ରଦୀପ୍ତ ହୋଇ ଉଠୁଛନ୍ତି, ତାଙ୍କଠାରେ କ୍ରିୟାଶୀଳ କେତୋଟି ସ୍ୱଭାବକୁ ଅବତାରଣା କରି କବି ଏଠାରେ ସୂକ୍ତଟିର ସାଙ୍ଗ କରିଛନ୍ତି ।*

<u>ସୂକ୍ତ : ୭୧ ॥ ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ତ୍ରିଷ୍ଟୁପ୍</u>

**ଉପ ପ୍ର ଜିନ୍ୱନ୍ନୁଶତୀରୁଶନ୍ତଂ ପତିଂ ନ ନିତ୍ୟଂ ଜନୟଃ ସନୀଳାଃ ।**
**ସ୍ୱସାରଃ ଶ୍ୟାବୀମରୁଷୀମଜୁଷ୍ରଞ୍ଚିତ୍ରମୁଚ୍ଛନ୍ତୀମୁଷସଂ ନ ଗାବଃ ॥୧॥**



*ଉପ ପ୍ର ଜିନ୍ୱନ୍ ଉଶତୀଃ ଉଶନ୍ତଂ ପତିଂ ନ ନିତ୍ୟଂ ଜନୟଃ ସନୀଳାଃ /*
*ସ୍ୱସାରଃ ଶ୍ୟାବୀମ୍ ଅରୁଷୀମ୍ ଅଜୁଷ୍ରନ୍ ଚିତ୍ରମ୍ ଉଚ୍ଛନ୍ତୀମ୍ ଉଷସଂ ନ ଗାବଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସମାନ ଗୃହବାସିନୀ ଜନନୀଗଣ [ସନୀଳାଃ ଜନୟଃ] ପ୍ରେମାଭିଳାଷିଣୀ ହୋଇ [ଉଶତୀଃ] ସେମାନଙ୍କର ଚିରନ୍ତନ ପତି ଭଳି [ନିତ୍ୟଂ ପତିଂ ନ] ସେମାନଙ୍କୁ ଅଭିଳାଷ କରୁଥିବା ତାଙ୍କ (ଅଗ୍ନିଙ୍କ) ନିକଟକୁ ଆସି [ଉଶନ୍ତମ୍ ଉପ] ତାଙ୍କୁ ସୁଖଦାନ କରିଥିଲେ [ପ୍ର-ଜିନ୍ୱନ୍] : ଦିବ୍ୟାଲୋକ-ରୂପୀ ଧେନୁଗଣ ଯେପରି [ଗାବଃ ନ] ପ୍ରଥମରେ ଶ୍ୟାମା [ଶ୍ୟାବୀମ୍] ପରେ ଅରୁଣ [ଅରୁଷୀମ୍] ଏବଂ ଶେଷରେ ବିଚିତ୍ର ବର୍ଣ୍ଣ [ଚିତ୍ରମ୍] ହୋଇ ପ୍ରତିଭାତ [ଉଚ୍ଛନ୍ତୀମ୍] ଉଷାକାଳରେ [ଉଷସମ୍] ଆନନ୍ଦିତ ହୁଅନ୍ତି [ଅଜୁଷ୍ରନ୍] ସେହିପରି ଭଗିନୀଗଣ [ସ୍ୱସାରଃ] ଅଗ୍ନିଙ୍କ ସାନ୍ନିଧ୍ୟରେ ଆନନ୍ଦ ଲାଭ କରିଥିଲେ ।

*ଭାବାର୍ଥ : ଏଠାରେ ଜନନୀ ଓ ଭଗିନୀ ଶବ୍ଦ ପ୍ରତୀକାତ୍ମକ ଭାବରେ ବ୍ୟବହୃତ ହୋଇଛି । ବେଦରେ ପୋଷକ ଅର୍ଥରେ ମାତୃ ଶବ୍ଦ ଓ ସାହଚର୍ଯ୍ୟ ଅର୍ଥରେ ସ୍ୱସୃ ଶବ୍ଦ ପ୍ରୟୋଗ କରାଯାଏ । ସତ୍-ଚିତ୍-ଆନନ୍ଦର ଧାରା ମାଆ ଭଳି ଅଯାଚିତ ଭାବରେ ଆମର ସକଳ ସତ୍ତାକୁ ପୋଷଣ କରେ ଏବଂ ସତ୍‌କର୍ମଲବ୍ଧ ସୁକୃତ ସର୍ବଦା ଆମ ଜୀବନଯାତ୍ରାପଥରେ ଭଗିନୀ ଭଳି ସଙ୍ଗେ ସଙ୍ଗେ ରହିଥାଏ । ମନୁଷ୍ୟର ଅନ୍ତରସ୍ଥ ଚୈତ୍ୟ-ଅଗ୍ନିଙ୍କୁ ଏହି ଉଭୟେ ତର୍ପଣ କରନ୍ତି ଓ ତାଙ୍କରି (ଅଗ୍ନିଙ୍କର) ସଂସ୍ପର୍ଶରେ ସେମାନେ ଆନନ୍ଦିତ ହୁଅନ୍ତି ମଧ୍ୟ ।*

**ବୀଳୁ ଚିଦ୍ ଦୃଳ୍ହା ପିତରୋ ନ ଉକ୍‌ଥୈରଦ୍ରିଂ ରୁଜନ୍ନଙ୍ଗିରସୋ ରବେଣ ।**
**ଚକ୍ରୁର୍ଦିବୋ ବୃହତୋ ଗାତୁମସ୍ମେ ଅହଃ ସ୍ୱର୍ବିବିଦୁଃ କେତୁମୁସ୍ରାଃ ॥୨॥**

*ବୀଳୁ ଚିଦ୍ ଦୃଳ୍ହା ପିତରଃ ନଃ ଉକ୍‌ଥୈଃ ଅଦ୍ରିମ୍ ରୁଜନ୍ ଅଙ୍ଗିରସଃ ରବେଣ /*
*ଚକ୍ରୁଃ ଦିବଃ ବୃହତଃ ଗାତୁମ୍ ଅସ୍ମେ ଅହଃ ସ୍ୱଃ ବିବିଦୁଃ କେତୁମ୍ ଉସ୍ରାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମର [ନଃ] ପିତୃପୁରୁଷଗଣ [ପିତରଃ] ସେମାନଙ୍କର ସୂକ୍ତ ବଚନରେ [ଉକ୍‌ଥୈଃ] ଶକ୍ତ [ବିଳୁଃ] ଏପରିକି [ଚିତ୍] ଅତ୍ୟନ୍ତ ଦୃଢ଼ ସ୍ଥାନଗୁଡ଼ିକୁ [ଦୃଳ୍ହା] ଭାଙ୍ଗିଦେଇଥିଲେ [ରୁଜନ୍], ଅଙ୍ଗିରସ ଋଷିଗଣ [ଅଙ୍ଗିରସଃ] ତାଙ୍କର ରବ ଦ୍ୱାରା [ରବେଣ] ପର୍ବତକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଦେଇଥିଲେ [ଅଦ୍ରିଂ ରୁଜନ୍]; ସେମାନେ ଆମ ଭିତରେ [ଅସ୍ମେ] ମହାନ୍ ସ୍ୱର୍ଗ ଦିଗରେ [ବୃହତଃ ଦିବଃ] ଏକ ପଥ ନିର୍ମାଣ କରିଯାଇଛନ୍ତି [ଗାତୁଂ

ଚକ୍ଷୁଃ], ସେମାନେ ନିତ୍ୟଦିବା [ଅହଃ], ସ୍ୱର୍ଲୋକ [ସ୍ୱଃ], ଅନ୍ତର୍ଜ୍ଞାନରଶ୍ମିକୁ [କେତୁମ୍] ଏବଂ ଜ୍ୟୋତିର୍ମୟ ଗୋଧନକୁ [ଉସ୍ରାଃ] ଆବିଷ୍କାର କରିଯାଇଛନ୍ତି [ବିବିଦୁଃ] ।

*ଭାବାର୍ଥ : 'ଶକ୍ତ ଓ ଦୃଢ଼ ସ୍ଥାନ' କହିଲେ ଏଠାରେ ଆମ ସତ୍ତାଗୁଡ଼ିକର ପରିବର୍ତ୍ତନ-ବିମୁଖ ଅନମନୀୟ ଅଂଶଗୁଡ଼ିକୁ ସୂଚିତ କରୁଛି ଯାହାକୁ ଆମର ପୂର୍ବଜ ସାଧକଗଣ ମନ୍ତ୍ରଶକ୍ତି ଦ୍ୱାରା ଭାଙ୍ଗିଦେଇଛନ୍ତି । ସେହିପରି ଋଷି ଅଙ୍ଗିରସଙ୍କର ଘୋର ରବରେ ପର୍ବତ ଚୂର୍ଣ୍ଣ ହୋଇଥିଲା, ଅର୍ଥାତ୍, ପାର୍ଥିବ ପ୍ରକୃତିର ବିବର୍ତ୍ତନରେ ଯାହାକିଛି ଦୁର୍ଲଙ୍ଘ୍ୟ ବାଧା, ତାହା ଋଷିଙ୍କର ଉଗ୍ର ତପୋଶକ୍ତିରେ ଦୂର ହୋଇଥିଲା, ଯାହାଫଳରେ ପରବର୍ତ୍ତୀ ବଂଶଧର ଅମରଚେତନା (ସ୍ୱର୍ଗ) ଦିଗରେ ସହଜରେ ଯାଇପାରିବେ ଓ ସେମାନେ ସତ୍ୟର ଆଲୋକ ଓ ସତ୍ୟଜ୍ଞାନ ଲାଭ କରିପାରିବେ ।*

**ଦଧନ୍ନୃତଂ ଧନୟନ୍ନସ୍ୟ ଧୀତିମାଦିଦର୍ଯୋ ଦିଧିଷ୍ୱୋ ବିଭୃତ୍ରାଃ ।**
**ଅତୃଷ୍ୟନ୍ତୀରପସୋ ଯନ୍ତ୍ୟଚ୍ଛା ଦେବାଞ୍ଜନ୍ମ ପ୍ରୟସା ବର୍ଧୟନ୍ତୀଃ ।।୩।।**

*ଦଧନ୍ ଋତମ୍ ଧନୟନ୍ ଅସ୍ୟ ଧୀତିମ୍ ଆତ୍ ଇତ୍ ଅର୍ଯଃ ଦିଧିଷ୍ୱଃ ବି-ଭୃତ୍ରାଃ /*
*ଅତୃଷ୍ୟନ୍ତୀଃ ଅପସଃ ଯନ୍ତି ଅଚ୍ଛ ଦେବାନ୍ ଜନ୍ମ ପ୍ରୟସା ବର୍ଧୟନ୍ତୀଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ସେମାନେ ସତ୍ୟକୁ ଧାରଣ କରିଥିଲେ [ଋତଂ ଦଧନ୍], ସେମାନେ ଏହି ମାନବ ସତ୍ତାର [ଅସ୍ୟାଃ] ଚିନ୍ତାକୁ [ଧୀତିମ୍] ସମୃଦ୍ଧ କରିଥିଲେ [ଧନୟନ୍]; ଅଗ୍ନିଙ୍କୁ ବ୍ୟାପକ ଭାବେ ଧାରଣ କରିଥିବା ସେମାନେ [ବିଭୃତ୍ରାଃ] ତା'ପରେ ଯାଇ [ଆତ୍], ପ୍ରକୃତରେ [ଇତ୍], ପ୍ରଭୁତ୍ୱ ଅର୍ଜନ କରିଥିଲେ [ଅର୍ଯଃ] ଓ ବୋଧଜ୍ଞାନସମ୍ପନ୍ନ ହୋଇଥିଲେ [ଦିଧିଷ୍ୱଃ], 'ଜନ୍ମ'କୁ ଆନନ୍ଦରେ ଅଭିବର୍ଦ୍ଧିତ କରାଇ [ଜନ୍ମ ପ୍ରୟସା ବର୍ଧୟନ୍ତୀଃ] କର୍ମରତ ଶକ୍ତିଗଣ [ଅତୃଷ୍ୟନ୍ତୀଃ ଅପସଃ] ଦେବଗଣଙ୍କ ଦିଗରେ ଯାତ୍ରା କରୁଛନ୍ତି [ଦେବାନ୍ ଯନ୍ତି] ।

*ଭାବାର୍ଥ : ଏହି ମନ୍ତ୍ରରେ କବି ତାଙ୍କର ପୂର୍ବପୁରୁଷଗଣଙ୍କର ଗୌରବକୁ ବର୍ଣ୍ଣନା କରିବା ସହିତ ସେମାନଙ୍କର ସେହି ଗୌରବ ମୂଳରେ ଅଗ୍ନିଙ୍କର ସେ ସାର୍ବଭୌମ ଭୂମିକା ରହିଛି ତାହା ବ୍ୟକ୍ତ କରିଛନ୍ତି । ଅଗ୍ନିହିଁ ମନୁଷ୍ୟର ଆଧ୍ୟାତ୍ମିକ ନବଜନ୍ମକୁ ଆନନ୍ଦର ସହ ପରିପୁଷ୍ଟ କରିଛନ୍ତି । ଜୀବନର ଅସଂଖ୍ୟ କର୍ମ ସେହିଁ ସଂପାଦନ କରି ଚାଲିଛନ୍ତି । ଅନ୍ୟପକ୍ଷରେ, ଏହି ଦୁରୁହ କାର୍ଯ୍ୟଟି କରିବାର ପଶ୍ଚାତରେ ତାଙ୍କର କୌଣସି ବ୍ୟକ୍ତିଗତ ପ୍ରାପ୍ତିର ତୃଷ୍ଣା ନ ଥିଲା — ଜଗତରେ ପରମ ସତ୍ୟର ସେବା ଭାବରେ ସେ ସମସ୍ତ କାର୍ଯ୍ୟ କରିଛନ୍ତି ।*



**ମଥୀଦ୍ୟଦୀଂ ବିଭୃତୋ ମାତରିଶ୍ୱା ଗୃହେଗୃହେ ଶ୍ୟେତୋ ଜେନ୍ୟୋ ଭୂତ୍ ।**
**ଆଦୀଂ ରାଜ୍ଞେ ନ ସହୀୟସେ ସଚା ସନ୍ନା ଦୂତ୍ୟଂ ଭୃଗବାଣୋ ବିବାୟ ।।୪।।**

*ମଥୀତ୍ ଯତ୍ ଈମ୍ ବି-ଭୃତଃ ମାତରିଶ୍ୱା ଗୃହେ-ଗୃହେ ଶ୍ୟେତଃ ଜେନ୍ୟଃ ଭୂତ୍ /*
*ଆତ୍ ଈମ୍ ରାଜ୍ଞେ ନ ସହୀୟସେ ସଚା ସନ୍ ଆ ଦୂତ୍ୟମ୍ ଭୃଗବାଣଃ ବିବାୟ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ସତ୍ତାର ଅଭ୍ୟନ୍ତରରେ ପରିବ୍ୟାପ୍ତ ଭାବରେ ଧାରିତ ହୋଇଥିବା [ବିଭୃତଃ] ପ୍ରାଣବାୟୁ [ମାତରିଶ୍ୱା] ଯେତେବେଳେ [ଯତ୍] ତାଙ୍କୁ (ଅଗ୍ନିଙ୍କୁ) [ଈମ୍] ଘରେ ଘରେ [ଗୃହେଗୃହେ] ମନ୍ଥନ କରିଛନ୍ତି [ମଥୀତ୍] ସେତେବେଳେ ସେ ଶ୍ୱେତ ବର୍ଣ୍ଣରେ ପରିଣତ ହୋଇଛନ୍ତି [ଶ୍ୟେତଃ] ଓ ବିଜୟୀ ହୋଇଛନ୍ତି [ଜେନ୍ୟଃ ଭୂତ୍] । ବାସ୍ତବରେ ତା'ପରେ [ଆତ୍] ସେ ତେଜସ୍ୱୀ ଋଷିରେ ପରିଣତ ହୋଇଛନ୍ତି [ଭୃଗବାଣଃ ସନ୍] ଓ ଏକ ଶକ୍ତିଶାଳୀ ରାଜାଙ୍କ ନିକଟକୁ [ସହୀୟସେ ରାଜ୍ଞେ] ଜଣେ ଦୂତ ପରି [ଦୂତ୍ୟଂ ନ ] ସେ ଆମର ସହଚର ରୂପେ [ସଚା] ଗମନ କରିଛନ୍ତି [ଆ ବିବାୟ] ।

*ଭାବାର୍ଥ : ମାନବ-ଅସ୍ତିତ୍ୱର ସାରତମ ସତ୍ତା ହେଲେ ଚୈତ୍ୟସତ୍ତା, ଅଥବା ଅଗ୍ନି । ଏହି ଅଗ୍ନିଙ୍କ ସ୍ଥୂଳ ଦୈହିକ ସ୍ତରରେ ପରିପ୍ରକାଶ ହେବାରେ ସାଧକକୁ ମନରେ, ପ୍ରାଣରେ ଓ ଶରୀରରେ ଯାହାସବୁ ଅନୁଶୀଳନ ତଥା କର୍ଷଣ କରିବାକୁ ହୋଇଥାଏ ତାହାହିଁ ହେଉଛି ପ୍ରାଣବାୟୁର ଗୃହେଗୃହେ ମନ୍ଥନ-କାର୍ଯ୍ୟ । ଚୈତ୍ୟିକ ତେଜ ଓ ସୌନ୍ଦର୍ଯ୍ୟରେ ଜ୍ୟୋତିର୍ମୟ ଶରୀର ମନୁଷ୍ୟର ଆଧ୍ୟାତ୍ମିକ ଯାତ୍ରାରେ ଯଥାର୍ଥ ସହଯୋଗୀ ହୋଇପାରେ ।*

**ମହେ ଯତ୍ ପିତ୍ର ଈଂ ରସଂ ଦିବେ କରବ ତ୍ସରତ୍ପୃଶନ୍ୟଶ୍ଚିକିତ୍ୱାନ୍ ।**
**ସୃଜଦସ୍ତା ଧୃଷତା ଦିଦ୍ୟୁମସ୍ମୈ ସ୍ୱାୟାଂ ଦେବୋ ଦୁହିତରି ତ୍ୱିଷିଂ ଧାତ୍ ।।୫।।**

*ମହେ ଯତ୍ ପିତ୍ରେ ଈମ୍ ରସମ୍ ଦିବେ କଃ ଅବ ତ୍ସରତ୍ ପୃଶନ୍ୟଃ ଚିକିତ୍ୱାନ୍ /*
*ସୃଜତ୍ ଅସ୍ତା ଧୃଷତା ଦିଦ୍ୟୁମ୍ ଅସ୍ମୈ ସ୍ୱାୟାମ୍ ଦେବଃ ଦୁହିତରି ତ୍ୱିଷିମ୍ ଧାତ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ନିବିଡ଼ ସ୍ପର୍ଶଶୀଳ [ପୃଶନ୍ୟଃ] ଜ୍ଞାନବାନ୍ ଅଗ୍ନି [ଚିକିତ୍ୱାନ୍] ଯେତେବେଳେ [ଯତ୍] ମହାନ୍ ପିତାସ୍ୱର୍ଗ ନିମିତ୍ତ [ମହେ ପିତ୍ରେ ଦିବେ] ଏହି ସାରରସକୁ [ଈଂ ରସମ୍] ପ୍ରସ୍ତୁତ କଲେ [କଃ] ସେତେବେଳେ ସେ ଖସିରି ହୋଇ ଅଧୋଭୂମି ଦିଗରେ ଆଗମନ କଲେ [ଅବତ୍ସରତ୍] । ଧନୁର୍ଧାରୀ [ଅସ୍ତା] ନିଜର ବିଦ୍ୟୁତ୍ ବାଣକୁ [ବିଦ୍ୟୁମ୍]

ପ୍ରଚଣ୍ଡ ଭାବରେ [ଧୃଷତା] ତାଙ୍କ ଉପରେ [ଅସ୍ମୈ] ପ୍ରହାର କଲେ [ସୃଜତ୍], କିନ୍ତୁ ଦେବତା (ଅଗ୍ନି) ନିଜର ଜ୍ୱଳନଶୀଳ ଶକ୍ତି [ତ୍ୱିଷିମ୍] ନିଜ କନ୍ୟାଠାରେ [ସ୍ୱାୟାଂ ଦୁହିତରି] ସ୍ଥାପନ କଲେ [ଅଧାତ୍] ।

*ଭାବାର୍ଥ : ଏହି ମନ୍ତ୍ରର ତତ୍ତ୍ୱ ଅତ୍ୟନ୍ତ ଦୁର୍ବୋଧ । କିଞ୍ଚିତ୍ ଅଭିନିବେଶ କଲେ ଜଣାଯାଏ, ପୂର୍ବମନ୍ତ୍ରର ମନ୍ଥନକ୍ରିୟା ସହିତ ଏହାର ସମ୍ବନ୍ଧ ରହିଛି । ଏଠାରେ ଯେଉଁ ସାର ରସକୁ ନେଇ ଅଗ୍ନି ସ୍ୱର୍ଗରେ ଉପଗତ ହୋଇଛନ୍ତି ତାହା ଆନନ୍ଦ-ରସ । ବୈଦିକ ତତ୍ତ୍ୱରେ ମାତା ଧରଣୀ, ପିତା ସ୍ୱର୍ଗ । ଧରଣୀ ଓ ସ୍ୱର୍ଗର ସ୍ନେହ ସମ୍ବନ୍ଧ ଭିତରେ ଚରାଚର ସୃଷ୍ଟି ଆନନ୍ଦରେ ଜୀବନ ନିର୍ବାହ କରୁଛନ୍ତି । ଦେବଦୂତ ଅଗ୍ନି ଆମର ଅନ୍ତର ମଧ୍ୟରୁ ସେହି ଆନନ୍ଦ-ରସକୁ ପିତା ସ୍ୱର୍ଗଙ୍କଠାରେ ଅର୍ପଣ କରିବା ପାଇଁ ପ୍ରସ୍ତୁତ ହେବା ବେଳେ ଖସିରି ପଡ଼ି ଫେରି ଆସିଛନ୍ତି । ଏହି ସମୟରେ ସେଠାର ଧନୁର୍ଧାରୀ ଏହାଙ୍କୁ ଶରବ୍ୟ କରିଛନ୍ତି । ଅଗ୍ନି ଆତ୍ମ-ଗୋପନ କରିବା ପାଇଁ ନିଜର ଜ୍ୱାଳାମୟ ଆଲୋକକୁ ତାଙ୍କର କନ୍ୟା ଉଷାଠାରେ ଅର୍ପଣ କରିଛନ୍ତି । କିନ୍ତୁ ସେହି ଆକ୍ରାନ୍ତାଜଣକ କିଏ ତାହା ଏଠାରେ ଉହ୍ୟ ରହିଛି ।*

**ସ୍ୱ ଆ ୟସ୍ତୁଭ୍ୟଂ ଦମ ଆ ବିଭାତି ନମୋ ବା ଦାଶାଦୁଶତୋ ଅନୁ ଦ୍ୟୂନ୍ ।**
**ବର୍ଧୋ ଅଗ୍ନେ ବୟୋ ଅସ୍ୟ ଦ୍ୱିବର୍ହା ୟାସଦ୍ରାୟା ସରଥଂ ୟଂ ଜୁନାସି ॥୬॥**

*ସ୍ୱେ ଆ ୟଃ ତୁଭ୍ୟମ୍ ଦମେ ଆ ବି-ଭାତି ନମଃ ବା ଦାଶାତ୍ ଉଶତଃ ଅନୁ ଦ୍ୟୂନ୍ /*
*ବର୍ଧଃ ଅଗ୍ନେ ବୟଃ ଅସ୍ୟ ଦ୍ୱିବର୍ହାଃ ୟାସତ୍ ରାୟା ସରଥମ୍ ୟମ୍ ଜୁନାସି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯିଏ [ୟଃ] ତୁମରି ଗୃହରେ [ସ୍ୱେ ଦମେ] ତୁମରି ନିମିତ୍ତ [ତୁଭ୍ୟମ୍] ଆଲୋକ ପ୍ରଦୀପିତ କରାଏ [ଆ-ବି-ଭାତି] ଏବଂ [ବା] ପ୍ରତିଦିନ ତୁମକୁ ସମର୍ପଣ ରୂପକ ଆହୁତି ଦେଇ ଚାଲିଥାଏ [ଅନୁଦ୍ୟୂନ୍ ନମଃ ଦାଶାତ୍], ତାଙ୍କୁ ତୁମେ ଅଭିଳାଷ କରିଥାଅ [ଉଶତଃ], ତାଙ୍କଠାରେ ତୁମେ ନିଜକୁ ଦ୍ୱିଗୁଣିତ କରିଦିଅ [ଦ୍ୱିବର୍ହାଃ], ଏହାଙ୍କର [ଅସ୍ୟ] ବିକାଶକୁ [ବୟଃ] ବୃଦ୍ଧିକର [ବର୍ଧଃ], ହେ ଅଗ୍ନି [ଅଗ୍ନେ] ଯାହାଙ୍କୁ [ୟମ୍] ତୁମେ ସମାନ ରଥରେ [ସରଥମ୍] ନିଜ ସହ ବେଗବାନ୍ କରାଇଛ [ଜୁନାସି] ସେ ସମୃଦ୍ଧିର ସହ [ରାୟା] ଯାତ୍ରା କରୁ [ୟାସତ୍] ।

*ଭାବାର୍ଥ : ଯଜମାନ ସାଧକ ଯଦି ପ୍ରତିଦିନ ନିଜ ଅନ୍ତରସ୍ଥ ଚୈତ୍ୟ ଅଗ୍ନିଙ୍କୁ ପୁରୋଧା କରି ହୃତ୍‌କେନ୍ଦ୍ରରେ ନିତ୍ୟ ପ୍ରବୃତ୍ତ ଭାଗବତ ଯଜ୍ଞରେ ନିଜର କର୍ମ, ଜ୍ଞାନ, ଭକ୍ତି ଓ ନିଜର ସବୁକିଛିକୁ ସମର୍ପଣ ବା ଆହୁତି ଦେଇପାରିବ ତେବେ ତାଙ୍କଠାରେ ଭାଗବତ ଅଭୀପ୍ସା (ଅଗ୍ନି) ଦିନ ପରେ ଦିନ ଦ୍ୱିଗୁଣ ହୋଇ ପ୍ରତିଭାତ ହେବେ । ଋଷିଙ୍କର ପ୍ରାର୍ଥନା : ହେ ଅଗ୍ନିଦେବ ! ଏହିପରି ଭାଗବତ ଅଭୀପ୍ସାଗ୍ନିର ସହ ନିରନ୍ତର ଗତି କରି ଚାଲିଥିବା ସାଧକଙ୍କୁ ତୁମେ ସମୃଦ୍ଧି ପ୍ରଦାନ କର ।*



**ଅଗ୍ନିଂ ବିଶ୍ୱା ଅଭି ପୃକ୍ଷଃ ସଚନ୍ତେ ସମୁଦ୍ରଂ ନ ସ୍ରବତଃ ସପ୍ତ ୟହ୍ୱୀଃ ।**
**ନ ଜାମିଭିର୍ବି ଚିକିତେ ବୟୋ ନୋ ବିଦା ଦେବେଷୁ ପ୍ରମତିଂ ଚିକିତ୍ୱାନ୍ ॥୭॥**

*ଅଗ୍ନିମ୍ ବିଶ୍ୱାଃ ଅଭି ପୃକ୍ଷଃ ସଚନ୍ତେ ସମୁଦ୍ରମ୍ ନ ସ୍ରବତଃ ସପ୍ତ ୟହ୍ୱୀଃ /*
*ନ ଜାମିଭିଃ ବି ଚିକିତେ ବୟଃ ନ ବିଦାଃ ଦେବେଷୁ ପ୍ରମତିମ୍ ଚିକିତ୍ୱାନ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସପ୍ତ ମହାନଦୀ [ସପ୍ତ ୟହ୍ୱୀ ସ୍ରବତଃ] ସମୁଦ୍ରରେ ମିଳିତ ହେବା ପରି [ସମୁଦ୍ରଂ ନ] ସମସ୍ତ ଚରିତାର୍ଥତା [ବିଶ୍ୱାଃ ପୃକ୍ଷଃ] ଅଗ୍ନିଙ୍କର ଅଭିମୁଖରେ ସଜ୍ଜିତ ହୋଇ ରହିଛନ୍ତି [ଅଗ୍ନିମ୍ ଅଭିସଚନ୍ତେ] । (ହେ ଅଗ୍ନି !) ତୁମର ଜ୍ଞାତି ଦେବଗଣ [ଜାମିଭିଃ] ଆମମାନଙ୍କର ଅଭିବୃଦ୍ଧି ବିଷୟରେ [ନଃ ବୟଃ] କିଛି ବୁଝି ନାହାନ୍ତି [ନ ବିଚିକିତେ], କିନ୍ତୁ ତୁମେ ଜାଣ [ଚିକିତ୍ୱାନ୍], ଦେବଗଣଙ୍କଠାରେ [ଦେବେଷୁ] ତୁମର ଜ୍ଞାନକୁ [ପ୍ରମତିମ୍] ପ୍ରାପ୍ତ କରାଅ [ବିଦାଃ]* ।

*ଭାବାର୍ଥ : ସପ୍ତ ମହାନଦୀ : ଚେତନାର ସାଧାରଣ (ଭୂଃ) ସ୍ତରରୁ ସତ୍ୟଲୋକ ପର୍ଯ୍ୟନ୍ତ ବିଦ୍ୟମାନ ସାତଟି ସ୍ତର; ସମୁଦ୍ର : ଅନନ୍ତ ପରମ ସଚ୍ଚିଦାନନ୍ଦ ବ୍ରହ୍ମ । ଚେତନାର ସ୍ରୋତସ୍ୱିନୀମାନେ ବ୍ରହ୍ମ-ସାଗରର ଅଭିମୁଖୀ ହୋଇ ନିତ୍ୟ ପ୍ରବହମାନା । ଏହି ଉପମା ମାଧ୍ୟମରେ କବି କହିବାକୁ ଚାହୁଁଛନ୍ତି ଯେ ଆମର ପାର୍ଥିବ ଅଭିଳାଷସବୁ ଭାଗବତ ସଂକଳ୍ପ ସ୍ୱରୂପ ଏହି ବିଶ୍ୱମୟ ଅଗ୍ନିଙ୍କ ଦିଗରେ ଅଭିମୁଖୀ ହୋଇ ରହିଛନ୍ତି, ତାଙ୍କୁ ପ୍ରାପ୍ତ ହେବା ଅର୍ଥ ଜୀବନର ଚରମ ଚରିତାର୍ଥତା ।*

*ମାନବ-ବିକାଶର କୌଣସି ଅନ୍ତ ନାହିଁ । କିନ୍ତୁ ଦେବଗଣ ଏହା ଜାଣନ୍ତି ନାହିଁ, କାରଣ ସେମାନେ ସୀମିତ ଶକ୍ତି ଓ ଜ୍ଞାନର ଅଧିକାରୀ । ଅଗ୍ନି ସର୍ବଶକ୍ତିମାନ୍ ଓ ସର୍ବଜ୍ଞ ହୋଇଥିବାରୁ ସେ ତାହା ଜାଣନ୍ତି ।*

**ଆ ୟଦିଷେ ନୃପତିଂ ତେଜ ଆନଟ୍‌ଛୁଚି ରେତୋ ନିଷିକ୍ତଂ ଦ୍ୟୌରଭୀକେ ।**
**ଅଗ୍ନିଃ ଶର୍ଧମନବଦ୍ୟଂ ୟୁବାନଂ ସ୍ୱାଧ୍ୟଂ ଜନୟତ୍ସୂଦୟଚ୍ଚ ॥୮॥**

* କିଂବା, ଆମମାନଙ୍କୁ ଦେବଗଣଙ୍କ ବିଷୟରେ ଜ୍ଞାନ ପ୍ରାପ୍ତ କରାଅ ।

*ଆ ଯତ୍ ଇଷେ ନୃପତିମ୍ ତେଜଃ ଆନଟ୍ ଶୁଚି ରେତଃ ନିଷିକ୍ତମ୍ ଦ୍ୟୌଃ ଅଭୀକେ /*
*ଅଗ୍ନିଃ ଶର୍ଧମ୍ ଅନବଦ୍ୟମ୍ ଯୁବାନମ୍ ସୁ-ଆଧମ୍ ଜନୟତ୍ ସୂଦୟତ୍ ଚ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେତେବେଳେ [ଯତ୍] ପ୍ରେରକ ଶକ୍ତି ପାଇଁ [ଇଷେ] ଏହି ନରପତି (ଅଗ୍ନି)ଙ୍କ ନିକଟକୁ [ନୃପତିମ୍ ଆ] ଏକ ଶକ୍ତିର ଜ୍ୱଳନ୍ତ ଶିଖା [ତେଜଃ] ଆଗମନ କଲା [ଆନଟ୍], ସେ ଦୁହିଙ୍କ ମିଳନ ବେଳେ [ଅଭୀକେ] ଦ୍ୟୋଲୋକ [ଦ୍ୟୌଃ] ଏକ ଶୁଦ୍ଧ ବୀଜ ପରି [ଶୁଚି ରେତଃ] ତାଙ୍କ (ଅଗ୍ନିଙ୍କ) ମଧ୍ୟରେ ନିମଗ୍ନ ହୋଇଗଲା [ନିଷିକ୍ତମ୍], ସେତେବେଳେ ଅଗ୍ନି [ଅଗ୍ନିଃ] ତରୁଣ [ଯୁବାନମ୍] ନିର୍ଦୋଷ [ଅନବଦ୍ୟମ୍] ସୁବିଚାର ସଂପନ୍ନ [ସୁ-ଅଧମ୍] ଏକ ମହାନ୍ ବଳକୁ [ଶର୍ଧମ୍]* ଜନ୍ମ ଦେଇଥିଲେ [ଜନୟତ୍] ଏବଂ ସେମାନଙ୍କୁ ତାଙ୍କ ନିଜ ମାର୍ଗରେ ପ୍ରେରିତ କରିଥିଲେ [ସୂଦୟତ୍ ଚ] ।

*ଭାବାର୍ଥ : ବିଶ୍ୱରେ ସ୍ଥିତିଶୀଳ ଭାବରେ ବ୍ୟାପକ ରୂପେ ବିଦ୍ୟମାନ ଅଗ୍ନି ଏବଂ ତାଙ୍କର କ୍ରିୟାତ୍ମିକା ଶକ୍ତି (ତେଜଃ) ମଧ୍ୟରେ ସୂକ୍ଷ୍ମ ସଂଯୋଗକୁ ଏକ ଚମତ୍କାର ଶୈଳୀରେ କବି ଏଠାରେ ବର୍ଣ୍ଣନା କରିଛନ୍ତି । ଅଗ୍ନି ଓ ତେଜଃ ଉଭୟଙ୍କର ମିଳନ ବେଳେ ଅମର ଚେତନାର ଭୂମିରେ ସ୍ୱର୍ଗ ଆସି ନିମଗ୍ନ ହେଲା — ଅର୍ଥାତ୍ ପ୍ରୋଜ୍ଜ୍ୱଳ ଅଗ୍ନିଙ୍କ ମଧ୍ୟରେ (ଚୈତ୍ୟ-ଚେତନା ମଧ୍ୟରେ) ସ୍ୱର୍ଗ ବିଦ୍ୟମାନ । ପୁଣି ଏହି ମିଳନରୁ ଜାତ ହେଲେ ମରୁଦ୍ ଗଣ ଅର୍ଥାତ୍ ଏହି ପୃଥିବୀସ୍ଥ ଜୀବନ ବା ବିଶ୍ୱପ୍ରାଣ, ଯାହାଫଳରେ ପୃଥିବୀରେ ପ୍ରାଣସଂଚାର ହେଲା ।*

**ମନୋ ନ ଯୋଽଧ୍ୱନଃ ସଦ୍ୟ ଏତ୍ୟେକଃ ସତ୍ରା ସୂରୋ ବସ୍ୱ ଈଶେ ।**
**ରାଜାନା ମିତ୍ରାବରୁଣା ସୁପାଣୀ ଗୋଷୁ ପ୍ରିୟମମୃତଂ ରକ୍ଷମାଣା ॥୯॥**

*ମନଃ ନ ଯଃ ଅଧ୍ୱନଃ ସଦ୍ୟଃ ଏତି ଏକଃ ସତ୍ରା ସୂରଃ ବସ୍ୱଃ ଈଶେ /*
*ରାଜାନା ମିତ୍ରାବରୁଣା ସୁ-ପାଣୀ ଗୋଷୁ ପ୍ରିୟମ୍ ଅମୃତମ୍ ରକ୍ଷମାଣା ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ମନ ଭଳି [ମନଃ ନ] ଯିଏ [ଯଃ] ମାର୍ଗଗୁଡ଼ିକୁ [ଅଧ୍ୱନଃ] ତତ୍କ୍ଷଣାତ୍ [ସଦ୍ୟଃ] ଅତିକ୍ରମ କରିପାରେ [ଏତି] ସେହି ସୂର୍ଯ୍ୟ [ସୂରଃ] ସକଳ ଧନ-ଭଣ୍ଡାରର [ବସ୍ୱଃ] ଏକମାତ୍ର [ଏକଃ] ଚିରକାଳର [ସତ୍ରା] ସ୍ୱାମୀ ଅଟନ୍ତି [ଈଶେ] : ଦୁଇ ରାଜା [ରାଜାନା] ମିତ୍ର ଓ ବରୁଣ [ମିତ୍ରାବରୁଣା] ମନୋହର ହସ୍ତରେ [ସୁପାଣୀ]

* ଅଥବା, ଏକ ସୈନ୍ୟବାହିନୀକୁ, ଏହା 'ପ୍ରାଣ-ଦେବତା ମରୁତଙ୍କର ସେନା' ଅର୍ଥ ହୋଇପାରେ — ମରୁତାଂ ଶର୍ଧଃ ।



ଚେତନା-ରଶ୍ମିଗୁଡ଼ିକ ମଧ୍ୟରେ [ଗୋଷୁ][୧] ଆନନ୍ଦ ଓ ଅମରତ୍ୱକୁ [ପ୍ରିୟମ୍ ଅମୃତମ୍] ସୁରକ୍ଷା କରୁଛନ୍ତି [ରକ୍ଷମାଣା] ।

*ଭାବାର୍ଥ : ଏହି ମନ୍ତ୍ରରେ ଋଷି ସୂର୍ଯ୍ୟଙ୍କ ମଧ୍ୟରେ ଅଗ୍ନିଙ୍କର ଅବସ୍ଥିତିକୁ ଦର୍ଶନ କରିଛନ୍ତି । ଏହି ସୂର୍ଯ୍ୟ ଆମର ଏହି ସୌରମଣ୍ଡଳର ହୋଇପାରନ୍ତି ଅଥବା ଆଧ୍ୟାତ୍ମିକ ଜଗତର ପରମ ସବିତା ମଧ୍ୟ ହୋଇପାରନ୍ତି । ଏହି ଉଭୟ ଜଗତର ସୂର୍ଯ୍ୟ ସକଳ ଭୌତିକ ଓ ଅତିଭୌତିକ ସଂପଦର ପ୍ରଭୁ । ମିତ୍ର : ସଂଗତି ଓ ପ୍ରେମର ଦେବତା; ବରୁଣ : ପବିତ୍ରତା, ବ୍ୟାପ୍ତି ବା ବିଶାଳତାର ଦେବତା; ଗୋଧନ : ସତ୍ୟରଶ୍ମିର ପ୍ରତୀକ । ଏହିସବୁ ପ୍ରତୀକାର୍ଥର ଆଧାରରେ ଦେଖିଲେ ବରୁଣ ଓ ମିତ୍ର ଦୁଇରାଜା କିପରି ଗୋଧନ ମଧ୍ୟରେ ଆନନ୍ଦ ଓ ଅମୃତକୁ ବରଦ ହସ୍ତରେ ରକ୍ଷା କରୁଛନ୍ତି : ତାହାର ରହସ୍ୟ ବୁଝିପାରିବା ।*

**ମା ନୋ ଅଗ୍ନେ ସଖ୍ୟା ପିତ୍ର୍ୟାଣି ପ୍ର ମର୍ଷିଷ୍ଠା ଅଭି ବିଦୁଷ୍କବିଃ ସନ୍ ।**
**ନଭୋ ନ ରୂପଂ ଜରିମା ମିନାତି ପୁରା ତସ୍ୟା ଅଭିଶସ୍ତେରଧୀହି ॥୧୦॥**

ମା ନଃ ଅଗ୍ନେ ସଖ୍ୟା ପିତ୍ର୍ୟାଣି ପ୍ର ମର୍ଷିଷ୍ଠାଃ ଅଭି ବିଦୁଃ କବିଃ ସନ୍ /
ନଭଃ ନ ରୂପଂ ଜରିମା ମିନାତି ପୁରା ତସ୍ୟାଃ ଅଭିଶସ୍ତେଃ ଅଧି-ଇହି ॥

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ଆମର [ନଃ] ବଂଶପରମ୍ପରାଗତ [ପିତ୍ର୍ୟାଣି] ବନ୍ଧୁତ୍ୱ ସବୁକୁ [ସଖ୍ୟା] ଯେପରି ନ ଭୁଲ [ମା ପ୍ର-ମର୍ଷିଷ୍ଠାଃ][୨], କାରଣ ତୁମେ ଜ୍ଞାନବାନ୍ [ବିଦୁଃ] ଓ ଦ୍ରଷ୍ଟା ରୂପରେ [କବିଃ ସନ୍] ଆମମାନଙ୍କର ଅଭିମୁଖୀ ହୋଇଛ [ଅଭି] । କୁହେଳି [ନଭଃ] ଆକୃତିକୁ ଯେପରି ଅସ୍ପଷ୍ଟ କରିଦିଏ [ରୂପଂ ନ], ସେହିପରି ବାର୍ଧକ୍ୟ [ଜରିମା] ଆମମାନଙ୍କୁ କ୍ଷୀଣ କରିଦିଏ [ମିନାତି]; ଆମ ଉପରେ ସେପରି ଆଘାତ ଆସିବା ପୂର୍ବରୁ [ଅଭିଶସ୍ତେଃ ପୁରା] ତୁମେ ଉପସ୍ଥିତ ହୁଅ [ଅଧୀହି][୩] ।

*ଭାବାର୍ଥ : ସୂକ୍ତର ଏହି ଅନ୍ତିମ ମନ୍ତ୍ରଟିରେ ଅଗ୍ନିଙ୍କଠାରେ ଋଷିଙ୍କର ଏକ ଅନ୍ତରଙ୍ଗ ଆକୂତି ପ୍ରକାଶ ପାଇଛି । ଅଗ୍ନି ଆମର ଚିରସଖା ହୋଇ ରହନ୍ତୁ, ଯାହାଫଳରେ ଦୁଃଖ, ବାର୍ଦ୍ଧକ୍ୟ, ଦୈନ୍ୟ ପ୍ରଭୃତିରୁ ଆମେ ସୁରକ୍ଷିତ ରହିପାରିବା । ଏଠାରେ ଅଗ୍ନିଙ୍କ ସହ ଆମର*

[୧] ଗୋଷୁ : ରଶ୍ମିରୂପକ ଧେନୁଗଣଙ୍କ ମଧ୍ୟରେ, ସୂର୍ଯ୍ୟଙ୍କର ଭାସ୍ୱର ଗୋଧନ ମଧ୍ୟରେ ।
[୨] ଅଥବା, ତାକୁ ଅବହେଳିତ ବା ବିଲୁପ୍ତ ଯେପରି ନ କର ।
[୩] ଅଥବା, ଆମ ଉପରେ ତା'ର ଆକ୍ରମଣ ପୂର୍ବରୁ ତୁମେ ଆମକୁ ସାବଧାନ କରାଅ ।

*ବଂଶପରମ୍ପରାଗତ ସଂପର୍କରୁ ଆମେ ଅବଶ୍ୟ ଅବହିତ ହେବା ଯେ ଆମର ପିତୃପୁରୁଷଙ୍କ ଶକ୍ତି, ଜ୍ଞାନ, ବୀର୍ଯ୍ୟ ଓ ତପସ୍ୟାର ଅଗ୍ନି ଆଜି ମଧ୍ୟ ଆମ ମଧ୍ୟରେ ରହିଛି ।*

<u>ସୂକ୍ତ : ୭୨ ।। ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ତ୍ରିଷ୍ଟୁପ୍</u>

**ନି କାବ୍ୟା ବେଧସଃ ଶଶ୍ୱତସ୍କର୍ହସ୍ତେ ଦଧାନୋ ନର୍ଯ୍ୟା ପୁରୂଣି ।**
**ଅଗ୍ନିର୍ଭୁବଦ୍ରୟିପତୀ ରୟୀଣାଂ ସତ୍ରା ଚକ୍ରାଣୋ ଅମୃତାନି ବିଶ୍ୱା ।।୧।।**

*ନି କାବ୍ୟା ବେଧସଃ ଶଶ୍ୱତଃ କଃ ହସ୍ତେ ଦଧାନଃ ନର୍ଯ୍ୟା ପୁରୂଣି /*
*ଅଗ୍ନିଃ ଭୁବତ୍ ରୟିପତିଃ ରୟୀଣାମ୍ ସତ୍ରା ଚକ୍ରାଣଃ ଅମୃତାନି ବିଶ୍ୱା ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଦେବତାମାନଙ୍କର ବହୁସଂଖ୍ୟକ ଶକ୍ତିକୁ[୧] [ପୁରୁଣି ନର୍ଯ୍ୟା] ନିଜ ହସ୍ତରେ ଧାରଣ କରି [ହସ୍ତେ ଦଧାନଃ] ସେ (ଅଗ୍ନି) ଆମ ଅନ୍ତର ମଧ୍ୟରେ [ନି] ଚିରନ୍ତନ ସ୍ରଷ୍ଟାଙ୍କର [ଶଶ୍ୱତଃ ବେଧସଃ] ଅନ୍ତର୍ଦୃଷ୍ଟିସଂପନ୍ନ ଜ୍ଞାନକୁ [କାବ୍ୟା] ରୂପ ଦେଉଛନ୍ତି [କଃ] । ଅଗ୍ନି [ଅଗ୍ନିଃ] ସକଳ ଧନ-ଭଣ୍ଡାରର ସ୍ୱାମୀ ହୁଅନ୍ତୁ [ରୟୀଣାଂ ରୟିପତିଃ ଭୁବତ୍] ଯେ' କି (ଅଗ୍ନି) ସମସ୍ତ ଅମର ବସ୍ତୁର [ବିଶ୍ୱା ଅମୃତାନି] ସଦା ନିଷ୍ପାଦନକାରୀ ଅଟନ୍ତି[୨] [ସତ୍ରା ଚକ୍ରାଣଃ] ।

*ଭାବାର୍ଥ : ଭାଗବତ ସଂକଳ୍ପ ଓ ଶକ୍ତିକୁ ବହନ କରୁଥିବା ଆତ୍ମା ବା ଅଗ୍ନି ଆମମାନଙ୍କ ମଧ୍ୟରେ ବିଦ୍ୟମାନ । ତାଙ୍କ ମଧ୍ୟରେ ରହିଛି ଦିବ୍ୟଶକ୍ତି ଓ ଦିବ୍ୟଜ୍ଞାନ । ଜୀବନର ସମସ୍ତ ଘଟଣାବଳୀ ଏହି ଅଗ୍ନିଙ୍କ ଦ୍ୱାରା ସଂଘଟିତ ହେଉଛି ଏବଂ ତା'ର ପଶ୍ଚାତରେ ରହିଛି ଏକ କଲ୍ୟାଣମୟ ଦିବ୍ୟଦୃଷ୍ଟି । ଏଣୁ ମନୁଷ୍ୟଗଣଙ୍କର ପ୍ରତିନିଧି ରୂପେ ଋଷି ଏଠାରେ ପ୍ରାର୍ଥନା କରୁଛନ୍ତି : ଅଗ୍ନି ଆମର ମନ, ପ୍ରାଣ, ଶରୀର ଓ ଧନସଂପଦର ପ୍ରଭୁ ହୁଅନ୍ତୁ, ଅର୍ଥାତ୍, ଆମର ଜୀବନ ଅଜ୍ଞାନ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମାର କର୍ତ୍ତୃତ୍ୱରେ ପରିଚାଳିତ ହେଉ ।*

**ଅସ୍ମେ ବସ୍ସଂ ପରି ଷନ୍ତଂ ନ ବିନ୍ଦନ୍ନିଚ୍ଛନ୍ତୋ ବିଶ୍ୱେ ଅମୃତା ଅମୂରାଃ ।**
**ଶ୍ରମୟୁବଃ ପଦବ୍ୟୋ ଧିୟଂଧାସ୍ତସ୍ଥୁଃ ପଦେ ପରମେ ଚାର୍ବଗ୍ନେଃ ।।୨।।**

*ଅସ୍ମେ ବସ୍ସମ୍ ପରି ସନ୍ତମ୍ ନ ବିନ୍ଦନ୍ ଇଚ୍ଛନ୍ତଃ ବିଶ୍ୱେ ଅମୃତାଃ ଅମୂରାଃ /*
*ଶ୍ରମ-ୟୁବଃ ପଦବ୍ୟଃ ଧିୟମ୍-ଧାଃ ତସ୍ଥୁଃ ପଦେ ପରମେ ଚାରୁ ଅଗ୍ନେଃ ।।*

[୧] ଅଥବା, ବହୁ ପରିମିତ ବଳକୁ । [୨] ଅଥବା, ଏକତ୍ର ନିଷ୍ପାଦନ କରନ୍ତି ।



ଶ୍ରୀଅରବିନ୍ଦକୃତ ଅର୍ଥ : ପ୍ରାଜ୍ଞ ଅମରଗଣ [ବିଶ୍ୱେ ଅମୂରାଃ ଅମୃତାଃ] ତାଙ୍କୁ (ଅଗ୍ନିଙ୍କୁ) କାମନା କଲେ [ଇଚ୍ଛନ୍ତଃ], ସେହି ଶିଶୁ ଆମ ପରିପାର୍ଶ୍ୱରେ ବିଦ୍ୟମାନ [ବସ୍ସଂ ପରିସନ୍ତମ୍], କିନ୍ତୁ ସେମାନେ ତାଙ୍କୁ ଆମ ମଧ୍ୟରେ ପ୍ରତ୍ୟକ୍ଷ କରିପାରିଲେ ନାହିଁ [ଅସ୍ମେ ନ ବିନ୍ଦନ୍]; ତା'ପରେ ସେମାନେ ତାଙ୍କରି ପଦାଙ୍କ ଅନୁସରଣ କରିବାକୁ ପ୍ରୟାସ କଲେ [ପଦବ୍ୟଃ ଶ୍ରମୟୁବଃ], ନିଜର ଚେତନାକୁ ଊର୍ଦ୍ଧ୍ୱମୁଖୀ କରିଥିବା ସେହି ଦେବଗଣ [ଧିୟନ୍ଧାଃ] ପରମଚେତନାର ସ୍ତରରେ ଯାଇ ଉପଗତ ହେଲେ [ପରମେ ପଦେ ତସ୍ଥୁଃ], ଅଗ୍ନିଙ୍କର ସୌନ୍ଦର୍ଯ୍ୟକୁ ସେମାନେ ପ୍ରତ୍ୟକ୍ଷ କଲେ [ଅଗ୍ନେଃ ଚାରୁ ବିନ୍ଦନ୍] ।

*ଭାବାର୍ଥ : କବି ଏହି ମନ୍ତ୍ରରେ ବର୍ଣ୍ଣନା କରିଛନ୍ତି ଦେବଗଣ ଅଗ୍ନିଙ୍କର ଅନ୍ୱେଷଣ କରି କରି କିପରି ସର୍ବୋଚ୍ଚ ଚେତନାରେ ଉପନୀତ ହୋଇଛନ୍ତି ଏବଂ ସେହି ଜଗତରୁ ପ୍ରକାଶମୟ ଅଗ୍ନିଙ୍କର ସୌନ୍ଦର୍ଯ୍ୟକୁ ଅବଲୋକନ କରିଛନ୍ତି । ଅଗ୍ନିଙ୍କର ପଦାଙ୍କ ଅନୁସରଣର ଅର୍ଥ କର୍ମ କିଂବା ତପସ୍ୟାର ମାର୍ଗ ହୋଇପାରେ ।*

**ତିସ୍ରୋ ୟଦଗ୍ନେ ଶରଦସ୍ତ୍ୱାମିଚ୍ଛୁଚିଂ ଘୃତେନ ଶୁଚୟଃ ସପର୍ଯ୍ୟାନ୍ ।**
**ନାମାନି ଚିଦ୍ଦଧିରେ ୟଜ୍ଞିୟାନ୍ୟସୂଦୟନ୍ତ ତନ୍ୱଃ ସୁଜାତାଃ ।।୩।।**

*ତିସ୍ରଃ ୟତ୍ ଅଗ୍ନେ ଶରଦଃ ତ୍ୱାମ୍ ଇତ୍ ଶୁଚିମ୍ ଘୃତେନ ଶୁଚୟଃ ସପର୍ଯ୍ୟାନ୍ /*
*ନାମାନି ଚିତ୍ ଦଧିରେ ୟଜ୍ଞିୟାନି ଅସୂଦୟନ୍ତ ତନ୍ୱଃ ସୁଜାତାଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଶୁଚିମନ୍ତ ସେହି ଦେବଗଣ [ଶୁଚୟଃ] ଦୀର୍ଘ ତିନି ବର୍ଷ ଧରି [ତିସ୍ରଃ ଶରଦଃ] ସର୍ବଶୁଚିମାନ୍ ତୁମ୍ଭଙ୍କୁ କେବଳ [ଶୁଚିଂ ତ୍ୱାମ୍ ଇତ୍] ଆଲୋକର ବିଶୁଦ୍ଧ ପ୍ରକାଶ ସହ [ଘୃତେନ] ଅର୍ଚ୍ଚନା କରିବା ପରେ ଯାଇ [ସପର୍ଯ୍ୟାନ୍ ଇତ୍] ସେମାନେ ଯଜ୍ଞୀୟ ନାମଗୁଡ଼ିକୁ ଧାରଣ କରିଥିଲେ [ୟଜ୍ଞିୟାନି ନାମାନି ଦଧିରେ] ସେମାନଙ୍କର ଦେହସବୁ ଜନ୍ମକୁ ସିଦ୍ଧ କରିବା ପାଇଁ ଆସିଥିଲା [ତନ୍ୱଃ ସୁଜାତଃ], ଏବଂ ସେମାନେ ସେମାନଙ୍କ ଶରୀରକୁ ଯାତ୍ରାପଥରେ ସତ୍ୱର ପ୍ରେରଣ କରିଥିଲେ [ସୂଦୟନ୍ତ] ।

*ଭାବାର୍ଥ : ଦେବଗଣ କିପରି ନିଜ ନିଜର ନିର୍ମଳ ଶରୀର ଓ ଯଜ୍ଞୋପଯୋଗୀ ନାମ ପ୍ରାପ୍ତ ହେଲେ ତାହା ଏହି ମନ୍ତ୍ରରେ ବ୍ୟକ୍ତ ହୋଇଛି । ସେମାନେ ଯେତେବେଳେ କେବଳ ଚିନ୍ମୟ ଅବସ୍ଥାରେ ଥିଲେ ଏବଂ ରୂପ ଓ ନାମ ଗ୍ରହଣ କରିବାକୁ ଚାହିଁଲେ ସେତେବେଳେ ସେମାନେ ଅଗ୍ନିଙ୍କୁ ତିନି ବର୍ଷ ଘୃତାହୁତିରେ ଉପାସନା କରିଛନ୍ତି । ପ୍ରତୀକାତ୍ମକ ଦୃଷ୍ଟିରୁ ଦେଖିଲେ ତିନି ବର୍ଷ ଭୂଃ, ଭୁବଃ ଓ ସ୍ୱଃ ଏହି ତ୍ରିଲୋକକୁ ବୁଝାଯାଇ ପାରେ; ସେହିପରି*

*ଘୃତର ମଧ୍ୟ ପ୍ରତୀକାତ୍ମକ ଅର୍ଥ ହେଉଛି ଜ୍ଞାନାଲୋକ । ଅର୍ଥାତ୍‌, ଦେବଗଣ ସମର୍ପଣାତ୍ମକ ଜ୍ଞାନାଲୋକ ସହ ତ୍ରିଲୋକରେ ଅଗ୍ନିଙ୍କର ଆରାଧନା କରିଥିଲେ ଓ ତା'ପରେ ନିଜର ନାମ ଓ ରୂପକୁ ପ୍ରାପ୍ତ ହୋଇଥିଲେ ।*

**ଆ ରୋଦସୀ ବୃହତୀ ବେବିଦାନାଃ ପ୍ର ରୁଦ୍ରିୟା ଜଭ୍ରିରେ ଯଜ୍ଞିୟାସଃ ।**
**ବିଦନ୍ମର୍ତୋ ନେମଧିତା ଚିକିତ୍ୱାନଗ୍ନିଂ ପଦେ ପରମେ ତସ୍ଥିବାଂସମ୍‌ ।।୪।।**

*ଆ ରୋଦସୀ ବୃହତୀ ବେବିଦାନାଃ ପ୍ର ରୁଦ୍ରିୟା ଜଭ୍ରିରେ ଯଜ୍ଞିୟାସଃ /*
*ବିଦତ୍‌ ମର୍ତଃ ନେମ-ଧିତା ଚିକିତ୍ୱାନ୍‌ ଅଗ୍ନିମ୍‌ ପଦେ ପରମେ ତସ୍ଥିବାଂସମ୍‌ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଯଜ୍ଞପତିଗଣ (ଦେବଗଣ) [ଯଜ୍ଞିୟାସଃ] (ଅଗ୍ନିଙ୍କୁ ଅନ୍ୱେଷଣ କରୁକରୁ) ଅତିବିସ୍ତୃତ ଦ୍ୟାବା ପୃଥିବୀକୁ [ବୃହତୀ ରୋଦସୀ] ଆବିଷ୍କାର କରିଥିଲେ [ଆ-ବେବିଦାନାଃ], ସେମାନଙ୍କ ଉଗ୍ର ଶକ୍ତି ମଧ୍ୟରେ [ରୁଦ୍ରିୟା] ସେହି ଉଭୟ ଲୋକକୁ ଧାରଣ କରିଥିଲେ [ପ୍ର-ଜଭ୍ରିରେ], ତା'ପରେ ମର୍ତ୍ତ୍ୟବାସୀ ସେମାନଙ୍କୁ ଜାଣିବାକୁ ପାଇଲେ [ମର୍ତଃ ବିଦତ୍‌], ଏବଂ ପରେ ଯେତେବେଳେ ସେମାନେ (ଦେବଗଣ) ତାଙ୍କର (ଅଗ୍ନିଙ୍କର) ଉପରିସ୍ଥ ଅର୍ଦ୍ଧ ଭାଗକୁ ଧାରଣ କଲେ [ନେମ-ଧିତାଃ]* ସେତେବେଳେ ସେମାନେ ପରମ ପଦରେ ଦଣ୍ଡାୟମାନ ଅଗ୍ନିଙ୍କୁ [ପରମେ ପଦେ ତସ୍ଥିବାଂସମ୍‌ ଅଗ୍ନିମ୍‌] ଜାଣିବାକୁ ପାଇଲେ [ଚିକିତ୍ୱାନ୍‌] ।

*ଭାବାର୍ଥ : ରୂପ ଓ ନାମ ଧାରଣ ପରେ ଦେବଗଣ ତ୍ରିଲୋକର ପରିଚାଳନା କଲେ ଓ ଲୋକେ ତାଙ୍କୁ ଜାଣିଲେ । କିନ୍ତୁ ଏହି ତ୍ରିଲୋକର ଊର୍ଦ୍ଧ୍ୱରେ ଯେଉଁ ପରାର୍ଦ୍ଧ ବା ଦିବ୍ୟଲୋକ ବିଦ୍ୟମାନ, ସେଠାରେ ବି ଅଗ୍ନିଙ୍କର ଯେ ସ୍ଥାନ ରହିଛି ତାହା ଦେବଗଣ ଜାଣି ନ ଥିଲେ । ଦେବଗଣ ପରାର୍ଦ୍ଧକୁ ଯେତେବେଳେ ନିଜ ମଧ୍ୟରେ ଧାରଣ କରିବାକୁ ଯାଇଛନ୍ତି ସେତେବେଳେ ସେଠାରେ ମଧ୍ୟ ଅଗ୍ନିଙ୍କର ଅବସ୍ଥାନକୁ ଜାଣିପାରିଛନ୍ତି ।*

**ସଂଜାନାନା ଉପ ସୀଦନ୍ନଭିଜ୍ଞୁ ପତ୍ନୀବନ୍ତୋ ନମସ୍ୟଂ ନମସ୍ୟନ୍‌ ।**
**ରିରିକ୍ୱାଂସସ୍ତନ୍ୱଃ କୃଣ୍ୱତ ସ୍ୱାଃ ସଖା ସଖ୍ୟୁର୍ନିମିଷି ରକ୍ଷମାଣାଃ ।।୫।।**

* 'ନେମ' ଶବ୍ଦର ଅର୍ଥ 'ଅର୍ଦ୍ଧ', ଆପାତତଃ ଏହା ସ୍ୱର୍ଲୋକର ଉପରିସ୍ଥ ମହଃ ଲୋକକୁ ନିର୍ଦ୍ଦେଶ କରୁଛି, ଅର୍ଥାତ୍‌ ''ବୃହତ୍‌ ଦ୍ୟୌଃ''— ବ୍ରହ୍ମାଣ୍ଡର ଉପରି-ଅର୍ଧଭାଗ, ଯାହାର ପରେ ରହିଛି ପରମ ପଦ ।



*ସମ୍‌-ଜାନାନାଃ ଉପ ସୀଦନ୍‌ ଅଭିଜ୍ଞୁ ପତ୍ନୀବନ୍ତଃ ନମସ୍ୟମ୍‌ ନମସ୍ୟନ୍‌ /*
*ରିରିକ୍ୱାଂସଃ ତନ୍ୱଃ କୃଣ୍ୱତ ସ୍ୱାଃ ସଖା ସଖ୍ୟୁଃ ନି-ମିଷି ରକ୍ଷମାଣାଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ତାଙ୍କ (ଅଗ୍ନିଙ୍କ) ବିଷୟରେ ପୂର୍ଣ୍ଣଜ୍ଞାନ ଲାଭ କରିଥିବା ସେହି ଦେବଗଣ [ସଂଜାନାନାଃ] ସପତ୍ନୀକ ତାଙ୍କ ନିକଟକୁ ଆସିଥିଲେ [ପତ୍ନୀବନ୍ତଃ ଉପସୀଦନ୍‌] ଏବଂ ତାଙ୍କ ଆଗରେ ନତଜାନୁ ହୋଇଥିଲେ [ଅଭିଜ୍ଞୁ] ଓ ସେହି ପୂଜ୍ୟ ଅଗ୍ନିଙ୍କୁ [ନମସ୍ୟମ୍‌] ପ୍ରଣାମାଞ୍ଜଳି ସହ ପୂଜା କରିଥିଲେ [ନମସ୍ୟନ୍‌] । ସେମାନେ ସମସ୍ତେ ନିଜ ନିଜକୁ ଶୂନ୍ୟପାତ୍ର କରି ଦେଇଥିଲେ [ରିରିକ୍ୱାଂସଃ] ଏବଂ ସଖାଙ୍କର ସଖା [ସଖ୍ୟୁଃ ସଖା] ସେହି ଅଗ୍ନିଙ୍କର ଦୃଷ୍ଟିସମକ୍ଷରେ [ନି-ମିଷି] ନିଜକୁ ସୁରକ୍ଷିତ ରଖି [ରକ୍ଷମାଣାଃ] ସେମାନେ ନିଜ ନିଜର ଶରୀରଗଠନ କରିଥିଲେ [ସ୍ୱାଃ ତନ୍ୱଃ କୃଣ୍ୱତ] ।

*ଭାବାର୍ଥ : ଏଠାରେ ଯେପରି ଦେବପତ୍ନୀଙ୍କ କଥା କୁହାଯାଇଛି, ପୁରାଣରେ ମଧ୍ୟ ସେହିପରି ବର୍ଣ୍ଣିତ ହୋଇଛି । ଏହାର ଗୂଢ଼ାର୍ଥ ଦୃଷ୍ଟିରୁ, ନିର୍ଦ୍ଦିଷ୍ଟ ଚେତନାର ପ୍ରତିନିଧିତ୍ୱ କରୁଥିବା ଦେବତାଙ୍କର ଶକ୍ତି ହେଉଛନ୍ତି ତାଙ୍କର ପତ୍ନୀ । ନିଜ ନିଜର ଶକ୍ତି ସହ ଦେବତାମାନେ ଅଗ୍ନିଙ୍କଠାରେ ନିଜକୁ ପୂର୍ଣ୍ଣ ସମର୍ପଣ କରି ଦେଇଥିଲେ । ଏଠାରେ ନିଜକୁ ଶୂନ୍ୟ କରିଦେବା ବିଷୟଟି ଯେଉଁ କୁହାଯାଇଛି ତାହା ଆଧ୍ୟାତ୍ମିକ ଜୀବନ ପାଇଁ ଏକ ବିଶେଷ ପ୍ରସ୍ତୁତି, ପୂର୍ଣ୍ଣ ସମର୍ପଣ କରିପାରିଲେ ଯାଇ ଜଣକର ଏହି ଅନୁଭୂତି ପ୍ରାପ୍ତ ହୋଇଥାଏ ।*

**ତ୍ରିଃ ସପ୍ତ ଯଦ୍‌ ଗୁହ୍ୟାନି ତ୍ୱେ ଇତ୍ପଦାବିଦନ୍ନିହିତା ଯଜ୍ଞିୟାସଃ ।**
**ତେଭୀ ରକ୍ଷନ୍ତେ ଅମୃତଂ ସଜୋଷାଃ ପଶୂଞ୍ଚ ସ୍ଥାତୃଞ୍ଚରଥଂ ଚ ପାହି ।।୬।।**

*ତ୍ରିଃ ସପ୍ତ ଯଦ୍‌ ଗୁହ୍ୟାନି ତ୍ୱେ ଇତ୍‌ ପଦା ଅବିଦନ୍‌ ନିହିତା ଯଜ୍ଞିୟାସଃ /*
*ତେଭିଃ ରକ୍ଷନ୍ତେ ଅମୃତମ୍‌ ସ-ଜୋଷାଃ ପଶୂନ୍‌ ଚ ସ୍ଥାତୃନ୍‌ ଚରଥମ୍‌ ଚ ପାହି ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେତେବେଳେ [ଯତ୍‌] ଯଜ୍ଞପତି ଦେବଗଣ [ଯଜ୍ଞିୟାସଃ] ତୁମ (ଅଗ୍ନି) ମଧ୍ୟରେ [ତ୍ୱେ ଇତ୍‌] ଅନ୍ତର୍ଗତ ହୋଇ ରହିଥିବା [ନିହିତା] ସାତଟି ଲେଖାଏଁ ସ୍ତରଥିବା ତିନିଟି ରହସ୍ୟମୟ ଭୂମିର [ତ୍ରିଃ ସପ୍ତ ଗୁହ୍ୟାନି ପଦା] ସନ୍ଧାନ ପାଇଲେ [ଅବିଦନ୍‌] ସେତେବେଳେ ସେମାନେ ସଫଳତାସୂଚକ ଏକଚିତ୍ତରେ [ସଜୋଷାଃ] ଅମରତ୍ୱର ସୁରକ୍ଷା କରିଥିଲେ [ଅମୃତଂ ରକ୍ଷନ୍ତେ] । ହେ ଅଗ୍ନି ! ଜ୍ୟୋତିରୂପୀ ଗୋଧନକୁ [ପଶୂନ୍‌] ତଥା [ଚ] ସ୍ଥାବର ଓ ଜଙ୍ଗମ ସମସ୍ତଙ୍କୁ [ସ୍ଥାତୃନ୍‌ ଚ ରଥଂ ଚ] ରକ୍ଷାକର [ପାହି] ।

*ଭାବାର୍ଥ : ଅନ୍ନ, ପ୍ରାଣ, ମନ, ବିଜ୍ଞାନ, ଆନନ୍ଦ, ଚିତ୍ ଓ ସତ୍ — ଏହି ସାତଟି ହେଉଛି ଚେତନାର ସପ୍ତସ୍ତର ବା ଉପାଦାନ । ଆମ ଅସ୍ତିତ୍ୱର ତିନିଟି ଭୂମି ହେଲା ଦେହ, ପ୍ରାଣ ଓ ମନ । ଏହି ତିନିଟି ଭୂମିରେ ସେହି ସାତ ଉପାଦାନ ସ୍ଥୂଳ ଓ ସୂକ୍ଷ୍ମ ଭାବରେ ବିଦ୍ୟମାନ, ତେଣୁ ଏହା 'ତ୍ରି-ସପ୍ତ' । ଏହି ସବୁ ଭୂମିରେ ଦେବଗଣ ଦେଖିଲେ ଯେ ସେଠାରେ ଅଗ୍ନି ବିରାଜିତ ଏବଂ ସେ ହେଉଛନ୍ତି ଆମର ମରଣଶୀଳ ଜୀବନର ଅମର ସତ୍ତା । ଦେବଗଣ ଏହି ଅମୃତ ଦେବଙ୍କୁ ରକ୍ଷା କରୁଛନ୍ତି ।*

**ବିଦ୍ୱାଁ ଅଗ୍ନେ ବୟୁନାନି କ୍ଷିତୀନାଂ ବ୍ୟାନୁଷକ୍ଛୁରୁଧୋ ଜୀବସେ ଧାଃ ।**
**ଅନ୍ତର୍ବିଦ୍ୱାଁ ଅଧ୍ୱନୋ ଦେବୟାନାନତନ୍ଦ୍ରୋ ଦୂତୋ ଅଭବୋ ହବିର୍ବାଟ୍ ।।୭।।**

*ବିଦ୍ୱାନ୍ ଅଗ୍ନେ ବୟୁନାନି କ୍ଷିତୀନାଂ ବି ଆନୁଷକ୍ ଶୁରୁଧଃ ଜୀବସେ ଧାଃ /*
*ଅନ୍ତଃ-ବିଦ୍ୱାନ୍ ଅଧ୍ୱନଃ ଦେବ-ଯାନାନ୍ ଅତନ୍ଦ୍ରଃ ଦୂତଃ ଅଭବଃ ହବିଃ-ବାଟ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ଆମର ସକଳ ଜ୍ଞାତବ୍ୟର [ବୟୁନାନି] ତୁମେ ହେଉଛ ଜ୍ଞାତା [ବିଦ୍ୱାନ୍], ପ୍ରଜାଙ୍କ ନିମିତ୍ତ [କ୍ଷିତୀନାମ୍] ଏକ ଅବିଚ୍ଛିନ୍ନ ଅବ୍ୟର୍ଥ ସାମର୍ଥ୍ୟର [ଶୁରୁଧଃ ଆନୁଷକ୍] ତୁମେ ବିଧାୟକ ହୁଅ [ବିଧାଃ], ଯାହାକୁ ନେଇ ସେମାନେ ଜୀବନଧାରଣ କରିବେ [ଜୀବସେ] । ଦେବଗଣଙ୍କର ଯାତ୍ରାପଥଗୁଡ଼ିକୁ [ଦେବୟାନ୍ ଅଧ୍ୱନଃ] ଅନ୍ତର୍ଗତ ଭାବରେ ଜାଣିଥିବା [ଅନ୍ତଃ ବିଦ୍ୱାନ୍] ହେ ଅଗ୍ନି ! ତୁମେ ହେଉଛ [ଅଭବଃ] ଜଣେ ତନ୍ଦ୍ରାହୀନ ବାର୍ତ୍ତାବହ [ଅତନ୍ଦ୍ରଃ ଦୂତଃ] ଏବଂ ଆମର ସମସ୍ତ ସମର୍ପଣର ବାହକ [ହବିଃ-ବାଟ୍] ।

*ଭାବାର୍ଥ : ଏହି ମନ୍ତ୍ରର ଗୂଢ଼ାର୍ଥ ଅନେକ ପରିମାଣରେ ସ୍ପଷ୍ଟ ବୁଝିହୁଏ : ଆମର ଆନ୍ତରଗୁହାରେ ଥାଇ ଅଗ୍ନି ସବୁକିଛିକୁ ଜାଣୁଛନ୍ତି* । ସେ ମଧ୍ୟ ସେହିଠାରୁ ଆମ ଜୀବନକୁ ଜୟଶାଳିନୀ ଜୀବନୀ ଶକ୍ତି ପ୍ରଦାନ କରିପାରନ୍ତି, ପୁଣି ଜାଗରୂକ ବାର୍ତ୍ତାବହରୂପେ ସେ ଆମ ମଧ୍ୟରେ ତଥା ବିଶ୍ୱରେ ଜଣେ ଅନଳସ କର୍ମୀ ଭବରେ କର୍ମ କରିଚ୍ଛାଲିଛନ୍ତି । ଅତଏବ ଉଚ୍ଚତମ ଜ୍ଞାନ, ଶକ୍ତି ଓ କର୍ମ ମାଧ୍ୟମରେ ମନୁଷ୍ୟ ଯେଉଁ ଦେବତ୍ୱକୁ ପ୍ରାପ୍ତ ହୁଏ ଅଗ୍ନି ସେହିସବୁ ମହିମାକୁ ଧାରଣ କରି ଆମ ମଧ୍ୟରେ ବିଦ୍ୟମାନ ।*

* ଅଗ୍ନି ଯେ ସବୁ ଜାଣନ୍ତି ଏହା ମୈତ୍ରାବରୁଣି ଅଗସ୍ତ୍ୟ ଋଷିଙ୍କର ମନ୍ତ୍ରରେ ବି ପରିସ୍ଫୁଟ ହୋଇଛି (ଋ. ବେ. ୧-୧୮୯-୧) ନିମ୍ନଲିଖିତ ମନ୍ତ୍ରାଂଶରେ,— ''ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍'' । ଋଗ୍ବେଦର ଉପର୍ଯ୍ୟୁକ୍ତ ମନ୍ତ୍ରଟି ମଧ୍ୟ ଶୁକ୍ଳ ଯଜୁର୍ବେଦ ସଂହିତାର ଅନ୍ତିମ ଅଧ୍ୟାୟ ଅର୍ଥାତ୍ ଈଶୋପନିଷଦର ଅନ୍ତିମ ମନ୍ତ୍ର ରୂପେ ଦେଖିବାକୁ ମିଳେ । — ଅନୁବାଦକ



**ସ୍ୱାଧ୍ୟୋ ଦିବ ଆ ସପ୍ତ ୟହ୍ୱୀ ରାୟୋ ଦୁରୋ ବ୍ୟୃତଜ୍ଞା ଅଜାନନ୍ ।**
**ବିଦଦ୍ଗବ୍ୟଂ ସରମା ଦୃହ୍ଳମୂର୍ବଂ ୟେନା ନୁ କଂ ମାନୁଷୀ ଭୋଜତେ ବିଟ୍ ।।୮।।**

*ସୁ-ଆଧ୍ୟଃ ଦିବଃ ଆ ସପ୍ତ ଯହ୍ୱୀଃ ରାୟଃ ଦୁରଃ ବି ଋତଜ୍ଞାଃ ଅଜାନନ୍ /*
*ବିଦତ୍ ଗବ୍ୟମ୍ ସରମା ଦୃହ୍ଳମ୍ ଊର୍ବମ୍ ଯେନ ନୁ କମ୍ ମାନୁଷୀ ଭୋଜତେ ବିଟ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଗଭୀର ମନନଶୀଳା [ସ୍ୱାଧ୍ୟଃ], ସତ୍ୟଜ୍ଞାନକୁ ପ୍ରାପ୍ତ ହୋଇଥିବା [ଋତଜ୍ଞାଃ] ସ୍ୱର୍ଗରୁ ଝରି ଆସୁଥିବା [ଦିବଃ] ସପ୍ତ ମହାନଦୀ [ସପ୍ତ ଯହ୍ୱୀଃ] ଐଶ୍ୱର୍ଯ୍ୟର ଦ୍ୱାରଗୁଡ଼ିକୁ [ରାୟଃ ଦୁରଃ] ଜାଣିଥିଲେ [ବି-ଅଜାନନ୍]; ସରମା ସତ୍ୟସୂର୍ଯ୍ୟଙ୍କ କିରଣରୂପକ ଗୋଗୋଷ୍ଠକୁ [ଗବ୍ୟମ୍] ଆବିଷ୍କାର କରିଥିଲେ [ବିଦତ୍], ତଥା ଦୃଢ଼ କ୍ଷେତ୍ର ଓ ବିଶାଳତାକୁ ମଧ୍ୟ [ଦୃହ୍ଳମ୍ ଊର୍ବମ୍] ଆବିଷ୍କାର କରିଥିଲେ, ଯଦ୍ଦ୍ୱାରା [ଯେନ] ମନୁଷ୍ୟ ପ୍ରାଣୀ [ମାନୁଷୀ ବିଟ୍] ଆନନ୍ଦକୁ ଉପଭୋଗ କରୁଛି [କଂ ଭୋଜତେ] ।

*ଭାବାର୍ଥ : ବେଦରେ ବିଭିନ୍ନ ସ୍ଥାନରେ 'ସପ୍ତନଦୀ' ବିଷୟ ଉଲ୍ଲେଖ କରାଯାଇଛି । କିନ୍ତୁ ସେମାନଙ୍କର ନାମ କିଛି ନିର୍ଦ୍ଦିଷ୍ଟ କରାଯାଇ ନାହିଁ ।* ପୂର୍ବ ସୂକ୍ତରେ ମଧ୍ୟ ଏହି ସପ୍ତ ନଦୀର କଥା କବି ଉତ୍ଥାପନ କରିଛନ୍ତି । ଗୁହ୍ୟ ତତ୍ତ୍ୱର ଦୃଷ୍ଟିରେ ଦେଖିଲେ, ଦିବ୍ୟ ଲୋକରୁ ଶକ୍ତି ଓ ଚେତନାର ସ୍ରୋତ ନିମ୍ନଜଗତକୁ ଅବାରିତ ଭାବରେ ନିତ୍ୟ ପ୍ରବାହିତ ହେଉଛି, ଯାହାଫଳରେ ପୃଥିବୀ ଜୀବନ୍ତ ଓ ଜାଗ୍ରତ ହୋଇ ବିବର୍ତ୍ତିତ ହୋଇଚାଲିଛି । ଏହାହିଁ ନଦୀର ତାତ୍ପର୍ଯ୍ୟ । ଏଠାରେ 'ସରମା' ସମ୍ବୋଧି ବା ବସ୍ତୁ ବା ଘଟଣାବଳୀରେ ନିହିତ ସତ୍ୟଜ୍ଞାନ ଅର୍ଥରେ ବ୍ୟବହୃତ ହୋଇଛି (ସ୍ୱର୍ଗର କୁକୁରୀ ନୁହେଁ) । 'ଗୋ' ଶବ୍ଦର ଅର୍ଥ ଦିବ୍ୟ-ଆଲୋକ ।*

**ଆ ୟେ ବିଶ୍ୱା ସ୍ୱପତ୍ୟାନି ତସ୍ଥୁଃ କୃଣ୍ୱାନାସୋ ଅମୃତତ୍ୱାୟ ଗାତୁମ୍ ।**
**ମହ୍ନା ମହଦ୍ଭିଃ ପୃଥିବୀ ବି ତସ୍ଥେ ମାତା ପୁତ୍ରୈରଦିତିର୍ଧାୟସେ ବେଃ ।।୯।।**

*ଆ ଯେ ବିଶ୍ୱା ସୁ-ଅପତ୍ୟାନି ତସ୍ଥୁଃ କୃଣ୍ୱାନାସଃ ଅମୃତତ୍ୱାୟ ଗାତୁମ୍ /*
*ମହ୍ନା ମହଦ୍ଭିଃ ପୃଥିବୀ ବି ତସ୍ଥେ ମାତା ପୁତ୍ରୈଃ ଅଦିତିଃ ଧାୟସେ ବେଃ ।।*

* ସାତ, ଏକ ରହସ୍ୟବ୍ୟଞ୍ଜକ ସଂଖ୍ୟା । ପରମପୁରୁଷଙ୍କଠାରୁ ସପ୍ତପ୍ରାଣ, ସପ୍ତାର୍ଚ୍ଚି, ସପ୍ତସମିଧ, ସପ୍ତହୋମ, ସପ୍ତଲୋକ ଆଦି ପ୍ରକାଶିତ ହୋଇଥିବା ବେଦାନ୍ତରେ ଦେଖିବାକୁ ମିଳେ (ମୁଣ୍ଡକ ଉପ : ୨ୟ ମୁଣ୍ଡକ, ପ୍ରଥମ ଖଣ୍ଡ, ୮ମ ମନ୍ତ୍ର ଦ୍ରଷ୍ଟବ୍ୟ) । ଶ୍ରୀଅରବିନ୍ଦ 'ଦିବ୍ୟ ଜୀବନ' (The Life Divine) ଗ୍ରନ୍ଥରେ ମଧ୍ୟ 'ସତ୍ତାର ସପ୍ତତନ୍ତ୍ରୀ' (The Sevenfold Chord of Being) ର ଚର୍ଚ୍ଚା କରିଛନ୍ତି ।
— ଅନୁବାଦକ

ଶ୍ରୀଅରବିନ୍ଦକୃତ ଅର୍ଥ : ଏ ହେଉଛନ୍ତି ସେଇମାନେ ଯେଉଁମାନେ [ୟେ] ଉତ୍ତମରୂପେ ଜାତ [ସୁ-ଅପତ୍ୟାନି] ସକଳ ବସ୍ତୁରେ [ବିଶ୍ୱା] ନିଜର ପ୍ରବେଶ ଘଟାଇଛନ୍ତି [ଆ-ତସ୍ଥୁଃ] ଏବଂ ଅମୃତତ୍ୱ ଦିଗରେ [ଅମୃତତ୍ୱାୟ] ମାର୍ଗ ନିର୍ମାଣ କରିଛନ୍ତି [ଗାତୁଂ କୃଣ୍ୱାନାସଃ] । ମହାନ ବ୍ୟକ୍ତିଗଣଙ୍କ ହେତୁ [ମହଭିଃ] ପୃଥିବୀ ତା'ର ମହାନତା ସହ [ପୃଥିବୀ ମହ୍ନା] ଏହି ବରାଟ ସ୍ୱରୂପରେ ଆଜି ବିଦ୍ୟମାନ [ବି-ତସ୍ଥେ], ତାକୁ ତୋଳି ଧରିବା ନିମିତ୍ତ [ଧାୟସେ] ଅସୀମା ପରମା ଜନନୀ [ଅଦିତିଃ] ତାଙ୍କ ପୁତ୍ରଗଣଙ୍କ ସହ [ପୁତ୍ରୈଃ] ଆସିଛନ୍ତି [ବେଃ] ।

*ଭାବାର୍ଥ : ସବୁ ବିଷୟରେ ଯେଉଁମାନଙ୍କର ଜ୍ଞାନଲାଭ ହୋଇଛି ସେମାନେ ମାନବସୃଷ୍ଟି ମଧ୍ୟରେ ଉତ୍ତମ ଅପତ୍ୟ ଅଟନ୍ତି – ଏହି କଥା ଋଷି ଦେବଗଣଙ୍କୁ ଲକ୍ଷ୍ୟ କରି କହିଛନ୍ତି । ମାତା ଅଦିତିଙ୍କ ଗର୍ଭରୁ ଆଦିତ୍ୟ ଗଣ (ଦେବଗଣ) ଓ ଦିତିଙ୍କ ଗର୍ଭରୁ ଦୈତ୍ୟଗଣ ଜନ୍ମ ହେବା ବିଷୟ ପୁରାଣରେ କଥିତ ଅଛି । ସେହିପରି ଏଠାରେ ଜୀବନକୁ ଅଜ୍ଞାନରୁ ଉଦ୍ଧାର କରି ସତ୍ୟର ଅଭିବ୍ୟକ୍ତି ଘଟାଇବା ପାଇଁ ପୁତ୍ରଗଣଙ୍କ ସହ ମାତା ଅଦିତି ଅବତରଣ କରିଛନ୍ତି । ଶ୍ରୀଅରବିନ୍ଦଙ୍କ 'ଦେବତାର ଶ୍ରମ' କବିତାଟି ଏଠାରେ ପ୍ରଣିଧାନଯୋଗ୍ୟ ।*

**ଅଧ୍ ଶ୍ରିୟଂ ନି ଦଧୁଶ୍ଚାରୁମସ୍ମିନ୍ଦିବୋ ୟଦକ୍ଷୀ ଅମୃତା ଅକୃଣ୍ୱନ୍ ।**
**ଅଧ କ୍ଷରନ୍ତି ସିନ୍ଧବୋ ନ ସୃଷ୍ଟାଃ ପ୍ର ନୀଚୀରଗ୍ନେ ଅରୁଷୀରଜାନନ୍ ॥୧୦॥**

*ଅଧ୍ ଶ୍ରିୟଂ ନି ଦଧୁଃ ଚାରୁମ୍ ଅସ୍ମିନ୍ ଦିବଃ ୟତ୍ ଅକ୍ଷୀ ଅମୃତାଃ ଅକୃଣ୍ୱନ୍ /*
*ଅଧ କ୍ଷରନ୍ତି ସିନ୍ଧବଃ ନ ସୃଷ୍ଟାଃ ପ୍ର ନୀଚୀଃ ଅଗ୍ନେ ଅରୁଷୀଃ ଅଜାନନ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେତେବେଳେ ଅମରଗଣ [ୟତ୍ ଅମୃତାଃ] ଦିବ୍ୟ ସ୍ୱର୍ଗର ଦୁଇଚକ୍ଷୁ ନିର୍ମାଣ କଲେ [ଦିବଃ ଅକ୍ଷୀ ଅକୃଣ୍ୱାନ୍] ସେତେବେଳେ ସେମାନେ ତାଙ୍କ (ଅଗ୍ନିଙ୍କ) ମଧ୍ୟରେ [ଅସ୍ମିନ୍] କାନ୍ତି ଓ ସୌନ୍ଦର୍ଯ୍ୟକୁ ଆଣି ସ୍ଥାପନ କରିଥିଲେ [ଚାରୁଂ ଶ୍ରିୟଂ ଅଧ୍-ନି-ଦଧୁଃ] । ତା'ପରେ [ଅଧ] ତାହା (କାନ୍ତି  ଓ ସୌନ୍ଦର୍ଯ୍ୟ) ନିଜ ଶଯ୍ୟାରେ ମୁକ୍ତବେଣୀ ନଦୀ ପରି [ସୃଷ୍ଟାଃ ସିନ୍ଧବଃ ନ] କ୍ଷରିତ ହେବାକୁ ଲାଗିଲେ [କ୍ଷରନ୍ତି], ତାଙ୍କର (ଅଗ୍ନିଙ୍କର) ରକ୍ତବର୍ଣ୍ଣ ସୁଢଳ ଘୋଟକୀଗଣ [ଅରୁଷୀଃ] ନିମ୍ନ ଦିଗରେ ଧାବିତ ହେଲେ [ନୀଚୀଃ], ଏବଂ ସେତେବେଳେ ଯାଇ, ହେ ଅଗ୍ନି [ଅଗ୍ନେ], ଦେବଗଣ ତୁମକୁ ଜାଣିପାରିଥିଲେ [ଅଜାନନ୍] ।



*ଭାବାର୍ଥ : ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ସ୍ୱର୍ଗର ଦୁଇ ଚକ୍ଷୁ ବୋଲି କୁହାଯାଏ । ଆଧ୍ୟାତ୍ମିକ ପ୍ରତୀକ ଅର୍ଥରେ ସୂର୍ଯ୍ୟ ହେଉଛନ୍ତି କେନ୍ଦ୍ରୀଭୂତ ସତ୍ୟ (ଆତ୍ମା) ଓ ଚନ୍ଦ୍ର ହେଉଛନ୍ତି ସତ୍ୟାଲୋକମୟ ମନ । ଏଣୁ ସତ୍ୟ ଓ ମନର ଅଭିବ୍ୟକ୍ତି ସହ ପୃଥିବୀ କାନ୍ତି ଓ ସୌନ୍ଦର୍ଯ୍ୟମୟ ହୋଇଉଠିଛି । ବାସ୍ତବରେ ମନୁଷ୍ୟ, ପ୍ରାଣୀ, ବୃକ୍ଷଲତା, ନଦୀ, ପର୍ବତ ତଥା ବିରାଟ ଭୂତଳ ପ୍ରଭୃତିରେ ଯେଉଁସବୁ ସ୍ୱାଭାବିକ ସୌନ୍ଦର୍ଯ୍ୟ ଆମେ ଦେଖୁଛୁ ତାହାର ପଶ୍ଚାତରେ ଆଶା, ବିଶ୍ୱାସ, ଶକ୍ତି ଓ ପ୍ରତିଭାର ଏକ ଜ୍ୱଳନ ବିଦ୍ୟମାନ । ଏହି ଜ୍ୱାଳାମୟ ଦେବତା ହେଉଛନ୍ତି ଅଗ୍ନି । ରକ୍ତବର୍ଣ୍ଣ ସୁଢଳ ଘୋଟକୀଗଣ, ଅର୍ଥାତ୍ ଶକ୍ତିମୟ ପ୍ରେମର ସତ୍ତାଗଣ, ସେମାନେ ଦିବ୍ୟ ଜଗତରୁ ଇହଲୋକକୁ ଅବତରଣ କରିଥିଲେ । ଦେବଗଣ ସର୍ବଶକ୍ତିମାନ୍ ଅଗ୍ନିଙ୍କୁ ଏହିପରି ଭାବରେ ଜାଣିଥିଲେ ବୋଲି ଋଷି ସୂକ୍ତାନ୍ତରେ କହୁଛନ୍ତି ।*

<u>ସୂକ୍ତ : ୭୩ ॥ ଋଷି : ପରାଶର ଶାକ୍ତ୍ୟ, ଛନ୍ଦ : ତ୍ରିଷ୍ଟୁପ୍</u>

**ରୟିର୍ନ ୟଃ ପିତୃବିତ୍ତୋ ବୟୋଧାଃ ସୁପ୍ରଣୀତିଶ୍ଚିକିତୁଷୋ ନ ଶାସୁଃ ।**
**ସ୍ୟୋନଶୀରତିଥିର୍ନ ପ୍ରୀଣାନୋ ହୋତେବ ସଦ୍ମ ବିଧତୋ ବି ତାରୀତ୍ ॥୧॥**

*ରୟିଃ ନ ୟଃ ପିତୃ-ବିତ୍ତଃ ବୟଃ-ଧାଃ ସୁପ୍ରଣୀତିଃ ଚିକିତୁଷଃ ନ ଶାସୁଃ /*
*ସ୍ୟୋନ-ଶୀଃ ଅତିଥିଃ ନ ପ୍ରୀଣାନଃ ହୋତା ଇବ ସଦ୍ମ ବିଧତଃ ବି ତାରୀତ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ ଅଗ୍ନି [ୟଃ] ଶକ୍ତିପ୍ରଦାୟକ [ବୟୋଧାଃ] ଆମର ପୈତୃକ ସଂପତ୍ତି ପରି [ପିତୃବିତ୍ତଃ ରୟିଃ ନ], ଜଣେ ଜ୍ଞାନବାନ୍ ବ୍ୟକ୍ତିର [ଚିକିତୁଷଃ] ଆଦେଶ ପରି* [ଶାସୁଃ ନ], ସେ ତ୍ରୁଟିଶୂନ୍ୟ ନେତୃତ୍ୱ ଦେଇ ପାରନ୍ତି [ସୁ-ପ୍ରଣୀତିଃ], ସେ ସୁଖରେ ଶୟନ କରିଥିବା [ସ୍ୟୋନ-ଶୀଃ] ପରିତୃପ୍ତ [ପ୍ରୀଣାନଃ] ଅତିଥି ପରି [ଅତିଥିଃ ନ], ସେ ଦେବାହ୍ୱାନକାରୀ ପୂଜକ ପରି [ହୋତା ଇବ], ଏବଂ ଯେଉଁମାନେ ତାଙ୍କର ଉପାସନା କରନ୍ତି [ବିଧତଃ] ସେମାନଙ୍କର ଗୃହକୁ [ସଦ୍ମ] ସେ ବୃଦ୍ଧି କରନ୍ତି [ବି-ତାରୀତ୍] ।

*ଭାବାର୍ଥ : ମନୁଷ୍ୟର ହୃଦୟଗୁହା ମଧ୍ୟରେ ବିଦ୍ୟମାନ ଚୈତ୍ୟ-ଅଗ୍ନି ସମସ୍ତ ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟକୁ ବହନ କରି ରହିଛନ୍ତି, ନିଜର ପୈତୃକ ସଂପତ୍ତି  ପରି ସାଧକ ନିଜ ସାଧନାବଳରେ ସେସବୁ ଲାଭ କରେ । ଜଣେ ଶିକ୍ଷକ ପରି ଅଗ୍ନି ଆମ ହୃଦୟ-କେନ୍ଦ୍ରରୁ*

* ଅଥବା, ଶିକ୍ଷା ପରି ।

*ପ୍ରତି ପଦକ୍ଷେପରେ କ'ଣ କରିବା ବା କ'ଣ ନ କରିବାର ନିର୍ଦ୍ଦେଶ ଦେଇଥାନ୍ତି । ଅଗ୍ନି-ଉପାସକ ମାନବ ତାହା ଶୁଣିପାରେ ଓ ଜୀବନର ସମସ୍ତ ସମସ୍ୟାର ସମାଧାନ ଠିକ୍ ଭାବରେ କରିପାରେ । କାରଣ, ତାଙ୍କ ନିର୍ଦ୍ଦେଶରେ କିଛି ଭୁଲ୍ ନ ଥାଏ । ଅଗ୍ନି ଗୃହର ବିକାଶ କରନ୍ତି, ଅର୍ଥାତ୍ ମନୁଷ୍ୟର ମନ, ପ୍ରାଣ ଓ ଶରୀରରୂପକ ଗୃହକୁ ପରିବର୍ଦ୍ଧିତ କରନ୍ତି ।*

**ଦେବୋ ନ ୟଃ ସବିତା ସତ୍ୟମନ୍ମା କ୍ରତ୍ୱା ନିପାତି ବୃଜନାନି ବିଶ୍ୱା ।**
**ପୁରୁପ୍ରଶସ୍ତୋ ଅମତିର୍ନ ସତ୍ୟ ଆତ୍ମେବ ଶେବୋ ଦିଧିଷାୟ୍ୟୋ ଭୂତ୍ ॥୨॥**

*ଦେବଃ ନ ୟଃ ସବିତା ସତ୍ୟମନ୍ମା କ୍ରତ୍ୱା ନି-ପାତି ବୃଜନାନି ବିଶ୍ୱା /*
*ପୁରୁ-ପ୍ରଶସ୍ତଃ ଅମତିଃ ନ ସତ୍ୟଃ ଆତ୍ମା-ଇବ ଶେବଃ ଦିଧିଷାୟ୍ୟଃ ଭୂତ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଦିବ୍ୟ ସୂର୍ଯ୍ୟଙ୍କ ପରି [ଦେବଃ ସବିତା ନ] ତାଙ୍କର (ଅଗ୍ନିଙ୍କର) ସକଳ ଚିନ୍ତା କଳ୍ପନା ସତ୍ୟ ଅଟେ [ୟଃ ସତ୍ୟମନ୍ମା], ଆମର ସକଳ ସବଳ ସ୍ଥାନଗୁଡ଼ିକୁ [ବିଶ୍ୱା ବୃଜନାନି] ସେ ନିଜ ସଂକଳ୍ପ ଦ୍ୱାରା [କ୍ରତ୍ୱା] ରକ୍ଷା କରନ୍ତି [ନି-ପାତି]; ସେ ବହୁଧାରାରେ ଅଭିବ୍ୟକ୍ତ ହୋଇଥିବା [ପୁରୁ-ପ୍ରଶସ୍ତଃ] ତେଜୋରାଶି ପରି [ଅମତିଃ ନ], {ସେ ସତ୍ୟସ୍ୱରୂପ ଅଟନ୍ତି [ସତ୍ୟଃ]}[୧], ସେ ଆନନ୍ଦର ଏକ ଆତ୍ମା ସଦୃଶ[୨] [ଶେବଃ ଆତ୍ମା ଇବ] ଓ ସେ ଆମର ସହାୟକ ଅଟନ୍ତି [ଦିଧିଷାୟ୍ୟଃ ଭୂତ୍] ।

*ଭାବାର୍ଥ : ଏହି ମନ୍ତ୍ରରେ ଅଗ୍ନିଙ୍କର ସତ୍ୟଭାବନା, ସତ୍ୟ କଳ୍ପନା, ସତ୍ୟ ଅଭିବ୍ୟକ୍ତି ଓ ସଚ୍ଚିଦାନନ୍ଦମୟ ଆତ୍ମା-ସ୍ୱରୂପ ବିଷୟ ପ୍ରକାଶ ପାଇଛି । ଅଗ୍ନିଙ୍କର ଭାବନା ସତ୍ୟ, କାରଣ ସେହି ଭାବନା, ସେହି କଳ୍ପନା ଦିବ୍ୟ ସଂକଳ୍ପରୁ ଉତ୍ସାରିତ ହୋଇ ଆସିଥାଏ । ସେହିପରି ବିଶ୍ୱପ୍ରକୃତିରେ ଯାହାକିଛି ଏ ଯାଏ ବ୍ୟକ୍ତ ହୋଇଛି ଏବଂ ମନୁଷ୍ୟ ମଧ୍ୟରେ ଦିବ୍ୟ ସମ୍ଭାବନା ନେଇ ଯାହା ଫୁଟିଉଠେ ତାହା ହେଉଛି ସେହି ଗୁହ୍ୟ ଅଗ୍ନିଙ୍କର ପ୍ରକାଶ । ମନୁଷ୍ୟ ମଧ୍ୟରେ ଦୃଢ଼ ସ୍ଥାନଗୁଡ଼ିକର ଅର୍ଥ ହେଲା : ବିଶ୍ୱାସ, ସାହସ, ଧୈର୍ଯ୍ୟ, ସଂକଳ୍ପ ଓ ଅଧ୍ୟବସାୟ । ଏହିସବୁ ବଳରେ ଦୁଃସାଧ୍ୟ କାର୍ଯ୍ୟସବୁ ସେ କରିଥାଏ । କିନ୍ତୁ ତାହାର ଶକ୍ତି ଏତେ ସୀମିତ ଯେ ବିଶ୍ୱର ବିରୋଧିଶକ୍ତି ନିକଟରେ ସେମାନେ ଭାଙ୍ଗି ପଡ଼ନ୍ତି । କିନ୍ତୁ ସେ ସମସ୍ତରେ ଯଦି ଅଗ୍ନିଙ୍କର ସ୍ପର୍ଶ ଘଟେ ତେବେ ସେମାନଙ୍କର ଶକ୍ତି ଅସୀମ ହୋଇଯାଏ ।*

[୧] ଶ୍ରୀଅରବିନ୍ଦଙ୍କ ଅନୁବାଦରେ ଏହି 'ସତ୍ୟଃ' ପଦଟିର ଅର୍ଥ ଛାଡ଼ି ହୋଇ ଯାଇଛି । — ଅନୁବାଦକ

[୨] ଅଥବା, ଏ ହେଉଛନ୍ତି ସେଇ ଯାହାଙ୍କୁ ଧ୍ୟାନ କରାଯାଏ (ଚିନ୍ତାରେ ଧାରଣ କରାଯାଏ), [ଦିଧିଷାୟ୍ୟଃ ଭୂତ୍], ଆତ୍ମା ପରି ସେ ଆନନ୍ଦଦାୟକ ଅଟନ୍ତି [ଆତ୍ମା ଇବ ଶେବଃ] ।



**ଦେବୋ ନ ୟଃ ପୃଥିବୀଂ ବିଶ୍ୱଧାୟା ଉପକ୍ଷେତି ହିତମିତ୍ରୋ ନ ରାଜା ।**
**ପୁରଃସଦଃ ଶର୍ମସଦୋ ନ ବୀରା ଅନବଦ୍ୟା ପତିଜୁଷ୍ଟେବ ନାରୀ ॥୩॥**

*ଦେବଃ ନ ୟଃ ପୃଥିବୀମ୍ ବିଶ୍ୱଧାୟାଃ ଉପକ୍ଷେତି ହିତମିତ୍ରଃ ନ ରାଜା /*
*ପୁରଃ-ସଦଃ ଶର୍ମ-ସଦଃ ନ ବୀରାଃ ଅନବଦ୍ୟା ପତିଜୁଷ୍ଟା ଇବ ନାରୀ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ ଜଣେ ଦେବତାଙ୍କ ପରି [ୟଃ ଦେବଃ ନ] ସମଗ୍ର ପୃଥିବୀକୁ ତୋଳି ଧରିଛନ୍ତି [ପୃଥିବୀଂ ବିଶ୍ୱଧାୟାଃ], ଏବଂ, ସେ ଜଣେ ହିତକର ମିତ୍ର ରାଜା ପରି [ହିତମିତ୍ରଃ ରାଜା ନ] ପୃଥିବୀରେ ନିବାସ କରନ୍ତି [ଉପକ୍ଷେତି] : ସେ ଗୋଟିଏ ବୀର ଗୋଷ୍ଠୀ ପରି [ବୀରାଃ ନ] ଆମର ସମ୍ମୁଖ ଭାଗରେ ଆସୀନ [ପୁରଃ ସଦଃ], ସେ ଆମର ଗୃହବାସୀ ଅଟନ୍ତି [ଶର୍ମସଦଃ], ସେ ସତେ ଅବା ଜଣେ ଅନିନ୍ଦନୀୟା ପତିପ୍ରିୟା ନାରୀ ପରି [ଅନବଦ୍ୟା ପତିଜୁଷ୍ଟା ନାରୀ ଇବ] ।

*ଭାବାର୍ଥ : ଋଷି ଏଠାରେ ଅଗ୍ନିଙ୍କୁ ସବୁରି ଅନ୍ତରରେ ବିରାଜମାନ, ବିଶ୍ୱ-ଭାରକୁ ବହନ କରୁଥିବା ଜଣେ ଦେବତା, ହିତସଂପାଦନକାରୀ ମିତ୍ରରାଜ, ଅଗ୍ରଗାମୀ ବୀରଜାତି ଏବଂ ଅନିନ୍ଦ୍ୟା ନାରୀ ପ୍ରଭୃତି ସହ ତୁଳନା କରି ଅଗ୍ନିଙ୍କ ସ୍ୱରୂପର ପରିଚୟ ଦେଇଛନ୍ତି । ବ୍ୟକ୍ତ ବିଶ୍ୱର ଅନ୍ତରାଳରେ ଏହି ଅଗ୍ନିଙ୍କ କ୍ରିୟା ସବୁବେଳେ ମଙ୍ଗଳମୟ ଓ ବୀରତ୍ୱପୂର୍ଣ୍ଣ ।*

**ତଂ ତ୍ୱା ନରୋ ଦମ ଆ ନିତ୍ୟମିଦ୍ଧମଗ୍ନେ ସଚନ୍ତ କ୍ଷିତିଷୁ ଧ୍ରୁବାସୁ ।**
**ଅଧି ଦ୍ୟୁମ୍ନଂ ନି ଦଧୁର୍ଭୂର୍ୟସ୍ମିନ୍ ଭବା ବିଶ୍ୱାୟୁର୍ଧରୁଣୋ ରୟୀଣାମ୍ ॥୪॥**

*ତମ୍ ତ୍ୱା ନରଃ ଦମେ ଆ ନିତ୍ୟମ୍ ଇଦ୍ଧମ୍ ଅଗ୍ନେ ସଚନ୍ତ କ୍ଷିତିଷୁ ଧ୍ରୁବାସୁ /*
*ଅଧି ଦ୍ୟୁମ୍ନମ୍ ନି-ଦଧୁଃ ଭୂରି ଅସ୍ମିନ୍ ଭବ ବିଶ୍ୱାୟୁଃ ଧରୁଣଃ ରୟୀଣାମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ନିଜ ଧାମରେ [ଦମେ] ତଥା ତୁମ ନିଜ ବାସସ୍ଥଳୀ ଏହି ଭୁବନଗୁଡ଼ିକରେ [ଧ୍ରୁବାସୁ କ୍ଷିତିଷୁ] ଚିରନ୍ତନ ଭାବରେ ପ୍ରଜ୍ୱଳିତ [ନିତ୍ୟମ୍ ଇଦ୍ଧମ୍] ସେଇ ତୁମକୁ [ତଂ ତ୍ୱା] ଲୋକମାନେ [ନରଃ] ଦୃଢ଼ ଭାବରେ ଆଶ୍ରୟ କରିଛନ୍ତି [ଆ-ସଚନ୍ତ] । ତୁମକୁ ଆଧାର କରି [ଅସ୍ମିନ୍ ଅଧି] ସେମାନେ ଏକ ମହାନ୍ ଆଲୋକକୁ [ଭୂରି ଦ୍ୟୁମ୍ନମ୍] ନିଜ ଅନ୍ତରରେ ପ୍ରତିଷ୍ଠା କରିଛନ୍ତି [ନି-ଦଧୁଃ]; ହେ ଅଗ୍ନି, ତୁମେ ଏକ ବିଶ୍ୱଜୀବନରେ ପରିଣତ ହୁଅ [ବିଶ୍ୱାୟୁଃ ଭବ], ବିଶ୍ୱ-ସଂପଦରାଜିର ଧାରକ ହୁଅ [ରୟୀଣାଂ ଧରୁଣଃ ଭବ] ।

*ଭାବାର୍ଥ : ଏହି ମନ୍ତ୍ରର ଅନ୍ତିମ ବାକ୍ୟଟି ଏକ ଗଭୀର ଆଧ୍ୟାତ୍ମିକ ତତ୍ତ୍ୱ ବହନ କରିଛି । ତତ୍ତ୍ୱତଃ ଅଗ୍ନି ବିଶ୍ୱବ୍ୟାପୀ, ଏବଂ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସେ ବିଭକ୍ତ ହୋଇ ପ୍ରଦୀପିତ । ଏହି ବିଭକ୍ତୀକରଣ ହେତୁ ସଂସାରରେ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ଧାରାରେ ଜୀବନଯାପନ କରୁଛନ୍ତି । ଅନ୍ୟପକ୍ଷରେ ନିଜର ବିଶ୍ୱଗତ ଜୀବନ-ସଂପର୍କକୁ ଭୁଲି ଯାଉଛନ୍ତି, ଯାହା ଫଳରେ ଅହଂକାର, ସ୍ୱାର୍ଥ, ଭୟ, ହିଂସା, ଈର୍ଷା ପ୍ରଭୃତି ମନୁଷ୍ୟ ମଧ୍ୟରେ ଦେଖା ଦେଉଛି । ଏଣୁ ଆମକୁ ବିଶ୍ୱଗତ ଅଗ୍ନିଙ୍କୁ ଉପଲବ୍ଧି କରିବାକୁ ହେବ – ''ହେ ଅଗ୍ନି ! ତୁମେ ବିଶ୍ୱାୟୁ ଓ ବିଶ୍ୱଧାରକ ଅଟ'' ବାକ୍ୟଟି ଏହି ତତ୍ତ୍ୱକୁ ପ୍ରକାଶ କରୁଛି ।*

**ବି ପୃକ୍ଷୋ ଅଗ୍ନେ ମଘବାନୋ ଅଶ୍ୟୁର୍ବି ସୂରୟୋ ଦଦତୋ ବିଶ୍ୱମାୟୁଃ ।**
**ସନେମ ବାଜଂ ସମିଥେଷ୍ୱର୍ୟୋ ଭାଗଂ ଦେବେଷୁ ଶ୍ରବସେ ଦଧାନାଃ ॥୫॥**

*ବି ପୃକ୍ଷଃ ଅଗ୍ନେ ମଘବାନଃ ଅଶ୍ୟୁଃ ବି ସୂରୟଃ ଦଦତଃ ବିଶ୍ୱମ୍ ଆୟୁଃ /*
*ସନେମ ବାଜମ୍ ସମ୍-ଇଥେଷୁ ଅର୍ୟଃ ଭାଗମ୍ ଦେବେଷୁ ଶ୍ରବସେ ଦଧାନାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ଧନାଧିପତି [ମଘବାନଃ] ସେହି ବିଜ୍ଞ ଦେବଗଣ [ସୂରୟଃ], ଯେଉଁମାନେ କି ନିଜର ସମଗ୍ର ଜୀବନକୁ ଦାନ କରିଦେଇଛନ୍ତି [ବିଶ୍ୱମ୍ ଆୟୁଃ ଦଦତଃ], ସେମାନେ ସକଳ ସୁଖକୁ [ପୃକ୍ଷଃ] ଭୋଗ କରନ୍ତୁ [ବି-ଅଶ୍ୟୁଃ] : ଅନ୍ତଃଶ୍ରୁତ ଜ୍ଞାନକୁ ଲାଭ କରିବା ପାଇଁ [ଶ୍ରବସେ] ଦେବଗଣଙ୍କ ମଧ୍ୟରେ ଅଂଶଗ୍ରହଣ କରିଥିବା ଆମେମାନେ [ଦେବେଷୁ ଭାଗଂ ଦଧାନାଃ] ଯୁଦ୍ଧଗୁଡ଼ିକରେ [ସମିଥେଷୁ] ଶତ୍ରୁଠାରୁ [ଅର୍ୟଃ] ସଂପଦରାଶିକୁ [ବାଜମ୍] ଯେପରି ଜୟ କରୁ* [ସନେମ] ।

*ଭାବାର୍ଥ : ଯେଉଁ ମନୁଷ୍ୟ ବିଶ୍ୱମୟ ଦିବ୍ୟଚେତନାରେ ନିଜକୁ ଉତ୍ସର୍ଗ କରିଦିଏ ଏବଂ ଯାହାଠାରେ ଜ୍ଞାନ-ଜ୍ୟୋତିଃ ବିଦ୍ୟମାନ ସେ ଦେବପଦବାଚ୍ୟ ଏବଂ ଏହିସବୁ ଯୋଗ୍ୟତା ବଳରେ ମନୁଷ୍ୟ ସକଳ ସଂପଦ ଓ ସୁଖକୁ ଭୋଗ କରିପାରେ । ଏଠାରେ ଯେଉଁ ଶତ୍ରୁ ଓ ଯୁଦ୍ଧର ଅବତାରଣା କରାଯାଇଛି ତାହା ଅନ୍ତର୍ଗତ ଭାବରେ କାମକ୍ରୋଧାଦି ନିମ୍ନଗତିବୃତ୍ତି ସହ ଭାଗବତ ଅଭୀପ୍ସାର, ତଥା ବିଶ୍ୱଗତ ଭାବରେ ସୃଷ୍ଟିର ଆଦିକାଳରୁ ସତ୍ୟ ଓ ଅସତ୍ୟ, ଦେବତା ଓ ଦାନବଙ୍କୁ ଅଧିକାର କରି ପ୍ରବର୍ତ୍ତମାନ ଯୁଦ୍ଧର କଥା କୁହାଯାଇଛି । ଏହି ଉଭୟ ଯୁଦ୍ଧରେ ସତ୍ୟର ସାଧକ ଋଷିମାନେ ନିଜ ପକ୍ଷର ବିଜୟ-ଅଭିଳାଷ କରି ଅଗ୍ନିଙ୍କୁ ଆବାହନ କରୁଛନ୍ତି ।*

* ଅଥବା : ଯୁଦ୍ଧ କ୍ଷେତ୍ରରେ ଆମେ ସୈନିକଗଣ [ଅର୍ୟଃ] ଯେପରି ସଂପଦରାଶିକୁ ଜୟ କରୁଁ ।



**ଋତସ୍ୟ ହି ଧେନବୋ ବାବଶାନାଃ ସ୍ମଦୁଧ୍ନୀଃ ପୀୟୟନ୍ତ ଦ୍ୟୁଭକ୍ତାଃ ।**
**ପରାବତଃ ସୁମତିଂ ଭିକ୍ଷମାଣା ବି ସିନ୍ଧବଃ ସମୟା ସସ୍ରୁରଦ୍ରିମ୍ ॥୬॥**

*ଋତସ୍ୟ ହି ଧେନବଃ ବାବଶାନାଃ ସ୍ମତ୍-ଉଧ୍ନୀଃ ପୀୟୟନ୍ତ ଦ୍ୟୁଭକ୍ତାଃ /*
*ପରାବତଃ ସୁମତିମ୍ ଭିକ୍ଷମାଣାଃ ବି ସିନ୍ଧବଃ ସମୟା ସସ୍ରୁଃ ଅଦ୍ରିମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସ୍ୱର୍ଗରେ ଉପଭୁକ୍ତ ହୋଇଥିବା* [ଦ୍ୟୁଭକ୍ତାଃ], ପୂର୍ଣ୍ଣପୟୋଧରା [ସ୍ମଦୁଧ୍ନୀଃ], ଆମମାନଙ୍କୁ ଅଭିଳାଷ କରୁଥିବା [ବାବଶାନଃ] ସତ୍ୟର ଧେନୁଗଣ [ଋତସ୍ୟ ହି ଧେନବଃ] ଆମକୁ ନିଜର ଦୁଗ୍ଧ ପାନ କରାଇଛନ୍ତି [ପୀୟୟନ୍ତ] : ଅସୀମ ପରାତ୍ପରଙ୍କଠାରୁ ସୁମତି-ଭିକ୍ଷାକାରିଣୀ ନଦୀଗଣ [ପରାବତଃ ସୁମତିଂ ଭିକ୍ଷମାଣାଃ ସିନ୍ଧବଃ] ପର୍ବତ ଉପରେ ବିସ୍ତୃତ ଭାବରେ ପ୍ରବହମାନା [ଅଦ୍ରିଂ ସମୟା ବି ସସ୍ରୁଃ] ।

*ଭାବାର୍ଥ : ପୟସ୍ୱିନୀ ଧେନୁ, ଦୁଗ୍ଧ, ନଦୀ ଓ ପର୍ବତ ପ୍ରଭୃତି ଏଠାରେ ଯଥାକ୍ରମେ ସତ୍ୟ-ଜ୍ୟୋତି-ବାହିନୀ ସତ୍ତାଗଣ, ଆନନ୍ଦରସ, ଦିବ୍ୟଚେତନାରସ୍ରୋତ, ସମଗ୍ର ପାର୍ଥିବ ଚେତନା ପ୍ରଭୃତି ଅର୍ଥରେ ବ୍ୟବହୃତ ହୋଇଛନ୍ତି । ସତ୍ୟ-ଚେତନାର ଆନନ୍ଦ-ରସକୁ ପାନ କରି ଆମେମାନେ କ୍ରମଶଃ ପରିପୁଷ୍ଟ ହୋଇଉଠୁଛୁ । ମନୁଷ୍ୟଗଣଙ୍କ ପାଇଁ ଭଗବାନଙ୍କଠାରୁ ଶୁଭବୁଦ୍ଧି ଭିକ୍ଷା କରି ଦିବ୍ୟଚେତନାର ସ୍ରୋତସ୍ୱିନୀମାନେ ପୃଥିବୀ ଉପରେ ଝରିଯାଉଛନ୍ତି । କବିଙ୍କର ଏହା ଏକ ମନୋମୁଗ୍ଧକର ବିଶ୍ୱଗତ ଆଧ୍ୟାତ୍ମିକ ଉପଲବ୍ଧି ।*

**ତ୍ୱେ ଅଗ୍ନେ ସୁମତିଂ ଭିକ୍ଷମାଣା ଦିବି ଶ୍ରବୋ ଦଧିରେ ଯଜ୍ଞିୟାସଃ ।**
**ନକ୍ତା ଚ ଚକ୍ରୁରୁଷସା ବିରୂପେ କୃଷ୍ଣଂ ଚ ବର୍ଣମରୁଣଂ ଚ ସଂ ଧୁଃ ॥୭॥**

*ତ୍ୱେ ଅଗ୍ନେ ସୁମତିଂ ଭିକ୍ଷମାଣାଃ ଦିବି ଶ୍ରବଃ ଦଧିରେ ଯଜ୍ଞିୟାସଃ /*
*ନକ୍ତା ଚ ଚକ୍ରୁଃ ଉଷସା ବିରୂପେ କୃଷ୍ଣମ୍ ଚ ବର୍ଣମ୍ ଅରୁଣମ୍ ଚ ସମ୍ ଧଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି ! [ଅଗ୍ନେ], ତୁମ ମଧ୍ୟରେ [ତ୍ୱେ] ସୁମତିକୁ ପ୍ରାର୍ଥନା କରୁଥିବା [ସୁମତିଂ ଭିକ୍ଷମାଣାଃ] ଯଜ୍ଞପତି ଦେବଗଣ [ଯଜ୍ଞିୟାସଃ] ଅନ୍ତଃପ୍ରେରିତ ଜ୍ଞାନକୁ [ଶ୍ରବଃ] ସ୍ୱର୍ଗରେ ସ୍ଥାପନ କରିଛନ୍ତି [ଦିବି ଦଧିରେ] : ସେମାନେ ବହୁରୂପିଣୀ [ବିରୂପେ] ରାତ୍ରୀ ଓ ଉଷାକାଳ ସୃଷ୍ଟି କରିଛନ୍ତି [ନକ୍ତା ଉଷସା ଚ ଚକ୍ରୁଃ] ଏବଂ କୃଷ୍ଣ ଓ

* କିଂବା, ସ୍ୱର୍ଗ ଯେଉଁମାନଙ୍କୁ ଭାଗ ଭାଗ କରି ବାଣ୍ଟି ଦେଇଛି ।

ଅରୁଣ ବର୍ଣ୍ଣକୁ [କୃଷ୍ଣମ୍ ଅରୁଣଂ ବର୍ଣ୍ଣଂ ଚ] ଏକତ୍ର ମିଶ୍ରଣ କରିଛନ୍ତି [ସଂ-ଧୁଃ]।

*ଭାବାର୍ଥ : ଦେବଗଣ ହେଉଛନ୍ତି ବିଶ୍ୱଶକ୍ତି ଓ ବିଶ୍ୱକ୍ରିୟାର ପ୍ରତିଭୂ । ସେମାନେ ଯେଉଁ ଆଲୋକିତ ଅଧିମାନସକୁ ପ୍ରାପ୍ତ ହୋଇଛନ୍ତି ତାହା ହେଉଛି ଅଗ୍ନିଙ୍କର ଦାନ । ଆଲୋକିତ ମନ ଅନ୍ତର୍ଜ୍ଞାନକୁ ପ୍ରାପ୍ତ ହୋଇପାରେ । ଏଠାରେ ରାତ୍ରୀ ଅଜ୍ଞାନକୁ ଓ ଉଷା ଜ୍ଞାନର ଉନ୍ମେଷକୁ ପ୍ରତୀକାତ୍ମକ ଭାବରେ ବୁଝାଉଛନ୍ତି । ଦେବଗଣଙ୍କ ମାଧ୍ୟମରେ ଭଗବାନ୍ ଯେଉଁ ଚେତନାର ଅଭିଯାନ ଚଳାଇଛନ୍ତି ସେହି ଯାତ୍ରାପଥରେ ଏପରି ଅନେକ ରାତ୍ରୀ ଓ ଉଷାର ଗମନାଗମନ ହୁଏ ।*

**ୟାନ୍ରାୟେ ମର୍ତାନ୍ତ୍ସୁଷୂଦୋ ଅଗ୍ନେ ତେ ସ୍ୟାମ ମଘବାନୋ ବୟଂ ଚ ।**
**ଛାୟେବ ବିଶ୍ୱଂ ଭୁବନଂ ସିସକ୍ଷ୍ୟାପପ୍ରିବାନ୍ରୋଦସୀ ଅନ୍ତରିକ୍ଷମ୍ ॥୮॥**

*ୟାନ୍ ରାୟେ ମର୍ତାନ୍ ସୁଷୂଦଃ ଅଗ୍ନେ ତେ ସ୍ୟାମ ମଘବାନଃ ବୟମ୍ ଚ /*
*ଛାୟା ଇବ ବିଶ୍ୱମ୍ ଭୁବନମ୍ ସିସକ୍ଷି ଆପପ୍ରିବାନ୍ ରୋଦସୀ ଅନ୍ତରିକ୍ଷମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି ! ଦିବ୍ୟ ସଂପଦର ଭଣ୍ଡାର ଦିଗରେ [ରାୟେ] ତୁମେ ଯେଉଁ ମର୍ତ୍ତ୍ୟଦେହୀମାନଙ୍କୁ [ୟାନ୍ ମର୍ତାନ୍] ଦ୍ରୁତପ୍ରେରଣ କରୁଛ [ସୁଷୂଦଃ] ଆମେ ଏବଂ ଧନପତି ଦେବଗଣ [ବୟଂ ମଘବାନଃ ଚ] ଯେପରି ସେହିପରି ହୋଇଉଠୁ [ତେ ସ୍ୟାମ]। ମର୍ତ୍ତ୍ୟ, ସ୍ୱର୍ଗ ଓ ଅନ୍ତରିକ୍ଷକୁ [ରୋଦସୀ ଅନ୍ତରିକ୍ଷମ୍] ବ୍ୟାପ୍ତ ହୋଇ [ଆପପ୍ରିବାନ୍] ତୁମେ ସମଗ୍ର ବିଶ୍ୱକୁ [ବିଶ୍ୱଂ ଭୁବନମ୍] ଛାୟା ଭଳି [ଛାୟା ଇବ] ଆଲିଙ୍ଗନ କରି ରହିଛ [ସିସକ୍ଷି]।

*ଭାବାର୍ଥ : ଭଣ୍ଡାରରେ ଯେପରି ଧନସଂପଦ ସଞ୍ଚିତ ହୋଇ ରହିଥାଏ, ନିଜର ତଥା ମନୁଷ୍ୟ ଜାତିର ବିକାଶରେ ତାହାର ବିନିଯୋଗ ପାଇଁ ଧନାଭିଳାଷିଗଣ ଯେପରି ତାହାକୁ ଅଧିକାର କରନ୍ତି ଏବଂ ସେହି ସଂପଦରାଶିକୁ ପ୍ରାପ୍ତ ହେବା ପାଇଁ ତଥା ସେଥିପାଇଁ ନିଜେ ଯୋଗ୍ୟ ହୋଇଉଠିବା ପାଇଁ କଠିନ ଅଧ୍ୟବସାୟ କରିଥାନ୍ତି, ଠିକ୍ ସେହିପରି ମାନବଚେତନାର ଅନ୍ତରାଳରେ ଅନେକ ଦିବ୍ୟ ଐଶ୍ୱର୍ଯ୍ୟ ଭଗବାନଙ୍କ କୃପାରୁ ଗଚ୍ଛିତ ହୋଇ ରହିଛି । ଭଗବତ୍ ସଂକଳ୍ପ ଓ ଶକ୍ତି (ଅଗ୍ନି)ଠାରେ ଯେଉଁମାନେ ଶରଣାପନ୍ନ ହୁଅନ୍ତି ସେମାନେ ସେହି ଐଶ୍ୱର୍ଯ୍ୟ ଦିଗରେ ଦ୍ରୁତ ପ୍ରେରିତ ହୁଅନ୍ତି ଓ ତାହା ପ୍ରାପ୍ତ ହୁଅନ୍ତି । ଏହି ତ୍ରିଲୋକରେ ଅଗ୍ନି ପରିବ୍ୟାପ୍ତ ।*



**ଅର୍ବଦ୍ଭିରଗ୍ନେ ଅର୍ବତୋ ନୃଭିର୍ନୄନ୍ୱୀରୈର୍ବୀରାନ୍ୱନୁୟାମା ତ୍ୱୋତାଃ ।**
**ଈଶାନାସଃ ପିତୃବିତ୍ତସ୍ୟ ରାୟୋ ବି ସୂରୟଃ ଶତହିମା ନୋ ଅଶ୍ୟୁଃ ॥୯॥**

*ଅର୍ବଦ୍ଭିଃ ଅଗ୍ନେ ଅର୍ବତଃ ନୃଭିଃ ନୄନ୍ ବୀରୈଃ ବୀରାନ୍ ବନୁୟାମ ତ୍ୱା ଉତାଃ /*
*ଈଶାନାସଃ ପିତୃ-ବିତ୍ତସ୍ୟ ରାୟଃ ବି ସୂରୟଃ ଶତହିମାଃ ନଃ ଅଶ୍ୟୁଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି ! [ଅଗ୍ନେ] ତୁମ ଦ୍ୱାରା ଆମେ ସୁରକ୍ଷିତ ହୋଇ [ତ୍ୱା ଉତାଃ][1] ଆମ ଯୁଦ୍ଧାଶ୍ୱମାନଙ୍କ ଦ୍ୱାରା ଯୁଦ୍ଧାଶ୍ୱମାନଙ୍କୁ [ଅର୍ବଦ୍ଭିଃ ଅର୍ବତଃ], ଆମର ବଳବାନ୍ ଲୋକଙ୍କ ଦ୍ୱାରା ବଳବାନ୍ ଲୋକଙ୍କୁ [ନୃଭିଃ ନୄନ୍], ଆମର ବୀରମାନଙ୍କ ଦ୍ୱାରା ବୀରମାନଙ୍କୁ [ବୀରୈଃ ବୀରାନ୍] ଜୟକରୁ [ବନୁୟାମ]; ଆମର ଜ୍ଞାନଦୀପ୍ତ ପଣ୍ଡିତଗଣ [ନଃ ସୂରୟଃ] ଆମ ପିତୃ-ଅର୍ଜିତ ଧନଭଣ୍ଡାରର [ପିତୃ-ବିତ୍ତସ୍ୟ ରାୟଃ] ପ୍ରଭୁ ହୁଅନ୍ତୁ [ଈଶାନାସଃ] ଏବଂ ଶତହେମନ୍ତର ଆୟୁଷ ନେଇ [ଶତ-ହିମାଃ] ସେମାନେ ତାହାକୁ ଅଧିକାର କରନ୍ତୁ [ବି ଅଶ୍ୟୁଃ]।

*ଭାବାର୍ଥ : ପାର୍ଥିବଜୀବନରେ ସତ୍ୟ ଓ ଅସତ୍ୟ ମଧ୍ୟରେ ପ୍ରବର୍ତ୍ତମାନ ରଣାଙ୍ଗନରେ ଉଭୟ ପକ୍ଷରେ ବୀର, ସୈନିକ, ଅଶ୍ୱ ଓ ପଣ୍ଡିତଗଣ ରହି ଯୁଦ୍ଧ କରୁଛନ୍ତି । ସତ୍ୟ ପକ୍ଷର ଶକ୍ତିରେ ଅସତ୍ୟର ପରାଜୟ ପାଇଁ ଋଷି ଅଗ୍ନିଙ୍କୁ ପ୍ରାର୍ଥନା କରୁଛନ୍ତି । ଏଠାରେ ପିତୃବିତ୍ତର ଅର୍ଥ ଆମର ପୂର୍ବସୂରିଙ୍କର ତ୍ୟାଗ, ତପସ୍ୟା, ଜ୍ଞାନ, ଶକ୍ତି ଓ ଚେତନା ପ୍ରଭୃତି, ଯାହା ଆଜି ଆମର ଉଚ୍ଚତର ଜୀବନଯାତ୍ରା ପାଇଁ ଭିତ୍ତି ତଥା ମାର୍ଗଦର୍ଶକ ଅଟେ ।*

**ଏତା ତେ ଅଗ୍ନ ଉଚଥାନି ବେଧୋ ଜୁଷ୍ଟାନି ସନ୍ତୁ ମନସେ ହୃଦେ ଚ ।**
**ଶକେମ ରାୟଃ ସୁଧୁରୋ ୟମଂ ତେଽଧି ଶ୍ରବୋ ଦେବଭକ୍ତଂ ଦଧାନାଃ ॥୧୦॥**

*ଏତା ତେ ଅଗ୍ନେ ଉଚଥାନି ବେଧଃ ଜୁଷ୍ଟାନି ସନ୍ତୁ ମନସେ ହୃଦେ ଚ /*
*ଶକେମ ରାୟଃ ସୁ-ଧୁରଃ ୟମମ୍ ତେ ଅଧି ଶ୍ରବଃ ଦେବଭକ୍ତମ୍ ଦଧାନାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ବସ୍ତୁଗୁଡ଼ିକର ବ୍ୟବସ୍ଥାପକ ହେ ଅଗ୍ନି [ବେଧଃ ଅଗ୍ନେ] ! ଆମର ଏହିସବୁ ସୂକ୍ତବଚନଗୁଡ଼ିକ [ଏତା ଉଚଥାନି] ତୁମର ମନ ଓ ହୃଦୟର [ତେ ମନସେ ହୃଦେ ଚ] ଗ୍ରହଣଯୋଗ୍ୟ ହେଉ [ଜୁଷ୍ଟାନି ସନ୍ତୁ]; ଦେବସେବିତ [ଦେବଭକ୍ତମ୍][2]

[1] ଅଥବା, ଉତ୍ତୋଳିତ ହୋଇ । [2] ଅଥବା : ଦେବଗଣଙ୍କ ଦ୍ୱାରା ବିତରିତ ।

ଅନ୍ତଃଶ୍ରୁତ ଜ୍ଞାନକୁ [ଶ୍ରବଃ] ଧାରଣ କରିଥିବା ଆମେମାନେ [ଦଧାନାଃ] ତୁମରି ମଧ୍ୟରେ [ତ୍ୱେ-ଅଧି] ତୁମ ସଂପଦରାଜିକୁ [ରାୟଃ] ଦୃଢ଼ ନିୟନ୍ତ୍ରଣ ମଧ୍ୟରେ ନିୟନ୍ତ୍ରିତ କରି ରଖିବା ପାଇଁ [ସୁ-ଧୁରଃ ଯମମ୍] ସମର୍ଥ ହେଉ [ଶକେମ]।

*ଭାବାର୍ଥ : ସୂକ୍ତର ଉପସଂହାରରେ କବି ଅଗ୍ନିଙ୍କୁ କୃତାଞ୍ଜଳିପୁଟରେ ପ୍ରାର୍ଥନା କରିଛନ୍ତି । ଯେଉଁସବୁ ଦିବ୍ୟସଂପଦ ପ୍ରତିଦିନ ଏହି ବିଶ୍ୱରେ ଫୁଟିଉଠୁଛି ତାହା ସ୍ଥାୟୀ ହେଉ ଓ ଆମେମାନେ ସେଥିପାଇଁ ଉପଯୁକ୍ତ ତଥା ଶକ୍ତିମନ୍ତ ହୋଇଉଠୁ ।*

## କୁତ୍ସ ଆଙ୍ଗିରସ

ସୂକ୍ତ : ୯୪ ॥ ଋଷି : କୁତ୍ସ ଆଙ୍ଗିରସ, ଛନ୍ଦ : ଜଗତୀ, (୧୫ ଓ ୧୬ : ତ୍ରିଷ୍ଟୁପ୍)

**ଇମଂ ସ୍ତୋମମର୍ହତେ ଜାତବେଦସେ ରଥମିବ ସଂ ମହେମା ମନୀଷୟା ।**
**ଭଦ୍ରା ହି ନଃ ପ୍ରମତିରସ୍ୟ ସଂସଦ୍ୟଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୧॥**

*ଇମମ୍ ସ୍ତୋମମ୍ ଅର୍ହତେ ଜାତବେଦସେ ରଥମ୍ ଇବ ସମ୍ ମହେମ ମନୀଷୟା /*
*ଭଦ୍ରା ହି ନଃ ପ୍ରମତିଃ ଅସ୍ୟ ସଂସଦି ଅଗ୍ନେ ସଖ୍ୟେ ମା ରିଷାମା ବୟମ୍ ତବ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଏ ହେଉଛନ୍ତି ସେହି ସର୍ବଜ୍ଞାତା ଯେ'କି ଆମ ଜନ୍ମର ବିଧାନକୁ ଜାଣନ୍ତି [ଜାତବେଦସେ] ଏବଂ ତାଙ୍କ ସ୍ୱକୀୟ କର୍ମ ନିମିତ୍ତ ସେ ନିଜେ ଉପଯୁକ୍ତ ଅଟନ୍ତି [ଅର୍ହତେ]; ଚାଲ, ଆମେ ଆମ ମନୀଷା ଦ୍ୱାରା [ମନୀଷୟା] ତାଙ୍କରି ସତ୍ୟର ସଂଗୀତ ରଚନା କରିବା [ଇମଂ ସ୍ତୋମଂ ସଂମହେମ] ଏବଂ ତାହା ଯେପରି ଗୋଟିଏ ରଥ ପରି ହେବ ଓ ସେ ତା' ଉପରେ ଅଧିରୂଢ଼ ହେବେ [ରଥମ୍ ଇବ]। ଆମମାନଙ୍କ ସହିତ ସେ ଯେତେବେଳେ ଅଧିବାସ କରନ୍ତି [ସଂସଦି] ସେତେବେଳେ ଏକ ଶୁଭଙ୍କର ପ୍ରଜ୍ଞା ଆମକୁ ପ୍ରାପ୍ତ ହୁଏ [ଅସ୍ୟ ଭଦ୍ରା ହି ପ୍ରମତିଃ ନଃ]। ହେ ଅଗ୍ନି [ଅଗ୍ନେ], ତୁମ ସହ ଆମର ବନ୍ଧୁତାରେ ରହି [ତବ ସଖ୍ୟେ] ଆମେ କୌଣସି ପ୍ରକାରେ ବିପନ୍ନ ହେବୁ ନାହିଁ [ବୟଂ ମା ରିଷାମା]।*

* ମନ୍ତ୍ରର ଏହି ଶେଷ ବାକ୍ୟଟି ଋଷିଙ୍କର ଏକ ବିନମ୍ର ସ୍ୱୀକାରୋକ୍ତି ଯାହାକି ଏହି ସୂକ୍ତର ପ୍ରତ୍ୟେକ ମନ୍ତ୍ରାନ୍ତେ (୧୪ଶ ମନ୍ତ୍ର ପର୍ଯ୍ୟନ୍ତ) ପୁନଃ ପୁନଃ ଉଚ୍ଚାରିତ ହୋଇଛି। କିନ୍ତୁ ଶ୍ରୀଅରବିନ୍ଦ ଏଠାରେ ଏହି ଥରେ ମାତ୍ର ଅର୍ଥ କରିଛନ୍ତି। — ଅନୁବାଦକ



*ଭାବାର୍ଥ : ଋଷି କୁତ୍ସ ଆଙ୍ଗିରସଙ୍କର ଏହି ଅଗ୍ନିସୂକ୍ତଟି ଅଗ୍ନିଙ୍କ ସହ ସଖ୍ୟ ଭାବକୁ କେନ୍ଦ୍ର କରି ରଚିତ ହୋଇଛି । ଅଜ୍ଞାନଗ୍ରସ୍ତ ମନୁଷ୍ୟକୁ ସତ୍ୟଜ୍ଞାନ ଲାଭର ଉପାୟ ହେଲା ଅନ୍ତର ଭିତରେ ପ୍ରଜ୍ୱଳିତ ଚୈତ୍ୟ-ଅଗ୍ନିଙ୍କୁ ମନ-ପ୍ରାଣ ଓ ଶରୀରରେ ପ୍ରଜ୍ୱଳିତ କରିବା । ଅନେକ ସ୍ତରର ଅବଗୁଣ୍ଠନ ମଧ୍ୟରେ ଏହି ସର୍ବୋତ୍ତମ ସତ୍ତା ବିଦ୍ୟମାନ । ସେସବୁ ଅବଗୁଣ୍ଠନକୁ ଅପସାରିତ କରି ଚୈତ୍ୟଚେତନାକୁ ପ୍ରାପ୍ତ ହେଲେ ତାଙ୍କରି ଜ୍ଞାନ ଆମକୁ ପ୍ରାପ୍ତ ହେବ, ତାହାହିଁ ଦିବ୍ୟଜ୍ଞାନ ।*

**ଯସ୍ମୈ ତ୍ୱମାୟଜସେ ସ ସାଧତ୍ୟନର୍ବା କ୍ଷେତି ଦଧତେ ସୁବୀର୍ଯମ୍ ।**
**ସ ତୂତାବ ନୈନମଶ୍ନୋତ୍ୟଂହତିରଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୨॥**

*ଯସ୍ମୈ ତ୍ୱମ୍ ଆ-ଯଜସେ ସଃ ସାଧତି ଅନର୍ବା କ୍ଷେତି ଦଧତେ ସୁବୀର୍ଯମ୍ /*
*ସଃ ତୂତାବ ନ ଏନମ୍ ଅଶ୍ନୋତି ଅଂହତିଃ ଅଗ୍ନେ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯାହାକୁ ତୁମେ ତୁମ ଯଜ୍ଞର ଯାଜକ ରୂପେ ଗ୍ରହଣ କର [ଯସ୍ମୈ ତ୍ୱମ୍ ଆ-ଯଜସେ] ସେ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ [ସ ସାଧତି] ଯାହା ହେଉଛି ତା' ପ୍ରଚେଷ୍ଟାର ଫଳସ୍ୱରୂପ, ସତ୍ତାର ଶିଖରରେ ଏପରି ଏକ କକ୍ଷ ରହିଛି ଯେଉଁଠି କୌଣସି ସଂଘର୍ଷ ନାହିଁ କିଂବା କେହି ଶତ୍ରୁ ନାହାନ୍ତି [ଅନର୍ବା କ୍ଷେତି]; ସେ (ଅଗ୍ନି) ନିଜ ମଧ୍ୟରେ ପର୍ଯ୍ୟାପ୍ତ ଶକ୍ତି ଦୃଢ଼ ଭାବରେ ଧାରଣ କରିଛନ୍ତି [ସୁବୀର୍ଯଂ ଦଧତେ]; ନିଜ ଶକ୍ତିରେ ସେ ନିଜେ ସୁରକ୍ଷିତ [ସଃ ତୂତାବ]; ଏହାଙ୍କ ଉପରେ [ଏନମ୍] କୌଣସି ଅପଶକ୍ତି [ଅଂହତିଃ] ହସ୍ତସ୍ପର୍ଶ କରିପାରିବ ନାହିଁ [ନ ଅଶ୍ନୋତି]।...

*ଭାବାର୍ଥ : ଯଜ୍ଞର ପୂଜକ— ଯେ ସମର୍ପଣର ବିଧି ଅନୁସରଣ କରନ୍ତି, ଅତଏବ ସେ ହେଉଛନ୍ତି ସତ୍ୟର ସାଧକ ଯାହାଙ୍କୁ ସ୍ୱୟଂ ଦିବ୍ୟଶକ୍ତି ମନୋନୀତ କରିଥାନ୍ତି ଏବଂ ସେ ତାଙ୍କର ସମଗ୍ର ଜୀବନର ବିକାଶ ଘଟାଇ ପୂର୍ଣ୍ଣତା ପ୍ରଦାନ କରନ୍ତି। ମନୁଷ୍ୟ ସର୍ବୋଚ୍ଚ ପରମ ପୁରୁଷଙ୍କୁ ଉପଲବ୍ଧି କଲେ ତା' ମଧ୍ୟରେ କୌଣସି ଦ୍ୱୈତ ବା ସଂଘର୍ଷ ରହେ ନାହିଁ। ଏକ ସମଗ୍ର ଦୃଷ୍ଟିରେ ସେ ସବୁକୁ ବିଚାର କରେ। ଏହା ହେଉଛି ଚେତନା-ସୌଧର ସମୁଚ୍ଚ କକ୍ଷ।*

**ଶକେମ ତ୍ୱା ସମିଧଂ ସାଧୟା ଧିୟସ୍ତ୍ୱେ ଦେବା ହବିରଦନ୍ତ୍ୟାହୁତମ୍।**
**ତ୍ୱମାଦିତ୍ୟାଁ ଆ ବହ ତାନ୍ ହ୍ୟୁଶ୍ମସ୍ୟଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୩॥**

*ଶକେମ ତ୍ୱା ସମ୍-ଇଧମ୍ ସାଧୟ ଧିୟଃ ତ୍ୱେ ଦେବାଃ ହବିଃ ଅଦନ୍ତି ଆହୁତମ୍ /*
*ତ୍ୱମ୍ ଆଦିତ୍ୟାନ୍ ଆ ବହ ତାନ୍ ହି ଉଶ୍ମସି ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମେ ହେଉଛ ଆମ ଯଜ୍ଞର ଅଗ୍ନି ! ତୁମକୁ ଉନ୍ନତ ଶିଖାରେ ପ୍ରଜ୍ୱଳିତ କରିବା ପାଇଁ ଆମେ ଯେପରି ସମର୍ଥ ହେଉ [ତ୍ୱା ସମ୍-ଇଧଂ ଶକେମ], ତୁମେ ଆମର ଚିନ୍ତାକୁ ପୂର୍ଣ୍ଣାଙ୍ଗ କରି ଗଢ଼ [ଧିୟଃ ସାଧୟ]। ହେ ଅଗ୍ନି, ଆହୁତି ରୂପେ ଯେଉଁସବୁ ବସ୍ତୁ [ଆହୁତଂ ହବିଃ] ଆମେ ତୁମ ମଧ୍ୟରେ ନିକ୍ଷେପ କରିଛୁ [ତ୍ୱେ] ସେସବୁ ଦେବଗଣଙ୍କର ଭୋଜ୍ୟ ହେଉ [ଦେବାଃ ଅଦନ୍ତି]; ଅନନ୍ତ ଚେତନାର ପ୍ରତିଭୂ ସେହି ଦେବତାଙ୍କୁ [ଆଦିତ୍ୟାନ୍] ଆମ ମଧ୍ୟକୁ ତୁମେ ବହନ କରି ଆଣ [ତ୍ୱମ୍ ଆ-ବହ], ସେହିମାନେହିଁ ଆମର କାମ୍ୟ [ତାନ୍ ହି ଉଶ୍ମସି]। ...

*ଭାବାର୍ଥ : ମନୁଷ୍ୟ ମଧ୍ୟରେ ଚୈତ୍ୟ-ଅଗ୍ନି ପୂର୍ଣ୍ଣ ଶିଖାରେ ଜଳିଉଠୁ, ଆମମାନଙ୍କ ଚିନ୍ତା ପୂର୍ଣ୍ଣାଙ୍ଗ ହେଉ, ଆମର ସମର୍ପିତ ଚେତନା ଓ ଦ୍ରବ୍ୟରେ ଦେବତ୍ୱ ଫୁଟିଉଠୁ, ଆମେ ଦେବତାରେ ପରିଣତ ହେଉ ବୋଲି ଋଷିଙ୍କର ପ୍ରାର୍ଥନା। କର୍ମକାଣ୍ଡରେ ବିଶ୍ୱାସ କରାଯାଏ : ଯଜ୍ଞର ଆହୁତିକୁ ଦେବଗଣ ଭୋଜନ କରନ୍ତି। ଏଣୁ ନିର୍ଦ୍ଦିଷ୍ଟ ଦେବତାଙ୍କ ନାମ ଧରି ଅଗ୍ନିରେ ଆହୁତି ଦିଆଯାଏ। କିନ୍ତୁ ଏହାର ଗୂଢ଼ାର୍ଥ ହେଲା – ଯେଉଁ ନିର୍ଦ୍ଦିଷ୍ଟ ଦେବଗୁଣଟିକୁ ଆମ ମଧ୍ୟକୁ ଆବାହନ କରୁଛୁ ସେହିଁ ଆମ ଚେତନାକୁ ଅଧିକାର କରନ୍ତୁ, ଯଦ୍ୱାରା ଆମ ଜୀବନ ମଧ୍ୟରେ ସେହି ଦେବତା ଫୁଟି ଉଠିବେ। ମା'ଙ୍କର ଗୋଟିଏ ବାଣୀ ଏହି ତତ୍ତ୍ୱର ପ୍ରତିପାଦନ କରୁଛି : There are wonderful things to be manifested, prepare yourself to receive them.* (M.C.W. Cent. Edn. Vol. 12, p.405)

**ଭରାମେଧ୍ମଂ କୃଣବାମା ହବୀଂଷି ତେ ଚିତୟନ୍ତଃ ପର୍ବଣାପର୍ବଣା ବୟମ୍।**
**ଜୀବାତବେ ପ୍ରତରଂ ସାଧୟା ଧିୟୋଽଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୪॥**

*ଭରାମ ଇଧ୍ମମ୍ କୃଣବାମ ହବୀଂଷି ତେ ଚିତୟନ୍ତଃ ପର୍ବଣା-ପର୍ବଣା ବୟମ୍ /*
*ଜୀବାତବେ ପ୍ରତରମ୍ ସାଧୟ ଧିୟଃ ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି, ଆମେ ତୁମ ନିମିତ୍ତ ଇନ୍ଧନ ସଂଚୟ କରୁଁ [ଇଧ୍ମଂ ଭରାମ], ତୁମ ପାଇଁ ହବନୀୟ ଦ୍ରବ୍ୟମାନ [ହବୀଂଷି] ପ୍ରସ୍ତୁତ କରୁଁ [କୃଣବାମ], ମାସ-ବର୍ଷ-କ୍ରମରେ ସମୟର ଯେଉଁସବୁ ସନ୍ଧିକାଳ ରହିଛି [ପର୍ବଣା-ପର୍ବଣା] ଆମେ



ସେସବୁ ବିଷୟରେ ସଚେତ ହେଉଁ [ବୟଂ ଚିତୟନ୍ତଃ]। ହେ ଅଗ୍ନି, ତୁମେ ଆମର ଚିନ୍ତାବଳିକୁ ଏପରି ପୂର୍ଣ୍ଣ ଭାବରେ ସୁଗଠିତ କର [ଧିୟଃ ସାଧୟ] ଯେପରି ସେମାନେ ଆମ ଜୀବନକୁ ସମୃଦ୍ଧ କରିବେ ଓ ଗଠନ କରିବେ ଏକ ଦୀର୍ଘ ଜୀବନ [ଜୀବାତବେ ପ୍ରତରମ୍]। ...

*ଭାବାର୍ଥ : ଏଠାରେ ଇନ୍ଧନ-ସଂଚୟର ଅର୍ଥ ବ୍ୟକ୍ତିତ୍ୱ-ଗଠନ। ଯେପର୍ଯ୍ୟନ୍ତ ଜଣେ ନିଜର ଚିନ୍ତା, କର୍ମ ଓ ଅଭୀପ୍ସାରେ ନିଷ୍ଠାପର ହୋଇ ଭଗବାନଙ୍କର ସେବକ ବା ଯନ୍ତ୍ର ହେବାର ଯୋଗ୍ୟତାକୁ ପ୍ରାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ଏହି ଗୂଢ଼ ଅଗ୍ନିଙ୍କ ଜ୍ୱଳନ ନିମନ୍ତେ ତା' ମଧ୍ୟରେ କୌଣସି ଇନ୍ଧନ ନ ଥାଏ।*

**ବିଶାଂ ଗୋପା ଅସ୍ୟ ଚରନ୍ତି ଜନ୍ତବୋ ଦ୍ୱିପଚ୍ଚ ୟଦୁତ ଚତୁଷ୍ପଦକ୍ତୁଭିଃ।**
**ଚିତ୍ରଃ ପ୍ରକେତ ଉଷସୋ ମହାଁ ଅସ୍ୟଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୫॥**

*ବିଶାମ୍ ଗୋପା ଅସ୍ୟ ଚରନ୍ତି ଜନ୍ତବଃ ଦ୍ୱିପତ୍ ଚ ୟତ୍ ଉତ ଚତୁଷ୍ପତ୍ ଅକ୍ତୁଭିଃ।*
*ଚିତ୍ରଃ ପ୍ରକେତଃ ଉଷସଃ ମହାନ୍ ଅସି ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି ! ଏହି ପୃଥିବୀ ଓ ତା'ର ଅଧିବାସୀ ମାନବଗୋଷ୍ଠୀର [ଅସ୍ୟ ବିଶାମ୍] ତୁମେ ହେଉଛ ରକ୍ଷକ [ଗୋପା], ଦ୍ୱିପଦ ତଥା ଚତୁଷ୍ପଦ ସକଳ ପଶୁଯୂଥର ପାଳକ [ୟତ୍ ଦ୍ୱିପତ୍ ଚତୁଷ୍ପତ୍ ଉତ ଗୋପା ଚ]; ଜନ୍ମଗ୍ରହଣ କରିଥିବା ଏହି ସମସ୍ତ ପ୍ରାଣୀ [ଜନ୍ତବଃ] ତୁମରି ରଶ୍ମିର ଚାଳନାରେ ଗତିଶୀଳ, ଏପରିକି ତୁମର ଆଗ୍ନେୟ ଶିଖା ନିକଟରେ ସେମାନେ ବାଧ୍ୟ ଅଟନ୍ତି [ଅକ୍ତୁଭିଃ] ହେ ଅଗ୍ନି, ତୁମେ ହେଉଛ ଆମ ଆନ୍ତର ଚିନ୍ମୟ-ଉଷାର [ଉଷସଃ] ବର୍ଣ୍ଣମୟ [ଚିତ୍ରଃ] ମହାନ୍ ଚିନ୍ତା-ଉନ୍ମେଷ [ମହାନ୍ ପ୍ରକେତଃ ଅସି]। ...

*ଭାବାର୍ଥ : ଏହି ରହସ୍ୟମୟ ଅଗ୍ନି ସମସ୍ତ ଜଗତର ପ୍ରଭୁ। ମନୁଷ୍ୟ, ପଶୁ, ପକ୍ଷୀ, ଉଦ୍ଭିଦ ପ୍ରଭୃତିଙ୍କ ଜୀବନଯାତ୍ରାକୁ ଲକ୍ଷ୍ୟ କରି ଆମେ ବୁଝୁ ଯେ ସେମାନଙ୍କର ନିଜ ସ୍ୱଭାବ ଓ ବିଶ୍ୱପ୍ରକୃତିର ବିଧାନ ଅନୁସାରେ ସେମାନେ ପରିଚାଳିତ। କିନ୍ତୁ ଏହି ଉଭୟଙ୍କୁ ମଧ୍ୟ ଅଗ୍ନି ନିୟନ୍ତ୍ରଣ କରୁଛନ୍ତି, ସେହିଁ ସକଳଙ୍କୁ ସୁରକ୍ଷିତ କରି ପ୍ରଗତି-ପଥରେ ଚଳାଇ ନେଉଛନ୍ତି।*

**ତ୍ୱମଧ୍ୱର୍ୟୁରୁତ ହୋତାସି ପୂର୍ବ୍ୟଃ ପ୍ରଶାସ୍ତା ପୋତା ଜନୁଷା ପୁରୋହିତଃ।**
**ବିଶ୍ୱା ବିଦ୍ୱାଁ ଆର୍ତ୍ୱିଜ୍ୟା ଧୀର ପୁଷ୍ୟସ୍ୟଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୬॥**

*ତ୍ୱମ୍ ଅଧ୍ୱର୍ଯୁଃ ଉତ ହୋତା ଅସି ପୂର୍ବ୍ୟଃ ପ୍ରଶାସ୍ତା ପୋତା ଜନୁଷା ପୁରୋହିତଃ /*
*ବିଶ୍ୱା ବିଦ୍ୱାନ୍ ଆର୍ତ୍ୱିଜ୍ୟା ଧୀର ପୁଷ୍ୟସି ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି, ତୁମେ ହେଉଛ [ତ୍ୱମ୍] ଗତିଶୀଳ ଯଜ୍ଞର ପଥନିର୍ଦ୍ଦେଶକ [ଅଧ୍ୱର୍ଯୁଃ], ପ୍ରଥମ ତଥା ସର୍ବପ୍ରାଚୀନ ହୋତା [ପୂର୍ବ୍ୟଃ ହୋତା ଅସି] ଯେ କି ଦେବଗଣଙ୍କୁ ଆବାହନ କରି ଆଣନ୍ତି ଓ ଆମ ଆହୁତିସବୁକୁ ସେମାନଙ୍କୁ ଅର୍ପଣ କରନ୍ତି [ହୋତା ଅସି]; ତୁମେ ହେଉଛ ପ୍ରଶାସକ [ପ୍ରଶାସ୍ତା] ଓ ତୁମେ ହେଉଛ ସଂସ୍କାରକ [ପୋତା]; ତୁମର ଜନ୍ମଠାରୁ [ଜନୁଷା] ତୁମେ ଆମ ଯଜ୍ଞର ମୁଖ୍ୟ ଦେବତା ରୂପେ ପ୍ରତିଭାତ ହୋଇଛ [ପୁରୋହିତଃ]। ଦିବ୍ୟ ପୌରୋହିତ୍ୟର ସକଳ କର୍ମ ତୁମକୁ ଜଣା [ବିଶ୍ୱା ଆର୍ତ୍ୱିଜ୍ୟା ବିଦ୍ୱାନ୍], କାରଣ, ଦିବ୍ୟ ଭାବୁକ ରୂପେ [ଧୀର] ତୁମେ ଆମ ମଧ୍ୟରେ ବିକଶିତ ହୋଇଉଠୁଛ [ପୁଷ୍ୟସି]। ...

*ଭାବାର୍ଥ : ଏହି ମର ଜଗତରେ ଅମରତ୍ୱ ପ୍ରତିଷ୍ଠାର ସଂକଳ୍ପ ନେଇ ନିତ୍ୟ ପ୍ରତିଦିନ ବିଶ୍ୱର ସକଳ କର୍ମ ମଧ୍ୟରେ ଅଗ୍ନି କ୍ରମ-ଦେଦୀପ୍ୟମାନ। ସେହି କର୍ମରେ ସୃଷ୍ଟ ଜୀବଗଣ ଆତ୍ମୋତ୍ସର୍ଗ (ଆତ୍ମାହୁତି) କରୁଥିବାରୁ ଏହା ହେଉଛି ଯଜ୍ଞ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦିଗରେ ଏହି ଯଜ୍ଞ ବା କର୍ମ ଗତି କରୁଥିବାରୁ ଏହା 'ଅଧ୍ୱର'। ସକଳ ସମର୍ପଣର ବାହକ ରୂପେ ଅଗ୍ନି ଯେପରି ଯଜ୍ଞର ପ୍ରଭୁ ଠିକ୍ ସେହିପରି ସେ ଏହି ସମର୍ପଣର ଅଗ୍ରଗାମୀ ନେତା (ପୁରୋହିତ), ସଂସ୍କାରକ ଓ ଜଗତର ପ୍ରଶାସକ। ଏଣୁ ଆତ୍ମବିକାଶ ନିମନ୍ତେ ମନୁଷ୍ୟର ଯାହାକିଛି ଚିନ୍ତା ଓ କଳ୍ପନା ତାହା ଏହି ଅଗ୍ନିଙ୍କ ପ୍ରଭାବରୁ ହୋଇଥାଏ।*

**ଯୋ ବିଶ୍ୱତଃ ସୁପ୍ରତୀକଃ ସଦୃଙ୍ଙସି ଦୂରେ ଚିତ୍ସନ୍ତଳିଦିବାତି ରୋଚସେ।**
**ରାତ୍ର୍ୟାଶ୍ଚିଦନ୍ଧୋ ଅତି ଦେବ ପଶ୍ୟସ୍ୟଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୭॥**

*ଯଃ ବିଶ୍ୱତଃ ସୁପ୍ରତୀକଃ ସଦୃଙ୍ ଅସି ଦୂରେ ଚିତ୍ ସନ୍ ତଳିତ୍ ଇବ ଅତି ରୋଚସେ /*
*ରାତ୍ର୍ୟାଃ ଚିତ୍ ଅନ୍ଧଃ ଅତି ଦେବ ପଶ୍ୟସି ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଏ ହେଉଛନ୍ତି ସେହି, ଯାହାଙ୍କ ମୁଖମଣ୍ଡଳ ସର୍ବତ୍ର ଦୃଶ୍ୟମାନ [ଯଃ ବିଶ୍ୱତଃ] ଏବଂ ନିର୍ଭୁଲ୍ ଭାବରେ ସେ ସକଳ ବସ୍ତୁର ସମ୍ମୁଖୀନ ହୁଅନ୍ତି [ସୁପ୍ରତୀକଃ]; ତାଙ୍କର ଦୂରଦୃଷ୍ଟି ଓ ସୂକ୍ଷ୍ମଦୃଷ୍ଟି ରହିଛି [ସଦୃଙ୍ ଅସି]: ଯେତେବେଳେ ଆମେ ତାଙ୍କୁ ଦୂରରୁ ଦେଖୁ [ଦୂରେ ସନ୍] ତଥାପି ସେ [ଚିତ୍] ନିକଟତର ପରି ମନେ



ହୁଅନ୍ତି [ତଳିତ୍ ଇବ], ସକଳ ଦୂର ବ୍ୟବଧାନକୁ ଅତିକ୍ରମ କରି ସେ ଅତ୍ୟନ୍ତ ପ୍ରଭାମୟ ସ୍ୱରୂପରେ ଦୃଶ୍ୟମାନ [ଅତିରୋଚସେ]। ସେ ଆମ ଅନ୍ଧକାରମୟ ରାତ୍ରିର ଆର ପାରିକୁ ଦେଖିପାରନ୍ତି [ରାତ୍ର୍ୟାଃ ଅନ୍ଧଃ ଅତି-ପଶ୍ୟତି], କାରଣ [ଚିତ୍] ତାଙ୍କର ଦୃଷ୍ଟି ହେଉଛି ଦିବ୍ୟ [ଦେବଃ]। ...

*ଭାବାର୍ଥ : ସଂସାରରେ ଯାହାକିଛି ଆମେ ଦେଖୁଛୁ ତାହା ସେହି ଅନ୍ତର୍ଗତ ଅଗ୍ନିଙ୍କର ମୁଖମଣ୍ଡଳ। ବ୍ୟକ୍ତି ଏବିଷୟରେ ସଚେତନ ହୋଇ ତାଙ୍କର ଆବିଷ୍କାର ପାଇଁ ଯେତେବେଳେ ଆନ୍ତର ଯାତ୍ରା ଆରମ୍ଭ କରେ ସେ ତାକୁ ସେଦିଗରେ ବାଟ ଦେଖାଇ ନିଅନ୍ତି। ସେ ଅନ୍ତରର ଦୂରସ୍ଥ ଗଭୀରତା ମଧ୍ୟରେ ବିଦ୍ୟମାନ, କିନ୍ତୁ ତାଙ୍କରି ଆଲୋକ ଆସି ଆମକୁ ସ୍ପର୍ଶ କରୁଥିବାରୁ ଆମକୁ ସେ ନିକଟତର ମନେ ହୁଅନ୍ତି। ଅଜ୍ଞାନ ଓ ମିଥ୍ୟାର ରାତ୍ରି ବେଳେବେଳେ ଆମର ଏହି ଆଲୋକସମ୍ପର୍କକୁ ଛିନ୍ନ କରିଦେଉଥିବା ବେଳେ ଏହି ଅଗ୍ନିଦେବ ଆମ ମଧ୍ୟରେ ସେହି ଅନ୍ଧକାରଭେଦୀ ଜ୍ଞାନଦୃଷ୍ଟିର ବିକାଶ କରାନ୍ତି।*

**ପୂର୍ବୋ ଦେବା ଭବତୁ ସୁନ୍ୱତୋ ରଥୋଽସ୍ମାକଂ ଶଂସୋ ଅଭ୍ୟସ୍ତୁ ଦୂଢ୍ୟଃ।**
**ତଦା ଜାନୀତୋତ ପୁଷ୍ୟତା ବଚୋଽଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୮॥**

*ପୂର୍ବଃ ଦେବାଃ ଭବତୁ ସୁନ୍ୱତଃ ରଥଃ ଅସ୍ମାକମ୍ ଶଂସଃ ଅଭି-ଅସ୍ତୁ ଦୂଢ୍ୟଃ /*
*ତତ୍ ଆ ଜାନୀତ ଉତ ପୁଷ୍ୟତ ବଚଃ ଅଗ୍ନେ ...॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦେବଗଣ ! [ଦେବାଃ] ଆମର ରଥ ସବୁବେଳେ ସମ୍ମୁଖ ଭାଗରେ ରହୁ [ଅସ୍ମାକଂ ରଥଃ ପୂର୍ବଃ ଭବତୁ], ଆମର ସ୍ୱଷ୍ଟ ଓ ଓଜସ୍ୱିନୀ ଭାଷା [ସୁନ୍ୱତଃ ଦୂଢ୍ୟଃ] ସମସ୍ତ ଅସତ୍ ଚିନ୍ତାକୁ [ଶଂସଃ] ଜୟ କରୁ [ଅଭ୍ୟସ୍ତୁ]। ହେ ଦେବଗଣ ! ତୁମେ ଆମ ନିମନ୍ତେ ଆମ ଅନ୍ତରସ୍ଥ ସେହି ପରମସତ୍ୟ ବିଷୟରେ ଜ୍ଞାନ ଲାଭ କର [ତତ୍ ଆ ଜାନୀତ], ଆମଠାରେ ସେହି ବାଣୀର ବିକାଶ ଘଟାଅ ଯାହା ସେହି ସତ୍ୟକୁ ପ୍ରାପ୍ତ ହୋଇଥିବ ଓ ତାହାକୁହିଁ ଉଚ୍ଚାରଣ କରୁଥିବ [ବଚଃ ପୁଷ୍ୟତ ଉତ]। ...

*ଭାବାର୍ଥ : ଜୀବନର ସକଳ ମିଥ୍ୟା ଓ ତାମସିକତା ଉପରେ ଜୟଲାଭ ନିମିତ୍ତ ଏକ ପ୍ରଗତିଶୀଳ ପ୍ରୟାସର ପ୍ରତୀକ ରୂପେ 'ରଥ' ଶବ୍ଦର ବ୍ୟବହାର କରାଯାଇଛି। ମନୁଷ୍ୟ ଏକ ଚିନ୍ତାଶୀଳ ପ୍ରାଣୀ ହେତୁ ବିକାଶ ନିମିତ୍ତ ଏକ ଶୁଦ୍ଧ ଓ ଆଲୋକିତ ଚିନ୍ତା ଅପରିହାର୍ଯ୍ୟ। କିନ୍ତୁ ତାହା ନାନା ଆବିଳତା ଦ୍ୱାରା ଆଚ୍ଛନ୍ନ। ଓଜସ୍ୱିନୀ ସତ୍ୟ ବଚନକୁ ଉଚ୍ଚାରଣ କଲେ ଏହି ଅସ୍ୱଷ୍ଟତା ଦୂର ହୁଏ। ବେଦମନ୍ତ୍ରଗୁଡ଼ିକ ଏହି ସତ୍ୟବଚନ ଅଟନ୍ତି*

*ଯାହା ଋଷିମାନଙ୍କର ଆନ୍ତର ବାଣୀ। ତାହା ପରମସତ୍ୟଠାରୁ କଦାପି ବିଚ୍ଛିନ୍ନ ନ ହେଉ ବୋଲି ଋଷି ଅଗ୍ନିଙ୍କୁ ପ୍ରାର୍ଥନା କରୁଛନ୍ତି।*

**ବଧୈର୍ଦୁଃଶଂସାଁ ଅପ ଦୂଢ୍ୟୋ ଜହି ଦୂରେ ବା ଯେ ଅନ୍ତି ବା କେ ଚିଦତ୍ରିଣଃ।**
**ଅଥା ଯଜ୍ଞାୟ ଗୃଣତେ ସୁଗଂ କୃଧ୍ୟଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୯॥**

*ବଧୈଃ ଦୁଃଶଂସାନ୍ ଅପ ଦୂଢ୍ୟଃ ଜହି ଦୂରେ ବା ଯେ ଅନ୍ତି ବା କେ ଚିତ୍-ଅତ୍ରିଣଃ /*
*ଅଥ ଯଜ୍ଞାୟ ଗୃଣତେ ସୁଗମ୍ କୃଧି ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେଉଁ ଶକ୍ତିଗୁଡ଼ିକ [ଯେ କେ] ଆମର ବଚନକୁ ଖଣ୍ଡିତ କରନ୍ତି [ଦୁଃଶଂସାନ୍] ଏବଂ ଚିନ୍ତାରେ ବ୍ୟାଘାତ ଆଣନ୍ତି [ଦୂଢ୍ୟଃ], ଆମର ଶକ୍ତି ଓ ଜ୍ଞାନର ଭକ୍ଷକ ଅଟନ୍ତି [ଚିତ୍-ଅତ୍ରିଣଃ], ନିକଟରୁ ଆମ ଉପରକୁ ଲମ୍ଫ ଦିଅନ୍ତି ଏବଂ ଦୂରରୁ ଅସ୍ତ୍ର ଭଳି ନିକ୍ଷେପିତ ହୁଅନ୍ତି [ଦୂରେ ଅନ୍ତି ବା], ହେ ଅଗ୍ନି, [ଅଗ୍ନେ] ଆଘାତ ଦ୍ୱାରା ବିନାଶ ପୂର୍ବକ [ବଧୈଃ] ସେମାନଙ୍କୁ ଆମ ଯାତ୍ରାପଥରୁ ବିତାଡ଼ିତ କର [ଅପ-ଜହି]। ତୁମେ ଆମ ଯଜ୍ଞର ମାର୍ଗକୁ ମୁକ୍ତ ଓ ସୁଖକର ଯାତ୍ରାରେ ପରିଣତ କର [ଯଜ୍ଞାୟ ଗୃଣତେ ସୁଗଂ କୃଧି]।...

*ଭାବାର୍ଥ : ଆମ ଅନ୍ତର ମଧ୍ୟରେ ପ୍ରଜ୍ୱଳିତ ଚୈତ୍ୟ ଅଗ୍ନି ସମସ୍ତ ଅପଶକ୍ତି ଓ ସେମାନଙ୍କର ସକଳପ୍ରକାର ଆକ୍ରମଣ ମଧ୍ୟରୁ ଆମକୁ ରକ୍ଷା କରିପାରନ୍ତି। ଏଣୁ ସତ୍ୟ-ସାଧକ ଋଷିଙ୍କର ଏହି ଆକୁଳ ନିବେଦନ। ଈଶୋପନିଷଦ୍‌ର ଅନ୍ତିମ ମନ୍ତ୍ରଟିରେ ଅଗ୍ନିଙ୍କୁ ଏହି ମର୍ମରେ ପ୍ରାର୍ଥନା କରାଯାଇଛି।*

**ଯଦୟୁକ୍ଥା ଅରୁଷା ରୋହିତା ରଥେ ବାତଜୂତା ବୃଷଭସ୍ୟେବ ତେ ରବଃ।**
**ଆଦିନ୍ୱସୀ ବନିନୋ ଧୂମକେତୁନାଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୧୦॥**

*ଯତ୍ ଅୟୁକ୍ଥାଃ ଅରୁଷା ରୋହିତା ରଥେ ବାତଜୂତା ବୃଷଭସ୍ୟ ଇବ ତେ ରବଃ /*
*ଆତ୍ ଇନ୍ୱସି ବନିନଃ ଧୂମ-କେତୁନା ଅଗ୍ନେ ...॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦିବ୍ୟ ସଂକଳ୍ପ ଅଗ୍ନି [ଅଗ୍ନେ]! ଉଜ୍ଜ୍ୱଳ ଲୋହିତବର୍ଣ୍ଣ ଅଶ୍ୱଗଣ [ଅରୁଷା ରୋହିତା] ତୁମ ରଥରେ ଯୋଚା ହୋଇଛନ୍ତି [ରଥେ ଅୟୁକ୍ଥାଃ], ଯେଉଁମାନେ କି ତୁମ ଆବେଗର ଝଞ୍ଜାବାତ ଦ୍ୱାରା ବେଗବାନ୍ ଅଟନ୍ତି [ବାତଜୂତା]; ତୁମର ରବ ଗୋଟିଏ ବୃଷଭ ପରି [ବୃଷଭସ୍ୟ ଇବ ତେ ରବଃ], ତୁମ ଚିନ୍ତା ଓ ଜ୍ଞାନଦୃଷ୍ଟିର ବାହକ ଆବେଗ-ଧୂମକୁଣ୍ଡଳୀ ସହ [ଧୂମକେତୁନା] ତୁମର ମାର୍ଗରୋଧକାରୀ ଜୀବନର ବନଭୂମିଗୁଡ଼ିକ ଉପରେ, ଏହାର ମନୋହର ବୃକ୍ଷରାଜି ଉପରେ [ବନିନଃ ଆତ୍] ତୁମେ ପ୍ରଖର ବେଗରେ ଧାଇଁ ଚାଲୁଥାଅ [ଇନ୍ୱସି]।...

*ଭାବାର୍ଥ : ଉଜ୍ଜ୍ୱଳ ଆଲୋକର ସମ୍ପର୍କରେ ଲାଲରଙ୍ଗ ଲୋହିତ ରଙ୍ଗରେ ପରିଣତ ହୁଏ। ଲାଲ ରଙ୍ଗ ଦୈହିକ ଚେତନାକୁ ଏବଂ ଜ୍ୟୋତିଃ ସତ୍ୟଜ୍ଞାନକୁ ସୂଚିତ କରେ, ଅର୍ଥାତ୍, ଦେହ-ଚେତନାରେ ସତ୍ୟଜ୍ଞାନର ଆବିର୍ଭାବ। ଅଶ୍ୱ – ପ୍ରାଣଶକ୍ତି। ଆମର ଅସ୍ତିତ୍ୱ ରୂପକ ରଥରେ ଆସୀନ ଆତ୍ମା (ଅଗ୍ନି)ଙ୍କୁ ଏହି ଜ୍ୟୋତିର୍ମୟ ଶରୀର ବହନ କରିପାରେ। ପ୍ରାଣର ଅସଂସ୍କୃତ କ୍ଷେତ୍ରଗୁଡ଼ିକ ଅରଣ୍ୟ। ଅଗ୍ନି ସେଠାରେ ପ୍ରବେଶ କରି ତାହାକୁ ଶୁଦ୍ଧ ଓ ସଂସ୍କୃତ କରୁଛନ୍ତି।*

**ଅଧ ସ୍ୱନାଦୁତ ବିଭ୍ୟୁଃ ପତତ୍ରିଣୋ ଦ୍ରପ୍ସା ଯତ୍ତେ ଯବସାଦୋ ବ୍ୟସ୍ଥିରନ୍।**
**ସୁଗଂ ତତ୍ତେ ତାବକେଭ୍ୟୋ ରଥେଭ୍ୟୋଽଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୧୧॥**

*ଅଧ ସ୍ୱନାତ୍ ଉତ ବିଭ୍ୟୁଃ ପତତ୍ରିଣଃ ଦ୍ରପ୍ସାଃ ଯତ୍ ତେ ଯବସ-ଅଦଃ ବି-ଅସ୍ଥିରନ୍ /*
*ସୁଗମ୍ ତତ୍ ତେ ତାବକେଭ୍ୟଃ ରଥେଭ୍ୟଃ ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମ ଆଗମନର ସ୍ୱନରେ [ଅଧ ସ୍ୱନାତ୍] ଏପରିକି [ଉତ] ଆକାଶରେ ଉଡ଼ିପାରୁଥିବା ପ୍ରାଣୀମାନେ [ପତତ୍ରିଣଃ] ଭୟ ପାଆନ୍ତି [ବିଭ୍ୟୁଃ], ତୁମର ତୃଣଭୂମିର ତୃଣଭୋଜୀ ପ୍ରାଣୀମାନେ [ଯତ୍ ଯବସ-ଅଦଃ] ସେମାନଙ୍କ ସର୍ବାଧିକ କ୍ଷିପ୍ରତା ସହ [ଦ୍ରପ୍ସାଃ] ଦୂରକୁ ଚାଲିଯା'ନ୍ତି [ବ୍ୟସ୍ଥିରନ୍]। ତୁମେ ତୁମ ରାଜ୍ୟକୁ ମାର୍ଗ-ମୁକ୍ତ କର ଯାହା ଫଳରେ ତୁମର ରଥଗୁଡ଼ିକ ସେଆଡ଼କୁ ସହଜରେ ଧାବିତ ହୋଇପାରିବେ [ତତ୍ ତେ ତାବକେଭ୍ୟଃ ରଥେଭ୍ୟଃ ସୁଗମ୍]।

*ଭାବାର୍ଥ : ଏହି ମନ୍ତ୍ରର ଅର୍ଥକୁ ଦେଖି ମନେ ହୋଇପାରେ ଅରଣ୍ୟରେ ଏହା ଏକ ଦାବାଗ୍ନିର ବର୍ଣ୍ଣନା। କିନ୍ତୁ ପୂର୍ବ ମନ୍ତ୍ରର ଭାବାର୍ଥରେ ଆମେ ବୁଝାଇଛୁ 'ବନ'ର ରହସ୍ୟାତ୍ମକ ଅର୍ଥ – ଅସଂସ୍କୃତ ପ୍ରାଣ। ଏଣୁ ଏହା ଦାବାଗ୍ନିର ବର୍ଣ୍ଣନା ନ ହୋଇ ପ୍ରାଣଭୂମିରେ ଅଗ୍ନିଙ୍କର କ୍ରିୟା ଫଳରେ ଜାତ ପ୍ରତିକ୍ରିୟାର ବର୍ଣ୍ଣନା ଅଟେ। ଚୈତ୍ୟ-କ୍ଷେତ୍ର ଅଗ୍ନିଙ୍କର ରାଜ୍ୟ। ଆମ ଚେତନା ପ୍ରାଣରାଜ୍ୟର ଦୁର୍ଗମ ପଥକୁ ଅତିକ୍ରମ କରି ସେହି ଅନ୍ତରାତ୍ମାଙ୍କର ରାଜ୍ୟରେ ଯେପରି ପ୍ରବେଶ କରିପାରିବ ସେଥିପାଇଁ ଅଗ୍ନି ମୁକ୍ତ ମାର୍ଗ ସୃଷ୍ଟି କରନ୍ତି।*

**ଅୟଂ ମିତ୍ରସ୍ୟ ବରୁଣସ୍ୟ ଧାୟସେଽବୟାତାଂ ମରୁତାଂ ହେଳୋ ଅଦ୍ଭୁତଃ।**
**ମୃଳା ସୁ ନୋ ଭୂତ୍ୱେଷାଂ ମନଃ ପୁନରଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୧୨॥**

*ଅୟମ୍ ମିତ୍ରସ୍ୟ ବରୁଣସ୍ୟ ଧାୟସେ ଅବୟାତାମ୍ ମରୁତାମ୍ ହେଳଃ ଅଦ୍ଭୁତଃ /*
*ମୃଳ ସୁ ନଃ ଭୂତୁ ଏଷାମ୍ ମନଃ ପୁନଃ ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମର ଏହି ତ୍ରାସ ଓ ହୁଂକାର ପ୍ରଭୃତି [ଅୟମ୍] ପ୍ରାଣ-ଜଗତର ଦେବଗଣଙ୍କର [ମରୁତାମ୍] ଅଦ୍ଭୁତ ତଥା ଅତିରିକ୍ତ କ୍ରୋଧ ନୁହେଁ କି [ଅଦ୍ଭୁତଃ ହେଳଃ ଧାୟସେ] ଯେଉଁମାନେ ଏହି ଜଗତରେ ଅନନ୍ତଙ୍କର ଶୁଦ୍ଧତାକୁ [ବରୁଣସ୍ୟ], ପ୍ରେମ-ଦେବତାଙ୍କର ସଂଗତିକୁ [ମିତ୍ରସ୍ୟ] ପାଇବା ପାଇଁ ଆମରି ମଧ୍ୟକୁ ଦ୍ରୁତବେଗରେ ପ୍ରବେଶ କରିଛନ୍ତି [ଅବୟାତାମ୍] ? ହେ ରୌଦ୍ର ଅଗ୍ନିଦେବ [ଅଗ୍ନେ], ତୁମେ ଆମ ପ୍ରତି କୃପାଳୁ ହୁଅ [ମୃଳ], ଆମମାନଙ୍କ ଉପରେ [ନଃ] ସେମାନଙ୍କର ମନ ପୁଣି ପ୍ରସନ୍ନ ଓ ପ୍ରୀତିପୂର୍ଣ୍ଣ ହୋଇଉଠୁ [ପୁନଃ ସୁ-ମନଃ ଭୂତୁ]।

*ଭାବାର୍ଥ : ମରୁଦ୍‌ଗଣ ହେଉଛନ୍ତି ପ୍ରାଣ-ଜଗତର ଦେବତା। ସେମାନେ ବରୁଣ ଓ ମିତ୍ର ଦେବତାଙ୍କର ଗୁଣକୁ ଲାଭ କରିବା ନିମନ୍ତେ, ଅର୍ଥାତ୍ ସୀମାତୀତ ଓ ସଂଗତିପୂର୍ଣ୍ଣ ହେବା ନିମିତ୍ତ ସେହି ଜଗତକୁ ଅବତରି ଆସନ୍ତି। କିନ୍ତୁ ତାହା ଏଥିପାଇଁ ପ୍ରସ୍ତୁତ ନ ଥାଏ। ଅଗ୍ନି ପ୍ରଚଣ୍ଡ ରୂପ ଧାରଣ କରି ଏହି ମରୁଦ୍‌ଗଣଙ୍କ ମାଧ୍ୟମରେ ପ୍ରାଣରାଜ୍ୟକୁ ପୁନର୍ଗଠିତ କରାନ୍ତି— ତାହାହିଁ ସେମାନଙ୍କର ଅତିରିକ୍ତ କ୍ରୋଧ। ଅଗ୍ନିଙ୍କ କୃପାରୁ ସେମାନେ ଶାନ୍ତ ଓ ସ୍ଥିର ହୋଇଉଠନ୍ତୁ, ଅର୍ଥାତ୍ ପ୍ରାଣିକ ଚେତନା ଶାନ୍ତ ହୋଇଉଠୁ ବୋଲି ଋଷିଙ୍କର ପ୍ରାର୍ଥନା।*

**ଦେବୋ ଦେବାନାମସି ମିତ୍ରୋ ଅଦ୍ଭୁତୋ ବସୁର୍ବସୂନାମସି ଚାରୁରଧ୍ୱରେ।**
**ଶର୍ମନ୍ତ୍ସ୍ୟାମ ତବ ସପ୍ରଥସ୍ତମେଽଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୧୩॥**

*ଦେବଃ ଦେବାନାମ୍ ଅସି ମିତ୍ରଃ ଅଦ୍ଭୁତଃ ବସୁଃ ବସୂନାମ୍ ଅସି ଚାରୁଃ ଅଧ୍ୱରେ /*
*ଶର୍ମନ୍ ସ୍ୟାମ ତବ ସପ୍ରଥଃ-ତମେ ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମେ ଦେବତାମାନଙ୍କର ଦେବତା [ଦେବାନାଂ ଦେବଃ ଅସି], କାରଣ, ତୁମେ ହେଉଛ ପ୍ରେମିକ ଓ ସଖା [ଅଦ୍ଭୁତଃ ମିତ୍ରଃ], ସ୍ୱର୍ଗୀୟ ସମ୍ପଦର ଅଧିପତି ତଥା ଗୃହପ୍ରତିଷ୍ଠାପକମାନଙ୍କର ତୁମେ ହେଉଛ ସର୍ବଶ୍ରେଷ୍ଠ ଧନପତି [ବସୂନାଂ ବସୁଃ ଅସି], କାରଣ ତୁମେ ଆମର ଶୁଭଙ୍କର ଯାତ୍ରାରେ ଓ ଯଜ୍ଞରେ ଅତ୍ୟନ୍ତ ଉଜ୍ଜ୍ୱଳ ତଥା ସୁନ୍ଦରତମ ରୂପରେ ଆବିର୍ଭୂତ ହୋଇଥାଅ [ଅଧ୍ୱରେ ଚାରୁଃ]। ତୁମର ଆନନ୍ଦ ମଧ୍ୟରୁ ଯେଉଁ ଶାନ୍ତି ମିଳିଥାଏ ତାହା ଅତ୍ୟନ୍ତ ପ୍ରଶସ୍ତ ଓ ସୁଦୂରପ୍ରସାରୀ [ତବ ସପ୍ରଥଃ-ତମେ], ତାହାହିଁ ଆମ ଅବସ୍ଥାନର ଗୃହ ହେଉ [ଶର୍ମନ୍ ସ୍ୟାମ]।

*ଭାବାର୍ଥ : ଭଗବାନଙ୍କର ଇଚ୍ଛାକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ଦେବଗଣଙ୍କର ସୃଷ୍ଟି। ସ୍ୱୟଂ ଅଗ୍ନି ହେଉଛନ୍ତି ସେହି ଇଚ୍ଛା ଓ ଶକ୍ତି— ଏଣୁ ସେ ଦେବଙ୍କର ଦେବ। ଭୌତିକ ଓ ଆଧ୍ୟାତ୍ମିକ ଉଭୟ ସମ୍ପଦରେ ଆମର ଜୀବନ ସମୃଦ୍ଧ ଓ ଶକ୍ତିମୟ ହୋଇଉଠେ ଅଗ୍ନିଙ୍କ ଦ୍ୱାରା— ଏଣୁ ସେ ଧନାଧିପ। ସେ ପର ଓ ଅପର ଜଗତରେ ବ୍ୟାପ୍ତ, ଏଣୁ ଅଗ୍ନି-ଉପାସକ ଏହାଙ୍କ ମଧ୍ୟରୁ ଯେଉଁ ଆନନ୍ଦ ପାଆନ୍ତି ତାହା ସବୁଠାରୁ ପ୍ରଶସ୍ତ।*

**ତତ୍ତେ ଭଦ୍ରଂ ଯତ୍ସମିଦ୍ଧଃ ସ୍ୱେ ଦମେ ସୋମାହୁତୋ ଜରସେ ମୃଳୟତ୍ତମଃ।**
**ଦଧାସି ରତ୍ନଂ ଦ୍ରବିଣଂ ଚ ଦାଶୁଷେଽଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୧୪॥**

*ତତ୍ ତେ ଭଦ୍ରମ୍ ଯତ୍ ସମିଦ୍ଧଃ ସ୍ୱେ ଦମେ ସୋମ-ଆହୁତଃ ଜରସେ ମୃଳୟତ୍ତମଃ /*
*ଦଧାସି ରତ୍ନମ୍ ଦ୍ରବିଣମ୍ ଚ ଦାଶୁଷେ ଅଗ୍ନେ ... ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତାହାହିଁ ତୁମର ଆନନ୍ଦ ଓ ସୁଖ [ତତ୍ ତେ ଭଦ୍ରମ୍]; କାରଣ, ଯେତେବେଳେ [ଯତ୍] ତୁମ ସ୍ୱନିବାସରେ ତୁମେ ବିଦ୍ୟମାନ [ସ୍ୱେ ଦମେ] ସେତେବେଳେ, ହେ ଦିବ୍ୟ ସଂକଳ୍ପ ! ତୁମେ ହୋଇଥାଅ ଅତ୍ୟନ୍ତ କୃପାମୟ ଓ ଆନନ୍ଦଦାୟକ [ମୃଳୟତ୍ତମଃ], ସମୁଜ୍ଜ ତଥା ପୂର୍ଣ୍ଣ ଶିଖାରେ ପ୍ରଜ୍ୱଳିତ [ସମିଦ୍ଧଃ], ଆମ ମାନସରେ ପୂଜିତ [ଜରସେ] ଓ ଆମର ଆନନ୍ଦମଦିରାରେ ତୁମେ ପରିତୃପ୍ତ [ସୋମାହୁତଃ]। ତା'ପରେ ଯାଇ ତୁମେ ତୁମର ସାରବତ୍ତାକୁ ଅକାତରେ ଦାନ କରିଦେଇ ଥାଅ [ରତ୍ନମ୍], ଆମ ଦ୍ୱାରା ସମର୍ପିତ ବସ୍ତୁଗୁଡ଼ିକୁ [ଦାଶୁଷେ] ତୁମେ ମହାଧନ ଓ ତତ୍ତ୍ୱ ଆକାରରେ ପ୍ରତ୍ୟର୍ପଣ କରିଥାଅ [ଦ୍ରବିଣଂ ଦଧାସି]।

*ଭାବାର୍ଥ : ଏଠାରେ ଆତ୍ମପରିପୂର୍ଣ୍ଣତାର ବିଷୟ ଉଲ୍ଲେଖ କରାଯାଇଛି। ଶ୍ରୀଅରବିନ୍ଦଙ୍କ ଭାଷାରେ : Self-fulfilment is a result of the Yoga, but its aim is not the greatness of the individual. The sole aim is a spiritual perfection, a finding of the true self and a union with*

*the Divine by putting on the divine consciousness and nature.* All the rest is constituent detail and attendant circumstance. (The Synthesis of Yoga. p-267)* *ଏଣୁ ଆମ ଅସ୍ତିତ୍ୱର ମୂଳସତ୍ତା ହେଲେ ଅଗ୍ନି। ଆମେ ତାଙ୍କୁ ଲାଭ କଲେ ଜୀବନର ଅନ୍ୟ ସମସ୍ତ ଚରିତାର୍ଥତା ଲାଭ ହୋଇଯାଏ।*

**ଯସ୍ମୈ ତ୍ୱଂ ସୁଦ୍ରବିଣୋ ଦଦାଶୋଽନାଗାସ୍ତ୍ୱମଦିତେ ସର୍ବତାତା।**
**ଯଂ ଭଦ୍ରେଣ ଶବସା ଚୋଦୟାସି ପ୍ରଜାବତା ରାଧସା ତେ ସ୍ୟାମ ॥୧୫॥**

*ଯସ୍ମୈ ତ୍ୱମ୍ ସୁଦ୍ରବିଣଃ ଦଦାଶଃ ଅନାଗାଃ ତ୍ୱମ୍ ଅଦିତେ ସର୍ବତାତା /*
*ଯମ୍ ଭଦ୍ରେଣ ଶବସା ଚୋଦୟାସି ପ୍ରଜାବତା ରାଧସା ତେ ସ୍ୟାମ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅପର୍ଯ୍ୟାପ୍ତ ଓ ଅବିଭାଜ୍ୟ ସତ୍ତା, ଅଗ୍ନି ! [ସୁଦ୍ରବିଣଃ ଅଦିତେ ତ୍ୱମ୍] ଆମରି ଯଜ୍ଞ ଦ୍ୱାରା [ଯସ୍ମୈ] ତୁମେ [ତ୍ୱମ୍] ଆତ୍ମାର ଦୋଷଶୂନ୍ୟ [ଅନାଗାଃ] ବିଶ୍ୱାତ୍ମକତାଗୁଡ଼ିକୁ [ସର୍ବତାତା] ରୂପ ଦେଇଥାଅ [ଦଦାଶଃ]; ତୁମେ ତୁମର ସୁଖକର ଓ ଉଜ୍ଜ୍ୱଳ ଶକ୍ତିମତ୍ତା ଦ୍ୱାରା [ଭଦ୍ରେଣ ଶବସା] ଏବଂ ତୁମ ଉଲ୍ଲାସର ସିଦ୍ଧିଯୁକ୍ତ ସମ୍ପଦରାଜି ଦ୍ୱାରା [ରାଧସା ପ୍ରଜାବତା] ତୁମେ ଯେଉଁମାନଙ୍କୁ [ଯମ୍] ତୁମର ଅଭିଳଷିତ ଲକ୍ଷ୍ୟ ଦିଗରେ ଜାଗ୍ରତ ହେବାକୁ ବାଧ କରିଥାଅ ଓ ଉତ୍ସାହିତ ମଧ କରିଥାଅ [ଚୋଦୟାସି], ଆମେ ସେମାନଙ୍କ ମଧ୍ୟରେ ଯେପରି ଗଣାହେଉ [ତେ ସ୍ୟାମ]।

*ଭାବାର୍ଥ : ଯଜ୍ଞର ଅର୍ଥ – ଶ୍ରେଷ୍ଠ କାର୍ଯ୍ୟରେ ଜୀବର ଆତ୍ମୋତ୍ସର୍ଗ। ଏହାରି ମାଧ୍ୟମରେ ମନୁଷ୍ୟର ଚିନ୍ତାଧାରାରୁ ସଂକୀର୍ଣ୍ଣତା ଦୂର ହୁଏ ଓ ବିଶ୍ୱଜୀବନର ଧାରଣା ସୃଷ୍ଟି ହୁଏ। ଏହି କାରଣରୁ ପ୍ରତ୍ୟେକ ମହାମାନବର ବାଣୀ ବିଶ୍ୱଜୀବନକୁ ସ୍ପର୍ଶ କରିଥାଏ। ଅଗ୍ନିଦେବ ପ୍ରତ୍ୟେକଙ୍କ ମଧ୍ୟରେ ଏହି ବିଶ୍ୱଭାବ ଜାଗ୍ରତ କରିଥା'ନ୍ତି।*

**ସ ତ୍ୱମଗ୍ନେ ସୌଭଗତ୍ୱସ୍ୟ ବିଦ୍ୱାନସ୍ମାକମାୟୁଃ ପ୍ର ତିରେହ ଦେବ।**
**ତନ୍ନୋ ମିତ୍ରୋ ବରୁଣୋ ମାମହନ୍ତାମଦିତିଃ ସିନ୍ଧୁଃ ପୃଥିବୀ ଉତ ଦ୍ୟୌଃ ॥୧୬॥**

*ସ ତ୍ୱମ୍ ଅଗ୍ନେ ସୌଭଗତ୍ୱସ୍ୟ ବିଦ୍ୱାନ୍ ଅସ୍ମାକମ୍ ଆୟୁଃ ପ୍ର ତିର ଇହ ଦେବ /*
*ତତ୍ ନଃ ମିତ୍ରଃ ବରୁଣଃ ମାମହନ୍ତାମ୍ ଅଦିତିଃ ସିନ୍ଧୁଃ ପୃଥିବୀ ଉତ ଦ୍ୟୌଃ॥*

---

* ସାଧର୍ମ୍ୟ ମୁକ୍ତି ।



ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି ! [ଅଗ୍ନେ] ତୁମେ ହେଉଛ ସୌଭାଗ୍ୟର ଜ୍ଞାତା [ତ୍ୱଂ ସୌଭଗତ୍ୱସ୍ୟ ବିଦ୍ୱାନ୍], ହେ ଦେବ [ଦେବ !] ଇହ ଲୋକସ୍ଥ ଆମ ଜୀବନକାଳର ପ୍ରବର୍ଦ୍ଧକ ଓ ଆମ ସତ୍ତାର ତୁମେ ପ୍ରଗତିସାଧକ ହୁଅ [ଇହ ଅସ୍ମାକମ୍ ଆୟୁଃ ପ୍ରତିର] !... {*(ମନ୍ତ୍ରର ଦ୍ୱିତୀୟ ଧାଡ଼ିର ଅର୍ଥ ଶ୍ରୀଅରବିନ୍ଦ ଏଠାରେ କରି ନାହାନ୍ତି। ଏହାର କାରଣ ହୋଇପାରେ ତାହା ଅଗ୍ନିଙ୍କ ସହ ସମ୍ବନ୍ଧିତ ନୁହେଁ। ସଂପୂର୍ଣ୍ଣ ମନ୍ତ୍ରର ଅର୍ଥ ପାଇଁ ଆମେ ଏହାର ଅର୍ଥ ଦେଉଛୁ।)* ଆମର ସେହି ଆୟୁକୁ [ନଃ ତତ୍] ମିତ୍ର, ବରୁଣ, ଅଦିତି, ସିନ୍ଧୁ, ପୃଥିବୀ ଓ ସ୍ୱର୍ଗ ପ୍ରଭୃତି ଦେବଗଣ [ମିତ୍ରଃ ବରୁଣଃ ଅଦିତିଃ ସିନ୍ଧୁଃ ପୃଥିବୀ ଉତ ଦ୍ୟୌଃ] ରକ୍ଷା କରନ୍ତୁ [ମାମହନ୍ତାମ୍]।}

*ଭାବାର୍ଥ : ଜୀବନକୁ ପ୍ରଗତିଶୀଳ ଓ ସୌଭାଗ୍ୟଶାଳୀ କରିବାକୁ ଅଗ୍ନିଙ୍କ ପ୍ରତି ଋଷିଙ୍କର ଏହା ଏକ ବିନୀତ ପ୍ରାର୍ଥନା।*

ସୂକ୍ତ : ୯୭ ॥ ଋଷି : କୁତ୍ସ ଆଙ୍ଗିରସ, ଛନ୍ଦ : ଗାୟତ୍ରୀ

**ଅପ ନଃ ଶୋଶୁଚଦଘମଗ୍ନେ ଶୁଶୁଗ୍ଧ୍ୟା ରୟିମ୍।**
**ଅପ ନଃ ଶୋଶୁଚଦଘମ୍॥୧॥**

*ଅପ ନଃ ଶୋଶୁଚତ୍ ଅଘମ୍ ଅଗ୍ନେ ଶୁଶୁଗ୍ଧି ଆ ରୟିମ୍।*
*ଅପ ନଃ ଶୋଶୁଚତ୍ ଅଘମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଆମ ମଧ୍ୟରୁ [ନଃ] ପାପକୁ [ଅଘମ୍] ଅପନୀତ କରି ତାକୁ ଦଗ୍ଧକର [ଅପଶୋଶୁଚତ୍], ଆମଠାରେ ସ୍ୱର୍ଗୀୟ ଆନନ୍ଦକୁ [ରୟିମ୍] ତୀବ୍ର ଭାବରେ ପ୍ରକାଶକର, ଉଦ୍ରେକକର [ଶୁଶୁଗ୍ଧି]। ଆମ ମଧ୍ୟରୁ ପାପକୁ ଅପନୀତ କରି ତାକୁ ଦଗ୍ଧ କର [ନଃ ଅଘମ୍ ଅପ-ଶୋଶୁଚତ୍] !

*ଭାବାର୍ଥ : ଧର୍ମଶାସ୍ତ୍ରମାନଙ୍କରେ ପାପପୁଣ୍ୟର ଅନେକ ବିଚାର ରହିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ମନୁଷ୍ୟର ଆଚରଣରୁ ଆଦିମ ବର୍ବରତାକୁ ଦୂର କରି ତାକୁ ଶୁଦ୍ଧ ଓ ସଂସ୍କାରିତ କରିବା। ଏଣୁ ନାନା କାହାଣୀ ଓ ଉପାଖ୍ୟାନ ରଚନା କରି ସେମାନେ ପ୍ରତିପାଦନ କରିଛନ୍ତି– ପାପର ଫଳ ନର୍କ ଓ ପୁଣ୍ୟର ଫଳ ସ୍ୱର୍ଗ। ନର୍କ ଯନ୍ତ୍ରଣାକୁ ଭୟ ଓ ସ୍ୱର୍ଗସୁଖ ପ୍ରତି ଆକର୍ଷଣ ହେତୁ ଏକ ସାଧାରଣ ମାନବ ପୁଣ୍ୟମାର୍ଗରେ ଅଗ୍ରସର ହୁଏ– ତା'ର ଆଚରଣ ଶୁଦ୍ଧ ହୁଏ। ଏହି ଦୃଷ୍ଟିରୁ ପ୍ରତ୍ୟେକ ନୀତିକାର ଜଣେ ଜଣେ ଦ୍ରଷ୍ଟା*

*ଓ ମାନବହିତୈଷୀ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ ପରବର୍ତ୍ତୀ ସମୟରେ ମାନବସମାଜ ଏହିପରି ଦ୍ରଷ୍ଟାଙ୍କୁ ହରାଇବା ହେତୁ ନୈତିକତାର ଏହି ରହସ୍ୟ ଲୋକଙ୍କର ଜ୍ଞାତସାରରେ ରହିଲା ନାହିଁ। ସେହି ଆଦିମ ପ୍ରକୃତିକୁ ବଜାୟ ରଖି କେବଳ କେତେକ ଧାର୍ମିକ ବିଧିବିଧାନ ମାନିବା ହେଲା ଲୋକଙ୍କର ଆଦର୍ଶ। ମାନବ ପ୍ରକୃତିରୁ ଏହି ଛଳନାକୁ ଦୂର କରିବା ପାଇଁ ବିଶ୍ୱମାତା ଯୁକ୍ତିବୁଦ୍ଧିପ୍ରଧାନ କିଛି ମଣିଷକୁ ଜନ୍ମ ଦେଲେ। ଫଳରେ ନୈତିକତାର ଆଉ ପ୍ରାଧାନ୍ୟ ରହିଲା ନାହିଁ। ଦେଖାଗଲା, ଯେଉଁ ମନୁଷ୍ୟ ମଧ୍ୟରେ ମାନସିକ ଯୁକ୍ତିବୁଦ୍ଧିର ବିକାଶ ଯେତିକି ହେଲା ସେ ସେତିକି ପରିମାଣରେ ଧର୍ମର ସମାଲୋଚନା କଲା। ସ୍ଥାନ, କାଳ, ଜଳବାୟୁ, ରୁଚି ଓ ବିଚାର ପ୍ରଭୃତି ଭେଦରେ ନୀତି ଅନେକ ପ୍ରକାର ଥିବାରୁ କୌଣସିଟି ପୂର୍ଣ୍ଣସତ୍ୟ ନୁହେଁ ବୋଲି ସେ ସର୍ବସମକ୍ଷରେ ସାବ୍ୟସ୍ତ କଲା। ଏହି କାରଣରୁ ଆଜିର ମଣିଷକୁ ଧର୍ମ-ଶୃଙ୍ଖଳ ଆୟତ୍ତ କରିପାରୁ ନାହିଁ; ମଣିଷ ମଧ୍ୟରୁ ପାପବୋଧ ଧୀରେ ଧୀରେ ଦୂର ହୋଇଯାଉଛି। କିନ୍ତୁ ମଣିଷ ଯେ ଅଜ୍ଞାନଗ୍ରସ୍ତ ହୋଇପାରେ ଏକଥା ପ୍ରତ୍ୟେକ ବ୍ୟକ୍ତି ସ୍ୱୀକାର କରିବ। କାରଣ, ଏହା ଏକ ଚାକ୍ଷୁଷ ପ୍ରମାଣ ଯେ ମନୁଷ୍ୟ ଭୁଲ୍ କରେ; ଛଳନା, ଭୟ, କ୍ରୋଧ, ଈର୍ଷା ପ୍ରଭୃତି ହୀନ ପ୍ରକୃତିର ଦାସ ହୁଏ; ସର୍ବୋପରି ଜଣେ ନିର୍ବୋଧ, ସ୍ୱାର୍ଥପର ହେବାର ପ୍ରମାଣ ସବୁଠାରୁ ବେଶୀ। ଏସବୁ କାହାରିକୁ ଆନନ୍ଦ ଦିଏ ନାହିଁ– କାରଣ ଏହା ଆମ ମୂଳ ପ୍ରକୃତିର ଏକାନ୍ତ ପ୍ରତିକୂଳ। ସତ୍ୟ, ଶାନ୍ତି, ସମତା, ତ୍ୟାଗ, ପ୍ରେମ, ଜ୍ଞାନ ପ୍ରଭୃତି ଆମ ଅସ୍ତିତ୍ୱର ମୂଳ ପ୍ରକୃତି। ଜଣକ ଭିତରେ ଏହି ଆଲୋକ ଓ ସତ୍ୟର ଜ୍ଞାନ ଉଦୟ ହେବା ମାତ୍ରେ ଅନ୍ଧତମସାର ଆସ୍ତରଣ ପରି ଘେରି ରହିଥିବା ଏହି ସ୍ଥୂଳ ବର୍ବର ପ୍ରକୃତିର ଅପସାରଣ ଆରମ୍ଭହୁଏ ଏବଂ ସେ ସେଥିରୁ ମୁକ୍ତ ହେବାକୁ ବ୍ୟାକୁଳ ହୁଏ। ଏହି ଦୁରୂହ କାର୍ଯ୍ୟଟି ପାଇଁ ଏହି ସୂକ୍ତରେ ଋଷି କୁତ୍ସଙ୍କର (ଅଙ୍ଗିରସଙ୍କ ପୁତ୍ର) ସର୍ବଶକ୍ତିମୟ ଅଗ୍ନିଦେବଙ୍କୁ ଅନ୍ତରଙ୍ଗ ପ୍ରାର୍ଥନା। ଏହି ପୃଷ୍ଠଭୂମି ଅନୁସାରେ ଆମେ ନିମ୍ନୋକ୍ତ ମନ୍ତ୍ରଗୁଡ଼ିକୁ ଅଧ୍ୟୟନ କଲେ ସେଗୁଡ଼ିକର ରହସ୍ୟାର୍ଥ ଆମ ଆଗରେ ସ୍ପଷ୍ଟ ହୋଇଯାଇପାରେ।*

**ସୁକ୍ଷେତ୍ରିୟା ସୁଗାତୁୟା ବସୂୟା ଚ ଯଜାମହେ।**
**ଅପ ନଃ ଶୋଶୁଚଦଘମ୍।।୨।।**

ଶ୍ରୀଅରବିନ୍ଦକୃତ ଅର୍ଥ : ମନୋରମ କ୍ଷେତ୍ର ଦିଗରେ ଯାଇଥିବା [ସୁକ୍ଷେତ୍ରିୟା] ସୁନିର୍ମିତ ବିଶୁଦ୍ଧ ମାର୍ଗକୁ ପ୍ରାପ୍ତ ହେବାକୁ [ସୁଗାତୁୟା], ସର୍ବୋତ୍ତମ ସମ୍ପଦକୁ ପ୍ରାପ୍ତ ହେବାକୁ [ବସୂୟା] ଆମ୍ଭେମାନେ ଯଜ୍ଞ କରୁଛୁ [ୟଜାମହେ],– ହେ ଅଗ୍ନି ! ଆମ



ମଧ୍ୟରୁ ପାପକୁ ଅପନୀତ କରି ତାକୁ ଦଗ୍ଧ କର [ନଃ ଅଘମ୍ ଅପ-ଶୋଶୁଚତ୍] !

*ଭାବାର୍ଥ : ଉଚ୍ଚତର ଚେତନା ଓ କର୍ମ ପ୍ରତି ଉତ୍ସର୍ଗିତ ଜୀବନ ଯଦି ଯଜ୍ଞ ହୁଏ ତେବେ ତାହାରି ବର୍ଣ୍ଣନା ଏଠାରେ କରାଯାଇଛି। ନିଜର ଆତ୍ମ-ଆବିଷ୍କାର ଓ ଶ୍ରେଷ୍ଠ ପନ୍ଥା ଲାଭ କରିବାର ଉଦ୍ଦେଶ୍ୟ ନେଇ ଯଜ୍ଞ କରିବା ଅନ୍ୟ ସକଳ ଅଭିଳାଷଠାରୁ ଶ୍ରେଷ୍ଠ।*

**ପ୍ର ଯଦ୍ଭନ୍ଦିଷ୍ଠ ଏଷାଂ ପ୍ରାସ୍ମାକାସଶ୍ଚ ସୂରୟଃ।**
**ଅପ ନଃ ଶୋଶୁଚଦଘମ୍।।୩।।**

*ପ୍ର ଯତ୍ ଭନ୍ଦିଷ୍ଠଃ ଏଷାମ୍ ପ୍ର-ଅସ୍ମାକାସଃ ଚ ସୂରୟଃ /...*

ଶ୍ରୀଅରବିନ୍ଦକୃତ ଅର୍ଥ : ଏହି ଅନେକ ଦେବତାଙ୍କ ମଧ୍ୟରୁ ଯେ କଲ୍ୟାଣତମ [ଏଷାଂ ୟତ୍] ସେ ଆମମାନଙ୍କ ମଧ୍ୟରେ ଜନ୍ମଲାଭ କରନ୍ତୁ [ପ୍ର-ଭନ୍ଦିଷ୍ଠଃ], ଆମ ଭାବନାର ଗଭୀରକୁ ଦେଖିପାରୁଥିବା [ପ୍ର-ଅସ୍ମାକାସଃ ଚ] ଋଷି (ଦ୍ରଷ୍ଟା) ଗଣ [ସୂରୟଃ] ବୃଦ୍ଧିଲାଭ କରନ୍ତୁ (ପ୍ର-ଭନ୍ଦିଷ୍ଠଃ) – ହେ ଅଗ୍ନି ! ଆମ ମଧ୍ୟରୁ ପାପକୁ ଅପନୀତ କରି ତାକୁ ଦଗ୍ଧ କର [...] !

*ଭାବାର୍ଥ : ମନୁଷ୍ୟ ମଧ୍ୟରେ କଲ୍ୟାଣତମ ଦେବତା ଆତ୍ମା ବ୍ୟତୀତ ଆଉ କେହି ହୋଇ ନ ପାରନ୍ତି। ଆମ ମନ-ପ୍ରାଣ-ଶରୀରରେ ଆତ୍ମାର ଅଭିବ୍ୟକ୍ତି ହେଉ; ଅନ୍ତର୍ଜ୍ଞାନପ୍ରାପ୍ତ ଋଷିଗଣ ମାନବସମାଜ ମଧ୍ୟରେ ଅଧିକ ଜନ୍ମଲାଭ କରନ୍ତୁ ବୋଲି ଋଷି ଅଗ୍ନିଦେବଙ୍କୁ ନିଜର ଗଭୀରତମ ଆକୂତି ଜଣାଇଛନ୍ତି।*

**ପ୍ର ଯତ୍ ତେ ଅଗ୍ନେ ସୂରୟୋ ଜାୟେମହି ପ୍ର ତେ ବୟମ୍।**
**ଅପ ନଃ ଶୋଶୁଚଦଘମ୍।।୪।।**

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦିବ୍ୟ ଅଗ୍ନି [ଅଗ୍ନେ] ! ତୁମରି ଦ୍ରଷ୍ଟା ଋଷିମାନେ [ୟତ୍ ତେ ସୂରୟଃ] ବୃଦ୍ଧିଲାଭ କରନ୍ତୁ [ପ୍ର] ଏବଂ ତୁମର ହୋଇ [ତେ] ଆମେ ନୂତନ ଜୀବନ ନେଇ ଜନ୍ମଲାଭ କରୁ [ପ୍ର-ଜାୟେମହି],– ଆମ ମଧ୍ୟରୁ ପାପ ଅପନୀତ କରି ତାକୁ ଦଗ୍ଧ କର [...] !

*ଭାବାର୍ଥ : ସୃଷ୍ଟିର ଅନ୍ତରତମ ରହସ୍ୟକୁ ଯେ ଦେଖିପାରନ୍ତି ସେହିଁ ଅଗ୍ନିଦ୍ରଷ୍ଟା ଋଷି। ଅନ୍ୟଥା ଅନ୍ତର୍ଜ୍ଞାନର ଅନେକ ସ୍ତର ରହିଛି – ସାଧନା ବଳରେ ଯିଏ ଯେଉଁ ସ୍ତରରେ*

*ଉପନୀତ ହୋଇଥାଏ ସେ ଏହି ସୃଷ୍ଟିକୁ ସେହି ଦୃଷ୍ଟିରେ ବିଚାର କରେ। ଯଦିଓ ଆମ ମଧ୍ୟରେ ଆତ୍ମାର ଅଗ୍ନି ଚିରନ୍ତନ ଭାବେ ପ୍ରଜ୍ୱଳିତ ତଥାପି ତାଙ୍କର ନବଜନ୍ମ ପରି ଆମକୁ ଲାଗେ ଯେତେବେଳେ ସେ ଆମର ଅଜ୍ଞାନତାକୁ ଭେଦ କରି ମନୋରାଜ୍ୟରେ ଜ୍ଞାନର ଶିଖା ଜାଳି ଦିଅନ୍ତି। ସେହି ଜ୍ଞାନ ଅନୁସାରେ ଜୀବନର ପରିବର୍ତ୍ତନ ହେଉଛି ଆମର ନବଜନ୍ମ ।*

**ପ୍ର ଯଦଗ୍ନେଃ ସହସ୍ୱତୋ ବିଶ୍ୱତୋ ଯନ୍ତି ଭାନବଃ।**
**ଅପ ନଃ ଶୋଶୁଚଦଘମ୍ ।।୫।।**

*ପ୍ର ଯତ୍ ଅଗ୍ନେଃ ସହସ୍ୱତଃ ବିଶ୍ୱତଃ ଯନ୍ତି ଭାନବଃ /...*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମ ଶକ୍ତିର [ଅଗ୍ନେଃ ସହସ୍ୱତଃ] ଆଗ୍ନେୟ ଜ୍ୟୋତିରେଖାଗୁଡ଼ିକ [ଭାନବଃ] ଯେତେବେଳେ [ଯତ୍] ଚତୁର୍ଦ୍ଦିଗକୁ ପ୍ରଚଣ୍ଡଭାବେ ଛୁଟି ଯାଉଛନ୍ତି [ବିଶ୍ୱତଃ ପ୍ର-ଯନ୍ତି] – ଆମ ମଧ୍ୟରୁ ପାପ ଅପନୀତ କରି ତାକୁ ଦଗ୍ଧ କର [...]।

*ଭାବାର୍ଥ : ସୂର୍ଯ୍ୟଙ୍କ ଭଳି ଅଗ୍ନି ଆମ ମଧ୍ୟରେ ଜ୍ୟୋତିର୍ମୟ ହୋଇ ପ୍ରକଟିତ ହେବାର ଏକ ଅନୁଭୂତିକୁ ଏହି ମନ୍ତ୍ରଟି ବହନ କରିଛି ।*

**ତ୍ୱଂ ହି ବିଶ୍ୱତୋମୁଖ ବିଶ୍ୱତଃ ପରିଭୂରସି ।**
**ଅପ ନଃ ଶୋଶୁଚଦଘମ୍ ।।୬।।**

*ପରିଭୂଃ ଅସି ...*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମର ମୁଖ ସର୍ବତ୍ର ଦୃଶ୍ୟମାନ ହେ ଦେବ [ବିଶ୍ୱତୋମୁଖ]! ତୁମେ [ତ୍ୱଂ ହି] ତୁମ ଅସ୍ତିତ୍ୱରେ ଆମର ପ୍ରତ୍ୟେକ ପାର୍ଶ୍ୱକୁ ବେଷ୍ଟନ କରି ରହିଛ [ପରିଭୂଃ ଅସି]। ଆମ ମଧ୍ୟରୁ ପାପ ଅପନୀତ କରି ତାକୁ ଦଗ୍ଧ କର [...]!

*ଭାବାର୍ଥ : ବିଶ୍ୱର ସର୍ବତ୍ର ଅଗ୍ନିଙ୍କର ଅବସ୍ଥାନକୁ, ବିଶ୍ୱ ବ୍ୟାପକତାକୁ ଏହି ମନ୍ତ୍ର ସୂଚିତ କରୁଛି ।*

**ଦ୍ୱିଷୋ ନୋ ବିଶ୍ୱତୋମୁଖାତି ନାବେବ ପାରୟ ।**
**ଅପ ନଃ ଶୋଶୁଚଦଘମ୍ ।।୭।।**



*ଦ୍ୱିଷଃ ନଃ ବିଶ୍ୱତୋମୁଖ ଅତି ନୌ ଏବ ପାରୟ...*

ଶ୍ରୀଅରବିନ୍ଦକୃତ ଅର୍ଥ : ଶତ୍ରୁ ଯେଉଁ ଆଡ଼କୁ ବୁଲି ପଡୁଛି ସେଇ ଦିଗରୁ ତୁମେ ତା'ର ସମ୍ମୁଖୀନ ହୁଅ [ଦ୍ୱିଷଃ ବିଶ୍ୱତୋମୁଖ], ତୁମରି ପୋତରେ [ନୌ ଏବ] ବିପତ୍‌ପୂର୍ଣ୍ଣ ଜଳରାଶି ଉପରେ ଆମକୁ ବାହିନିଅ [ଅତି-ପାରୟ]। ଆମ ମଧ୍ୟରୁ ପାପ ଅପନୀତ କରି ତାକୁ ଦଗ୍ଧ କର [...] !

*ଭାବାର୍ଥ : ମିଥ୍ୟାକୁହିଁ ଲକ୍ଷ୍ୟ କରି ଋଷି ଏଠାରେ ଶତ୍ରୁ ଶବ୍ଦ ବ୍ୟବହାର କରିଥିବାର ବୋଧହୁଏ । ଏହି ବିଦ୍ୱେଷୀ ଜଣକ ଅତି ଚତୁର। ସାଧକ ତାକୁ ଯେତେ ପ୍ରତ୍ୟାଖ୍ୟାନ କଲେ ବି ତା' ମଧ୍ୟରେ ଲୁଚିଛପି ରହିଯିବାର ବିଦ୍ୟା ତାକୁ ଭଲ ଭାବେ ଜଣା। ବିପତ୍‌ପୂର୍ଣ୍ଣ ଜଳରାଶି ଏହି ବାଧାବିପତ୍ତିମୟ ବିଶ୍ୱଗତ ଜୀବନ-ଯାତ୍ରାର ପ୍ରତୀକ ହୋଇପାରେ।*

*ଏ ସଂପର୍କରେ ସ୍ମରଣ କରାଯାଇପାରେ ଋଗ୍‌ବେଦୀୟ ଋଷି କଶ୍ୟପ-ମାରୀଚଙ୍କର ସେହି ପ୍ରସିଦ୍ଧ ମନ୍ତ୍ରଟି (ଋ.ବେ. ୧ମ ମଣ୍ଡଳ, ସୂକ୍ତ-୯୯ ର ୧ମ ମନ୍ତ୍ର) ଯହିଁରେ ସେ 'ନାବେବ ସିନ୍ଧୁଂ ଦୁରିତାନି ଅଗ୍ନିଃ' ବୋଲି କହିଛନ୍ତି ।*

**ସ ନଃ ସିନ୍ଧୁମିବ ନାବୟାତି ପର୍ଷା ସ୍ୱସ୍ତୟେ।**
**ଅପ ନଃ ଶୋଶୁଚଦଘମ୍ ।।୮।।**

*ସଃ ନଃ ସିନ୍ଧୁମ୍ ଇବ ନାବୟା ଅତି ପର୍ଷ ସ୍ୱସ୍ତୟେ...*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ସଃ], ପୋତ ମଧ୍ୟରେ ସମୁଦ୍ରଯାତ୍ରା ପରି [ନାବୟା ସିନ୍ଧୁମ୍ ଇବ] ତୁମର ଆନନ୍ଦ ମଧ୍ୟକୁ [ସ୍ୱସ୍ତୟେ] ତୁମେ ଆମକୁ ବାହିନିଅ [ନଃ ଅତି-ପର୍ଷ]। ଆମ ମଧ୍ୟରୁ ପାପ ଅପନୀତ କରି ତାକୁ ଦଗ୍ଧ କର [...]!

*ଭାବାର୍ଥ : ଦିବ୍ୟ-ଆନନ୍ଦ ମଧ୍ୟରୁ ଏହି ଜଗତର ସୃଷ୍ଟି ଏବଂ ସେହି ଦିବ୍ୟାନନ୍ଦକୁ ଅଭିବ୍ୟକ୍ତ କରିବା ଏହାର ଲକ୍ଷ୍ୟ। ମଧ୍ୟବର୍ତ୍ତୀ ଅବସ୍ଥାଚକ୍ର ଦେଇ ଆଗେଇ ଚାଲିବା ହେଲା ସାଗର-ଯାତ୍ରା ପରି।*

# ପରୁଚ୍ଛେପ ଦୈବୋଦାସି

ସୂକ୍ତ : ୧୨୭ ।। ଋଷି : ପରୁଚ୍ଛେପ ଦୈବୋଦାସି, ଛନ୍ଦ : ଅତ୍ୟଷ୍ଟିଃ, ଅତିଧୃତିଃ

**ଅଗ୍ନିଂ ହୋତାରଂ ମନ୍ୟେ ଦାସ୍ୱନ୍ତଂ ବସୁଂ ସୂନୁଂ**
**ସହସୋ ଜାତବେଦସଂ ବିପ୍ରଂ ନ ଜାତବେଦସମ୍‌।**
**ୟ ଊର୍ଧ୍ୱୟା ସ୍ୱଧ୍ୱରୋ ଦେବୋ ଦେବାଚ୍ୟା କୃପା।**
**ଘୃତସ୍ୟ ବିଭ୍ରାଷ୍ଟିମନୁ ବଷ୍ଟି ଶୋଚିଷାଽଽଜୁହ୍ୱାନସ୍ୟ ସର୍ପିଷଃ ।।୧।।**

*ଅଗ୍ନିମ୍‌ ହୋତାରମ୍‌ ମନ୍ୟେ ଦାସ୍ୱନ୍ତମ୍‌ ବସୁମ୍‌ ସୂନୁମ୍‌ ସହସଃ ଜାତବେଦସମ୍‌ ବିପ୍ରମ୍‌ ନ ଜାତବେଦସମ୍‌ / ୟଃ ଊର୍ଧ୍ୱୟା ସୁ-ଅଧ୍ୱରଃ ଦେବଃ ଦେବାଚ୍ୟା କୃପା / ଘୃତସ୍ୟ ବି-ଭ୍ରାଷ୍ଟିମ୍‌ ଅନୁ ବଷ୍ଟି ଶୋଚିଷା ଆ ଜୁହ୍ୱାନସ୍ୟ ସର୍ପିଷଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ମୁଁ ଅଗ୍ନିଙ୍କୁ ଧ୍ୟାନ କରୁଛି [ଅଗ୍ନିଂ ମନ୍ୟେ], ଯଜ୍ଞରେ ସେ ହୋତା [ହୋତାରମ୍‌] (ଦେବଗଣଙ୍କୁ ଯେ ଆବାହନ କରନ୍ତି), ଦିବ୍ୟ ସମ୍ପଦର ସେ ଦାତା [ବସୁଂ ଦାସ୍ୱନ୍ତମ୍‌], ଶକ୍ତିର ପୁତ୍ର [ସହସଃ ସୁନୂମ୍‌], ଜନ୍ମିତ ସକଳ ବସ୍ତୁର ଜ୍ଞାତା [ଜାତ-ବେଦସମ୍‌]; ଏହି ଗୂଢ଼ ଅଗ୍ନି ଜଣେ ପ୍ରଭାସ୍ୱର ବ୍ୟକ୍ତି ସଦୃଶ [ବିପ୍ରଂ ନ] ଓ ସମସ୍ତ ଜନ୍ମିତ ବସ୍ତୁର ଜ୍ଞାତା [ଜାତ-ବେଦସମ୍‌]।

ଅଗ୍ନି, ଯିଏ କି [ୟଃ] ଅଧ୍ୱର (ଯାତ୍ରା) ଯଜ୍ଞରେ ଅତ୍ୟନ୍ତ ଦକ୍ଷ [ସୁ-ଅଧ୍ୱରଃ], ଯେ ଏପରି ଜଣେ ଦେବତା [ଦେବଃ] ଯିଏ ନିଜର ଉଚ୍ଚ ଆକୃତି ସହ* [ଊର୍ଦ୍ଧ୍ୱୟା ଦେବାଚ୍ୟା କୃପା] ଆହୁତିର [ଘୃତସ୍ୟ] ବର୍ଣ୍ଣିଳ ପ୍ରଭାରାଶି ପାଇଁ [ବି-ଭ୍ରାଷ୍ଟିମ୍‌], ଆହୁତି ରୂପେ ଅଜାଡ଼ି ହୋଇ ପଡୁଥିବା ଶକ୍ତିପ୍ରବାହ ପାଇଁ [ଆ ଜୁହ୍ୱାନସ୍ୟ ସର୍ପିଷଃ] ନିଜର ଲେଲିହମାନ ଶିଖା ଦ୍ୱାରା [ଶୋଚିଷା] ଆକୁଳ ହୋଇଉଠୁଛନ୍ତି [ଅନୁ-ବଷ୍ଟି]।

*ଭାବାର୍ଥ : ହୋତା, ଜାତବେଦସ୍‌, ବିପ୍ର, ଅଧ୍ୱର, ଘୃତ, ଆହୁତି ପ୍ରଭୃତି ପ୍ରତୀକାତ୍ମକ ଶବ୍ଦମାନଙ୍କର ଅର୍ଥ ଆମେ ପୂର୍ବ ସୂକ୍ତମାନଙ୍କର ଭାବାର୍ଥରେ କହିଛୁ । ଏଠାରେ ଅଗ୍ନିଙ୍କୁ ଶକ୍ତି-ପୁତ୍ର କହିବାର ଅର୍ଥ – ଏହି ପ୍ରକାଶମାନ ଜଗତର ପଶ୍ଚାତରେ ଏକ ବିଶ୍ୱଶକ୍ତି ସ୍ଥିର ଏବଂ ଘନୀଭୂତ ହୋଇ ବିଦ୍ୟମାନ। ସମୁଦ୍ରରୁ ତରଙ୍ଗ ସୃଷ୍ଟି ହେବା ପରି ସେହି ଅନନ୍ତ ଶକ୍ତିର କ୍ରିୟାତ୍ମିକା ଶକ୍ତି ରୂପରେ ଅଗ୍ନିଙ୍କର ଜନ୍ମ, ଯେ ଜଗତକୁ ଗତିଶୀଳ କରାଇଛନ୍ତି।*

* ଅଥବା, ଦେବାଭିଳାଷୀ ଉନ୍ନତ ଶିଖା ଦ୍ୱାରା ।



**ୟଜିଷ୍ଠଂ ତ୍ୱା ୟଜମାନା ହୁବେମ**
**ଜ୍ୟେଷ୍ଠମଙ୍ଗିରସାଂ ବିପ୍ର ମନ୍ମଭିର୍ବିପ୍ରେଭିଃ ଶୁକ୍ର ମନ୍ମଭିଃ ।**
**ପରିଜ୍ମାନମିବ ଦ୍ୟାଂ ହୋତାରଂ ଚର୍ଷଣୀନାମ୍‌ ।**
**ଶୋଚିଷ୍କେଶଂ ବୃଷଣଂ ୟମିମା ବିଶଃ ପ୍ରାବନ୍ତୁ ଜୂତୟେ ବିଶଃ ।।୨।।**

*ୟଜିଷ୍ଠମ୍‌ ତ୍ୱା ୟଜମାନାଃ ହୁବେମ ଜ୍ୟେଷ୍ଠମ୍‌ ଅଙ୍ଗିରସାମ୍‌ ବିପ୍ର ମନ୍ମଭିଃ ବିପ୍ରେଭିଃ ଶୁକ୍ର ମନ୍ମଭିଃ / ପରିଜ୍ମାନମ୍‌ ଇବ ଦ୍ୟାମ୍‌ ହୋତାରମ୍‌ ଚର୍ଷଣୀନାମ୍‌ / ଶୋଚିଷ୍କେଶମ୍‌ ବୃଷଣମ୍‌ ୟମ୍‌ ଇମାଃ ବିଶଃ ପ୍ର-ଅବନ୍ତୁ ଜୂତୟେ ବିଶଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଯଜ୍ଞର ସାର୍ବଭୌମ ଦେବତା ତୁମକୁ [ୟଜିଷ୍ଠଂ ତ୍ୱା] ଆମେ ଯଜମାନ (ଆହୁତିଦାତା)ଗଣ [ୟଜମାନାଃ] ଆବାହନ କରିବାର ଅନୁମତି ପ୍ରାର୍ଥନା କରୁଛୁ [ହୁବେମ]; ଅଙ୍ଗିରସମାନଙ୍କ ମଧ୍ୟରେ ଜ୍ୟେଷ୍ଠ [ଅଙ୍ଗିରସାଂ ଜ୍ୟେଷ୍ଠମ୍‌], ହେ ଜ୍ଞାନଭାସ୍ୱର [ବିପ୍ର] ତୁମକୁ ଆମେ ଆମ ଚିନ୍ତାବଳୀ ଦ୍ୱାରା [ମନ୍ମଭିଃ] ଆବାହନ କରୁଛୁ, ହେ ପ୍ରଭାମୟ ଦିବ୍ୟାଗ୍ନି [ଶୁକ୍ର], ଆମର ଆଲୋକିତ ଚିନ୍ତାବଳି ଦ୍ୱାରା [ବିପ୍ରେଭିଃ ମନ୍ମଭିଃ] ଆମେ ତୁମକୁ ଆବାହନ କରୁଛୁ, ମନୁଷ୍ୟମାନଙ୍କର ଦେବାହ୍ୱାନକାରୀ ଯାଜକ* [ଚର୍ଷଣୀନାଂ ହୋତାରମ୍‌], ସ୍ୱର୍ଗ ପରି ଯିଏ ସମସ୍ତଙ୍କୁ ଘେରି ରହିଛନ୍ତି [ଦ୍ୟାମ୍‌ ଇବ ପରିଜ୍‌ମାନମ୍‌]; ଊର୍ଦ୍ଧ୍ୱଶିଖ ଆଲୋକ ରୂପକ କେଶଧାରୀ [ଶୁଚିଷ୍କେଶମ୍‌] ମହାନ୍‌ ପୁରୁଷଶ୍ରେଷ୍ଠଙ୍କୁ [ବୃଷଣମ୍‌], ଏହି ପ୍ରଜାଗଣ [ଇମାଃ ବିଶଃ] ତାଙ୍କରି ଉତ୍ସାହକୁ ଲାଭ କରିବା ନିମନ୍ତେ [ଜୂତୟେ] ତାଙ୍କୁ ଅଭିଳାଷ କରନ୍ତୁ [ପ୍ର-ଅବନ୍ତୁ] ।

*ଭାବାର୍ଥ : ଏହି ସଂପୂର୍ଣ୍ଣ ମନ୍ତ୍ରଟି ଆମର ଅନ୍ତରାଗ୍ନି ଓ ବିଶ୍ୱମୟ ଅଗ୍ନିଙ୍କର ଆବାହନ ଉପରେ ଆଧାରିତ। ଏଥିରେ ସେହି ଅଗ୍ନିଙ୍କର ସ୍ୱରୂପ ଏବଂ ବ୍ୟକ୍ତିଗତ ଓ ଜାଗତିକ ଜୀବନରେ ଅଗ୍ନିଙ୍କର ସମ୍ବନ୍ଧ ମଧ୍ୟ ଅତି କାବ୍ୟିକ ଢଙ୍ଗରେ ଫୁଟି ଉଠିଛି।*

**ସ ହି ପୁରୂ ଚିଦୋଜସା ବିରୁକ୍ମତା**
**ଦୀଦ୍ୟାନୋ ଭବତି ଦ୍ରୁହଂତରଃ ପରଶୁର୍ନ ଦ୍ରୁହଂତରଃ।**
**ବୀଳୁ ଚିଦ୍ୟସ୍ୟ ସମୃତୌ ଶ୍ରୁବଦ୍ୱନେବ ୟତ୍‌ ସ୍ଥିରମ୍‌।**
**ନିଷ୍ଷହମାଣୋ ୟମତେ ନାୟତେ ଧନ୍ୱାସହା ନାୟତେ।।୩।।**

* ଅଥବା, ଭବିଷ୍ୟଦୃଷ୍ଟିସମ୍ପନ୍ନ ମାନବଗଣଙ୍କର ହୋତା ।

*ସଃ ହି ପୁରୁ ଚିତ୍ ଓଜସା ବିରୁକ୍ମତା ଦୀଦ୍ୟାନଃ ଭବତି ଦ୍ରୁହମ୍-ତରଃ ପରଶୁଃ ନ ଦ୍ରୁହମ୍-ତରଃ / ବୀଳୁ ଚିତ୍ ଯସ୍ୟ ସମ୍-ଋତୌ ଶ୍ରୁବତ୍ ବନା-ଇବ ଯତ୍ ସ୍ଥିରମ୍/ ନିଃ-ସହମାନଃ ଯମତେ ନ-ଅୟତେ ଧନ୍ୱାସହା ନ-ଅୟତେ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ନିଜର ପ୍ରଶସ୍ତ ପ୍ରକାଶମୟ ଶକ୍ତି ଦ୍ୱାରା [ବିରୁକ୍ମତା ହି] ଅନେକ ବସ୍ତୁକୁ [ପୁରୁ] ଦୀପ୍ତିମନ୍ତ କରି କରି [ଦୀଦ୍ୟାନଃ ଚିତ୍] ସେ (ଅଗ୍ନି) ଆମମାନଙ୍କୁ କଷ୍ଟ ଦେଉଥିବା ବିଦ୍ରୋହୀ ବସ୍ତୁଗୁଡ଼ିକୁ ଭାଙ୍ଗି ଫିଙ୍ଗି ଦିଅନ୍ତି [ଦ୍ରୁହନ୍ତରଃ], ଏକ ପରଶୁ ସଦୃଶ [ପରଶୁଃ ନ] ସେ ଆମର ବିଦ୍ରୋହୀ ବସ୍ତୁଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଫିଙ୍ଗିଦିଅନ୍ତି [ଦ୍ରୁହନ୍ତରଃ], ଯାହାଙ୍କ ପ୍ରହାରରେ [ଯସ୍ୟ ସମୃତୌ] ଅତି କଠିନ ବସ୍ତୁଗୁଡ଼ିକ ମଧ୍ୟ [ବୀଳୁ ଚିତ୍] ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଝଡ଼ିପଡ଼େ [ଶ୍ରୁବତ୍], ଏପରିକି ଯାହା ସ୍ଥିର ଅଚଳ [ଯତ୍ ସ୍ଥିରମ୍] ତାହା ମଧ୍ୟ ବୃକ୍ଷରାଜି ଭଳି [ବନା ଇବ] ଭାଙ୍ଗି ପଡ଼ନ୍ତି [ଶ୍ରୁବତ୍]; ନିଜ ଶକ୍ତିରେ ଉଚ୍ଛୁଳି ଉଠୁଥିବା ସେ [ନିଃ-ସହମାନଃ] ପ୍ରୟାସ କରିଚାଲନ୍ତି [ଯମତେ], କିନ୍ତୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ [ନ ଅୟତେ], ଧନୁର୍ଧାରୀ ସୈନିକ ପରି [ଧନ୍ୱାସହା] ଯୁଦ୍ଧଭୂମିରୁ ସେ କେବେ ପଳାୟନ କରନ୍ତି ନାହିଁ [ନ ଅୟତେ]।

*ଭାବାର୍ଥ : ବିଶ୍ୱରେ ଆତ୍ମାର ଅଭିବ୍ୟକ୍ତି ପାଇଁ ଅଗ୍ନିଙ୍କର ଯେଉଁ ପ୍ରଚେଷ୍ଟା ତାହା ଏକାଧାରରେ ବ୍ୟକ୍ତିଗତ ଓ ବିଶ୍ୱଗତ। ଆମର ନିଜ ପ୍ରକୃତିରେ ଯେପରି ସତ୍ୟ-ବିରୋଧୀ ଓ ପରିବର୍ତ୍ତନ-ବିମୁଖୀ ଅନେକ ସତ୍ତା ଅଛନ୍ତି ସେହିପରି ଜଗତଜୀବନରେ ବିରୋଧୀ ଶକ୍ତିଙ୍କ ଦ୍ୱାରା କବଳିତ ଗୋଷ୍ଠୀ ମଧ୍ୟ ଅଛନ୍ତି। ଏହି ଉଭୟ ଭୂମିରେ ଅଗ୍ନି କିପରି ବିଜୟଦର୍ପରେ କ୍ରିୟା କରନ୍ତି ତାହାହିଁ ଏହି ମନ୍ତ୍ରର ତତ୍ତ୍ୱ।*

**ଦୃଳ୍‌ହା ଚିଦସ୍ମୈ ଅନୁ ଦୁର୍ୟଥା ବିଦେ**
**ତେଜିଷ୍ଠାଭିରରଣିଭିର୍ଦାଷ୍ଟ୍ୟବସେଽଗ୍ନୟେ ଦାଷ୍ଟ୍ୟବସେ।**
**ପ୍ର ୟଃ ପୁରୂଣି ଗାହତେ ତକ୍ଷଦ୍ୱନେବ ଶୋଚିଷା।**
**ସ୍ଥିରା ଚିଦନ୍ନା ନି ରିଣାତ୍ୟୋଜସା ନି ସ୍ଥିରାଣି ଚିଦୋଜସା॥୪॥**

*ଦୃଳ୍‌ହା ଚିତ୍ ଅସ୍ମୈ ଅନୁ ଦୁଃ ଯଥା ବିଦେ ତେଜିଷ୍ଠାଭିଃ ଅରଣିଭିଃ ଦାଷ୍ଟି ଅବସେ ଅଗ୍ନୟେ ଦାଷ୍ଟି ଅବସେ / ପ୍ର ୟଃ ପୁରୂଣି ଗାହତେ ତକ୍ଷତ୍ ବନା-ଇବ ଶୋଚିଷା / ସ୍ଥିରା ଚିତ୍ ଅନ୍ନା ନି ରିଣାତି ଓଜସା ନି ସ୍ଥିରାଣି ଚିତ୍ ଓଜସା॥*



ଶ୍ରୀଅରବିନ୍ଦକୃତ ଅର୍ଥ : ଜ୍ଞାନୀ ବ୍ୟକ୍ତିକୁ ଦାନ କରିବା ପରି [ବିଦେ ଯଥା] ଅତି ଦୃଢ଼ ଭାବେ ଗଠିତ [ଦୃହ୍ଳା] ବସ୍ତୁଗୁଡ଼ିକୁ ମଧ୍ୟ ସେମାନେ (ସାଧକଗଣ) କ୍ରମେ କ୍ରମେ ଏହାଙ୍କୁ ଦାନ କରିଥାନ୍ତି [ଅସ୍ମୈ ଅନୁ-ଦୁଃ]: ଜଣେ ଜଣକୁ ଦାନ କରିଥାଏ [ଦାଷ୍ଟି] କାରଣ ସେ ତାଙ୍କର ତେଜୋମୟ ଶକ୍ତିର କ୍ରିୟା ଦ୍ୱାରା [ତେଜିଷ୍ଠାଭିଃ ଅରଣିଭିଃ] ସୁରକ୍ଷା ପାଇବେ [ଅବସେ], ସେହିପରି ଅଗ୍ନିଙ୍କୁ ଦାନ କରିବା ଅର୍ଥ ସେ ଆମକୁ ରକ୍ଷା କରିବେ [ଅବସେ ଅଗ୍ନୟେ ଦାଷ୍ଟି]। ଅନେକ ବସ୍ତୁ ମଧ୍ୟକୁ ସେ ପ୍ରବେଶ କରନ୍ତି [ପୁରୂଣି ସଃ ପ୍ର-ଗାହତେ] ଏବଂ ନିଜର ଆଗ୍ନେୟ ଆଲୋକରେ [ଶୋଚିଷା] ସେଗୁଡ଼ିକୁ ବୃକ୍ଷରାଜି ଭଳି [ବନା ଇବ] ଛେଦନ କରନ୍ତି [ତକ୍ଷତ୍], ଏପରିକି [ଚିତ୍] ଯେଉଁ ବସ୍ତୁଗୁଡ଼ିକ ଅଚଳ ଭାବେ ସ୍ଥିର [ସ୍ଥିରା] ସେଗୁଡ଼ିକୁ ମଧ୍ୟ ସେ ନିଜର ଓଜଃ ଦ୍ୱାରା [ଓଜସା] ଖଣ୍ଡ ଖଣ୍ଡ କରିଦିଅନ୍ତି [ନି-ରିଣାତି] ଏବଂ ବସ୍ତୁଗୁଡ଼ିକ ଦୃଢ଼ ଭାବେ ଅଚଳ ହୋଇଥିଲେ ମଧ୍ୟ [ସ୍ଥିରାଣି ଚିତ୍] ସେ ତାଙ୍କର ଓଜଃ ଦ୍ୱାରା [ଓଜସା] ତାଙ୍କ ଭୋଜ୍ୟ ବସ୍ତୁରେ ପରିଣତ କରନ୍ତି [ଅନ୍ନା ନି]।

*ଭାବାର୍ଥ : ଚୈତ୍ୟ ଅଗ୍ନିଙ୍କର ପ୍ରଭାବ ମଧ୍ୟରେ ଆମର ସମଗ୍ର ପ୍ରକୃତିକୁ ତିଳ ତିଳ କରି ଆହୁତି ଦେବା ଦ୍ୱାରା ସେ (ଚୈତ୍ୟ ଅଗ୍ନି) ଆମର ସ୍ୱଭାବରୁ ଅଶୁଦ୍ଧ ଓ କଠୋର ଅଂଶ ଦୂର କରି ଆମକୁ ଶୁଦ୍ଧ ଓ କୋମଳ ବ୍ୟକ୍ତିତ୍ୱ ପ୍ରଦାନ କରନ୍ତି। ସେହିପରି ଜାଗତିକ ଗଠନଗୁଡ଼ିକ ସତ୍ୟରୂପକ ଅଗ୍ନି ପ୍ରତି ସମର୍ପିତ ହେଲେ ସେଗୁଡ଼ିକର କାର୍ଯ୍ୟ ଓ ଆଦର୍ଶ ଶୁଦ୍ଧ ଓ ସହନଶୀଳ ହୋଇଥାଏ।*

**ତମସ୍ୟ ପୃକ୍ଷମୁପରାସୁ ଧୀମହି**
**ନକ୍ତଂ ୟଃ ସୁଦର୍ଶତରୋ ଦିବାତରାଦପ୍ରାୟୁଷେ ଦିବାତରାତ୍।**
**ଆଦସ୍ୟାୟୁର୍ଗ୍ରଭଣବଦ୍ୱୀଳୁ ଶର୍ମ ନ ସୂନବେ।**
**ଭକ୍ତମଭକ୍ତମବୋ ବ୍ୟନ୍ତୋ ଅଜରା ଅଗ୍ନୟୋ ବ୍ୟନ୍ତୋ ଅଜରାଃ॥୫॥**

*ତମ୍ ଅସ୍ୟ ପୃକ୍ଷମ୍ ଉପରାସୁ ଧୀମହି ନକ୍ତମ୍ ୟଃ ସୁଦର୍ଶତରଃ ଦିବାତରାତ୍ ଅପ୍ର-ଆୟୁଷେ ଦିବାତରାତ୍ / ଆତ୍ ଅସ୍ୟ ଆୟୁଃ ଗ୍ରଭଣବତ୍ ବୀଳୁ ଶର୍ମ ନ ସୂନବେ / ଭକ୍ତମ୍ ଅଭକ୍ତମ୍ ଅବଃ ବ୍ୟନ୍ତଃ ଅଜରାଃ ଅଗ୍ନୟଃ ବ୍ୟନ୍ତଃ ଅଜରାଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଉପରିସ୍ଥ ସ୍ତରଗୁଡ଼ିକରେ [ଉପରାସୁ] ପୂର୍ଣ୍ଣ ସ୍ୱରୂପ ତାଙ୍କୁ

[ପୃକ୍ଷଂ ତମ୍] ଆମେ ଧ୍ୟାନ କରୁଛୁ* [ଧୀମହି], ଏ ହେଉଛନ୍ତି ସେହି ଗୁହ୍ୟାଗ୍ନି [ଯଃ] ଯାହାଙ୍କର ଦର୍ଶନ ଦିବସ ଅପେକ୍ଷା [ଦିବାତରାତ୍] ରାତ୍ରିରେ [ନକ୍ତମ୍] ଅଧିକ ଉଜ୍ଜ୍ୱଳ [ସୁଦର୍ଶତରଃ], କାରଣ, ତାଙ୍କର ପ୍ରୟାଣରହିତ ଜୀବନ [ଅପ୍ର-ଆୟୁଷେ] ଦିନର ଆଲୋକ ଅପେକ୍ଷା ଅଧିକ ଉଜ୍ଜ୍ୱଳତର ଅଟେ [ଦିବାତରାତ୍]। ତେଣୁ [ଆତ୍] ଏହାଙ୍କ ଜୀବନ [ଅସ୍ୟ ଆୟୁଃ] ଦିବ୍ୟ ସନ୍ତାନର ଅବସ୍ଥାନ ନିମନ୍ତେ [ସୂନବେ] ଏକ ମଜଭୁତ୍ ଗୃହ ପରି [ବୀଳୁ ଶର୍ମ ନ] ଆମକୁ କୋଳାଗ୍ରତ କରିନିଏ ଓ ସୁରକ୍ଷା ଦିଏ [ଗ୍ରଭଣବତ୍]— ଯେଉଁ ସୁଖ ଭୋଗ ହୋଇସାରିଛି ଏବଂ ଯାହା ଏଯାଏ ଭୋଗ ହୋଇ ନାହିଁ [ଭକ୍ତମ୍ ଅଭକ୍ତମ୍] ସେହି ଉଭୟ ଦିଗରେ [ଅବଃ] ଏହି ଅଜର ଅଗ୍ନିଗଣ [ଅଜରାଃ ଅଗ୍ନୟଃ] ଗତି କରୁଛନ୍ତି [ବ୍ୟନ୍ତଃ], ତାଙ୍କରି ଅଜର ଅଗ୍ନିଗଣ [ଅଜରାଃ ଅଗ୍ନୟଃ] ଗତି କରୁଛନ୍ତି [ବ୍ୟନ୍ତଃ]।

*ଭାବାର୍ଥ: ଆଲୋକଶିଖା ଦିନ ଅପେକ୍ଷା ରାତିରେ ବେଶୀ ଉଜ୍ଜ୍ୱଳ ଦିଶେ, ସେହିପରି ଅଜ୍ଞାନ ପ୍ରକୃତି ଉପରେ ସତ୍ୟ(ଅଗ୍ନି)ଙ୍କର କ୍ରିୟା ସ୍ପଷ୍ଟ ବାରିହୁଏ। ଏଠାରେ ଦିବ୍ୟ ସନ୍ତାନ ହେଉଛନ୍ତି ଦିବ୍ୟ ଜୀବନ ପାଇଁ ମାନବ ମଧ୍ୟସ୍ଥ ଅଭୀପ୍ସା। ଅଗ୍ନିଗଣ— ଅର୍ଥାତ୍ ଏକହିଁ ବିଶ୍ୱଗତ ଅଗ୍ନିଙ୍କର କ୍ରିୟାତ୍ମକ ଭିନ୍ନ ଭିନ୍ନ ସ୍ୱରୂପ।*

**ସ ହି ଶର୍ଧୋ ନ ମାରୁତଂ ତୁବିଷ୍ୱଣି-**
**ରପ୍ନସ୍ୱତୀଷୂର୍ବରାସ୍ୱିଷ୍ଟନିରାର୍ତନାସ୍ୱିଷ୍ଟନିଃ।**
**ଆଦଦ୍ଧବ୍ୟାନ୍ୟାଦଦିର୍ୟଜ୍ଞସ୍ୟ କେତୁରର୍ହଣା।**
**ଅଧ ସ୍ମାସ୍ୟ ହର୍ଷତୋ ହୃଷୀବତୋ ବିଶ୍ୱେ ଜୁଷନ୍ତ**
**ପନ୍ଥାଂ ନରଃ ଶୁଭେ ନ ପନ୍ଥାମ୍ ॥୬॥**

*ସଃ ହି ଶର୍ଧଃ ନ ମାରୁତମ୍ ତୁବି-ସ୍ୱନିଃ ଅପ୍ନସ୍ୱତୀଷୁ ଉର୍ବରାସୁ ଇଷ୍ଟନିଃ ଆର୍ତନାସୁ ଇଷ୍ଟନିଃ / ଆଦତ୍ ହବ୍ୟାନି ଆଦଦିଃ ଯଜ୍ଞସ୍ୟ କେତୁଃ ଅର୍ହଣା / ଅଧ ସ୍ମ ଅସ୍ୟ ହର୍ଷତଃ / ହୃଷୀବତଃ ବିଶ୍ୱେ ଜୁଷନ୍ତ ପନ୍ଥାମ୍ ନରଃ ଶୁଭେ ନ ପନ୍ଥାମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ: ସେହିଁ ବତାସର ସେନା ପରି [ମାରୁତଂ ଶର୍ଧଃ ନ] ଘୋର ସ୍ୱନ କରି କରି [ତୁବି ସ୍ୱନିଃ] ଆମର ଶ୍ରମପୂର୍ଣ୍ଣ ଉର୍ବର କ୍ଷେତଗୁଡ଼ିକ ଉପରେ [ଅପ୍ନସ୍ୱତୀଷୁ ଉର୍ବରାସୁ] ଚଞ୍ଚଳ ବେଗରେ ବିଚରଣ କରୁଛନ୍ତି [ଇଷ୍ଟନିଃ], ଅନୁର୍ବର

* ଅଥବା, ଧାରଣା କରୁଛୁ।



ଭୂମିଗୁଡ଼ିକ ଉପରେ ମଧ୍ୟ ସେହିପରି ବିଚରଣ କରୁଛନ୍ତି* [ଆର୍ତନାସୁ ଇଷ୍ଟନିଃ]। ଆମର ଅର୍ପିତ ବସ୍ତୁଗୁଡ଼ିକୁ ସେ ଭକ୍ଷଣ କରନ୍ତି [ହବ୍ୟାନି ଆଦତ୍], ଯଜ୍ଞର କର୍ମବିଧିରେ [ଯଜ୍ଞସ୍ୟ ଅର୍ହଣା] ସେ ହେଉଛନ୍ତି ସତ୍ୟଦର୍ଶୀ ଚକ୍ଷୁ [କେତୁଃ]; ତେଣୁ [ଅଧ] ସବୁ ମନୁଷ୍ୟ [ବିଶ୍ୱେ ନରଃ] ଏହି ଅଗ୍ନିଙ୍କର [ଅସ୍ୟ] ହର୍ଷମୟ ଓ ହର୍ଷପ୍ରଦ [ହର୍ଷତଃ ହୃଷୀବତଃ] ମାର୍ଗକୁ [ପନ୍ଥାମ୍] କୌଣସି ଏକ ଶୁଭଲକ୍ଷ୍ୟରେ ଯାଇଥିବା ମାର୍ଗ ପରି [ଶୁଭେ ପନ୍ଥାମ୍ ନ] ଆନନ୍ଦର ସହ ଅନୁସରଣ କରନ୍ତି [ଜୁଷନ୍ତ ସ୍ମ]।

*ଭାବାର୍ଥ: ଏହି ମନ୍ତ୍ରରେ ଋଷି ଦର୍ଶାଇଛନ୍ତି— ଅଗ୍ନି ପ୍ରାଣଭୂମିର ବିକାଶସାଧକ ମରୁତ୍ ସେନା। ପ୍ରାଣରୂପକ ଆଧାର ଉପରେ ଜୀବନ ରୂପକ ବିଚିତ୍ର ସୌଧଟି ଦଣ୍ଡାୟମାନ। ଏକ ଉର୍ବର ଭୂମିରେ ଉଦ୍ୟାନ ପରି ଉର୍ବର ପ୍ରାଣଭୂମିରୁ ନାନା ସୁଗୁଣ ଆମଠାରେ ଫୁଟି ଉଠନ୍ତି ଯଦି ସେଠାରେ ଦିବ୍ୟଶକ୍ତି ଅଗ୍ନିଙ୍କର ପ୍ରବେଶ ଘଟେ। ତଥାପି ସମ୍ଭାବନାହୀନ ପ୍ରାଣର ଏକ ଅନୁର୍ବର ଅଞ୍ଚଳ ରହିଛି। ଅଗ୍ନି ତା'ଉପରେ ମଧ୍ୟ ଚେତନାର ବାରିଧାରା ବର୍ଷଣ କରୁଛନ୍ତି ତାକୁ ଉର୍ବର କରିବା ଉଦ୍ଦେଶ୍ୟରେ।*

**ଦ୍ୱିତା ଯଦୀଂ କୀସ୍ତାସୋ ଅଭିଦ୍ୟବୋ**
**ନମସ୍ୟନ୍ତ ଉପବୋଚନ୍ତ ଭୃଗବୋ ମଥ୍ନନ୍ତୋ ଦାଶା ଭୃଗବଃ।**
**ଅଗ୍ନିରୀଶେ ବସୂନାଂ ଶୁଚିର୍ୟୋ ଧର୍ଣିରେଷାମ୍ ।**
**ପ୍ରିୟାଁ ଅପିଧୀଁର୍ବନିଷୀଷ୍ଟ ମେଧିର ଆ ବନିଷୀଷ୍ଟ ମେଧିରଃ ॥୭॥**

*ଦ୍ୱିତା ଯତ୍ ଇମ୍ କୀସ୍ତାସଃ ଅଭିଦ୍ୟବଃ ନମସ୍ୟନ୍ତଃ ଉପ-ବୋଚନ୍ତ ଭୃଗବଃ ମଥ୍ନନ୍ତଃ ଦାଶା ଭୃଗବଃ / ଅଗ୍ନିଃ ଈଶେ ବସୂନାମ୍ ଶୁଚିଃ ଯଃ ଧର୍ଣିଃ ଏଷାମ୍ / ପ୍ରିୟାନ୍ ଅପି-ଧୀନ୍ ବନିଷୀଷ୍ଟ ମେଧିରଃ ଆ ବନିଷୀଷ୍ଟ ମେଧିରଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ: ତାଙ୍କରି ଦ୍ୱିଗୁଣିତ ଶକ୍ତିଯୁକ୍ତ [ଦ୍ୱିତା], ଦ୍ୟୁତିମୟ ସ୍ତାବକ [ଅଭିଦ୍ୟବଃ କୀସ୍ତାସଃ], ଭୃଗୁ-ଅଗ୍ନି-ଋଷିଗଣ [ଭୃଗବଃ] ଯେତେବେଳେ [ଯତ୍] ତାଙ୍କୁ [ଈମ୍] ପ୍ରଣାମ କରିଛନ୍ତି [ନମସ୍ୟନ୍ତଃ] ଏବଂ ତାଙ୍କ ପ୍ରତି ବାକ୍ ଉଚ୍ଚାରଣ କରିଛନ୍ତି [ଉପ-ବୋଚନ୍ତ], ଯେତେବେଳେ ସେହି ଅଗ୍ନିଦ୍ରଷ୍ଟା ଋଷିଗଣ [ଭୃଗବଃ] ପୂଜାବିଧିରେ [ଦାଶା] ମନ୍ଥନ ପୂର୍ବକ ତାଙ୍କର ପ୍ରକାଶ ଘଟାଇଲେ [ଈଂ ମଥ୍ନନ୍ତଃ]— ସେତେବେଳେ

* ଅଥବା, ଏହାର ରହସ୍ୟାର୍ଥ ହେଲା — ବିଶ୍ୱ-ପ୍ରାଣଶକ୍ତିମାନଙ୍କର ସୈନ୍ୟବାହିନୀ ଆମର ଉର୍ବର ଭୂମି ଓ ଅନୁର୍ବର ଭୂମିଗୁଡ଼ିକ ଉପରେ ପର୍ଜନ୍ୟ (ଉର୍ବରକଶକ୍ତିଯୁକ୍ତ ମେଘମାଳା) ସହିତ ବିଚରଣ କରୁଛନ୍ତି]।

ଅଗ୍ନି [ଅଗ୍ନିଃ] ସକଳ ସମ୍ପଦର [ବସୂନାମ୍] ପ୍ରଭୁ ହୋଇ ଉଠିଲେ [ଈଶେ], ସେଗୁଡ଼ିକୁ [ଏଷାମ୍] ସେ [ୟଃ] ନିଜର ଶୁଦ୍ଧତା ସହ [ଶୁଚିଃ] ନିଜ ମଧ୍ୟରେ ଧାରଣ କଲେ [ଧର୍ଣି], ତାଙ୍କ ଉପରେ ଆଧାରିତ [ଅପିଧୀନ୍] ପ୍ରିୟବସ୍ତୁଗୁଡ଼ିକୁ [ପ୍ରିୟାନ୍] ସେହି ମେଧାବୀ [ମେଧିରଃ] ଉପଭୋଗ କଲେ [ବନିଷୀଷ୍ଟ], ସେ ତାଙ୍କର ପ୍ରଜ୍ଞାରେ ସେଗୁଡ଼ିକରୁ ସୁଖ ଆସ୍ୱାଦନ କଲେ [ମେଧିରଃ ଆ-ବନିଷୀଷ୍ଟ]।

*ଭାବାର୍ଥ : ଜ୍ୟୋତିର୍ମୟ ସଂକଳ୍ପଧାରୀ ସାଧକକୁ ଭୃଗୁ କୁହାଯାଏ। ଏହି ସାଧକମାନଙ୍କ ଦ୍ୱାରା ଅଗ୍ନିରୂପୀ ଆତ୍ମା କିପରି ଉପାସିତ ଓ ପ୍ରକାଶିତ ହୋଇ ସକଳ ଜଗତର ପ୍ରଭୁ ହେଲେ ତାହାହିଁ ଏହି ମନ୍ତ୍ରର ଗୂଢ଼ାର୍ଥ।*

**ବିଶ୍ୱାସାଂ ତ୍ୱା ବିଶାଂ ପତିଂ ହବାମହେ**
**ସର୍ବାସାଂ ସମାନଂ ଦମ୍ପତିଂ ଭୁଜେ ସତ୍ୟଗିର୍ବାହସଂ ଭୁଜେ।**
**ଅତିଥିଂ ମାନୁଷାଣାଂ ପିତୁର୍ନ ୟସ୍ୟାସୟା।**
**ଅମୀ ଚ ବିଶ୍ୱେ ଅମୃତାସ ଆ ବୟୋ ହବ୍ୟା ଦେବେଷ୍ୱା ବୟଃ ॥୮॥**

*ବିଶ୍ୱାସାମ୍ ତ୍ୱା ବିଶାମ୍ ପତିମ୍ ହବାମହେ ସର୍ବାସାମ୍ ସମାନମ୍ ଦମ୍ପତିମ୍ ଭୁଜେ ସତ୍ୟଗିର୍ବାହସମ୍ ଭୁଜେ / ଅତିଥିମ୍ ମାନୁଷାଣାମ୍ ପିତୁଃ ନ ୟସ୍ୟ ଆସୟା / ଅମୀ ଚ ବିଶ୍ୱେ ଅମୃତାସଃ ଆ ବୟଃ ହବ୍ୟା ଦେବେଷୁ ଆ ବୟଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି, ଆମେ ତୁମକୁ ଆବାହନ କରୁଛୁ [ତ୍ୱା ହବାମହେ] – ଯେ କି ସକଳ ପ୍ରାଣୀମାନଙ୍କର ପତି [ବିଶ୍ୱାସାଂ ବିଶାଂ ପତିମ୍], ସେମାନଙ୍କର ବାସଗୃହର ପତି [ଦମ୍-ପତିମ୍], ସୁଖଦାନରେ [ଭୁଜେ] ଯେ ସମସ୍ତଙ୍କ ପାଖରେ ସମାନ [ସର୍ବାସାଂ ସମାନମ୍], ଭୋଗ ନିମିତ୍ତ [ଭୁଜେ] ଯେ ସତ୍ୟ ବଚନକୁ ବହନ କରିନିଅନ୍ତି [ସତ୍ୟ-ଗିର୍ବାହସମ୍], – ମନୁଷ୍ୟମାନଙ୍କର ଦିବ୍ୟ ଅତିଥି [ମାନୁଷାଣାମ୍ ଅତିଥିଃ], ଯାହାଙ୍କର ଉପସ୍ଥିତି ମଧ୍ୟରେ [ୟସ୍ୟ ଆସୟା] ଏହି ଅମରଗଣ [ଅମୀ ଅମୃତାସଃ] ସେମାନଙ୍କ ପିତାଙ୍କ ନିକଟରେ ରହିବା ଭଳି [ପିତୁଃ ନ] ରହିଛନ୍ତି। ଏବଂ [ଚ] ଆମର ସକଳ ଆହୁତି ବା ଉତ୍ସର୍ଗକୁ [ହବ୍ୟା] ସେମାନଙ୍କ (ଦେବତାଗଣଙ୍କର) ଭୋଜ୍ୟରେ ପରିଣତ କର [ଆ-ବୟଃ]– ଦେବଗଣଙ୍କଠାରେ [ଦେବେଷୁ] ସେସବୁ ସେମାନଙ୍କ ଭୋଜନ ହେଉ [ଆ-ବୟଃ]।



*ଭାବାର୍ଥ : ଅଗ୍ନିଙ୍କର ଦିବ୍ୟ ଗୁଣ ବର୍ଣ୍ଣନା ପୂର୍ବକ ଋଷି ତାଙ୍କୁ ଆବାହନ କରିଛନ୍ତି। ସମର୍ପିତ ବସ୍ତୁ ବା ଚେତନା ଦେବଭୋଗ୍ୟ ହେବା ଅର୍ଥ ସେହି ଚେତନା ବା ବସ୍ତୁର ଦିବ୍ୟ ରୂପାନ୍ତର।*

**ତ୍ୱମଗ୍ନେ ସହସା ସହନ୍ତମଃ**
**ଶୁଷ୍ମିନ୍ତମୋ ଜାୟସେ ଦେବତାତୟେ ରୟିର୍ନ ଦେବତାତୟେ।**
**ଶୁଷ୍ମିନ୍ତମୋ ହି ତେ ମଦୋ ଦ୍ୟୁମ୍ନିନ୍ତମ ଉତ କ୍ରତୁଃ।**
**ଅଧ ସ୍ମା ତେ ପରି ଚରନ୍ତ୍ୟଜର ଶ୍ରୁଷ୍ଟୀବାନୋ ନାଜର ॥୯॥**

*ତ୍ୱମ୍ ଅଗ୍ନେ ସହସା ସହନ୍-ତମଃ ଶୁଷ୍ମିନ୍-ତମଃ ଜାୟସେ ଦେବ-ତାତୟେ ରୟିଃ ନ ଦେବ-ତାତୟେ / ଶୁଷ୍ମିନ୍-ତମଃ ହି ତେ ମଦଃ ଦ୍ୟୁମ୍ନିନ୍-ତମଃ ଉତ କ୍ରତୁଃ / ଅଧ ସ୍ମ ତେ ପରି ଚରନ୍ତି ଅଜର ଶ୍ରୁଷ୍ଟୀ-ବାନଃ ନ ଅଜର ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ତୁମ ବଳରେ [ସହସା] ତୁମେ ବଳିଷ୍ଠ [ତ୍ୱଂ ସହନ୍ତମଃ], ଦେବତାମାନଙ୍କୁ ରୂପ ଦେବା ପାଇଁ [ଦେବତାତୟେ] ସବୁଠାରୁ ଶକ୍ତିଶାଳୀ ହୋଇ ତୁମେ ଜନ୍ମଗ୍ରହଣ କରିଛ [ଶୁଷ୍ମିନ୍ତମଃ ଜାୟସେ], ଦେବଗଣଙ୍କୁ ସାକାର କରିବା କାର୍ଯ୍ୟରେ [ଦେବତାତୟେ] ତୁମେ ସମ୍ପଦ ସଦୃଶ [ରୟିଃ ନ]; ତୁମରି ଉଲ୍ଲାସଭରା ଆନନ୍ଦହିଁ [ତେ ମଦଃ] ସବୁଠାରୁ ଶକ୍ତିଶାଳୀ [ଶୁଷ୍ମିନ୍ତମଃ], ତୁମର ସଂକଳ୍ପ [କ୍ରତୁଃ] ସର୍ବାଧିକ ଦୀପ୍ତିମୟ [ଦ୍ୟୁମ୍ନିମ୍-ତମଃ ଉତ]। ତେଣୁ [ଅଧ] ହେ କାଳଜୟୀ ଅଗ୍ନି [ଅଜର], ସେମାନେ [ତେ] (ଦେବତାଗଣ) ତୁମର ପରିଚର୍ଯ୍ୟା କରନ୍ତି [ପରିଚରନ୍ତି], ହେ ଅଜର ଅଗ୍ନି [ଅଜର]! ତୁମ ବଚନକୁ ଶୁଣିଥିବା ପରି ସେହିମାନେ [ଶ୍ରୁଷ୍ଟୀବାନଃ ନ] ତୁମର ସେବା କରନ୍ତି। *(ଏଠାରେ କିଂବା ସାୟଣଙ୍କ ଟୀକାରେ ସ୍ମ ପଦଟିର ଅର୍ଥ ଦେଖାଯାଏ ନାହିଁ)।*

*ଭାବାର୍ଥ : ପୃଥିବୀସ୍ଥ ଜୀବନକୁ ଜରା-ମୃତ୍ୟୁରୁ ଉଦ୍ଧାର କରି ତାକୁ ଦିବ୍ୟ ଜୀବନରେ ପରିଣତ କରିବା ବା ପୃଥିବୀରେ ଦେବତାର ଆବିର୍ଭାବ ଘଟାଇବା ପାଇଁ ଚୈତ୍ୟ ଅଗ୍ନିଙ୍କର ଜନ୍ମ– ଏହି ସତ୍ୟଟି ଏହି ମନ୍ତ୍ରରେ ସ୍ପଷ୍ଟ ହୋଇ ଉଠିଛି।*

**ପ୍ର ବୋ ମହେ ସହସା ସହସ୍ୱତ**
**ଉଷର୍ବୁଧେ ପଶୁଷେ ନାଗ୍ନୟେ ସ୍ତୋମୋ ବଭୂତ୍ୱଗ୍ନୟେ।**
**ପ୍ରତି ୟଦୀଂ ହବିଷ୍ମାନ୍ ବିଶ୍ୱାସୁ କ୍ଷାସୁ ଜୋଗୁବେ।**
**ଅଗ୍ରେ ରେଭୋ ନ ଜରତ ଋଷୂଣାଂ ଜୂର୍ଣିର୍ହୋତ ଋଷୂଣାମ୍ ॥୧୦॥**

*ପ୍ର ବଃ ମହେ ସହସା ସହସ୍ୱତେ ଉଷର୍ବୁଧେ ପଶୁଷେ ନ ଅଗ୍ନୟେ ସ୍ତୋମଃ ବଭୂତୁ ଅଗ୍ନୟେ / ପ୍ରତି ଯତ୍ ଈମ୍ ହବିଷ୍ମାନ୍ ବିଶ୍ୱାସୁ କ୍ଷାସୁ ଜୋଗୁବେ / ଅଗ୍ରେ ରେଭଃ ନ ଜରତେ ଋଷୂଣାମ୍ ଜୂର୍ଣିଃ ହୋତା ଋଷୂଣାମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ମହାନ୍ [ମହେ], ନିଜ ଶକ୍ତିରେ [ସହସା] ଯିଏ ଶକ୍ତିଶାଳୀ [ସହସ୍ୱତେ], ଉଷାକାଳରେ ଯାହାଙ୍କର ଜାଗରଣ ଘଟେ [ଉଷର୍ବୁଧେ], ଯାହାର ଦୂରଦୃଷ୍ଟି ରହିଛି [ପଶୁଷେ], ସେହି ଅଗ୍ନିଙ୍କ ଉଦ୍ଦେଶ୍ୟରେ [ଅଗ୍ନୟେ] ତୁମମାନଙ୍କର [ବଃ] ସ୍ତବ [ସ୍ତୋମଃ] ଉଚ୍ଚାରିତ ହେଉ [ପ୍ର-ବଭୂତୁ]। ଆହୁତିଦାତା [ହବିଷ୍ମାନ୍] ଯେତେବେଳେ [ଯତ୍] ସବୁ ସ୍ତରରେ [ବିଶ୍ୱାସୁ କ୍ଷାସୁ] ତାଙ୍କରି ପ୍ରତି [ଈଂ ପ୍ରତି] ନିଜର ବିନୀତ ଆହ୍ୱାନ ଜଣାଏ [ଜୋଗୁବେ], ସେତେବେଳେ ସେ ଜ୍ଞାନୀମାନଙ୍କର ଅଗ୍ରଣୀ ହୋଇ [ଋଷୂଣାମ୍ ଅଗ୍ରେ] ପୂଜାର ପ୍ରାର୍ଥନାକୁ [ରେଭଃ] ଗାୟନ କରନ୍ତି [ଜରତେ], ଜ୍ଞାନବାନ୍ ଋଷିମାନଙ୍କର ହୋତା ରୂପେ [ଋଷୂଣାଂ ହୋତା ନ] ସେ ପ୍ରାର୍ଥନା-ବଚନକୁ ଗାୟନ କରନ୍ତି [ଜୂର୍ଣିଃ]।

*ଭାବାର୍ଥ : ଆମର ଆନ୍ତର ଯଜ୍ଞରେ ଆମର ସମର୍ପଣ ପୂର୍ଣ୍ଣ ହେଲେ, ମନ-ପ୍ରାଣ-ଶରୀରର ପ୍ରତି ଅଣୁ ଦିବ୍ୟ ସତ୍ୟ ପ୍ରତି ଅଭୀପ୍ସୁ ହେଲେ ଭଗବାନ୍ ଆମକୁ ଅଧିକାର କରନ୍ତି ଓ ସେହିଁ ଆମକୁ ଯନ୍ତ୍ର କରି ସକଳ କାର୍ଯ୍ୟ କରାଇ ନିଅନ୍ତି ଯନ୍ତ୍ରିରୂପେ।*

**ସ ନୋ ନେଦିଷ୍ଠଂ ଦଦୃଶାନ ଆ ଭରାଗ୍ନେ**
**ଦେବେଭିଃ ସଚନାଃ ସୁଚେତୁନା ମହୋ ରାୟଃ ସୁଚେତୁନା।**
**ମହି ଶବିଷ୍ଠ ନସ୍କୃଧି ସଞ୍ଚକ୍ଷେ ଭୁଜେ ଅସ୍ୟୈ।**
**ମହି ସ୍ତୋତୃଭ୍ୟୋ ମଘବନ୍ତ୍ସୁବୀର୍ୟଂ ମଥୀରୁଗ୍ରୋ ନ ଶବସା ॥୧୧॥**

*ସଃ ନଃ ନେଦିଷ୍ଠମ୍ ଦଦୃଶାନଃ ଆ ଭର ଅଗ୍ନେ ଦେବେଭିଃ ସଚନାଃ ସୁ-ଚେତୁନା ମହଃ ରାୟଃ ସୁ-ଚେତୁନା / ମହି ଶବିଷ୍ଠ ନଃ କୃଧି ସମ୍-ଚକ୍ଷେ ଭୁଜେ ଅସ୍ୟୈ / ମହି ସ୍ତୋତୃଭ୍ୟଃ ମଘବନ୍ ସୁବୀର୍ୟମ୍ ମଥୀଃ ଉଗ୍ରଃ ନ ଶବସା ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଦୃଶ୍ୟମାନ ହେ ଅଗ୍ନି [ଦଦୃଶାନଃ ଅଗ୍ନେ]! ତେଣୁ [ସଃ] ତୁମେ ଆମ ନିକଟତମ ହୋଇ [ନଃ ନେଦିଷ୍ଠମ୍] ତୁମର ପୂର୍ଣ୍ଣାଙ୍ଗ ଚେତନା ଦ୍ୱାରା [ସୁଚେତୁନା] ଆଣିଦିଅ [ଆ-ଭର] ଦେବଗଣଙ୍କ ସଦା ସହଚର [ଦେବେଭିଃ ସଚନାଃ] ଦିବ୍ୟ ସମ୍ପଦରାଜିକୁ [ରାୟଃ], ତୁମ ପୂର୍ଣ୍ଣ ଚେତନା ଦ୍ୱାରା [ସୁଚେତୁନା] ଆଣିଦିଅ



ସେହି ମହାନ୍ ସମ୍ପଦରାଜିକୁ [ମହଃ ରାୟଃ]। ଦର୍ଶନ ପାଇଁ [ସଞ୍ଚକ୍ଷେ] ଓ ସୁଖ ଭୋଗ ପାଇଁ [ଅସ୍ୟୈ ଭୁଜେ] ଯାହା ଉତ୍ତମ [ମହି], ହେ ସର୍ବୋଚ୍ଚ ଶକ୍ତିମାନ୍ ଅଗ୍ନି [ଶବିଷ୍ଠ], ତାହା ଆମ ସକାଶେ ସର୍ଜନା କର [ନଃ କୃଧି]; ହେ ପ୍ରାଚୁର୍ଯ୍ୟର ଦେବତା [ମଘବନ୍]! ତୁମର ସ୍ତାବକମାନଙ୍କ ନିମିତ୍ତ [ସ୍ତୋତୃଭ୍ୟଃ] ନିଜର ଓଜରେ ଜଣେ ଉଗ୍ର ହୋଇ ଉଠିବା ପରି [ଶବସା ଉଗ୍ରଃ ନ] ମନ୍ଥନ ପୂର୍ବକ ଏକ ମହାନ୍ ବୀର-ସାମର୍ଥ୍ୟ ଉତ୍ପାଦନ କର [ମହି ସୁବୀର୍ୟଂ ମଥୀଃ]।

*ଭାବାର୍ଥ : ଦିବ୍ୟ ସମ୍ପଦରେ ଆମେ ସମୃଦ୍ଧ ହୋଇଉଠୁ, ଆମେ ଦିବ୍ୟ ଦୃଷ୍ଟି ଲାଭ କରୁ, ଉଚ୍ଚତମ ଆନନ୍ଦ ଭୋଗ କରୁ, ଆମ ଭିତରେ ବୀରତ୍ୱପୂର୍ଣ୍ଣ ଶକ୍ତି ଜାଗ୍ରତ ହେଉ ବୋଲି ସୂକ୍ତାନ୍ତେ ଋଷିଙ୍କର ଅଗ୍ନିଙ୍କ ପ୍ରତି ବିନୀତ ପ୍ରାର୍ଥନା।*

## ଦୀର୍ଘତମାଃ ଔଚଥ୍ୟ

ସୂକ୍ତ : ୧୪୦ ॥ ଋଷି : ଦୀର୍ଘତମାଃ ଔଚଥ୍ୟ,
ଛନ୍ଦ : ୧-୯ ଜଗତୀ, ୧୦-୧୧ ତ୍ରିଷ୍ଟୁବ୍‌ବା, ୧୨-୧୩ ତ୍ରିଷ୍ଟୁପ୍

**ବେଦିଷଦେ ପ୍ରିୟଧାମାୟ ସୁଦ୍ୟୁତେ ଧାସିମିବ ପ୍ର ଭରା ଯୋନିମଗ୍ନୟେ।**
**ବସ୍ତ୍ରେଣେବ ବାସୟା ମନ୍ମନା ଶୁଚିଂ ଜ୍ୟୋତୀରଥଂ ଶୁକ୍ରବର୍ଣଂ ତମୋହନମ୍ ॥୧॥**

*ବେଦି-ସଦେ ପ୍ରିୟଧାମାୟ ସୁ-ଦ୍ୟୁତେ ଧାସିମ୍ ଇବ ପ୍ର ଭର ଯୋନିମ୍ ଅଗ୍ନୟେ / ବସ୍ତ୍ରେଣ ଇବ ବାସୟ ମନ୍ମନା ଶୁଚିମ୍ ଜ୍ୟୋତିଃ-ରଥମ୍ ଶୁକ୍ରବର୍ଣମ୍ ତମୋହନମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ମାତୃଗର୍ଭ ତୁଲ୍ୟ ଏକ ନିରାପଦ ଆସ୍ଥାନ [ଯୋନିମ୍ ଇବ ଧାସିମ୍] ଅତ୍ୟୁଜ୍ଜ୍ୱଳ [ସୁଦ୍ୟୁତେ] ଅଗ୍ନିଙ୍କୁ [ଅଗ୍ନୟେ] ଅର୍ପଣ କର [ପ୍ର-ଭର], ଯେ'କି ବେଦି ଉପରେ ଆସୀନ [ବେଦିଷଦେ] ଏବଂ ଆନନ୍ଦମୟ ହେଉଛି ତାଙ୍କର ଧାମ [ପ୍ରିୟ-ଧାମାୟ]। ଏହି ଅଗ୍ନି ହେଉଛନ୍ତି ଅନ୍ଧକାରର ବିନାଶକ [ତମୋହନମ୍] ଓ ପବିତ୍ର [ଶୁଚିମ୍], ଜ୍ୟୋତି-ରଥରେ ଆରୂଢ଼ [ଜ୍ୟୋତିଃ-ରଥମ୍] ଓ ବିଶୁଦ୍ଧ ବର୍ଣ୍ଣଭାସ୍ୱର* [ଶୁକ୍ରବର୍ଣମ୍]; ତାଙ୍କୁ ତୁମେ ଏକ ପୋଷାକ ପରି [ବସ୍ତ୍ରେଣ ଇବ] ଚିନ୍ତାବସ୍ତ୍ରରେ [ମନ୍ମନା] ବାସାନ୍ୱିତ କର [ବାସୟ]।

* ଅଥବା, ଶୁକ୍ଳବର୍ଣ୍ଣ — ଧବଳୋଜ୍ଜ୍ୱଳ ଏକ ବର୍ଣ୍ଣକୁ ମଧ୍ୟ 'ଶୁକ୍ର' କୁହାଯାଏ ।

*ଭାବାର୍ଥ : ଋଷି ଦୀର୍ଘତମସ୍ ଏହି ମନ୍ତ୍ରରେ ଆମର ଅନ୍ତରାତ୍ମାରୂପୀ ଜ୍ୟୋତିଃ-ଆନନ୍ଦମୟ ଅଗ୍ନିଙ୍କର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ମାତୃଗର୍ଭତୁଲ୍ୟ ସେ ଆମର ଏକ ସୁରକ୍ଷିତ ଆଶ୍ରୟସ୍ଥଳ। ହୃଦୟ ହେଉଛି ଯଜ୍ଞବେଦି ଯାହାର କେନ୍ଦ୍ରସ୍ଥଳରେ ସେ ପ୍ରଜ୍ୱଳ। ଆମର ଚିନ୍ତା ସବୁବେଳେ ତାଙ୍କରି ମହିମାକୁହିଁ ଅନୁସରଣ କରୁ।*

**ଅଭି ଦ୍ୱିଜନ୍ମା ତ୍ରିବୃଦନ୍ନମୃଜ୍ୟତେ ସଂବତ୍ସରେ ବାବୃଧେ ଜଗ୍ଧମୀ ପୁନଃ।**
**ଅନ୍ୟସ୍ୟାସା ଜିହ୍ୱୟା ଜେନ୍ୟୋ ବୃଷା ନ୍ୟନ୍ୟେନ ବନିନୋ ମୃଷ୍ଟ ବାରଣଃ॥୨॥**

*ଅଭି ଦ୍ୱିଜନ୍ମା ତ୍ରିବୃତ୍ ଅନ୍ନମ୍ ଋଜ୍ୟତେ ସଂବତ୍ସରେ ବାବୃଧେ ଜଗ୍ଧମ୍ ଈ ପୁନଃ/*
*ଅନ୍ୟସ୍ୟ ଆସା ଜିହ୍ୱୟା ଜେନ୍ୟଃ ବୃଷା ନି ଅନ୍ୟେନ ବନିନଃ ମୃଷ୍ଟ ବାରଣଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଦ୍ୱିଜନ୍ମା ଅଗ୍ନି [ଦ୍ୱିଜନ୍ମା] ତାଙ୍କର ତ୍ରିବିଧ ଅନ୍ନର ଚତୁର୍ଦ୍ଦିଗରେ [ତ୍ରିବୃତ୍-ଅନ୍ନସ୍ୟ ଅଭି] ଗତି କରୁଛନ୍ତି [ଋଜ୍ୟତେ]; ସେ ତାହା ଭକ୍ଷଣ କରୁଛନ୍ତି [ଜଗ୍ଧମୀ] ପୁଣି [ପୁନଃ] ଗୋଟିଏ ବର୍ଷ ମଧ୍ୟରେ [ସଂବତ୍ସରେ] ସେସବୁ ପୁଣି ବଢ଼ି ଉଠୁଛନ୍ତି [ବାବୃଧେ]; ଅନ୍ୟର ଜିହ୍ୱା ଓ ବକ୍ତ୍ର ଦ୍ୱାରା[୧] [ଅନ୍ୟସ୍ୟ ଜିହ୍ୱୟା ଆସା] ସେ ହେଉଛନ୍ତି ଶକ୍ତିମାନ୍ ପ୍ରଭୁ ଓ ଉପଭୋକ୍ତା [ବୃଷା ଜେନ୍ୟଃ], ତାଙ୍କର ଆନନ୍ଦକର ବସ୍ତୁଗୁଡ଼ିକୁ [ବନିନଃ] ସେ ଅନ୍ୟ ଦ୍ୱାରା [ଅନ୍ୟେନ] ଘେରି ରହିଛନ୍ତି [ବାରଣଃ][୨] ଓ ତାଙ୍କର ବାହୁରେ ସେ ଆଲିଙ୍ଗନ କରି ରହିଛନ୍ତି [ନିମୃଷ୍ଟ][୩]।

*ଭାବାର୍ଥ : ଅଗ୍ନିଙ୍କୁ ଦ୍ୱିଜନ୍ମା କହିବା ଅର୍ଥ — ଥରେ ସେ ଭଗବତ୍ ଚେତନା ରୂପରେ ଅନ୍ତର୍ଗତ ହୋଇ ସୃଷ୍ଟିସର୍ଜନା ସହ ଜନ୍ମ ହେଲେ; ପୁଣି ଥରେ ସେ ଯେତେବେଳେ ମନୁଷ୍ୟର ଯୋଗସାଧନା ବଳରେ ବହିଃ ସତ୍ତାରେ ଦିବ୍ୟ ଜ୍ୟୋତିଃ-ଶକ୍ତି-ଆନନ୍ଦରୂପରେ ପ୍ରକାଶ ପାଇଲେ, ତାହା ହେଲା ତାଙ୍କର ଦ୍ୱିତୀୟ ଜନ୍ମ। ଯଜ୍ଞରେ ଆଜ୍ୟ (ଘୃତ), ସୋମ (ସୋମଲତାର ରସ) ଓ ପୁରୋଡ଼ାଶ (ଆହୁତି ନିମିତ୍ତ ଉଦ୍ଦିଷ୍ଟ ପିଷ୍ଟକବିଶେଷ)— ଏହି ତିନିଟିକୁ ତ୍ରିବୃଦନ୍ନ କୁହାଯାଏ। କିନ୍ତୁ ଆଧ୍ୟାତ୍ମିକ ଅର୍ଥରେ ଯଥାକ୍ରମେ ମନ, ପ୍ରାଣ ଓ ଦେହ। ପରମାଣୁ ତତ୍ତ୍ୱ ଦୃଷ୍ଟିରୁ ଅର୍ଥ କଲେ 'ତ୍ରିବୃଦନ୍ନ' ହେଲା— ଇଲେକ୍ଟ୍ରନ୍, ପ୍ରୋଟନ୍ ଓ ନିଉଟ୍ରନ୍। ବୃକ୍ଷଲତାର ବିକାଶ ପରିଣାମ ପୁଷ୍ପ ଓ ଫଳ ମାଧ୍ୟମରେ ବର୍ଷକୁ ବର୍ଷ ଜାଣି*

[୧] ଅଥବା, ଅନ୍ୟର ଉପସ୍ଥିତିରେ ସେ ତାଙ୍କର ଜିହ୍ୱା ଦ୍ୱାରା।

[୨] ଆବରଣ ବା ଘେରିରହିବା ଅର୍ଥ-ବୋଧକ 'ବୃ'-ଧାତୁରୁ 'ବାରଣଃ' ପଦ ନିଷ୍ପନ୍ନ ହୋଇଛି।

[୩] ମୃଶ୍-ଧାତୁରୁ 'ମୃଷ୍ଟ', ସାଧାରଣତଃ କାମ-ସମ୍ଭୋଗ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ।



*ହେଉଥିବା ପରି ଆମର ଚେତନା ମଧ୍ୟ ବିକାଶ ଧାରାରେ ନବ ନବ ଉନ୍ମେଷ ଧାରଣ କରେ।*

**କୃଷ୍ଣପ୍ରୁତୌ ବେବିଜେ ଅସ୍ୟ ସକ୍ଷିତା ଉଭା ତରେତେ ଅଭି ମାତରା ଶିଶୁମ୍।**
**ପ୍ରାଚାଜିହ୍ୱଂ ଧ୍ୱସୟନ୍ତଂ ତୃଷୁଚ୍ୟୁତମା ସାଚ୍ୟଂ କୁପୟଂ ବର୍ଧନଂ ପିତୁଃ॥୩॥**

*କୃଷ୍ଣ-ପ୍ରୁତୌ ବେବିଜେ ଅସ୍ୟ ସ-କ୍ଷିତୌ ଉଭା ତରେତେ ଅଭି ମାତରା ଶିଶୁମ୍/*
*ପ୍ରାଚା-ଜିହ୍ୱମ୍ ଧ୍ୱସୟନ୍ତମ୍ ତୃଷୁଚ୍ୟୁତମ୍ ଆ ସାଚ୍ୟମ୍ କୁପୟମ୍ ବର୍ଧନମ୍ ପିତୁଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ (ଅଗ୍ନି) ତାଙ୍କ ଦୁଇ ଜନନୀଙ୍କୁ [ଉଭା ମାତରା] ସେମାନଙ୍କର ଘନ ଅନ୍ଧକାରମୟ ପଥରେ [କୃଷ୍ଣପ୍ରୁତୌ] ଓ ସହାବସ୍ଥାନରେ [ସକ୍ଷିତୌ] ଶକ୍ତି ପ୍ରଦାନ କରନ୍ତି [ବେବିଜେ], ଉଭୟେ ସେମାନଙ୍କ ଶିଶୁର ଅଭିମୁଖିନୀ ହୋଇ [ଶିଶୁମ୍ ଅଭି] ଯାତ୍ରା କରନ୍ତି[୧] [ତରେତେ], କାରଣ, ସେହି ଶିଶୁର ଜିହ୍ୱା ଊର୍ଦ୍ଧ୍ୱମୁଖୀ ହୋଇଉଠିଛି [ପ୍ରାଚା-ଜିହ୍ୱମ୍], ସେ ଧ୍ୱଂସକାରୀ [ଧ୍ୱସୟନ୍ତମ୍] ଓ କ୍ଷିପ୍ର ବେଗରେ ଧାବମାନ [ତୃଷୁଚ୍ୟୁତମ୍] ଏବଂ ବରେଣ୍ୟ [ଆ-ସାଚ୍ୟମ୍], ପିତାଙ୍କର ଅଭିବର୍ଧକ [ପିତୁଃ ବର୍ଧନମ୍]।[୨]

*[ଶ୍ରୀଅରବିନ୍ଦକୃତ ସରଳାର୍ଥ ତଳେ ପାଦଟିକାରେ ରହିଛି।]*

**ମୁମୁକ୍ଷ୍ୱୋ ମନବେ ମାନବସ୍ୟତେ ରଘୁଦ୍ରୁବଃ କୃଷ୍ଣସୀତାସ ଊ ଜୁବଃ।**
**ଅସମନା ଅଜିରାସୋ ରଘୁଷ୍ୟଦୋ ବାତଜୂତା ଉପୟୁଜ୍ୟନ୍ତ ଆଶବଃ॥୪॥**

*ମୁମୁକ୍ଷ୍ୱଃ ମନବେ ମାନବସ୍ୟତେ ରଘୁ-ଦ୍ରୁବଃ କୃଷ୍ଣ-ସୀତାସଃ ଊ ଜୁବଃ/*
*ଅସମନାଃ ଅଜିରାସଃ ରଘୁ-ସ୍ୟଦଃ ବାତଜୂତାଃ ଉପୟୁଜ୍ୟନ୍ତେ ଆଶବଃ॥*

[୧] ଅଥବା, ଉଭୟେ ସେମାନଙ୍କ ପୁତ୍ରର ଅନୁଗମନ କରନ୍ତି।

[୨] ଏହାର ସରଳାର୍ଥ ହେଲା : ସ୍ୱର୍ଗ ଓ ମର୍ତ୍ତ୍ୟ, ମନ ଓ ଦେହ ଏକତ୍ର ଗୋଟିଏ ଆଧାରରେ ବାସ କରନ୍ତି କିଂବା ବସ୍ତୁମୟ ଗୋଟିଏ ଜଗତରେ, ଅଜ୍ଞାନ-ଅନ୍ଧକାର ମଧ୍ୟରେ ଯାତ୍ରା କରୁଛନ୍ତି, ଦିବ୍ୟଶକ୍ତିଙ୍କୁ ଅନୁସରଣ କରି ସେଦୁହେଁ ଏହି ପଥକୁ ଅତିକ୍ରମ କରନ୍ତି, ଏହି ଉଭୟଙ୍କ କର୍ମଧାରା ମଧ୍ୟରୁ ଦିବ୍ୟଶକ୍ତିଙ୍କର ଜନ୍ମ। 'କୁପୟ' ଶବ୍ଦର ନିହିତାର୍ଥ ଏଠାରେ ସ୍ପଷ୍ଟ ଭାବରେ ଜାଣି ହେଉ ନାହିଁ। ସେହି ପରମ ପୁରୁଷଙ୍କୁ ଏଠାରେ 'ପିତା' ବୋଲି ଅଭିହିତ କରାଯାଇଛି, ଅଥବା, ଉଚ୍ଚତର ଆଧ୍ୟାତ୍ମିକ ସତ୍ତାର ଭାବ ନେଇ କହିଲେ ଦିବ୍ୟ ସ୍ୱର୍ଗକୁ ମଧ୍ୟ ବୁଝାଉଛି।

ଶ୍ରୀଅରବିନ୍ଦକୃତ ଅର୍ଥ : ଚିନ୍ତାଶୀଳ [ମନବେ] ମାନବତ୍ୱାଭିଳାଷୀଙ୍କ ପାଇଁ [ମାନବସ୍ୟତେ] ତାଙ୍କର (ଅଗ୍ନିଙ୍କର) ତୀବ୍ର ବେଗଶାଳୀ ପ୍ରେରଣାଗୁଡ଼ିକ [ଜୁବଃ] ହେଉଛନ୍ତି କୃଷ୍ଣ-ଧବଳ [କୃଷ୍ଣ-ସୀତାସଃ] ମୁକ୍ତିକାମନା [ମୁମୁକ୍ଷ୍ୱଃ] (ଊ : ନିଶ୍ଚୟାର୍ଥବୋଧକ); ସକ୍ରିୟ [ଅଜିରାସଃ], କ୍ଷିପ୍ର [ରଘୁସ୍ୟଦଃ], ଚଳଚଞ୍ଚଳ [ଅସମନାଃ] ସେମାନେ ସ୍ୱ-କର୍ମରେ ନିୟୋଜିତ [ଉପ-ୟୁଜ୍ୟନ୍ତେ] ଯେପରିକି କ୍ଷିପ୍ରଗାମୀ ଅଶ୍ୱଗଣ [ଆଶବଃ] ଏବଂ ବସ୍ତୁଗୁଡ଼ିକର ଶ୍ୱାସବାୟୁ ବେଗରେ ସେମାନେ ଆଗକୁ ଧାଇଁ ଚାଲିଛନ୍ତି [ବାତ-ଜୂତାଃ]।

*ଭାବାର୍ଥ: ଏ ସୃଷ୍ଟିରେ ପ୍ରଗତିଶୀଳ ପ୍ରାଣୀ ହେଉଛି ମନୁଷ୍ୟ। କୌଣସି ଏକ ଦିଗକୁ ପାଥେୟ କରି ଅଗ୍ରଗତି କରିବାର ପ୍ରେରଣା ପ୍ରାୟ ସମସ୍ତଙ୍କ ଭିତରେ ସତତ କ୍ରିୟାଶୀଳ। ଏହି ପ୍ରେରଣାର ପଶ୍ଚାତରେ ଏହି ଗୂଢ଼ ଅଗ୍ନିଙ୍କର ଉପସ୍ଥିତିକୁ ଋଷି ତାଙ୍କର ଅନ୍ତର୍ଦୃଷ୍ଟିରେ ଦେଖିଛନ୍ତି। ବ୍ୟକ୍ତିବିଶେଷରେ ଏହି ପ୍ରେରଣା କେଉଁଠି ଶୁଦ୍ଧ ଅଥବା ମଳିନ– ଏଣୁ ଏହାର ରୂପ କୃଷ୍ଣ-ଧବଳ। ଅଶ୍ୱର ଗତି ପରି ଏହାର ଗତି ଏତେ ତୀବ୍ର ହେବାର କାରଣ ଏହାକୁ ଅଗ୍ନିଦେବ ସ୍ପର୍ଶ କରିଛନ୍ତି।*

**ଆଦସ୍ୟ ତେ ଧ୍ୱସୟନ୍ତୋ ବୃଥେରତେ କୃଷ୍ଣମଭ୍ୱଂ ମହି ବର୍ପଃ କରିକ୍ରତଃ।**
**ୟତ୍‌ସୀଂ ମହିମବନିଂ ପ୍ରାଭି ମର୍ମୃଶଦଭିଶ୍ୱସନ୍‌ସ୍ତନୟନ୍ନେତି ନାନଦତ୍‌॥୫॥**

*ଆତ୍ ଅସ୍ୟ ତେ ଧ୍ୱସୟନ୍ତଃ ବୃଥା ଈରତେ କୃଷ୍ଣମ୍ ଅଭ୍ୱମ୍ ମହି ବର୍ପଃ କରିକ୍ରତଃ /*
*ୟତ୍ ସୀମ୍ ମହିମ୍ ଅବନିମ୍ ପ୍ର ଅଭି ମର୍ମୃଶତ୍ ଅଭି-ଶ୍ୱସନ୍ ସ୍ତନୟନ୍ ଏତି ନାନଦତ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତା'ପରେ (ଆତ୍) ସେମାନେ [ତେ] (ପ୍ରେରଣା ରୂପକ ଅଶ୍ୱଗଣ) ତାଙ୍କ ନିମନ୍ତେ (ମାନବତ୍ୱାଭିଳାଷୀଙ୍କ ନିମନ୍ତେ) ଧ୍ୱଂସସାଧନ କରନ୍ତି [ଧ୍ୱସୟନ୍ତଃ] ଏବଂ ଏହାଙ୍କର (ଅଗ୍ନିଙ୍କର) [ଅସ୍ୟା] କୃଷ୍ଣବର୍ଣ୍ଣ [କୃଷ୍ଣମ୍] ପୃଥୁଳ ସତ୍ତାକୁ [ଅଭ୍ୱମ୍] ଓ ଆଲୋକମୟ [ବର୍ପଃ] ମହିମୋଜ୍ଜ୍ୱଳ [ମହି] ରୂପକୁ ନିର୍ମାଣ କରି କରି [କରିକ୍ରତଃ] ଈଷତ୍ ତ୍ୱରମାଣ ଗତିରେ* [ବୃଥା] ଗମନ କରିଛନ୍ତି [ଈରତେ]; ଯେତେବେଳେ ସେ (ଅଗ୍ନି) ଆଗେଇ ଆସି ବିଶାଳ [ମହିମ୍] ଜଗତ୍-ସତ୍ତାକୁ [ଅବନିମ୍] ସ୍ପର୍ଶ କରନ୍ତି [ପ୍ର-ଅଭି-ମର୍ମୃଶତ୍] ସେତେବେଳେ ସେ ଉଚ୍ଛ୍ୱସିତ ହୋଇ [ଶ୍ୱସନ୍], ଅଶନିସ୍ୱନରେ [ସ୍ତନୟନ୍] ମନ୍ଦ୍ରନାଦ କରି [ନାନଦନ୍] ଏହାର (ଅବନୀର) ଅଭିମୁଖରେ

* ଅଥବା, କ୍ଷିପ୍ର ଓ ବ୍ୟାପ୍ତ ଭାବରେ ।



ଆଗେଇ ଆସନ୍ତି [ଅଭି-ଏତି]।[୧]

*ଭାବାର୍ଥ: ଫୁଲ ପରି ଭିତରୁ ଫୁଟି ଉଠିବାର ପ୍ରେରଣା ଯେତେବେଳେ ମାନବ ଭିତରେ ଜାଗେ ଏବଂ ତଦନୁସାରେ ନିଜର ଯାତ୍ରା ଆରମ୍ଭ କରେ ସେତେବେଳେ ତା'ର ପଥରୋଧକାରୀ ନାନା ଅପଶକ୍ତି ବାଧାବିପତ୍ତି ସୃଷ୍ଟି କରନ୍ତି। କିନ୍ତୁ ଶକ୍ତିଶାଳୀ ଆସ୍ପୃହାର ଅଶ୍ୱଗଣ ତାହା ଧ୍ୱଂସ କରିଦିଅନ୍ତି। ପରୋକ୍ଷରେ ଅଗ୍ନିହିଁ ଏହା କରନ୍ତି। ଦୀର୍ଘ ଆନ୍ତର ପଥ ଅତିକ୍ରମ କରି ବାହ୍ୟ ସତ୍ତାରେ ବା ଜଗତ୍-ମଣ୍ଡଳରେ ଆବିର୍ଭୂତ ହେଲେ ଯେଉଁ ଦିବ୍ୟ ଆନନ୍ଦ ସେ ଲାଭ କରନ୍ତି ତାହାହିଁ ଏଠାକାର ବର୍ଣ୍ଣନା।*

**ଭୂଷନ୍ନ ୟୋଽଧି ବଭ୍ରୂଷୁ ନମ୍ନତେ ବୃଷେବ ପତ୍ନୀରଭ୍ୟେତି ରୋରୁବତ୍।**
**ଓଜାୟମାନସ୍ତନ୍ୱଶ୍ଚ ଶୁମ୍ଭତେ ଭୀମୋ ନ ଶୃଙ୍ଗା ଦବିଧାବ ଦୁର୍ଗୃଭିଃ॥୬॥**

*ଭୂଷନ୍ ନ ୟଃ ଅଧି ବଭ୍ରୂଷୁ ନମ୍ନତେ ବୃଷା ଇବ ପତ୍ନୀଃ ଅଭି-ଏତି ରୋରୁବତ୍ /*
*ଓଜାୟମାନଃ ତନ୍ୱଃ ଚ ଶୁମ୍ଭତେ ଭୀମଃ ନ ଶୃଙ୍ଗା ଦବିଧାବ ଦୁଃ-ଗୃଭିଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ (ଅଗ୍ନି) ଯିଏକି [ୟଃ] ବଭ୍ରୂବର୍ଣ୍ଣର ଧେନୁଗଣଙ୍କ ମଧ୍ୟରେ [ବଭ୍ରୂଷୁ] ରହିବାକୁ ଯେତେବେଳେ ଇଚ୍ଛୁକ ହୁଅନ୍ତି [ଭୂଷନ୍ ନ] ସେତେବେଳେ ଆନତଗ୍ରୀବାରେ [ନମ୍ନତେ] ଓ ବୃଷଭ ପରି ତୀବ୍ର ହୁଂକାର ରବ କରି କରି [ରୋରୁବତ୍], ଏକ ପୁଂଗବ ତା'ର ପତ୍ନୀ ନିକଟକୁ ଯିବା ପରି [ବୃଷା ପତ୍ନୀମ୍ ଇବ] ସେମାନଙ୍କ ନିକଟକୁ ଯାଆନ୍ତି [ଅଭି-ଏତି]– ସେ ନିଜର ତେଜସ୍ୱିତାକୁ ପ୍ରଦର୍ଶନ କରାଇ [ଓଜାୟମାନଃ] ସେମାନଙ୍କର ଶରୀରକୁ [ତନ୍ୱଃ] ଆନନ୍ଦ ପ୍ରଦାନ କରନ୍ତି[୨] [ଶୁମ୍ଭତେ] ଏବଂ ଦୁର୍ନିଗ୍ରହ [ଦୁଃ-ଗୃଭିଃ] ଭୟଙ୍କର ପଶୁ ଭଳି [ଭୀମଃ ନ] ସେ ନିଜର ଶିଙ୍ଗଗୁଡ଼ିକୁ ପ୍ରଚଣ୍ଡ ବେଗରେ ଚଳାନ୍ତି [ଦବିଧାବ]।[୩]

[୧] (ଏଠାରେ ''ମହିମ୍ ଅବନିମ୍'' ବିଶାଳ ପୃଥିବୀର ଅର୍ଥ ପ୍ରକାଶ କରୁଥାଇପାରେ, କିନ୍ତୁ 'ଅବନି' ତଥା 'ପୃଥିବୀ' ଶବ୍ଦ ଦୁଇଟି ବେଦରେ କେବଳ ସେହି ଗୋଟିଏ ଅର୍ଥରେ ବ୍ୟବହୃତ ହୋଇ ନାହାନ୍ତି। ବିଶେଷତଃ ପ୍ରଥମଟି ସାଧାରଣତଃ ପୃଥିବୀକୁ ବୁଝାଏ ନାହିଁ। କିନ୍ତୁ ଏ ଶବ୍ଦ ଦୁଇଟି ବିଭିନ୍ନ ସ୍ଥାନରେ ବିଭିନ୍ନ ଅର୍ଥ ବୁଝାଉଥିବା ସତ୍ତ୍ୱେ ସେମାନଙ୍କର ମୂଳ ଅର୍ଥକୁ ଫେରି ଆସନ୍ତି। ଉଦାହରଣ ସ୍ୱରୂପ : 'ସପ୍ତ ଅବନୟଃ'।

[୨] ଅଥବା, ବସ୍ତୁଗୁଡ଼ିକର ଆକୃତିକୁ ସେ ଆନନ୍ଦମୟ କରାନ୍ତି ।

[୩] ବଭ୍ରୂଷୁ = ଗାଈପଲରେ, ପରବର୍ତ୍ତୀ ମନ୍ତ୍ରରେ (୧୩ଶ ମନ୍ତ୍ରରେ) ଏହି ଅର୍ଥରେ 'ଅରୁଣ୍ୟଃ' ଶବ୍ଦର ବ୍ୟବହାର ହୋଇଛି– ଏହାର ନିହିତାର୍ଥ ହେଲା : ମର୍ତ୍ତ୍ୟ ମନରେ ଚୈତନ୍ୟ।

*ଭାବାର୍ଥ : ମର୍ତ୍ତ୍ୟ ମନର ଚୈତନ୍ୟ ସହ ଦିବ୍ୟଜ୍ଞାନରୂପକ ଅଗ୍ନିଙ୍କର ମିଳନ ଅବସରକୁ ଋଷି ଅତ୍ୟନ୍ତ କୁଶଳତାର ସହ ଧେନୁ ଓ ବୃଷଭର ରୂପକ ମାଧ୍ୟମରେ ବ୍ୟକ୍ତ କରିଛନ୍ତି। ମାନବ ଭିତରେ ଏହି ମିଳନ ସଂଘଟିତ ହେଲେ ତେଜଃ, ବୀର୍ଯ୍ୟ ଓ ମାଧୁର୍ଯ୍ୟ ତା' ମଧ୍ୟରେ ପ୍ରକଟିତ ହୁଏ।*

**ସ ସଂସ୍ତିରୋ ବିଷ୍ଟିରଃ ସଂ ଗୃଭାୟତି ଜାନନ୍ନେବ ଜାନତୀର୍ନିତ୍ୟ ଆ ଶୟେ।**
**ପୁନର୍ବର୍ଧନ୍ତେ ଅପି ୟନ୍ତି ଦେବ୍ୟମନ୍ୟଦ୍ୱର୍ପଃ ପିତ୍ରୋଃ କୃଣ୍ୱତେ ସଚା।।୭।।**

*ସଃ ସମ୍-ସ୍ତିରଃ ବି-ସ୍ତିରଃ ସମ୍ ଗୃଭାୟତି ଜାନନ୍ ଏବ ଜାନତୀଃ ନିତ୍ୟଃ ଆ ଶୟେ /*
*ପୁନଃ ବର୍ଧନ୍ତେ ଅପି ୟନ୍ତି ଦେବ୍ୟମ୍ ଅନ୍ୟଦ୍ ବର୍ପଃ ପିତ୍ରୋଃ କୃଣ୍ୱତେ ସଚା।।*

ଶ୍ରୀଅରବିନ୍ଦକୃତ ଅର୍ଥ : ସତ୍ତା ମଧ୍ୟରେ ସଂକୁଚିତ [ସମ୍-ସ୍ତିରଃ] ଅଥବା ବିସ୍ତାରିତ ହୋଇ [ବି-ସ୍ତିରଃ] ସେ [ସଃ] (ଅଗ୍ନି) ସେମାନଙ୍କୁ (ବଭ୍ରୁ ଧେନୁଗଣଙ୍କୁ) ସୁଦକ୍ଷ ଭାବରେ ଆୟତ୍ତ କରନ୍ତି [ସମ୍-ଗୃଭାୟତି]; ତାଙ୍କର (ଅଗ୍ନିଙ୍କର) ଜ୍ଞାତସାରରେ [ଜାନନ୍], ସେମାନଙ୍କ (ଧେନୁଗଣଙ୍କ) ଜ୍ଞାତସାରରେହିଁ [ଜାନତୀଃ ଏବ] ଶାଶ୍ୱତ ଅଗ୍ନି [ନିତ୍ୟଃ] ସେମାନଙ୍କୁ ଉପଭୋଗ କରୁଛନ୍ତି* [ଆ-ଶୟେ]। ତା'ପରେ ପୁଣି [ପୁନଃ] ସେମାନଙ୍କର ବୃଦ୍ଧି ହୁଏ [ବର୍ଧନ୍ତେ] ଓ [ଅପି] ସେମାନେ ଦିବ୍ୟ ଲୋକକୁ [ଦେବ୍ୟମ୍] ଗମନ କରନ୍ତି [ୟନ୍ତି]; ଏକଜୁଟ ହୋଇ [ସଚା], ପିତା-ମାତାଙ୍କ ପାଇଁ [ପିତ୍ରୋଃ] ସେମାନେ ଅନ୍ୟ ଏକ ରୂପ ଗଠନ କରନ୍ତି [ଅନ୍ୟତ୍ ବର୍ପଃ କୃଣ୍ୱତେ]।

*ଭାବାର୍ଥ : ମନର ଚୈତନ୍ୟରୂପକ ରଶ୍ମିକୁ ସଂଯତ କରି ମାନବର ସମଗ୍ର ସତ୍ତାକୁ ଅଗ୍ନି ଦିବ୍ୟମାର୍ଗରେ ପରିଚାଳିତ କରାନ୍ତି। ସ୍ୱର୍ଗ ଓ ମର୍ତ୍ତ୍ୟ ହେଉଛନ୍ତି ଯଥାକ୍ରମେ ପିତା ଓ ମାତା। ମାନବର ଦିବ୍ୟ ରୂପାନ୍ତର ହେଉ ବୋଲି ସେମାନେ ଚାହାନ୍ତି। ଚୈତନ୍ୟ-ଧେନୁଗଣଙ୍କ ଦ୍ୱାରା ଅଗ୍ନି ସେହି କାର୍ଯ୍ୟ ସମ୍ପାଦନ କରନ୍ତି। ଉକ୍ତ ଧେନୁଗଣ ମଧ୍ୟ ଅଗ୍ନିଙ୍କ ସ୍ପର୍ଶ ପାଇ ଦିବ୍ୟ ଚେତନାରେ ବଢ଼ି ଉଠନ୍ତି।*

**ତମଗ୍ରୁବଃ କେଶିନୀଃ ସଂ ହି ରେଭିର ଊର୍ଧ୍ୱାସ୍ତସ୍ଥୁର୍ମମ୍ରୁଷୀଃ ପ୍ରାୟବେ ପୁନଃ।**
**ତାସାଂ ଜରାଂ ପ୍ରମୁଞ୍ଚନ୍ନେତି ନାନଦଦସୁଂ ପରଂ ଜନୟଞ୍ଜୀବମସ୍ତୃତମ୍।।୮।।**

* ଅଥବା, ସହବାସ କରୁଛନ୍ତି ।



*ତମ୍ ଅଗ୍ରୁବଃ କେଶିନୀଃ ସମ୍ ହି ରେଭିରେ ଊର୍ଧ୍ୱାଃ ତସ୍ଥୁଃ ମମ୍ରୁଷୀଃ ପ୍ର ଆୟବେ ପୁନଃ /*
*ତାସାମ୍ ଜରାମ୍ ପ୍ରମୁଞ୍ଚନ୍ ଏତି ନାନଦତ୍ ଅସୁମ୍ ପରମ୍ ଜନୟନ୍ ଜୀବମ୍ ଅସ୍ତୃତମ୍।।*

ଶ୍ରୀଅରବିନ୍ଦକୃତ ଅର୍ଥ : ପ୍ରବାହ ସମ କେଶରାଜିଯୁକ୍ତା ହୋଇ ସମୁଜ୍ଜ୍ୱଳ [କେଶିନୀଃ ଅଗ୍ରୁବଃ] ସେମାନେ (ବଭ୍ରୁଧେନୁଗଣ) ତାଙ୍କ (ଅଗ୍ନିଙ୍କ) ନିକଟରୁ [ତମ୍] ପର୍ଯ୍ୟାପ୍ତ ଆନନ୍ଦ ଲାଭ କରନ୍ତି [ସମ୍-ରେଭିରେ[୧]], ସେମାନଙ୍କ ମଧ୍ୟରେ ଯେଉଁମାନେ ମୁମୂର୍ଷୁ ଅବସ୍ଥାରେ ଥିଲେ [ମମ୍ରୁଷୀଃ[୨]] ସେମାନେ ତାଙ୍କର (ଅଗ୍ନିଙ୍କର) ଆଗମନ ହେତୁ [ପ୍ର-ଆୟବେ] ପୁଣିଥରେ [ପୁନଃ] ଉନ୍ନତ ହୋଇ ଦଣ୍ଡାୟମାନ ହେଲେ [ଊର୍ଧ୍ୱାଃ ତସ୍ଥୁଃ]; କାରଣ, ସେ (ଅଗ୍ନି) ସେମାନଙ୍କ ମଧ୍ୟରୁ ଜରାବସ୍ଥାକୁ [ଜରାମ୍] ଦୂର କରନ୍ତି [ପ୍ରମୁଞ୍ଚନ୍] ଏବଂ ଉଚ୍ଚ ନିନାଦ କରି କରି ସେମାନଙ୍କ ନିକଟକୁ ଯାଆନ୍ତି [ନାନଦତ୍ ଏତି], ସେ ପରମା ଶକ୍ତି [ପରାମ୍ ଅସୁମ୍] ଓ ଅଜେୟ ଜୀବନର [ଅସ୍ତୃତଃ ଜୀବମ୍] ନିର୍ମାଣ କରନ୍ତି [ଜନୟନ୍]।

*ଭାବାର୍ଥ : ସେହି ଧେନୁଗଣ ଅଗ୍ନିଙ୍କଠାରୁ ଯେଉଁ ପରମ ଆନନ୍ଦଲାଭ କରନ୍ତି ତା'ର ଏକ ବାହ୍ୟ ଲକ୍ଷଣ ହେଉଛି ସେମାନଙ୍କର ପ୍ରବାହସମ କେଶଜାଳ। ବିଷାଦ, ଜରା, ରୋଗ, ଶୋକ ପ୍ରଭୃତିରେ ମୃତପ୍ରାୟ ଜୀବନ ଯଦି ଦିବ୍ୟଶକ୍ତି ଅଗ୍ନିଙ୍କର ସ୍ପର୍ଶପାଏ ତେବେ ସେ ପୁଣି ନବଯୌବନର ତେଜଃରେ ଜାଗିଉଠେ।*

**ଅଧୀବାସଂ ପରି ମାତ୍ରୂ ରିହନ୍ନହ ତୁବିଗ୍ରେଭିଃ ସତ୍ୱଭିର୍ୟାତି ବି ଜ୍ରୟଃ।**
**ବୟୋ ଦଧତ୍ ପଦ୍ୱତେ ରେରିହତ୍ସଦାନୁ ଶ୍ୟେନୀ ସଚତେ ବର୍ତନୀରହ।।୯।।**

*ଅଧୀବାସମ୍ ପରି ମାତ୍ରୁଃ ରିହନ୍ ଅହ ତୁବି-ଗ୍ରେଭିଃ ସତ୍ୱଭିଃ ୟାତି ବି ଜ୍ରୟଃ /*
*ବୟଃ ଦଧତ୍ ପତ୍-ବତେ ରେରିହତ୍ ସଦା ଅନୁ ଶ୍ୟେନୀ ସଚତେ ବର୍ତନିଃ ଅହ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ମା'କୁ ପରିବେଷ୍ଟନ କରି ରଖିଥିବା [ମାତ୍ରୁଃ ପରି] ଆବରଣ-ବସ୍ତ୍ରକୁ [ଅଧୀବାସମ୍] ଛିନ୍ନ ଭିନ୍ନ କରି [ରିହନ୍[୩]], ଦିବ୍ୟଶକ୍ତି-ପ୍ରକାଶକ

[୧] 'ରେଭିରେ' ପଦ ଆନନ୍ଦାର୍ଥକ ବୋଲି ଏଠାରେ ପ୍ରମାଣସିଦ୍ଧ ।

[୨] 'ମମ୍ରୁଷୀଃ' ଶବ୍ଦର ଅର୍ଥ ଏଠାରେ ଠିକ୍ ଭାବେ ବୁଝାପଡୁ ନାହିଁ। 'ମୃତ' ବା 'ଆସନ୍ନ-ମରଣମୁଖି' ଅର୍ଥ କରାଯାଇପାରେ।

[୩] ରିହତ୍, ରେରିହତ୍ – ଏହି ଶବ୍ଦଦ୍ୱୟର ଠିକ୍ ଅର୍ଥ ଏଠାରେ ଜାଣିହେଉ ନାହିଁ।

[ତୁବି-ଗ୍ରେଭିଃ] ସାତ୍ତ୍ୱିକ ସତ୍ତାମାନଙ୍କ ସହ [ସତ୍ୱଭିଃ] ସେ (ଅଗ୍ନି) ଦିବ୍ୟ ଆନନ୍ଦ ଦିଗରେ [କ୍ରୟଃ] ଆଗେଇ ଚାଲିଛନ୍ତି [ ବି-ଯାତି]; ସେ ବ୍ୟାପ୍ତିର ପ୍ରତିଷ୍ଠା କରନ୍ତି [ବୟଃ ଦଧତ୍], ଆଲୋକଯାତ୍ରୀ ପାଇଁ [ପଦ୍ୱତେ] ସେ ଲକ୍ଷ୍ୟପ୍ରାପ୍ତିର ସକଳ ବାଧାକୁ ବିନାଶ କରନ୍ତି [ରେରିହତ୍], ଏପରିକି [ଅହ] କ୍ଷିପ୍ରଗତିଶାଳୀ ହେଲେ ମଧ [ଶ୍ୟେନୀ] ସେ ଯାତ୍ରା-ପଥରେ [ବର୍ତନିଃ] ନିରନ୍ତର ନିଜକୁ ସଂଲଗ୍ନ କରି ରଖିଛନ୍ତି [ସଦା ଅନୁସଚତେ]।

*ଭାବାର୍ଥ : ଏହି ମନ୍ତ୍ରରେ ପୃଥିବୀର ସାରତମ ସତ୍ୟ-ଚେତନାକୁ ମାଆ ବୋଲି କୁହାଯାଇଛି, ସେହି ଚେତନାରୁହିଁ ଦୃଶ୍ୟମାନ ଜଗତର ସୃଷ୍ଟି। କିନ୍ତୁ ସେହି ଚେତନାକୁ ଆବୃତ କରି ରହିଛି ନାନା ବିରୁଦ୍ଧ-ଚେତନା, ଯାହା ଫଳରେ ସେ ଜଗତରେ ଅପ୍ରକଟ। ଅଗ୍ନି ସେହି ଆବରଣକୁ ଛିନ୍ନ କରି କରି ପୃଥିବୀରେ ଆନନ୍ଦପ୍ରତିଷ୍ଠା ଦିଗରେ ଆଗେଇ ଚାଲିଛନ୍ତି।*

**ଅସ୍ମାକମଗ୍ନେ ମଘବସ୍ତୁ ଦୀଦିହ୍ୟଧ ଶ୍ୱସୀବାନ୍ବୃଷଭୋ ଦମୂନାଃ।**
**ଅବାସ୍ୟା ଶିଶୁମତୀରଦୀଦେର୍ବର୍ମେବ ଯୁତ୍ସୁ ପରିଜର୍ଭୁରାଣଃ॥୧୦॥**

*ଅସ୍ମାକମ୍ ଅଗ୍ନେ ମଘବସ୍ତୁ ଦୀଦିହି ଅଧ ଶ୍ୱସୀବାନ୍ ବୃଷଭଃ ଦମୂନାଃ /*
*ଅବ-ଅସ୍ୟ ଶିଶୁ-ମତୀଃ ଅଦୀଦେଃ ବର୍ମ ଇବ ଯୁତ୍-ସୁ ପରି-ଜର୍ଭୁରାଣଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଆମର ପରିପୂର୍ଣ୍ଣତା ମଧ୍ୟରେ [ମଘବସ୍ତୁ] ଆମମାନଙ୍କ ନିମନ୍ତେ [ଅସ୍ମାକମ୍] ଜାଜ୍ୱଲ ହୋଇଉଠ [ଦୀଦିହି], ତଦନନ୍ତର [ଅଧ] ଶକ୍ତିଶାଳୀ ପ୍ରଭୁ ହୁଅ [ବୃଷଭଃ], ଏବଂ ଭଗିନୀଗଣଙ୍କ ସହ [ଶ୍ୱସୀବାନ୍] ଆମମାନଙ୍କ ଗହଣରେ ନିବାସ କର [ଦମୂନାଃ]; ସେମାନଙ୍କ (ଭଗିନୀଗଣଙ୍କ) ମଧ୍ୟରୁ ଯେଉଁମାନଙ୍କର ମତି ଶିଶୁ ଅବସ୍ଥାରେ ଅଛି [ଶିଶୁ-ମତୀଃ] ସେମାନଙ୍କୁ ବର୍ଜନ କରି [ଅବାସ୍ୟ] ତୁମେ ଆମ ଯୁଦ୍ଧଗୁଡ଼ିକରେ [ଯୁତ୍ସୁ] ବର୍ମ ଭଳି [ବର୍ମ ଇବ] ଆତ୍ମମାନଙ୍କ ପରି-ପାର୍ଶ୍ୱରେ [ପରି-ଜର୍ଭୁରାଣ] ଉଦ୍ଦୀପ୍ତ ହୋଇଉଠ [ଅଦୀଦେଃ]।*

*ଭାବାର୍ଥ : ଆମର ଅନ୍ତରାତ୍ମାରୂପୀ ଅଗ୍ନିହିଁ ଆମର ସକଳ ସମୃଦ୍ଧିର ପ୍ରଭୁ ହେବା ଅର୍ଥ ଭଗବାନଙ୍କ ନିକଟରେ ଆମର ପୂର୍ଣ୍ଣ ସମର୍ପଣକୁ ବୁଝାଉଛି। ଆମର ସହଜାତ ପ୍ରତିଭାରାଜିକୁ 'ଭଗିନୀ' ଶବ୍ଦରୁ ବୁଝିବା; ସେମାନେ ବୃଷଭଙ୍କର ଅର୍ଥାତ୍ ଅଗ୍ନିଙ୍କର ସହଧର୍ମିଣୀ ହୁଅନ୍ତୁ; ଆମ ଭିତରୁ ବାଲ୍ୟଚପଳତା ଦୂର ହେଉ; ହେ ଅଗ୍ନି! ସତ୍ୟର ଜୟଯାତ୍ରାରେ ତୁମେ ଆମକୁ ସୁରକ୍ଷା ପ୍ରଦାନ କର।*

* ଗ୍ରୀକ୍ ଭାଷାରେ 'କାସିସ୍' ଶବ୍ଦର ଅର୍ଥ ଯାହା ଏଠାରେ 'ଶ୍ୱସି' ଶବ୍ଦର ଅର୍ଥ ତାହା ଏବଂ ପତ୍ନୀ ବା ଭଗିନୀ ଅର୍ଥବୋଧକ 'ସ୍ୱସୃ' ଶବ୍ଦର ଏହା ଏକ ପୁରାତନ ରୂପ। ତେଣୁ ଏଠାରେ 'ବୃଷା' (ବୃଷଭ)ର ବିଶେଷଣ ପଦରୂପେ ପତ୍ନୀ ଭଳି ଅର୍ଥରେ 'ଶ୍ୱସୀବାନ୍' ପଦର ପ୍ରୟୋଗ କରାଯାଇଛି।



**ଇଦମଗ୍ନେ ସୁଧିତଂ ଦୁର୍ଧିତାଦଧି ପ୍ରିୟାଦୁ ଚିନ୍ମନ୍ମନଃ ପ୍ରେୟୋ ଅସ୍ତୁ ତେ।**
**ଯତ୍ତେ ଶୁକ୍ରଂ ତନ୍ୱୋ ରୋଚତେ ଶୁଚି ତେନାସ୍ମଭ୍ୟଂ ବନସେ ରତ୍ନମା ତ୍ୱମ୍॥୧୧॥**

*ଇଦମ୍ ଅଗ୍ନେ ସୁଧିତମ୍ ଦୁଃ-ଧିତାଦ୍ ଅଧି ପ୍ରିୟାଦ୍ ଉ ଚିତ୍ ମନ୍ମନଃ ପ୍ରେୟଃ ଅସ୍ତୁ ତେ /*
*ଯତ୍ ତେ ଶୁକ୍ରମ୍ ତନ୍ୱଃ ରୋଚତେ ଶୁଚି ତେନ ଅସ୍ମଭ୍ୟମ୍ ବନସେ ରତ୍ନମ୍ ଆ ତ୍ୱମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଏହା ହେଉଛି ତାହା [ଇଦମ୍] ଯାହାକି ବିପର୍ଯ୍ୟସ୍ତ ଭାବରେ ଧାରିତ ବସ୍ତୁ ଉପରେ [ଦୁଃ-ଧିତାତ୍] ସମ୍ୟକ୍ ଆଧାରିତ ବସ୍ତୁ [ସୁ-ଧିତମ୍]; ତଥା [ଚିତ୍ ଉ] ପ୍ରସାଦମୟ ମନ ମଧ୍ୟରୁ [ପ୍ରିୟାତ୍ ମନ୍ମନଃ] ତୁମ ପାଇଁ [ତେ] ଜନ୍ମଲାଭ କରୁ [ଅସ୍ତୁ] ମହତ୍ତର ପ୍ରସନ୍ନତା [ପ୍ରେୟଃ]। ତୁମର ତନୁରୁ [ତେ ତନ୍ୱଃ] ଯେଉଁ ଶୁଭ୍ର ନିର୍ମଳ ଆଲୋକ [ଯତ୍ ଶୁକ୍ରମ୍] ଝଲସି ଉଠୁଛି [ରୋଚତେ] ତଦ୍ୱାରା [ତେନ] ତୁମେ [ତ୍ୱମ୍] ଆମ ପାଇଁ [ଅସ୍ମଭ୍ୟମ୍] ଆନନ୍ଦସମ୍ପଦକୁ [ରତ୍ନମ୍] ଜୟ କରିଆଣ [ଆ-ବନସେ]।

*ଭାବାର୍ଥ : ଆମର ଆଧାରଗୁଡ଼ିକ ଅତିଦୁର୍ବଳ। ତଥାପି ଏହାକୁହିଁ ଆଧାର କରି ଅଗ୍ନି ବିଶ୍ୱଜଗତ ଉପରେ କ୍ରିୟା କରୁଛନ୍ତି। ତାଙ୍କରି ଉପାସନା ନିମନ୍ତେ ଆମ ମଧ୍ୟରୁ ଏକ ପ୍ରଶାନ୍ତ ମନ ଓ ଆନନ୍ଦମୟ ଜୀବନ ଜନ୍ମ ନେଉ।*

**ରଥାୟ ନାବମୁତ ନୋ ଗୃହାୟ ନିତ୍ୟାରିତ୍ରାଂ ପଦ୍ୱତୀଂ ରାସ୍ୟଗ୍ନେ।**
**ଅସ୍ମାକଂ ବୀରାଁ ଉତ ନୋ ମଘୋନୋ ଜନାଁଶ୍ଚ ଯା ପାରୟାଚ୍ଛର୍ମ ଯା ଚ॥୧୨॥**

*ରଥାୟ ନାବମ୍ ଉତ ନଃ ଗୃହାୟ ନିତ୍ୟ-ଅରିତ୍ରାମ୍ ପଦ୍-ବତୀମ୍ ରାସି ଅଗ୍ନେ /*
*ଅସ୍ମାକମ୍ ବୀରାନ୍ ଉତ ନଃ ମଘୋନଃ ଜନାନ୍ ଚ ଯା ପାରୟାତ୍ ଶର୍ମ ଯା ଚ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଆମର ରଥ ପାଇଁ [ରଥାୟ] ଏବଂ ଆମର ଗୃହ ପାଇଁ [ଉତ ଗୃହାୟ] ତୁମେ ଆମକୁ ଦେଇଛ [ନଃ ରାସି] ଏକ ପୋତ

[ନାବମ୍] ଯେ କି [ୟା] ଗତିଧାରାରେ ଚିରନ୍ତନ ପ୍ରଗତିର ସହ [ନିତ୍ୟ-ଅରିତ୍ରାମ୍] ଭ୍ରମଣ କରୁଛି [ପଦ୍ୱତୀମ୍], ଯେ କି [ୟା] ଆମର ଦୃଢ଼ ଆତ୍ମାସକଳଙ୍କୁ [ଅସ୍ମାକଂ ବୀରାନ୍] ଏବଂ ଆମର ପରିପୂର୍ଣ୍ଣତାର ଆତ୍ମା ସମୂହକୁ [ଉତ ମଘୋନଃ] ବହନ କରି ସେମାନଙ୍କୁ ଜନ୍ମଚକ୍ରରୁ [ଜନାନ୍] ପାର କରାଇବ [ପାରୟାତ୍] ଏବଂ [ଚ] ଶାନ୍ତିକୁ ମଧ୍ୟ [ଶର୍ମ ଚ] ପାର କରାଇବ।

*ଭାବାର୍ଥ : କବିଗଣ ସତ୍ୟ ଓ ଧର୍ମକୁ ବିଧାତାଙ୍କର ପୋତ ରୂପେ ବର୍ଣ୍ଣନା କରିଛନ୍ତି। କିନ୍ତୁ ଯଥାର୍ଥରେ କ୍ରମବିକାଶଶୀଳ ଅନ୍ତରାତ୍ମାହିଁ ପୋତ ଯାହାକି ପରମାତ୍ମାଙ୍କର ଅନନ୍ତ ଚେତନା-ସାଗରରେ ଆଗକୁ ଆଗକୁ ଭାସିଚାଲିଛି ଶାଶ୍ୱତ କାଳ ଧରି ।*

**ଅଭୀ ନୋ ଅଗ୍ନ ଉକ୍ଥମିଜ୍ଜୁଗୁର୍ୟା ଦ୍ୟାବାକ୍ଷାମା ସିନ୍ଧବଶ୍ଚ ସ୍ୱଗୂର୍ତାଃ।**
**ଗବ୍ୟଂ ୟବ୍ୟଂ ୟନ୍ତୋ ଦୀର୍ଘାହେଷଂ ବରମରୁଣ୍ୟୋ ବରନ୍ତ॥୧୩॥**

*ଅଭି ନଃ ଅଗ୍ନେ ଉକ୍ଥମ୍ ଇତ୍ ଜୁଗୁର୍ୟାଃ ଦ୍ୟାବାକ୍ଷାମା ସିନ୍ଧବଃ ଚ ସ୍ୱ-ଗୂର୍ତାଃ /*
*ଗବ୍ୟମ୍ ୟବ୍ୟମ୍ ୟନ୍ତଃ ଦୀର୍ଘା ଅହା ଇଷମ୍ ବରମ୍ ଅରୁଣ୍ୟଃ ବରନ୍ତ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମର କର୍ମଚକ୍ରର କେନ୍ଦ୍ରସ୍ୱରୂପ ଆମର ଅନ୍ତର୍ବଚନର ପରିମଣ୍ଡଳରେ [ନଃ ଉକ୍ଥମ୍ ଅଭି] ଆମ୍ଭମାନଙ୍କ ନିମନ୍ତେ ସ୍ୱର୍ଗ-ପୃଥିବୀ [ଦ୍ୟାବାକ୍ଷାମା] ଓ ସ୍ୱୟଂ-ଅଭିବ୍ୟକ୍ତିଶୀଳା [ସ୍ୱଗୁର୍ତାଃ] ନଦୀଗଣଙ୍କୁ [ସିନ୍ଧବଃ] ପ୍ରକାଶକୁ ଆଣ [ଜୁଗୁର୍ୟାଃ]; ଅରୁଣବର୍ଣ୍ଣା ଗାଭୀଗଣ [ଅରୁଣ୍ୟଃ] ଜ୍ଞାନ [ଗବ୍ୟମ୍] ବଳ [ୟବ୍ୟମ୍] ଏବଂ ଆଲୋକଦୀପ୍ତ ଦୀର୍ଘ ଦିବସକୁ [ଦୀର୍ଘା ଅହା] ପ୍ରାପ୍ତ ହୁଅନ୍ତୁ [ୟନ୍ତଃ], ସେମାନେ ଶକ୍ତିକୁ [ଇଷମ୍] ଏବଂ ପରମ କଲ୍ୟାଣକୁ [ବରମ୍] ବରଣ କରନ୍ତୁ [ବରନ୍ତ]।

ଭାବାର୍ଥ : ଜଗତରେ ଯାହା କିଛି ନୂଆକଥା ଘଟେ ତାହା ପ୍ରଥମେ ବାକ୍ ରୂପରେ କୌଣସି ମାନବ ହୃଦୟରେ ପ୍ରକଟ ହୁଏ। ଏଣୁ ଅନ୍ତର୍ବାକ୍ ହେଉଛି ଅଗ୍ନିଙ୍କର କର୍ମସ୍ଥଳୀ। ନବୀନ ଐଶ୍ୱର୍ଯ୍ୟର ସ୍ୱର୍ଗ, ନବୀନ ସୌନ୍ଦର୍ଯ୍ୟର ପୃଥିବୀ ଓ ଅକ୍ଷୟ ନବଚେତନାର ଧାରା ଅଭିବ୍ୟକ୍ତ ହେଉ ତଥା ଚୈତନ୍ୟ-ଧେନୁଗଣ ଆଉ ଅନ୍ଧକାରର ଗର୍ଭକୁ ନ ଯାଆନ୍ତୁ ବୋଲି ସୂକ୍ତ ଶେଷରେ ଋଷିଙ୍କର ଗଭୀର ଆକୂତି।

# ଋଗ୍‌ବେଦ

# ଦ୍ୱିତୀୟ ମଣ୍ଡଳ

# ଗୃତ୍ସମଦ ଭାର୍ଗବ

ସୂକ୍ତ : ୧ ॥ ଋଷି : ଗୃତ୍ସମଦ ଭାର୍ଗବ, ଛନ୍ଦ : ଜଗତୀ

**ତ୍ୱମଗ୍ନେ ଦ୍ୟୁଭିସ୍ତ୍ୱମାଶୁଶୁକ୍ଷଣିସ୍ତ୍ୱମଦ୍ଭ୍ୟସ୍ତ୍ୱମଶ୍ମନସ୍ପରି ।**
**ତ୍ୱଂ ବନେଭ୍ୟସ୍ତ୍ୱମୋଷଧୀଭ୍ୟସ୍ତ୍ୱଂ ନୃଣାଂ ନୃପତେ ଜାୟସେ ଶୁଚିଃ ॥୧॥**

*ତ୍ୱମ୍ ଅଗ୍ନେ ଦ୍ୟୁଭିଃ ତ୍ୱମ୍ ଆଶୁଶୁକ୍ଷଣିଃ ତ୍ୱମ୍ ଅଦ୍ଭ୍ୟଃ ତ୍ୱମ୍ ଅଶ୍ମନଃ ପରି /*
*ତ୍ୱମ୍ ବନେଭ୍ୟଃ ତ୍ୱମ୍ ଓଷଧୀଭ୍ୟଃ ତ୍ୱମ୍ ନୃଣାମ୍ ନୃପତେ ଜାୟସେ ଶୁଚିଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ତୁମର ଆଲୋକମଣ୍ଡଳ ସହିତ ପ୍ରଜ୍ୱଳିତ [ତ୍ୱଂ ଦ୍ୟୁଭିଃ], ଆମମାନଙ୍କ ଉପରେ ତୁମେ ତୁମର ମହାଜ୍ୟୋତିକୁ ବିକିରଣ କରୁଛ [ତ୍ୱମ୍ ଆଶୁଶୁକ୍ଷଣିଃ]; ଜଳଧାରାଗୁଡ଼ିକରୁ ତୁମର ଜନ୍ମ [ତ୍ୱମ୍ ଅଦ୍ଭ୍ୟଃ] ଏବଂ ପଥରକୁ ପରିବେଷ୍ଟନ କରି ରହିଛ [ଅଶ୍ମନଃ ପରି], ଅରଣ୍ୟରାଜିରୁ ତୁମର ଜନ୍ମ [ତ୍ୱଂ ବନେଭ୍ୟଃ] ଏବଂ ଭୂମିର ବନସ୍ପତିମାନଙ୍କରୁ ତୁମେ ଜାତ [ତ୍ୱମ୍ ଓଷଧୀଭ୍ୟଃ], ହେ ମନୁଷ୍ୟମାନଙ୍କର ଏବଂ ମାନବଜାତିର ପ୍ରଭୁ [ନୃଣାଂ ନୃପତେ], ଶୁଦ୍ଧପୂତ ତୁମର ଜନ୍ମ [ଶୁଚିଃ ଜାୟସେ]।

*ଭାବାର୍ଥ : ଜଳଧାରା : ଚେତନାର ଧାରା; ବିଶ୍ୱର ପ୍ରତ୍ୟେକ କ୍ରିୟାରେ ସତ୍ୟ-ଚେତନା ଅସଂଖ୍ୟ ଧାରାରେ ପ୍ରବହମାନା । ପଥର : ପରିବର୍ତ୍ତନବିମୁଖୀ ତଥା ସତ୍ୟର ପ୍ରଗତିଶୀଳ ପ୍ରେରଣାକୁ ଅସ୍ୱୀକାର କରୁଥିବା ଚେତନା। ଅସଂସ୍କୃତ ପ୍ରାଣ-ଚେତନାକୁ ଅରଣ୍ୟ କୁହାଯାଏ।*

**ତବାଗ୍ନେ ହୋତ୍ରଂ ତବ ପୋତ୍ରମୃତ୍ୱିୟଂ ତବ ନେଷ୍ଟ୍ରଂ ତ୍ୱମଗ୍ନିଦୃତାୟତଃ ।**
**ତବ ପ୍ରଶାସ୍ତ୍ରଂ ତ୍ୱମଧ୍ୱରୀୟସି ବ୍ରହ୍ମା ଚାସି ଗୃହପତିଶ୍ଚ ନୋ ଦମେ ॥୨॥**

*ତବ ଅଗ୍ନେ ହୋତ୍ରମ୍ ତବ ପୋତ୍ରମ୍ ଋତ୍ୱିୟମ୍ ତବ ନେଷ୍ଟ୍ରମ୍ ତ୍ୱମ୍ ଅଗ୍ନିତ୍-ଋତାୟତଃ /*
*ତବ ପ୍ରଶାସ୍ତ୍ରମ୍ ତ୍ୱମ୍ ଅଧ୍ୱରୀୟସି ବ୍ରହ୍ମା ଚ ଅସି ଗୃହପତିଃ ଚ ନଃ ଦମେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଆବାହନ ଓ ଆହୁତି ଉଭୟହିଁ ତୁମର [ହୋତ୍ରଂ ତବ], ଶୁଦ୍ଧୀକରଣ [ପୋତ୍ରମ୍] ଓ ଯଜ୍ଞବିଧି [ଋତ୍ୱିୟମ୍] ତୁମର [ତବ], ପ୍ରଭା-ବିସ୍ତାର ତୁମର [ନେଷ୍ଟ୍ରଂ ତବ]; ସତ୍ୟାନୁସନ୍ଧାନୀ ସାଧକ ନିମନ୍ତେ ତୁମେ ଅଗ୍ନିଙ୍କୁ ନେଇ ଆସ [ତ୍ୱମ୍ ଅଗ୍ନିତ୍-ଋତାୟତଃ]। ପ୍ରଶସ୍ତି-ବଚନ ତୁମର [ପ୍ରଶାସ୍ତ୍ରଂ ତବ], ତୁମେ ଗତିଶୀଳ ଯଜ୍ଞର ବିଧି-ବିଧାନ ଅଟ[1] [ତ୍ୱମ୍ ଅଧ୍ୱରୀୟସି] : ତୁମେ ମହାବାକ୍ୟର ପୁରୋହିତ [ବ୍ରହ୍ମା ଅସି] ଏବଂ ଆମମାନଙ୍କ ଗୃହରେ [ନଃ ଦମେ] ତୁମେ ଗୃହପତି ଅଟ [ଗୃହପତିଃ ଚ]।

*ଭାବାର୍ଥ : ସର୍ବସତ୍ତ୍ୱାଧିକାରୀ ଭାବେ ଏଠାରେ ଅଗ୍ନିଙ୍କର ସ୍ତବ କରାଯାଇଛି। ନିମ୍ନ ଜଗତର ଅଭୀପ୍ସାଗ୍ନି ପରଜଗତର ଜ୍ୟୋତିର୍ଜ୍ଞାନମୟ ଅଗ୍ନିଙ୍କୁ ସାଧକ ନିମନ୍ତେ ଅବତରଣ କରାଇ ଆଣନ୍ତି। ଅନ୍ତଃ-ପ୍ରେରିତ ପ୍ରଚୋଦିତ ସତ୍ୟବଚନକୁ ମହାବାକ୍ୟ କୁହାଯାଏ।*

**ତ୍ୱମଗ୍ନ ଇନ୍ଦ୍ରୋ ବୃଷଭଃ ସତାମସି ତ୍ୱଂ ବିଷ୍ଣୁରୁରୁଗାୟୋ ନମସ୍ୟଃ।**
**ତ୍ୱଂ ବ୍ରହ୍ମା ରୟିବିଦ୍ ବ୍ରହ୍ମଣସ୍ପତେ ତ୍ୱଂ ବିଧର୍ତଃ ସଚସେ ପୁରନ୍ଧ୍ୟା॥୩॥**

*ତ୍ୱମ୍ ଅଗ୍ନେ ଇନ୍ଦ୍ରଃ ବୃଷଭଃ ସତାମ୍ ଅସି ତ୍ୱମ୍ ବିଷ୍ଣୁଃ ଉରୁଗାୟଃ ନମସ୍ୟଃ /*
*ତ୍ୱମ୍ ବ୍ରହ୍ମା ରୟିବିଦ୍ ବ୍ରହ୍ମଣଃ-ପତେ ତ୍ୱମ୍ ବି-ଧର୍ତଃ ସଚସେ ପୁରମ୍ ଧା॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଅସ୍ତିତ୍ୱଧାରୀ ସକଳଙ୍କର [ସତାମ୍] ତୁମେ ଇନ୍ଦ୍ର ଓ ବୃଷଭ ଅଟ [ତ୍ୱମ୍ ଇନ୍ଦ୍ରଃ ବୃଷଭଃ] ଏବଂ ତୁମେ ହେଉଛ ବ୍ୟାପ୍ତ-ଗତିମାନ୍ ବିଷ୍ଣୁ [ଉରୁଗାୟଃ ବିଷ୍ଣୁଃ], ନମସ୍କାର ଦ୍ୱାରା ତୁମର ଅର୍ଚ୍ଚନା କରାଯାଏ [ନମସ୍ୟଃ]। ହେ ମହାବାକ୍ର ପ୍ରଭୁ ବାଚସ୍ପତି [ବ୍ରହ୍ମଣସ୍ପତେ], ତୁମେ ବ୍ରହ୍ମା ଅଟ [ତ୍ୱଂ ବ୍ରହ୍ମା], ତୁମେ ଦିବ୍ୟ ସମ୍ପଦର ଜ୍ଞାତା [ରୟିବିଦ୍]: ପ୍ରତ୍ୟେକଙ୍କୁ ଏବଂ ସକଳଙ୍କୁ [ପୁରମ୍] ଧାରଣ ଓ ପୋଷଣ କରୁଥିବା [ବିଧର୍ତଃ] ହେ ଅଗ୍ନି, ଚିନ୍ତାରାଜିର ଦେବୀଙ୍କ ସହ[2] [ଧା] ତୁମେ ଅତି ଘନିଷ୍ଠଭାବେ ସମ୍ବନ୍ଧିତ [ସଚସେ]।

*ଭାବାର୍ଥ : ଇନ୍ଦ୍ର – ଦିବ୍ୟମନ ବା ମନରାଜ୍ୟର ଅଧିପତି; ବୃଷଭ – ସକଳ ପ୍ରାଚୁର୍ଯ୍ୟର ଉତ୍ସ; ବିଷ୍ଣୁ – ସର୍ବବ୍ୟାପକ ଦେବତା; ନମଃ – ସମର୍ପଣ; ନଗର-ଅଧିଷ୍ଠାତ୍ରୀ ଦେବୀ – ସମସ୍ତ ବୌଦ୍ଧିକ ଓ ଆର୍ଥିକ ବିକାଶର ଦେବୀ।*

[1] ଅଥବା, ତୁମେ ଅଧ୍ୱର-ଯଜ୍ଞବିଧିର ପୁରୋହିତ ଅଟ।

[2] ଅଥବା, ନଗର ଅଧିଷ୍ଠାତ୍ରୀ ଦେବୀଙ୍କ ସହ।



**ତ୍ୱମଗ୍ନେ ରାଜା ବରୁଣୋ ଧୃତବ୍ରତସ୍ତ୍ୱଂ ମିତ୍ରୋ ଭବସି ଦସ୍ମ ଈଡ୍ୟଃ।**
**ତ୍ୱମର୍ଯମା ସତ୍ପତିର୍ଯସ୍ୟ ସଂଭୁଜଂ ତ୍ୱମଂଶୋ ବିଦଥେ ଦେବ ଭାଜୟୁଃ॥୪॥**

*ତ୍ୱମ୍ ଅଗ୍ନେ ରାଜା ବରୁଣଃ ଧୃତବ୍ରତଃ ତ୍ୱମ୍ ମିତ୍ରଃ ଭବସି ଦସ୍ମଃ ଈଡ୍ୟଃ /*
*ତ୍ୱମ୍ ଅର୍ଯମା ସତ୍-ପତିଃ ଯସ୍ୟ ସଂଭୁଜମ୍ ତ୍ୱମ୍ ଅଂଶଃ ବିଦଥେ ଦେବ ଭାଜୟୁଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ବରୁଣ ରାଜା ଅଟ [ତ୍ୱଂ ରାଜା ବରୁଣଃ] ଯେକି ସକଳ କର୍ମର ବିଧିସୂତ୍ରକୁ ନିଜ ହସ୍ତରେ ଧାରଣ କରିଛନ୍ତି [ଧୃତବ୍ରତଃ] ଏବଂ ତୁମେ ଆତ୍ମଶକ୍ତିମାନ୍ [ଦସ୍ମଃ] ସକଳଙ୍କର ଇପ୍‌ସିତ [ଈଡ୍ୟଃ] ମିତ୍ରଦେବତା ଅଟ [ମିତ୍ରଃ ଭବସି]। ତୁମେ ସକଳ ସତ୍ତାର ପତି ଅର୍ଯମା ଦେବତା ଅଟ [ତ୍ୱଂ ସତ୍ପତିଃ ଅର୍ଯମା] ଯାହାଙ୍କଠାରେ ରହିଛି ପୂର୍ଣ୍ଣ ସଂଭୋଗ [ସଂଭୁଜମ୍]; ହେ ଦେବ [ଦେବ], ତୁମେ ଅଂଶ-ଦେବତା ଅଟ [ତ୍ୱମ୍ ଅଂଶଃ] ଯିଏକି ଜ୍ଞାନକୁ ଜୟ କରିବାର ସଂଗ୍ରାମରେ [ଭା-ଜୟୁଃ] ଆମକୁ ଅଂଶ ଗ୍ରହଣ କରିବାକୁ ଦିଅନ୍ତି [ବିଦଥେ]।

*ଭାବାର୍ଥ : ଏହିଠାରୁ ନିମ୍ନୋକ୍ତ କେତୋଟି ମନ୍ତ୍ରରେ ଋଷି ଦର୍ଶାଇଛନ୍ତି କିପରି ସର୍ବଦେବତାଙ୍କର ଗୁଣ ଓ ସାମର୍ଥ୍ୟ ଅଗ୍ନିଙ୍କଠାରେ ନିହିତ। ବରୁଣ – ବିସ୍ତୃତି ଓ ବିଶାଳତାର ଦେବତା; ମିତ୍ର – ପ୍ରେମ ଓ ସଂଗତିର ଦେବତା; ଅର୍ଯମା – ସତ୍ୟ-ଶକ୍ତି ଓ କର୍ମର ଦେବତା।*

**ତ୍ୱମଗ୍ନେ ତ୍ୱଷ୍ଟା ବିଧତେ ସୁବୀର୍ଯଂ ତବ ଗ୍ନାବୋ ମିତ୍ରମହଃ ସଜାତ୍ୟମ୍।**
**ତ୍ୱମାଶୁହେମା ରରିଷେ ସ୍ୱଶ୍ୱ୍ୟଂ ତ୍ୱଂ ନରାଂ ଶର୍ଧୋ ଅସି ପୁରୂବସୁଃ॥୫॥**

*ତ୍ୱମ୍ ଅଗ୍ନେ ତ୍ୱଷ୍ଟା ବିଧତେ ସୁବୀର୍ଯମ୍ ତବ ଗ୍ନାବଃ ମିତ୍ର-ମହଃ ସଜାତ୍ୟମ୍ /*
*ତ୍ୱମ୍ ଆଶୁ-ହେମା ରରିଷେ ସୁ-ଅଶ୍ୱ୍ୟମ୍ ତ୍ୱମ୍ ନରାମ୍ ଶର୍ଧଃ ଅସି ପୁରୁବସୁଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ତ୍ୱଷ୍ଟା [ତ୍ୱଂ ତ୍ୱଷ୍ଟା] ଏବଂ ତୁମର ଉପାସକଙ୍କୁ [ବିଧତେ] ତୁମେ ପରିପୂର୍ଣ୍ଣ ଶକ୍ତିରେ ଶକ୍ତିମନ୍ତ କରିଥାଅ [ସୁବୀର୍ଯମ୍]; ହେ ମିତ୍ରଜ୍ୟୋତିଃ [ମିତ୍ରମହଃ]! ଦେବୀ-ଶକ୍ତିସମୂହ [ଗ୍ନାବଃ] ଏବଂ ସମଜାତୀୟ ଜୀବଗଣ [ସଜାତ୍ୟମ୍] ହେଉଛନ୍ତି ତୁମର [ତବ]। ତୁମେ ତୀବ୍ର ବେଗବାନ୍ [ତ୍ୱମ୍ ଆଶୁହେମା] ଏବଂ ଶୋଭନ ମହା-ଅଶ୍ୱଶକ୍ତିକୁ ତୁମେ ଅକୁଣ୍ଠିତ ଭାବରେ ପ୍ରଦାନ କରିଥାଅ [ସୁ-ଅଶ୍ୱ୍ୟଂ ରରିଷେ]; ତୁମେ ଦେବଗଣଙ୍କର ସତ୍କାରକ ଅଟ [ନରାଂ ଶର୍ଧଃ ଅସି] ଏବଂ ତୁମେ ବୈଚିତ୍ର୍ୟମୟ ସମ୍ପଦରାଜିର ପ୍ରଭୁ ଅଟ [ପୁରୁବସୁଃ]।

*ଭାବାର୍ଥ : ତ୍ୱଷ୍ଟା – ଜୀବର ଆତ୍ମା ଓ କର୍ମର ପ୍ରବର୍ଦ୍ଧକ ଦେବତା । ଦୟା, କ୍ଷମା, ଶ୍ରୀ, ବୁଦ୍ଧି ପ୍ରଭୃତି ଦେବୀ-ଶକ୍ତି ସମୂହ ତଥା ସମଜାତୀୟ ଜୀବଶ୍ରେଣୀଗୁଡ଼ିକ ହେଉଛନ୍ତି ଏହି ଗୁହ୍ୟ ଅଗ୍ନିଙ୍କର ଅଭିବ୍ୟକ୍ତି ।*

**ତ୍ୱମଗ୍ନେ ରୁଦ୍ରୋ ଅସୁରୋ ମହୋ ଦିବସ୍ତ୍ୱଂ ଶର୍ଧୋ ମାରୁତଂ ପୃକ୍ଷ ଈଶିଷେ ।**
**ତ୍ୱଂ ବାତୈରରୁଣୈର୍ୟାସି ଶଂଗୟସ୍ତ୍ୱଂ ପୂଷା ବିଧତଃ ପାସି ନୁ ତ୍ମନା ।।୬।।**

*ତ୍ୱମ୍ ଅଗ୍ନେ ରୁଦ୍ରଃ ଅସୁରଃ ମହଃ ଦିବଃ ତ୍ୱମ୍ ଶର୍ଧଃ ମାରୁତମ୍ ପୃକ୍ଷଃ ଈଶିଷେ /*
*ତ୍ୱମ୍ ବାତୈଃ ଅରୁଣୈଃ ଯାସି ଶଂଗୟଃ ତ୍ୱମ୍ ପୂଷା ବିଧତଃ ପାସି ନୁ ତ୍ମନା ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ରୁଦ୍ର [ତ୍ୱଂ ରୁଦ୍ରଃ], ମହାଦ୍ୟୁଲୋକର [ମହଃ ଦିବଃ] ତୁମେ ମହାଶକ୍ତିମାନ୍ [ଅସୁରଃ] ଏବଂ ବିଶ୍ୱ-ପ୍ରାଣ-ଦେବତାଙ୍କର ତୁମେ ସେନା [ମାରୁତଂ ଶର୍ଧଃ] ତଥା ଯାହାସବୁ ଆମର ମନସ୍କାମନା ପୂରଣ କରନ୍ତି [ପୃକ୍ଷଃ] ସେମାନଙ୍କର ତୁମେ ଈଶ୍ୱର [ଈଶିଷେ] । ତୁମ ନିଜକୁ ବହିନେବା ନିମନ୍ତେ ପ୍ରାତଃକାଳୀନ ଅରୁଣ ବାୟୁରେ ତୁମେ ଯାତ୍ରା କର [ତ୍ୱଂ ବାତୈଃ ଅରୁଣୈଃ ଯାସି] ଏବଂ ଆନନ୍ଦର ଭବନ ହେଉଛି ତୁମର [ଶଂଗୟଃ ତ୍ୱମ୍]; ତୁମେ ହେଉଛ ପୂଷା ଦେବତା [ପୂଷା] ଏବଂ ତୁମର ପୂଜକକୁ [ବିଧତଃ] ତୁମେ ନିଜ ମଧ୍ୟରେ ଧାରଣ କରି [ତ୍ମନା] ରକ୍ଷା କରିଥାଅ [ପାସି ନୁ] ।

*ଭାବାର୍ଥ : ବେଦରେ ରୁଦ୍ରଙ୍କୁ ସ୍ୱର୍ଗର ମହାଶକ୍ତିଶାଳୀ ଦେବତାରୂପେ ବର୍ଣ୍ଣନା କରାଯାଇଛି । ସେ ମଧ୍ୟ ଇହଲୋକର ବିଘ୍ନବିନାଶକ ଓ ବିବର୍ତ୍ତନର ବିକାଶସାଧକ । ପ୍ରଭାତର ଅରୁଣ ବାୟୁ ଏକ ପ୍ରଗତିଶୀଳ ଶୁଦ୍ଧ ଚେତନାକୁ ବୁଝାଉଥାଇପାରେ, ଯାହା ମଧ୍ୟରେ ଅଗ୍ନିଙ୍କର କ୍ରିୟା ସହଜ ହୋଇଥାଏ । ପୂଷା ଦେବତା ମାନବର ଅନ୍ତଶ୍ଚେତନାକୁ ସୁରକ୍ଷିତ ଓ ପରିପୁଷ୍ଟ କରିଥା'ନ୍ତି ।*

**ତ୍ୱମଗ୍ନେ ଦ୍ରବିଣୋଦା ଅରଂକୃତେ ତ୍ୱଂ ଦେବଃ ସବିତା ରତ୍ନଧା ଅସି ।**
**ତ୍ୱଂ ଭଗୋ ନୃପତେ ବସ୍ୱ ଈଶିଷେ ତ୍ୱଂ ପାୟୁର୍ଦମେ ୟସ୍ତେଽବିଧତ୍ ।।୭।।**

*ତ୍ୱମ୍ ଅଗ୍ନେ ଦ୍ରବିଣଃ-ଦାଃ ଅରଂକୃତେ ତ୍ୱମ୍ ଦେବଃ ସବିତା ରତ୍ନଧା ଅସି /*
*ତ୍ୱମ୍ ଭଗଃ ନୃପତେ ବସ୍ୱଃ ଈଶିଷେ ତ୍ୱମ୍ ପାୟୁଃ ଦମେ ୟଃ ତେ ଅବିଧତ୍ ।।*





ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ତାହାକୁ ଧନଭଣ୍ଡାର ଦାନ କରିଥାଅ [ତ୍ୱଂ ଦ୍ରବିଣଃ-ଦାଃ] ଯିଏ ତା'ର କର୍ମକୁ ପ୍ରସ୍ତୁତ ଓ ସମ୍ୟକ୍ ସମ୍ପାଦନ କରେ [ଅରଂକୃତେ]; ତୁମେ ସବିତୃଦେବ [ତ୍ୱଂ ସବିତା ଦେବଃ] ଏବଂ ତୁମେ ମହୋଲ୍ଲାସର ଧାରକ [ରତ୍ନଧା ଅସି] । ହେ ନରପତି [ନରପତେ], ତୁମେ ଭଗ [ତ୍ୱଂ ଭଗଃ] ଏବଂ ସକଳ ବସୁର ତୁମେ ଈଶ୍ୱର [ବସ୍ୱଃ ଈଶିଷେ]; ଯିଏ ନିଜ କର୍ମ ଦ୍ୱାରା ତୁମର ଅର୍ଚ୍ଚନା କରେ [ୟଃ ତେ ଅବିଧତ୍] ତୁମେ [ତ୍ୱମ୍] ତା'ର ଗୃହରେ [ଦମେ] ତା'ର ରକ୍ଷକ ହୋଇଥାଅ [ପାୟୁଃ] ।

*ଭାବାର୍ଥ : ସବିତା – ସତ୍ୟ, ଯିଏ ଏହି ବିଶ୍ୱ-ବ୍ରହ୍ମାଣ୍ଡକୁ ଜନ୍ମ ଦେଇଛନ୍ତି; ଭଗ – ବସ୍ତୁ ସକଳର ସ୍ୱଚ୍ଛନ୍ଦ ଆନନ୍ଦ, ଯେଉଁଠି ନ ଥାଏ ପାପ ଓ ପ୍ରମାଦର ଆଶଙ୍କା; ଗୃହ – ହୃଦୟ-କନ୍ଦର ।*

**ତ୍ୱାମଗ୍ନେ ଦମ ଆ ବିଶ୍ପତିଂ ବିଶସ୍ତ୍ୱାଂ ରାଜାନଂ ସୁବିଦତ୍ରମୃଞ୍ଜତେ ।**
**ତ୍ୱଂ ବିଶ୍ୱାନି ସ୍ୱନୀକ ପତ୍ୟସେ ତ୍ୱଂ ସହସ୍ରାଣି ଶତା ଦଶ ପ୍ରତି ।।୮।।**

*ତ୍ୱାମ୍ ଅଗ୍ନେ ଦମେ ଆ ବିଶ୍-ପତିମ୍ ବିଶଃ ତ୍ୱାମ୍ ରାଜାନମ୍ ସୁବିଦତ୍ରମ୍ ଋଞ୍ଜତେ /*
*ତ୍ୱମ୍ ବିଶ୍ୱାନି ସୁ-ଅନୀକ ପତ୍ୟସେ ତ୍ୱମ୍ ସହସ୍ରାଣି ଶତା ଦଶ ପ୍ରତି ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ମନୁଷ୍ୟ ତା' ନିଜ ଗୃହରେ [ଦମେ] ସକଳ ମାନବପ୍ରାଣୀଙ୍କର ପ୍ରଭୁ ତୁମରି ଦିଗକୁ ମୁଖ ଫେରାଏ [ବିଶ୍ପତିଂ ତ୍ୱାମ୍ ଆ]; ରାଜା ସୁଜ୍ଞାନୀ ତୁମକୁ [ରାଜାନଂ ସୁବିଦତ୍ରଂ ତ୍ୱାମ୍] ସେମାନେ [ବିଶ୍ୱା] ଅଭିଷିକ୍ତ କରିଛନ୍ତି [ଋଞ୍ଜତେ] । ହେ ବଳବାନ୍ ଅଗ୍ନି [ସ୍ୱନୀକ], ପ୍ରଭୁ ପରି ତୁମେ ସକଳ ବସ୍ତୁକୁ ସଂଚାଳନ କର [ତ୍ୱଂ ବିଶ୍ୱାନି ପତ୍ୟସେ]; ତୁମେ ସହସ୍ର, ଶତ ଓ ଦଶମାନଙ୍କୁ ମଧ୍ୟ [ତ୍ୱଂ ସହସ୍ରାଣି ଶତାଃ ଦଶ ପ୍ରତି] ସଂଚାଳନ କର ।

*ଭାବାର୍ଥ : ମନୁଷ୍ୟ ଯେତେବେଳେ ନିଜର ଅସ୍ତିତ୍ୱ ସମ୍ବନ୍ଧରେ ଆତ୍ମ-ସମୀକ୍ଷା କରେ ସେତେବେଳେ ସେ ତା'ର ଅନ୍ତରାତ୍ମା ଓ ଅଭୀପ୍ସା-ରୂପୀ ଅଗ୍ନିଙ୍କ ପ୍ରତି କୃତଜ୍ଞ ହୁଏ । ଏହିପରି ମନୁଷ୍ୟକୁ ରାଜା ସୁଜ୍ଞାନୀ କୁହାଯାଏ । ସହସ୍ର, ଶତ ଓ ଦଶ ପ୍ରଭୃତି ସଂଖ୍ୟା ଅସଂଖ୍ୟ ଅଭିମତର ପ୍ରତିନିଧିତ୍ୱ କରୁଛି ।*

**ତ୍ୱାମଗ୍ନେ ପିତରମିଷ୍ଟିଭିର୍ନରସ୍ତ୍ୱାଂ ଭ୍ରାତ୍ରାୟ ଶମ୍ୟା ତନୂରୁଚମ୍ ।**
**ତ୍ୱଂ ପୁତ୍ରୋ ଭବସି ୟସ୍ତେଽବିଧତ୍ତ୍ୱଂ ସଖା ସୁଶେବଃ ପାସ୍ୟାଧୃଷଃ ।।୯।।**

*ତ୍ୱାମ୍ ଅଗ୍ନେ ପିତରମ୍ ଇଷ୍ଟିଭିଃ ନରଃ ତ୍ୱାମ୍ ଭ୍ରାତ୍ରାୟ ଶମ୍ୟା ତନୂରୁଚମ୍ /*
*ତ୍ୱମ୍ ପୁତ୍ରଃ ଭବସି ଯଃ ତେ ଅବିଧତ୍ ତ୍ୱମ୍ ସଖା ସୁ-ଶେବଃ ପାସି ଆ-ଧୃଷଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଲୋକମାନେ [ନରାଃ] ତୁମକୁ [ତ୍ୱାମ୍] ପିତାରୂପେ [ପିତରମ୍] ନାନା ପ୍ରକାର ଯଜ୍ଞ ଦ୍ୱାରା [ଇଷ୍ଟିଭିଃ] ପୂଜା କରନ୍ତି ଏବଂ ତୁମ ଜ୍ୟୋତି-ପ୍ରଦୀପ୍ତ-ଦେହରେ ଦେଦୀପ୍ୟମାନ ହୋଇ [ତନୂରୁଚମ୍] ସେମାନଙ୍କ କର୍ମଫଳଗୁଡ଼ିକରେ [ଶମ୍ୟା] ତୁମେ ଭ୍ରାତା ହୁଅ [ତ୍ୱାଂ ଭ୍ରାତାୟ]। ଯିଏ ତୁମକୁ ବିଧିପୂର୍ବକ ପୂଜା କରେ [ଅବିଧତ୍] ତୁମେ ତା'ର ପୁତ୍ର ହୁଅ [ପୁତ୍ରଃ ଭବସି]; ତୁମେ ତା'ର ଆନନ୍ଦମୟ ସଖା [ସୁଶେବଃ ସଖା] ଏବଂ ବିଘ୍ନକାରୀର ଆକ୍ରମଣରୁ [ଆଧୃଷଃ] ତୁମେ ତାକୁ ରକ୍ଷାକର [ପାସି]।

*ଭାବାର୍ଥ : ମନୁଷ୍ୟ ଓ ଦିବ୍ୟ ଅଗ୍ନିଙ୍କ ମଧ୍ୟରେ ଭାବର ସକଳ ଘନିଷ୍ଠ ସମ୍ପର୍କ ବିଷୟ ଏହି ମନ୍ତ୍ରରେ ଫୁଟି ଉଠିଛି।*

**ତ୍ୱମଗ୍ନ ଋଭୁରାକେ ନମସ୍ୟସ୍ତ୍ୱଂ ବାଜସ୍ୟ କ୍ଷୁମତୋ ରାୟ ଈଶିଷେ।**
**ତ୍ୱଂ ବି ଭାସ୍ୟନୁ ଦକ୍ଷି ଦାବନେ ତ୍ୱଂ ବିଶିକ୍ଷୁରସି ଯଜ୍ଞମାତନିଃ॥୧୦॥**

*ତ୍ୱମ୍ ଅଗ୍ନେ ଋଭୁଃ ଆକେ ନମସ୍ୟଃ ତ୍ୱମ୍ ବାଜସ୍ୟ କ୍ଷୁମତଃ ରାୟଃ ଈଶିଷେ /*
*ତ୍ୱମ୍ ବି ଭାସି ଅନୁ ଧକ୍ଷି ଦାବନେ ତ୍ୱମ୍ ବିଶିକ୍ଷୁଃ ଅସି ଯଜ୍ଞମ୍ ଆତନିଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ତୁମେ ହେଉଛ କାରିଗର ଋଭୁ [ତ୍ୱମ୍ ଋଭୁଃ], ଆମର ସମୀପରେ [ଆକେ] ଏବଂ ଆମର ସମର୍ପଣାତ୍ମକ ପ୍ରଣତି ସହ ତୁମେ ପୂଜନୀୟ [ତ୍ୱଂ ନମସ୍ୟଃ]; ଆମର ପ୍ରାଚୁର୍ଯ୍ୟର [ବାଜସ୍ୟ] ଓ ସମ୍ପଦ-ଭଣ୍ଡାରର [ରାୟଃ କ୍ଷୁମତଃ] ତୁମେ ପ୍ରଭୁ ଅଟ [ଈଶିଷେ]। ତୁମର ବିସ୍ତୃତ ଜ୍ୱଳନ୍ତ ସକଳ ପ୍ରଭା [ତ୍ୱଂ ବିଭାସି] ଏବଂ ଉତ୍ତରୋତ୍ତର ଜ୍ୱଳନ [ଅନୁ ଧକ୍ଷି] ହେଉଛି ରତ୍ନଭଣ୍ଡାରର ବରଦାନ [ଦାବନେ]; ତୁମେ ଆମ ବୁଦ୍ଧିର ଶିକ୍ଷକ [ତ୍ୱଂ ବିଶିକ୍ଷୁଃ] ଏବଂ ଆମ ଯଜ୍ଞର ନିର୍ମାତା ଅଟ [ଯଜ୍ଞମ୍ ଆତନିଃ ଅସି]।

*ଭାବାର୍ଥ : ଋଭୁ ଦେବତା ହେଉଛନ୍ତି ଦିବ୍ୟ କାରିଗର, ଅମରତ୍ୱର ଶିଳ୍ପୀ, ପୃଥିବୀର ସକଳ ଆକୃତି ବା ଗଠନ ତାଙ୍କରି ଦ୍ୱାରା ଗଠିତ। ଏହି ମନ୍ତ୍ରରେ ସକଳ ବର୍ଣ୍ଣନା ଋଭୁଙ୍କର ଯାହାକି ଅଗ୍ନିଙ୍କ ମଧ୍ୟରେ ନିହିତ।*



**ତ୍ୱମଗ୍ନେ ଅଦିତିର୍ଦେବ ଦାଶୁଷେ ତ୍ୱଂ ହୋତ୍ରା ଭାରତୀ ବର୍ଧସେ ଗିରା।**
**ତ୍ୱମିଳା ଶତହିମାସି ଦକ୍ଷସେ ତ୍ୱଂ ବୃତ୍ରହା ବସୁପତେ ସରସ୍ୱତୀ॥୧୧॥**

*ତ୍ୱମ୍ ଅଗ୍ନେ ଅଦିତିଃ ଦେବ ଦାଶୁଷେ ତ୍ୱମ୍ ହୋତ୍ରା ଭାରତୀ ବର୍ଧସେ ଗିରା /*
*ତ୍ୱମ୍ ଇଳା ଶତହିମା ଅସି ଦକ୍ଷସେ ତ୍ୱମ୍ ବୃତ୍ରହା ବସୁପତେ ସରସ୍ୱତୀ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦିବ୍ୟ ଅଗ୍ନି [ଦେବ ଅଗ୍ନେ], ଯଜ୍ଞର ଦାତାଙ୍କଠାରେ [ଦାଶୁଷେ] ତୁମେ ଅବିଭାଜ୍ୟା ମା' ଅଦିତି [ତ୍ୱମ୍ ଅଦିତିଃ], ତୁମେ ଆହୁତିର ବାକ୍, ଭାରତୀ [ତ୍ୱଂ ହୋତ୍ରା ଭାରତୀ], ଏବଂ ତୁମେ ବଚନ ମାଧ୍ୟମରେ ବୃଦ୍ଧିଲାଭ କର [ଗିରା ବର୍ଧସେ]। ତୁମେ ଇଳା ଅଟ [ତ୍ୱମ୍ ଇଳା ଅସି] ଯାହାଙ୍କୁ ଅବଧାରଣା କରିବା ପାଇଁ ଶତ ହେମନ୍ତର ଆୟୁ ଆବଶ୍ୟକ ହୁଏ [ଶତହିମା]; ହେ ସମ୍ପଦର ସ୍ୱାମିନ୍ [ବସୁପତେ], ତୁମେ ସରସ୍ୱତୀ [ତ୍ୱଂ ସରସ୍ୱତୀ] ଯିଏ ପଥରୋଧକାରୀ ଅସୁର ବୃତ୍ରକୁ ହତ୍ୟା କରନ୍ତି [ବୃତ୍ରହା]।

*ଭାବାର୍ଥ : ଅଗ୍ନିଙ୍କଠାରେ ସକଳ ଦେବତାଙ୍କର ଗୁଣ ପ୍ରତିପାଦନ କରିସାରିବା ପରେ ଋଷି ଏଠାରେ ଅଦିତି, ଭାରତୀ, ଇଳା, ସରସ୍ୱତୀ ପ୍ରଭୃତି ଦେବୀଙ୍କର ତତ୍ତ୍ୱ ଓ କର୍ମ ବର୍ଣ୍ଣନା କରିଛନ୍ତି।*

**ତ୍ୱମଗ୍ନେ ସୁଭୃତ ଉତ୍ତମଂ ବୟସ୍ତବ ସ୍ପାର୍ହେ ବର୍ଣ ଆ ସଂଦୃଶି ଶ୍ରିୟଃ।**
**ତ୍ୱଂ ବାଜଃ ପ୍ରତରଣୋ ବୃହନ୍ନସି ତ୍ୱଂ ରୟିର୍ବହୁଲୋ ବିଶ୍ୱତସ୍ପୃଥୁଃ॥୧୨॥**

*ତ୍ୱମ୍ ଅଗ୍ନେ ସୁଭୃତଃ ଉତ୍ତମମ୍ ବୟଃ ତବ ସ୍ପାର୍ହେ ବର୍ଣେ ଆ ସଂଦୃଶି ଶ୍ରିୟଃ /*
*ତ୍ୱମ୍ ବାଜଃ ପ୍ରତରଣଃ ବୃହନ୍ ଅସି ତ୍ୱମ୍ ରୟିଃ ବହୁଲଃ ବିଶ୍ୱତଃ ପୃଥୁଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଯେତେବେଳେ ଆମ ଦ୍ୱାରା ତୁମେ ସୁଜନ୍ମ ଲାଭ କର [ସୁଭୃତଃ] ସେତେବେଳେ ତୁମେ ଆମ ସତ୍ତାର ସର୍ବୋତ୍ତମ ବୃଦ୍ଧି ଓ ବିସ୍ତୃତି ହୁଅ [ଉତ୍ତମଂ ବୟଃ], ତୁମରି ସ୍ପୃହଣୀୟ ବର୍ଣ୍ଣରେ ରହିଛି [ସ୍ପାର୍ହେ ବର୍ଣେ] ସମସ୍ତ ସମ୍ପଦ ଓ ଶୋଭା [ଆ ଶ୍ରିୟଃ] ଏବଂ ଏକ ସମ୍ୟକ୍ ଦୃଷ୍ଟିରେ ତୁମେ ଦୃଶ୍ୟମାନ [ସଂଦୃଶି]। ପ୍ରାଚୁର୍ଯ୍ୟମୟ ହେ ବୃହତ୍ [ବାଜଃ ବୃହନ୍], ଆମ ମାର୍ଗର ସୀମାନ୍ତକୁ ତୁମେ ଆମକୁ ବହନ କରିନିଅ [ପ୍ରତରଣଃ ଅସି]; ତୁମେ ସକଳ ଦିଗରେ ବିସ୍ତୃତ ସମ୍ପଦମାନଙ୍କର ପ୍ରାଚୁର୍ଯ୍ୟ [ତ୍ୱଂ ବିଶ୍ୱତଃ ପୃଥୁଃ ରୟିଃ ବହୁଲଃ]।

*ଭାବାର୍ଥ : ଆମଠାରେ ଅଗ୍ନି ଜନ୍ମନେବା ଅର୍ଥ ଦେବତ୍ୱ ଲାଭର ଅଭୀପ୍ସା ଜାଗ୍ରତ ହେବା। ଅଗ୍ନିଙ୍କର ବର୍ଣ୍ଣମୟ ଜ୍ୟୋତିଃ ହେଉଛି ଶକ୍ତି ଓ ଜ୍ଞାନ। ମାନବଠାରୁ ଆରମ୍ଭ କରି ଦେବତ୍ୱ ଲାଭ ପର୍ଯ୍ୟନ୍ତ ସତ୍ୟର ଦୀର୍ଘ ସାଧନା ପଥ ହେଉଛି ଆମର ଯଥାର୍ଥ ଯାତ୍ରାପଥ, ଅଗ୍ନି ଆମକୁ ସେପର୍ଯ୍ୟନ୍ତ ନେଇଯିବେ।*

**ତ୍ୱାମଗ୍ନ ଆଦିତ୍ୟାସ ଆସ୍ୟଂ ତ୍ୱାଂ ଜିହ୍ୱାଂ ଶୁଚୟଶ୍ଚକ୍ରିରେ କବେ।**
**ତ୍ୱାଂ ରାତିଷାଚୋ ଅଧ୍ୱରେଷୁ ସଶ୍ଚିରେ ତ୍ୱେ ଦେବା ହବିରଦନ୍ତ୍ୟାହୁତମ୍ ॥୧୩॥**

*ତ୍ୱାମ୍ ଅଗ୍ନେ ଆଦିତ୍ୟାସଃ ଆସ୍ୟମ୍ ତ୍ୱାମ୍ ଜିହ୍ୱାମ୍ ଶୁଚୟଃ ଚକ୍ରିରେ କବେ /*
*ତ୍ୱାମ୍ ରାତିଷାଚଃ ଅଧ୍ୱରେଷୁ ସଶ୍ଚିରେ ତ୍ୱେ ଦେବାଃ ହବିଃ ଅଦନ୍ତି ଆହୁତମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ମା' ଅଦିତିଙ୍କ (ଯାହାଙ୍କର ବିଭାଜନ ନାହିଁ) ସନ୍ତାନଗଣ [ଆଦିତ୍ୟାସଃ] ତୁମକୁ ସେମାନଙ୍କର ମୁଖରୂପେ ଗ୍ରହଣ କରିଛନ୍ତି [ଆସ୍ୟମ୍], ଶୁଦ୍ଧିର ଦେବଗଣ [ଶୁଚୟଃ] ତୁମକୁ ସେମାନଙ୍କର ଜିହ୍ୱାରୂପେ ଗ୍ରହଣ କରିଛନ୍ତି [ତ୍ୱାଂ ଜିହ୍ୱାମ୍]; ହେ ଦ୍ରଷ୍ଟା [କବେ], ଆମ୍ଭମାନଙ୍କ ଦାନର ନିତ୍ୟ ସନ୍ନିଧାନ ହୋଇ ରହିଥିବା ସେମାନେ [ରାତିଷାଚଃ] ସତ୍ୟପଥରେ ଯାତ୍ରାଯଜ୍ଞର ଉପଚାରରେ [ଅଧ୍ୱରେଷୁ] ତୁମ ସହ ସଂଯୁକ୍ତ ହୋଇ ରହିଛନ୍ତି [ସଶ୍ଚିରେ]; ଦେବଗଣଙ୍କ ସମକ୍ଷରେ ଯେଉଁ ଅର୍ପଣ କରାଯାଏ ତାହାକୁ ସେମାନେ (ଦେବଗଣ) ତୁମରି ମଧ୍ୟରେ ଥାଇ ଭୋଜନ କରନ୍ତି [ତ୍ୱେ ଦେବାଃ ଆହୁତଂ ହବିଃ ଅଦନ୍ତି]।

*ଭାବାର୍ଥ : ଦେବଗଣଙ୍କର ମୁଖ ଓ ଜିହ୍ୱା ହେଉଛନ୍ତି ଅଗ୍ନି, ସେମାନେ ଅଗ୍ନିଙ୍କ ମଧ୍ୟରେ ଥାଇ ଆହୁତି ଭୋଜନ କରୁଛନ୍ତି। ଅଗ୍ନିଙ୍କର ଯାତ୍ରାରେ ଦେବଗଣ ମଧ୍ୟ ସହଯାତ୍ରୀ।*

**ତ୍ୱେ ଅଗ୍ନେ ବିଶ୍ୱେ ଅମୃତାସୋ ଅଦ୍ରୁହ ଆସା ଦେବା ହବିରଦନ୍ତ୍ୟାହୁତମ୍।**
**ତ୍ୱୟା ମର୍ତାସଃ ସ୍ୱଦନ୍ତ ଆସୁତିଂ ତ୍ୱଂ ଗର୍ଭୋ ବୀରୁଧାଂ ଜଜ୍ଞିଷେ ଶୁଚିଃ ॥୧୪॥**

*ତ୍ୱେ ଅଗ୍ନେ ବିଶ୍ୱେ ଅମୃତାସଃ ଅଦ୍ରୁହଃ ଆସା ଦେବାଃ ହବିଃ ଅଦନ୍ତି ଆହୁତମ୍ /*
*ତ୍ୱୟା ମର୍ତାସଃ ସ୍ୱଦନ୍ତେ ଆସୁତିମ୍ ତ୍ୱମ୍ ଗର୍ଭଃ ବୀରୁଧାମ୍ ଜଜ୍ଞିଷେ ଶୁଚିଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ମାନବର ଅଦ୍ରୋହୀ [ଅଦ୍ରୁହଃ],



ମୃତ୍ୟୁଞ୍ଜୟୀ [ଅମୃତାସଃ] ସକଳ ଦେବଗଣ [ବିଶ୍ୱେ ଦେବାଃ] ତୁମରି ମଧ୍ୟରେ ଥାଇ [ତ୍ୱେ] ଏବଂ ତୁମରି ମୁଖରେ [ଆସା] ଭୋଜନ କରନ୍ତି [ଅଦନ୍ତି] ଯେଉଁ ଆହୁତି ସେମାନଙ୍କ ସମକ୍ଷରେ ଅର୍ପଣ କରାଯାଏ [ଆହୁତଂ ହବିଃ]; ମର୍ତ୍ତ୍ୟ ମାନବଗଣ [ମର୍ତାସଃ] ତୁମରି ଦ୍ୱାରା [ତ୍ୱୟା] ତର୍ପଣର ସ୍ୱାଦ ଲାଭ କରନ୍ତି [ଆସୁତିଂ ସ୍ୱଦନ୍ତଃ]। ତୁମର ଜନ୍ମ ପବିତ୍ର [ଶୁଚିଃ ଜଜ୍ଞିଷେ], ଧରଣୀସ୍ଥ ଅରଣ୍ୟ-ପ୍ରକୃତିର ତୁମେ ଶିଶୁ [ବୀରୁଧାଂ ଗର୍ଭଃ]।

*ଭାବାର୍ଥ : ଅରଣ୍ୟ ପ୍ରକୃତିରେ ଅଗ୍ନି ଜନ୍ମନେବା ଅର୍ଥ ଆମର ଅସଂସ୍କୃତ ପ୍ରାଣ-ରାଜ୍ୟରେ ଦିବ୍ୟ ଚେତନାର ଉତ୍ପତ୍ତି ହେବା, ଯଦ୍ୱାରା ତାହାର ସଂସ୍କାର ଓ ରୂପାନ୍ତର ସାଧିତ ହୁଏ।*

**ତ୍ୱଂ ତାନ୍ତ୍ସଂ ଚ ପ୍ରତି ଚାସି ମଜ୍ମନାଽଗ୍ନେ ସୁଜାତ ପ୍ର ଚ ଦେବ ରିଚ୍ୟସେ।**
**ପୃକ୍ଷୋ ଯଦତ୍ର ମହିନା ବି ତେ ଭୁବଦନୁ ଦ୍ୟାବାପୃଥିବୀ ରୋଦସୀ ଉଭେ ॥୧୫॥**

*ତ୍ୱମ୍ ତାନ୍ ସମ୍ ଚ ପ୍ରତି ଚ ଅସି ମଜ୍ମନା ଅଗ୍ନେ ସୁ-ଜାତ ପ୍ର ଚ ଦେବ ରିଚ୍ୟସେ /*
*ପୃକ୍ଷଃ ଯଦ୍ ଅତ୍ର ମହିନା ବି ତେ ଭୁବଦ୍ ଅନୁ ଦ୍ୟାବାପୃଥିବୀ ରୋଦସୀ ଉଭେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଏକ ସଫଳ ଜନ୍ମ ନେଇ ପ୍ରଦୀପ୍ତ ହେ ଅଗ୍ନି [ସୁଜାତ ଅଗ୍ନେ], ତୁମେ ଦେବଗଣଙ୍କ ମଧ୍ୟରେ ବିଦ୍ୟମାନ [ତାନ୍ ସମ୍] ଏବଂ ତୁମର ପ୍ରଭୁଶକ୍ତି ଦ୍ୱାରା [ମଜ୍ମନା ଚ] ତୁମେ ସେମାନଙ୍କର ସମ୍ମୁଖୀନ ହୋଇଥାଅ [ତ୍ୱଂ (ତାନ୍) ପ୍ରତି ଅସି] ଏବଂ [ଚ] ହେ ଦେବତା [ଦେବ], ଇହଲୋକରେ [ଅତ୍ର] ଯେତେବେଳେ [ଯତ୍] ତୁମର ତୃପ୍ତିକର ପୂର୍ଣ୍ଣତା [ତେ ପୃକ୍ଷଃ] ଉଭୟ ଲୋକରେ [ଉଭେ ରୋଦସୀ] ଅର୍ଥାତ୍ ଧରା ଓ ସ୍ୱର୍ଗରେ [ଦ୍ୟାବାପୃଥିବୀ] ସ୍ୱମହିମାରେ [ମହିମ୍ନା] ସର୍ବତ୍ର ଅନୁପ୍ରବିଷ୍ଟ ହୁଏ [ବି-ଅନୁ-ଭୁବତ୍] ସେତେବେଳେ ତୁମେ ସେମାନଙ୍କୁ (ଦେବଗଣଙ୍କୁ) ମଧ୍ୟ ଅତିକ୍ରମ କରିଯାଅ [ପ୍ର-ରିଚ୍ୟସେ]।

*ଭାବାର୍ଥ : ପରମ ଜଗତର ଦେବଗଣଙ୍କ ମଧ୍ୟରେ, ଏପରିକି ଇହଲୋକରେ ମଧ୍ୟ ଏହି ଅଗ୍ନି ଅନ୍ତର୍ଭୁକ୍ତ। ତାଙ୍କରି ମହିମାରେ ଏହି ଜଗତ ମଧ୍ୟ ପରମ ଜଗତରେ ରୂପାନ୍ତରିତ ହୋଇଯାଇପାରିବ।*

**ଯେ ସ୍ତୋତୃଭ୍ୟୋ ଗୋଅଗ୍ରାମଶ୍ୱପେଶସମଗ୍ନେ ରାତିମୁପସୃଜନ୍ତି ସୂରୟଃ।**
**ଅସ୍ମାଞ୍ଚ ତାଂଶ୍ଚ ପ୍ର ହି ନେଷି ବସ୍ୟ ଆ ବୃହଦ୍ୱଦେମ ବିଦଥେ ସୁବୀରାଃ ॥୧୬॥**

*ୟେ ସ୍ତୋତୃଭ୍ୟଃ ଗୋଅଗ୍ରାମ୍ ଅଶ୍ୱପେଶସମ୍ ଅଗ୍ନେ ରାତିମ୍ ଉପସୃଜନ୍ତି ସୂରୟଃ /*
*ଅସ୍ମାନ୍ ଚ଼ ତାନ୍ ଚ଼ ପ୍ର ହି ନେଷି ବସ୍ୟଃ ଆ ବୃହତ୍ ବଦେମ ବିଦଥେ ସୁବୀରାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେତେବେଳେ [ୟେ] ପ୍ରତିଭାବାନ୍ ଜ୍ଞାନିଗଣ [ସୂରୟଃ] ତୁମର ସ୍ତବଗାୟକମାନଙ୍କ ଉଦ୍ଦେଶ୍ୟରେ [ସ୍ତୋତୃଭ୍ୟଃ] ତୁମର ପ୍ରତିଦାନକୁ ଉନ୍ମୋଚିତ କରିଦିଅନ୍ତି [ଉପ-ସୃଜନ୍ତି], ହେ ଅଗ୍ନି, ସେତେବେଳେ, ସକଳ ସମ୍ପଦକୁ, ଯାହାର ଅଗ୍ରଭାଗ ଜ୍ୟୋତି-ର୍ଗାଭୀ [ଗୋ-ଅଗ୍ରାମ୍] ଓ ଦେହ ହେଉଛି ଅଶ୍ୱ [ଅଶ୍ୱପେଶସମ୍], ସେମାନଙ୍କୁ [ତାନ୍] ଓ ଆମ୍ଭମାନଙ୍କୁ [ଅସ୍ମାନ୍ ଚ] ତୁମେ ନେତୃତ୍ୱ ଦେଇ ନେଇଚାଲ ମହତ୍ତମ ସମୃଦ୍ଧିର ଜଗତ ଦିଗରେ [ବସ୍ୟଃ ନେଷି]। ବୀରମାନଙ୍କର ଶକ୍ତିରେ ବୀର୍ଯ୍ୟବାନ୍ ହେ ଅଗ୍ନି [ସୁବୀରାଃ], ଜ୍ଞାନର ଆଗମନୀରେ [ବିଦଥେ] ଆମେ ମହାବାକ୍ୟ ଉଚ୍ଚାରଣ କରୁଁ ବୋଲି ପ୍ରାର୍ଥନା କରୁଛୁ [ବୃହତ୍ ବଦେମ]।

*ଭାବାର୍ଥ : ଦିବ୍ୟ ସମ୍ପଦର ସମ୍ମୁଖଭାଗ ଗାଈ ଭଳି ଏବଂ ଅନ୍ୟ ଅବଶିଷ୍ଟ ଅଂଶ ଅଶ୍ୱ ପରି। ଜ୍ୟୋତିଃ, ଜ୍ଞାନର ପ୍ରତୀକ ଗାଈ; ଶକ୍ତି, କର୍ମର ପ୍ରତୀକ ଅଶ୍ୱ। ଏଣୁ ଜ୍ଞାନ ଓ କର୍ମ ଉଭୟ ମଧ୍ୟରେ ଦିବ୍ୟ ସମ୍ପଦ ଅବସ୍ଥିତ ଏବଂ ସତ୍ୟଜ୍ଞାନ ହେଉଛି ଏହାର ମୁଖ୍ୟ ଅଂଶ।*

ସୂକ୍ତ : ୨ ॥ ଋଷି : ଗୃତ୍ସମଦ ଭାର୍ଗବ, ଛନ୍ଦ : ଜଗତୀ

**ୟଜ୍ଞେନ ବର୍ଧତ ଜାତବେଦସମଗ୍ନିଂ ୟଜଧ୍ୱଂ ହବିଷା ତନା ଗିରା।**
**ସମିଧାନଂ ସୁପ୍ରୟସଂ ସ୍ୱର୍ଣରଂ ଦ୍ୟୁକ୍ଷଂ ହୋତାରଂ ବୃଜନେଷୁ ଧୂର୍ଷଦମ୍॥୧॥**

*ୟଜ୍ଞେନ ବର୍ଧତ ଜାତବେଦସମ୍ ଅଗ୍ନିମ୍ ୟଜଧ୍ୱମ୍ ହବିଷା ତନା ଗିରା /*
*ସମ୍-ଇଧାନମ୍ ସୁ-ପ୍ରୟସମ୍ ସ୍ୱଃ-ନରମ୍ ଦ୍ୟୁକ୍ଷମ୍ ହୋତାରମ୍ ବୃଜନେଷୁ ଧୂଃ-ସଦମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସକଳ ଜନ୍ମିତ ବସ୍ତୁର ଜ୍ଞାତା ଅଗ୍ନିଙ୍କୁ [ଜାତବେଦସମ୍] ତୁମର ଯଜ୍ଞ ଦ୍ୱାରା [ୟଜ୍ଞେନ] ବର୍ଦ୍ଧିତ କର [ବର୍ଧତ]; ତୁମର ଆହୁତି ଦ୍ୱାରା [ହବିଷା] ଓ ତୁମର ଦେହ ଦ୍ୱାରା [ତନା] ଓ ତୁମର ବାକ୍ୟ ଦ୍ୱାରା [ଗିରା] ତାଙ୍କର ଅର୍ଚ୍ଚନା କର [ୟଜଧ୍ୱମ୍]। ସମ୍ୟକ୍ ପ୍ରଜ୍ୱଳିତ [ସମିଧାନମ୍] ତାଙ୍କ ମଧ୍ୟରେ ରହିଛି ଉତ୍କୃଷ୍ଟ ଆନନ୍ଦ [ସୁ-ପ୍ରୟସମ୍], ଯିଏ ସୂର୍ଯ୍ୟଲୋକର ପୁରୁଷ [ସ୍ୱଃ-ନରମ୍], ଦେବ-ଆବାହନର ପୁରୋହିତ [ହୋତାରମ୍], ସ୍ୱର୍ଗର ଅଧିବାସୀ[୧] [ଦ୍ୟୁକ୍ଷମ୍], ଯିଏ ଆମର ସଂଗ୍ରାମଗୁଡ଼ିକରେ [ବୃଜନେଷୁ] ରଥଯୁଆଳିରେ ଆସୀନ [ଧୂର୍ଷଦମ୍], ଏହିପରି ଅଗ୍ନିଙ୍କର ଅର୍ଚ୍ଚନା କର।

*ଭାବାର୍ଥ : ଅନ୍ତରସ୍ଥ ଚୈତ୍ୟ-ଅଗ୍ନିଙ୍କର ବିକାଶ କର ବୋଲି ଋଷି ମାନବଜାତିକୁ ଆହ୍ୱାନ ଦେଉଛନ୍ତି। ଯଜ୍ଞ (ସମର୍ପଣ ଓ ଗ୍ରହଣ) ଦ୍ୱାରା ଏହା ସମ୍ଭବ। କାୟ-ମନୋ-ବାକ୍ୟ, ଅର୍ଥାତ୍ ଦେହର କର୍ମ, ମନର ଚିନ୍ତା ଓ ନିରହଂକାର ସତ୍ୟ ବଚନର ସମର୍ପଣ ହେଉଛି ଏହି ଯଜ୍ଞର ଆହୁତି।*

**ଅଭି ତ୍ୱା ନକ୍ତୀରୁଷସୋ ବବାଶିରେଽଗ୍ନେ ବତ୍ସଂ ନ ସ୍ୱସରେଷୁ ଧେନବଃ।**
**ଦିବଇବେଦରତିର୍ମାନୁଷା ୟୁଗା କ୍ଷପୋ ଭାସି ପୁରୁବାର ସଂୟତଃ॥୨॥**

*ଅଭି ତ୍ୱା ନକ୍ତୀଃ ଉଷସଃ ବବାଶିରେ ଅଗ୍ନେ ବତ୍ସମ୍ ନ ସ୍ୱସରେଷୁ ଧେନବଃ /*
*ଦିବଃ ଇବ ଇତ୍ ଅରତିଃ ମାନୁଷା ୟୁଗା ଆ କ୍ଷପଃ ଭାସି ପୁରୁବାର ସଂୟତଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଗୋ-ଗୋଷ୍ଠଗୁଡ଼ିକରେ [ସ୍ୱସରେଷୁ] ଦୁହାଁଳ ଧେନୁଗଣ [ଧେନବଃ] ସେମାନଙ୍କ ବତ୍ସାମାନଙ୍କ ଆଡ଼କୁ ଯେପରି ନଇଁପଡ଼ିଥା'ନ୍ତି [ବବାଶିରେ] ସେହିପରି [ନ] ରାତ୍ରି ଓ ଉଷା [ନକ୍ତୀଃ ଉଷସଃ] ତୁମ (ଅଗ୍ନିଙ୍କ) ସମ୍ମୁଖରେ [ତ୍ୱା ଅଭି] ନତ ହୋଇ ରହିଛନ୍ତି। କଲ୍ୟାଣମୟ ହେ ଅଗ୍ନି [ପୁରୁବାର ଅଗ୍ନେ], ମନୁଷ୍ୟର ଯୁଗ ପରେ ଯୁଗ ମଧ୍ୟଦେଇ [ମନୁଷା ୟୁଗା] ତୁମେ ସ୍ୱର୍ଗକୁ ଯାତ୍ରା କର [ଦିବଃ ଅରତିଃ] ଏବଂ ତା'ର (ମନୁଷ୍ୟର) ରାତ୍ରିଗୁଡ଼ିକ ମାଧ୍ୟମରେ [ଆ-କ୍ଷପଃ] ତୁମେ ଆତ୍ମସଂଯତ ହୋଇ [ସଂ-ୟତଃ] ପ୍ରକାଶମୟ ହୋଇଉଠିଥାଅ[୨] [ଭାସି]।

*ଭାବାର୍ଥ : ବେଦରେ ଦିବସର ଅର୍ଥ ସତ୍ୟର ପ୍ରକାଶ – ଯେଉଁ ସମୟରେ ସବୁକିଛି ସନ୍ମାର୍ଗରେ ବିକଶିତ ହୋଇଉଠୁଥାଏ; ରାତ୍ରିର ଅର୍ଥ ହେଲା ଏହି ସତ୍ୟର ଆବୃତ ଅବସ୍ଥା; ସ୍ୱର୍ଗରାଜ୍ୟ ଏହି ଉଭୟର ଅତୀତ ଏକ ଆନନ୍ଦମୟ ଅମର ଚେତନାର ଭୂମି।*

**ତଂ ଦେବା ବୁଧ୍ନେ ରଜସଃ ସୁଦଂସସଂ ଦିବସ୍ପୃଥିବ୍ୟୋରରତିଂ ନ୍ୟେରିରେ।**
**ରଥମିବ ବେଦ୍ୟଂ ଶୁକ୍ରଶୋଚିଷମଗ୍ନିଂ ମିତ୍ରଂ ନ କ୍ଷିତିଷୁ ପ୍ରଶଂସ୍ୟମ୍॥୩॥**

---

[୧] ଅଥବା, ଯିଏ ଆଲୋକ ମଧ୍ୟରେ ନିବାସ କରନ୍ତି ।

[୨] ଅଥବା, ଆତ୍ମ-ସଂଯତ ତୁମେ ତା'ର ରାତ୍ରିଗୁଡ଼ିକରେ ଜାଜ୍ଜ୍ୱଳ ହୋଇଉଠିଥାଅ ।

*ତମ୍ ଦେବାଃ ବୁଧ୍ନେ ରଜସଃ ସୁଦଂସସମ୍ ଦିବଃ ପୃଥିବ୍ୟୋଃ ଅରତିମ୍ ନି ଏରିରେ /*
*ରଥମ୍ ଇବ ବେଦ୍ୟମ୍ ଶୁକ୍ର-ଶୋଚିଶମ୍ ଅଗ୍ନିମ୍ ମିତ୍ରମ୍ ନ କ୍ଷିତିଷୁ ପ୍ର-ଶଂସ୍ୟମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଏହି ମହାନ୍ କର୍ମୀ [ସୁ-ଦଂସସମ୍] ଏବଂ ସ୍ୱର୍ଗ ଓ ଧରଣୀର ଯାତ୍ରୀ [ଦିବଃ ପୃଥିବ୍ୟୋଃ ଅରତିମ୍] ଅଗ୍ନିଙ୍କୁ [ତମ୍] ଦେବଗଣ [ଦେବାଃ] ମଧ୍ୟମ ଲୋକର ଆଧାର ଭୂମିକୁ [ରଜସଃ] ପ୍ରେରଣ କରିଛନ୍ତି [ବୁଧ୍ନେ], ସେ ଆମର ଧବଳୋଜ୍ଜ୍ୱଳ ଆଲୋକର [ଶୁକ୍ରଶୋଚିଷମ୍] ରଥ ଭଳି [ରଥମ୍ ଇବ], ସେ ଆମର ଜ୍ଞେୟ [ବେଦ୍ୟମ୍], ଜନଗଣଙ୍କ ମଧ୍ୟରେ [କ୍ଷିତିଷୁ] ଜଣେ ଅନ୍ତରଙ୍ଗ ବନ୍ଧୁଭଳି [ମିତ୍ରଂ ନ] ଆମେ ଉଚ୍ଚସ୍ୱରରେ ତାଙ୍କର ସ୍ତବଗାନ କରିବା ଉଚିତ [ପ୍ର-ଶଂସ୍ୟମ୍]।

*ଭାବାର୍ଥ : ଏ ପୃଥିବୀକୁ ଦେବରାଜ୍ୟରେ ପରିଣତ କରିବା ନିମନ୍ତେ ଅଗ୍ନି ସ୍ୱର୍ଗଲୋକରୁ ଇହ ଲୋକକୁ ଆଗମନ କରିଛନ୍ତି।*

**ତମୁକ୍ଷମାଣଂ ରଜସି ସ୍ୱ ଆ ଦମେ ଚନ୍ଦ୍ରମିବ ସୁରୁଚଂ ହ୍ୱାର ଆ ଦଧୁଃ।**
**ପୃଶ୍ନ୍ୟାଃ ପତରଂ ଚିତୟନ୍ତମକ୍ଷଭିଃ ପାଥୋ ନ ପାୟୁଂ ଜନସୀ ଉଭେ ଅନୁ ॥୪॥**

*ତମ୍ ଉକ୍ଷମାଣମ୍ ରଜସି ସ୍ୱେ ଆ ଦମେ ଚନ୍ଦ୍ରମ୍ ଇବ ସୁରୁଚମ୍ ହ୍ୱାରେ ଆ ଦଧୁଃ /*
*ପୃଶ୍ନ୍ୟାଃ ପତରମ୍ ଚିତୟନ୍ତମ୍ ଅକ୍ଷଭିଃ ପାଥଃ ନ ପାୟୁମ୍ ଜନସୀ ଉଭେ ଅନୁ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ମଧ୍ୟ-ଲୋକରେ [ରଜସି] ଓ ନିଜ ଆବାସସ୍ଥଳୀରେ [ସ୍ୱେ ଦମେ] ନିଜ ଆଲୋକ-ସୌନ୍ଦର୍ଯ୍ୟର ସ୍ୱର୍ଣ୍ଣମେଘରୁ ବାରିବର୍ଷଣ କରିଚାଲିଥିବା* [ଚନ୍ଦ୍ରମ୍ ଇବ ସୁରୁଚମ୍ ଉକ୍ଷମାଣମ୍] ବିଚିତ୍ରବର୍ଣ୍ଣା ଜନନୀଙ୍କ ରକ୍ଷକ [ପୃଶ୍ନ୍ୟାଃ ପତରମ୍], ତାଙ୍କ ଅନ୍ତର୍ଦୃଷ୍ଟିରୂପକ ଚକ୍ଷୁଦ୍ୱାରା ଆମର ସଚେତକ [ଅକ୍ଷଭିଃ ଚିତୟନ୍ତମ୍], ଆମ ଉଭୟ ଜନ୍ମର ସୁରକ୍ଷାଦାତା [ଉଭେ ଜନସୀ ଅନୁପାୟୁମ୍] ତାଙ୍କୁ (ଅଗ୍ନିଙ୍କୁ) [ତମ୍] ସେମାନେ (ଦେବତାମାନେ) କୁଟିଳତା ମଧ୍ୟରେ ନିଯୁକ୍ତ କରିଛନ୍ତି [ହ୍ୱାରେ ଆ-ଦଧୁଃ]।

*ଭାବାର୍ଥ : କୁଟିଳ ମିଥ୍ୟା ସହ ସଂଗ୍ରାମ କରି କରି ସତ୍ୟ ଅଗ୍ନି ବିକଶିତ ହୋଇ ଉଠୁଛନ୍ତି । ମନୁଷ୍ୟର ହୃଦୟ-ଗୁହା ହେଉଛି ତାଙ୍କର ବାସସ୍ଥଳୀ। ବିଚିତ୍ରବର୍ଣ୍ଣା ଜନନୀ ହେଉଛନ୍ତି ଜଗତ୍‌ପ୍ରକୃତି। ପାର୍ଥିବ ଓ ଆଧ୍ୟାତ୍ମିକ ଏହି ଉଭୟ ହେଉଛି ମାନବର ଦୁଇଟି ଜନ୍ମ ।*

* ଅଥବା, ତାଙ୍କର ଜ୍ୟୋତିର୍ମୟ ସୌନ୍ଦର୍ଯ୍ୟ ମଧ୍ୟରେ ଏକ ଆନନ୍ଦ-ବସ୍ତୁ ପରି ।



**ସ ହୋତା ବିଶ୍ୱଂ ପରି ଭୂତ୍ୱଧ୍ୱରଂ ତମୁ ହବ୍ୟୈର୍ମନୁଷ ଋଞ୍ଜତେ ଗିରା।**
**ହିରିଶିପ୍ରୋ ବୃଧସାନାସୁ ଜର୍ଭୁରଦ୍ ଦ୍ୟୌର୍ନ ସ୍ତୃଭିଶ୍ଚିତୟଦ୍ରୋଦସୀ ଅନୁ ॥୫॥**

*ସଃ ହୋତା ବିଶ୍ୱମ୍ ପରି ଭୂତୁ ଅଧ୍ୱରମ୍ ତମ୍ ଉ ହବ୍ୟୈଃ ମନୁଷଃ ଋଞ୍ଜତେ ଗିରା /*
*ହିରିଶିପ୍ରଃ ବୃଧସାନାସୁ ଜର୍ଭୁରତ୍ ଦ୍ୟୌଃ ନ ସ୍ତୃଭିଃ ଚିତୟତ୍ ରୋଦସୀ ଅନୁ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମ ଆହ୍ୱାନର ପୁରୋହିତ ହୁଅନ୍ତୁ ଅଗ୍ନି [ସଃ ହୋତା ଭୂତୁ], ସମସ୍ତ ଯାତ୍ରା-ଯଜ୍ଞର ଚତୁଃପାର୍ଶ୍ୱରେ ତାଙ୍କରି ଉପସ୍ଥିତି ରହୁ [ବିଶ୍ୱମ୍ ଅଧ୍ୱରଂ ପରିଭୂତୁ]; ମନୁଷ୍ୟମାନେ [ମନୁଷଃ] ଏହାଙ୍କୁ [ତମ୍] ଆହୁତି ଓ ବଚନ ଦ୍ୱାରା [ହବ୍ୟୈଃ ଗିରା ଉ] ପ୍ରସିଦ୍ଧ କରିଥାନ୍ତି [ଋଞ୍ଜତେ]। ସୁବର୍ଣ୍ଣ ଆଲୋକର ମୁକୁଟରେ ଭୂଷିତ ହୋଇ [ହିରିଶିପ୍ରଃ] ତାଙ୍କର ବର୍ଦ୍ଧମାନ ଶିଖା ମଧ୍ୟରେ [ବୃଧସାନାସୁ] ସେ କ୍ରୀଡ଼ା କରିବେ [ଜର୍ଭୁରଦ୍]; ତାରକାମଣ୍ଡଳ ସହ ସ୍ୱର୍ଲୋକ ଭଳି [ସ୍ତୃଭିଃ ଦ୍ୟୌଃ ନ] ସେ ଏହି ସ୍ୱର୍ଗ-ମର୍ତ୍ତ୍ୟ ଉଭୟ ଲୋକରେ [ରୋଦସୀ] ଆମକୁ ଚାଲିବାର ଜ୍ଞାନ ପ୍ରଦାନ କରିବେ [ଅନୁ ଚିତୟେତ୍]।

*ଭାବାର୍ଥ : ଅଧ୍ୱନ୍ ଶବ୍ଦର ଅର୍ଥ ମାର୍ଗ। ଏଣୁ ଅଧ୍ୱରଯଜ୍ଞକୁ ଯାତ୍ରୀ ଯଜ୍ଞ ଏବଂ ଅଧ୍ୱରାଗ୍ନିଙ୍କୁ ଯାତ୍ରୀ ଅଗ୍ନିରୂପେ ଅର୍ଥ କରାଯାଏ। ଚେତନାର ଦିବ୍ୟ ରୂପାନ୍ତର ଦିଗରେ ଏହି ଯାତ୍ରା। ମାନବର ଏହି ଯାତ୍ରାରେ ଶକ୍ତି, ଜ୍ଞାନ ଓ ସୁରକ୍ଷା ଦେଇଥା'ନ୍ତି ଅଗ୍ନିଦେବ।*

**ସ ନୋ ରେବତ୍ସମିଧାନଃ ସ୍ୱସ୍ତୟେ ସଂଦଦସ୍ୱାନ୍ରୟିମସ୍ମାସୁ ଦୀଦିହି।**
**ଆ ନଃ କୃଣୁଷ୍ୱ ସୁବିତାୟ ରୋଦସୀ ଅଗ୍ନେ ହବ୍ୟା ମନୁଷୋ ଦେବ ବୀତୟେ ॥୬॥**

*ସଃ ନଃ ରେବତ୍ ସମିଧାନଃ ସ୍ୱସ୍ତୟେ ସମ୍-ଦଦସ୍ୱାନ୍ ରୟିମ୍ ଅସ୍ମାସୁ ଦୀଦିହି /*
*ଆ ନଃ କୃଣୁଷ୍ୱ ସୁବିତାୟ ରୋଦସୀ ଅଗ୍ନେ ହବ୍ୟା ମନୁଷଃ ଦେବ ବୀତୟେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମ୍ଭମାନଙ୍କର ମଙ୍ଗଳ ପାଇଁ [ନଃ ସ୍ୱସ୍ତୟେ] ସମ୍ୟକ୍ ଜ୍ୱଳମାନ [ରେବତ୍ ସମିଧାନଃ] ହେ ଅଗ୍ନି [ଅଗ୍ନେ], ତୁମ ଆଲୋକ ଆମମାନଙ୍କ ମଧ୍ୟରେ ତେଜି ଉଠୁ [ଅସ୍ମାସୁ ଦୀଦିହି] ଏବଂ ସମ୍ପଦର ଉପାୟନଗୁଡ଼ିକୁ ଆଣିଦେଉ [ରୟିଂ ସଂଦଦସ୍ୱାନ୍]। ପୃଥିବୀ ଓ ସ୍ୱର୍ଗର ମାର୍ଗଗୁଡ଼ିକୁ [ରୋଦସୀ] ଆମ ପାଇଁ ସୁଗମ କର [ନଃ ସୁବିତାୟ କୃଣୁଷ୍ୱ] ଏବଂ ମାନବର ଆହୁତିଗୁଡ଼ିକୁ [ମନୁଷଃ ହବ୍ୟା] ଦେବଗଣଙ୍କ ଆଗମନର ଏକ ମାଧ୍ୟମ ରୂପେ ବିନିଯୋଗ କର [ଦେବ ବୀତୟେ]।

*ଭାବାର୍ଥ : ଦିବ୍ୟଜ୍ୟୋତିର୍ମୟ ଅଗ୍ନିଙ୍କ ପ୍ରତି ସତ୍ୟସାଧକର ଏହା ଏକ ଅନ୍ତରଙ୍ଗ ପ୍ରାର୍ଥନା। ଏହି ମନ୍ତ୍ରର ଅର୍ଥ ମଧ ସୁସ୍ପଷ୍ଟ।*

**ଦା ନୋ ଅଗ୍ନେ ବୃହତୋ ଦାଃ ସହସ୍ରିଣୋ ଦୁରୋ ନ ବାଜଂ ଶ୍ରୁତ୍ୟା ଅପା ବୃଧି ।**
**ପ୍ରାଚୀ ଦ୍ୟାବାପୃଥିବୀ ବ୍ରହ୍ମଣା କୃଧି ସ୍ୱର୍ଣ ଶୁକ୍ରମୁଷସୋ ବି ଦିଦ୍ୟୁତୁଃ ॥୭॥**

*ଦାଃ ନଃ ଅଗ୍ନେ ବୃହତଃ ଦାଃ ସହସ୍ରିଣଃ ଦୁରଃ ନ ବାଜମ୍ ଶ୍ରୁତ୍ୟୈ ଅପ ବୃଧି /*
*ପ୍ରାଚୀ ଦ୍ୟାବାପୃଥିବୀ ବ୍ରହ୍ମଣା କୃଧି ସ୍ୱଃ ନ ଶୁକ୍ରମ୍ ଉଷସଃ ବି ଦିଦ୍ୟୁତୁଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଆମକୁ ଦିଅ ବିଶାଳ ପ୍ରଭୁତା [ନଃ ବୃହତଃ ଦାଃ], ସହସ୍ରଗୁଣ ସମ୍ପଦ ଦିଅ [ସହସ୍ରିଣଃ ଦାଃ]; ନାନାବିଧ ଧନଭଣ୍ଡାରର ଦ୍ୱାର ପରି [ବାଜଂ ଦୁରଃ ନ] ଆମର ଅନ୍ତର୍ଜ୍ଞାନର ଦ୍ୱାରକୁ ଉନ୍ମୁକ୍ତ କର [ଶ୍ରୁତ୍ୟୈ ଅପବୃଧି]; ପ୍ରଜ୍ଞାବାଣୀ ଦ୍ୱାରା [ବ୍ରହ୍ମଣା] ତୁମେ ପୃଥିବୀ ଓ ସ୍ୱର୍ଗକୁ [ଦ୍ୟାବାପୃଥିବୀ] ପରମ ଅସୀମତାର ଅଭିମୁଖୀ କରାଅ [ପ୍ରାଚୀ କୃଧି]। ସତ୍ୟ-ସୂର୍ଯ୍ୟଙ୍କର [ସ୍ୱଃ] ଜ୍ୟୋତିର୍ମୟ ଜଗତ ଉଦ୍‌ଭାସିତ ହେବା ପରି [ଶୁକ୍ରଂ ନ] ଚେତନାର ଉଷାଗୁଡ଼ିକ [ଉଷସଃ] ଆଲୋକ-ସମୃଦ୍ଧି ଦିଗରେ ଫିଟି ପଡୁଛନ୍ତି [ବି-ଦିଦ୍ୟୁତୁଃ]।

*ଭାବାର୍ଥ : ଇହଜଗତରେ ସତ୍ୟରାଜ୍ୟ ପ୍ରତିଷ୍ଠା ପାଇଁ ସତ୍ୟପରାୟଣ ବ୍ୟକ୍ତିଙ୍କଠାରେ ପ୍ରଭୁ-ଶକ୍ତି, ପର୍ଯ୍ୟାପ୍ତ ଅର୍ଥ ଓ ଗଭୀର ଅନ୍ତର୍ଦୃଷ୍ଟି ଆବଶ୍ୟକ – ଏହି ମନ୍ତ୍ରରେ ଋଷି ତାହାହିଁ ପ୍ରାର୍ଥନା କରିଛନ୍ତି।*

**ସ ଇଧାନ ଉଷସୋ ରାମ୍ୟା ଅନୁ ସ୍ୱର୍ଣ ଦୀଦେଦରୁଷେଣ ଭାନୁନା।**
**ହୋତ୍ରାଭିରଗ୍ନିର୍ମନୁଷଃ ସ୍ୱଧ୍ୱରୋ ରାଜା ବିଶାମତିଥିଶ୍ଚାରୁରାୟବେ॥୮॥**

*ସଃ ଇଧାନଃ ଉଷସଃ ରାମ୍ୟାଃ ଅନୁ ସ୍ୱଃ ନ ଦୀଦେତ୍ ଅରୁଷେଣ ଭାନୁନା /*
*ହୋତ୍ରାଭିଃ ଅଗ୍ନିଃ ମନୁଷଃ ସୁ-ଅଧ୍ୱରଃ ରାଜା ବିଶାମ୍ ଅତିଥିଃ ଚାରୁଃ ଆୟବେ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସୌନ୍ଦର୍ଯ୍ୟମୟ ଚିତ୍-ଉଷାଗୁଡ଼ିକର ପର୍ଯ୍ୟାୟାନୁକ୍ରମେ [ରାମ୍ୟାଃ ଉଷସଃ ଅନୁ] ଉତ୍ତରୋତ୍ତର ପ୍ରଜ୍ୱଳିତ ହୋଇ [ଇଧାନଃ] ସତ୍ୟର ସୌରଜଗତ ପରି [ସ୍ୱଃ ନ] ଗୋଲାପୀ ବର୍ଣ୍ଣ ବିଭାରେ [ଅରୁଷେଣ ଭାନୁନା] ସେ ଫୁଟି ଉଠିବେ [ସଃ ଦୀଦେତ୍]। ହେ ଅଗ୍ନି [ଅଗ୍ନେ], ମନୁଷ୍ୟର ଆହୁତି-ମନ୍ତ୍ରରେ [ମନୁଷଃ ହୋତ୍ରାଭିଃ] ଅଧ୍ୱର ଯଜ୍ଞାନୁଷ୍ଠାନକୁ ତୁମେ ସାର୍ଥକ କରୁଛ [ସୁ-ଅଧ୍ୱରଃ], ତୁମେ ପ୍ରଜାଗଣଙ୍କର ରାଜା [ବିଶାଂ ରାଜା] ଏବଂ ମାନବ ସତ୍ତା ନିମନ୍ତେ [ଆୟବେ] ତୁମେ ଆନନ୍ଦମୟ ଅତିଥି [ଚାରୁଃ ଅତିଥିଃ]।

*ଭାବାର୍ଥ : ସଂସାରରେ ଯେପରି ଦିନରାତି ରହିଛି ସେହିପରି ଚେତନାର ଜଗତରେ ମଧ ଦିନରାତି ଆସେ। ଏହି ଉଭୟ ମାଧମରେ ମନୁଷ୍ୟର ଅନ୍ତରାତ୍ମାରୂପୀ ଅଗ୍ନି ଉତ୍ତରୋତ୍ତର ବିକଶିତ ହୁଅନ୍ତି। ପୃଥିବୀରେ ମାନବସଭ୍ୟତା ମଧ ଏହିପରି ନାନା ଉତ୍‌ଥାନ-ପତନ ମଧଦେଇ ବିକଶିତ ହେଉଛି।*



**ଏବା ନୋ ଅଗ୍ନେ ଅମୃତେଷୁ ପୂର୍ବ୍ୟ ଧୀଷ୍ପୀପାୟ ବୃହଦ୍ଦିବେଷୁ ମାନୁଷା।**
**ଦୁହାନା ଧେନୁର୍ବୃଜନେଷୁ କାରବେ ତ୍ମନା ଶତିନଂ ପୁରୁରୂପମିଷଣି ॥୯॥**

*ଏବ ନଃ ଅଗ୍ନେ ଅମୃତେଷୁ ପୂର୍ବ୍ୟ ଧୀଃ ପୀପାୟ ବୃହତ୍-ଦିବେଷୁ ମାନୁଷା /*
*ଦୁହାନା ଧେନୁଃ ବୃଜନେଷୁ କାରବେ ତ୍ମନା ଶତିନମ୍ ପୁରୁ-ରୂପମ୍ ଇଷଣି॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଆଦିମ ଅଗ୍ନି [ପୂର୍ବ୍ୟ ଅଗ୍ନେ], ଏପରି ଅନ୍ତର୍ଜ୍ଞାନମୂଳକ ଚିନ୍ତା ମଧ [ଧୀଃ ଏବ] ଆମର ମାନବୀୟ ବିଷୟଗୁଡ଼ିକୁ [ନଃ ମାନୁଷା] ଅମରଗଣଙ୍କ ମଧରେ [ଅମୃତେଷୁ] ଅର୍ଥାତ୍ ବୃହତ୍ ଦିବ୍ୟଲୋକ ମଧରେ [ବୃହତ୍ ଦିବେଷୁ] ପୋଷଣ କରିଛି [ପୀପାୟ]। ଅନ୍ତର୍ଜ୍ଞାନମୂଳକ ଚିନ୍ତାହିଁ ଆମର ଦୋହଦ ଧେନୁ [ଦୁହାନା ଧେନୁଃ], କର୍ମର ସମ୍ପାଦକଙ୍କ ନିମନ୍ତେ [କାରବେ] ତାଙ୍କ ସଂଗ୍ରାମଗୁଡ଼ିକରେ ଏବଂ ଯାତ୍ରାଗତିରେ [ବୃଜନେଷୁ] ସେ ସ୍ୱୟଂ [ତ୍ମନା] ନାନାବିଧ ରୂପରାଜି [ପୁରୁରୂପମ୍] ଓ ଶତଶତ ଦିବ୍ୟ ସମ୍ପଦକୁ [ଶତିନମ୍ ଇଷଣିଃ] ଦୋହନ କରନ୍ତି।

*ଭାବାର୍ଥ : ମନୁଷ୍ୟ ମଧରେ ଅଗ୍ନିଙ୍କର ଅଭିବୃଦ୍ଧି ଅନୁପାତରେ ଅନ୍ତର୍ଜ୍ଞାନର ମଧ ବୃଦ୍ଧି ହୋଇଥାଏ ଏବଂ ତାହାହିଁ ଆମର ଜୟଯାତ୍ରାର ସହଚର।*

**ବୟମଗ୍ନେ ଅର୍ବତା ବା ସୁବୀର୍ୟଂ ବ୍ରହ୍ମଣା ବା ଚିତୟେମା ଜନାଁ ଅତି।**
**ଅସ୍ମାକଂ ଦ୍ୟୁମ୍ନମଧି ପଞ୍ଚ କୃଷ୍ଟିଷୂଚ୍ଚା ସ୍ୱର୍ଣ ଶୁଶୁଚୀତ ଦୁଷ୍ଟରମ୍ ॥୧୦॥**

*ବୟମ୍ ଅଗ୍ନେ ଅର୍ବତା ବା ସୁବୀର୍ୟମ୍ ବ୍ରହ୍ମଣା ବା ଚିତୟେମ ଜନାନ୍ ଅତି /*
*ଅସ୍ମାକମ୍ ଦ୍ୟୁମ୍ନମ୍ ଅଧି ପଞ୍ଚ କୃଷ୍ଟିଷୁ ଉଚ୍ଚା ସ୍ୱଃ ନ ଶୁଶୁଚୀତ ଦୁଷ୍ଟରମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ଦିବ୍ୟଶକ୍ତିର ଯୁଦ୍ଧାଶ୍ୱ ଦ୍ୱାରା [ଅର୍ବତା] ଆମ୍ଭେମାନେ ବୀର-ଶକ୍ତିକୁ ଅର୍ଜନ କରୁଁ [ବୟଂ ସୁବୀର୍ୟମ୍], କିଂବା [ବା] ମନ୍ତ୍ରବଚନ ଦ୍ୱାରା [ବ୍ରହ୍ମଣା] ମାନବୋତ୍ତର [ଅତିଜନାନ୍] ଜ୍ଞାନ ଦିଗରେ ଆମେ ଜାଗ୍ରତ ହେଉଁ* [ଚିତୟେମ]; ଆମର ଆଲୋକ [ଅସ୍ମାକଂ ଦ୍ୟୁମ୍ନମ୍] ପଞ୍ଚ ଜନଜାତିଙ୍କ ମଧ୍ୟରେ [ପଞ୍ଚ କୃଷ୍ଟିଷୁ] ସତ୍ୟ-ସୂର୍ଯ୍ୟଙ୍କ ଜଗତ ପରି [ସ୍ୱଃ ନ] ଉନ୍ନତ ଓ ଅବାଧରେ [ଉଚ୍ଚା ଦୁଷ୍ଟରମ୍] ଦେଦୀପ୍ୟମାନ ହୋଇଉଠୁ [ଅଧି-ଶୁଶୁଚୀତ]।

*ଭାବାର୍ଥ : ସମଗ୍ର ମାନବସମାଜର ଉତ୍ଥାନ ନିମନ୍ତେ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ହେଲା ନିଜ ଅନ୍ତରରେ ନିହିତ ଚୈତ୍ୟସତ୍ତାଙ୍କର ଆବିଷ୍କାର ଏବଂ ତାଙ୍କରି ଚେତନାରେ କ୍ରମଶଃ ଉଜ୍ଜୀବିତ ହୋଇଉଠିବା : ଏହାହିଁ ଆମ ମଧ୍ୟରେ ମାନବୋତ୍ତର ଶକ୍ତି ଓ ଜ୍ଞାନର ସଂଚାର କରେ।*

**ସ ନୋ ବୋଧି ସହସ୍ୟ ପ୍ରଶଂସ୍ୟୋ ଯସ୍ମିନ୍ତ୍ସୁଜାତା ଇଷୟନ୍ତ ସୂରୟଃ।**
**ଯମଗ୍ନେ ଯଜ୍ଞମୁପୟନ୍ତି ବାଜିନୋ ନିତ୍ୟେ ତୋକେ ଦୀଦିବାଂସଂ ସ୍ୱେ ଦମେ ॥୧୧॥**

*ସଃ ନଃ ବୋଧି ସହସ୍ୟ ପ୍ର-ଶଂସ୍ୟଃ ଯସ୍ମିନ୍ ସୁ-ଜାତାଃ ଇଷୟନ୍ତ ସୂରୟଃ /*
*ଯମ୍ ଅଗ୍ନେ ଯଜ୍ଞମ୍ ଉପ-ୟନ୍ତି ବାଜିନଃ ନିତ୍ୟେ ତୋକେ ଦୀଦିବାଂସମ୍ ସ୍ୱେ ଦମେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ବଳବାନ୍ ଅଗ୍ନି [ସହସ୍ୟ ସଃ], ତୁମେ ଆମର ଉଚ୍ଚସ୍ୱରରେ ପ୍ରଶଂସ୍ୟ [ନଃ ପ୍ରଶଂସ୍ୟଃ], ତୁମେ ଜାଗ୍ରତ ହୁଅ [ବୋଧି]; କାରଣ ତୁମରି ମଧ୍ୟରେ [ଯସ୍ମିନ୍] ମେଧାବୀ ଦିବ୍ୟଦ୍ରଷ୍ଟାଗଣ [ସୂରୟଃ] ସଫଳ ଜନ୍ମ ଲାଭ କରିଥା'ନ୍ତି [ସୁଜାତାଃ] ଏବଂ ସେମାନଙ୍କ ଯାତ୍ରାପଥରେ ସେମାନେ କ୍ଷିପ୍ରଗାମୀ ହୋଇଥା'ନ୍ତି [ଇଷୟନ୍ତ]। ହେ ଅଗ୍ନି [ଅଗ୍ନେ], ତୁମେ ଯଜ୍ଞ ଅଟ [ଯଜ୍ଞମ୍], ଏବଂ ନିତ୍ୟ ସନ୍ତାନଠାରେ [ନିତ୍ୟେ ତୋକେ] ଓ ତୁମର ସ୍ୱ-ଧାମରେ [ସ୍ୱେ ଦମେ] ଦେଦୀପ୍ୟମାନ ହୋଇଉଠିଥିବା [ଦୀଦିବାଂସମ୍] ତୁମରି ନିକଟକୁ [ଯମ୍] ତୀବ୍ରଗତିଶାଳୀ ଶକ୍ତି-ଅଶ୍ୱଗଣ [ବାଜିନଃ] ଆଗମନ କରିଥା'ନ୍ତି [ଉପୟନ୍ତି]।

* ଅଥବା, ଯୁଦ୍ଧାଶ୍ୱର ଶକ୍ତି ଦ୍ୱାରା କିଂବା ମନ୍ତ୍ରବାକ୍ ଦ୍ୱାରା ଆମଠାରେ ମାନବୋତ୍ତର ବୀର-ଶକ୍ତି ଜାଗ୍ରତ କରାଅ ।



*ଭାବାର୍ଥ : ଋଷି ଏଠାରେ ଅଗ୍ନିଙ୍କୁ ଜଗତର ଆଧାର ବା ମୂଳ ଚେତନା ରୂପେ ଦର୍ଶନ କରି ତାଙ୍କୁ ସ୍ତୁତି କରିଛନ୍ତି। ପୃଥିବୀରେ ଜୀବନ ହେଉଛି ନିତ୍ୟ ସନ୍ତାନ : ଜନ୍ମ-ମୃତ୍ୟୁର ପର୍ଯ୍ୟାୟ ଭିତରେ ସେ ନିତ୍ୟଜୀବିତ। ଶକ୍ତିଧରଗଣ ଜଗତକୁ ପରିଚାଳନା କରନ୍ତି, କିନ୍ତୁ ସକଳ ଶକ୍ତିର ପ୍ରଭୁ ହେଲେ ଅଗ୍ନି।*

**ଉଭୟାସୋ ଜାତବେଦଃ ସ୍ୟାମ ତେ ସ୍ତୋତାରୋ ଅଗ୍ନେ ସୂରୟଶ୍ଚ ଶର୍ମଣି।**
**ବସ୍ୱୋ ରାୟଃ ପୁରୁଶ୍ଚନ୍ଦ୍ରସ୍ୟ ଭୂୟସଃ ପ୍ରଜାବତଃ ସ୍ୱପତ୍ୟସ୍ୟ ଶଗ୍ଧି ନଃ ॥୧୨॥**

*ଉଭୟାସଃ ଜାତବେଦଃ ସ୍ୟାମ ତେ ସ୍ତୋତାରଃ ଅଗ୍ନେ ସୂରୟଃ ଚ ଶର୍ମଣି /*
*ବସ୍ୱଃ ରାୟଃ ପୁରୁଃ-ଚନ୍ଦ୍ରସ୍ୟ ଭୂୟସଃ ପ୍ରଜାବତଃ ସୁ-ଅପତ୍ୟସ୍ୟ ଶଗ୍ଧି ନଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜନ୍ମିତ ସକଳ ବସ୍ତୁର ଜ୍ଞାତା [ଜାତବେଦଃ] ହେ ଅଗ୍ନି [ଅଗ୍ନେ], ତୁମର ସ୍ତୁତିଗାନକାରୀମାନେ [ସ୍ତୋତାରଃ] ଏବଂ ମେଧାବୀ ଦିବ୍ୟଦ୍ରଷ୍ଟାଗଣ [ସୂରୟଃ] ଆମେ ଉଭୟ [ଉଭୟାସଃ] ତୁମ ଶାନ୍ତି ମଧ୍ୟରେ ନିବାସ କରୁଁ [ତେ ଶର୍ମଣି ସ୍ୟାମ]। ବିଚିତ୍ର ସମୃଦ୍ଧିର ସହ ବହୁଗୁଣରେ ପୂରିଉଠିଥିବା ଆମ ଦିବ୍ୟ ସମ୍ପଦର ପ୍ରଚୁରତା ମଧ୍ୟରେ [ନଃ ଭୂୟସଃ ବସ୍ୱଃ ରାୟଃ] ଏବଂ ଏହାର ସକଳ ଆନନ୍ଦ ମଧ୍ୟରେ [ପୁରୁଃ ଚନ୍ଦ୍ରସ୍ୟ] ଏବଂ ଏହି ଦିବ୍ୟ ସମ୍ପଦରୁ ନିର୍ଗତ ବସ୍ତୁରେ [ପ୍ରଜାବତଃ] ତଥା ଏଥିରୁ ଉତ୍ପନ୍ନ ବସ୍ତୁରେ [ଅପତ୍ୟସ୍ୟ] ତୁମେ ଶକ୍ତିମୟ ହୋଇଉଠ [ଶଗ୍ଧି]।

*ଭାବାର୍ଥ : ସମଗ୍ର ମାନବଜାତିର ପ୍ରତିନିଧିରୂପେ ଋଷିଙ୍କର ଏହା ଏକ ଗଭୀର ଆକୂତି।*

**ୟେ ସ୍ତୋତୃଭ୍ୟୋ ଗୋଅଗ୍ରାମଶ୍ୱପେଶସମଗ୍ନେ ରାତିମୁପସୃଜନ୍ତି ସୂରୟଃ।**
**ଅସ୍ମାଞ୍ଚ ତାଂଶ୍ଚ ପ୍ର ହି ନେଷି ବସ୍ୟ ଆ ବୃହଦ୍ ବଦେମ ବିଦଥେ ସୁବୀରାଃ ॥୧୩॥**

*ୟେ ସ୍ତୋତୃଭ୍ୟଃ ଗୋ-ଅଗ୍ରାମ୍ ଅଶ୍ୱ-ପେଶସମ୍ ଅଗ୍ନେ ରାତିମ୍ ଉପ-ସୃଜନ୍ତି ସୂରୟଃ /*
*ଅସ୍ମାନ୍ ଚ ତାନ୍ ଚ ପ୍ର ହି ନେଷି ବସ୍ୟଃ ଆ ବୃହତ୍ ବଦେମ ବିଦଥେ ସୁବୀରାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ମେଧାବୀ ଜ୍ଞାନୀ [ସୂରୟଃ] ଯେତେବେଳେ [ୟେ] ତୁମର ସ୍ତବଗାନକାରୀମାନଙ୍କୁ [ସ୍ତୋତୃଭ୍ୟଃ] ମୁକ୍ତ କରିଦିଅନ୍ତି [ଉପ-ସୃଜନ୍ତି],

ହେ ଅଗ୍ନି [ଅଗ୍ନେ], ଯେବେ ଏକ ଉପହାର, ଯାହାର ଅଗ୍ରଭାଗ ଜ୍ୟୋତିଃଗାଭୀ ଓ ଦେହ ଅଶ୍ୱ ପରି [ଗୋଅଗ୍ରାମ୍ ଅଶ୍ୱପେଶସମ୍], ଗତିକରିବାକୁ ଲାଗେ [ରାତିମ୍] ସେତେବେଳେ ତୁମେ ଆମକୁ [ଅସ୍ମାନ୍] ଓ ସେମାନଙ୍କୁ [ତାନ୍ ଚ] (ସ୍ତୋତୃଗଣଙ୍କୁ) ମହତ୍ତର ସମୃଦ୍ଧିର ଜଗତ ଦିଗରେ [ବସ୍ୟ] ନେଇଚାଲ [ପ୍ର-ନେଷି]। ବୀର-ଶକ୍ତିରେ ଶକ୍ତିଶାଳୀ ଆମ୍ଭେମାନେ [ସୁବୀରାଃ] ଜ୍ଞାନର ଉଦୟ କାଳରେ ବିଦଥେ ବୃହତ୍-ବଚନ ଉଚ୍ଚାରଣ କରୁ [ବୃହଦ୍ ବଦେମ]।

*ଭାବାର୍ଥ: ଗତ ସୂକ୍ତରେ 'ଗୋଅଗ୍ରାମ୍ ଅଶ୍ୱପେଶସମ୍'ର ରହସ୍ୟାର୍ଥ ସୂଚିତ ହୋଇଛି, ଯାହାର ମୋଟାମୋଟି ଅର୍ଥ ହେଉଛି: ଅଗ୍ନିଙ୍କଠାରୁ ଉପହାରରୂପେ ଯେଉଁ ବୀର-ଶକ୍ତି, ଅନ୍ତର୍ଜ୍ଞାନ ଓ ବିଚିତ୍ର ସମ୍ପଦ ପ୍ରାପ୍ତ ହୁଏ ତାହା ମୁଖ୍ୟତଃ ସତ୍ୟକୁ ସମ୍ମୁଖରେ ରଖିହିଁ କାର୍ଯ୍ୟ କରେ।*

<u>ସୂକ୍ତ : ୩ ॥ ଋଷି : ଗୃତ୍ସମଦ ଭାର୍ଗବ, ଛନ୍ଦ : ତ୍ରିଷ୍ଟୁଭ୍ (୭ମ ମନ୍ତ୍ର - ଜଗତୀ)</u>

**ସମିଦ୍ଧୋ ଅଗ୍ନିର୍ନିହିତଃ ପୃଥିବ୍ୟାଂ ପ୍ରତ୍ୟଙ୍ ବିଶ୍ୱାନି ଭୁବନାନ୍ୟସ୍ଥାତ୍।**
**ହୋତା ପାବକଃ ପ୍ରଦିବଃ ସୁମେଧା ଦେବୋ ଦେବାନ୍ୟଜତ୍ୱଗ୍ନିରର୍ହନ୍॥୧॥**

*ସମ୍-ଇଦ୍ଧଃ ଅଗ୍ନିଃ ନିହିତଃ ପୃଥିବ୍ୟାମ୍ ପ୍ରତ୍ୟଙ୍ ବିଶ୍ୱାନି ଭୁବନାନି ଅସ୍ଥାତ୍/*
*ହୋତା ପାବକଃ ପ୍ର-ଦିବଃ ସୁ-ମେଧାଃ ଦେବଃ ଦେବାନ୍ ଯଜତୁ ଅଗ୍ନିଃ ଅର୍ହନ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ପୃଥିବୀର ଅଭ୍ୟନ୍ତରରେ ନିହିତ ଅଗ୍ନି [ପୃଥିବ୍ୟାଂ ନିହିତଃ ଅଗ୍ନିଃ] ସମସ୍ତ ଭୁବନର [ବିଶ୍ୱାନି ଭୁବନାନି] ଅଭିମୁଖରେ ରହି [ପ୍ରତ୍ୟଙ୍ ଅସ୍ଥାତ୍] ପ୍ରଜ୍ୱଳିତ [ସମିଦ୍ଧଃ]। ଏହି ପବିତ୍ରକାରୀ [ପାବକଃ], ଦେବାହ୍ୱାନକାରୀ ପୁରୋହିତ [ହୋତା] ସମସ୍ତ ବିଷୟ ବୁଝିବାରେ ପଟୁ [ସୁ-ମେଧାଃ], ସର୍ବପୁରାତନ ଅଗ୍ନି ଜାଗ୍ରତ ହୋଇଉଠିଛନ୍ତି [ପ୍ରଦିବଃ]। ଦେବଗଣଙ୍କ ମଧ୍ୟରେ ଯେ ଦେବତା [ଦେବାନ୍ ଦେବଃ] ସେହି ଅଗ୍ନି [ଅଗ୍ନିଃ] ତାଙ୍କ ନିଜ ଶକ୍ତିରେ ପରିପୂର୍ଣ୍ଣ ହୋଇ [ଅର୍ହନ୍] ଯଜ୍ଞ ସମ୍ପାଦନ କରନ୍ତୁ [ଯଜତୁ]।

*ଭାବାର୍ଥ: ପୃଥିବୀର ଅନ୍ତର ମଧ୍ୟରେ ଯେଉଁ ଜ୍ୱଳନ୍ତ ଆସ୍ପୃହାଶୀଳ ଚେତନା ଓ ଶକ୍ତି ଅଗ୍ନିରୂପେ ବିଦ୍ୟମାନ, ସେ ଦୈହିକ ସ୍ତରରେ ଜଡ଼, ବୃକ୍ଷ, ପଶୁ ଓ ମାନବ ଆଦି ରୂପେ ଅଭିବ୍ୟକ୍ତ; ହୋତା ରୂପେ ସେ ମାନବହୃଦୟର ପବିତ୍ର ଅଭୀପ୍ସା; ମେଧା ରୂପେ*



*ସେ ମନୁଷ୍ୟର ଉନ୍ନତ ଜ୍ଞାନ। ଏହି ସମଗ୍ର ଜଗତକୁ ଦିବ୍ୟ ରୂପାନ୍ତର ଦିଗରେ ଚଳାଇ ନେବାର ଯେଉଁ ଆତ୍ମନିବେଦନମୂଳକ କର୍ମ ତାହାହିଁ ଯଜ୍ଞ।*

**ନରାଶଂସଃ ପ୍ରତି ଧାମାନ୍ୟଞ୍ଜନ୍ ତିସ୍ରୋ ଦିବଃ ପ୍ରତି ମହ୍ନା ସ୍ୱର୍ଚିଃ।**
**ଘୃତପ୍ରୁଷା ମନସା ହବ୍ୟମୁନ୍ଦନ୍ମୂର୍ଧନ୍ୟଜ୍ଞସ୍ୟ ସମନକ୍ତୁ ଦେବାନ୍॥୨॥**

*ନରାଶଂସଃ ପ୍ରତି ଧାମାନି ଅଞ୍ଜନ୍ ତିସ୍ରଃ ଦିବଃ ପ୍ରତି ମହ୍ନା ସୁ-ଅର୍ଚିଃ/*
*ଘୃତ-ପ୍ରୁଷା ମନସା ହବ୍ୟମ୍ ଉନ୍ଦନ୍ ମୂର୍ଧନ୍ ଯଜ୍ଞସ୍ୟ ସମ୍ ଅନକ୍ତୁ ଦେବାନ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଏହି ଅଗ୍ନି [ଅଗ୍ନିଃ] ଦେବଗଣଙ୍କୁ ବଚନଯୁକ୍ତ କରାନ୍ତି [ନରାଶଂସଃ], ଧାମ ପରେ ଧାମ ପ୍ରକାଶମୟ କରି [ଅଞ୍ଜନ୍] ସେ ଆବିର୍ଭୂତ, ଉଜ୍ଜ୍ୱଳ କିରଣରେ ଜ୍ୱଳମାନ ସେ [ସୁ-ଅର୍ଚିଃ] ତାଙ୍କରି ମହିମା ଦ୍ୱାରା [ମହ୍ନା] ଗୋଟି ଗୋଟି କରି ତ୍ରିବିଧ ସ୍ୱର୍ଗକୁ [ତିସ୍ରଃ ଦିବଃ ପ୍ରତି] ପ୍ରକାଶମୟ କରାନ୍ତି। ଆଲୋକମୟ ମନ ଦ୍ୱାରା [ଘୃତ-ପୃଷା ମନସା] ସେ ହବ୍ୟ (ଯଜ୍ଞାହୁତିଯୋଗ୍ୟ) ବସ୍ତୁଗୁଡ଼ିକୁ [ହବ୍ୟମ୍] ପ୍ରବାହିତ କରାନ୍ତୁ [ଉନ୍ଦନ୍] ଏବଂ ଯଜ୍ଞର ମସ୍ତକରେ [ଯଜ୍ଞସ୍ୟ ମୂର୍ଧନ୍] ଦେବଗଣଙ୍କୁ [ଦେବାନ୍] ଅଭିବ୍ୟକ୍ତ କରାନ୍ତୁ [ସମ୍-ଅନକ୍ତୁ]।

*ଭାବାର୍ଥ : ଆମର ସମଗ୍ର ଚେତନାରେ ଚୈତ୍ୟ-ଅଗ୍ନି ବିକଶିତ ହେଲେ ଦେବଗଣ ଆମ ମଧ୍ୟରେ କଥା କହନ୍ତି, ଅର୍ଥାତ୍ ଆମର ବଚନରେ ଦେବତ୍ୱ ଫୁଟିଉଠେ ଅଥବା ଆମେ ଦୈବବାଣୀ ଶୁଣିପାରୁ। ମନଃ-ଲୋକ, ବିଜ୍ଞାନ-ଲୋକ ଓ ଆନନ୍ଦ-ଲୋକକୁ ତ୍ରିସ୍ୱର୍ଗ କୁହାଯାଏ। ଅଗ୍ନିଙ୍କର ଲେଲିହାନ ଶିଖା ଯେତେବେଳେ ଯଜମାନର ଆହୁତି ଦିଗରେ ତେଜିଉଠେ ତାହାକୁ ଯଜ୍ଞର ମୂର୍ଧା କୁହାଯାଏ।*

**ଈଳିତୋ ଅଗ୍ନେ ମନସା ନୋ ଅର୍ହନ୍ଦେବାନ୍ୟକ୍ଷି ମାନୁଷାତ୍ ପୂର୍ବୋ ଅଦ୍ୟ।**
**ସ ଆ ବହ ମରୁତାଂ ଶର୍ଧୋ ଅଚ୍ୟୁତମିନ୍ଦ୍ରଂ ନରୋ ବର୍ହିଷଦଂ ଯଜଧ୍ୱମ୍॥୩॥**

*ଈଳିତଃ ଅଗ୍ନେ ମନସା ନଃ ଅର୍ହନ୍ ଦେବାନ୍ ଯକ୍ଷି ମାନୁଷାତ୍ ପୂର୍ବଃ ଅଦ୍ୟ/*
*ସଃ ଆ ବହ ମରୁତାମ୍ ଶର୍ଧଃ ଅଚ୍ୟୁତମ୍ ଇନ୍ଦ୍ରଂ ନରଃ ବର୍ହି-ସଦମ୍ ଯଜଧ୍ୱମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମର ମନ ଦ୍ୱାରା ଅଭିଳଷିତ ହେ ଅଗ୍ନି [ମନସା ଈଳିତଃ

ଅଗ୍ନେ], ହେ ମାନବ-ସୃଷ୍ଟିର ପୂର୍ବ ଦେବତା [ମାନୁଷାତ୍ ପୂର୍ବଃ], ଆଜି ତୁମର ଶକ୍ତିକୁ ସର୍ବସମକ୍ଷକୁ ଆଣି [ଅଦ୍ୟ ଅର୍ହନ୍] ଦେବତାମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞ ସଂପାଦନ କର [ଦେବାନ୍ ଯକ୍ଷି]। ଯୁଦ୍ଧରେ ପଶ୍ଚାତ୍‌ପଦ ହେଉ ନ ଥିବା [ଅଚ୍ୟୁତମ୍] ପ୍ରାଣଦେବତାଙ୍କ ସୈନ୍ୟବାହିନୀକୁ [ମରୁତାଂ ଶର୍ଧଃ] ଆମନିକଟକୁ ବହନ କରି ଆଣ [ଆ-ବହ]; ହେ ସର୍ବଶକ୍ତିମୟ [ନରଃ] ତୁମେ [ସଃ], ଆମର ଯଜ୍ଞବେଦି ଉପରେ ଆସୀନ [ବର୍ହି-ସଦମ୍] ଇନ୍ଦ୍ରଙ୍କ ଉଦ୍ଦେଶ୍ୟରେ [ଇନ୍ଦ୍ରମ୍] ଆହୁତି ପ୍ରଦାନ କର [ଯକ୍ଷି]।

*ଭାବାର୍ଥ : ମାନବର ଆନ୍ତର ଯଜ୍ଞର ଦେବତା ହେଲେ ଆତ୍ମ-ଅଗ୍ନି। ପୁରୋହିତ ରୂପେ ସେ ସ୍ୱୟଂ ଏହି ଯଜ୍ଞର ଆୟୋଜନ କରନ୍ତି, ଅର୍ଥାତ୍, ସମର୍ପଣ ନିମନ୍ତେ ସମଗ୍ର ସତ୍ତାରେ ସେ ଏକ ଶକ୍ତିମାନ୍ ଜାଗରଣ ସୃଷ୍ଟି କରନ୍ତି। ସାଧକ ଯେପରି ଜୀବନସଂଗ୍ରାମରେ ହାରି ନ ଯାଏ ସେଥିପାଇଁ ତା'ମଧ୍ୟକୁ ବିଶ୍ୱପ୍ରାଣଶକ୍ତିର ଅବତରଣ ଘଟାନ୍ତି। ଇନ୍ଦ୍ର, ଜ୍ଞାନଦୀପ୍ତ ମନର ପ୍ରତୀକ।*

**ଦେବ ବର୍ହିର୍ବର୍ଧମାନଂ ସୁବୀରଂ ସ୍ତୀର୍ଣଂ ରାୟେ ସୁଭରଂ ବେଦ୍ୟସ୍ୟାମ୍।**
**ଘୃତେନାକ୍ତଂ ବସବଃ ସୀଦତେଦଂ ବିଶ୍ୱେ ଦେବା ଆଦିତ୍ୟା ଯଜ୍ଞିୟାସଃ ॥୪॥**

*ଦେବ ବର୍ହିଃ ବର୍ଧମାନମ୍ ସୁବୀରମ୍ ସ୍ତୀର୍ଣମ୍ ରାୟେ ସୁ-ଭରମ୍ ବେଦୀ-ଅସ୍ୟାମ୍ /*
*ଘୃତେନ ଅକ୍ତମ୍ ବସବଃ ସୀଦତ ଇଦମ୍ ବିଶ୍ୱେ ଦେବାଃ ଆଦିତ୍ୟାଃ ଯଜ୍ଞିୟାସଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦେବତା [ଦେବ], ବୀରଗଣଙ୍କ ଦ୍ୱାରା ସୁରକ୍ଷିତ [ସୁବୀରମ୍], ସମ୍ପଦରାଜି ପାଇଁ ଭରିଉଠିଥିବା* [ରାୟେ ସୁଭରମ୍], ଜ୍ୟୋତିର୍ଲିପ୍ତ [ଘୃତେନ ଅକ୍ତମ୍], ନିତ୍ୟ ବିର୍ଧମାନ ଆସନଟି [ବର୍ଧମାନଂ ବର୍ହିଃ], ଏହି ବେଦି ଉପରେ [ବେଦ୍ୟସ୍ୟାମ୍] ପ୍ରସାରିତ ହୋଇ ପଡ଼ିଛି [ସ୍ତୀର୍ଣମ୍]। ଅଦିତିଙ୍କ ପୁତ୍ରଗଣ [ଆଦିତ୍ୟାଃ], ସମ୍ପଦର ରାଜପୁତ୍ର ଗଣ [ବସବଃ], ଯଜ୍ଞର ପ୍ରଭୁ [ଯଜ୍ଞିୟାସଃ] ହେ ସର୍ବଦେବ [ବିଶ୍ୱେ ଦେବାଃ] ! ଏହି ବେଦି-ଆସନରେ ତୁମେମାନେ ଉପବେଶନ କର [ଇଦଂ ସୀଦତ]।

*ଭାବାର୍ଥ : ଯଜ୍ଞବେଦୀ ଉପରେ ପ୍ରସାରିତ ଯେଉଁ ଆସନ ଉପରେ ଆସୀନ ହେବାକୁ ଦେବଗଣଙ୍କୁ ଆବାହନ କରାଯାଉଛି ତା'ର ବର୍ଣ୍ଣନା ଏଠାରେ ପ୍ରତୀକାତ୍ମକଭାବେ କରାଯାଇଛି : ଆମ ଅନ୍ତରର ଯଜ୍ଞବେଦୀ ଉପରେ ଭକ୍ତି, ନିଷ୍ଠା, ଶୁଦ୍ଧି ଓ ଜ୍ଞାନରେ ଉଦ୍ଭାସିତ ଆସନ ବିସ୍ତାର୍ଣ୍ଣହୋଇ ପଡ଼ିଛି ସେଥିରେ ଦେବତ୍ୱର ଅଭିବ୍ୟକ୍ତି ପାଇଁ।*

* ଅଥବା, ସମ୍ପଦରାଜିକୁ ଧାରଣ କରିବା ପାଇଁ ସୁନିର୍ମିତ।



**ବି ଶ୍ରୟନ୍ତାମୁର୍ବିୟା ହୂୟମାନା ଦ୍ୱାରୋ ଦେବୀଃ ସୁପ୍ରାୟଣା ନମୋଭିଃ।**
**ବ୍ୟଚସ୍ୱତୀର୍ବି ପ୍ରଥନ୍ତାମଜୁର୍ଯା ବର୍ଣଂ ପୁନାନା ଯଶସଂ ସୁବୀରମ୍ ॥୫॥**

*ବି ଶ୍ରୟନ୍ତାମ୍ ଉର୍ବିୟା ହୂୟମାନାଃ ଦ୍ୱାରଃ ଦେବୀଃ ସୁପ୍ରାୟଣାଃ ନମୋଭିଃ /*
*ବ୍ୟଚସ୍ୱତୀଃ ବି ପ୍ରଥନ୍ତାମ୍ ଅଜୁର୍ଯାଃ ବର୍ଣମ୍ ପୁନାନା ଯଶସମ୍ ସୁ-ବୀରମ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଦିବ୍ୟ ଦ୍ୱାରଗୁଡ଼ିକ [ଦେବୀଃ ଦ୍ୱାରଃ] ଉନ୍ମୁକ୍ତ ହୋଇଯାଉ [ବି-ଶ୍ରୟନ୍ତାମ୍], ଆମର ଆବାହନ ପ୍ରଶସ୍ତ ହେଉ [ହୂୟମାନାଃ ଉର୍ବିୟା], ଆମର ସାଷ୍ଟାଙ୍ଗ ପ୍ରଣାମ ସହିତ [ନମୋଭିଃ] ତାଙ୍କ ନିକଟକୁ ଯାତ୍ରା ସହଜ ହେଉ [ସୁ-ପ୍ରାୟଣାଃ]; ଯଶଶାଳୀ ଓ ବୀରତ୍ୱପୂର୍ଣ୍ଣ ବର୍ଣ୍ଣରେ ପବିତ୍ରୀକୃତ [ଯଶଶଂ ସୁବୀରଂ ବର୍ଣଂ ପୁନାନା] ସେହି ଅବିନାଶୀ ଦ୍ୱାରଗୁଡ଼ିକ [ଅଜୁର୍ଯାଃ] ବିଶାଳ ଭୁବନଗୁଡ଼ିକ ପ୍ରତି [ବ୍ୟଚସ୍ୱତୀଃ] ବିସ୍ତାରିତ ହୋଇଯାଉ [ବି-ପ୍ରଥନ୍ତାମ୍]।

*ଭାବାର୍ଥ : ଏହି ମନ୍ତ୍ରରେ ଋଷିଙ୍କର ପ୍ରାର୍ଥନା ସହ ଏକ ସୂକ୍ଷ୍ମ-ଦର୍ଶନର ସୂଚନା ମିଳେ। ଯେଉଁ ଦ୍ୱାରଗୁଡ଼ିକର କଥା ସେ ବର୍ଣ୍ଣନା କରିଛନ୍ତି ତାହା ମନୁଷ୍ୟର ଆନ୍ତରଜୀବନ ମଧ୍ୟକୁ ପ୍ରବେଶ କରିବାର ଦ୍ୱାର, ସ୍ଥିରତା, ଶାନ୍ତି, ଆଲୋକ, ଏକାତ୍ମତା, ପ୍ରେମ, ସଂବୋଧି ଇତ୍ୟାଦି। ଏହି ଦ୍ୱାରଗୁଡ଼ିକର ଗଭୀରକୁ ପ୍ରବେଶ କଲେ ଆଧାତ୍ମିକ ବିଶାଳ ଭୁବନମାନ ଦୃଷ୍ଟିଗୋଚର ହୁଏ।*

**ସାଧ୍ୱପାଂସି ସନତା ନ ଉକ୍ଷିତେ ଉଷାସାନକ୍ତା ବୟ୍ୟେବ ରଣ୍ୱିତେ।**
**ତନ୍ତୁଂ ତତଂ ସଂବୟନ୍ତୀ ସମୀଚୀ ଯଜ୍ଞସ୍ୟ ପେଶଃ ସୁଦୁଘେ ପୟସ୍ୱତୀ ॥୬॥**

*ସାଧୁ ଅପାଂସି ସନତା ନଃ ଉକ୍ଷିତେ ଉଷାସାନକ୍ତା ବୟ୍ୟା ଇବ ରଣ୍ୱିତେ /*
*ତନ୍ତୁମ୍ ତତମ୍ ସମ୍-ବୟନ୍ତୀ ସମ୍-ଈଚୀ ଯଜ୍ଞସ୍ୟ ପେଶଃ ସୁ-ଦୁଘେ ପୟସ୍ୱତୀ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ବୃଷ୍ଟିଧାରା ପରି ଆମ ଉପରେ ଅଜାଡ଼ି ଦେଉଥିବା [ଉକ୍ଷିତେ] ଦୁଗ୍ଧଧାରିଣୀ [ପୟସ୍ୱତୀ] ସହଜଦୋହନୀୟା [ସୁ-ଦୁଘେ] ଧେନୁରୂପକ ଅଜ୍ଞାନର ରାତ୍ରି ଓ ଦିବ୍ୟ ଚେତନାର ଉଷା [ଉଷାସାନକ୍ତା], ଶାଶ୍ୱତ ଓ ସମରୂପା ସହୋଦରୀ [ସନତା], ଆସନ୍ତୁ, ଠିକ୍ ଯେପରି [ଇବ] ଅତ୍ୟନ୍ତ ହୃଷ୍ଟା [ରଣ୍ୱିତେ] ବୟନଦକ୍ଷା ନାରୀମାନେ [ବୟ୍ୟା] ଉତ୍ତମରୂପେ ବଳାଯାଇଥିବା ତନ୍ତୁକୁ [ତତଂ ତନ୍ତୁମ୍]

ବୟନ କରି କରି [ସମ୍-ବୟନ୍ତୀ] ଆସନ୍ତି [ସମୀଚୀ], ସେମାନେ (ରାତ୍ରି ଓ ଉଷା) ଆମର ସିଦ୍ଧ କର୍ମରୂପକ ବସ୍ତୁଗୁଡ଼ିକୁ [ସାଧୁ ଅପାଂସି] ଯଜ୍ଞରେ ରୂପାନ୍ତରିତ କରନ୍ତୁ [ଯଜ୍ଞସ୍ୟ ପେଶଃ]।

*ଭାବାର୍ଥ : ଅତି ଚମତ୍କାର ଉପମା ଓ ରୂପକ ମାଧ୍ୟମରେ ଜ୍ଞାନ-ଅଜ୍ଞାନ, କର୍ମ ଓ ଯଜ୍ଞ ପ୍ରଭୃତିର ଗୂଢ଼ ରହସ୍ୟକୁ ବ୍ୟକ୍ତ କରି ସେମାନଙ୍କ ମଧ୍ୟରେ ସମନ୍ୱୟ ଏଠାରେ ଉପସ୍ଥାପନ କରାଯାଇଛି। ପାର୍ଥିବ ଜୀବନ ଉପରେ ଦିବ୍ୟଚେତନାର ବର୍ଷଣ ନିମନ୍ତେ ଭୌତିକ ଓ ଆଧ୍ୟାତ୍ମିକ ଉଭୟ ସ୍ତରରେ ଉଷା ଓ ରାତ୍ରୀର ଅବଦାନ ଓ ଉପଯୋଗିତା ରହିଛି। ଏକ ଅତିଚେତନାର ନିର୍ଦ୍ଦେଶ ଅନୁଯାୟୀ ଏହି ଉଭୟ ଏଠାରେ କ୍ରିୟା କରନ୍ତି। ମାନବର ଏକମାତ୍ର କର୍ତ୍ତବ୍ୟ ହେଲା ଯଜ୍ଞ କରିବା ଅର୍ଥାତ୍ ଆତ୍ମନିବେଦନ ଓ ଗ୍ରହଣ କରିବା।*

**ଦୈବ୍ୟା ହୋତାରା ପ୍ରଥମା ବିଦୁଷ୍ଟର ଋଜୁ ଯକ୍ଷତଃ ସମୃଚା ବପୁଷ୍ଟରା।**
**ଦେବାନ୍ୟଜନ୍ତାବୃତୁଥା ସମଞ୍ଜତୋ ନାଭା ପୃଥିବ୍ୟା ଅଧି ସାନୁଷୁ ତ୍ରିଷୁ ॥୭॥**

*ଦୈବ୍ୟା ହୋତାରା ପ୍ରଥମା ବିଦୁଃ-ତରା ଋଜୁ ଯକ୍ଷତଃ ସମ୍ ଋଚା ବପୁଃ-ତରା /*
*ଦେବାନ୍ ଯଜନ୍ତୌ ଋତୁଥା ସମ୍ ଅଞ୍ଜତଃ ନାଭା ପୃଥିବ୍ୟାଃ ଅଧି ସାନୁଷୁ ତ୍ରିଷୁ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଦୁଇ ଦିବ୍ୟ ହୋତା ପ୍ରଥମ ଅଟନ୍ତି [ଦୈବ୍ୟା ହୋତାରା ପ୍ରଥମା], ସେମାନେ ବିଦ୍ୟାରେ ପରିପୂର୍ଣ୍ଣ [ବିଦୁଃ-ତରା] ଓ ପୂର୍ଣ୍ଣବପୁଷ୍ମାନ୍ [ବପୁଃ-ତରା], ଆମ ଭିତରେ ଥିବା ସରଳ ବସ୍ତୁଗୁଡ଼ିକୁ [ଋଜୁ] ସେମାନେ ଜ୍ଞାନାଲୋକମୟ ମନ୍ତ୍ରବଚନ ଦ୍ୱାରା [ସମୃଚା] ଆହୁତି ଦିଅନ୍ତି [ଯକ୍ଷତଃ]; ଋତୁ-ଅନୁକ୍ରମରେ [ଋତୁଥା] ଦେବଗଣଙ୍କ ଉଦ୍ଦେଶ୍ୟରେ ଯଜ୍ଞ ସମ୍ପାଦନ କରି [ଦେବାନ୍ ଯଜନ୍ତୌ] ସେ ଦୁହେଁ ପୃଥିବୀର ନାଭିକେନ୍ଦ୍ରସ୍ଥ ଆଲୋକ ମଧ୍ୟରେ [ପୃଥିବ୍ୟାଃ ନାଭା] ଏବଂ ଦିବ୍ୟ ସ୍ୱର୍ଗସ୍ଥ ତିନି ଶୃଙ୍ଗ ଉପରେ [ତ୍ରିଷୁ ସାନୁଷୁ ଅଧି] ସେମାନଙ୍କୁ (ସରଳବସ୍ତୁଗୁଡ଼ିକୁ) ଅଭିବ୍ୟକ୍ତ କରନ୍ତି [ସମ୍-ଅଞ୍ଜତଃ]।

*ଭାବାର୍ଥ : ବୋଧହୁଏ ପୂର୍ବ ମନ୍ତ୍ରର ଉଷା ଓ ନକ୍ତମ୍ ଉଭୟଙ୍କୁ ଏଠାରେ ଦୁଇ ଦିବ୍ୟ ହୋତାରୂପେ ଅବତାରଣା କରାଯାଇଛି। ପୃଥିବୀର ସକଳ ସମ୍ଭାବନା ଯେଉଁଠାରେ ପ୍ରକାଶ ଅପେକ୍ଷାରେ ସୁପ୍ତ ହୋଇ ରହିଛି ତାହା ତା'ର ନାଭି। ମନର ଉଚ୍ଚତର ସ୍ତର-ଗୁଡ଼ିକ ସ୍ୱର୍ଗର ଶୃଙ୍ଗରାଜି। ଏଗୁଡ଼ିକ ଉପଲବ୍ଧିର ବିଷୟ ହୋଇଥିବାରୁ ସ୍ପଷ୍ଟୀକରଣ ପର୍ଯ୍ୟାପ୍ତ ହେବ ନାହିଁ।*



**ସରସ୍ୱତୀ ସାଧୟନ୍ତୀ ଧିୟଂ ନ ଇଳା ଦେବୀ ଭାରତୀ ବିଶ୍ୱତୂର୍ତିଃ।**
**ତିସ୍ରୋ ଦେବୀଃ ସ୍ୱଧୟା ବର୍ହିରେଦମଚ୍ଛିଦ୍ରଂ ପାନ୍ତୁ ଶରଣଂ ନିଷଦ୍ୟ ॥୮॥**

*ସରସ୍ୱତୀ ସାଧୟନ୍ତୀ ଧିୟମ୍ ନଃ ଇଳା ଦେବୀ ଭାରତୀ ବିଶ୍ୱ-ତୂର୍ତିଃ /*
*ତିସ୍ରଃ ଦେବୀଃ ସ୍ୱଧୟା ବର୍ହିଃ ଆ ଇଦମ୍ ଅଚ୍ଛିଦ୍ରମ୍ ପାନ୍ତୁ ଶରଣମ୍ ନି-ସଦ୍ୟ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମର ଚିନ୍ତା ଉପରେ କ୍ରିୟାଶୀଳା ସରସ୍ୱତୀ [ନଃ ଧିୟଂ ସାଧୟନ୍ତୀ ସରସ୍ୱତୀ], ଦେବୀ ଇଳା [ଦେବୀ ଇଳା] ଏବଂ ସେହି ସକଳ ଚିନ୍ତାର ଲକ୍ଷ୍ୟ ଦିଗରେ ଆମକୁ ବହନ କରି ନେଉଥିବା ଭାରତୀ [ବିଶ୍ୱ-ତୂର୍ତିଃ ଭାରତୀ], ଏହି ତିନି ଦେବୀ ଆମର ଯଜ୍ଞବେଦୀର ଆସନରେ ଆସୀନା ହୋଇ [ବର୍ହିଃ ଆନିଷଦ୍ୟ] ବସ୍ତୁଗୁଡ଼ିକର ନିଜସ୍ୱ ଧାରାରେ [ସ୍ୱଧୟା] ଆମର ଛିଦ୍ରଶୂନ୍ୟ ଆବାସକୁ [ଅଚ୍ଛିଦ୍ରଂ ଶରଣମ୍] ରକ୍ଷା କରନ୍ତୁ [ପାନ୍ତୁ]।

*ଭାବାର୍ଥ : ଇଳା— ନୂତନ ଅଭିବ୍ୟକ୍ତିର ଦେବୀ (Revelation), ସରସ୍ୱତୀ— ଅନ୍ତଃପ୍ରେରଣାର ଦେବୀ (Inspiration), ଭାରତୀ— ଚିନ୍ତା ଓ ଜ୍ଞାନର ଦେବୀ। ଛିଦ୍ରଶୂନ୍ୟ ଆବାସର ଅର୍ଥ— ଅଗ୍ନିଙ୍କୁ ଜାଗ୍ରତଭାବେ ପ୍ରତିଷ୍ଠା କରିବା ପାଇଁ ଆମର ମନ, ପ୍ରାଣ ଓ ଦେହରୂପକ ଆଧାର ଯାହା ସମ୍ପୂର୍ଣ୍ଣ ଶୁଦ୍ଧ ଓ ତ୍ରୁଟିଶୂନ୍ୟ।*

**ପିଶଙ୍ଗରୂପଃ ସୁଭରୋ ବୟୋଧାଃ ଶ୍ରୁଷ୍ଟୀ ବୀରୋ ଜାୟତେ ଦେବକାମଃ।**
**ପ୍ରଜାଂ ତ୍ୱଷ୍ଟା ବି ଷ୍ୟତୁ ନାଭିମସ୍ମେ ଅଥା ଦେବାନାମପ୍ୟେତୁ ପାଥଃ ॥୯॥**

*ପିଶଙ୍ଗରୂପଃ ସୁ-ଭରଃ ବୟଃ-ଧାଃ ଶ୍ରୁଷ୍ଟୀ ବୀରଃ ଜାୟତେ ଦେବ-କାମଃ /*
*ପ୍ରଜାମ୍ ତ୍ୱଷ୍ଟା ବି ସ୍ୟତୁ ନାଭିମ୍ ଅସ୍ମେ ଅଥ ଦେବାନାମ୍ ଅପି ଏତୁ ପାଥଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଅଚିରେ ଜନ୍ମ ହୋଇଛି [ଶ୍ରୁଷ୍ଟୀ ଜାୟତେ] ପିଶଙ୍ଗ (ସୁନେଲି ଓ ରକ୍ତ ମିଶ୍ରିତ) ବର୍ଣ୍ଣ [ପିଶଙ୍ଗରୂପଃ] ଏକ ବୀରପୁତ୍ରଙ୍କର [ବୀରଃ], ଦେବଗଣଙ୍କ ପ୍ରତି ରହିଛି ତାଙ୍କର ଆକୂତି [ଦେବକାମଃ], ସେ ହେଉଛନ୍ତି ସମ୍ପଦରାଜିର ସୁଦକ୍ଷ ଆନୟନକାରୀ [ସୁ-ଭରଃ], 'ବୃହତ୍' ଦିଗରେ ଆମ ବିକାଶକ୍ରମର ସେ ସଂସ୍ଥାପକ [ବୟୋଧାଃ]। ସକଳ ରୂପର ସ୍ରଷ୍ଟା ସିଏ [ତ୍ୱଷ୍ଟା], ଆମ ମଧ୍ୟରେ ଥିବା ନାଭିଗ୍ରନ୍ଥିକୁ [ଅସ୍ମେ ନାଭିମ୍] ମୋଚନ କରିଦିଅନ୍ତୁ [ବି-ଷ୍ୟତୁ], ଆମ କର୍ମର ଉତ୍ପାଦନକୁ ମଧ୍ୟ

ମୋଚନ କରିଦିଅନ୍ତୁ [ପ୍ରଜାମ୍ ଅପି] ଏବଂ ତା'ପରେ [ଅଥ] ସେ ଦେବତାଙ୍କର ମାର୍ଗରେ ଗମନ କରନ୍ତୁ[1] [ଦେବାନାଂ ପାଥଃ ଏତୁ]।

*ଭାବାର୍ଥ: ଏହି ମନ୍ତ୍ରରେ ଅଗ୍ନିଙ୍କର ରୂପ, ଗୁଣ ଓ କର୍ମର ବର୍ଣ୍ଣନା କରାଯାଇଛି। ସକଳ ଶକ୍ତି ଯାହାକୁ କେନ୍ଦ୍ର କରି ରହିଥାଏ ତାହାକୁ ନାଭି କୁହାଯାଏ। ଆମ ଭିତରେ ଅନନ୍ତ ସମ୍ଭାବନା ରହିଛି, ଅଥଚ ତାହା ଆବଦ୍ଧ; ଆମ କର୍ମର ଅନନ୍ତ ଫଳ ରହିଛି, ଅଥଚ ତାହାର ମାର୍ଗ ରୁଦ୍ଧ; ଅଗ୍ନିଦେବ ଏହା ମୋଚନ କରିବେ।*

**ବନସ୍ପତିରବସୃଜନ୍ନୁପ ସ୍ଥାଦଗ୍ନିର୍ହବିଃ ସୂଦୟାତି ପ୍ର ଧୀଭିଃ।**
**ତ୍ରିଧା ସମକ୍ତଂ ନୟତୁ ପ୍ରଜାନନ୍ଦେବେଭ୍ୟୋ ଦୈବ୍ୟଃ ଶମିତୋପ ହବ୍ୟମ୍॥୧୦॥**

*ବନସ୍ପତିଃ ଅବ-ସୃଜନ୍ ଉପ ସ୍ଥାତ୍ ଅଗ୍ନିଃ ହବିଃ ସୂଦୟାତି ପ୍ର ଧୀଭିଃ /*
*ତ୍ରିଧା ସମ୍-ଅକ୍ତମ୍ ନୟତୁ ପ୍ରଜାନନ୍ ଦେବେଭ୍ୟଃ ଦୈବ୍ୟଃ ଶମିତା ଉପ ହବ୍ୟମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ବନସ୍ପତି [ବନସ୍ପତିଃ] ଆମ ମଧ୍ୟରେ ରହି [ଉପ-ସ୍ଥାତ୍] ସୋମରସକୁ ଉତ୍ସର୍ଜନ କରୁଛନ୍ତି [ଅବ-ସୃଜନ୍]। ଅଗ୍ନି [ଅଗ୍ନିଃ] ଆମର ଚିନ୍ତାବଳି ଦ୍ୱାରା [ଧୀଭିଃ] ହବ୍ୟ ବସ୍ତୁକୁ ତ୍ୱରାନ୍ୱିତ କରୁଛନ୍ତି [ପ୍ର-ସୂଦୟାତି]। କର୍ମର ଦିବ୍ୟ ସିଦ୍ଧିଦାତା [ଦୈବ୍ୟ ଶମିତା], ପ୍ରାଜ୍ଞ [ପ୍ର-ଜାନନ୍], ତାଙ୍କ ଆଲୋକରେ ତ୍ରିଗୁଣ-ଅଭିବ୍ୟକ୍ତ[2] [ତ୍ରିଧା ସମକ୍ତମ୍] ଆହୁତିକୁ [ହବ୍ୟମ୍] ଏହାରି ମାର୍ଗରେ ଦେବଗଣଙ୍କ ନିକଟକୁ ଚଳାଇ ନିଅନ୍ତୁ [ଦେବେଭ୍ୟଃ ଉପ ନୟତୁ]।

*ଭାବାର୍ଥ: ସୋମରସର ଅର୍ଥ ହେଲା ଆନନ୍ଦରସ। ଆମର କର୍ମରାଜି ହେଉଛି ବିଶ୍ୱଯଜ୍ଞର ହବ୍ୟ। ସାଧାରଣ ଭାବର ସହ କର୍ମ ଅପେକ୍ଷା ଦେବତ୍ୱର ଅଭିବ୍ୟକ୍ତି ନିମନ୍ତେ ଆଚରିତ କର୍ମ ମଧ୍ୟରେ ଅଗ୍ନିଙ୍କର ଆଲୋକ ତ୍ରିଗୁଣ ରୂପେ ଫୁଟିଉଠେ।*

**ଘୃତଂ ମିମିକ୍ଷେ ଘୃତମସ୍ୟ ଯୋନିର୍ଘୃତେ ଶ୍ରିତୋ ଘୃତମ୍ୱସ୍ୟ ଧାମ।**
**ଅନୁଷ୍ୱଧମା ବହ ମାଦୟସ୍ୱ ସ୍ୱାହାକୃତଂ ବୃଷଭ ବକ୍ଷି ହବ୍ୟମ୍॥୧୧॥**

*ଘୃତମ୍ ମିମିକ୍ଷେ ଘୃତମ୍ ଅସ୍ୟ ଯୋନିଃ ଘୃତେ ଶ୍ରିତଃ ଘୃତମ୍ ଉ ଅସ୍ୟ ଧାମ /*
*ଅନୁ-ସ୍ୱଧମ୍ ଆ ବହ ମାଦୟସ୍ୱ ସ୍ୱାହାକୃତମ୍ ବୃଷଭ ବକ୍ଷି ହବ୍ୟମ୍॥*

[1] ଅଥବା, ଦେବତାଙ୍କର ମାର୍ଗ ଆମ ନିକଟକୁ ଆସୁ। [2] ଅଥବା, ତ୍ରିବାର ଲିପ୍ତ।



ଶ୍ରୀଅରବିନ୍ଦକୃତ ଅର୍ଥ : ପ୍ରବହମାନ ଆଲୋକକୁ [ଘୃତମ୍] ମୁଁ ତାଙ୍କ (ଅଗ୍ନିଙ୍କ) ଉପରେ ସିଞ୍ଚନ କରୁଛି [ମିମିକ୍ଷେ]; କାରଣ, ଆଲୋକ ହେଉଛି ତାଙ୍କର ଜନ୍ମସ୍ଥଳୀ [ଘୃତମ୍ ଅସ୍ୟ ଯୋନିଃ], ଆଲୋକରେ ସେ ବାସ କରିଛନ୍ତି [ଘୃତେ ଶ୍ରିତଃ], ଆଲୋକ ହେଉଛି ଏହାଙ୍କ ଧାମ [ଘୃତେ ଅସ୍ୟ ଧାମ]। (ହେ ଅଗ୍ନି) ତୁମର ସ୍ୱଧର୍ମ ଅନୁସାରେ [ଅନୁ-ସ୍ୱଧମ୍] ଦେବଗଣଙ୍କୁ ବହନ କରିଆଣ [ଆ-ବହ] ଏବଂ ସେମାନଙ୍କୁ ଆନନ୍ଦପୂର୍ଣ୍ଣ କରାଅ [ମାଦୟସ୍ୱ]। ହେ ବୃଷଭ [ବୃଷଭ], ସ୍ୱାହା ଦ୍ୱାରା ଅଭିମନ୍ତ୍ରିତ [ସ୍ୱାହାକୃତମ୍] ଆମର ଆହୁତିଗୁଡ଼ିକୁ [ହବ୍ୟମ୍] ତୁମେ ସେମାନଙ୍କ ନିକଟକୁ ବହନ କରିନିଅ [ବକ୍ଷି]।

*ଭାବାର୍ଥ: ସତ୍ୟଜ୍ଞାନକୁ ଆଲୋକ କୁହାଯାଏ। ଏହି ସତ୍ୟର ଦୁଇଟି ରୂପ– ବିବର୍ତ୍ତମାନ ଓ ଅକ୍ଷର (ସ୍ଥିର)। ଏହି ମନ୍ତ୍ରରେ ଉକ୍ତ ଦୁଇ ସତ୍ୟର ବର୍ଣ୍ଣନା କରାଯାଇଛି। ଜୀବନଧାରାରେ ନିତ୍ୟ ପ୍ରଗତିଶୀଳ ସତ୍ୟ ହେଉଛି ପ୍ରବହମାନ ଆଲୋକ, ଏବଂ ଅକ୍ଷର ସତ୍ୟ ହେଉଛି ଅଗ୍ନିଙ୍କର ଉଦ୍ଭବସ୍ଥଳ।*

## ସୋମହୁତି ଭାର୍ଗବ

ସୂକ୍ତ : ୪ ॥ ଋଷି : ସୋମହୁତି ଭାର୍ଗବ, ଛନ୍ଦ : ତ୍ରିଷ୍ଟୁପ୍

**ହୁବେ ବଃ ସୁଦ୍ୟୋତ୍ମାନଂ ସୁବୃକ୍ତିଂ ବିଶାମଗ୍ନିମତିଥିଂ ସୁପ୍ରୟସମ୍।**
**ମିତ୍ର ଇବ ଯୋ ଦିଧିଷାୟ୍ୟୋ ଭୂଦ୍ଦେବ ଆଦେବେ ଜନେ ଜାତବେଦାଃ॥୧॥**

*ହୁବେ ବଃ ସୁଦ୍ୟୋତ୍ମାନମ୍ ସୁବୃକ୍ତିମ୍ ବିଶାମ୍ ଅଗ୍ନିମ୍ ଅତିଥିମ୍ ସୁପ୍ରୟସମ୍ /*
*ମିତ୍ରଃ ଇବ ଯଃ ଦିଧିଷାୟ୍ୟଃ ଭୂତ୍ ଦେବଃ ଆଦେବେ ଜନେ ଜାତବେଦାଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେ ଆନନ୍ଦଘନ [ସୁ-ପ୍ରୟସମ୍] ଏବଂ ଯାହାଙ୍କର ରହିଛି ଆଲୋକ-ସମୃଦ୍ଧି [ସୁ-ଦ୍ୟୋତ୍ମାନମ୍], ଯେ ଆମକୁ ସକଳ ପାପରୁ ମୁକ୍ତ କରନ୍ତି [ସୁ-ବୃକ୍ତିମ୍], ପ୍ରଜାଙ୍କର ଅତିଥି [ବିଶାମ୍ ଅତିଥିମ୍] ଏହିପରି ଅଗ୍ନିଙ୍କୁ [ଅଗ୍ନିମ୍] ମୁଁ ତୁମ ନିମନ୍ତେ [ବଃ] ଆବାହନ କରୁଛି [ହୁବେ]। ସେ ହୁଅନ୍ତି ଜଣେ ସହାୟକ ମିତ୍ର ପରି [ଯଃ ଦିଧିଷାୟ୍ୟଃ ମିତ୍ରଃ ଇବ ଭୂତ୍], ସେ ହୁଅନ୍ତି ଦେବଗଣ-ସମନ୍ୱିତ ମନୁଷ୍ୟ ମଧ୍ୟରେ* [ଆଦେବେ ଜନେ] ଜାତ ସକଳ ବସ୍ତୁର ଜ୍ଞାତା [ଜାତବେଦାଃ]।

* ଅଥବା, ମନୁଷ୍ୟଠାରୁ ଦେବତା ପର୍ଯ୍ୟନ୍ତ ସକଳଙ୍କ ମଧ୍ୟରେ।

*ଭାବାର୍ଥ : ଋଷି ସୋମହୁତି ଏହି ମନ୍ତ୍ରରେ ଦିବ୍ୟଚେତନାରୂପକ ଅଗ୍ନିଙ୍କର ଆଲୋକରାଶିକୁ ଅନ୍ତର୍ଜଗତ ମଧ୍ୟରେ ଦର୍ଶନ କରିଛନ୍ତି ଓ ତାଙ୍କ ଉପଲବ୍ଧିର ଆନନ୍ଦରେ ତାଙ୍କୁ ଆନନ୍ଦମୟ ବୋଲି ବ୍ୟକ୍ତ କରିଛନ୍ତି। ଦିବ୍ୟଚେତନା ଦିଗରେ ଅଗ୍ରଗତି କରିବାକୁ ପ୍ରୟାସ ନ କରିବା ହେଉଛି ମନୁଷ୍ୟର ପାପ। ତା' ମଧ୍ୟରେ ଅଗ୍ନି ପ୍ରଜ୍ୱଳିତ ହେବା ମାତ୍ରେ ସେହି ଦିଗରେ ତା'ର ଅଗ୍ରଗତି ଆରମ୍ଭ ହୁଏ, ଏଣୁ ସେ ପାପରୁ ମୁକ୍ତ ହୁଏ। ଗୃହକୁ ପ୍ରିୟ ଅତିଥି ଆସିଲେ ଯେପରି ସମସ୍ତେ ଆନନ୍ଦିତ ହୋଇଉଠନ୍ତି ସେହିପରି ଜଗତବାସୀଙ୍କଠାରେ ଦିବ୍ୟଚେତନାରୂପୀ ଅଗ୍ନିଙ୍କର ଅବତରଣ ନବୀନ ପ୍ରାଣର ସଂଚାର କରିଥାଏ।*

**ଇମଂ ବିଧନ୍ତୋ ଅପାଂ ସଧସ୍ଥେ ଦ୍ୱିତାଦଧୁର୍ଭୃଗବୋ ବିକ୍ଷ୍ୱାୟୋଃ।**
**ଏଷ ବିଶ୍ୱାନ୍ୟଭ୍ୟସ୍ତୁ ଭୂମା ଦେବାନାମଗ୍ନିରରତିର୍ଜୀରାଶ୍ୱଃ ॥୨॥**

*ଇମମ୍ ବିଧନ୍ତଃ ଅପାମ୍ ସଧସ୍ଥେ ଦ୍ୱିତା ଅଦଧୁଃ ଭୃଗବଃ ବିକ୍ଷୁ ଆୟୋଃ /*
*ଏଷଃ ବିଶ୍ୱାନି ଅଭି ଅସ୍ତୁ ଭୂମ ଦେବାନାମ୍ ଅଗ୍ନିଃ ଅରତିଃ ଜୀର-ଅଶ୍ୱଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଅନ୍ତରୀକ୍ଷର ଜଳବୃଷ୍ଟି ବେଳାରେ [ଅପାଂ ସଧସ୍ଥେ] ବିଧିପୂର୍ବକ ଅର୍ଚ୍ଚନା କରୁଥିବା ଭୃଗୁଗଣ [ବିଧନ୍ତଃ ଭୃଗବଃ] ତାଙ୍କୁ [ଇମମ୍] ମନୁଷ୍ୟର [ଅୟୋଃ] ପ୍ରଜାତିଗୁଡ଼ିକରେ [ବିକ୍ଷୁ] ଦ୍ୱିଧାବିଭକ୍ତ ଜ୍ୟୋତିରୂପେ [ଦ୍ୱିତା] ନ୍ୟସ୍ତ କରିଛନ୍ତି [ଅଦଧୁଃ]। ଅତ୍ୟନ୍ତ ଶକ୍ତିଶାଳୀଭାବେ ବ୍ୟାପ୍ତ ସକଳ ସ୍ତରର [ଅଭି-ବିଶ୍ୱାନି] ସେ ପ୍ରଭୁ ହୁଅନ୍ତୁ [ଏଷଃ ଭୂମା ଅସ୍ତୁ], ସେହି ଅଗ୍ନି [ଅଗ୍ନିଃ] ଦ୍ରୁତଗାମୀ ଅଶ୍ୱଙ୍କ ସହ [ଜୀରାଶ୍ୱଃ] ଦେବମାର୍ଗର ଯାତ୍ରୀ [ଦେବାନାମ୍ ଅରତିଃ]।

*ଭାବାର୍ଥ : ଅତ୍ୟନ୍ତ ଗୂଢ଼ ଅର୍ଥର ସହ ଏହି ମନ୍ତ୍ରଟି ପ୍ରକଟିତ ହୋଇଛି। ଜଳ (ଆପଃ) ହେଉଛି ଦିବ୍ୟଜଗତସ୍ଥ ଚେତନାର ପ୍ରତୀକ। ଅଗ୍ନି-ସାଧକଗଣଙ୍କୁ ଭୃଗୁ କୁହାଯାଏ। ମନୁଷ୍ୟ-ପ୍ରଜାତି ମଧ୍ୟରେ ଦ୍ୱିଧା ବିଭକ୍ତ ଜ୍ୟୋତି ରୂପେ ଅର୍ଥାତ୍ ସମଗ୍ର ସୃଷ୍ଟିରୂପେ ଓ ତା'ର ପ୍ରଭୁରୂପେ ଅଗ୍ନି ସର୍ବତ୍ର ପରିବ୍ୟାପ୍ତ ଏବଂ ଜଣେ ଯାତ୍ରୀରୂପେ ସେ ଦେବମାର୍ଗରେ ଯାତ୍ରା କରୁଛନ୍ତି।*

**ଅଗ୍ନିଂ ଦେବାସୋ ମାନୁଷୀଷୁ ବିକ୍ଷୁ ପ୍ରିୟଂ ଧୁଃ କ୍ଷେଷ୍ୟନ୍ତୋ ନ ମିତ୍ରମ୍।**
**ସ ଦୀଦୟଦୁଶତୀରୂର୍ମ୍ୟା ଆ ଦକ୍ଷାୟ୍ୟୋ ୟୋ ଦାସ୍ୱତେ ଦମ ଆ॥୩॥**



*ଅଗ୍ନିମ୍ ଦେବାସଃ ମାନୁଷୀଷୁ ବିକ୍ଷୁ ପ୍ରିୟମ୍ ଧୁଃ କ୍ଷେଷ୍ୟନ୍ତଃ ନ ମିତ୍ରମ୍ /*
*ସଃ ଦୀଦୟତ୍ ଉଶତୀଃ ଊର୍ମ୍ୟାଃ ଆ ଦକ୍ଷାୟ୍ୟଃ ୟଃ ଦାସ୍ୱତେ ଦମେ ଆ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : କୌଣସି ଏକ ଗୃହରେ ବାସ କରିବାକୁ ଇଚ୍ଛୁକ ଲୋକମାନେ [କ୍ଷେଷ୍ୟନ୍ତଃ] ଯେପରି ତାଙ୍କର ପ୍ରିୟବନ୍ଧୁଙ୍କୁ ସେହି ଘରକୁ ନିମନ୍ତ୍ରଣ କରିଆଣନ୍ତି [ମିତ୍ରଂ ନ] ଠିକ୍ ସେହିପରି ଦେବଗଣ [ଦେବାସଃ] ଅଗ୍ନିଙ୍କୁ ମାନବ ପ୍ରଜାତିଗୁଡ଼ିକରେ [ଅଗ୍ନିଂ ମାନୁଷୀଷୁ ବିକ୍ଷୁ] ସ୍ଥାପନ କରିଛନ୍ତି [ଧୁଃ]। ଉନ୍ନତ-ତରଙ୍ଗାୟିତା ରାତ୍ରୀଗୁଡ଼ିକର କାମନାକୁ [ଊର୍ମ୍ୟାଃ ଉଶତୀଃ] ସେ ଦୀପ୍ତିମନ୍ତ କରନ୍ତୁ [ଆ-ଦୀଦୟତ୍], ଯଜ୍ଞର ଦାତାଙ୍କ ନିମନ୍ତେ [ଦାସ୍ୱତେ] ଗୃହ ମଧ୍ୟରେ [ଦମେ] ସେ ଜଣେ ଦକ୍ଷ ବୁଦ୍ଧିସମ୍ପନ୍ନ ବ୍ୟକ୍ତି ହୁଅନ୍ତୁ [ୟଃ ଦକ୍ଷାୟ୍ୟଃ ଆ]।

*ଭାବାର୍ଥ : ପୂର୍ବ ମନ୍ତ୍ରଗୁଡ଼ିକର ପ୍ରତୀକାର୍ଥ ଭିତ୍ତିରେ ଅନୁଧ୍ୟାନ କଲେ ଏହି ମନ୍ତ୍ରର ରହସ୍ୟାର୍ଥ ବୁଝିହେବ ଯେ ଅଗ୍ନିଙ୍କର ଅବସ୍ଥାନ ହେତୁ ମାନବ-ପ୍ରଜାତିଗୁଡ଼ିକରେ ଯେତେସବୁ ଉନ୍ନତି ଓ ମାଧୁର୍ଯ୍ୟ ସମ୍ଭବ ହୋଇଛି। ଏଠାରେ ଋଷି କାମନାର ବିନାଶ ନ ଚାହିଁ ପ୍ରାର୍ଥନା କରୁଛନ୍ତି ଦୀପ୍ତିମୟ କାମନାକୁ। ଯଜ୍ଞର ଦାତା– ସାଧକ; ଗୃହ– ଦେହ, ପ୍ରାଣ ଓ ମନରୂପୀ ଆଧାର।*

**ଅସ୍ୟ ରଣ୍ୱା ସ୍ୱସ୍ୟେବ ପୁଷ୍ଟିଃ ସଂଦୃଷ୍ଟିରସ୍ୟ ହିୟାନସ୍ୟ ଦକ୍ଷୋଃ।**
**ବି ୟୋ ଭରିଭ୍ରଦୋଷଧୀଷୁ ଜିହ୍ୱାମତ୍ୟୋ ନ ରଥ୍ୟୋ ଦୋଧବୀତି ବାରାନ୍ ॥୪॥**

*ଅସ୍ୟ ରଣ୍ୱା ସ୍ୱସ୍ୟ ଇବ ପୁଷ୍ଟିଃ ସମ୍-ଦୃଷ୍ଟିଃ ଅସ୍ୟ ହିୟାନସ୍ୟ ଦକ୍ଷୋଃ /*
*ବି ୟଃ ଭରିଭ୍ରତ୍ ଓଷଧୀଷୁ ଜିହ୍ୱାମ୍ ଅତ୍ୟଃ ନ ରଥ୍ୟଃ ଦୋଧବୀତି ବାରାନ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜଣକର ନିଜ ପୁଷ୍ଟି ଭଳି [ସ୍ୱସ୍ୟ ପୁଷ୍ଟିଃ ଇବ] ଏହାଙ୍କର [ଅସ୍ୟ] ଅଭିବୃଦ୍ଧି ଆନନ୍ଦମୟ [ରଣ୍ୱା], ସେ ଯେପରି ତାଙ୍କ ନିଜ ମାର୍ଗରେ ଦହନ କରି କରି ଡେଇଁ ଚାଲନ୍ତି [ଦକ୍ଷୋଃ ହିୟାନସ୍ୟ] ସେହିପରି ଏହାଙ୍କର ଦୃଷ୍ଟି ହର୍ଷପୂର୍ଣ୍ଣ [ଅସ୍ୟ ସମ୍-ଦୃଷ୍ଟିଃ]। ଅରଣ୍ୟର ବୃକ୍ଷଲତା ମଧ୍ୟରେ [ଓଷଧୀଷୁ] ସେ ତାଙ୍କର ଜିହ୍ୱାକୁ [ଜିହ୍ୱାମ୍] ଲହ ଲହ କରନ୍ତି [ଭରିଭ୍ରତ୍] ଏବଂ ରଥର ଅଶ୍ୱ ପରି [ରଥ୍ୟଃ ଅତ୍ୟଃ ନ] ସେ ନିଜର କେଶରକୁ [ବାରାନ୍] ଉନ୍ନତ କରି ତୋଳନ୍ତି [ଦୋଧବୀତି]।

*ଭାବାର୍ଥ : ସତ୍ତାର ବିଭିନ୍ନ ସ୍ତରରେ ଅଗ୍ନିଙ୍କର ବିବିଧ କାର୍ଯ୍ୟ ବିଷୟ ଏଠାରେ*

*ବର୍ଣ୍ଣିତ ହୋଇଛି : ଆମ ମଧ୍ୟରେ ଚୈତ୍ୟ ଚେତନା ବୃଦ୍ଧିଲାଭ କଲେ ସକଳ ସତ୍ତା ଆନନ୍ଦରେ ପୂରିଉଠେ। ଏହି ବିକାଶ ମାର୍ଗରେ ଅନାବଶ୍ୟକ ଗତିବୃତ୍ତିକୁ ସେ ଭସ୍ମ କରିଦିଅନ୍ତି, ଅନ୍ୟ ପକ୍ଷରେ ଆମ ସମ୍ମୁଖରେ ଏକ ଆଶାର ଦୃଷ୍ଟି ଖୋଲିଯାଏ। ଅରଣ୍ୟ : ଆମ ଅସଂସ୍କୃତ ପ୍ରାଣସତ୍ତା, ସେଠାରେ ମଧ୍ୟ ଓଜଃ ଓ ପୁଲକରୂପେ ଅଗ୍ନି ଅଭିବ୍ୟକ୍ତ ହୁଅନ୍ତି।*

**ଆ ଯନ୍ମେ ଅଭ୍ୱଂ ବନଦଃ ପନନ୍ତୋଶିଗ୍‌ଭ୍ୟୋ ନାମିମୀତ ବର୍ଣମ୍।**
**ସ ଚିତ୍ରେଣ ଚିକିତେ ରଂସୁ ଭାସା ଜୁଜୁର୍ବାଁ ଯୋ ମୁହୁରା ଯୁବା ଭୂତ୍॥୫॥**

*ଆ ଯତ୍ ମେ ଅଭ୍ୱମ୍ ବନଦଃ ପନନ୍ତ ଉଶିଗ୍‌ଭ୍ୟଃ ନ ଅମିମୀତ ବର୍ଣମ୍ /*
*ସଃ ଚିତ୍ରେଣ ଚିକିତେ ରମ୍-ସୁ ଭାସା ଜୁଜୁର୍ବାନ୍ ଯଃ ମୁହୁଃ ଆ ଯୁବା ଭୂତ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେତେବେଳେ [ଯତ୍] ମୋର ଚିନ୍ତାବଳି [ମେ ଅଭ୍ୱମ୍] ତାଙ୍କୁ ଉପଭୋଗ କରୁଥା'ନ୍ତି [ଆ-ବନଦଃ] ସେତେବେଳେ ସେମାନେ ତାଙ୍କ (ଅଗ୍ନିଙ୍କ) ଗରିମାର ସ୍ତବଗାନ କରନ୍ତି [ପନନ୍ତ], ଆମର କାମନାକୁ ରୂପ ଦେବା ଭଳି [ଉଶିଗ୍‌ଭ୍ୟଃ ନ] ସେ ରଙ୍ଗର ନାନା ରୂପକୁ [ବର୍ଣମ୍] ରଚନା କରନ୍ତି [ଅମିମୀତ]। ତାଙ୍କ ଆଲୋକର ବର୍ଣ୍ଣସମ୍ଭାର ଦ୍ୱାରା [ଚିତ୍ରେଣ ଭାସା] ସେ ମନୁଷ୍ୟ ଭିତରେ ଆନନ୍ଦପୂର୍ଣ୍ଣ ଜ୍ଞାନକୁ ଜାଗ୍ରତ କରାନ୍ତି [ସଃ ରଂସୁ ଚିକିତେ]; ସେ ପ୍ରାକ୍ତନ ଓ ଜୀର୍ଣ୍ଣ [ଯଃ ଜୁଜୁର୍ବାନ୍] ଅଥଚ ବାରଂବାର ଯୁବା ହୋଇ ଉଠନ୍ତି [ମୁହୁଃ ଆ-ଯୁବା ଭୂତ୍]।

*ଭାବାର୍ଥ : ମନୁଷ୍ୟର ସମସ୍ତ ଉନ୍ନତ ଚିନ୍ତାର ପଶ୍ଚାତରେ ରହିଛନ୍ତି ଅଗ୍ନି। ଏ ସୃଷ୍ଟିର ସକଳ ବୈଚିତ୍ର୍ୟ ହେଉଛି ଅଗ୍ନିଙ୍କର ରଙ୍ଗପରିବର୍ତ୍ତନ। ନିତ୍ୟ ନବ ନବ ରୂପେ ନିଜକୁ ସୃଷ୍ଟି କରିଚାଲିଥିବାରୁ ଅତୀତ ସୃଷ୍ଟିଟି ଜୀର୍ଣ୍ଣ ହେବା ସତ୍ତ୍ୱେ ସେ ଯୁବା।*

**ଆ ଯୋ ବନା ତାତୃଷାଣୋ ନ ଭାତି ବାର୍ଣ ପଥା ରଥ୍ୟେବ ସ୍ୱାନୀତ୍।**
**କୃଷ୍ଣାଧ୍ୱା ତପୂ ରଣ୍ୱଶ୍ଚିକେତ ଦ୍ୟୌରିବ ସ୍ମୟମାନୋ ନଭୋଭିଃ॥୬॥**

*ଆ ଯଃ ବନା ତତୃଷାଣଃ ନ ଭାତି ବାଃ ନ ପଥା ରଥ୍ୟା ଇବ ସ୍ୱାନୀତ୍ /*
*କୃଷ୍ଣ-ଅଧ୍ୱା ତପୁଃ ରଣ୍ୱଃ ଚିକେତ ଦ୍ୟୌଃ ଇବ ସ୍ମୟମାନଃ ନଭୋଭିଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜଣେ ତୃଷିତ ବ୍ୟକ୍ତି ଭଳି [ତତୃଷାଣଃ ନ] ସେ ତାଙ୍କର ଆଲୋକକୁ ବନରାଜିର ଊର୍ଦ୍ଧ୍ୱକୁ ଉତ୍ତୋଳନ କରନ୍ତି [ଯଃ ବନା ଆ-ଭାତି]; ଜଳମାର୍ଗରେ ଜଳରାଶି ବହିଯାଉଥିବାବେଳେ ଯେପରି ଧ୍ୱନି କରନ୍ତି [ପଥା ବାଃ ନ] ତାଙ୍କର ଉଚ୍ଚରବ ସେହିପରି, ଯୁଦ୍ଧରଥବାହୀ ଅଶ୍ୱର ହ୍ରେସାରବ ପରି ତାଙ୍କର ହୁଙ୍କାର [ରଥ୍ୟା ଇବ ସ୍ୱାନୀତ୍]। ତାଙ୍କର ଯାତ୍ରାପଥ କୃଷ୍ଣ [କୃଷ୍ଣ-ଅଧ୍ୱା], ତାଙ୍କର ତାପ ଦହନୀୟ [ତପୁଃ], ତାଙ୍କ ମଧ୍ୟରେ ଆନନ୍ଦ ପୂରି ରହିଛି [ରଣ୍ୱଃ] ଏବଂ ସେ ଜ୍ଞାନର ଜାଗରଣ କରନ୍ତି [ଚିକେତ] : ସେ ନକ୍ଷତ୍ରମାଳାରେ ହସୁଥିବା [ନଭୋଭିଃ ସ୍ମୟମାନଃ] ସ୍ୱର୍ଗପିତାଙ୍କ ପରି [ଦ୍ୟୌଃ ଇବ]।

*ଭାବାର୍ଥ : ଏହି ମନ୍ତ୍ରରେ ଋଷିଙ୍କର ଏକ ସୂକ୍ଷ୍ମଦର୍ଶନ ବର୍ଣ୍ଣିତ ହୋଇଛି। ବାହ୍ୟତଃ ମନେ ହେବ ଅରଣ୍ୟ ମଧ୍ୟରେ ଏହା ଏକ ଦାବାଗ୍ନିର ବର୍ଣ୍ଣନା। କିନ୍ତୁ ମନୁଷ୍ୟର ଅସଂସ୍କୃତ ପ୍ରାଣିକ ଜଗତରେ ସତ୍ୟଚେତନା ଜାଗ୍ରତ ହେଲେ ତାହା କିପରି ପ୍ରଚଣ୍ଡ ରୂପ ନେଇ ରୂପାନ୍ତରର କାର୍ଯ୍ୟ କରେ ତାହାରି ଏହା ଏକ ପ୍ରତୀକାତ୍ମକ ବର୍ଣ୍ଣନା।*

**ସ ଯୋ ବ୍ୟସ୍ଥାଦଭି ଦକ୍ଷଦୁର୍ବୀଂ ପଶୁର୍ନୈତି ସ୍ୱୟୁରଗୋପାଃ।**
**ଅଗ୍ନିଃ ଶୋଚିଷ୍ମାଁ ଅତସାନ୍ୟୁଷ୍ଣନ୍ କୃଷ୍ଣବ୍ୟଥିରସ୍ୱଦୟନ୍ନ ଭୂମ॥୭॥**

*ସଃ ଯଃ ବି ଅସ୍ଥାତ୍ ଅଭି ଧକ୍ଷତ୍ ଉର୍ବୀମ୍ ପଶୁଃ ନ ଏତି ସ୍ୱ-ଯୁଃ ଅଗୋପାଃ /*
*ଅଗ୍ନିଃ ଶୋଚିଷ୍ମାନ୍ ଅତସାନି ଉଷ୍ଣନ୍ କୃଷ୍ଣ-ବ୍ୟଥିଃ ଅସ୍ୱଦୟତ୍ ନ ଭୂମ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଏହି ବିଶାଳ ଜଗତର ସର୍ବତ୍ର ଦହନ କରିବା ପାଇଁ [ଉର୍ବୀମ୍ ଅଭି-ଧକ୍ଷତ୍] ସେ ନିଜର ଯାତ୍ରାରମ୍ଭ କରନ୍ତି [ସଃ ବ୍ୟସ୍ଥାତ୍] ଏବଂ କେହି ଜଗାଳି ନ ଥିବା ପଶୁଟିଏ ଭଳି [ଅଗୋପାଃ ପଶୁଃ ନ] ସେ ସ୍ୱେଚ୍ଛାରେ ଭ୍ରମଣ କରନ୍ତି [ଯଃ ସ୍ୱଯୁଃ]। ଶୁଭ୍ର ଜ୍ୟୋତିଷ୍ମାନ୍ ଅଗ୍ନି [ଶୋଚିଷ୍ମାନ୍ ଅଗ୍ନିଃ] ଏବଂ ତାଙ୍କର ଉତ୍ତାପଯୁକ୍ତ କୃଷ୍ଣରଙ୍ଗର ବ୍ୟଥା [ଉଷ୍ଣନ୍ କୃଷ୍ଣ-ବ୍ୟଥିଃ] ଶୁଷ୍କ କାଷ୍ଠଗଣ୍ଡିଗୁଡ଼ିକୁ ଏପରି ଭାବେ ଭକ୍ଷଣ କରେ [ଅତସାନି] ଯେପରିକି ସେ ବିଶାଳ ଶୂନ୍ୟତାକୁ ଆସ୍ୱାଦନ କରିଛନ୍ତି [ଭୂମ ଅସ୍ୱଦୟତ୍ ନ]।

*ଭାବାର୍ଥ : ଏ ଜଗତର ସର୍ବତ୍ର ଦିନେ ସତ୍ୟଚେତନାର ଅଗ୍ନି ପ୍ରଜ୍ୱଳିତ ହୋଇଉଠିବ। ଅଗ୍ନି ଯେ ସ୍ୱକାର୍ଯ୍ୟରେ ସ୍ୱାଧୀନ, ଏକଥାକୁ ଏକ ମୁକ୍ତ ପଶୁର ଉଦାହରଣ ଦେଇ ବୁଝାଯାଇଛି। କାଷ୍ଠଗଣ୍ଡିର ପ୍ରତୀକ ମାଧ୍ୟମରେ ଆମର ନିର୍ଜୀବ ପରିତ୍ୟକ୍ତ ଚେତନା ଓ କର୍ମର ବିଷୟ ବ୍ୟକ୍ତ କରାଯାଇଛି।*

**ନୂ ତେ ପୂର୍ବସ୍ୟାବସୋ ଅଧୀତୌ ତୃତୀୟେ ବିଦଥେ ମନ୍ମ ଶଂସି ।**
**ଅସ୍ମେ ଅଗ୍ନେ ସଂୟଦ୍‌ବୀରଂ ବୃହନ୍ତଂ କ୍ଷୁମନ୍ତଂ ବାଜଂ ସ୍ୱପତ୍ୟଂ ରୟିଂ ଦାଃ ॥୮॥**

*ନୂ ତେ ପୂର୍ବସ୍ୟ ଅବସଃ ଅଧି-ଇତୌ ତୃତୀୟେ ବିଦଥେ ମନ୍ମ ଶଂସି /*
*ଅସ୍ମେ ଅଗ୍ନେ ସଂୟତ୍-ବୀରମ୍ ବୃହନ୍ତମ୍ କ୍ଷୁ-ମନ୍ତମ୍ ବାଜମ୍ ସୁ-ଅପତ୍ୟମ୍ ରୟିମ୍ ଦାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମର ପୂର୍ବ ନିରାପଦ ସୁରକ୍ଷା ଉପରେ [ତେ ପୂର୍ବସ୍ୟ ଅବସଃ] ବର୍ତମାନ [ନୂ] ଆମର ମନ ସର୍ବଦା ପ୍ରସ୍ପନ୍ଦିତ [ଅଧି-ଇତୌ], ଆମର ଚିନ୍ତା [ମନ୍ମ] ଜ୍ଞାନର ତୃତୀୟ ଧାରା ମଧ୍ୟରେ ରହି [ତୃତୀୟେ ବିଦଥେ] ବାକ୍‌ରୂପେ ଅଭିବ୍ୟକ୍ତ ହୋଇଛି [ଶଂସି]। ହେ ଅଗ୍ନି ! [ଅଗ୍ନେ] ଆମକୁ ସମ୍ପଦ ଦିଅ [ରୟିଂ ଦାଃ] ଯେଉଁଥିରେ ତା'ର ଅପତ୍ୟଗଣ ମଧ୍ୟ ସମନ୍ୱିତ ହୋଇଥିବେ [ସୁ-ଅପତ୍ୟମ୍], ଆମକୁ ବୃହତ୍ ଓ ସତତ-ବୃଦ୍ଧିଶୀଳ ସମ୍ପଦ ଦିଅ [ବୃହନ୍ତଂ କ୍ଷୁମନ୍ତଂ ବାଜମ୍] ଯେଉଁଥିରେ ବୀରଗଣ ସମବେତ ହୋଇଥିବେ [ସଂୟତ୍-ବୀରମ୍]।

ଭାବାର୍ଥ : ଅଗ୍ନିଦ୍ରଷ୍ଟା ଏହି ଋଷିଗଣଙ୍କର ମନ ଆଜି ଯେଉଁ ସୁବର୍ଣ୍ଣମୟ ଭବିଷ୍ୟତ ବିଷୟରେ ଚିନ୍ତା କରୁଛି ସେହି ମନର ପ୍ରବର୍ତ୍ତକ ଓ ରକ୍ଷକ ହେଉଛନ୍ତି ଅଗ୍ନି। ଜ୍ଞାନର ତୃତୀୟ ଧାରା ଏଠାରେ ଅତିମାନସ ଜ୍ଞାନକୁ ସୂଚିତ କରେ, [ବିଚାରଲବ୍ଧ ଜ୍ଞାନ (୧), ଆଧ୍ୟାତ୍ମିକ ଆଲୋକଦୀପ୍ତ ମନ (୨)] ଏଣୁ ଋଷିଙ୍କର ବାକ୍ ଅତିମାନସ ସ୍ତରରୁ ଉଚ୍ଚାରିତ। ଆଲୋକମୟ ଚେତନା ଯଦି ମାନବର ସମ୍ପଦ ହୁଏ ତେବେ ତା'ର ଅପତ୍ୟଗଣ ହୋଇପାରନ୍ତି ଏହି ବ୍ୟକ୍ତ ବିଶ୍ୱ ଓ ସେଥିର ଜୀବନ ଧାରା।

**ତ୍ୱୟା ଯଥା ଗୃତ୍ସମଦାସୋ ଅଗ୍ନେ ଗୁହା ବନ୍ୱନ୍ତ ଉପରାଁ ଅଭି ଷ୍ୟୁଃ ।**
**ସୁବୀରାସୋ ଅଭିମାତିଷାହଃ ସ୍ମତ୍‌ସୂରିଭ୍ୟୋ ଗୃଣତେ ତଦ୍‌ବୟୋ ଧାଃ ॥୯॥**

*ତ୍ୱୟା ଯଥା ଗୃତ୍ସ-ମଦାସଃ ଅଗ୍ନେ ଗୁହା ବନ୍ୱନ୍ତଃ ଉପରାନ୍ ଅଭି ସ୍ୟୁଃ /*
*ସୁବୀରାସଃ ଅଭିମାତି-ସହଃ ସ୍ମତ୍ ସୂରିଭ୍ୟଃ ଗୃଣତେ ତତ୍-ବୟଃ ଧାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜ୍ଞାନଜ୍ୟୋତିଷ୍ମାନ୍ ମେଧାବୀ ଯଜମାନଗଣଙ୍କ ପାଇଁ [ସୂରୀଭ୍ୟଃ] ଏବଂ ତୁମର ସ୍ତୋତା ପାଇଁ [ଗୃଣତେ] ହେ ଅଗ୍ନି ! [ଅଗ୍ନେ] ତୁମେ ହୁଅ ସେମାନଙ୍କର ବିକାଶ ଓ ଅଭିବୃଦ୍ଧିର ପ୍ରତିଷ୍ଠାତା [ତତ୍-ବୟଃ ଧାଃ], ସୁବୀରଗଣଙ୍କ



ଶକ୍ତିରେ ଶକ୍ତିମାନ୍ [ସୁବୀରାସଃ] ଏବଂ ବିରୋଧୀ ଶକ୍ତିମାନଙ୍କୁ ଦମନ କରିଥିବା [ଅଭିମାତିସହଃ] ଗୃତ୍‌ସମଦଗଣ [ଗୃତ୍‌ସମଦାସଃ] ଯେପରି ତୁମରି ଶକ୍ତି ଦ୍ୱାରା [ଯଥା ତ୍ୱୟା] ଊର୍ଦ୍ଧ୍ୱତର ଜଗତଗୁଡ଼ିକୁ ଜୟ କରନ୍ତି [ଉପରାନ୍ ଅଭି-ସ୍ୟୁଃ] ଏବଂ ଗୂଢ଼ ଅନ୍ତର୍ଲୋକଗୁଡ଼ିକର [ଗୁହା] ଆନନ୍ଦକୁ ଲାଭ କରନ୍ତି[1] [ବନ୍ୱନ୍ତଃ]।

*ଭାବାର୍ଥ : ସୂକ୍ତର ଏହି ଶେଷ ମନ୍ତ୍ରଟି ଅଗ୍ନିଙ୍କ ଉଦ୍ଦେଶ୍ୟରେ ଏକ ବିନୀତ ପ୍ରାର୍ଥନା। ଏହାର ଆଧ୍ୟାତ୍ମିକ ଅର୍ଥ ଏଠାରେ ଅପେକ୍ଷାକୃତ ସ୍ପଷ୍ଟ। ପ୍ରଗତିଶୀଳ ଅଧ୍ୟାତ୍ମ-ସାଧକଗଣଙ୍କୁ ଗୃତ୍ସମଦଗଣ ବୋଲି କୁହାଯାଇଥିବାର ଅନୁମାନ କରାଯାଏ।*

ସୂକ୍ତ : ୫ ॥ ଋଷି : ସୋମହୁତି ଭାର୍ଗବ, ଛନ୍ଦ : ଅନୁଷ୍ଟୁଭ୍

**ହୋତାଜନିଷ୍ଟ ଚେତନଃ ପିତା ପିତୃଭ୍ୟ ଊତୟେ।**
**ପ୍ରୟକ୍ଷଞ୍ଜେନ୍ୟଂ ବସୁ ଶକେମ ବାଜିନୋ ୟମମ୍॥୧॥**

*ହୋତା ଅଜନିଷ୍ଟ ଚେତନଃ ପିତା ପିତୃଭ୍ୟଃ ଊତୟେ /*
*ପ୍ର-ୟକ୍ଷନ୍ ଜେନ୍ୟମ୍ ବସୁ ଶକେମ ବାଜିନଃ ୟମମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜଣେ ସଚେତନ ହୋତା ଆମଠାରୁ ଜନ୍ମଗ୍ରହଣ କରିଛନ୍ତି [ଚେତନଃ ହୋତା ଅଜନିଷ୍ଟ]; ପିତୃଗଣଙ୍କଠାରୁ [ପିତୃଭ୍ୟଃ] ଜଣେ ପିତା ଜନ୍ମଲାଭ କରିଛନ୍ତି [ପିତା (ଅଜନିଷ୍ଟ)]ସେମାନଙ୍କ ରକ୍ଷାକର୍ତ୍ତା ରୂପେ [ଊତୟେ]। ଯଜ୍ଞ ଦ୍ୱାରା [ପ୍ରୟକ୍ଷନ୍] ଜୟଦାୟକ ସମ୍ପଦକୁ[2] ଆମ୍ଭେମାନେ ଲାଭ କରିବାରେ ସମର୍ଥ ହେଉ [ଶକେମ], ଏବଂ ଦ୍ରୁତଗାମୀ ଅଶ୍ୱକୁ [ବାଜିନଃ] ଆୟତ୍ତ କରିବାରେ ସମର୍ଥ ହେଉ [ୟମମ୍]।

*ଭାବାର୍ଥ : ଆମ ମଧ୍ୟରେ ଅଗ୍ନି ଜନ୍ମହେବା ଅର୍ଥ ଆମ ଅନ୍ତରରେ ଦିବ୍ୟ ସଂକଳ୍ପର ସୃଷ୍ଟି ହେବା। ଏହି ଅଗ୍ନି ଜଣେ ସଚେତନ ହୋତା ରୂପରେ ଆମ ମଧ୍ୟକୁ ସମସ୍ତ ଦେବଗୁଣର ଆବାହନ କରନ୍ତି। ଏହି ସଂକଳ୍ପର ଅଗ୍ନି ଆମର ପିତୃପୁରୁଷାନୁକ୍ରମେ ଆମ ମଧ୍ୟକୁ ଆସିଛନ୍ତି ଏବଂ ସେମାନଙ୍କର ସମସ୍ତ ଉନ୍ନତ ସତ୍ତାମାନଙ୍କୁ ଆମ ମଧ୍ୟରେ ସୁରକ୍ଷିତ କରିଛନ୍ତି। ଯଜ୍ଞ ଦ୍ୱାରା ଅର୍ଥାତ୍ ଆମର ସମର୍ପଣ ଓ ଗ୍ରହଣ ଦ୍ୱାରା ଏହି ଅଗ୍ନିଙ୍କର ବିକାଶ ଘଟାଇବା ପାଇଁ ଏବଂ ଆମର କାମନା-ପ୍ରବାହରେ ସତତ ଧାବମାନ ମନରୂପକ ଅଶ୍ୱକୁ ସଂଯତ କରିବା ପାଇଁ ଆମେ ସମର୍ଥ ହେଉଁ ବୋଲି ଋଷି ଏଠାରେ ଅଭୀପ୍ସା କରୁଛନ୍ତି।*

[1] ଅଥବା, ଜୟ କରନ୍ତି । [2] ଅଥବା, ଯେଉଁ ସମ୍ପଦକୁ ଜୟ କରିବାକୁ ହେବ ।

**ଆ ଯସ୍ମିନ୍ତ୍‌ସପ୍ତ ରଶ୍ମୟସ୍ତତା ଯଜ୍ଞସ୍ୟ ନେତରି।**
**ମନୁଷ୍ୱଦ୍ଦୈବ୍ୟମଷ୍ଟମଂ ପୋତା ବିଶ୍ୱଂ ତଦିନ୍ୱତି ॥୨॥**

*ଆ ଯସ୍ମିନ୍ ସପ୍ତ ରଶ୍ମୟଃ ତତାଃ ଯଜ୍ଞସ୍ୟ ନେତରି /*
*ମନୁଷ୍ୱତ୍ ଦୈବ୍ୟମ୍ ଅଷ୍ଟମମ୍ ପୋତା ବିଶ୍ୱମ୍ ତତ୍ ଇନ୍ୱତି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯଜ୍ଞର ଏହି ନେତାଙ୍କ ମଧ୍ୟରେ [ଯଜ୍ଞସ୍ୟ ଅସ୍ମିନ୍ ନେତରି] ସପ୍ତ ରଶ୍ମି [ସପ୍ତ ରଶ୍ମୟଃ] ବିସ୍ତାରିତ [ତୋତାଃ] ; ଏକ ଦିବ୍ୟ ଅଷ୍ଟମ ରହିଛି [ଦୈବ୍ୟମ୍ ଅଷ୍ଟମମ୍] ଯାହାକି ଏହା ସହ ମନୁଷ୍ୟଗଣଙ୍କୁ ବହନ କରି ନେଉଛି [ମନୁଷ୍ୱତ୍]। ଶୁଦ୍ଧିର ଦିବ୍ୟ ପୁରୋହିତ [ପୋତା] ସେହି ସକଳକୁ [ତତ୍ ବିଶ୍ୱମ୍] ଅଧିକାର କରନ୍ତି[1] [ଇନ୍ୱତି]।

*ଭାବାର୍ଥ : ଅଗ୍ନି ହେଉଛନ୍ତି ଯଜ୍ଞର ନେତା। ସପ୍ତରଶ୍ମି : ଚେତନାର ସପ୍ତଧାରା : ଶରୀର (ଭୂଃ), ପ୍ରାଣ (ଭୁବଃ), ମନ (ସ୍ୱଃ), ବିଜ୍ଞାନ (ମହଃ), ସତ୍, ଚିତ୍, ଆନନ୍ଦ (ଏହି ପୁସ୍ତକର ପୃ.୩୧-୩୨ ଦ୍ରଷ୍ଟବ୍ୟ)। ଦିବ୍ୟ ଅଷ୍ଟମ ତତ୍ତ୍ୱଟି ଅତ୍ୟନ୍ତ ରହସ୍ୟଜନକ। ବୋଧହୁଏ ଏହି ସପ୍ତର ଊର୍ଦ୍ଧ୍ୱରେ ଯେଉଁ ପରମ ଏକ ସତ୍ତା ସର୍ବବ୍ୟାପକ ହୋଇ ବିଦ୍ୟମାନ ତାହାଙ୍କୁ ବୁଝାଉଥାଇପାରେ, କାରଣ ପରବର୍ତ୍ତୀ ମନ୍ତ୍ରରେ ପରମ 'ତତ୍'ଙ୍କ ବିଷୟରେ ଉଲ୍ଲେଖ ରହିଛି।*

**ଦଧନ୍ୱେ ବା ଯଦୀମନୁ ବୋଚ଼ଦ୍ ବ୍ରହ୍ମାଣି ବେରୁ ତତ୍।**
**ପରି ବିଶ୍ୱାନି କାବ୍ୟା ନେମିଶ୍ଚକ୍ରମିବାଭବତ୍ ॥୩॥**

*ଦଧନ୍ୱେ ବା ଯତ୍ ଈମ୍ ଅନୁ ବୋଚ଼ତ୍ ବ୍ରହ୍ମାଣି ବେଃ ଉ ତତ୍ /*
*ପରି ବିଶ୍ୱାନି କାବ୍ୟା ନେମିଃ ଚକ୍ରମ୍ ଇବ ଅଭବତ୍ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : (*ବା – ଅଥବା, ପୂର୍ବମନ୍ତ୍ର ସହ ସମ୍ବନ୍ଧସୂଚକ।*) ଯେତେବେଳେ [ଯତ୍] ଜଣେ ମନୁଷ୍ୟ ଏହି ଅଗ୍ନିଙ୍କୁ [ଈମ୍] ଦୃଢ଼ତାର ସହ ଧାରଣ କରିଥାଏ [ଦଧନ୍ୱେ] ସେ ଜ୍ଞାନର ଦିବ୍ୟ ଶବ୍ଦାବଳିକୁ [ବ୍ରହ୍ମାଣି] ପ୍ରତିଧ୍ୱନିତ କରିଥାଏ [ଅନୁବୋଚ଼ତ୍] ଏବଂ ସେହି ପରମ ତତ୍‌ଙ୍କ ନିକଟକୁ ଆସିଥାଏ[2] [ତତ୍ ବେଃ] : କାରଣ, ଚକ୍ରକୁ ନେମି ବେଢ଼ି ରହିଥିବା ପରି [ଚକ୍ରଂ ନେମିଃ ଇବ] ସେ ସକଳ ଦ୍ରଷ୍ଟୃଜ୍ଞାନକୁ ଅନ୍ତର୍ଭୁକ୍ତ କରିଥା'ନ୍ତି [ବିଶ୍ୱାନି କାବ୍ୟା ପରି-ଅଭବତ୍]।

---
[1] ଅଥବା, ଯାତ୍ରା କରନ୍ତି । [2] ଅଥବା, ତାଙ୍କୁ ଜାଣିବାକୁ ପାଏ ।



*ଭାବାର୍ଥ : ଜଣକ ଭିତରେ ଦିବ୍ୟ ସଂକଳ୍ପ ଏବଂ ସଚେତନ ଶକ୍ତି (ଅଗ୍ନି) ଦୃଢ଼ ପ୍ରତିଷ୍ଠା ଲାଭ କଲେ ତାଙ୍କର ବାଣୀରେ ସତ୍ୟବାକ୍ ପ୍ରକାଶିତ ହୁଏ। ସେହି ଅଗ୍ନିଙ୍କ ମଧ୍ୟରେ ସମସ୍ତ ଅନ୍ତର୍ଜ୍ଞାନ ପୂରି ରହିଛି।*

**ସାକଂ ହି ଶୁଚ଼ିନା ଶୁଚ଼ିଃ ପ୍ରଶାସ୍ତା କ୍ରତୁନାଜନି।**
**ବିଦ୍ୱାଁ ଅସ୍ୟ ବ୍ରତା ଧ୍ରୁବା ବୟା ଇବାନୁ ରୋହତେ ॥୪॥**

*ସାକମ୍ ହି ଶୁଚ଼ିନା ଶୁଚ଼ିଃ ପ୍ରଶାସ୍ତା କ୍ରତୁନା ଅଜନି /*
*ବିଦ୍ୱାନ୍ ଅସ୍ୟ ବ୍ରତା ଧ୍ରୁବା ବୟାଃ ଇବ ଅନୁ ରୋହତେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଶୁଦ୍ଧ [ଶୁଚ଼ିଃ], ପ୍ରଶସ୍ତିର ଉଦ୍‌ଘୋଷକ [ପ୍ରଶାସ୍ତା] (ଅଗ୍ନି) ଶୁଦ୍ଧ ସଂକଳ୍ପର ସହ [ଶୁଚ଼ିନା କ୍ରତୁନା] ଜନ୍ମଲାଭ କରିଛନ୍ତି [ଅଜନି]। ଯେଉଁ ମାନବ ତାଙ୍କ ଅଟଳ ଓ ନିତ୍ୟ କ୍ରିୟାର ଧାରାଗୁଡ଼ିକୁ ଜାଣନ୍ତି [ଅସ୍ୟ ଧ୍ରୁବା ବୟାଃ ବ୍ରତାଃ ବିଦ୍ୱାନ୍] ବୃକ୍ଷର ଶାଖା ପରି ସେ ଗୋଟିଏ ପରେ ଗୋଟିଏ ସ୍ତର ଆରୋହଣ କରିଯାଆନ୍ତି [ଅନୁରୋହତେ ଇବ]।

*ଭାବାର୍ଥ : ଅଗ୍ନିଙ୍କର କ୍ରିୟାକୁ ଜାଣିବାର ଅର୍ଥ ହେଉଛି ଏହି ବିଶ୍ୱରେ କାର୍ଯ୍ୟରତ ସକଳ ସ୍ଥୂଳ ଓ ସୂକ୍ଷ୍ମ ଶକ୍ତିମାନଙ୍କ ବିଷୟରେ ଅବଗତ ହେବା।*

**ତା ଅସ୍ୟ ବର୍ଣମାୟୁବୋ ନେଷ୍ଟୁଃ ସଚ଼ନ୍ତ ଧେନବଃ।**
**କୁବିତ୍ତିସୃଭ୍ୟ ଆ ବରଂ ସ୍ୱସାରୋ ୟା ଇଦଂ ୟୟୁଃ ॥୫॥**

*ତାଃ ଅସ୍ୟ ବର୍ଣମ୍ ଆୟୁବଃ ନେଷ୍ଟୁଃ ସଚ଼ନ୍ତ ଧେନବଃ /*
*କୁବିତ୍ ତିସୃଭ୍ୟଃ ଆ ବରମ୍ ସ୍ୱସାରଃ ୟାଃ ଇଦମ୍ ୟୟୁଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଧେନୁଗଣ [ଧେନବଃ] ଏହି ଜ୍ୟୋତିର୍ମୟ ପୁରୋହିତଙ୍କର [ଅସ୍ୟ ନେଷ୍ଟୁଃ] ଆଲୋକର ବର୍ଣ ନିକଟକୁ[1] ଆସନ୍ତି ଓ ସଂଶ୍ଳିଷ୍ଟ ହୁଅନ୍ତି [ବର୍ଣମ୍ ଆୟୁବଃ ସଚ଼ନ୍ତଃ], ଭଗିନୀଗଣ [ସ୍ୱସାରଃ] ଯେଉଁମାନେକି [ୟାଃ] ସେହି 'ତିନି'ର ଊର୍ଦ୍ଧ୍ୱ[2] ପରମ ସ୍ତରକୁ [ତିସୃଭ୍ୟଃ ବରମ୍ ଇଦମ୍ ଆ] ବାରଂବାର [କୁବିତ୍] ଯାତ୍ରା କରିଛନ୍ତି [ୟୟୁଃ]।

---
[1] ଅଥବା, ଏକପ୍ରକାର ରଙ୍ଗ ନିକଟକୁ । [2] ଚତୁର୍ଥ ଜଗତ, ତୁରୀୟମ୍ 'ତିନି'ର ଊର୍ଦ୍ଧ୍ୱରେ, ତେଣୁ ଋଗ୍‌ବେଦରେ ଏହାକୁ ତୁରୀୟମ୍ ସ୍ୱିଦ୍ ବୋଲି କୁହାଯାଇଛି।

*ଭାବାର୍ଥ : ଏହି ମନ୍ତ୍ରରେ ଧେନୁ ଓ ଭଗିନୀଙ୍କର ଅଗ୍ନିଙ୍କ ସହ ସମ୍ପର୍କ ବିଷୟ ବର୍ଣ୍ଣିତ ହୋଇଛି। ଧେନୁ– ଅନ୍ତର୍ଗତ ଜ୍ୟୋତି ବା ଜ୍ଞାନର ପ୍ରତୀକ, ଭଗିନୀଗଣ– ଭିନ୍ନ ଭିନ୍ନ ଚେତନାର ପ୍ରତୀକ, ଯେଉଁମାନେକି ମାତୃ ରୂପିଣୀ ଏକ ଚେତନାରୁ ଉତ୍ସାରିତା। ଅଗ୍ନିଙ୍କର ବର୍ଣ୍ଣ ସର୍ବଦା ଶୁଚି, କିନ୍ତୁ ତାଙ୍କ କର୍ମର ବିଭିନ୍ନ ସ୍ତରରେ ରଙ୍ଗ ଭିନ୍ନ ଭିନ୍ନ ରୂପେ ପ୍ରକଟିତ ହୁଏ। ଏଣୁ ଏହି ମନ୍ତ୍ରର ଗୂଢ଼ାର୍ଥ ଏପରି ହୋଇପାରେ– ଅଗ୍ନିଙ୍କ କ୍ରିୟାରେ ଜ୍ଞାନରାଜି ତଥା ଊର୍ଦ୍ଧ୍ୱରୁ ପ୍ରବାହିତ ଚେତନାର ସ୍ତରଗୁଡ଼ିକ ମଧ୍ୟ ଆସି ଯୋଗଦାନ କରନ୍ତି।*

**ଯଦୀ ମାତୁରୁପ ସ୍ୱସା ଘୃତଂ ଭରନ୍ତ୍ୟସ୍ଥିତ।**
**ତାସାମଧ୍ୱର୍ୟୁରାଗତୌ ଯବୋ ବୃଷ୍ଟୀବ ମୋଦତେ॥୬॥**

*ଯତ୍ ଈ ମାତୁଃ ଉପ ସ୍ୱସା ଘୃତମ୍ ଭରନ୍ତୀ ଅସ୍ଥିତ/*
*ତାସାମ୍ ଅଧ୍ୱର୍ୟୁଃ ଆଗତୌ ଯବଃ ବୃଷ୍ଟୀ ଇବ ମୋଦତେ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେତେବେଳେ [ଯତ୍ ଈ] ଦିବ୍ୟ ମାତାଙ୍କର ଭଗିନୀ [ମାତୁଃ ସ୍ୱସା] ଆଲୋକର ନିଷ୍କର୍ଷକୁ [ଘୃତମ୍] ବହନ କରି [ଭରନ୍ତୀ] ତାଙ୍କ ନିକଟକୁ ଆସନ୍ତି [ଉପ ଅସ୍ଥିତ], ସେତେବେଳେ ଯାତ୍ରାଯଜ୍ଞର ପୁରୋହିତ (ଅଗ୍ନି) [ଅଧ୍ୱର୍ୟୁଃ] ତାଙ୍କ ଆଗମନରେ [ତାସାମ୍ ଆଗତୌ] ଏପରି ଆନନ୍ଦିତ ହୁଅନ୍ତି [ମୋଦତେ] ଠିକ୍ ଯେପରି ଯବଧାନ କିଆରି ବୃଷ୍ଟି ସମୟରେ ନିଜକୁ ଆନନ୍ଦରେ ଖୋଲି ଦେଇଥାଏ [ଯବଃ ବୃଷ୍ଟୀ ଇବ]।

*ଭାବାର୍ଥ : ଦିବ୍ୟ ଚେତନା ଅଦିତି ହେଉଛନ୍ତି ମାତା, ତାଙ୍କ ମଧ୍ୟରେ ଥିବା ସୃଜନୀ ଓ କାର୍ଯ୍ୟକାରିଣୀ ଶକ୍ତିକୁ ଋଷି "ମାତୁଃ ସ୍ୱସା" ବୋଲି ଉପଲକ୍ଷ୍ୟ କରିଥାଇ ପାରନ୍ତି, କାରଣ ସେ ଊର୍ଦ୍ଧ୍ୱଲୋକର ଜ୍ଞାନ (ଆଲୋକ)ର ନିଷ୍କର୍ଷକୁ ବହନ କରି ପାର୍ଥିବ ଚେତନା ଓ ସଂକଳ୍ପର ଅଗ୍ନିଙ୍କ ନିକଟକୁ ଆଗମନ କରୁଛନ୍ତି ଓ ଉଭୟଙ୍କର ଆନନ୍ଦମୟ ସମ୍ମିଳନ ସଂଘଟିତ ହେଉଛି।*

**ସ୍ୱଃ ସ୍ୱାୟ ଧାୟସେ କୃଣୁତାମୃତ୍ୱିଗୃତ୍ୱିଜମ୍ ।**
**ସ୍ତୋମଂ ଯଜ୍ଞଂ ଚାଦରଂ ବନେମା ରରିମା ବୟମ୍ ॥୭॥**



*ସ୍ୱଃ ସ୍ୱାୟ ଧାୟସେ କୃଣୁତାମ୍ ଋତ୍ୱିକ୍ ଋତ୍ୱିଜମ୍/*
*ସ୍ତୋମଂ ଯଜ୍ଞମ୍ ଚ ଆତ୍ ଅରମ୍ ବନେମ ରରିମ ବୟମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସେ ସ୍ୱୟଂ [ସ୍ୱଃ] ନିଜର ଦୃଢ଼ତା ପାଇଁ [ସ୍ୱାୟ ଧାୟସେ] ଯଜ୍ଞର ଋତ୍ୱିଜ [ଋତ୍ୱିକ୍], ଋତ୍ୱିଜ ନିର୍ମାଣ କରନ୍ତୁ [ଋତ୍ୱିଜଂ କୃଣୁତାମ୍]; ଆମେ ସ୍ତବ ଓ ଯଜ୍ଞର ଆନନ୍ଦ ଲାଭ କରୁଁ [ସ୍ତୋମଂ ଯଜ୍ଞଂ ଚ଼ ବନେମ], କାରଣ, ଯାହା ଆମେ ଦେଇ ସାରିଛୁଁ[1] [ବୟଂ ରରିମ] ଏହାପରେ ତାହା ପୂର୍ଣ୍ଣ ହୁଏ[2] [ଆତ୍ ଅରମ୍]।

*ଭାବାର୍ଥ : ଅଗ୍ନି ସ୍ୱୟଂ ଋତ୍ୱିଜ, ସତ୍ୟର ଉତ୍‌ଥାନକ୍ରମ ଅନୁସାରେ ନବ ନବ ଯଜ୍ଞର (ଋତୁ+ଯଜ୍) ଶୁଭାରମ୍ଭ କରନ୍ତି, ଏହି କାର୍ଯ୍ୟକୁ ସେ ସଂଗୋପନରେ ବାହ୍ୟ ଜଗତର ଅନ୍ତରାଳରେ ଥାଇ କରୁଥା'ନ୍ତି, କିନ୍ତୁ ତାହାକୁ ଉପଲବ୍ଧି କରି ଯେଉଁମାନେ କାର୍ଯ୍ୟରେ ପରିଣତ କରନ୍ତି ସେମାନଙ୍କୁ ମଧ୍ୟ ଋତ୍ୱିଜ କୁହାଯାଏ। ସେହି ଋତ୍ୱିଜମାନଙ୍କର ନିର୍ମାଣ ପାଇଁ ଋଷି ପ୍ରାର୍ଥନା କରୁଛନ୍ତି, ଯାହା ଫଳରେ ଅଗ୍ନିଙ୍କର କ୍ରିୟା ଇହଜଗତରେ ସତ୍ୱର ହେବ। ସାଧକ ଯେତେବେଳେ ସମର୍ପଣରେ ଆନନ୍ଦ ଲାଭ କରେ ସେତେବେଳେ ଆତ୍ମଦାନ ପୂର୍ଣ୍ଣ ହୁଏ।*

**ଯଥା ବିଦ୍ୱାଁ ଅରଂ କରଦ୍ୱିଶ୍ୱେଭ୍ୟୋ ଯଜତେଭ୍ୟଃ।**
**ଅୟମଗ୍ନେ ତ୍ୱେ ଅପି ଯଂ ଯଜ୍ଞଂ ଚକୃମା ବୟମ୍॥୮॥**

*ଯଥା ବିଦ୍ୱାନ୍ ଅରମ୍ କରତ୍ ବିଶ୍ୱେଭ୍ୟଃ ଯଜତେଭ୍ୟଃ/*
*ଅୟମ୍ ଅଗ୍ନେ ତ୍ୱେ ଅପି ଯମ୍ ଯଜ୍ଞମ୍ ଚକୃମ ବୟମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜ୍ଞାନଥିବା ବ୍ୟକ୍ତିଙ୍କୁ [ବିଦ୍ୱାନ୍] ଯଜ୍ଞର ସକଳ ଦେବତାଙ୍କ ଉଦ୍ଦେଶ୍ୟରେ [ବିଶ୍ୱେଭ୍ୟଃ ଯଜତେଭ୍ୟଃ] ଯଜ୍ଞବିଧି ସମ୍ପାଦନ କରିବାକୁ ଯେପରି ଦିଆଯାଏ [ଯଥା ଅରଂ କରତ୍]। ହେ ଅଗ୍ନି [ଅଗ୍ନେ]! ଆମେମାନେ ଯେଉଁ ଯଜ୍ଞ କରୁଛୁ [ବୟଂ ଯଂ ଯଜ୍ଞଂ ଚକୃମ] ତାହା ତୁମକୁ ଆଧାର କରି [ତ୍ୱେ ଅପି]।

*ଭାବାର୍ଥ : ଯେଉଁମାନେ ଅନ୍ତର୍ଜଗତର ସତ୍ୟକୁ ଜାଣନ୍ତି ତାଙ୍କୁ ବିଦ୍ୱାନ୍ ବା ଜ୍ଞାନୀ କୁହାଯାଏ। ଋଷି ପ୍ରାର୍ଥନା କରୁଛନ୍ତି– ସେହି ଲୋକମାନେ ଯେପରି ଏହି ସଂସାରର*

[1] ଅନ୍ୟାର୍ଥେ, ସ୍ତବ ଓ ଯଜ୍ଞର ପୂର୍ଣ୍ଣ ଆନନ୍ଦକୁ ଆମେ ଲାଭ କରୁଁ; କାରଣ ଆମେ ଦାନ କରିଛୁଁ।
[2] ଅଥବା, ତା'ପରେ ଏହା ପୂର୍ଣ୍ଣ ହୁଏ, (ମାର୍ଗରେ) ଆମେ ଯାତ୍ରା କରୁ।

*ସକଳ କର୍ମରେ ଅଧିକାର ଲାଭ କରନ୍ତି, ଯାହାଫଳରେ ସମଗ୍ର ଜଗତରେ ସତ୍ୟର କ୍ରିୟା ସୁଚାରୁରୂପେ ଚାଲି ପାରିବ। ଏଥିସହ ଋଷି ନିଜ ସମ୍ପର୍କରେ କହୁଛନ୍ତି ଯେ – ଆମେମାନେ ଯେଉଁ ସମର୍ପଣର ନିତ୍ୟ ସାଧନା କରୁଛୁ ତାହାର ଆଧାର ମଧ୍ୟ ସେହି ସତ୍ୟ-ଅଗ୍ନି।*

ସୂକ୍ତ : ୬ ॥ ଋଷି : ସୋମହୁତି ଭାର୍ଗବ, ଛନ୍ଦ : ଗାୟତ୍ରୀ

**ଇମାଂ ମେ ଅଗ୍ନେ ସମିଧମିମାମୁପସଦଂ ବନେଃ।**
**ଇମା ଉ ଷୁ ଶ୍ରୁଧୀ ଗିରଃ॥୧॥**

*ଇମାମ୍ ମେ ଅଗ୍ନେ ସମ୍-ଇଧମ୍ ଇମାମ୍ ଉପ-ସଦମ୍ ବନେଃ /*
*ଇମାଃ ଉ ଷୁ ଶ୍ରୁଧି ଗିରଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ]! ତୁମକୁ ଯେଉଁ ସମିଧ ମୁଁ ନିବେଦନ କରୁଛି [ଇମାଂ ସମିଧମ୍] ସେଥିରେ ତୁମେ ଉତ୍‌ଫୁଲ୍ଲିତ ହୋଇଉଠ [ବନେଃ], ମୋର ଯଜ୍ଞାନୁଷ୍ଠାନ କାଳରେ [ମେ ଉପ-ସଦମ୍] ତୁମେ ଆନନ୍ଦିତ ହୋଇଉଠ [ବନେଃ]। ମୋର ସ୍ତୁତିବଚନଗୁଡ଼ିକ ପ୍ରତି [ଇମାଃ ଗିରଃ ଉ] ତୁମେ ଏକାନ୍ତ ଭାବେ କର୍ଣ୍ଣପାତ କର [ଷୁ-ଶ୍ରୁଧି]।

*ଭାବାର୍ଥ : ସ୍ଥୂଳ ଘୃତ ଯଜ୍ଞର ପ୍ରତୀକ ନେଇ ଏହି ମନ୍ତ୍ରଟିରେ ଅଗ୍ନିଙ୍କୁ ପ୍ରାର୍ଥନା କରାଯାଇଛି। କିନ୍ତୁ ଏହି ଅଗ୍ନିଙ୍କୁ ଯେତେବେଳେ ଆମ ଅନ୍ତରାତ୍ମା ଏବଂ ସୃଷ୍ଟିର ଅନ୍ତରାତ୍ମା ରୂପେ ବୁଝୁ ସେତେବେଳେ ଏହି ଯଜ୍ଞ ଆମର ଆନ୍ତର ଯଜ୍ଞ ହୋଇଉଠେ ଏବଂ ଏହି ମନ୍ତ୍ରର ଅର୍ଥରେ ଆଧ୍ୟାତ୍ମିକ ରହସ୍ୟ ବୁଝିହୁଏ। ଅଗ୍ନିଙ୍କୁ ସମିଧ ନିବେଦନ କରିବା ମାଧ୍ୟମରେ ଋଷି ଆମର ଜଡ଼ତାକୁ ଭଗବତ୍ ଚେତନା ମଧ୍ୟରେ ନିକ୍ଷେପ କରିବା କଥା କହୁଛନ୍ତି, ଯାହାଫଳରେ ଏହା ଦିବ୍ୟତ୍ୱ ଲାଭ କରିବ।*

**ଅୟା ତେ ଅଗ୍ନେ ବିଧେମୋର୍ଜୋ ନପାଦଶ୍ୱମିଷ୍ଟେ।**
**ଏନା ସୂକ୍ତେନ ସୁଜାତ॥୨॥**

*ଅୟା ତେ ଅଗ୍ନେ ବିଧେମ ଊର୍ଜଃ ନପାତ୍ ଅଶ୍ୱମ୍ ଇଷ୍ଟେ /*
*ଏନା ସୁ-ଉକ୍ତେନ ସୁ-ଜାତ॥*



ଶ୍ରୀଅରବିନ୍ଦକୃତ ଅର୍ଥ : ସର୍ବାଙ୍ଗୀଣ ଜନ୍ମଲାଭ ପାଇଁ ଆନୀତ [ସୁଜାତ ଅୟା] ଶକ୍ତିମୟ ଜଗତର ପୁତ୍ର [ଊର୍ଜଃ], ଅଶ୍ୱ-ଚାଳକ [ଅଶ୍ୱମ୍ ନପାତ୍] ହେ ଅଗ୍ନି [ଅଗ୍ନେ]! ଏହି ଆହୁତି ଦ୍ୱାରା ଆମେ ତୁମର ଆରାଧନା କରିବାକୁ ଇଚ୍ଛୁକ [ତେ ବିଧେମ], ଏହି ସୂକ୍ତ ଦ୍ୱାରା [ଏନା ସୂକ୍ତେନ] ଆରାଧନା କରିବାକୁ ଇଚ୍ଛୁକ [ଇଷ୍ଟେ]।

*ଭାବାର୍ଥ : କୌଣସି ଅପୂର୍ଣ୍ଣତା ନ ଥିବା ଆଧ୍ୟାତ୍ମିକ ନବଜନ୍ମ ନିମନ୍ତେ ଜଣେ ଅଗ୍ନିଙ୍କୁ ନିଜ ଅନ୍ତରରେ ଆବିଷ୍କାର କରେ ଓ ତାଙ୍କ ମଧ୍ୟରେ ନିଜର ସମସ୍ତ କିଛିକୁ ନିବେଦନ କରେ। ଅଶ୍ୱ ପ୍ରାଣିକ ଶକ୍ତିର ପ୍ରତୀକ।*

**ତଂ ତ୍ୱା ଗୀର୍ଭିର୍ଗିର୍ବଣସଂ ଦ୍ରବିଣସ୍ୟୁଂ ଦ୍ରବିଣୋଦଃ।**
**ସପର୍ୟେମ ସପର୍ୟବଃ॥୩॥**

*ତମ୍ ତ୍ୱା ଗୀର୍ଭିଃ ଗିର୍ବଣସମ୍ ଦ୍ରବିଣସ୍ୟୁମ୍ ଦ୍ରବିଣଃ-ଦଃ /*
*ସପର୍ୟେମ ସପର୍ୟବଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ବାକ୍ ମଧ୍ୟରେ ଥିବା ତୁମର ଆନନ୍ଦକୁ [ତଂ ଗିର୍ବଣସମ୍] ଆମେ ଆମର ସ୍ତୁତିବଚନ ଦ୍ୱାରା [ଗୀର୍ଭିଃ] ପରିଚର୍ଯ୍ୟା କରୁଁ; ହେ ଦ୍ରବିଣଦାତା [ଦ୍ରବିଣୋଦଃ]! ଦ୍ରବିଣର ଅଭୀପ୍ସୁଙ୍କର ପରିଚର୍ଯ୍ୟା ଆମେ କରୁଁ [ଦ୍ରବିଣସ୍ୟୁମ୍]। ତୁମର ସେବାକାମୀ ଆମମାନଙ୍କୁ [ସପର୍ୟବଃ] ତୁମର ସେବା ପାଇଁ ଅନୁଗ୍ରହ କର [ତ୍ୱା ସପର୍ୟେମ]।

*ଭାବାର୍ଥ : ମଣିଷର ବାକ୍ ମଧ୍ୟରେ ବାକ୍‌ଶକ୍ତିରୂପେ ଅଗ୍ନି ବିଦ୍ୟମାନ। ଯେତେବେଳେ ଜଣେ ତାହାକୁ ସତ୍ୟ ମାର୍ଗରେ ତଥା ଭଗବତ୍ ଚେତନାର ଉନ୍ନତି ମାର୍ଗରେ ବ୍ୟବହାର କରେ, ସେ ଆନନ୍ଦ ଅନୁଭବ କରେ ଏବଂ ତାହାରି ମାଧ୍ୟମରେ ସେ ଦିବ୍ୟ ସମ୍ପଦମାନ ଲାଭ କରେ। ଏହିପରି ଦିବ୍ୟସମ୍ପଦର ଅଭୀପ୍ସୁମାନଙ୍କର ତଥା ଅଗ୍ନିଙ୍କର ପରିଚର୍ଯ୍ୟା କରିବା ନିମନ୍ତେ ଋଷି ପ୍ରାର୍ଥନା କରୁଛନ୍ତି।*

**ସ ବୋଧି ସୂରିର୍ମଘବା ବସୁପତେ ବସୁଦାବନ୍।**
**ଯୁୟୋଧ୍ୟସ୍ମଦ୍‌ଦ୍ୱେଷାଂସି॥୪॥**

*ସଃ ବୋଧି ସୂରି ମଘବା ବସୁପତେ ବସୁଦାବନ୍ /*
*ଯୁୟୋଧି ଅସ୍ମତ୍ ଦ୍ୱେଷାଂସି॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦିବ୍ୟ ସମ୍ପଦର ଦେବତା [ବସୁପତେ], ହେ ଦିବ୍ୟ ସମ୍ପଦର ଦାତା [ବସୁଦାବନ୍], ଜାଗ୍ରତ ହୁଅ [ସଃ ବୋଧି] – ତୁମେ ଦିବ୍ୟ ସମ୍ପଦର ଦ୍ରଷ୍ଟା ଓ ପ୍ରଭୁ ଅଟ [ସୂରିଃ ମଘବା]; ଆମ ମଧ୍ୟରୁ ବିରୋଧୀ ବସ୍ତୁଗୁଡ଼ିକୁ [ଅସ୍ମଦ୍ ଦ୍ୱେଷାଂସି] ଦୂର କର [ୟୁୟୋଧି]।

*ଭାବାର୍ଥ : ଅଗ୍ନି ହେଉଛନ୍ତି ଦିବ୍ୟ ସମ୍ପଦର ଦେବତା, ଦାତା, ଦ୍ରଷ୍ଟା ଓ ପ୍ରଭୁ । କିନ୍ତୁ ଜଣକର ଚେତନାରେ ତାଙ୍କ ପ୍ରତି ସକଳ ବିରୋଧଭାବ ଦୂର ନ ହେବା ପର୍ଯ୍ୟନ୍ତ ସେ ସେହି ଦିବ୍ୟ ସମ୍ପଦକୁ ଲାଭ କରିପାରେ ନାହିଁ । ଏହି ବିରୋଧର ଦୂରୀକରଣ ପାଇଁ ଋଷିଙ୍କର ପ୍ରାର୍ଥନା ।*

**ସ ନୋ ବୃଷ୍ଟିଂ ଦିବସ୍ପରି ସ ନୋ ବାଜମନର୍ବାଣମ୍।**
**ସ ନଃ ସହସ୍ରିଣୀରିଷଃ।।୫।।**

*ସଃ ନଃ ବୃଷ୍ଟିମ୍ ଦିବଃ ପରି ସଃ ନଃ ବାଜମ୍ ଅନର୍ବାଣମ୍ /*
*ସଃ ନଃ ସହସ୍ରିଣୀଃ ଇଷଃ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ସଃ]! ଆମ ନିମନ୍ତେ [ନଃ] ଦିବ୍ୟ ସ୍ୱର୍ଗର ମେଘମାଳା [ଦିବଃ ବୃଷ୍ଟିମ୍] ଆମକୁ ଘେରି ରହିଛି [ପରି], ହେ ଅଗ୍ନି [ସଃ]! ଆମ ନିମନ୍ତେ [ନଃ] ସମ୍ପଦ ସ୍ଥିର* [ବାଜମ୍ ଅନର୍ବାଣମ୍], ହେ ଅଗ୍ନି [ସଃ]! ଆମ ନିମନ୍ତେ [ନଃ] ସହସ୍ର ସହସ୍ର ଭାବାବେଗ [ସହସ୍ରିଣୀଃ ଇଷଃ]!

*ଭାବାର୍ଥ : ବେଦରେ ଦିବ୍ୟ ସ୍ୱର୍ଗ ହେଉଛି ପରମ ସତ୍ୟ-ଚେତନାର ଭୂମି । ସେହି ଜଗତରୁ ଝରି ଆସୁଥିବା ଶକ୍ତି, କରୁଣା ଓ ଆନନ୍ଦରୂପକ ଚେତନାର ଧାରାକୁ ଯେଉଁସବୁ ଆଧାର ଧାରଣ କରିଛନ୍ତି ତାହାଙ୍କୁ ଏଠାରେ ମେଘମାଳା ବୋଲି କୁହାଯାଇଛି । ସେହି ଧାରାଗୁଡ଼ିକ ଦ୍ୱାରା ପୃଥିବୀ ଅନୁସେଚିତ ହେଉଛି ଓ ତା' ମଧ୍ୟରୁ ଅନନ୍ତ ସମ୍ପଦ ଉତ୍ପନ୍ନ ହେଉଛି । ଆମମାନଙ୍କ ମଧ୍ୟରେ ବି ଅନନ୍ତ ଭାବାବେଗ ଉତ୍ପନ୍ନ ହେଉଛି ।*

**ଇଳାନାୟାବସ୍ୟବେ ୟବିଷ୍ଠ ଦୂତ ନୋ ଗିରା।**
**ୟଜିଷ୍ଠ ହୋତରା ଗହି।।୬।।**

* ଅଥବା, ସକଳ ସ୍ୱଚ୍ଛତାରୁ ମୁକ୍ତ ।



*ଇଳାନାୟ ଅବସ୍ୟବେ ୟବିଷ୍ଠ ଦୂତ ନଃ ଗିରା /*
*ୟଜିଷ୍ଠ ହୋତଃ ଆ ଗହି।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଦୂତ [ଦୂତ]! ହେ ଯୁବତମ ଶକ୍ତି [ୟବିଷ୍ଠ]! ତୁମରି ଅଭୀପ୍ସୁଙ୍କ ନିମନ୍ତେ [ଇଳାନାୟ] ଏବଂ ତୁମରି ସୁରକ୍ଷାପ୍ରାର୍ଥୀଙ୍କ ନିମନ୍ତେ [ଅବସ୍ୟବେ] ଆମ ବଚନ ମଧ୍ୟକୁ ତୁମେ ଆସ [ନଃ ଗିରା ଆ-ଗହି]; ହେ ଆବାହନର ପୁରୋହିତ [ହୋତଃ], ଯଜ୍ଞାର୍ଥେ ଶକ୍ତିମତ୍ତମ [ୟଜିଷ୍ଠ], ଆସ [ଆଗହି]।

*ଭାବାର୍ଥ : ଉପନିଷଦରେ ବର୍ଣ୍ଣନା ଅଛି, ଯେତେବେଳେ ଭଗବାନ୍ ମାନବ ଶରୀର ସୃଷ୍ଟି କଲେ, ଅଗ୍ନିଦେବତା ତା'ର ବାକ୍-ରୂପେ ମୁଖରେ ପ୍ରବେଶ କଲେ । ଏହି ମନ୍ତ୍ରରେ ତାହାହିଁ ସ୍ପଷ୍ଟ ହୋଇଛି । ବାକ୍ ହେଉଛି ମନୁଷ୍ୟର ସର୍ବୋତ୍ତମ ରହସ୍ୟମୟ ଅଭିବ୍ୟକ୍ତି ।*

**ଅନ୍ତର୍ହ୍ୟଗ୍ନ ଈୟସେ ବିଦ୍ୱାନ୍ ଜନ୍ମୋଭୟା କବେ।**
**ଦୂତୋ ଜନ୍ୟେବ ମିତ୍ର୍ୟଃ।।୭।।**

ଅନ୍ତଃ ହି ଅଗ୍ନେ ଈୟସେ ବିଦ୍ୱାନ୍ ଜନ୍ମ ଉଭୟା କବେ /
ଦୂତଃ ଜନ୍ୟା ଇବ ମିତ୍ର୍ୟଃ।।

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ହେ ଦ୍ରଷ୍ଟା [କବେ]! ଉଭୟ ଜନ୍ମ ଭିତରେ [ଉଭୟା ଜନ୍ମ] ଅନ୍ତର୍ଗତ ଜ୍ଞାନର ଅଧିକାରୀ ଭାବେ [ଅନ୍ତଃ ବିଦ୍ୱାନ୍] ତୁମେ ଗତିକର[୧] [ଈୟସେ ହି]; ତୁମେ ମିତ୍ରଜନଙ୍କ ନିକଟରୁ [ମିତ୍ର୍ୟଃ ଜେନ୍ୟା] ଜଣେ ଦୂତ ପରି[୨] [ଦୂତଃ ଇବ]।

*ଭାବାର୍ଥ : ଉଭୟ ଜନ୍ମ ହେଉଛି – ଇହ ଜନ୍ମ ଓ ପରଜନ୍ମ । ଏହି ଉଭୟର କେନ୍ଦ୍ରରେ ରହିଛି ମୃତ୍ୟୁ, ଶରୀରବିନାଶ । କିନ୍ତୁ ଅନ୍ତରାତ୍ମା ଇହଜୀବନର ବିକାଶ, ଅନୁଭୂତି ଓ ଅଭୀପ୍ସାକୁ ସଂଗ୍ରହ କରି ପୁନର୍ଜନ୍ମ ଗ୍ରହଣ କରନ୍ତି ଭିନ୍ନ ଏକ ଶରୀରରେ । ଦିବ୍ୟ ଜଗତର ବାର୍ତ୍ତା ନେଇ ନେଇ ଏହି ଆତ୍ମା ଜଣେ ପ୍ରେମମୟ ଦୂତରୂପେ ଆମ ମଧ୍ୟରେ ବିଦ୍ୟମାନ ।।*

[୧] ଅଥବା, ଜଣକର ଉଭୟ ଜନ୍ମ ବିଷୟରେ ଜ୍ଞାନ ଥିବା ପରି ତୁମେ ଗତିକର ।

[୨] ଅଥବା, ତୁମେ ମୈତ୍ରୀପୂର୍ଣ୍ଣ ସାର୍ବଜନୀନ ଦୂତପରି ।

**ସ ବିଦ୍ୱାଁ ଆ ଚ ପିପ୍ରୟୋ ୟକ୍ଷି ଚିକିତ୍ୱ ଆନୁଷକ୍।**
**ଆ ଚାସ୍ମିନ୍ତ୍ସସ୍ସି ବର୍ହିଷି॥୮॥**

*ସଃ ବିଦ୍ୱାନ୍ ଆ ଚ ପିପ୍ରୟଃ ୟକ୍ଷି ଚିକିତ୍ୱଃ ଆନୁଷକ୍/*
*ଆ ଚ ଅସ୍ମିନ୍ ସସ୍ସି ବର୍ହିଷି॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଚେତନ ଅଗ୍ନି [ଚିକିତ୍ୱ]! ତୁମେ ତୁମ ଜ୍ଞାନର ସହ ଆସ [ବିଦ୍ୱାନ୍ ଆ] ଏବଂ ଆମକୁ ପରିପୂରିତ କର [ପିପ୍ରୟଃ ଚ]; ଯଜ୍ଞର ନିରବଚ୍ଛିନ୍ନ କ୍ରମ ଅନୁସାରେ ଯଜ୍ଞ ସମ୍ପାଦନ କର [ଆନୁଷକ୍ ୟକ୍ଷି]। ଆମ ବେଦୀର ତୃଣାସନ ଉପରେ [ଅସ୍ମିନ୍ ବର୍ହିଷି ଚ] ତୁମେ ଆସନ ଗ୍ରହଣ କର [ଆ-ସସ୍ସି]।

*ଭାବାର୍ଥ : ଅଗ୍ନିଙ୍କର ଜ୍ଞାନ ହେଉଛି ତ୍ରିକାଳ-ଜ୍ଞାନ। ଜଣେ ନିଜ ମଧ୍ୟରେ ଅଗ୍ନିଙ୍କୁ ଉପଲବ୍ଧି କଲେ ତା'ଠାରେ ତ୍ରିକାଳଜ୍ଞାନ ଖୋଲିଯାଏ। ସୃଷ୍ଟିର କ୍ରମବିକାଶ-ଧାରାକୁ ଋଷି ଯଜ୍ଞର ନିରବଚ୍ଛିନ୍ନ କ୍ରମ ବୋଲି ଅଭିହିତ କରିଛନ୍ତି। ଯଜ୍ଞବେଦୀ ଓ ତୃଣାସନ ହେଉଛି ଆମ ଜୀବନ ଓ ହୃଦୟ।*

<u>ସୂକ୍ତ : ୭ ॥ ଋଷି : ସୋମହୁତି ଭାର୍ଗବ, ଛନ୍ଦ : ଗାୟତ୍ରୀ</u>

**ଶ୍ରେଷ୍ଠଂ ୟବିଷ୍ଠ ଭାରତାଽଗ୍ନେ ଦ୍ୟୁମନ୍ତମା ଭର।**
**ବସୋ ପୁରୁସ୍ପୃହଂ ରୟିମ୍॥୧॥**

*ଶ୍ରେଷ୍ଠମ୍ ୟବିଷ୍ଠ ଭାରତ ଅଗ୍ନେ ଦ୍ୟୁ-ମନ୍ତମ୍ ଆ ଭର /*
*ବସୋ ପୁରୁ-ସ୍ପୃହମ୍ ରୟିମ୍॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ], ହେ ଯୁବତମ ଶକ୍ତି [ୟବିଷ୍ଠ]! ବହନ କରି ଆଣୁଥିବା ଅଗ୍ନି [ଭାରତ], ଦିବ୍ୟ ସମ୍ପଦର ସମ୍ରାଟ୍ [ବସୋ], ଆମ ନିକଟରେ ଆଣିଦିଅ [ଆ-ଭର], ଶ୍ରେଷ୍ଠ, ଦୀପ୍ତିମୟ [ଶ୍ରେଷ୍ଠଂ ଦ୍ୟୁମନ୍ତମ୍], ଆମର ନାନା ଅଭିଳାଷରେ ଭରିଉଠିଥିବା [ପୁରୁ-ସ୍ପୃହମ୍] ସମ୍ପଦକୁ [ରୟିମ୍]।

*ଭାବାର୍ଥ : ବହନ କରି ଆଣିବା ଅର୍ଥ ଊର୍ଦ୍ଧ୍ୱଜଗତରୁ ଏବଂ ଅନ୍ତରସ୍ଥ ଆତ୍ମାର ଜଗତରୁ ସ୍ଥୂଳ ଜୀବନ ମଧ୍ୟକୁ ଶକ୍ତି, ଜ୍ଞାନ, ସୌନ୍ଦର୍ଯ୍ୟ, ଶାନ୍ତି, ସଂଗତି, ପ୍ରେମ ଇତ୍ୟାଦି ନାନାବିଧ ଆଧ୍ୟାତ୍ମିକ ସମ୍ପଦକୁ ନେଇ ଆସିବାକୁ ବୁଝାଏ।*



**ମା ନୋ ଅରାତିରୀଶତ ଦେବସ୍ୟ ମର୍ତ୍ୟସ୍ୟ ଚ ।**
**ପର୍ଷି ତସ୍ୟା ଉତ ଦ୍ୱିଷଃ ॥୨॥**

*ମା ନଃ ଅରାତିଃ ଈଶତ ଦେବସ୍ୟ ମର୍ତ୍ୟସ୍ୟ ଚ/*
*ପର୍ଷି ତସ୍ୟାଃ ଉତ ଦ୍ୱିଷଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମ ବିରୋଧରେ ଯୁଦ୍ଧ କରୁଥିବା ଶକ୍ତିକୁ [ନଃ ଅରାତିଃ] ଆସିବାକୁ ଦିଅ ନାହିଁ [ମା], ଦେବତା ଓ ମର୍ତ୍ତ୍ୟବାସୀଙ୍କର ତୁମେ ନେତୃତ୍ୱ ନିଅ* [ଦେବସ୍ୟ ମର୍ତ୍ୟସ୍ୟ ଚ ଈଶତ]; ସେହି ବିରୋଧୀ ଶକ୍ତିଠାରୁ [ତସ୍ୟାଃ ଦ୍ୱିଷଃ] ଆମକୁ ଦୂରକୁ ନେଇଯାଅ [ପର୍ଷି]। *(ଉତ : ଅଧିକନ୍ତୁ —ଅନୁବାଦକ)*

*ଭାବାର୍ଥ : ଯେଉଁ ଶକ୍ତି ମାନବର ତଥା ଜଗତର ଆଧ୍ୟାତ୍ମିକ ଅଗ୍ରଗତିରେ ବାଧା ସୃଷ୍ଟି କରେ ତାହାହିଁ ବିରୁଦ୍ଧ-ଶକ୍ତି; ଉଦାହରଣ ସ୍ୱରୂପ, ଅଜ୍ଞାନ, ମିଥ୍ୟା, ଭୟ, ହତାଶା ଇତ୍ୟାଦି।*

**ବିଶ୍ୱା ଉତ ତ୍ୱୟା ବୟଂ ଧାରା ଉଦନ୍ୟା ଇବ।**
**ଅତି ଗାହେମହି ଦ୍ୱିଷଃ॥୩॥**

*ବିଶ୍ୱାଃ ଉତ ତ୍ୱୟା ବୟମ୍ ଧାରାଃ ଉଦନ୍ୟାଃ ଇବ/*
*ଅତି ଗାହେମହି ଦ୍ୱିଷଃ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତେଣୁ [ଉତ] ତୁମର ସହାୟତାରେ [ତ୍ୱୟା] ତୀବ୍ରଗାମୀ ଜଳସ୍ରୋତ ମଧ୍ୟରେ ଆମେ ନିମଜ୍ଜିତ ହୋଇ ପାର ହେବା ପରି [ଉଦନ୍ୟାଃ ଧାରାଃ ଇବ] ସକଳ ବିରୋଧୀ ଶକ୍ତିଙ୍କୁ [ବିଶ୍ୱାଃ ଦ୍ୱିଷଃ] ଆମେ ଅତିକ୍ରମ କରିଯାଉଁ [ଅତି-ଗାହେମହି]।

**ଶୁଚିଃ ପାବକ ବନ୍ଦ୍ୟୋଽଗ୍ନେ ବୃହଦ୍ୱି ରୋଚସେ ।**
**ତ୍ୱଂ ଘୃତେଭିରାହୁତଃ ॥୪॥**

* ଅଥବା, ଆମ ବିରୋଧରେ, ଦେବତା ଓ ମର୍ତ୍ୟ ବିରୋଧରେ ଯୁଦ୍ଧ କରୁଥିବା ଶକ୍ତିକୁ ଆସିବାକୁ ଦିଅ ନାହିଁ, ଆମ ଉପରେ ତୁମେ ପ୍ରଭୁତ୍ୱ ବିସ୍ତାର କର ।

*ଶୁଚିଃ ପାବକ ବନ୍ଦ୍ୟଃ ଅଗ୍ନେ ବୃହତ୍ ବି ରୋଚସେ /*
*ତ୍ୱମ୍ ଘୃତେଭିଃ ଆ-ହୁତଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ: ହେ ପାବନକାରୀ ଅଗ୍ନି [ପାବକ]! ତୁମେ ଶୁଦ୍ଧ ଓ ବନ୍ଦନୀୟ [ତ୍ୱଂ ଶୁଚିଃ ବନ୍ଦ୍ୟଃ]; ଶୁଦ୍ଧତା ଦ୍ୱାରା ଆହୁତିପ୍ରାପ୍ତ [ଘୃତେଭିଃ ଆହୁତଃ] ତୁମ ଆଲୋକର ସୌନ୍ଦର୍ଯ୍ୟ [ବିରୋଚସେ] ଖୁବ୍ ପ୍ରଶସ୍ତ [ବୃହତ୍]।

*ଭାବାର୍ଥ: ଏଠାରେ ଅଗ୍ନିଙ୍କର ଶୁଦ୍ଧୀକାରକ ଗୁଣକୁ ସ୍ତୁତି କରାହୋଇଛି। ଘୃତର ରହସ୍ୟାର୍ଥ ଶୁଦ୍ଧତା; ମାନସିକ, ପ୍ରାଣିକ ଓ ଶାରୀରିକ ଶୁଦ୍ଧତା। ଅନ୍ତରାଗ୍ନି ଉତ୍ତରୋତ୍ତର ବିକଶିତ ହୁଅନ୍ତି ଏହି ଶୁଦ୍ଧତା ଦ୍ୱାରା।*

**ତ୍ୱଂ ନୋ ଅସି ଭାରତାଗ୍ନେ ବଶାଭିରୁକ୍ଷଭିଃ ।**
**ଅଷ୍ଟାପଦୀଭିରାହୁତଃ ॥୫॥**

*ତ୍ୱମ୍ ନଃ ଅସି ଭାରତ ଅଗ୍ନେ ବଶାଭିଃ ଉକ୍ଷଭିଃ /*
*ଅଷ୍ଟାପଦୀଭିଃ ଆ-ହୁତଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ: ବହନ କରି ଆଣୁଥିବା ହେ ଅଗ୍ନି [ଭାରତ ଅଗ୍ନେ]। ଆମର ବଳଦମାନଙ୍କ ଦ୍ୱାରା [ନଃ ଉକ୍ଷଭିଃ] ଓ ଆମର ଯୁବତୀ ଗୋକନ୍ୟାମାନଙ୍କ ଦ୍ୱାରା [ବଶାଭିଃ] ଓ ଆମର ଅଷ୍ଟପଦା ଗାଈମାନଙ୍କ ଦ୍ୱାରା[୧] [ଅଷ୍ଟାପଦୀଭିଃ] ତୁମେ ଆମନ୍ତ୍ରିତ ହୋଇଛ[୨] [ତ୍ୱମ୍ ଆହୁତଃ ଅସି] !

*ଭାବାର୍ଥ: ବଳଦ, ଗୋକନ୍ୟା ଓ ଗାଈ ପ୍ରଭୃତିଙ୍କୁ ପ୍ରତୀକ ରୂପେ ବ୍ୟବହାର କରି ଋଷି ଏଠାରେ ଏକ ଗଭୀର ମନସ୍ତାତ୍ତ୍ୱିକ ରହସ୍ୟ ବ୍ୟକ୍ତ କରିଛନ୍ତି– ବଳଦ: ଜ୍ଞାନଦୀପ୍ତ ଶକ୍ତିର ପ୍ରତୀକ; ଗାଈ: ଆଲୋକ ବା ଜ୍ଞାନର ପ୍ରତୀକ; ବନ୍ଧ୍ୟା ବା ଗର୍ଭିଣୀ ଧେନୁ: ନିଷ୍ଫଳ ଜ୍ଞାନ (ବନ୍ଧ୍ୟା), ଭାବୀ ସମ୍ଭାବନାରେ ପୂର୍ଣ୍ଣ (ଗର୍ଭିଣୀ) ଜ୍ଞାନର ପ୍ରତୀକ; ଅଷ୍ଟପଦା ଗାଈ: ଆଠ ପ୍ରକାର ଗୁଣଯୁକ୍ତ ଦିବ୍ୟ ଜ୍ଞାନର ପ୍ରତୀକ। ଏହି ସମସ୍ତେ ସତ୍ୟଜ୍ଞାନମୟ ଅଗ୍ନିଙ୍କୁ ଆବାହନ କରୁଛନ୍ତି।*

[୧] ଅଥବା, ଆମର ବଳଦମାନଙ୍କ ଦ୍ୱାରା ଏବଂ ଆମର ବନ୍ଧ୍ୟା ଓ ଗର୍ଭିଣୀ ଗାଈମାନଙ୍କ ଦ୍ୱାରା। ବ୍ୟାକରଣ ଦୃଷ୍ଟିରୁ 'ଅଷ୍ଟାପଦୀ'ର ଅର୍ଥ ହେଉଛି 'ଅଷ୍ଟପଦବିଶିଷ୍ଟ' ।

[୨] ଅଥବା, ତୁମେ ଆହୁତିପ୍ରାପ୍ତ ହୋଇଛ ।



**ଦ୍ରୂନ୍ନଃ ସର୍ପିରାସୁତିଃ ପ୍ରତ୍ନୋ ହୋତା ବରେଣ୍ୟଃ।**
**ସହସସ୍ପୁତ୍ରୋ ଅଦ୍‌ଭୁତଃ ॥୬॥**

*ଦ୍ରୁ-ଅନ୍ନଃ ସର୍ପିଃ ଆସୁତିଃ ପ୍ରତ୍ନଃ ହୋତା ବରେଣ୍ୟଃ /*
*ସହସଃ ପୁତ୍ରଃ ଅଭୁତଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ: ଦ୍ରୁମଭକ୍ଷୀ [ଦ୍ରୁ-ଅନ୍ନଃ] ଏହାଙ୍କ ଉଦ୍ଦେଶ୍ୟରେ ଆଲୋକ ରୂପକ ଘୃତ [ସର୍ପିଃ] ଅଜାଡ଼ି ଦିଆଯାଉଛି [ଆସୁତିଃ]; ଏ ହେଉଛନ୍ତି ବରଣୀୟ [ବରେଣ୍ୟଃ], ପ୍ରାଚୀନ [ପ୍ରତ୍ନଃ], ଆବାହନକାରୀ ପୁରୋହିତ [ହୋତା], ବିସ୍ମୟକର [ଅଦ୍‌ଭୁତଃ], ଦିବ୍ୟଶକ୍ତିଙ୍କର ପୁତ୍ର [ସହସଃ ପୁତ୍ରଃ]।

*ଭାବାର୍ଥ: ପ୍ରାଣିକ ଶକ୍ତିର ଉତ୍କଟ କାମନାକୁ ଦ୍ରୁମ ବୋଲି କୁହାଯାଇଛି। ଭଗବତ୍-ଆସ୍ପୃହାରୂପୀ ଅଗ୍ନି ଏହାଙ୍କୁ ଆତ୍ମସାତ୍ କରିନିଅନ୍ତି, ଅର୍ଥାତ୍ ଭକ୍ଷଣ କରନ୍ତି।*

## ଗୃତ୍ସମଦ ଭାର୍ଗବ

ସୂକ୍ତ : ୮ ॥ ଋଷି : ଗୃତ୍ସମଦ ଭାର୍ଗବ, ଛନ୍ଦ : ଗାୟତ୍ରୀ, ଅନ୍ତିମ ମନ୍ତ୍ର : ଅନୁଷ୍ଟୁପ୍

**ବାଜୟନ୍ନିବ ନୂ ରଥାନ୍ୟୋଗାଁ ଅଗ୍ନେରୂପ ସ୍ତୁହି ।**
**ୟଶସ୍ତମସ୍ୟ ମୀଲ୍‌ହୁଷଃ ॥୧॥**

*ବାଜୟନ୍ ଇବ ନୂ ରଥାନ୍ ୟୋଗାନ୍ ଅଗ୍ନେଃ ଉପ ସ୍ତୁହି /*
*ୟଶଃ-ତମସ୍ୟ ମୀଲ୍‌ହୁଷଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତାଙ୍କୁ ପୁନଃ ପରିପୂର୍ଣ୍ଣ କରିଦେଉଥିବା ଭଳି* [ବାଜୟନ୍ ଇବ] ଏବେ [ନୂ] ଅଗ୍ନିଙ୍କର ରଥଗୁଡ଼ିକୁ [ଅଗ୍ନେଃ ରଥାନ୍] ଓ ତାଙ୍କର ସଂଯୋଗଗୁଡ଼ିକୁ [ୟୋଗାନ୍] ସ୍ତୁତି କର [ଉପ-ସ୍ତୁହି], ଅଗ୍ନି ହେଉଛନ୍ତି ପ୍ରାଚୁର୍ଯ୍ୟଦାତା ଓ ମହିମମୟ ଦେବତା [ୟଶସ୍ତମସ୍ୟ ମୀଲ୍‌ହୁଷଃ]।

*ଭାବାର୍ଥ : ଅଗ୍ନିଙ୍କର ରଥ ଓ ତା'ର ସଂଯୋଗଗୁଡ଼ିକ ତେବେ କ'ଣ ? ଆମେ*

* ଅଥବା, ଜଣେ ପ୍ରାଚୁର୍ଯ୍ୟକୁ ଆଶା କରିବା ଭଳି ।

*ଜାଣୁ ଅଗ୍ନିଙ୍କୁ ହବ୍ୟବାହନ କୁହାଯାଏ, ଅର୍ଥାତ୍ ହବ୍ୟ, ଅର୍ପଣୀୟ ବସ୍ତୁସମ୍ଭାର, ହେଉଛି ତାଙ୍କର ବାହନ । ଏଣୁ ଯଜ୍ଞ ତାଙ୍କ ରଥର ପ୍ରତୀକ ହୋଇପାରେ । ଏବଂ ଯଜ୍ଞ ଯଦି ଏହି ଜଗତ-ରଚନାର ମୂଳ ରହସ୍ୟ ତେବେ ସକଳ ସୃଷ୍ଟି ହେଉଛି ତା'ର ସଂଯୋଗ । ଏହି ବିଶ୍ୱଯଜ୍ଞ ମଧ୍ୟରେ ସଚ୍ଚିଦାନନ୍ଦମୟ ଅଗ୍ନି ହେଉଛନ୍ତି ମହିମମୟ ଦେବତା ।*

**ୟଃ ସୁନୀଥୋ ଦଦାଶୁଷେଽଜୁର୍ୟୋ ଜରୟନ୍ନରିମ୍ ।**
**ଚାରୁପ୍ରତୀକ ଆହୁତଃ ॥୨॥**

*ୟଃ ସୁ-ନୀଥଃ ଦଦାଶୁଷେ ଅଜୁର୍ୟଃ ଜରୟନ୍ ଅରିମ୍ /*
*ଚାରୁ-ପ୍ରତୀକଃ ଆ-ହୁତଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ସମର୍ପଣ କରିଥିବା ଲୋକକୁ [ଦଦାଶୁଷେ] ସେ [ୟଃ] ତାଙ୍କର ଉତ୍ତମ ନେତୃତ୍ୱ [ସୁନୀଥଃ] ଆଣି ଦେଇଥା'ନ୍ତି; ତାଙ୍କୁ ଭେଦ କରିବା ଅସମ୍ଭବ [ଅଜୁର୍ୟଃ] ଏବଂ ସେ ଶତ୍ରୁକୁ କ୍ଷତବିକ୍ଷତ କରି ଅବସନ୍ନ କରିଦିଅନ୍ତି [ଅରିଂ ଜରୟନ୍] । ଆହୁତି ଦ୍ୱାରା ପରିପୁଷ୍ଟ ହୋଇଥିବା [ଆହୁତଃ] ତାଙ୍କର ସମ୍ମୁଖଭାଗ ଖୁବ୍ ସୁନ୍ଦର [ଚାରୁ-ପ୍ରତୀକଃ] ।

*ଭାବାର୍ଥ : ଅଗ୍ନି ଅନ୍ତରାତ୍ମା ରୂପେ ମନୁଷ୍ୟକୁ ଅନ୍ତର ମଧ୍ୟରୁ ନେତୃତ୍ୱ ଦିଅନ୍ତି । କିନ୍ତୁ ଅଜ୍ଞାନର ଆବରଣକୁ ଭେଦ କରି ତାଙ୍କୁ ଲାଭ କରିବା କଷ୍ଟକର । ବିରୋଧୀ ଶକ୍ତିର ଆଘାତରେ ଆମେ ଯେତେବେଳେ କ୍ଷତାକ୍ତ ହେଉଁ, ଅନ୍ତର ମଧ୍ୟରେ ପ୍ରଜ୍ୱଳିତ ଏହି ଚୈତ୍ୟ-ଅଗ୍ନି ଜ୍ଞାନ, ଚେତନା ଓ ଆନନ୍ଦ ଦ୍ୱାରା ସେସବୁର ଉପଶମ କରିଥା'ନ୍ତି ।*

**ୟ ଉ ଶ୍ରିୟା ଦମେଷ୍ୱା ଦୋଷୋଷସି ପ୍ରଶସ୍ୟତେ ।**
**ୟସ୍ୟ ବ୍ରତଂ ନ ମୀୟତେ ॥୩॥**

*ୟଃ ଉ ଶ୍ରିୟା ଦମେଷୁ ଆ ଦୋଷା ଉଷସି ପ୍ରଶସ୍ୟତେ /*
*ୟସ୍ୟ ବ୍ରତମ୍ ନ ମୀୟତେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ପ୍ରଦୋଷ ଓ ପ୍ରତ୍ୟୁଷରେ [ଦୋଷା ଉଷସି] ସେ [ୟଃ] ଆମମାନଙ୍କ ଗୃହରେ [ଦମେଷୁ] ତାଙ୍କର ଔଜ୍ଜ୍ୱଲ୍ୟ ଓ ଶୋଭାରେ [ଶ୍ରିୟା] ପ୍ରଶଂସିତ ହୁଅନ୍ତି [ପ୍ରଶସ୍ୟତେ] । ତାଙ୍କ କର୍ମ-ଧାରାର [ୟସ୍ୟ ବ୍ରତମ୍] କଦାପି କ୍ଷୟ ହୁଏ ନାହିଁ [ନ ମୀୟତେ] ।



*ଭାବାର୍ଥ : ପ୍ରଦୋଷ (ସାୟଂ) ହେଉଛି ଚେତନାର ଏକ ଆଚ୍ଛନ୍ନ ଅବସ୍ଥା । ପ୍ରତ୍ୟୁଷ (ଉଷା) ହେଉଛି ଚେତନାର ନବୋନ୍ମେଷର ଆରମ୍ଭ ଅବସ୍ଥା । ଏହି ଉଭୟ କାଳରେ ଆମ ଆଧାର ରୂପକ ଗୃହରେ ଅଗ୍ନି ସ୍ୱ-ମହିମାରେ ବିଦ୍ୟମାନ । ତାଙ୍କର କର୍ମ-ବ୍ରତ ମଧ୍ୟ ଉଭୟାବସ୍ଥାରେ ଅନାହତ ଭାବେ ଚାଲୁଥାଏ ।*

**ଆ ୟଃ ସ୍ୱର୍ଣ ଭାନୁନା ଚିତ୍ରୋ ବିଭାତ୍ୟର୍ଚିଷା ।**
**ଅଞ୍ଜାନୋ ଅଜରୈରଭି ॥୪॥**

*ଆ ୟଃ ସ୍ୱଃ ନ ଭାନୁନା ଚିତ୍ରଃ ବିଭାତି ଅର୍ଚିଷା /*
*ଅଞ୍ଜାନଃ ଅଜରୈଃ ଅଭି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତାଙ୍କର ଜରାହୀନ ଅଗ୍ନି ଦ୍ୱାରା [ଅଜରୈଃ] ଆମ ଉପରେ ତାଙ୍କର ଏକ ନୂତନ ଅଭିବ୍ୟକ୍ତିମୂଳକ ଆଲୋକ ଉନ୍ମୋଚିତ କରି [ଅଭି-ଅଞ୍ଜାନଃ] ସେ [ୟଃ] ନିଜର ନାନାବର୍ଣ୍ଣ ଜ୍ୟୋତି ସହ [ଚିତ୍ରଃ ଭାନୁନା] ଜାଜ୍ୱଲ୍ୟମାନ [ବିଭାତି], ତାଙ୍କ କିରଣରେ [ଅର୍ଚିଷା] ସେ ବିସ୍ତୃତ ରୂପେ ଦୀପ୍ତିମାନ୍ [ଆ-ବିଭାତି], ଯେପରି [ନ] ସ୍ୱର୍ଗରାଜ୍ୟଗୁଡ଼ିକ [ସ୍ୱଃ] ସୂର୍ଯ୍ୟଙ୍କର ପ୍ରଭାମୟ ବର୍ଣ୍ଣସମ୍ଭାରରେ ଆଲୋକିତ ହୋଇ ଉଠନ୍ତି [ଭାନୁନା ବିଭାତି] ।

*ଭାବାର୍ଥ : (ପୂର୍ବ ମନ୍ତ୍ରରେ ସୂଚିତ) ଉଷାକାଳର ସମସ୍ତ ବର୍ଣ୍ଣସମ୍ଭାର ଏହି ପ୍ରଭାମୟ ଅଗ୍ନିଙ୍କ ନିକଟରୁହିଁ ଆସିଥାଏ । ଏହି ମନ୍ତ୍ରଟି ସେହି ବୈଚିତ୍ର୍ୟମୟ ଶୋଭାର ଏକ ସ୍ୱର୍ଗୀୟ ଆଲେଖ୍ୟ । ସାଧକର ଚେତନାରେ ଏହି ଚିତ୍-ଉଷାର ଉନ୍ମେଷ ହେଲେ ତାଙ୍କର ବ୍ୟକ୍ତିତ୍ୱ ମଧ୍ୟରେ ନାନାରୂପ ଆତ୍ମଜ୍ଞାନର ସ୍ଫୁରଣ ଘଟେ ।*

**ଅତ୍ରିମନୁ ସ୍ୱରାଜ୍ୟମଗ୍ନିମୁକ୍ଥାନି ବାବୃଧୁଃ ।**
**ବିଶ୍ୱା ଅଧି ଶ୍ରିୟୋ ଦଧେ ॥୫॥**

*ଅତ୍ରିମ୍ ଅନୁ ସ୍ୱରାଜ୍ୟମ୍ ଅଗ୍ନିମ୍ ଉକ୍ଥାନି ବବୃଧୁଃ /*
*ବିଶ୍ୱାଃ ଅଧି ଶ୍ରିୟଃ ଦଧେ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମର ବାକ୍ୟଗୁଡ଼ିକ [ଉକ୍‌ଥାନି] ଅଗ୍ନିଙ୍କୁ ବୃଦ୍ଧି କରାଇଛନ୍ତି [ବବୃଧୁଃ], ଦିବ୍ୟ ଜଗତର ଯାତ୍ରୀ (ଅଗ୍ନି)ଙ୍କୁ ସ୍ୱାରାଜ୍ୟର ପଥରେ [ସ୍ୱାରାଜ୍ୟମ୍ ଅନୁ] ବୃଦ୍ଧି କରାଇଛନ୍ତି; ସେ ନିଜ ମଧ୍ୟରେ ସକଳ ମହିମା ଓ ସୁଷମା ଧାରଣ କରିଛନ୍ତି [ବିଶ୍ୱାଃ ଶ୍ରିୟଃ ଅଧି-ଦଧେ]।

*ଭାବାର୍ଥ : ମନୁଷ୍ୟର ଅନ୍ତରସ୍ଥିତ ଅମୃତ-ଅଭୀପ୍ସୁ ଅଗ୍ନିଙ୍କୁ ଋଷିଙ୍କର ସ୍ତୋତ୍ରମାନ ଜାଗ୍ରତ କରାଇଛନ୍ତି । ଏହି ଅଗ୍ନିଙ୍କର ବିକାଶର ସର୍ତ୍ତ ହେଉଛି ସ୍ୱାରାଜ୍ୟ ବା ସ୍ୱାଧୀନତା । ଏହି ସ୍ୱାଧୀନତା ମଧ୍ୟରେ ଫୁଟିଉଠେ ସକଳ ସଂଗୁପ୍ତ ଶ୍ରୀ ଓ ସୁଷମା ।*

**ଅଗ୍ନେରିନ୍ଦ୍ରସ୍ୟ ସୋମସ୍ୟ ଦେବାନାମୂତିଭିର୍ବୟମ୍ ।**
**ଅରିଷ୍ୟନ୍ତଃ ସଚେମହ୍ୟଭି ଷ୍ୟାମ ପୃତନ୍ୟତଃ ॥୬॥**

*ଅଗ୍ନେଃ ଇନ୍ଦ୍ରସ୍ୟ ସୋମସ୍ୟ ଦେବାନାମ୍ ଊତିଭିଃ ବୟମ୍ /*
*ଅରିଷ୍ୟନ୍ତଃ ସଚେମହି ଅଭି ସ୍ୟାମ ପୃତନ୍ୟତଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆମ୍ଭେମାନେ [ବୟମ୍] ଅଗ୍ନି, ସୋମ, ଇନ୍ଦ୍ର ଓ ଦେବତାମାନଙ୍କର [ଅଗ୍ନେଃ ଇନ୍ଦ୍ରସ୍ୟ ସୋମସ୍ୟ ଦେବାନାମ୍] ସୁରକ୍ଷାରେ [ଊତିଭିଃ] ସଂଲଗ୍ନ ରହୁ [ସଚେମହି], ଯେଉଁମାନେ ଆମ ବିରୋଧରେ ଯୁଦ୍ଧ କରିବା ପାଇଁ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ହୋଇଛନ୍ତି [ଅରିଷ୍ୟନ୍ତଃ] ସେମାନଙ୍କ ଦ୍ୱାରା ଆଘାତପ୍ରାପ୍ତ ନ ହୋଇ [ପୃତନ୍ୟତଃ] ସେମାନଙ୍କୁ ଆମେ ଯେପରି ପରାଜିତ କରୁ [ଅଭି-ସ୍ୟାମ]।

*ଭାବାର୍ଥ : ଅଗ୍ନି : ଦିବ୍ୟ ସଂକଳ୍ପ ଓ ଶକ୍ତିର ଦେବତା; ସୋମ : ଆନନ୍ଦର ଦେବତା; ଇନ୍ଦ୍ର : ସତ୍ୟଜ୍ଞାନଦୀପ୍ତ ମନର ଦେବତା; ଅନ୍ୟାନ୍ୟ ଦେବଗଣ ହେଉଛନ୍ତି ଅନ୍ୟାନ୍ୟ ଜାଗତିକ ଶକ୍ତି । ଏହିମାନେ ଆମମାନଙ୍କୁ ସମସ୍ତ ଆସୁରିକ ଶକ୍ତିର ଆକ୍ରମଣରୁ ରକ୍ଷା କରନ୍ତି ଏବଂ ଏହିମାନଙ୍କ ସହାୟତାରେ ଆମେ ଆମର ବିରୋଧୀମାନଙ୍କୁ ଜୟ କରିପାରିବୁ ।*

ସୂକ୍ତ : ୯ ॥ ଋଷି : ଗୃତ୍ସମଦ ଭାର୍ଗବ, ଛନ୍ଦ : ତ୍ରିଷ୍ଟୁଭ୍

**ନି ହୋତା ହୋତୃଷଦନେ ବିଦାନସ୍ତ୍ୱେଷୋ ଦୀଦିବାଁ ଅସଦତ୍‌ସୁଦକ୍ଷଃ ।**
**ଅଦବ୍ଧବ୍ରତପ୍ରମତିର୍ବସିଷ୍ଠଃ ସହସ୍ରଂଭରଃ ଶୁଚିଜିହ୍ୱୋ ଅଗ୍ନିଃ ॥୧॥**



*ନି ହୋତା ହୋତୃ-ସଦନେ ବିଦାନଃ ତ୍ୱେଷଃ ଦୀଦିବାନ୍ ଅସଦତ୍ ସୁଦକ୍ଷଃ /*
*ଅଦବ୍ଧବ୍ରତ-ପ୍ରମତିଃ ବସିଷ୍ଠଃ ସହସ୍ରମ୍-ଭରଃ ଶୁଚିଜିହ୍ୱଃ ଅଗ୍ନିଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଆବାହନକାରୀ ପୁରୋହିତ [ହୋତା] ଯଜନଗୃହରେ ତାଙ୍କର ଆସନ ଗ୍ରହଣ କରିଛନ୍ତି [ହୋତୃସଦନେ ନି-ଅସଦତ୍]; ସେ ଆଲୋକରେ ଜ୍ୱଳମାନ [ତ୍ୱେଷଃ] ଏବଂ ଉଜ୍ଜ୍ୱଳ ଜ୍ୟୋତିର୍ମୟ [ଦୀଦିବାନ୍], ସେ ଜ୍ଞାନମୟ [ବିଦାନଃ] ଓ ବିଚାରରେ ଅଭ୍ରାନ୍ତ [ସୁଦକ୍ଷଃ]। ସେ ଏପରି ପ୍ରଜ୍ଞାମୟ ମାନସର ଅଧିକାରୀ ଯେ, ତାଙ୍କର କାର୍ଯ୍ୟଧାରାସବୁ ଅଦମ୍ୟ [ଅଦବ୍ଧବ୍ରତ-ପ୍ରମତିଃ] ଏବଂ ସେ ଗୂଢ଼ ସମ୍ପଦରାଜିରେ ସର୍ବଶ୍ରେଷ୍ଠ ଧନଶାଳୀ [ବସିଷ୍ଠ] : ଏହିପରି ଦିବ୍ୟ ଅଗ୍ନି [ଅଗ୍ନିଃ] ତାଙ୍କର ପବିତ୍ର ଜିହ୍ୱାରେ [ଶୁଚିଜିହ୍ୱା] ଦିବ୍ୟ ସମୃଦ୍ଧିକୁ ସହସ୍ରଗୁଣରେ ଆମ ନିକଟକୁ ଆଣନ୍ତି [ସହସ୍ରମ୍ଭରଃ]।

*ଭାବାର୍ଥ : ଆମର ସମର୍ପଣଶୀଳ ଅନ୍ତର ହେଉଛି ଯଜନଗୃହ, ସେଠାରେ ଅଗ୍ନି ଦେବାହ୍ୱାନକାରୀ ଆନ୍ତର ଦେବତାରୂପେ ଅଧିଷ୍ଠିତ । ସାଧକ ମଧ୍ୟରେ ଅନ୍ତରାଗ୍ନିର ସ୍ଫୁରଣ ଘଟିଲେ ତା'ର ବିଚାର ଦୃଢ଼ ଓ ନିର୍ଭୁଲ୍ ହୁଏ, କର୍ମଧାରା ମଧ୍ୟ ଅଦମ୍ୟ ହୁଏ । ଆମ ଆନ୍ତର ଅଭୀପ୍ସାର ଆକୃତି ହେଉଛି ଅଗ୍ନିଙ୍କର ଊର୍ଦ୍ଧ୍ୱଗାମୀ ପବିତ୍ର ଜିହ୍ୱା । ତାହାରି ମାଧ୍ୟମରେ ଦିବ୍ୟ ସମ୍ପଦରାଜି ସାଧକ ମଧ୍ୟକୁ ସହସ୍ର ଗୁଣରେ ଝରିଆସେ ।*

**ତ୍ୱଂ ଦୂତସ୍ତ୍ୱମୁ ନଃ ପରସ୍ପାସ୍ତ୍ୱଂ ବସ୍ୟ ଆ ବୃଷଭ ପ୍ରଣେତା ।**
**ଅଗ୍ନେ ତୋକସ୍ୟ ନସ୍ତନେ ତନୂନାମପ୍ରୟୁଚ୍ଛନ୍ଦୀଦ୍ୟଦ୍ବୋଧି ଗୋପାଃ ॥୨॥**

*ତ୍ୱଂ ଦୂତଃ ତ୍ୱମ୍ ଉ ନଃ ପରଃ-ପାଃ ତ୍ୱମ୍ ବସ୍ୟଃ ଆ ବୃଷଭଃ ପ୍ରଣେତା /*
*ଅଗ୍ନେ ତୋକସ୍ୟ ନଃ ତନେ ତନୂନାମ୍ ଅପ୍ରୟୁଚ୍ଛନ୍ ଦୀଦ୍ୟତ୍ ବୋଧି ଗୋପାଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ତୁମେ ଦିବ୍ୟଦୂତ [ତ୍ୱଂ ଦୂତଃ], ଅନ୍ୟ ପାରିକୁ ପାରକରି ଦେଉଥିବା ତୁମେ ଆମର ରକ୍ଷକ [ତ୍ୱଂ ନଃ ପରଃ-ପାଃ]; ହେ ବୃଷଭ [ବୃଷଭ], ଦିବ୍ୟ ସମ୍ପଦ ଅଭିମୁଖରେ ଯାଇଥିବା ମାର୍ଗରେ ତୁମେ ନେତା [ବସ୍ୟଃ ଆ-ପ୍ରଣେତା]। ଦିବ୍ୟଶିଶୁର ରୂପାୟନ ପାଇଁ* [ତନୂନାମ୍ ତନେ], ରକ୍ଷକ ହେ ଅଗ୍ନି [ଗୋପାଃ ଅଗ୍ନେ] ! ତୁମ ନିଜ ଆଲୋକର ସହ ଜାଗ୍ରତ ହୁଅ [ଦୀଦ୍ୟତ୍ ବୋଧି], ତୁମ କର୍ମରୁ ବିମୁଖ ହୁଅ ନାହିଁ [ଅପ୍ରୟୁଚ୍ଛନ୍]।

* ଅଥବା, ଆମ ଶରୀରମାନଙ୍କର ସନ୍ତାନରୂପ ମଧ୍ୟରେ ।

*ଭାବାର୍ଥ : ଆମ ପ୍ରାର୍ଥନା ଓ ସମର୍ପଣକୁ ନେଇ ଦୂତରୂପୀ ଅଗ୍ନି ଦିବ୍ୟଚେତନାଙ୍କ ନିକଟରେ ପହଞ୍ଚାଇ ତାଙ୍କ ନିକଟରୁ ଉତ୍ତର ବହନ କରି ଆଣନ୍ତି । ସେ ଆମକୁ ନିମ୍ନ ପ୍ରକୃତିରୁ ଉଚ୍ଚତର ପ୍ରକୃତିକୁ ପାରି କରିଦିଅନ୍ତି । ଆମର ଆଧ୍ୟାତ୍ମିକ ସିଦ୍ଧି ପାଇଁ ସାଧନା-ପଥରେ ସେ ବାଟ ଦେଖାନ୍ତି । ଏହି ପୃଥିବୀରେ ଦିନେ ଯେ ଦେବଶିଶୁର ଜନ୍ମହେବ, ସେଥିପାଇଁ ସେ ଦେହସ୍ତରରେ ସନ୍ତାନରୂପେ ଜନ୍ମଗ୍ରହଣ କରୁଛନ୍ତି ।*

**ବିଧେମ ତେ ପରମେ ଜନ୍ମନ୍ନଗ୍ନେ ବିଧେମ ସ୍ତୋମୈରବରେ ସଧସ୍ଥେ ।**
**ୟସ୍ମାଦ୍ୟୋନେରୁଦାରିଥା ୟଜେ ତଂ ପ୍ର ତ୍ୱେ ହବୀଂଷି ଜୁହୁରେ ସମିଦ୍ଧେ ।।୩।।**

*ବିଧେମ ତେ ପରମେ ଜନ୍ମନ୍ ଅଗ୍ନେ ବିଧେମ ସ୍ତୋମୈଃ ଅବରେ ସଧସ୍ଥେ /*
*ୟସ୍ମାତ୍ ୟୋନେଃ ଉତ୍-ଆରିଥ ୟଜେ ତମ୍ ପ୍ର ତ୍ୱେ ହବୀଂଷି ଜୁହୁରେ ସମ୍-ଇଦ୍ଧେ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ଅଗ୍ନି [ଅଗ୍ନେ] ! ତୁମର ସର୍ବୋତ୍ତମ ଜନ୍ମ କାଳରେ ଆମେ ତୁମରି ପୂଜା କରିବାକୁ ପ୍ରାର୍ଥନା କରୁଛୁ [ତେ ପରମେ ଜନ୍ମନ୍-ବିଧେମ], ତୁମର ନିମ୍ନତର ଅବସ୍ଥାନର ଜଗତରେ [ଅବରେ ସଧସ୍ଥେ] ଆମେମାନେ ଆମର ମନ୍ତ୍ରଗାନର ସହ [ସ୍ତୋମୈଃ] ତୁମ ଉପାସନା କରିବାର ଅନୁମତି ଦିଅ [ବିଧେମ] : ଯେଉଁ ଆଦି ଜନ୍ମସ୍ଥଳରୁ ତୁମେ ଜାଗ୍ରତ ହୋଇଛ [ୟସ୍ମାଦ୍ ୟୋନେଃ ଉତ୍-ଆରିଥ] ମୁଁ ତାହାକୁ ଯଜ୍ଞ ଦ୍ୱାରା ନିରାଜନା କରୁଛି [ତଂ ପ୍ରୟଜେ] । ତୁମେ ଯେତେବେଳେ ପ୍ରଜ୍ୱଳିତ ଓ ଦୀପ୍ତିମନ୍ତ ହୋଇଉଠିଥିଲ [ସମିଦ୍ଧେ] ସେତେବେଳେ ଆହୁତିସବୁ ତୁମ ମଧ୍ୟରେ ଅର୍ପଣ କରାଯାଇଥିଲା [ତ୍ୱେ ହବୀଂଷି ଜୁହୁରେ] ।

*ଭାବାର୍ଥ : ଯେତେବେଳେ ସାଧକ-ଚେତନାରେ ଏବଂ ବାହ୍ୟ ଜଗତରେ ସତ୍ୟର ଅଭିବ୍ୟକ୍ତି ଘଟେ ସେତେବେଳେ ଅଗ୍ନିଙ୍କର ସର୍ବୋତ୍ତମ ଜନ୍ମ ହୁଏ । ମନ୍ତ୍ରୋଚ୍ଚାରଣ ଓ ମନ୍ତ୍ରଜପ ଫଳରେ ସାଧକର ନିମ୍ନଚେତନା ଊର୍ଦ୍ଧ୍ୱ ସ୍ତରକୁ ଉନ୍ନୀତ ହୁଏ । ପରମ ସତ୍ୟ ହେଉଛି ଅଗ୍ନିଙ୍କର ଆଦି ଉତ୍ପତ୍ତିସ୍ଥଳ । ଯେତେବେଳେ ଆମର ଆସ୍ପୃହା ଓ ସମର୍ପଣ ତୀବ୍ର ହୁଏ ସେତେବେଳେ ଅନ୍ତରାଗ୍ନି ପ୍ରଜ୍ୱଳିତ ଓ ଦୀପ୍ତିମନ୍ତ ହୋଇଉଠନ୍ତି ।*

**ଅଗ୍ନେ ୟଜସ୍ୱ ହବିଷା ୟଜୀୟାଞ୍ଛ୍ରୁଷ୍ଟୀ ଦେଷ୍ଣମଭି ଗୃଣୀହି ରାଧଃ ।**
**ତ୍ୱଂ ହ୍ୟସି ରୟିପତୀ ରୟୀଣାଂ ତ୍ୱଂ ଶୁକ୍ରସ୍ୟ ବଚସୋ ମନୋତା ।।୪।।**



*ଅଗ୍ନେ ୟଜସ୍ୱ ହବିଷା ୟଜୀୟାନ୍ ଶ୍ରୁଷ୍ଟୀ ଦେଷ୍ଣମ୍ ଅଭିଗୃଣୀହି ରାଧଃ /*
*ତ୍ୱମ୍ ହି ଅସି ରୟି-ପତିଃ ରୟୀଣାମ୍ ତ୍ୱମ୍ ଶୁକ୍ରସ୍ୟ ବଚସଃ ମନୋତା ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଯଜ୍ଞ ସମ୍ପାଦନ ପାଇଁ ହେ ଅଗ୍ନି ! ଶକ୍ତିମାନ୍ ହୁଅ [ୟଜୀୟାନ୍ ଅଗ୍ନେ], ମୋ ଦ୍ୱାରା ପ୍ରଦତ୍ତ ଆହୁତି ଦ୍ୱାରା ତୁମେ ଯଜ୍ଞାନୁଷ୍ଠାନ କର [ହବିଷା ୟଜସ୍ୱ]; ଦିବ୍ୟ ସମ୍ପଦର ଦାନ ପ୍ରତି [ରାଧଃ ଦେଷ୍ଣମ୍ ଅଭି] ମୋର ଚିନ୍ତାକୁ ତତ୍‌କ୍ଷଣାତ୍ ଅଭିବ୍ୟକ୍ତ କର [ଶ୍ରୁଷ୍ଟୀ ଗୃଣୀହି] କାରଣ, ତୁମେ ଧନପତି ଅଟ, ସକଳ ସମ୍ପଦ ଉପରେ ତୁମର ଅଧିକାର [ହି ତ୍ୱଂ ରୟୀଣାଂ ରୟିପତିଃ ଅସି], ତୁମେ ତେଜୋମୟ ମନ୍ତ୍ରବାକ୍ୟର ଚିନ୍ତକ [ଶୁକ୍ରସ୍ୟ ବଚସଃ ମନୋତା] ।

*ଭାବାର୍ଥ : ଅନ୍ତରାଗ୍ନିଙ୍କର ଆହ୍ୱାନ ପାଇଲେ ଜଣେ ଯୋଗସାଧନା ପାଇଁ ଉଦ୍ୟତ ହୁଏ, କାରଣ ତପଃ ଆବଶ୍ୟକ ଶକ୍ତି ଓ ପ୍ରେରଣା ତାଙ୍କଠାରେ ରହିଛି । ସାଧକର ନିରନ୍ତର ସମର୍ପଣ ଭାବ ହେଉଛି ଏହି ଅଗ୍ନିଙ୍କୁ ଆହୁତି । ତଥାପି ମଣିଷର ମନ କ୍ଷୁଦ୍ର କାମନାବଶରେ ଇତସ୍ତତଃ ହେଉଥାଏ । ଆମ ଉପରେ ଅଜାଡ଼ି ପଡୁଥିବା ଦିବ୍ୟ ସମ୍ପଦ ପ୍ରତି ମନ ସଚେତନ ହେଉ ବୋଲି ଋଷିଙ୍କର ପ୍ରାର୍ଥନା ।*

**ଉଭୟଂ ତେ ନ କ୍ଷୀୟତେ ବସବ୍ୟଂ ଦିବେଦିବେ ଜାୟମାନସ୍ୟ ଦସ୍ମ ।**
**କୃଧି କ୍ଷୁମନ୍ତଂ ଜରିତାରମଗ୍ନେ କୃଧି ପତିଂ ସ୍ୱପତ୍ୟସ୍ୟ ରାୟଃ ।।୫।।**

*ଉଭୟମ୍ ତେ ନ କ୍ଷୀୟତେ ବସବ୍ୟମ୍ ଦିବେ-ଦିବେ ଜାୟମାନସ୍ୟ ଦସ୍ମ /*
*କୃଧି କ୍ଷୁମନ୍ତମ୍ ଜରିତାରମ୍ ଅଗ୍ନେ କୃଧି ପତିମ୍ ସୁ-ଅପତ୍ୟସ୍ୟ ରାୟଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ହେ ମହାଶକ୍ତିଶାଳୀ ଦେବତା [ଦସ୍ମ], ଉଭୟପ୍ରକାର ସମ୍ପଦ ତୁମରି [ଉଭୟଂ ବସବ୍ୟଂ ତେ] ଏବଂ ଯେହେତୁ ତୁମେ ନିତି-ପ୍ରତିଦିନ ଜନ୍ମଲାଭ କର [ଦିବେ ଦିବେ ଜାୟମାନସ୍ୟ] ତେଣୁ ତୁମର ସେହି ସମ୍ପଦ କ୍ଷୟପ୍ରାପ୍ତ ହୁଏ ନାହିଁ କି ଲୁପ୍ତ ମଧ୍ୟ ହୁଏ ନାହିଁ [ନ କ୍ଷୀୟତେ] । ହେ ଅଗ୍ନି [ଅଗ୍ନେ] ! ତୁମର ଉପାସକଙ୍କୁ [ଜରିତାରମ୍] ପୂର୍ଣ୍ଣ ଅଧିକାରଯୁକ୍ତ ବ୍ୟକ୍ତିରେ ପରିଣତ କର [କ୍ଷୁମନ୍ତଂ କୃଧି]; ଦିବ୍ୟ ସମ୍ପଦ ଓ ଧନଦୌଲତର ବଂଶପରମ୍ପରାଗତ ଅଧିକାରୀ କରି ତାଙ୍କୁ ଗଢ଼ [ସୁ-ଅପତ୍ୟସ୍ୟ ରାୟଃପତିଂ କୃଧି]

*ଭାବାର୍ଥ : ପାର୍ଥିବ ଓ ଅପାର୍ଥିବ ଉଭୟ ସମ୍ପଦ ହେଉଛି ସ୍ୱୟଂ ଅଗ୍ନିଙ୍କର ପରିପ୍ରକାଶ*

*ଏବଂ ସେଥିରେ ରହିଛି ତାଙ୍କର ପୂର୍ଣ୍ଣ ଅଧିକାର । ଅଗ୍ନି ଯେହେତୁ ଚିରନ୍ତନ ଓ ବିକାଶଶୀଳ ତେଣୁ ସକଳ ସମ୍ପଦ ମଧ୍ୟ ନିତ୍ୟ ଓ ବୃଦ୍ଧିଶୀଳ । ଜଣେ ଅଗ୍ନିଙ୍କର ଉପାସନା କଲେ ସେ ଉଭୟ ସମ୍ପଦର ଅଧିକାରୀ ହୋଇପାରିବ ଓ ବଂଶାନୁକ୍ରମେ ସେହି ସମ୍ପଦ ଅକ୍ଷୟ ହୋଇରହିବ ।*

**ସୈନାନୀକେନ ସୁବିଦତ୍ରୋ ଅସ୍ମେ ଯଷ୍ଟା ଦେବାଁ ଆୟଜିଷ୍ଠଃ ସ୍ୱସ୍ତି ।**
**ଅଦବ୍ଧୋ ଗୋପା ଉତ ନଃ ପରସ୍ପା ଅଗ୍ନେ ଦ୍ୟୁମଦୁତ ରେବଦ୍ଦିଦୀହି ॥୬॥**

*ସଃ ଏନା ଅନୀକେନ ସୁ-ବିଦତ୍ରଃ ଅସ୍ମେ ଯଷ୍ଟା ଦେବାନ୍ ଆ-ଯଜିଷ୍ଠଃ ସ୍ୱସ୍ତି /*
*ଅଦବ୍ଧଃ ଗୋପାଃ ଉତ ନଃ ପରଃ-ପାଃ ଅଗ୍ନେଃ ଦ୍ୟୁମତ୍ ଉତ ରେବତ୍ ଦିଦୀହି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ଜ୍ଞାନସିଦ୍ଧ [ସୁବିଦତ୍ରଃ], ଦେବୋପାସକ [ଦେବାନ୍ ଆ-ଯଜିଷ୍ଠଃ], ଦକ୍ଷ ଯାଜ୍ଞିକ [ଯଷ୍ଟା] ହେ ଅଗ୍ନି [ଅଗ୍ନେ], ଆମ ମଧ୍ୟସ୍ଥ ଏହି ତୁମରି ଶକ୍ତିର ସହ* ଦୀପ୍ତିମାନ୍ ହୋଇଉଠ [ଅସ୍ମେ ଅନୀକେନ ଏନା] । ଆମକୁ ଅନ୍ୟ ପାରିକୁ ପାର କରିଦେବା ନିମନ୍ତେ [ପରଃ-ପାଃ] ତୁମେ ହୁଅ ଆମର ଅଜେୟ ଶକ୍ତିଶାଳୀ ରକ୍ଷକ [ଅଦବ୍ଧ ଗୋପାଃ]; ତୁମର ଆଲୋକ ସହ ତୁମେ ଆମ ମଧ୍ୟରେ ଜାଜ୍ୱଲ୍ୟମାନ ହୋଇଉଠ [ଦ୍ୟୁମତ୍], ତୁମର ଐଶ୍ୱର୍ଯ୍ୟ ସହ ତୁମେ ଆମ ମଧ୍ୟରେ ଉଦ୍‌ଭାସିତ ହୋଇଉଠ [ଉତ ରେବତ୍ ଦିଦୀହି] ।

*ଭାବାର୍ଥ : ଅଗ୍ନି ଆମ ମଧ୍ୟରେ ସମସ୍ତ ଦେବଗୁଣର ବିକାଶ ଘଟାନ୍ତି । ଏହି ଅବସ୍ଥାରେ ଆମର ସକଳ କର୍ମ ହୁଏ ସଚେତନ ଯଜ୍ଞ । ଆମର ଚେତନା ପରଜଗତ ସହ ସଂଯୁକ୍ତ ହୋଇଯାଏ । ଆମ ମଧ୍ୟରେ ଅପାର୍ଥିବ ଆଲୋକ ଓ ସମ୍ପଦ ଭରିଉଠେ ।*

ସୂକ୍ତ : ୧୦ ॥ ଋଷି : ଗୃତ୍ସମଦ ଭାର୍ଗବ, ଛନ୍ଦ : ତ୍ରିଷ୍ଟୁଭ୍

**ଜୋହୂତ୍ରୋ ଅଗ୍ନିଃ ପ୍ରଥମଃ ପିତେବେଳସ୍ପଦେ ମନୁଷା ଯତ୍ସମିଦ୍ଧଃ ।**
**ଶ୍ରିୟଂ ବସାନୋ ଅମୃତୋ ବିଚେତା ମର୍ମୃଜେନ୍ୟଃ ଶ୍ରବସ୍ୟଃ ସ ବାଜୀ ॥୧॥**

*ଜୋହୂତ୍ରଃ ଅଗ୍ନିଃ ପ୍ରଥମଃ ପିତା ଇବ ଇଳଃ ପଦେ ମନୁଷା ଯତ୍ ସମ୍-ଇଦ୍ଧଃ /*
*ଶ୍ରିୟମ୍ ବସାନଃ ଅମୃତଃ ବି-ଚେତାଃ ମର୍ମୃଜେନ୍ୟଃ ଶ୍ରବସ୍ୟଃ ସଃ ବାଜୀ ॥*

* ଅଥବା, ରୂପ ସହ ।



ଶ୍ରୀଅରବିନ୍ଦକୃତ ଅର୍ଥ : ଅଗ୍ନି ହେଉଛନ୍ତି ଆମର ପ୍ରଥମ ଜନ୍ମଦାତା ସଦୃଶ [ଅଗ୍ନିଃ ପ୍ରଥମଃ ପିତା ଇବ] ଏବଂ ଯେତେବେଳେ [ଯତ୍] ସେ ମନୁଷ୍ୟ ଦ୍ୱାରା [ମନୁଷା] ତା' ନିଜ ଅଭୀପ୍ସାର ପୀଠ ଉପରେ [ଇଳସ୍ପଦେ] ପ୍ରଜ୍ୱଳିତ ହୋଇ ଉଠିଛନ୍ତି [ସମିଦ୍ଧଃ], ତାଙ୍କ ପ୍ରତି ଆମର ଆବାହନମନ୍ତ୍ର ଉଚ୍ଚାରଣ କରିବାକୁ ହେବ [ଜୋହୂତ୍ରଃ] । ମହିମା ଓ ସୌନ୍ଦର୍ଯ୍ୟକୁ ସେ ବସନ ରୂପେ ପରିଧାନ କରିଛନ୍ତି [ଶ୍ରିୟମ୍ ବସାନଃ]; ଅନ୍ତର୍ଜ୍ଞାନରେ ପରିପୂର୍ଣ୍ଣ ସେ [ଶ୍ରବସ୍ୟଃ] ଆମର ତୀବ୍ରଗାମୀ ବୀର୍ଯ୍ୟବାନ୍ ଅଶ୍ୱ ଅଟନ୍ତି ଯାହାଙ୍କୁ ଆମ୍ଭେମାନେ ସେବା କରିବା ଉଚିତ [ମର୍ମୁଜେନ୍ୟଃ ବାଜୀ], ସେ ହେଉଛନ୍ତି ଅମର [ଅମୃତଃ], ପ୍ରଶସ୍ତ ଜ୍ଞାନମୟ [ବିଚେତା] ।

*ଭାବାର୍ଥ : ଭଗବତ୍ ଚେତନାରୂପୀ ଅଗ୍ନି ପ୍ରଗତିଶୀଳ ଶକ୍ତିରୂପେ ପ୍ରକୃତି ମଧ୍ୟରେ ଅବସ୍ଥିତ ରହି ବିଭିନ୍ନ ଜୀବଜଗତକୁ ସୃଷ୍ଟି କରିଛନ୍ତି । ସେହି କ୍ରମରେ ମଣିଷର ସୃଷ୍ଟି, ଏଣୁ ସେ ଆମର ପ୍ରଥମ ପିତା ପରି । ସେ ଆମରି ଅଭୀପ୍ସାର ଜ୍ୱଳନ୍ତ ଶିଖା, ଆମର ଅନ୍ତର୍ଜ୍ଞାନ, ତୀବ୍ରଗାମୀ ପ୍ରାଣଶକ୍ତି । ତାଙ୍କରି ମହିମା ଓ ସୌନ୍ଦର୍ଯ୍ୟ ଆମ ମଧ୍ୟରେ ଫୁଟି ଉଠେ ।*

**ଶ୍ରୂୟା ଅଗ୍ନିଶ୍ଚିତ୍ରଭାନୁର୍ହବଂ ମେ ବିଶ୍ୱାଭିର୍ଗୀର୍ଭିରମୃତୋ ବିଚେତାଃ ।**
**ଶ୍ୟାବା ରଥଂ ବହତୋ ରୋହିତା ବୋତାରୁଷାହ ଚକ୍ରେ ବିଭୃତ୍ରଃ ॥୨॥**

*ଶ୍ରୂୟାଃ ଅଗ୍ନିଃ ଚିତ୍ର-ଭାନୁଃ ହବମ୍ ମେ ବିଶ୍ୱାଭିଃ ଗୀର୍ଭିଃ ଅମୃତଃ ବିଚେତାଃ /*
*ଶ୍ୟାବା ରଥମ୍ ବହତଃ ରୋହିତା ବା ଉତ ଅରୁଷା ଅହ ଚକ୍ରେ ବିଭୃତ୍ରଃ ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ନିଜର ବିଚିତ୍ର ଆଲୋକରେ ଭାସ୍ୱର [ଚିତ୍ରଭାନୁଃ], ପ୍ରଶସ୍ତ ଜ୍ଞାନର ଅଧିକାରୀ [ବିଚେତାଃ] ଅମର ଅଗ୍ନି [ଅମୃତଃ ଅଗ୍ନିଃ] ସମସ୍ତ ବାଣୀ ସହ ମୋର ପ୍ରାର୍ଥନାକୁ ଶ୍ରବଣ କରନ୍ତୁ [ମେ ବିଶ୍ୱାଭିଃ ଗୀର୍ଭିଃ ହବଂ ଶ୍ରୂୟାଃ] । ଗାଢ଼ ପିଙ୍ଗଳବର୍ଣ୍ଣ ଅଶ୍ୱଦ୍ୱୟ [ଶ୍ୟାବା] ଅଥବା ରକ୍ତବର୍ଣ୍ଣର ଅଶ୍ୱଦ୍ୱୟ [ଉତ ରୋହିତା] ଅଥବା ଅରୁଣ ବର୍ଣ୍ଣର ଅଶ୍ୱଦ୍ୱୟ [ଅରୁଷା ବା] ତାଙ୍କର ରଥକୁ ବହନ କରୁଛନ୍ତି [ରଥଂ ବହତଃ] : ଆଃ, ଅତ୍ୟନ୍ତ ବ୍ୟାପକଭାବେ ଜାତ ତାଙ୍କୁ ସୃଷ୍ଟି କରାଯାଇଛି [ଅହ, ବିଭୂତ୍ରଃ ଚକ୍ରେ] ।

*ଭାବାର୍ଥ : ଋଷି ଆମର ଆନ୍ତର ଅଗ୍ନିଙ୍କୁ ପ୍ରାର୍ଥନା କରୁଛନ୍ତି : ଯାହାଙ୍କ ମଧ୍ୟରେ ନାନା ରଙ୍ଗର ଜ୍ୟୋତି ଓ ବିରାଟ ଜ୍ଞାନ ପୂରି ରହିଛି । ଆମ ପ୍ରାର୍ଥନାର ଭାଷା ମଧ୍ୟ ସିଏ । ଏଠାରେ ବର୍ଣ୍ଣିତ ଅଶ୍ୱଦ୍ୱୟ ହେଉଛନ୍ତି ଆମର ଶାରୀରିକ ଓ ପ୍ରାଣିକ ଶକ୍ତି । 'ତାଙ୍କୁ ସୃଷ୍ଟି କରାଯାଇଛି' ଅର୍ଥାତ୍ ମାନସିକ ପ୍ରକ୍ରିୟାରେ ଗଠିତ ପ୍ରତ୍ୟେକ କର୍ମ ।*

**ଉତ୍ତାନାୟାମଜନୟନ୍ତ୍ସୁଷୂତଂ ଭୁବଦଗ୍ନିଃ ପୁରୁପେଶାସୁ ଗର୍ଭଃ ।**
**ଶିରିଣାୟାଂ ଚିଦକ୍ତୁନା ମହୋଭିରପରୀବୃତୋ ବସତି ପ୍ରଚେତାଃ ।।୩।।**

*ଉତ୍ତାନାୟମ୍ ଅଜନୟନ୍ ସୁ-ସୂତମ୍ ଭୁବତ୍ ଅଗ୍ନିଃ ପୁରୁ-ପେଶାସୁ ଗର୍ଭଃ /*
*ଶିରିଣାୟାମ୍ ଚିତ୍ ଅକ୍ତୁନା ମହୋଭିଃ ଅପରୀବୃତଃ ବସତି ପ୍ରଚେତାଃ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଉତ୍ତାନଭାବେ ସୁପ୍ତ ଜନନୀ ମଧ୍ୟରେ [ଉତ୍ତାନାୟାମ୍] ସୁଖପ୍ରସବ ଲାଭ କରିଥିବା ତାଙ୍କୁ [ସୁଷୂତମ୍] ସେମାନେ ଜନ୍ମ ଦେଇଛନ୍ତି [ଅଜନୟନ୍]; ଏହିପରି ଅଗ୍ନି, ଦେହଧାରିଣୀ ଅନେକ ଜନନୀଙ୍କଠାରେ ସନ୍ତାନ ହୋଇଛନ୍ତି [ଅଗ୍ନିଃ ପୁରୁପେଶାସୁ ଗର୍ଭଃ ଭୁବତ୍] । ଏହି ଭାବୁକ ଓ ଜ୍ଞାନୀ [ପ୍ରଚେତା] ତାଙ୍କର ମହିମମୟ ଜ୍ୟୋତି ଦ୍ୱାରା ପ୍ରଦୀପ୍ତ ହୋଇ [ମହୋଭିଃ ଚିଦକ୍ତୁନା] ଅନ୍ଧକାରରେ ଅନାବୃତ ରହି [ଅପରିବୃତଃ] ବିଧ୍ୱଂସିନୀ ଅଜ୍ଞାନ ରାତ୍ରିରେ ମଧ୍ୟ [ଶିରିଣାୟାମ୍] ବାସ କରୁଛନ୍ତି* [ବସତି] ।

*ଭାବାର୍ଥ : ଉତ୍ତାନଭାବେ ସୁପ୍ତା ଜନନୀ ହେଉଛି ପୃଥିବୀ । ବିଭିନ୍ନ ବିଶ୍ୱଶକ୍ତିରୂପୀ ଦେବଗଣ ଏହି ପୃଥିବୀଗର୍ଭରୁ ଅଗ୍ନିଙ୍କୁ ଜନ୍ମକରାଇଛନ୍ତି ଏବଂ ନବଜାତ ଶିଶୁରୂପେ ଅଗ୍ନି ସବୁ ଜନନୀଙ୍କ ଗର୍ଭରୁ ପ୍ରତ୍ୟହ ଜନ୍ମଲାଭ କରୁଛନ୍ତି । ଜ୍ଞାନ ଓ ମହିମାରୂପେ ସ୍ୱୟଂ ଅଗ୍ନି ଏହି ଜଗତର ଅଜ୍ଞାନ-ଅନ୍ଧକାର ମଧ୍ୟରେ ଅନାବୃତ ଭାବେ ବିଦ୍ୟମାନ ।*

**ଜିଘର୍ମ୍ୟଗ୍ନିଂ ହବିଷା ଘୃତେନ ପ୍ରତିକ୍ଷିୟନ୍ତଂ ଭୁବନାନି ବିଶ୍ୱା ।**
**ପୃଥୁଂ ତିରଶ୍ଚା ବୟସା ବୃହନ୍ତଂ ବ୍ୟଚିଷ୍ଠମନ୍ନୈ ରଭସଂ ଦୃଶାନମ୍ ।।୪।।**

*ଜିଘର୍ମି ଅଗ୍ନିମ୍ ହବିଷା ଘୃତେନ ପ୍ରତି-କ୍ଷିୟନ୍ତମ୍ ଭୁବନାନି ବିଶ୍ୱା /*
*ପୃଥୁମ୍ ତିରଶ୍ଚା ବୟସା ବୃହନ୍ତମ୍ ବ୍ୟଚିଷ୍ଠମ୍ ଅନ୍ନୈଃ ରଭସମ୍ ଦୃଶାନମ୍ ।।*

ଶ୍ରୀଅରବିନ୍ଦକୃତ ଅର୍ଥ : ଯେଉଁଠାରେ ସେ ସକଳ ଭୁବନ ଦିଗରେ ଅଭିମୁଖ ହୋଇ ବାସ କରୁଛନ୍ତି [ବିଶ୍ୱା ଭୁବନାନି ପ୍ରତିକ୍ଷିୟନ୍ତମ୍] ମୋର ଆଲୋକ-ଆହୁତି ଦ୍ୱାରା [ଘୃତେନ ହବିଷା] ମୁଁ ଏତାଦୃଶ ଅଗ୍ନିଙ୍କୁ ଅଭିଷିକ୍ତ କରୁଛି [ଅଗ୍ନିଂ ଜିଘର୍ମି]; ସମତଳଭାବେ ତାଙ୍କର ପରିପ୍ରକାଶ ସୁପ୍ରଶସ୍ତ ଓ ବିରାଟ [ତିରଶ୍ଚା ବୟସା ପୃଥୁଂ ବୃହନ୍ତମ୍], ତାଙ୍କର

* ଅଥବା, ଅଧିଷ୍ଠିତ ହୋଇଛନ୍ତି ।



ଭୋଜନରୂପେ ଅର୍ପଣ କରାଯାଇଥିବା ଅନ୍ନ ଦ୍ୱାରା ସେ ଉନ୍ମୁକ୍ତ ଓ ଅଭିବ୍ୟକ୍ତ [ଅନ୍ନୈଃ ବ୍ୟଚିଷ୍ଠମ୍], ତାଙ୍କର ପ୍ରବଳ ଶକ୍ତିର ସହ[୧] ସେ ଦୃଶ୍ୟମାନ [ରଭସଂ ଦୃଶାନମ୍] ।

*ଭାବାର୍ଥ : ସକଳ ଭୁବନ ହେଉଛି ଅଗ୍ନିଙ୍କର ପ୍ରକାଶ, ପୁଣି ସେହି ଅଗ୍ନି ସକଳ ଭୁବନର ଅଭିମୁଖରେ ରହିଛନ୍ତି ଅର୍ଥାତ୍ ସେ ଏହି ବ୍ୟକ୍ତ ବିଶ୍ୱର ଉତ୍ତରୋତ୍ତର ପ୍ରକାଶ ଉଦ୍ଦେଶ୍ୟରେ ଗମନୋଦ୍ୟତ ଓ ନିୟାମକ । ଆଲୋକର ଆହୁତି ହେଉଛି ଆମର ଜ୍ଞାନ ଓ ଚେତନାର ସମର୍ପଣ । ଏହି ସକଳ ଜଡ଼ ଜଗତ ଓ ଜୀବଜଗତର ବିସ୍ତାର ହେଉଛି ତାଙ୍କର ସମତଳ ପରିପ୍ରକାଶ । ସତ୍ୟ ପ୍ରତି ସମର୍ପିତ କର୍ମ ହେଉଛି ତାଙ୍କର ଅନ୍ନ, ସେଥିରେ ସେ ନିଜକୁ ବ୍ୟକ୍ତ କରନ୍ତି ।*

**ଆ ବିଶ୍ୱତଃ ପ୍ରତ୍ୟଞ୍ଚଂ ଜିଘର୍ମ୍ୟରକ୍ଷସା ମନସା ତଜ୍ଜୁଷେତ ।**
**ମର୍ୟଶ୍ରୀଃ ସ୍ପୃହୟଦ୍ୱର୍ଣୋ ଅଗ୍ନିର୍ନାଭିମୃଶେ ତନ୍ୱା ଜର୍ଭୁରାଣଃ ।।୫।।**

ଆ ବିଶ୍ୱତଃ ପ୍ରତ୍ୟଞ୍ଚମ୍ ଜିଘର୍ମି ଅରକ୍ଷସା ମନସା ତତ୍ ଜୁଷେତ /
ମର୍ୟ-ଶ୍ରୀଃ ସ୍ପୃହୟତ୍-ବର୍ଣଃ ଅଗ୍ନିଃ ନ ଅଭି-ମୃଶେ ତନ୍ୱା ଜର୍ଭୁରାଣଃ ।।

ଶ୍ରୀଅରବିନ୍ଦକୃତ ଅର୍ଥ : ଯେଉଁଠାରେ ସେ ସକଳବସ୍ତୁର ସକଳ ପାର୍ଶ୍ୱର ଅଭିମୁଖ ହୋଇ ଗତି କରନ୍ତି [ବିଶ୍ୱତଃ ପ୍ରତ୍ୟଞ୍ଚମ୍] ସେହିଠାରେ ଅଗ୍ନିଙ୍କୁ ମୁଁ ଘୃତାହୁତିରେ ଅଭିଷିକ୍ତ କରୁଛି [ଜିଘର୍ମି]; ସମ୍ପଦରାଜିରେ ଅନବରୁଦ୍ଧ ମନ ଦ୍ୱାରା[୨] [ଅରକ୍ଷସା ମନସା] ସେ ସେହି ପରମ ସତ୍ତାଙ୍କ ସହିତ ଉଲ୍ଲସିତ ହୋଇଉଠନ୍ତୁ [ତତ୍ ଆ-ଜୁଷେତ] । ଯେଉଁ ଶରୀରରେ ଅଗ୍ନି ତାଙ୍କର ଆସ୍ପୃହା-ରଙ୍ଗରେ ରଞ୍ଜିତ ବର୍ଣ୍ଣମୟ ଆଲୋକ ଦ୍ୱାରା[୩] [ଅଗ୍ନିଃ ସ୍ପୃହୟଦ୍ୱର୍ଣଃ], ତାଙ୍କର ଦୃଢ଼ ଓ ମହନୀୟ ଶୋଭା ସହିତ [ମର୍ୟଶ୍ରୀଃ] କ୍ରୀଡ଼ା କରନ୍ତି [ଜର୍ଭୁରାଣଃ] ତାକୁ କେହି ସ୍ପର୍ଶ କରିପାରିବ ନାହିଁ [ନ ଅଭିମୃଶେ] ।

*ଭାବାର୍ଥ : ସେ ସକଳ ବସ୍ତୁର ସବୁ ଦିଗର ଅଭିମୁଖୀ ହୋଇ ଗତି କରିବା ଅର୍ଥ ପରିପୂର୍ଣ୍ଣ ଅଭିବ୍ୟକ୍ତି ଦିଗରେ ଅଗ୍ନିଙ୍କର କ୍ରିୟା; ଋଷି ସେଥିପାଇଁ ତାଙ୍କର ଉପାସନା କରୁଛନ୍ତି । ଏହି କ୍ରିୟାରେ ଆମେ ନିଜକୁ ଅନ୍ତର୍ଭୁକ୍ତ କରିବାକୁ ହେଲେ ଆମର ମନ ଅତ୍ୟନ୍ତ ଶୁଦ୍ଧ ଓ ସମସ୍ତ ବିଷୟାସକ୍ତି ତଥା ବିକାରଗୁଡ଼ିକରୁ ମୁକ୍ତ ହେବା ଉଚିତ । ମନ୍ତ୍ରର ଶେଷ ବାକ୍ୟରେ ଆସ୍ପୃହା-ଅଗ୍ନିଙ୍କର ଶୋଭା, ତେଜଃ ଓ ବଳ ବିଷୟ ବର୍ଣ୍ଣିତ ହୋଇଛି ।*

[୧] ଅଥବା, ତାଙ୍କର ଉଗ୍ର ଆନନ୍ଦ ମଧ୍ୟରେ ।

[୨] ଅଥବା, ଅନିଷ୍ଟଚିନ୍ତାହୀନ ମନ ଦ୍ୱାରା ।

[୩] ଅଥବା, ତାଙ୍କର ଆସ୍ପୃହା-ଉତ୍ତେଜକ ବର୍ଣ୍ଣ ସହ ।

**ଜ୍ଞେୟା ଭାଗଂ ସହସାନୋ ବରେଣ ତ୍ୱାଦୂତାସୋ ମନୁବଦ୍‌ଵଦେମ ।**
**ଅନୂନମଗ୍ନିଂ ଜୁହ୍ୱା ବଚସ୍ୟା ମଧୁପୃଚଂ ଧନସା ଜୋହବୀମି ॥୬॥**

*ଜ୍ଞେୟାଃ ଭାଗମ୍ ସହସାନଃ ବରେଣ ତ୍ୱା-ଦୂତାସଃ ମନୁ-ବତ୍ ବଦେମ /*
*ଅନୂନମ୍ ଅଗ୍ନିମ୍ ଜୁହ୍ୱା ବଚସ୍ୟା ମଧୁପୃଚମ୍ ଧନସାଃ ଜୋହବୀମି ॥*

ଶ୍ରୀଅରବିନ୍ଦକୃତ ଅର୍ଥ : ତୁମର ସର୍ବୋତ୍ତମ ଜ୍ୱଳନ ସହ ତୁମ ଶକ୍ତିକୁ ଅଗ୍ରସର କରାଇ [ବରେଣ ସହସାନଃ] ତୁମେ ନିଜର ଯଜ୍ଞଭାଗ ବିଷୟରେ ସଜ୍ଞାନ ହୁଅ [ଭାଗଂ ଜ୍ଞେୟାଃ]; ଦିବ୍ୟଦୂତ ତୁମ ସହିତ ଆମେ ଜଣେ ଜଣେ ଚିନ୍ତାଶୀଳ ମାନବଜୀବ ଭଳି ବାର୍ତ୍ତାଳାପ କରୁ [ଦୂତାସଃ ତ୍ୱା ମନୁବତ୍ ବଦେମ] । ଦିବ୍ୟସମ୍ପଦର ଭଣ୍ଡାର ଜୟ କରିବାକୁ ଚାହୁଁଥିବା ମୁଁ ମୋର ବାକ୍‌ଶକ୍ତି ଦ୍ୱାରା [ଧନସା ବଚସ୍ୟା] ଏବଂ ମୋର ସମର୍ପିତ ଆହୁତିର ବହ୍ନିଶିଖା ଦ୍ୱାରା [ଜୁହ୍ୱା] ଅଗ୍ନିଙ୍କୁ ଆବାହନ କରୁଛି [ଅଗ୍ନିଂ ଜୋହବୀମି] ଯିଏକି କୌଣସିଥିରେ ନ୍ୟୂନ ନୁହନ୍ତି [ଅନୂନମ୍], ଏବଂ ସେ ଆମ ନିକଟକୁ ମାଧୁର୍ଯ୍ୟର ସ୍ପର୍ଶ ଆଣି ଦିଅନ୍ତି* [ମଧୁପୃଚମ୍] ।

*ଭାବାର୍ଥ : ଏହି ବିରାଟ ବିଶ୍ୱ ହେଉଛି ପରମେଶ୍ୱରଙ୍କ ଦ୍ୱାରା ପ୍ରବର୍ତ୍ତିତ ଯଜ୍ଞ । ଏଥିରେ ଯେଉଁ ପ୍ରଗତିଶୀଳ ବିବର୍ତ୍ତନ ପ୍ରକ୍ରିୟା ତାହା ହେଉଛି ଅଗ୍ନିଙ୍କର ଯଜ୍ଞଭାଗ । ଦିବ୍ୟଦୂତରୂପେ ଦିବ୍ୟବାର୍ତ୍ତା ବହନ କରି ଅଗ୍ନି ଆମ ନିକଟରେ ଉପସ୍ଥିତ । ଆମ ଭଳି ମଣିଷମାନେ ଯେପରି ତାହା ଶୁଣିପାରିବେ ସେଥିପାଇଁ ଆମେ ଉପଯୁକ୍ତ ହୋଇଉଠୁ । ଦିବ୍ୟ ସଂପଦ ହେଉଛି ଆତ୍ମାର ସଂପଦ । ତାହାକୁ ଲାଭ କରିବା ପାଇଁ ଆମର ବାଣୀ ଓ କର୍ମରେ ଆମେ ଅଗ୍ନିଙ୍କର ଆରାଧନା କରୁଛୁ ।*

---
* ଅଥବା, ମାଧୁର୍ଯ୍ୟର ମଦ୍ୟରେ ସେ ଆମକୁ ଭରପୂର କରିଦିଅନ୍ତି ।

**ଶ୍ରୀଅରବିନ୍ଦ**

# ଅଗ୍ନିମନ୍ତ୍ରମାଳା

## ପ୍ରଥମ ଓ ଦ୍ୱିତୀୟ ମଣ୍ଡଳ

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨

**ଅଗ୍ନିମନ୍ତ୍ରମାଳା**

(ଶ୍ରୀଅରବିନ୍ଦଙ୍କ ‘Hymns to the Mystic Fire’ ଗ୍ରନ୍ଥର
ପ୍ରଥମ ଓ ଦ୍ୱିତୀୟ ମଣ୍ଡଳର ଓଡ଼ିଆ ଅନୁବାଦ)

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

ପ୍ରଥମ ମୁଦ୍ରଣ : ୨୦୦୫

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୨୦୦୫

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

**AGNIMANTRAMÃLÃ** (Oriya)

“Hymns to the Mystic Fire” by Sri Aurobindo
Translated by Sri Madhusudan Mohapatra

1st Edition : 2005

Price Rs. 100/-

ISBN 81-7058-800-6

© Sri Aurobindo Ashram Trust, 2005

Published by Navajyoti Karyalaya,
A unit of Sri Aurobindo Ashram Publication Department,
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

# ପ୍ରକାଶକୀୟ

''ବେଦ'' ହେଉଛି ପୃଥିବୀର ଏପରି ଏକମାତ୍ର ଜ୍ଞାନଗ୍ରନ୍ଥ ଯାହା ଅନାଦିକାଳରୁ ଆଜି ଯାଏ ମାନବଜାତି ପାଇଁ ଜୀବନ୍ତ ଓ ଉପାସ୍ୟ ହୋଇ ରହିଆସିଛି । ସମୟର ସ୍ରୋତ ଏହା ଉପରେ ତିଳେମାତ୍ର ରେଖାପାତ କରିପାରି ନାହିଁ, ବରଂ ସ୍ୱୟଂ ସମୟକୁ ଏହା ପ୍ରଭାବିତ କରିଛି । ରତ୍ନାକର ଭଳି ଏହାର ଗୁରୁଗମ୍ଭୀର ନିର୍ମଳ ରୂପ ଯୁଗେ ଯୁଗେ ଦୁଃସାହସୀ ବୀର ରତ୍ନସନ୍ଧାନୀମାନଙ୍କୁ ଆହ୍ୱାନ କରିଛି ଏହାର ଅନନ୍ତ ବକ୍ଷରେ ଡୁବ ଦେବା ପାଇଁ, ଏବଂ ସେମାନଙ୍କଦ୍ୱାରା ଲବ୍ଧ ରତ୍ନାବଳିରେ ମାନବର ଚିନ୍ତା ଓ ଚେତନା ସବୁବେଳେ ଐଶ୍ୱର୍ଯ୍ୟଶାଳୀ ହୋଇଆସିଛି । କିନ୍ତୁ ଅନୁସନ୍ଧାନର ଶେଷ ହୋଇ ନାହିଁ କି ପ୍ରାପ୍ତିର ମଧ୍ୟ ଅନ୍ତ ହୋଇ ନାହିଁ ।

ଯାସ୍କଙ୍କ ରଚିତ ନିଘଣ୍ଟୁ (ବୈଦିକ ଶବ୍ଦାର୍ଥ ନିରୂପଣ – 'ନିରୁକ୍ତ' ଗ୍ରନ୍ଥ) ରଚନାର କେତେ ହଜାର ବର୍ଷ ପରେ ସାୟଣାଚାର୍ଯ୍ୟ ବେଦର କର୍ମକାଣ୍ଡୀୟ ଭାଷ୍ୟ ରଚନା କଲେ । ତା'ର କେତେ ଶହ ବର୍ଷ ପରେ ଏଯୁଗରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ବେଦର ଧାର୍ମିକ ଓ ଭୌତିକ ବୈଜ୍ଞାନିକ ତତ୍ତ୍ୱ ଆବିଷ୍କୃତ ହେଲା । କିନ୍ତୁ ବେଦର ଆତ୍ମସ୍ୱରୂପ ଗୁହ୍ୟ ତତ୍ତ୍ୱ ତଥାପି ଅନୁଦ୍‌ଘାଟିତ ହୋଇ ରହିଥିଲା । ଯଦିଓ ଗୁରୁଶିଷ୍ୟ-ପରମ୍ପରାରେ ଏହା କେବଳ ସାଧକଗୋଷ୍ଠୀଙ୍କ ସୀମିତ ପରିସରରେ ଗୁପ୍ତ ଭାବେ ରହିଥିଲା, କିନ୍ତୁ ମାନବବୋଧ ଭାଷାରେ ଲେଖି ତାହାକୁ ସାର୍ବଜନୀନ କରିବା ଭଳି ଦୁରୂହ କାର୍ଯ୍ୟରେ ହାତ ଦେବାର ସାହସ କେହି କରି ନ ଥିଲେ ।

କିନ୍ତୁ ଶ୍ରୀଅରବିନ୍ଦ ସେହି ଦୁରୂହ କାର୍ଯ୍ୟଟିରେ ଅଗ୍ରସର ହୋଇଥିଲେ ଓ ତାଙ୍କ ଦ୍ୱାରା ଆବିଷ୍କୃତ ଉଜ୍ଜ୍ୱଳ ରତ୍ନସମ୍ଭାରକୁ ସେ ଜିଜ୍ଞାସୁସମାଜ-ସମକ୍ଷରେ ଉପସ୍ଥାପନ କରିଯାଇଛନ୍ତି । ୧୯୧୪ ରୁ ୧୯୨୦ ପର୍ଯ୍ୟନ୍ତ ତାଙ୍କ ଦ୍ୱାରା ସମ୍ପାଦିତ ''ଆର୍ଯ୍ୟ'' ପତ୍ରିକାର ପୃଷ୍ଠାଗୁଡ଼ିକରେ ପ୍ରବନ୍ଧ ଓ ଅନୁବାଦ ରୂପେ ସେଗୁଡ଼ିକ ପ୍ରଥମେ ଆତ୍ମପ୍ରକାଶ କରିଥିଲେ । ପରେ, ୧୯୪୬ ମସିହାରେ, ସେଥିରୁ ଋଗ୍‌ବେଦର ୧ମ, ୨ୟ ଓ ୬ଷ୍ଠ ମଣ୍ଡଳର କେତେକ ଅଗ୍ନିସୂକ୍ତର ଇଂରାଜୀ ଅନୁବାଦ, ''ମୁଖବନ୍ଧ'' (Foreword), ସହିତ ''ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ'' (The Doctrine of the Mystics) ପ୍ରବନ୍ଧକୁ (କେତୋଟି ନିର୍ବାଚିତ ଅଂଶକୁ) ଏକତ୍ର କରି ''Hymns to the Mystic Fire'' ନାମକ ପୁସ୍ତକଟିଏ ପ୍ରଥମେ ପ୍ରକାଶ ପାଇଲା । ୧୯୫୨ ରେ ଏହାର ପୁନଃସଂସ୍କରଣ ଓ ସଂଯୋଜନ ପରେ ୧୯୭୨ ରେ ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ଗ୍ରନ୍ଥମାଳାର ୧୧ଶ ଖଣ୍ଡରେ



ଏହାର ପୂର୍ଣ୍ଣାଙ୍ଗ ରୂପ ଦେଖିବାକୁ ମିଳିଲା । (''The Secret of the Veda'' ମଧ୍ୟ ଶ୍ରୀଅରବିନ୍ଦଙ୍କ ବୈଦିକ ସାହିତ୍ୟର ଅନ୍ୟ ଏକ ସଂକଳନ ।) ବର୍ତ୍ତମାନ ଓଡ଼ିଆରେ ପ୍ରକାଶ ପାଉଥିବା ''ଅଗ୍ନିମନ୍ତ୍ରମାଳା'' ପୁସ୍ତକଟି ସେହି ୧୧ଶ ଖଣ୍ଡର ଆରମ୍ଭରୁ ୨ୟ ମଣ୍ଡଳ ଶେଷ ପର୍ଯ୍ୟନ୍ତ ବିଷୟଗୁଡ଼ିକର ଭାବାର୍ଥ-ସମ୍ବଳିତ ଅନୁବାଦ ।

ଶ୍ରୀଅରବିନ୍ଦଙ୍କ ବୈଦିକ ସାହିତ୍ୟର ଓଡ଼ିଆ-ଭାଷାନ୍ତର ପ୍ରକାଶନରେ ଏହା ଆମର ପ୍ରଥମ ଉଦ୍ୟମ । ଆଶା କରୁଁ, ପ୍ରତ୍ୟେକ ଆଧ୍ୟାତ୍ମିକତାପ୍ରେମୀ ଜନଙ୍କ ଆତ୍ମବିକାଶରେ ପୁସ୍ତକଟି ଅତ୍ୟନ୍ତ ଉପାଦେୟ ହେବା ସଙ୍ଗେ ସଙ୍ଗେ ବେଦତତ୍ତ୍ୱକୁ ହୃଦୟଙ୍ଗମ କରିବାରେ ସହାୟକ ହେବ ।

– ନବଜ୍ୟୋତି କାର୍ଯ୍ୟାଳୟ

# ପ୍ରାକ୍ କଥନ

## ପୁସ୍ତକଟି ସମ୍ପର୍କରେ

ଜନମାନସରେ ବହୁକାଳ ଧରି ରହି ଆସିଥିବା ବେଦବିଷୟକ କେତୋଟି ଭ୍ରାନ୍ତ ଧାରଣା, ଯଥା – ବେଦ ହେଉଛି କେବଳ ବ୍ରାହ୍ମଣମାନଙ୍କ ଅଧିକାରଭୁକ୍ତ କର୍ମକାଣ୍ଡୀୟ ବିଷୟ; ଏହାର ଭାଷା ଆମ ଭାଷାଠାରୁ ଏତେ ତଫାତ୍ ଯେ ଏହାକୁ ବୁଝିବା ସାଧାରଣ ମନ ପକ୍ଷେ ଏକେବାରେ ଅସମ୍ଭବ; ସେଥିରେ କେବଳ ଅତିଭୌତିକ ଦେବତାମାନଙ୍କ ବ୍ୟତୀତ ଆମ ଜୀବନ ପାଇଁ ଶିକ୍ଷଣୀୟ କଥା କିଛି ନାହିଁ – ଏସବୁ ଧାରଣା ସମ୍ପୂର୍ଣ୍ଣ ବଦଳିଯିବ ଯଦି ଜଣେ ଶ୍ରୀଅରବିନ୍ଦଙ୍କ ବୈଦିକ ସାହିତ୍ୟଗୁଡ଼ିକୁ ନିଷ୍ଠାର ସହ ଅଧ୍ୟୟନ କରେ :

...‘‘So understood the Rig-veda ceases to be an obscure, confused and barbarous hymnal; it becomes the high-aspiring Song of Humanity; its chants are episodes of the lyrical epic of the soul in its immortal ascension.’’

(Hymns to the Mystic Fire, p. 34-35) – Sri Aurobindo

...‘‘ଋଗ୍‌ବେଦକୁ ଏହି ଭାବେ ବୁଝିଲେ ତାହା ଆଉ ଅସ୍ପଷ୍ଟ, ଅସଂଲଗ୍ନ ଏବଂ ବର୍ବର-ସୁଲଭ ଗୀତଗୁଚ୍ଛ ହୋଇ ରହିବ ନାହିଁ ବରଂ ମନୁଷ୍ୟଜାତିର ଉଚ୍ଚ-ଆସ୍ପୃହାର ଦିବ୍ୟସଂଗୀତ ରୂପେ ପ୍ରତୀତ ହେବ; ଏହାର ମନ୍ତ୍ରପାଠଗୁଡ଼ିକ ହେଉଛି ଆତ୍ମାର ଅମର-ଆରୋହଣ-ପଥର ଏକ ଲଳିତ ମହାକାବ୍ୟ ।’’

(ଏହି ପୁସ୍ତକର ପୃ. ୪୬ ଦ୍ରଷ୍ଟବ୍ୟ) – ଶ୍ରୀଅରବିନ୍ଦ

ଏହିପରି ଏକ ମହାନ୍ ତତ୍ତ୍ୱର ଓଡ଼ିଆ ବୈଦିକ ସାହିତ୍ୟ-ରାଜ୍ୟରେ ପଦାର୍ପଣ ହେଲା ଏହି ‘‘ଅଗ୍ନିମନ୍ତ୍ରମାଳା’’ ।

... ... ...

ହଠାତ୍ ଦିନେ ଶ୍ରୀ (ଡକ୍‌ଟର) ରଘୁନାଥ ପାଣିଙ୍କଠାରୁ ପ୍ରାପ୍ତ ଏକ ପତ୍ରରୁ ବୈଦିକ ଅଗ୍ନିଙ୍କ ସମ୍ବନ୍ଧୀୟ ସୂଚନା ପାଇବା ପରେ ଏଥିପାଇଁ କୌଣସି ପୂର୍ବପ୍ରସ୍ତୁତି ନ ଥାଇ ସେହି ପରମା ଶକ୍ତିଙ୍କ ପ୍ରେରଣା ଓ ସହାୟତା ଉପରେ ନିର୍ଭରତା ରଖି ୧୯୯୨ ରେ ଅନୁବାଦ କାର୍ଯ୍ୟଟିର ଶୁଭାରମ୍ଭ ହୋଇଥିଲା । କ୍ରାନ୍ତଦର୍ଶୀ (ଋଷି) ଆମର ପୂର୍ବସୁରୀଗଣଙ୍କର ଦିବ୍ୟ ସୁଷମା ସୌନ୍ଦର୍ଯ୍ୟ ଓ ଗାମ୍ଭୀର୍ଯ୍ୟରେ ଭରା ଏହି ଅମୃତ ସାହିତ୍ୟକୁ ଶ୍ରୀଅରବିନ୍ଦଙ୍କ



ଆଲୋକରେ ଅଧ୍ୟୟନ ଓ ନିଜ ମାତୃଭାଷାରେ ତାହାର ଅନୁବାଦ କାର୍ଯ୍ୟଟି ଆୟାସସାଧ୍ୟ ହୋଇଥିଲେ ବି ଜୀବନର ପରମାନନ୍ଦମୟ କାର୍ଯ୍ୟ ବୋଲି ଅନୁଭୂତ ହୋଇଛି ।

ଆଶ୍ରମର ସାଧକପ୍ରବର ଶ୍ରୀ ଜଗନ୍ନାଥ ବେଦାଲଙ୍କାର ଓ ତାଙ୍କ ଦ୍ୱାରା ରଚିତ ସଂସ୍କୃତ ଅନୁବାଦ ତଥା ଭାଷ୍ୟ ପୁସ୍ତକ ‘‘ଅଗ୍ନିମନ୍ତ୍ରମାଳା’’ (୧ମ ମଣ୍ଡଳ) ଏହି ଉଭୟେ ଥିଲେ ଆମର ପ୍ରଥମ ପଥପ୍ରଦର୍ଶକ । ଏତଦ୍‌ବ୍ୟତୀତ, ଯିଏ ଆମକୁ ପଦେ ପଦେ ଉପଦେଶ ଦେଇ ଏହାର ସଂଶୋଧନ କାର୍ଯ୍ୟଟି କରିଛନ୍ତି ସେ ହେଲେ ପଣ୍ଡିଚେରୀବାସୀ ବିଦ୍ୱାନ୍ ଶ୍ରୀ ନିମାଇ ଚରଣ ମହାପାତ୍ର । (ଏହି ଉଭୟ ସାଧକ ଆଜି ଇହଜଗତରେ ନାହାନ୍ତି ।) ‘‘ନବଜ୍ୟୋତି’’ ପତ୍ରିକାର ସମ୍ପାଦକ ଶ୍ରୀ ବିଶ୍ୱମ୍ଭର ସାମନ୍ତଙ୍କ ସାହାଯ୍ୟ ବିଶେଷଭାବେ ସ୍ମରଣୀୟ, ସେ ହେଉଛନ୍ତି ଏହି କାର୍ଯ୍ୟରେ ପ୍ରଥମ ଉତ୍ସାହଦାତା ଏବଂ ଉକ୍ତ ପତ୍ରିକାପୃଷ୍ଠାରେ ଧାରାବାହିକ ଭାବେ ଏହାକୁ ସ୍ଥାନ ଦେଇ ତାଙ୍କର ସେହି ପ୍ରେରଣାକୁ ନିରବଚ୍ଛିନ୍ନ ରଖିଆସିଛନ୍ତି । ଆଶ୍ରମର ଜୀବନ୍ତ ବାତାବରଣ ଓ ଏହାର ବିରାଟ ସମୃଦ୍ଧ ପାଠାଗାର ଏହି କାର୍ଯ୍ୟର ସମ୍ପାଦନାରେ ଅତ୍ୟନ୍ତ ସହାୟକ ହୋଇଛନ୍ତି । ସର୍ବୋପରି ଯାହାଙ୍କ କୃପା ଏହି ସମସ୍ତ ସ୍ଥୂଳ ସହାୟକଗଣଙ୍କୁ ଓ ସହାୟତାମାନଙ୍କୁ ସମାୟୋଜିତ କରାଇ ଏହି କାର୍ଯ୍ୟଟିକୁ ସମ୍ପାଦନ କରିବାରେ ବିଧାତ୍ରୀ ହୋଇଛନ୍ତି ତାଙ୍କରି ଚରଣାରବିନ୍ଦରେ ଆମର ଗଭୀର କୃତଜ୍ଞତା ।

... ... ...

ବେଦତତ୍ତ୍ୱସମ୍ବଳିତ ଦୁଇଟି ପ୍ରାରମ୍ଭିକ ପ୍ରବନ୍ଧ ତଥା ସମୁଦାୟ ୨୯ଟି ବେଦସୂକ୍ତର ଅନୁବାଦ ସନ୍ନିହିତ ଏହି ପୁସ୍ତକଟିକୁ ସମ୍ପାଦନା କରିବା ବେଳେ ଯେଉଁ ପଦ୍ଧତି ଅବଲମ୍ବନ କରାଯାଇଛି ପାଠକମାନଙ୍କୁ ତାହାର ଏକ ସୂଚନା ଦେବା ଆବଶ୍ୟକ ମନେହୁଏ । ପ୍ରଥମେ ରହିଛି ବେଦର ମୂଳ ମନ୍ତ୍ର, ତା’ ତଳକୁ କ୍ରମାନୁସାରେ ରହିଛି – ପଦବିଚ୍ଛେଦ, ଶ୍ରୀଅରବିନ୍ଦକୃତ ଅର୍ଥ, ଭାବାର୍ଥ ଓ ପାଦଟୀକା (Foot Note) (କ୍ୱଚିତ୍ ପଦଟୀକା) ।

**ପଦବିଚ୍ଛେଦ :** ମନ୍ତ୍ରସ୍ଥ ପଦଗୁଡ଼ିକୁ ଏଥିରେ ପୃଥକ୍ ପୃଥକ୍ ଦର୍ଶାଯାଇଛି । ଏଥିପାଇଁ ଆମେ ମୁଖ୍ୟତଃ ସାୟଣଙ୍କ ଭାଷ୍ୟରେ ଥିବା ପଦପାଠର ସାହାଯ୍ୟ ନେଇଛୁ ।

**ଶ୍ରୀଅରବିନ୍ଦକୃତ ଅର୍ଥ** ପର୍ଯ୍ୟାୟଟି ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏହି ପୁସ୍ତକର ‘‘ମୁଖବନ୍ଧ’’ରେ (ଶେଷ ପାରା, ପୃ. ୨୬ ଦ୍ରଷ୍ଟବ୍ୟ) ସ୍ୱୟଂ ଶ୍ରୀଅରବିନ୍ଦ ନିଜ ଅନୁବାଦ ବିଷୟରେ ସୂଚନା ଦେବାକୁ ଯାଇ କହିଛନ୍ତି ଯେ ବେଦମନ୍ତ୍ର ଗୁଡ଼ିକର ଏହା ଆକ୍ଷରିକ ଅନୁବାଦ ବା ଭାଷ୍ୟ ନୁହେଁ ବରଂ ମର୍ମାନୁବାଦ । କିନ୍ତୁ ବେଦଭାଷାବିତ୍‌ମାନେ ତାହାକୁ ଅନୁଧ୍ୟାନ କଲେ ଜାଣିପାରିବେ ଯେ କଦବା କ୍ୱଚିତ୍ ପଦଟିଏ ହୁଏତ ଛାଡ଼ି ହୋଇ ଯାଇଛି, ନଚେତ୍ ଅନୁବାଦଗୁଡ଼ିକ ସମ୍ପୂର୍ଣ୍ଣରୂପେ ମନ୍ତ୍ରାଂଶମାନଙ୍କୁ ଆଶ୍ରୟ କରିହିଁ ରହିଛନ୍ତି । ଜଗନ୍ନାଥଜି

ତାଙ୍କ ଭାଷ୍ୟରେ ଏହା ଆବିଷ୍କାର କରି ଦେଖାଇଛନ୍ତି । ଏଣୁ ଆମର ଏହି ଅନୁବାଦରେ ଶ୍ରୀଅରବିନ୍ଦକୃତ ଅର୍ଥ ସହ ମୂଳପଦଗୁଡ଼ିକୁ ବନ୍ଧନୀ ମଧ୍ୟରେ ରଖିବାର ପଦ୍ଧତି ଆମେ ଗ୍ରହଣ କଲୁ । ଏଥିରୁ ଆମକୁ ବେଦବୋଧରେ ଯେଉଁ ବିଶେଷ ସାହାଯ୍ୟଟି ମିଳେ ତାହା ହେଲା ବେଦ ସହ ରହିଥିବା ଆମ ନିଜ ଭାଷାର ଅତୁଟ ସମ୍ପର୍କ । ଅନ୍ୟଥା —

* <u>ବନ୍ଧନୀ ବିନା ପଢ଼ିଲେ ଆମେ ପୂର୍ଣ୍ଣ ବାକ୍ୟରେ ମନ୍ତ୍ରର ସମଗ୍ର ଅର୍ଥଟି ପାଇ ପାରିବା ।</u>
* <u>କେବଳ ବନ୍ଧନୀଗତ ପଦ ବା ବାକ୍ୟାଂଶଗୁଡ଼ିକୁ କ୍ରମାନୁସାରେ ମିଳେଇ ପାଠକଲେ ଆମେ ସମ୍ପୂର୍ଣ୍ଣ ମନ୍ତ୍ରଟିର ଅନ୍ୱୟ ସହ ବେଦବାକ୍ୟଟି ପାଇ ପାରିବା ।</u>

**ଭାବାର୍ଥ :** ଏହି ପୁସ୍ତକର ୧୫୯ ପୃଷ୍ଠାରେ (୧ମ ମଣ୍ଡଳ, ସୂକ୍ତ : ୧୪୦, ମନ୍ତ୍ର : ୩, ପଦଟୀକା ଦ୍ରଷ୍ଟବ୍ୟ) କେବଳ ଗୋଟିଏ ଭାବାର୍ଥ ଶ୍ରୀଅରବିନ୍ଦ ନିଜେ କରିଛନ୍ତି । ପାଠକମାନଙ୍କ ମନନରେ ସହାୟତା କରିବା ଭଳି ସଂକ୍ଷିପ୍ତାକାରରେ ଥିବା ଅନ୍ୟ ସମସ୍ତ ଭାବାର୍ଥ ହେଉଛି ଅନୁବାଦକର ସୀମିତ ଜ୍ଞାନର ଉଦ୍ୟମ ମାତ୍ର । ବିଜ୍ଞ ପାଠକମାନଙ୍କ ନିକଟରେ ମନ୍ତ୍ରଗୁଡ଼ିକ ଏହାଠୁ ଆହୁରି ଉତ୍କୃଷ୍ଟ ଅର୍ଥ ଉଦ୍‌ଘାଟନ କରି ପାରନ୍ତି ।

**ପାଦଟୀକା** (Foot Note) **ଓ ପଦଟୀକା :** ଯେଉଁସବୁ ପଦ ବା ବାକ୍ୟାଂଶରେ ବୈକଳ୍ପିକ ଅର୍ଥର ସମ୍ଭାବନା ଅଛି ବା ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ଅଛି, ଶ୍ରୀଅରବିନ୍ଦ ତାହାକୁ ପାଦଟୀକାରେ ଦେଇଛନ୍ତି । ଆମେ ଏଠାରେ ସେଗୁଡ଼ିକୁ ସେହିପରି ରଖି ଅନୁବାଦ କରିଛୁ । ଯେଉଁଠାରେ ଆମେ କିଛି ସ୍ପଷ୍ଟୀକରଣ ଦେଇଛୁ ସେଠାରେ ''ଅନୁବାଦକ'' ବୋଲି ସୂଚିତ ହୋଇଛି । **ପଦଟୀକା** ଅନୁବାଦକଙ୍କ ଦ୍ୱାରା ପ୍ରଦତ୍ତ ।

**ଛନ୍ଦ :** ବେଦସଂହିତାରୁ ସଂଗ୍ରହ କରି ଆମେ ଏଥିରେ ସୂକ୍ତ ମାନଙ୍କର ଛନ୍ଦୋନାମଟିର ଉଲ୍ଲେଖ କରିଛୁ ମାତ୍ର, କିନ୍ତୁ ସ୍ୱରଲିପି ଦେବା ସମ୍ଭବ ହେଲା ନାହିଁ । ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ଗ୍ରନ୍ଥମାଳାର ଏହି (୧୧ଶ) ଖଣ୍ଡଟିରେ ସ୍ୱରଲିପି ଅନୁସୃତ ହୋଇ ନାହିଁ । ଏହାର କାରଣ ଏହା ହୋଇଥାଇପାରେ ଯେ — ଏହି ସଂକଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବେଦର ଏକ ଅଭିନବ ତତ୍ତ୍ୱାବିଷ୍କାର । ସସ୍ୱର ବେଦପାଠୀମାନେ ସଂହିତାପାଠର ସ୍ୱରଲିପି ଅନୁସରଣ କରିପାରନ୍ତି ।

ମୂଳ ଗ୍ରନ୍ଥଟିର ଅନୁବାଦ ସମ୍ପୂର୍ଣ୍ଣ ହେବାକୁ ଆହୁରି ଆଠଟି ମଣ୍ଡଳ ବାକି । ଏହାକୁ ଯଥାଶୀଘ୍ର ସମାପ୍ତ କରିବା ହେବ ଆମର ପରବର୍ତ୍ତୀ ଉଦ୍ୟମ । ତଥାପି ଶ୍ରୀଅରବିନ୍ଦ ଆଶ୍ରମର ନବଜ୍ୟୋତି କାର୍ଯ୍ୟାଳୟ ଦ୍ୱାରା ଏହି ପ୍ରାରମ୍ଭିକ ବୈଦିକ ପ୍ରକାଶନଟି ଓଡ଼ିଶାବାସୀଙ୍କ ପାଇଁ ଉପଯୋଗୀ ହେବ ବୋଲି ଆଶା ।

ଏପ୍ରିଲ୍, ୨୦୦୫ — ଅନୁବାଦକ



# ସୂଚୀପତ୍ର

[ଅଗ୍ନିମନ୍ତ୍ରମାଳା]


| | | ପୃଷ୍ଠା |
|---|---|---|
| ମୁଖବନ୍ଧ | ଶ୍ରୀଅରବିନ୍ଦ | ୧ |
| ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ | " | ୨୮ |


## ଶ୍ରୀଅରବିନ୍ଦଙ୍କ ଦ୍ୱାରା ଅନୂଦିତ ସୂକ୍ତାବଳି ଓ ସେମାନଙ୍କ ଦ୍ରଷ୍ଟା ଋଷିବୃନ୍ଦ

**ଋଗ୍‌ବେଦ : ପ୍ରଥମ ମଣ୍ଡଳ**


| | | | |
|---|---|---|---|
| ସୂକ୍ତ : | ୧ ॥ | ମଧୁଚ୍ଛନ୍ଦାଃ ବୈଶ୍ୱାମିତ୍ର ... ... | ୪୯ |
| ସୂକ୍ତ : | ୧୨ ॥ | ମେଧାତିଥି କାଣ୍ୱ ... ... | ୫୫ |
| ସୂକ୍ତ : | ୧୩ ॥ | " ... ... | ୬୩ |
| ସୂକ୍ତ : | ୧୪ ॥ | " ... ... | ୬୫ |
| ସୂକ୍ତ : | ୩୬ ॥ | କଣ୍ୱ ଘୌର ... ... | ୭୨ |
| ସୂକ୍ତ : | ୫୯ ॥ | ନୋଧାଃ ଗୌତମ ... ... | ୮୪ |
| ସୂକ୍ତ : | ୬୫ ॥ | ପରାଶର ଶାକ୍ତ୍ୟ ... ... | ୮୯ |
| ସୂକ୍ତ : | ୬୬ ॥ | " ... ... | ୯୩ |
| ସୂକ୍ତ : | ୬୭ ॥ | " ... ... | ୯୭ |
| ସୂକ୍ତ : | ୬୮ ॥ | " ... ... | ୧୦୦ |
| ସୂକ୍ତ : | ୬୯ ॥ | " ... ... | ୧୦୩ |
| ସୂକ୍ତ : | ୭୦ ॥ | " ... ... | ୧୦୭ |
| ସୂକ୍ତ : | ୭୧ ॥ | " ... ... | ୧୧୦ |
| ସୂକ୍ତ : | ୭୨ ॥ | " ... ... | ୧୧୮ |
| ସୂକ୍ତ : | ୭୩ ॥ | " ... ... | ୧୨୫ |
| ସୂକ୍ତ : | ୯୪ ॥ | କୁତ୍ସ ଆଙ୍ଗିରସ ... ... | ୧୩୨ |
| ସୂକ୍ତ : | ୯୭ ॥ | " ... ... | ୧୪୩ |
| ସୂକ୍ତ : | ୧୨୭ ॥ | ପରୁଚ୍ଛେପ ଦୈବୋଦାସି ... ... | ୧୪୮ |
| ସୂକ୍ତ : | ୧୪୦ ॥ | ଦୀର୍ଘତମାଃ ଔଚଥ୍ୟ ... ... | ୧୫୭ |

| | | | | | |
|---|---|---|---|---|---|
| | | | | | ପୃଷ୍ଠା |
| **ଋଗ୍‌ବେଦ : ଦ୍ୱିତୀୟ ମଣ୍ଡଳ** | | | | | |
| ସୂକ୍ତ : | ୧ ॥ | ଗୃତ୍ସମଦ ଭାର୍ଗବ | ... | ... | ୧୬୯ |
| ସୂକ୍ତ : | ୨ ॥ | " | ... | ... | ୧୭୮ |
| ସୂକ୍ତ : | ୩ ॥ | " | ... | ... | ୧୮୬ |
| ସୂକ୍ତ : | ୪ ॥ | ସୋମହୁତି ଭାର୍ଗବ | ... | ... | ୧୯୩ |
| ସୂକ୍ତ : | ୫ ॥ | " | ... | ... | ୧୯୯ |
| ସୂକ୍ତ : | ୬ ॥ | " | ... | ... | ୨୦୪ |
| ସୂକ୍ତ : | ୭ ॥ | " | ... | ... | ୨୦୮ |
| ସୂକ୍ତ : | ୮ ॥ | ଗୃତ୍ସମଦ ଭାର୍ଗବ | ... | ... | ୨୧୧ |
| ସୂକ୍ତ : | ୯ ॥ | " | ... | ... | ୨୧୪ |
| ସୂକ୍ତ : | ୧୦ ॥ | " | ... | ... | ୨୧୮ |


* * *

# ଅଗ୍ନିମନ୍ତ୍ରମାଳା

ଶ୍ରୀଅରବିନ୍ଦ

# ଅଗ୍ନିମନ୍ତ୍ରମାଳା

## ପ୍ରଥମ ଓ ଦ୍ୱିତୀୟ ମଣ୍ଡଳ

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨

ଶ୍ରୀଅରବିନ୍ଦ (୧୯୧୯-୧୯୨୦)

... I seek not science, not religion, not Theosophy, but Veda – the truth about Brahman, not only about His essentiality, but about His manifestation, not a lamp on the way to the forest, but a light and a guide to joy and action in the world, the truth which is beyond opinion, the knowledge which all thought strives after – *yasmin vijnate sarvam vijnatam*. I believe that Veda to be the foundation of the Sanatan Dharma; I believe it to be the concealed divinity within Hinduism,– but a veil has to be drawn aside, a curtain has to be lifted. I believe it to be knowable and discoverable. I believe the future of India and the world to depend on its discovery and on its application, not to the renunciation of life, but to life in the world and among men.

– Sri Aurobindo
*Complete Works of Sri Aurobindo, Essays Divine and Human, p. 62*

ଜଡ଼ବିଜ୍ଞାନ, ଧର୍ମ ବା ଥିଓସଫି ମୋର କାମ୍ୟ ନୁହେଁ, ବେଦହିଁ ମୋର କାମ୍ୟ, ବେଦ ହେଉଛି ବ୍ରହ୍ମବିଷୟକ ସତ୍ୟ – ବ୍ରହ୍ମ କେବଳ ସର୍ବସାରମୟ ନୁହନ୍ତି, ପରନ୍ତୁ ଅଭିବ୍ୟକ୍ତ ସମଗ୍ର ସୃଷ୍ଟି ମଧ୍ୟ, ଅରଣ୍ୟ-ପଥରେ ଏହା ଏକ ପ୍ରଦୀପ ମାତ୍ର ନୁହେଁ, ପରନ୍ତୁ ଜାଗତିକ ଆନନ୍ଦ ଓ କର୍ମପଥରେ ଏହା ଏକ ଆଲୋକ ଓ ଦିଗ୍‌ଦର୍ଶକ, ଏକ ତର୍କାତୀତ ସତ୍ୟ, ଯେଉଁ ଜ୍ଞାନ ପାଇଁ ସମସ୍ତ ଚିନ୍ତା ଓ ବିଚାର ପ୍ରଯତ୍ନ କରୁଛନ୍ତି : ''ଯସ୍ମିନ୍ ବିଜ୍ଞାତେ ସର୍ବଂ ବିଜ୍ଞାତମ୍'' । ମୋର ବିଶ୍ୱାସ, ବେଦ ହେଉଛି ସନାତନ ଧର୍ମର ଭିତ୍ତି, ହିନ୍ଦୁ ବିଚାରଧାରା ମଧ୍ୟରେ ପ୍ରଚ୍ଛନ୍ନ ଭଗବତ୍ ମହିମାହିଁ ଏହି ବେଦ,– କିନ୍ତୁ ଆଚ୍ଛାଦନଟିକୁ କାଢ଼ିଦେବାକୁ ଓ ପରଦାଟିକୁ ଅପସାରଣ କରିଦେବାକୁ ହେବ । ମୋର ବିଶ୍ୱାସ ଏହା ଆମ ଜ୍ଞାନଗମ୍ୟ ଓ ଆବିଷ୍କାରସାଧ୍ୟ । ମୋର ବିଶ୍ୱାସ ଯେ ଏହାର ରହସ୍ୟାବିଷ୍କାର ଓ ପ୍ରୟୋଗ ଉପରେ ଭାରତ ଓ ପୃଥିବୀର ଭବିଷ୍ୟତ ନିର୍ଭର କରୁଛି,– ଜୀବନବିମୁଖତା ନୁହେଁ, ଜଗତରେ ଓ ଜନଗଣଙ୍କ ମଧ୍ୟରେ ଜୀବନର ସାର୍ଥକତା ପାଇଁ ।

– ଶ୍ରୀଅରବିନ୍ଦ

And this vibration – which I feel and see – gives an impression of fire. This is what the Vedic Rishis must have translated as the “Flame” – in the human consciousness, in man, in Matter; they always spoke of a Flame. It is in fact a vibration which has the intensity of a higher fire.

– The Mother

C.W.M. Vol. 10, p. 194

ଏହି ଯେଉଁ ସ୍ପନ୍ଦନ-ତରଙ୍ଗ ମୁଁ ଅନୁଭବ କରୁଛି ଓ ଦେଖୁଛି – ତାହା ବହ୍ନିର ଏକ ଅବଧାରଣା ସୃଷ୍ଟି କରୁଛି । ଏହାକୁହିଁ ବୈଦିକ ଋଷିମାନେ ନିଶ୍ଚିତଭାବେ ‘‘ଅଗ୍ନିଶିଖା’’ ବୋଲି ଅଭିହିତ କରିଛନ୍ତି – ମାନବ-ଚେତନାରେ, ମଣିଷ ମଧ୍ୟରେ ଓ ବସ୍ତୁଜଗତ ମଧ୍ୟରେ ଯାହା ବିଦ୍ୟମାନ; ସେମାନେ ସର୍ବଦା ଏକ ଅଗ୍ନିଶିଖା କଥା କହିଛନ୍ତି । ପ୍ରକୃତରେ ଏକ ଉଚ୍ଚତର ବହ୍ନିର ଯେପରି ସାନ୍ଦ୍ରତା ଥାଏ, ଏହି ସ୍ପନ୍ଦନରେ ସେହି ସାନ୍ଦ୍ରତା ରହିଛି ।

– ଶ୍ରୀମା